# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୯/୨୦୨୦ (୨୦ ପୃଷ୍ଠା) | Bhubaneswar, Thursday, March 19/2020 | ★★★★★★

୪୬ଶ ଭାଗ ୧୧୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-






ସ୍ମାର୍ଟ ପ୍ରିମିୟମ ଇଣ୍ଟେରିଅର | R15 ଏଲୟ ହ୍ୱିଲ୍‌ସ | ଦୁଇଟି ସମ୍ମୁଖ ଏୟାରବ୍ୟାଗ୍ | Harman™ ଦ୍ୱାରା 17.78 ସେମି ଇନ୍‌ଫୋଟେନ୍‌ମେଣ୍ଟ

₹ 4.60 ଲକ୍ଷ ରୁ ମୂଲ୍ୟ ଆରମ୍ଭ*

To know more, visit www.tatatiago.com | For Test Drive at your doorstep, SMS 'TIAGO' to 5616161 or call 1800 209 7979 (Toll Free) | /tiagofromtatamotors | @tiagotatamotors

Authorised Tata Motors Dealers:

| BHUBANESWAR- | PURI- | NAYAGARH- | PARADIP/KENDRAPADA - | CUTTACK/KEONJHAR/JAJPUR- |
|---|---|---|---|---|
| Dion Automotives: 9319452597 | Dion Automotives: | Trupti Enterprises: | Trupti Enterprises: | Gugnani Autocars: |
| Trupti Enterprises: 8448512636 | 9319452597 | 8448512636 | 8448512636 | 7303658971 |

Images and illustrations are indicative and for information purpose only. All features/specifications are not available in all variants and may vary for different variants. Accessories may or may not be a part of standard fitment. Dual tone is available in XZ+ variant. R15 alloy wheel is available in XZ+ variant only. **Segment refers to hatchbacks less than 3.9 m. #Safety rating for adult occupant protection. Terms and Conditions apply. ^Offer valid till stock last. *Price ex-showroom. One India, One Price

DSPL-317

NATIONAL HEALTH MISSION
Health & Family Welfare Department
Govt. Of Odisha

## ସାମାଜିକ ଦୂରତା ବଜାୟ ରଖିବା
## କରୋନା ଭୂତାଣୁଠାରୁ ଦୂରେଇ ରହିବା



ଘରେ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ



ଜନ ସମାବେଶ (ବାହାଘର, ସାଂସ୍କୃତିକ, ସାମାଜିକ ଓ ଧାର୍ମିକ) କାର୍ଯ୍ୟକ୍ରମ ଠାରୁ ଦୂରେଇ ରୁହନ୍ତୁ



ଜ୍ୱର, କାଶ, ଫ୍ଲୁ ଭଳି ଲକ୍ଷଣ ଥିଲେ ଘରେ ଅଲଗା ରୁହନ୍ତୁ



୧୪ଦିନ ମଧ୍ୟରେ ବିଦେଶରୁ ଫେରିଥିବା ଯାତ୍ରୀମାନେ **104** ରେ କଲ୍ କରି କିମ୍ବା https://covid19.odisha.gov.in ରେ ପଞ୍ଜୀକରଣ କରନ୍ତୁ



ହାତ ନମିଳାଇ ନମସ୍କାର କରନ୍ତୁ

ଆବଶ୍ୟକ ସ୍ଥଳେ ସ୍ୱାସ୍ଥ୍ୟ ସହାୟତା
ଫୋନ୍ **104** ରେ ଯୋଗାଯୋଗ କରନ୍ତୁ

facebook.com/HFWOdisha | @HFWOdisha | www.health.odisha.gov.in

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର

OIPR-10003/13/0118/1920



ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଭାଜପା ଏମ୍‌ପି ସୁରେଶ ପ୍ରଭୁ ହୋମ୍ କ୍ୱାରାଣ୍ଟାଇନରେ ଅଛନ୍ତି। ମାର୍ଚ୍ଚ ୧୦ରେ ସେ ସୌଦି ଆରବରେ ଅନୁଷ୍ଠିତ ଏକ ବୈଠକରେ ଯୋଗଦେଇ ଫେରିଥିଲେ। ଫେରିବା ପରେ ସେ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରି ନିଜ ଘରେ କ୍ୱାରାଣ୍ଟାଇନରେ ଅଛନ୍ତି। ସେହିପରି କେନ୍ଦ୍ରମନ୍ତ୍ରୀ ଭି. ମୁରଲୀଧରନ୍ କରୋନା ସଂକ୍ରମିତ ଥିବା ଏକ ମେଡିକାଲ ଇନ୍‌ଷ୍ଟିଚ୍ୟୁଟ ଗସ୍ତକରି ଫେରିବା ପରେ ଦିଲ୍ଲୀସ୍ଥିତ ବାସଭବନରେ କ୍ୱାରାଣ୍ଟାଇନରେ ଅଛନ୍ତି। ପରୀକ୍ଷାରେ ତାଙ୍କର ନେଗେଟିଭ୍ ବାହାରିଛି।

# କ୍ଷମତା ପାଇଁ ରିସର୍ଟ ରାଜନୀତି

**ରାଜ୍ୟଗୁଡ଼ିକରେ ଖଣ୍ଡିତ ଜନାଦେଶ ଯୋଗୁ ସୃଷ୍ଟି ହେଉଥିବା ଝୁଲା ବିଧାନସଭାର ପରବର୍ତ୍ତୀ ସ୍ଥିତି ହେଉଛି ଯୋଗାଡ଼ିଆ ସରକାର, ଯାହାକୁ କ୍ଷମତା ରାଜନୀତିରେ ମେଣ୍ଟ ବା ମହାମେଣ୍ଟ ସରକାର ବୋଲି କୁହାଯାଉଛି। ପରସ୍ପର ବିରୋଧାଭାସୀ ବିଚାରଧାରାର ଦଳଗୁଡ଼ିକକୁ ନେଇ ଗଠନ ହେଉଥିବା ଏପରି ସରକାର ପୂରା ୫ ବର୍ଷ ତିଷ୍ଠି ପାରୁନାହିଁ। ସରକାର ଗଠନର କିଛି ମାସ ପରେ ଦେଖାଦେଉଛି ଅଚଳାବସ୍ଥା। ଅନେକ ସମୟରେ କ୍ଷମତା ପାଇଁ ବ୍ୟଗ୍ର ବିରୋଧୀ ଆପଣାଉଛନ୍ତି ଅସାଧୁ ଉପାୟ। ସଂଖ୍ୟାଗରିଷ୍ଠତା ନ ପାଇ କ୍ଷମତା ଦଖଲ କରିଥିବା ବଡ଼ ଦଳ ଓ ବିରୋଧୀ ଦଳ ମଧ୍ୟରେ ଦେଖିବାକୁ ମିଳୁଛି ଛକାପଞ୍ଝା। ବିଧାୟକମାନେ ବସ୍ ଓ ଚାର୍ଟାର୍ଡ ପ୍ଲେନ୍‌ରେ ବୁହାହୋଇ ଅନ୍ୟ ରାଜ୍ୟର ରିସର୍ଟଗୁଡ଼ିକୁ ଯିବାର ଲଜ୍ଜାକର ଦୃଶ୍ୟ ବିଭିନ୍ନ ସମୟରେ ଟିଭି ପରଦାରେ ଦେଖିବାକୁ ମିଳିଥାଏ। କ୍ଷମତା ହାତେଇବା ପାଇଁ ଏହା ଏବେ ପାଲଟିଛି ଘୋଡ଼ାବେପାର ବା ବିଧାୟକ ଶିକାରର ଏକ ନୂଆ ଟ୍ରେଣ୍ଡ।**



ମଧ୍ୟପ୍ରଦେଶର କଂଗ୍ରେସ ବିଧାୟକମାନେ ଥିବା ବେଙ୍ଗାଲୁରୁସ୍ଥିତ ରାମାଦା ହୋଟେଲ।

## କର୍ଣ୍ଣାଟକ ପାଲଟିଛି ରାଜନୈତିକ ପର୍ଯ୍ୟଟନସ୍ଥଳୀ

ବେଙ୍ଗାଲୁରୁ,୧୮।୩

ମଧ୍ୟପ୍ରଦେଶ କଂଗ୍ରେସର ବିଦ୍ରୋହୀ ବିଧାୟକମାନଙ୍କୁ ବେଙ୍ଗାଲୁରୁସ୍ଥିତ ଏକ ରିସର୍ଟରେ ରଖାଯାଇଛି। ବିଧାୟକମାନଙ୍କୁ ବିଭିନ୍ନ ରାଜ୍ୟର ହୋଟେଲଗୁଡ଼ିକରେ ମେଳିକରି ରଖିବା କିଛି ଦଶନ୍ଧି ମଧ୍ୟରେ ଦେଖିବାକୁ ମିଳି ଆସିଛି। ସମ୍ପ୍ରତି ମଧ୍ୟପ୍ରଦେଶରେ ସୃଷ୍ଟି ହୋଇଥିବା ଅଚଳାବସ୍ଥା ସହ ଜଡ଼ିତ ଘଟଣାକ୍ରମ କର୍ଣ୍ଣାଟକକୁ ରାଜନୈତିକ ପର୍ଯ୍ୟଟନର କେନ୍ଦ୍ରସ୍ଥଳ ବା ପଲଟିକାଲ ଟୁରିଜମ୍ ଏପିସେଣ୍ଟରରେ ପରିଣତ କରିଛି।

୧୯୮୩ରେ ରାମକୃଷ୍ଣ ହେଗ୍‌ଡେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଥିବାବେଳେ ଏହି ଧାରା ଆରମ୍ଭ ହୋଇଥିଲା। ତତ୍କାଳୀନ ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍.ଟି. ରାମାରାଓଙ୍କ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ବିଧାୟକମାନଙ୍କୁ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କଠାରୁ ସୁରକ୍ଷା ଦେବା ପାଇଁ ନିଜ ବିଧାୟକଙ୍କୁ ବେଙ୍ଗାଲୁରୁ ନେଇଥିଲେ। ପରେ ୨୦୦୨ରେ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ବିଳାସରାଓ ଦେଶମୁଖ ଶକ୍ତିପରୀକ୍ଷାରେ ପାସ୍ କରିବା ଲାଗି କଂଗ୍ରେସ ବିଧାୟକମାନଙ୍କୁ ବେଙ୍ଗାଲୁରୁର ଏକ ହୋଟେଲରେ ରଖିଥିଲେ। ୨୦୦୬ରୁ ୨୦୧୩ ମଧ୍ୟରେ ବି.ଏସ୍. ୟେଦୁରପ୍ପା ଏବଂ ଏଚ୍. ଡି. କୁମାରସ୍ୱାମୀଙ୍କ ସମୟରେ ରିସର୍ଟ ପଲିଟିକ୍ସ ଜୋର୍ ଧରିଥିଲା। ୨୦୦୯ରୁ ୨୦୧୩ ମଧ୍ୟରେ କର୍ଣ୍ଣାଟକରେ ଭାଜପା ପ୍ରଥମଥର ପାଇଁ କ୍ଷମତାସୀନ ଥିବାବେଳେ ଏଭଳି ରାଜନୀତି ସର୍ବାଧିକ ଦେଖିବାକୁ ମିଳିଥିଲା। ଏହା ପୂର୍ବରୁ ୨୦୦୮ରେ ଭାଜପା ନିକଟରେ ସଂଖ୍ୟାଗରିଷ୍ଠତା ପାଇଁ ସଂଖ୍ୟାବଳ ନ ଥିବାରୁ ସ୍ୱାଧୀନ ବିଧାୟକଙ୍କ ସମେତ କଂଗ୍ରେସ ଏବଂ ଜେଡିଏସ୍ ସଦସ୍ୟମାନଙ୍କୁ ପ୍ରଲୋଭିତ କରି ନିଜ ସପକ୍ଷକୁ ଆଣିଥିଲା। ମାଇନିଂ ବାରୋନ୍ ଜି. ଜନାର୍ଦ୍ଦନ ରେଡ୍ଡୀ ଓ ଅରବିନ୍ଦ ଲିମ୍ବାଭଲିଙ୍କ ସହଯୋଗରେ ୟେଦୁରପ୍ପା ବିଧାୟକମାନଙ୍କୁ ରିସର୍ଟକୁ ନେଇଥିଲେ। ୨ ବର୍ଷ ପରେ ବଲ୍ଲାରି ରେଡ୍ଡୀ ବ୍ରଦର୍ସ ୟେଦୁରପ୍ପାଙ୍କ ଉପରେ ଅସନ୍ତୁଷ୍ଟ ହୋଇ ୧୮ ଭାଜପା ବିଧାୟକଙ୍କୁ ଏକ ହୋଟେଲକୁ ନେଇଯାଇଥିଲେ। ଏହା ୟେଦୁରପ୍ପା ସରକାରଙ୍କୁ ପତନର ଦ୍ୱାରଦେଶରେ ପହଞ୍ଚାଇଥିଲା। କଂଗ୍ରେସ ଏବଂ ଜେଡିଏସ୍ ମଧ୍ୟ ଘୋଡ଼ାବେପାର ଭୟରେ ନିଜ ବିଧାୟକମାନଙ୍କୁ ଅନ୍ୟ ଏକ ରିସର୍ଟରେ ରଖିଥିଲେ। ୟେଦୁରପ୍ପାଙ୍କ ବିରୋଧରେ ଦୁର୍ନୀତି ଅଭିଯୋଗ ଆସିବା ପରେ ସେ କ୍ଷମତାଚ୍ୟୁତ ହୋଇଥିଲେ। ତେବେ ସେ ନିଜ ଅନୁଗତ ବିଧାୟକମାନଙ୍କୁ ଏକ ରିସର୍ଟରେ ରଖି ଜଗଦୀଶ ଶେଟ୍ଟାରଙ୍କ ପରିବର୍ତ୍ତେ ସଦାନନ୍ଦ ଗୌଡ଼ାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଉ ବୋଲି ଦାବି କରିଥିଲେ। ୨୦୧୨ରେ ଏହି ସ୍ଥିତି ବଦଳିଯାଇଥିଲା, ଯେତେବେଳେ ୟେଦୁରପ୍ପା ପୁଣିଥରେ ନିଜ ଅନୁଗତଙ୍କୁ ରିସର୍ଟରେ ରଖି ସଦାନନ୍ଦ ଗୌଡ଼ାଙ୍କୁ ହଟାଇ ଶେଟ୍ଟାରଙ୍କୁ ମୁଖ୍ୟମନ୍ତ୍ରୀ କରାଇଥିଲେ। ଏହି ପଦକ୍ଷେପଗୁଡ଼ିକ କର୍ଣ୍ଣାଟକକୁ ଘୋଡ଼ାବେପାର ଓ ନିର୍ବାଚିତ ସରକାରକୁ ହଟାଇବା ଲାଗି ପ୍ରମୁଖ କେନ୍ଦ୍ରରେ ପରିଣତ କରିଥିଲା।

### ଏସ୍.ଆର୍. ବୋମାଇଙ୍କଠାରୁ ପୁଅ ବାସବରାଜ ପର୍ଯ୍ୟନ୍ତ


୧୯୮୯ ଏପ୍ରିଲ ୨୧ରେ କର୍ଣ୍ଣାଟକ ମୁଖ୍ୟମନ୍ତ୍ରୀ ଏସ୍.ଆର୍. ବୋମାଇ (ବାମ) ରାଜ୍ୟପାଳ ଭେଙ୍କଟସୁବୈଇହାଙ୍କୁ ଜନତାଦଳ ପକ୍ଷରୁ ଗ୍ରହଣ କରାଯାଇଥିବା ଏକ ସଂକଳ୍ପନାମା ପ୍ରଦାନ କରୁଛନ୍ତି। ବିଧାନସଭାରେ ସଂଖ୍ୟାଗରିଷ୍ଠତା ପ୍ରମାଣ ପାଇଁ ତାଙ୍କୁ ଏକ ସୁଯୋଗ ଦିଆଯାଉ ବୋଲି ବୋମାଇ ଏଥିରେ ଅନୁରୋଧ କରିଛନ୍ତି।

୧୯୮୮ରେ କର୍ଣ୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ଏସ୍.ଆର୍. ବୋମାଇଙ୍କ ସରକାରକୁ ରାଜ୍ୟପାଳ ପି. ଭେଙ୍କଟସୁବୈଇହା ବରଖାସ୍ତ କରିଥିଲେ। ରାଜ୍ୟପାଳଙ୍କ ନିଷ୍ପତ୍ତିକୁ ବୋମାଇ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ୧୯୯୪ରେ ଏହି ଐତିହାସିକ ମାମଲାର ରାୟ ଆସିଥିଲା। ଆଧୁନିକ ସମୟର ରିସର୍ଟ ରାଜନୀତି ପାଇଁ ଏହା ଥିଲା ଏକ ନିର୍ଣ୍ଣାୟକ ମାମଲା। ସେତେବେଳେ ସର୍ବୋଚ୍ଚ ଅଦାଲତ କହିଥିଲେ, ମନ୍ତ୍ରୀ ପରିଷଦ ଗୃହର ଆସ୍ଥା ହରାଇଛନ୍ତି କି ନାହିଁ ତାହା ରାଜ୍ୟପାଳ ସ୍ଥିର କରିପାରିବେ ନାହିଁ। ଅର୍ଥାତ୍ ଏକ ରାଜ୍ୟର ନିର୍ବାଚିତ ସରକାରଙ୍କୁ ବରଖାସ୍ତ କରିବା ପାଇଁ ରାଜ୍ୟପାଳଙ୍କ ଅଫିସକୁ କେନ୍ଦ୍ର ବ୍ୟବହାର କରିପାରିବ ନାହିଁ। ଇତିମଧ୍ୟରେ ଭାଜପା ଅନୁରୂପ ଭାବେ ହୋଟେଲ ରାଜନୀତିର ଆଶ୍ରୟ ନେଇ ଏଚ୍.ଡି. କୁମାରସ୍ୱାମୀ (୨୦୧୮ ମେ ୨୩ରୁ ୨୦୧୯ ଜୁଲାଇ ୨୩) ସରକାରର ପତନ ଘଟାଇବାରେ ସକ୍ଷମ ହୋଇଥିଲା। ସେଠାରେ ଏବେ ୟେଦୁରପ୍ପାଙ୍କ ସରକାର ଚାଲିଥିବାବେଳେ ଏସ୍.ଆର୍. ବୋମାଇଙ୍କ ପୁଅ ବାସବରାଜ ବୋମାଇ ଗୃହମନ୍ତ୍ରୀ ଅଛନ୍ତି। ଗତ ୧୦ ତାରିଖରେ ମଧ୍ୟପ୍ରଦେଶର ୧୯ ବିଦ୍ରୋହୀ ବିଧାୟକଙ୍କୁ ବେଙ୍ଗାଲୁରୁ ନିଆଯାଇଥିବାବେଳେ ବାସବରାଜ ସେମାନଙ୍କୁ ପୋଲିସ ସୁରକ୍ଷା ଯୋଗାଇଦେବା ଏକ ବିଡ଼ମ୍ବନା ବୋଲି କୁହାଯାଉଛି।

## ବସ୍‌ରେ ବୁହାହୋଇ ହୋଟେଲକୁ ଯାଆନ୍ତି ବିଧାୟକ

**ହରିୟାଣା**

୧୯୮୨ରେ ହରିୟାଣାରେ କଂଗ୍ରେସକୁ ଚ୍ୟାଲେଞ୍ଜ ଦେଇ ଇଣ୍ଡିଆନ୍ ନ୍ୟାଶନାଲ ଲୋକ ଦଳ (ଆଇଏନ୍ଏଲ୍‌ଡି) ଉପରକୁ ଉଠିଥିଲା। ନିର୍ବାଚନ ପରେ କଂଗ୍ରେସ ନିକଟରେ ପର୍ଯ୍ୟାପ୍ତ ଆସନ ନ ଥିବା ସତ୍ତ୍ୱେ ତତ୍କାଳୀନ ରାଜ୍ୟପାଳ ଜି.ଡି. ତାପସେ ଆଇଏନ୍ଏଲ୍‌ଡି-ଭାଜପା ମେଣ୍ଟକୁ ଅଣଦେଖା କରି ସରକାର ଗଠନ ପାଇଁ ନିମନ୍ତ୍ରଣ କରିଥିଲେ। ଆଇଏନ୍ଏଲ୍‌ଡି ମୁଖ୍ୟ ଦେବୀଲାଲ ନିଜ ୪୮ ବିଧାୟକଙ୍କୁ ନେଇ ନୂଆଦିଲ୍ଲୀସ୍ଥିତ ଏକ ହୋଟେଲରେ ରଖିଥିଲେ। ଏହାସତ୍ତ୍ୱେ ଅସନ୍ତୁଷ୍ଟ ବିଧାୟକମାନେ ତାଙ୍କ ନିକଟରୁ ଖସିଯାଇଥିଲେ। ଶେଷରେ କୌଣସି ପ୍ରକାରେ ସରକାର ଗଠନରେ ସଫଳ ହୋଇଥିଲା କଂଗ୍ରେସ।

**ବିହାର**

୨୦୦୦ରେ ବିହାରରେ ନୀତୀଶ କୁମାରଙ୍କ ଭୟରେ କଂଗ୍ରେସ ଓ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ନିଜ ବିଧାୟକମାନଙ୍କୁ ପାଟନାର ଏକ ହୋଟେଲରେ ରଖିଥିଲେ। ନୀତୀଶ ମାତ୍ର ୭ ଦିନ ପାଇଁ ମୁଖ୍ୟମନ୍ତ୍ରୀ ପଦରେ ରହି ଆସ୍ଥାଭୋଟରେ ହାରିଯାଇଥିଲେ। ୨୦୦୫ରେ ଲୋକ ଜନଶକ୍ତି ପାର୍ଟି ନୀତୀଶଙ୍କୁ ଭାଜପା ସହ ମିଶି ସମର୍ଥନ ଦେବା ପାଇଁ ବିଧାୟକମାନଙ୍କୁ ଜାମସେଦପୁରର ଏକ ହୋଟେଲରେ ରଖିଥିଲା।


୨୦୧୯ରେ ଜେଡିଏସ୍ ବିଧାୟକମାନଙ୍କୁ ବସ୍‌ରେ ନିଆଯାଇଥିଲା।

**ଗୁଜରାଟ**

୧୯୯୫ରେ ଶଙ୍କରସିଂ ବାଘେଲା ଭାଜପା ନେତୃତ୍ୱ ବିରୋଧରେ ବିଦ୍ରୋହ କରିଥିଲେ। ସେ ନିଜ ସପକ୍ଷରେ ଥିବା ୪୭ ବିଧାୟକଙ୍କୁ ମଧ୍ୟପ୍ରଦେଶର ଏକ ହୋଟେଲକୁ ନେଇ ୭ ଦିନ ରଖିଥିଲେ। ଶେଷରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ କେଶୁଭାଇ ପଟେଲ ଓ ବାଘେଲାଙ୍କ ମଧ୍ୟରେ ବୁଝାମଣା ହୋଇଥିଲା। କେଶୁଭାଇଙ୍କୁ ହଟାଯାଇ ବାଘେଲାଙ୍କ ସମର୍ଥକ ସୁରେଶ ମେହେଟ୍ଟାଙ୍କୁ ମୁଖ୍ୟମନ୍ତ୍ରୀ କରାଯାଇଥିଲା।

**ଉତ୍ତରପ୍ରଦେଶ**



୧୯୯୮ ଲୋକ ସଭା ନିର୍ବାଚନ ବେଳେ ୟୁପି ରାଜ୍ୟପାଳ ରମେଶ ଭଣ୍ଡାରୀ ସେତେବେଳର କଲ୍ୟାଣ ସିଂ ସରକାରକୁ ବରଖାସ୍ତ କରି କଂଗ୍ରେସର ଜଗଦମ୍ବିକା ପାଲଙ୍କୁ ମୁଖ୍ୟମନ୍ତ୍ରୀ କରାଇଥିଲେ। ଜଗଦମ୍ବିକା ୪୮ ଦିନ ପାଇଁ ମୁଖ୍ୟମନ୍ତ୍ରୀ ଆସନରେ ତିଷ୍ଠି ପାରିଥିଲେ। ଫ୍ଲୋର ଟେଷ୍ଟ ହେବାକୁ ଥିବାବେଳେ ଭାଜପା ନିଜ ବିଧାୟକମାନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିଥିଲା। ଆସ୍ଥାଭୋଟରେ କଲ୍ୟାଣ ସିଂ ଜିତିବା ପରେ ପୁଣି ମୁଖ୍ୟମନ୍ତ୍ରୀ ହୋଇଥିଲେ।

**ଉତ୍ତରାଖଣ୍ଡ**

୨୦୧୬ରେ ଉତ୍ତରାଖଣ୍ଡର କଂଗ୍ରେସ ବିଧାୟକମାନେ ମୁଖ୍ୟମନ୍ତ୍ରୀ ହରିଶ ରାୱତଙ୍କ ବିରୋଧରେ ବିଦ୍ରୋହ କରିଥିଲେ। ଆସ୍ଥାଭୋଟ ପୂର୍ବରୁ ଭାଜପା ନିଜ ବିଧାୟକମାନଙ୍କୁ ଜୟପୁର ନେଇଯାଇଥିଲା। ଉଭୟ ଭାଜପା ଓ କଂଗ୍ରେସ ପରସ୍ପର ବିରୋଧରେ ଘୋଡ଼ାବେପାର ଅଭିଯୋଗ ଆଣିଥିଲେ। ରାଷ୍ଟ୍ରପତି ଶାସନ ଜାରି ହୋଇଥିବାବେଳେ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକୁ ହାଇକୋର୍ଟ ପଲଟାଇଦେଇଥିଲେ।

**ତାମିଲନାଡୁ**

୨୦୧୭ରେ ଓ. ପନ୍ନିରସେଲ୍‌ଭମ୍ ମୁଖ୍ୟମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ଏଆଇଏଡିଏମ୍‌କେ ନେତା ଭି.କେ. ଶଶିକଳା ଇସ୍ତଫା ପାଇଁ ତାଙ୍କୁ ବାଧ୍ୟ କରିଥିବା ସେ ଅଭିଯୋଗ ଆଣିଥିଲେ। ଶଶିକଳା ନିଜ ଅନୁଗତମାନଙ୍କୁ ଚେନ୍ନାଇ ନିକଟସ୍ଥ ଏକ ହୋଟେଲକୁ ନେଇଯାଇଥିଲେ। ଶଶିକଳା ଜେଲ ଯିବା ପରେ ପନ୍ନିରସେଲଭମ୍‌ଙ୍କ ନେତୃତ୍ୱରେ ବିଦ୍ରୋହୀ ବିଧାୟକମାନେ ଇ.କେ. ପାଲାନିସ୍ୱାମୀଙ୍କ ଗୋଷ୍ଠୀ ସହ ହାତ ମିଳାଇ ସରକାର ଗଠନ କରିଥିଲେ।

## ବିଦ୍ରୋହୀ ସାଜିଥିଲେ ଚନ୍ଦ୍ରାବାବୁ

୧୯୮୪ରେ ଓପନ ହାର୍ଟ ସର୍ଜରି ପାଇଁ ଆନ୍ଧ୍ର ମୁଖ୍ୟମନ୍ତ୍ରୀ ଏନ୍.ଟି. ରାମାରାଓ ଆମେରିକା ଗସ୍ତ କରିଥିଲେ। ରାଜ୍ୟପାଳ ଠାକୁର ରାମଲାଲ ତାଙ୍କ ଅନୁପସ୍ଥିତିରେ ଏନ୍. ଭାସ୍କର ରାଓଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଅବସ୍ଥାପିତ କରାଇଥିଲେ। ଅଭିନେତାରୁ




ରାଜନେତା ସାଜିଥିବା ରାମାରାଓ ଆସ୍ଥାଭୋଟର ସମ୍ମୁଖୀନ ହେବା ପୂର୍ବରୁ ଟିଡିପି ବିଧାୟକମାନଙ୍କୁ ପ୍ରଥମେ ବେଙ୍ଗାଲୁରୁର ନନ୍ଦୀ ହିଲ୍ସ ରିସର୍ଟରେ ମାସେ ରଖିବା ପରେ ଦିଲ୍ଲୀ ନେଇଯାଇଥିଲେ। ସରକାର ଭାଙ୍ଗିଯିବାର ୨ ମାସ ମଧ୍ୟରେ ଏନ୍‌ଟିଆର୍ ରଥଯାତ୍ରା କରି ପୁଣି କ୍ଷମତାକୁ ଫେରିଥିଲେ। ତାଙ୍କ ଜ୍ୱାଇଁ ଏନ୍. ଚନ୍ଦ୍ରାବାବୁ ନାଇଡୁ ୧୯୯୫ରେ ବିଦ୍ରୋହ କରି ଟିଡିପି ବିଧାୟକମାନଙ୍କୁ ହାଇଦ୍ରାବାଦର ଭାଇସ୍‌ରୟ ହୋଟେଲରେ ରଖିଥିଲେ। ପରେ ସେ ଦଳର ନେତୃତ୍ୱ ନେଇ ମୁଖ୍ୟମନ୍ତ୍ରୀ ହୋଇଥିଲେ।

## ମହାରାଷ୍ଟ୍ର ପାୱାର ଗେମ୍

୨୦୧୯ ନଭେମ୍ବରରେ ମହାରାଷ୍ଟ୍ରରେ ଜୋର୍ ଧରିଥିଲା ରିସର୍ଟ ପଲିଟିକ୍ସ। ଶାସକ ଭାଜପା-ଶିବସେନା ମେଣ୍ଟକୁ ପୁଣିଥରେ ସରକାର ଗଠନ ପାଇଁ ସ୍ପଷ୍ଟ ଜନାଦେଶ ମିଳିଥିଲା। ହେଲେ ପୂର୍ବ ରାଜିନାମା ଅନୁସାରେ ୫୦-୫୦ ସୂତ୍ରରେ




ସରକାର ଗଠନ କରାଯିବ ବୋଲି ଶିବସେନା ଅଡ଼ିବସିଥିଲା। ସେତେବେଳେ କଂଗ୍ରେସ ବିଧାୟକମାନେ ଜୟପୁର ଚାଲିଯାଇଥିବାବେଳେ ଶିବସେନା-ଏନ୍‌ସିପି ନିଜ ନିଜ ବିଧାୟକମାନଙ୍କୁ ଘୋଡ଼ାବେପାରରୁ ବଞ୍ଚାଇବା ପାଇଁ ମୁମ୍ବାଇର ଏକ ହୋଟେଲରେ ରଖିଥିଲେ। ଶେଷରେ ଏନ୍‌ସିପିର ୫୪ ଓ କଂଗ୍ରେସର ୪୪ ବିଧାୟକଙ୍କ ସମର୍ଥନରେ ମହା ବିକାଶ ଅଘାଡ଼ି ମେଣ୍ଟ ଗଠନ କରାଯାଇଥିଲା। ଏହି ରାଜନୈତିକ ଘଟଣାକ୍ରମର ସୂତ୍ରଧର ଥିଲେ ଏନ୍‌ସିପି ମୁଖ୍ୟ ଶରଦ ପାୱାର।

## ଦିନକ ପରେ ନିର୍ଭୟା ଦୋଷୀଙ୍କୁ ଫାଶୀ

- ତିହାର ଜେଲରେ ପହଞ୍ଚିଲେ ଘାତକ
- ମୁକେଶଙ୍କ ପିଟିଶନ ଉପରେ ରାୟ ସଂରକ୍ଷିତ
- ଛାଡ଼ପତ୍ର ଆବେଦନ କଲେ ଅକ୍ଷୟଙ୍କ ସ୍ତ୍ରୀ

**ନୂଆଦିଲ୍ଲୀ/ଔରଙ୍ଗାବାଦ,୧୮।୩**

ଦିନକ ପରେ ଅର୍ଥାତ୍ ଶୁକ୍ରବାର ସକାଳ ୫ଟା ୩୦ରେ ନିର୍ଭୟା ଗଣବଳାତ୍କାର ଓ ହତ୍ୟା ମାମଲାର ୪ ଦୋଷୀଙ୍କୁ ଫାଶୀଖୁଣ୍ଟରେ ଝୁଲାଯିବ। ଏଥିପାଇଁ ତିହାର ଜେଲ ଅଫିସରମାନଙ୍କର ଏକ ଟିମ୍ ମଙ୍ଗଳବାର ମିରଟ ଯାଇ ଘାତକ ପବନ ଜହ୍ଲାଦଙ୍କୁ ଭେଟିଥିଲେ। ତାଙ୍କୁ ଦିଲ୍ଲୀ ପୋଲିସର ଏକ ଟିମ୍ କଡ଼ା ସୁରକ୍ଷା ମଧ୍ୟରେ ତିହାର ଆଣିଛି। ତାଙ୍କୁ ୩ ନମ୍ବର ଜେଲରେ ଥିବା ସ୍ୱତନ୍ତ୍ର ବାରାକ୍‌ରେ ରଖାଯାଇଛି। ପ୍ରତି ଦୋଷୀଙ୍କୁ ଫାଶୀ ଦେବା ଲାଗି ଘାତକଙ୍କୁ ୨୦ ହଜାର ଟଙ୍କା ଲେଖାଏ ମିଳିବ ବୋଲି ଜେଲ ସୂତ୍ରରୁ ଜଣାପଡ଼ିଛି।

ଅନ୍ୟପକ୍ଷରେ ଦୋଷୀ ଅକ୍ଷୟ ସିଂଙ୍କ ଦ୍ୱିତୀୟ କ୍ଷମା ଆବେଦନର ବିଚାର ହୋଇ ନ ଥିବାରୁ ମୃତ୍ୟୁଦଣ୍ଡ ବାତିଲ କରିବା ପାଇଁ ଆବେଦନ ହୋଇଛି। ଏହା ଉପରେ ଅତିରିକ୍ତ ଦୌରା ଜଜ୍ ଧର୍ମେନ୍ଦ୍ର ରାଣା ତିହାର ଜେଲ କର୍ତ୍ତୃପକ୍ଷ ଓ ପୋଲିସକୁ ନୋଟିସ ଜାରି କରିଛନ୍ତି। ଗୁରୁବାର ଏହା ଉପରେ ଶୁଣାଣି ହେବ। ମଙ୍ଗଳବାର ଅନ୍ୟତମ ଦୋଷୀ ପବନ ଗୁପ୍ତା ମଧ୍ୟ ସୁପ୍ରିମକୋର୍ଟରେ କ୍ୟୁରେଟିଭ୍ ପିଟିଶନ ଦାଏର କରିଛନ୍ତି। ୨୦୧୨ ଡିସେମ୍ବର ୧୬ ତାରିଖ ରାତିରେ ୨୩ ବର୍ଷୀୟା ପାରାମେଡିକାଲ ଛାତ୍ରୀ ନିର୍ଭୟାଙ୍କୁ ଗଣବଳାତ୍କାର କରାଯାଇଥିଲା। ସେଦିନ ଦିଲ୍ଲୀରେ ଅନୁପସ୍ଥିତ ଥିଲେ ବୋଲି ମୁକେଶ ସିଂ କରିଥିବା ଦାବି ଉପରେ ଦିଲ୍ଲୀ ହାଇକୋର୍ଟ ରାୟ ସଂରକ୍ଷିତ ରଖିଛନ୍ତି।

ସେପଟେ ଅପରାଧୀ ଅକ୍ଷୟ ସିଂଙ୍କ ସ୍ତ୍ରୀ ପୁନୀତା ଦେବୀ ଛାଡ଼ପତ୍ର ପାଇଁ କୋର୍ଟରେ ଆବେଦନ କରିଛନ୍ତି। ସେ ଜଣେ ବଳାତ୍କାରୀଙ୍କ ବିଧବା ପରିଚୟରେ ବଞ୍ଚିବାକୁ ଚାହାନ୍ତି ନାହିଁ ବୋଲି ପିଟିଶନରେ ଦର୍ଶାଇଛନ୍ତି। ବିହାରର ଏକ ଫାମିଲି କୋର୍ଟରେ ଗୁରୁବାର ପିଟିଶନର ଶୁଣାଣି ହେବ।

## ‘ବିଦ୍ରୋହୀ ବିଧାୟକଙ୍କୁ ଅଟକ ରଖାଯାଇପାରିବନି’

- ମଧ୍ୟପ୍ରଦେଶରେ ରାଜନୈତିକ ଅଚଳାବସ୍ଥା
- ଉପନିର୍ବାଚନ ଯାଏ ଆସ୍ଥାଭୋଟ ଘୁଞ୍ଚାଇବାକୁ କଂଗ୍ରେସର ଦାବି
- ସୁପ୍ରିମକୋର୍ଟରେ ଶୁଣାଣି ଆଜି

ନୂଆଦିଲ୍ଲୀ,୧୮।୩(ପି.ଟି.)

ମଧ୍ୟପ୍ରଦେଶରେ ରାଜନୈତିକ ଅଚଳାବସ୍ଥା ଲାଗି ରହିଥିବାବେଳେ ବିଦ୍ରୋହୀ ୧୬ ବିଧାୟକଙ୍କୁ ଚାମ୍ବରରେ ହାଜର ପାଇ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ଇସ୍ତଫା ଦେଇଥିବା ବିଧାୟକମାନେ ବିଧାନସଭାରେ ଯୋଗ ଦିଅନ୍ତୁ କି ନ ଦିଅନ୍ତୁ, ସେମାନଙ୍କୁ ଆବଦ୍ଧ କରି ରଖାଯାଇ ପାରିବ ନାହିଁ ବୋଲି ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼ ଏବଂ ହେମନ୍ତ ଗୁପ୍ତାଙ୍କୁ ନେଇ ଗଠିତ ଖଣ୍ଡପୀଠ ମତ ଦେଇଛନ୍ତି। ବିଦ୍ରୋହୀ ବିଧାୟକମାନେ ବିଚାରପତିଙ୍କ ଚାମ୍ବରରେ ହାଜର ହୋଇ ମତ ରଖିବା ପାଇଁ ଦିଆଯାଇଥିବା ପ୍ରସ୍ତାବକୁ ଅଗ୍ରାହ୍ୟ କରି ଖଣ୍ଡପୀଠ କହିଥିଲେ, ଏହା ଠିକ୍ ନୁହେଁ। ଏପରିକି ବିଧାୟକମାନଙ୍କ ପାଖକୁ ରେଜିଷ୍ଟ୍ରାର ଜେନେରାଲଙ୍କୁ ପଠାଇବାକୁ ମଧ୍ୟ ଖଣ୍ଡପୀଠ ମନା କରିଦେଇଥିଲେ। ଆସ୍ଥାଭୋଟ କାହା ସପକ୍ଷରେ ଯାଉଛି, ବିଧାନସଭା ତାହା ନିର୍ଣ୍ଣୟ କରିବାରେ ଅଦାଲତ ପ୍ରତିବନ୍ଧକ ହେଉନାହାନ୍ତି। ବିଧାୟକମାନଙ୍କର ସ୍ୱାଧୀନ ମତବ୍ୟକ୍ତ ଅଧିକାରକୁ ସୁନିଶ୍ଚିତ କରିବା ଅଦାଲତଙ୍କ କାମ ବୋଲି ବିଚାରପତି କହିଥିଲେ।

ରାଜ୍ୟପାଳଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମଧ୍ୟପ୍ରଦେଶ ବିଧାନସଭାରେ ଆସ୍ଥାଭୋଟ ନ କରାଇ ବାଚସ୍ପତି କରୋନା ଭୂତାଣୁ ସଂକ୍ରମଣ ଆଳରେ ଗୃହକୁ ୨୬ ତାରିଖ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରିଥିଲେ। ଏହାକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ଶିବରାଜ ସିଂ ଚୌହାନ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ଶିବରାଜଙ୍କ ତରଫରୁ ବରିଷ୍ଠ ଆଇନଜୀବୀ ମୁକୁଲ ରୋହତଗୀ ଉପସ୍ଥିତ ରହି ୧୬ ବିଧାୟକଙ୍କୁ ବିଚାରପତିଙ୍କ ଚାମ୍ବରରେ ହାଜର କରାଇବାକୁ ସେ ପ୍ରସ୍ତାବ ଦେଇଥିଲେ। ବିକଳ୍ପ ଭାବରେ କର୍ଣ୍ଣାଟକ ହାଇକୋର୍ଟରେ ରେଜିଷ୍ଟ୍ରାର ଜେନେରାଲଙ୍କୁ ସମ୍ପୃକ୍ତ ବିଧାୟକମାନଙ୍କ ପାଖକୁ ପଠାଇ ଭିଡିଓ ରେକର୍ଡିଂ କରାଇବାକୁ ମଧ୍ୟ ରୋହତଗୀ ଅନୁରୋଧ କରିଥିଲେ। ବାଚସ୍ପତି ସେମାନଙ୍କ ଇସ୍ତଫାକୁ ଅଟକାଇପାରିବେ ନାହିଁ ବୋଲି ବିଦ୍ରୋହୀ ବିଧାୟକମାନଙ୍କ ପକ୍ଷରୁ କୁହାଯାଇଥିଲା।

ଅନ୍ୟପକ୍ଷରେ ୨୨ ବିଦ୍ରୋହୀ ବିଧାୟକଙ୍କ ଇସ୍ତଫା ପରେ ରାଜ୍ୟରେ ରାଜନୈତିକ ସଙ୍କଟକୁ ନେଇ କଂଗ୍ରେସ ପକ୍ଷରୁ ମଧ୍ୟ ସର୍ବୋଚ୍ଚ ଅଦାଲତରେ ଏକ ପିଟିଶନ ଦାଏର ହୋଇଥିଲା। ଆସ୍ଥାଭୋଟକୁ ଉପନିର୍ବାଚନ ପର୍ଯ୍ୟନ୍ତ ଘୁଞ୍ଚାଇଦେବାକୁ ମଧ୍ୟପ୍ରଦେଶ କଂଗ୍ରେସ ବିଧାୟକ ଦଳ (ଏମ୍‌ପିସିଏଲ୍‌ପି) ପକ୍ଷରୁ ଏଥିରେ ଆବେଦନ କରାଯାଇଥିଲା। କମଲନାଥଙ୍କ ନେତୃତ୍ୱାଧୀନ ସରକାର ସେପର୍ଯ୍ୟନ୍ତ କ୍ଷମତାରେ ରହିଲେ ଆକାଶ ଖସିପଡ଼ିବ ନାହିଁ ବୋଲି କଂଗ୍ରେସ ପକ୍ଷରୁ ବରିଷ୍ଠ ଆଇନଜୀବୀ ଦୁଷ୍ୟନ୍ତ ଡାଭେ କହିଥିଲେ। ଖଣ୍ଡପୀଠ ଉଭୟ ପକ୍ଷଙ୍କ ଯୁକ୍ତି ଶୁଣିବା ପରେ ଭାଜପା ଏବଂ କଂଗ୍ରେସର ପିଟିଶନର ଶୁଣାଣିକୁ ଗୁରୁବାର ପୂର୍ବାହ୍ନ ୧୦ଟା ୩୦ରେ କରିବା ପାଇଁ ଧାର୍ଯ୍ୟ କରିଛନ୍ତି।

### ଦିଗ୍‌ବିଜୟଙ୍କ ପିଟିଶନ ଖାରଜ

**ଅଟକ ରଖିଲା କର୍ଣ୍ଣାଟକ ପୋଲିସ**

**ବେଙ୍ଗାଲୁରୁ,୧୮।୩:** ବେଙ୍ଗାଲୁରୁରେ ଥିବା ମଧ୍ୟପ୍ରଦେଶର ବିଦ୍ରୋହୀ କଂଗ୍ରେସ ବିଧାୟକମାନଙ୍କୁ ଭେଟିବା ଲାଗି ଅନୁମତି ଦେବାକୁ ବରିଷ୍ଠ ନେତା ଦିଗ୍‌ବିଜୟ ସିଂଙ୍କ ଆବେଦନକୁ କର୍ଣ୍ଣାଟକ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଇସ୍ତଫା ଦେଇଥିବା ୨୨ ବିଧାୟକ ବେଙ୍ଗାଲୁରୁର ଏକ ରିସର୍ଟରେ ରହିଥିବାବେଳେ ସେମାନଙ୍କୁ ଭେଟିବା ଲାଗି ବୁଧବାର ଦିଗ୍‌ବିଜୟ ସେଠାକୁ ଯାଇଥିଲେ। ଉକ୍ତ ବିଧାୟକମାନଙ୍କ ଅନୁରୋଧ କ୍ରମେ ସେମାନଙ୍କୁ ପୋଲିସ ସୁରକ୍ଷା ଯୋଗାଇଦେଉଥିବାରୁ ଦିଗ୍‌ବିଜୟଙ୍କୁ ଅଟକ ରଖିଥିଲା। ସେ ରାଜ୍ୟ ସଭା ପାଇଁ ପ୍ରାର୍ଥୀ ହୋଇଥିବାରୁ ଭୋଟ ପାଇଁ ବିଧାୟକମାନଙ୍କୁ ଭେଟିବା ଅଧିକାର ତାଙ୍କର ରହିଛି ବୋଲି ଦିଗ୍‌ବିଜୟ କହିଥିଲେ। ତେବେ ପୋଲିସ ଓ କର୍ଣ୍ଣାଟକ ଭାଜପା ତାଙ୍କୁ ଭେଟିବାକୁ ଦେଇ ନ ଥିଲେ ବୋଲି ସେ ଅଭିଯୋଗ କରିଥିଲେ। ଫଳରେ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଏହା ପୂର୍ବରୁ ସେ କର୍ଣ୍ଣାଟକ ପୋଲିସ ଡିଜି ପ୍ରବୀଣ ସୁଦ୍ ଏବଂ କଂଗ୍ରେସ ରାଜ୍ୟ ସଭାପତି ଡି.କେ. ଶିବକୁମାରଙ୍କୁ ଭେଟିଥିଲେ।



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୯/୨୦୨୦ | Bhubaneswar, Thursday, March 19/2020 | 



### କୋଚ୍ ପଦ ଛାଡ଼ିଲେ ଗମ୍ବାଉ

ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍ ଓଡ଼ିଶା ଏଫସିର କୋଚ୍ ପଦ ଛାଡ଼ିଲେ ସ୍ପେନର ଜୋସେପ ଗମ୍ବାଉ ।

୧୬ ୦୮

### କରୀନାଙ୍କୁ କରୋନା ଭୟ

କରୋନା ଭୟରେ କରୀନା କପୁର ଆଉ ବାହାରକୁ ନ ବାହାରି ଘରେ ରହି ଗାଜର ହାଲୱା ଖାଉଥିବାର ଏକ ଫଟୋ ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି।



# ‘ହାଡ଼ଫୁଟି ଭଳି ୧୪ ଦିନ ଅଲଗା ରୁହନ୍ତୁ’



ବୁଧବାର ରାତି ୭ଟା ୪୫ରେ ପୁରୀ ଶ୍ରୀମନ୍ଦିର ପହୁଡ଼ ପଡ଼ିଯାଇଛି। (ରିପୋର୍ଟ: ପୃଷ୍ଠା-୯)

ଭୁବନେଶ୍ୱର,୧୮।୩(ବ୍ୟୁରୋ)

ମହାମାରୀ କରୋନା(କୋଭିଡ-୧୯) ଭୂତାଣୁ କବଳରୁ ସୁରକ୍ଷିତ ରହିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବରୁ ହାଡ଼ଫୁଟି ପରି ଭୟାନକ ରୋଗ ହେଉଥିଲା। ସେତେବେଳେ ସବୁ ଘରେ ଜଣା ଅଧିକେ ସମସ୍ତେ ଏହି ରୋଗରେ ପୀଡିତ ହେଉଥିଲେ। ହାଡ଼ଫୁଟି ଭଳି ଆଜି କରୋନା ରୋଗ ଆସିଛି। ହାଡ଼ଫୁଟି ଭଳି କରୋନା ପାଇଁ କୌଣସି ଔଷଧ ନାହିଁ। ଏହି ରୋଗ ଅତ୍ୟନ୍ତ ମାରାତ୍ମକ।

**କରୋନା ସଚେତନତା: ମୁଖ୍ୟମନ୍ତ୍ରୀଙ୍କ ନିବେଦନ**

- ବିଦେଶାଗତଙ୍କୁ ନିଜ ଘରେ ରହିବାକୁ ସଚେତନ କରିବେ ପଞ୍ଚାୟତ ପ୍ରତିନିଧି
- ପ୍ରତ୍ୟେକ ଗ୍ରାମରେ ଭତ୍ତା ଦିଆଯିବ
- ଘରେ ମିଳିବ ଅଙ୍ଗନୱାଡ଼ି ଖାଦ୍ୟ

ସଂକ୍ରମଣଠାରୁ ନିଜକୁ ଦୂରେଇ ରଖିବା ହେଉଛି ସବୁଠାରୁ ବଡ଼ ସୁରକ୍ଷା। ମା'ମାନେ ଯେପରି ହାଡ଼ଫୁଟି ପାଇଁ ଆମ ସମସ୍ତଙ୍କୁ ୧୪ ଦିନ ☞ପୃଷ୍ଠା-୨

## ଧର୍ମାନୁଷ୍ଠାନ ପାଇଁ ଆଡ୍‌ଭାଇଜରି

ଭୁବନେଶ୍ୱର, ୧୮।୩(ବ୍ୟୁରୋ)

କରୋନା ଭୂତାଣୁ ରୋଗ (କୋଭିଡ୍-୧୯)କୁ ମୁକାବିଲା କରିବା ପାଇଁ ରାଜ୍ୟ ସରକାର ସମସ୍ତ ଧର୍ମାନୁଷ୍ଠାନ ପାଇଁ ବୁଧବାର ଉପଦେଶନାମା ବା ଆଡ୍‌ଭାଇଜରି ଜାରି କରିଛନ୍ତି। ମନ୍ଦିର, ମସ୍‌ଜିଦ ଓ ଗିର୍ଜାର ସେବାୟତ, କର୍ମଚାରୀ ଏହି ଆଡଭାଇଜାରିକୁ ମାନି ଚଳିବେ। ଏଠାରେ ସମସ୍ତେ ସାମାଜିକ ଦୂରତ୍ୱ ରକ୍ଷା କରିବେ। ତୀର୍ଥ ଯାତ୍ରୀ, ପୂଜକ, ସେବାୟତ ଏବଂ ଅନ୍ୟାନ୍ୟ ସ୍ଥାନ ଯେଉଁଠାରେ ନିରାପତ୍ତା ରକ୍ଷୀମାନେ ସମ୍ପୃକ୍ତ ରହୁଛନ୍ତି, ସେମାନଙ୍କୁ ସୁରକ୍ଷା ଦିଆଯିବ। ଏଜେନ୍ସି ବୋର୍ଡ ଟ୍ରଷ୍ଟ ଓ ସରକାରୀ ପରିଚାଳନାଧୀନ ସଂସ୍ଥା ଯେଉଁଠାରେ ସେମାନେ କାର୍ଯ୍ୟ କରୁଛନ୍ତି, ସେମାନେ ଏଥିପ୍ରତି ଯଥେଷ୍ଟ ଦୃଷ୍ଟି ଦେବେ ବୋଲି କରୋନା ଭୂତାଣୁ ସଂକ୍ରମଣ ସଚେତନ କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ବୁଧବାର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଗୀତ ଗୋବିନ୍ଦ ସଦନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ବାଗ୍‌ଚୀ ଏହା କହିଛନ୍ତି।

ଅନ୍ୟପକ୍ଷରେ ବିଦେଶ ଫେରନ୍ତାଙ୍କ ପାଇଁ ଜାରି ହୋଇଥିବା ଫୋନ୍ ନମ୍ବର ଓ ୱେବ୍ ପୋର୍ଟାଲରେ ପ୍ରତି ଘଣ୍ଟାରେ ପ୍ରାୟ ୮୦ଜଣ ପଞ୍ଜୀକରଣ କରୁଛନ୍ତି। ଏପର୍ଯ୍ୟନ୍ତ ୨,୧୩୧ ଜଣ ନାମ ପଞ୍ଜୀକୃତ କରିସାରିଲେଣି। ଏଥିମଧ୍ୟରୁ ସଂଯୁକ୍ତ ଆରବ ଏମିରେଟ୍ସ(ୟୁଏଇ)ରୁ ସର୍ବାଧିକ ୨୦% ଆସିଛନ୍ତି। ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍ଏ)ରୁ ୯%, ସାଉଦି ଆରବରୁ ୫%, ବ୍ରିଟେନ୍(ୟୁକେ)ରୁ ୪%, ମାଲେସିଆରୁ ୪%, ଦକ୍ଷିଣ କୋରିଆ, ଇଟାଲୀ, ଫ୍ରାନ୍ସରୁ ୧% ଲେଖାଏ ଆସିଛନ୍ତି। ବାକି ୫୫% ଅନ୍ୟ ଦେଶରୁ ଆସିଛନ୍ତି। ପଞ୍ଜୀକରଣ କରିଥିବା ବ୍ୟକ୍ତିମାନେ ମୋଟ ୮୦ଟି ଦେଶରୁ ଆସିଛନ୍ତି। ☞ପୃଷ୍ଠା-୨

- ବିଦେଶ ଫେରନ୍ତା ୨୧୩୧ କଲେଣି ପଞ୍ଜୀକୃତ
- ୟୁଏଇରୁ ଆସିଛନ୍ତି ସର୍ବାଧିକ ୨୦%
- ଖୋର୍ଦ୍ଧା ଜିଲାରେ ସର୍ବାଧିକ ୩୭% ପଞ୍ଜୀକୃତ

## ସିବିଏସ୍‌ଇ ବୋର୍ଡ ପରୀକ୍ଷା ସ୍ଥଗିତ

ନୂଆଦିଲ୍ଲୀ,୧୮।୩

କରୋନା ସଂକ୍ରମଣ ରୋକିବା ଦିଗରେ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଭାରତ ସରକାରଙ୍କ ଉଚ୍ଚଶିକ୍ଷା/ ସ୍କୁଲ ଶିକ୍ଷା ଓ ସାକ୍ଷରତା ବିଭାଗ ସଚିବଙ୍କ ପରାମର୍ଶକ୍ରମେ କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) କର୍ତ୍ତୃପକ୍ଷ ଦଶମ ଓ ଦ୍ୱାଦଶ ଶ୍ରେଣୀ ବୋର୍ଡ ପରୀକ୍ଷା ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ବୁଧବାର ସନ୍ଧ୍ୟାରେ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ମାର୍ଚ୍ଚ ୧୯ରୁ ୩୧ ପର୍ଯ୍ୟନ୍ତ ହେବାକୁ ଥିବା ସିବିଏସ୍‌ଇ ବୋର୍ଡ ପରୀକ୍ଷା ବନ୍ଦ ରହିବ। ୩୧ ତାରିଖ ପରେ ନୂଆ ପରୀକ୍ଷା କାର୍ଯ୍ୟସୂଚୀ ସ୍ଥିର ହେବ। ସେହିପରି ଉତ୍ତରପୂର୍ବ ଦିଲ୍ଲୀରେ ପୁନର୍ବାର ହେବାକୁ ଥିବା ପରୀକ୍ଷାକୁ ମଧ୍ୟ ବନ୍ଦ ରଖାଯାଇଛି। ପରୀକ୍ଷାର ନୂଆ କାର୍ଯ୍ୟସୂଚୀ ସମ୍ପର୍କରେ ୩୧ ସୁଦ୍ଧା ଜଣାଇ ଦିଆଯିବ।

### ପରୀକ୍ଷା ବନ୍ଦ କଲା ଓପିଏସ୍‌ସି

କଟକ ଅଫିସ,୧୮।୩: କରୋନା ଯୋଗୁ ଓଡ଼ିଶା ଲୋକ ସେବା ଆୟୋଗ(ଓପିଏସ୍‌ସି) ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ଓପିଏସ୍‌ସି ଆନୁକୂଲ୍ୟରେ ହେବାକୁ ଥିବା ସମସ୍ତ ପରୀକ୍ଷାକୁ ସାମୟିକ ଭାବେ ସ୍ଥଗିତ ରଖାଯାଇଛି। ଏନେଇ ଓପିଏସ୍‌ସି କାର୍ଯ୍ୟାଳୟ ବୁଧବାର ଏକ ନୋଟିସ ନଂ. ୧୯୯୪/୧୮।୩।୨୦୨୦ ଜାରି କରିଛି। ସରକାର ରାଜ୍ୟ କରୋନା ଭୂତାଣୁକୁ ବିପତ୍ତି ଭାବେ ଘୋଷଣା କରିଛନ୍ତି। ତେଣୁ ସରକାରଙ୍କ ପରବର୍ତ୍ତୀ ନିଷ୍ପତ୍ତି ପର୍ଯ୍ୟନ୍ତ ଓପିଏସ୍‌ସି ପକ୍ଷରୁ କୌଣସି ଲିଖିତ କିମ୍ବା ମୌଖିକ ପରୀକ୍ଷା ହେବ ନାହିଁ ବୋଲି କୁହାଯାଇଛି।




# ଭୁବନେଶ୍ୱରର ୩ ହୋଟେଲରେ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା

ଭୁବନେଶ୍ୱର, ୧୮।୩(ବ୍ୟୁରୋ)

କରୋନା ମୁକାବିଲା ପାଇଁ ସବୁ ସ୍ତରରୁ ଉଦ୍ୟମ ଚାଲିଛି। ଏବେ ଭୁବନେଶ୍ୱରର ୩ ଘରୋଇ ହୋଟେଲରେ କ୍ୱାରାଣ୍ଟାଇନ୍ ବ୍ୟବସ୍ଥା କରାଯାଇଛି। ସେଗୁଡ଼ିକ ହେଲା ଜୟଦେବବିହାରସ୍ଥିତ ଜିଞ୍ଜର ହୋଟେଲ, ଶହୀଦନଗରର ଏମ୍ପାୟାର୍ସ ହୋଟେଲ ଓ କଳ୍ପନାସ୍ଥିତ କଳିଙ୍ଗ ଅଶୋକ ହୋଟେଲ। ଯେକୌଣସି ଲୋକ ନିଜକୁ କରୋନାଠାରୁ ସୁରକ୍ଷିତ ରଖିବାକୁ ଚାହୁଁଥିଲେ ସେମାନେ ଏଠାରେ ରହିପାରିବେ ବୋଲି ବୁଧବାର ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନ ପ୍ରେମଚନ୍ଦ୍ର ଚୌଧାରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ରାଜ୍ୟ ସରକାରଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ କ୍ୱାରାଣ୍ଟାଇନ୍ ସେଣ୍ଟରର ବ୍ୟବସ୍ଥା କରାଯାଇଛି। ଯେଉଁମାନେ ହୋଟେଲ କ୍ୱାରାଣ୍ଟାଇନରେ ରହିବାକୁ ଚାହିଁବେ ସେମାନଙ୍କୁ ଦିନକୁ ୨୫ଶହ ଟଙ୍କା ସହ ନିର୍ଦ୍ଧାରିତ ଟ୍ୟାକ୍ସ ଦେବାକୁ ପଡ଼ିବ। କରୋନା ସଂକ୍ରମଣ ଏଡ଼ାଇବା ସହ ନାଗରିକଙ୍କୁ ଉତ୍ତମ ସେବା ଯୋଗାଇବା ପାଇଁ ଓଡ଼ିଶା ମ୍ୟୁନିସିପାଲ କର୍ପୋରେଶନ ଆକ୍ଟ ୨୦୦୩ର ଧାରା ୫୮୩ରୁ ୫୯୯ ଅନୁଯାୟୀ ଏହି କ୍ୱାରେଣ୍ଟାଇନ୍ ସେଣ୍ଟର ଖୋଲାଯାଇଥିବା କମିଶନର ଚୌଧାରୀ କହିଛନ୍ତି। ଉକ୍ତ କ୍ୱାରାଣ୍ଟାଇନ୍ ସେଣ୍ଟରରେ ସମସ୍ତ ସୁବିଧା ରହିଛି। ସକାଳ ଜଳଖିଆ, ☞ପୃଷ୍ଠା-୨

**ଦିନକୁ ୨୫ ଶହ ଟଙ୍କା, ମିଳିବ ସବୁ ସୁବିଧା**

## ସନ୍ଧ୍ୟା ୬ ପରେ ହାଟ, ବଜାର ବନ୍ଦ କଲା ବିଏମ୍‌ସି

ଭୁବନେଶ୍ୱର, ୧୮।୩(ବ୍ୟୁରୋ)

କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ସବୁଆଡେ କଟକଣା ଲାଗୁ ହେବା ପରେ ଲୋକେ ହାଟ ଓ ବଜାର ଉପରେ ଅଧିକ ନିର୍ଭରଶୀଳ ହୋଇପଡିଛନ୍ତି। ଏସବୁ ସ୍ଥାନରେ ବିଶେଷକରି ସନ୍ଧ୍ୟାରେ ଅଧିକ ଗହଳି ହେଉଛି। ତେଣୁ ସଂକ୍ରମଣ ସମ୍ଭାବନା ଥିବାରୁ ଏହାକୁ ଦୃଷ୍ଟିରେ ରଖି ଭିଡ଼ ହ୍ରାସ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ବୁଧବାର ଆଉ ଏକ କଟକଣା ଜାରି କରାଯାଇଛି। ସହରରେ ଥିବା ସମସ୍ତ ହାଟ ଓ ବଜାର ସକାଳ ୬ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ। ସନ୍ଧ୍ୟା ୬ଟାରୁ ଏସବୁ ବନ୍ଦ ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଗୁରୁବାରଠାରୁ ☞ପୃଷ୍ଠା-୨




## ବିଜେଡିର ୪ ପ୍ରାର୍ଥୀ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

**ରାଜ୍ୟ ସଭା ନିର୍ବାଚନ**

ଭୁବନେଶ୍ୱର,୧୮।୩(ବ୍ୟୁରୋ)

ବିଜୁ ଜନତା ଦଳ(ବିଜେଡି)ର ୪ ଜଣ ପ୍ରାର୍ଥୀ ବୁଧବାର ରାଜ୍ୟ ସଭାକୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ସେମାନେ ହେଲେ ସୁବାସ ଚନ୍ଦ୍ର ସିଂ, ମୁଜିବୁଲ୍ଲା ଖାଁ, ସୁଜିତ କୁମାର ଏବଂ ମମତା ମହାନ୍ତ। ବିଧାନସଭା ସଚିବ ତଥା ରାଜ୍ୟ ସଭା ନିର୍ବାଚନ ରିଟର୍ନିଂ ଅଫିସର ଦାଶରଥି ଶତପଥୀ ଏହି ପ୍ରାର୍ଥୀମାନଙ୍କୁ ନିର୍ବାଚିତ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

ରାସାୟନିକ ରଙ୍ଗ ଓ କୁକୁଡ଼ା ଅଣ୍ଡା

Vencobb Fresh Chicken — Taste the difference!

18.03.2020

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 32 | 70 | 80 |
| CTC | 32 | 70 | 80 |
| DKL | 32 | 70 | 80 |
| BDK | 32 | 70 | 80 |
| BLS | 32 | 70 | 80 |
| ANG | 32 | 70 | 80 |
| BMP | 32 | 70 | 80 |

*Conditions Apply

Issued in the Interest of Consumers

# ଆଜି ଫେରିବ ମହାପ୍ରଭୁଙ୍କ ଟଙ୍କା

ପୁରୀ ଅଫିସ,୧୮।୩

ଘରୋଇ ୟେସ୍ ବ୍ୟାଙ୍କରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କା ଜମା ରଖାଯିବାକୁ ନେଇ ଗତ କିଛିଦିନ ଧରି ଚାଲିଥିବା ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପଡ଼ିବାକୁ ଯାଉଛି। ଗୁରୁବାର ଏହି ଟଙ୍କା ୟେସ୍ ବ୍ୟାଙ୍କରୁ ଉଠାଯାଇ ଜାତୀୟକରଣ ବ୍ୟାଙ୍କରେ ଜମା କରାଯିବ। ଇ-ଟ୍ରାନ୍ସଫର ମାଧ୍ୟମରେ ଏହି ଟଙ୍କା ଉଠାଯିବ ବୋଲି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା କହିଛନ୍ତି।



- ଇ-ଟ୍ରାନ୍ସଫର ମାଧ୍ୟମରେ ଉଠାଯିବ ୫୪୫ କୋଟି ଟଙ୍କା
- ୟେସ୍ ବ୍ୟାଙ୍କରୁ ଉଠାଯାଇ ଜାତୀୟକରଣ ବ୍ୟାଙ୍କରେ ରଖାଯିବ

ବୁଧବାର ଗଣମାଧ୍ୟମକୁ ସୂଚନା ଦେଇ ଉନ୍ନୟନ ପ୍ରଶାସକ ଜେନା କହିଛନ୍ତି, ଗତବର୍ଷ ମାର୍ଚ୍ଚ ୧୯ ଏବଂ ଏହାପରେ ପର୍ଯ୍ୟାୟକ୍ରମେ ୫୪୫ କୋଟି ଟଙ୍କା ୟେସ୍ ବ୍ୟାଙ୍କରେ ଜମା କରାଯାଇଥିଲା। ସେଥିମଧ୍ୟରୁ ଗୁରୁବାର ୩୮୯ କୋଟି ଏବଂ ଆସନ୍ତା ୩୦ ତାରିଖରେ ୧୫୬ କୋଟି ଟଙ୍କା ମାଚ୍ୟୁରିଟି ହେଉଛି। କିନ୍ତୁ ଗୁରୁବାର ସମସ୍ତ ୫୪୫ କୋଟି ଟଙ୍କା ଶ୍ରୀମନ୍ଦିର ଆକାଉଣ୍ଟକୁ ଫେରାଇ ଅଣାଯିବ। ବର୍ତ୍ତମାନ ଶ୍ରୀମନ୍ଦିରର ଆକାଉଣ୍ଟ ଥିବା ଏସ୍‌ବିଆଇ କିମ୍ବା ୟୁକୋ ବ୍ୟାଙ୍କକୁ ଏହି ଟଙ୍କା ଟ୍ରାନ୍ସଫର ହେବ। ପରବର୍ତ୍ତୀ ସମୟରେ କେଉଁ ବ୍ୟାଙ୍କରେ ଏହା ଜମା ରଖାଯିବ ତାହା ନିଷ୍ପତ୍ତି ନିଆଯିବ। ଶ୍ରୀମନ୍ଦିରର ଫାଉଣ୍ଡେଶନ ଫଣ୍ଡ, କର୍ପସ ଫଣ୍ଡ ଏବଂ ଟେମ୍ପୁଲ ଫଣ୍ଡ କେଉଁଠି କିପରି ରହିବ ସେ ନେଇ ପରିଚାଳନା କମିଟି ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଏ ସଂକ୍ରାନ୍ତରେ ସରକାରଙ୍କ ପାଖକୁ ଚିଠି କରାଯାଇଛି। ଅନୁମତି ମିଳିବା ପରେ ଏହି ଟଙ୍କା କେଉଁଠି ଜମା ରଖାଯିବ ତାହା ସ୍ପଷ୍ଟ ହେବ ବୋଲି ଉନ୍ନୟନ ପ୍ରଶାସକ ପ୍ରକାଶ କରିଛନ୍ତି। ମହାପ୍ରଭୁଙ୍କ ଟଙ୍କା କେଉଁ ସବୁ ବ୍ୟାଙ୍କରେ ସୁରକ୍ଷିତ ଭାବେ ରଖାଯାଉଛି ତାହା ଉପରେ ଏବେ ସମସ୍ତଙ୍କ ନଜର।

ଗତ ୫ ତାରିଖରେ ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ (ଆର୍‌ବିଆଇ) ୟେସ୍ ବ୍ୟାଙ୍କ କାରବାର ଉପରେ କଟକଣା ଜାରି କରିଥିଲା। ବ୍ୟାଙ୍କର ଆର୍ଥିକ ସ୍ଥିତି ବିଗିଡ଼ିଥିବାରୁ ଆର୍‌ବିଆଇ ଏଭଳି ପଦକ୍ଷେପ ନେଇଥିଲା। ୟେସ୍ ବ୍ୟାଙ୍କର ଏଭଳି ସ୍ଥିତି ଜଣାପଡ଼ିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୫୪୫ କୋଟି ଟଙ୍କାକୁ ନେଇ ଆଶଙ୍କା ଉପୁଜିଥିଲା। ଏହି ଘରୋଇ ବ୍ୟାଙ୍କରୁ ଏତେଗୁଡ଼ିଏ ଟଙ୍କା କିପରି ଫେରସ୍ତ ଅଣାଯିବ ତାକୁ ନେଇ ସନ୍ଦେହରେ ରହିଥିଲେ ବୁଦ୍ଧିଜୀବୀ, ସେବାୟତ ଏବଂ ଜଗନ୍ନାଥପ୍ରେମୀ। ଯେଉଁମାନେ ଚକ୍ରାନ୍ତ ପୂର୍ବକ ଏତେ ପରିମାଣର ଟଙ୍କା ୟେସ୍ ବ୍ୟାଙ୍କରେ ଜମା ଦେଇଥିଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ବିଭିନ୍ନ ସଙ୍ଗଠନ ଓ ବ୍ୟକ୍ତିବିଶେଷ। ଏନେଇ ରାଜ୍ୟବ୍ୟାପୀ ଆଲୋଡ଼ନ ସୃଷ୍ଟି ହୋଇଥିଲା। ବିଧାନସଭାରେ ମଧ୍ୟ ଏହି ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ଘେରିଥିଲେ ବିରୋଧୀ।

# ଡିଜିପି ଅଭୟଙ୍କ କାର୍ଯ୍ୟକାଳ ବୃଦ୍ଧି

ଭୁବନେଶ୍ୱର,୧୮।୩ (ବ୍ୟୁରୋ)

ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ (ଡିଜିପି) ଅଭୟଙ୍କ କାର୍ଯ୍ୟକାଳକୁ ସରକାର ବୃଦ୍ଧି କରିଛନ୍ତି। ଏନେଇ ରାଜ୍ୟ ଗୃହ ବିଭାଗ ପକ୍ଷରୁ ବୁଧବାର ଏକ ବିଜ୍ଞପ୍ତି ନଂ.୧୩୨୨୯ ପ୍ରକାଶ ପାଇଛି। ୧୯୮୬ ବ୍ୟାଚ୍ ଓଡ଼ିଶା କ୍ୟାଡର ଆଇପିଏସ୍ ଅଫିସର ଅଭୟ ୨୦୧୯ ଡିସେମ୍ବର ୯ରେ ଓଡ଼ିଶାର ନୂଆ ଡିଜିପି ଭାବେ ନିଯୁକ୍ତ ହୋଇଥିଲେ। ୨୦୨୧ ଜୁନ୍ ୩୦ରେ ତାଙ୍କର ଚାକିରି କାର୍ଯ୍ୟକାଳ ଶେଷ ହେବାର ଥିଲା। ତେବେ ପୋଲିସ ମହାନିର୍ଦ୍ଦେଶ ଭାବେ ତାଙ୍କ କାର୍ଯ୍ୟକାଳକୁ ୨ବର୍ଷ କରିବାକୁ ଗୃହ ବିଭାଗ ପକ୍ଷରୁ ଗତ ନଭେମ୍ବର ୨୦ତାରିଖରେ ରାଜ୍ୟ ସରକାରଙ୍କୁ ସୁପାରିସ କରାଯାଇଥିଲା। ଏହାକୁ ବିଚାର କରି ସରକାର ଅଭୟଙ୍କ ଅବସର ସମୟକୁ ୨୦୨୧ ଡିସେମ୍ବର ୩୧ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି।




# କୋଷ୍ଟଗାର୍ଡରେ ସାମିଲ ହେଲା 'ଭରଦ୍'

ପାରାଦୀପ, ୧୮।୩ (ସ୍ୱ.ପ୍ର.)

ଉତ୍ତର-ପୂର୍ବ ଉପକୂଳ ସମୁଦ୍ର ସୀମାରେ ପାଟ୍ରୋଲିଂ ପାଇଁ ବୁଧବାର ଭାରତୀୟ ତଟରକ୍ଷୀ ବାହିନୀ(କୋଷ୍ଟଗାର୍ଡ)ରେ ଅତ୍ୟାଧୁନିକ ଯୁଦ୍ଧଜାହାଜ 'ଭରଦ' ସାମିଲ ହୋଇଛି। ବୁଧବାରଠାରୁ ଏହା ପାରାଦୀପସ୍ଥିତ ଓଡ଼ିଶା କୋଷ୍ଟଗାର୍ଡ ମୁଖ୍ୟାଳୟ-୭ରୁ ପାଟ୍ରୋଲିଂ ଆରମ୍ଭ କରିଛି ବୋଲି କୋଷ୍ଟଗାର୍ଡ ପକ୍ଷରୁ ସୂଚନା ଦିଆଯାଇଛି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ଜାହାଜରେ ୩୦ ଏମ୍.ଏମ୍. ଗନ୍, ୧୨.୭ ଏମ୍.ଏମ୍. ଗନ୍ ସହ ଅନ୍ୟାନ୍ୟ ଯୁଦ୍ଧାସ୍ତ୍ର ରହିଛି। ୯୮ମିଟର ଲମ୍ବ ଓ ୨୧୦୦ ଟନ୍ ବିଶିଷ୍ଟ ଓଜନର ଏହି ଜାହାଜରେ କେତେକ ସ୍ୱୟଂ ସୁବିଧା ରହିଛି। ବର୍ଥରେ ଲାଗିବା ବେଳେ ଏହା ପୋଲ ଭଳି ସ୍ୱୟଂ ଶିଡ଼ି କରିବ ଏବଂ ଏଥିରେ ପ୍ଲାଟଫର୍ମର ସୁବିଧା ମଧ୍ୟ ରହିଛି। ସ୍ୱୟଂ ବିଦ୍ୟୁତ୍ ପ୍ରକ୍ରିୟାକରଣ ବ୍ୟବସ୍ଥା ସହ ଉନ୍ନତମାନର ଅଗ୍ନି ନିର୍ବାପକ ବ୍ୟବସ୍ଥା, ଦୁଇଟି ହେଲିକପ୍ଟର ଉଡ଼ାଣ ଭରିବା ଭଳି ବ୍ୟବସ୍ଥା, ୪ ହାଇସ୍ପିଡ ବୋଟ୍, ଦୁଇଟି ଅଗ୍ନି ନିର୍ବାପକ ଫାଇବର ବୋଟ୍, 'ଲ' ଇନ୍‌ଫୋର୍ସମେଣ୍ଟ, ମେରିଟାଇମ୍ ପାଟ୍ରୋଲିଂ ଅପରେଶନ କାମ ଆଦି କାମ କରିବାର କ୍ଷମତା 'ଭରଦ' ପାଖରେ ରହିଛି। ଏହା ଘଣ୍ଟା ପ୍ରତି ୪୬.୮ କିମି ବା ୨୬ ନଟିକାଲ ମାଇଲ ବେଗରେ ଗତି କରିପାରିବ। ଏହାର ୨ଟି ଡିଜେଲ ଇଞ୍ଜିନ୍ ରହିଛି। ଏକାଥରେ ୫ହଜାର ନଟିକାଲ ମାଇଲ (୯ହଜାର) କିମି ଯାଇପାରିବ। ଏଥିରେ କୋଷ୍ଟଗାର୍ଡ କମାଣ୍ଡାଣ୍ଟ ପିଣ୍ଟୁ ବାଗ୍‌ଙ୍କ ସମେତ ୧୧ ଅଫିସର ଓ ୯୧ ଜଣ ଜବାନ ଅଛନ୍ତି। ଏଲ୍ ଆଣ୍ଡ ଟି କମ୍ପାନୀ ପକ୍ଷରୁ ନିର୍ମିତ ଏହି ଜାହାଜ ଉତ୍ତର-ପୂର୍ବ ମୁଖ୍ୟାଳୟ କଲିକତାଠାରେ ଗତ ଫେବୃୟାରୀ ୨୮ରେ (କମିଶନିଂ) କୋଷ୍ଟଗାର୍ଡରେ ସାମିଲ ହୋଇଥିଲା। ବୁଧବାରଠାରୁ ଏହା ପାରାଦୀପରେ ସେବା ଆରମ୍ଭ କରିଛି। ଏହାକୁ ମିଶାଇ ପୂର୍ବ ଉପକୂଳରେ କୋଷ୍ଟଗାର୍ଡର ୭ଟି ଜାହାଜ ପାଟ୍ରୋଲିଂ ପାଇଁ ନିୟୋଜିତ ହୋଇଛି। ଉପକୂଳ ସୁରକ୍ଷା, ଶତ୍ରୁପକ୍ଷ ମୁକାବିଲା, ବିପର୍ଯ୍ୟୟ ବେଳେ ଉଦ୍ଧାର କାର୍ଯ୍ୟ, ସାମୁଦ୍ରିକ ପ୍ରଦୂଷଣ ରୋକିବା, ପାଣିରେ ତେଲ ଆସ୍ତରଣକୁ ନଷ୍ଟ କରିବା, ସାମୁଦ୍ରିକ ମତ୍ସ୍ୟଜୀବୀଙ୍କୁ ବିପଦ ବେଳେ ରକ୍ଷା କରିବା, ଜଳଯାନରେ ଅଗ୍ନିକାଣ୍ଡ ବେଳେ ଉଦ୍ଧାର କାମ କରିବା ପାଇଁ ପାଟ୍ରୋଲିଂ ଜାହାଜ କାର୍ଯ୍ୟ କରୁଛି।



ପାରାଦୀପ ତଟରେ ଅତ୍ୟାଧୁନିକ ଯୁଦ୍ଧଜାହାଜ 'ଭରଦ'।




# ଆଖି ବୁଜିଲା କଲରାପତରିଆ ବାଘ ସୂରଜ



ବାରଙ୍ଗ,୧୮।୩(ଡି.ଏନ.ଏ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନରେ ଗତ କିଛିଦିନ ହେବ ବନ୍ୟପ୍ରାଣୀଙ୍କ ମୃତ୍ୟୁସଂଖ୍ୟା ବଢ଼ିବାରେ ଲାଗିଛି। ଇତିମଧ୍ୟରେ ନନ୍ଦନକାନନରେ ଅନ୍ୟତମ ଆକର୍ଷଣ ସାଜିଥିବା ୧୬ବର୍ଷୀୟା କଲରାପତରିଆ ବାଘ ସୂରଜ ମଙ୍ଗଳବାର ରାତିରେ ଆଖି ବୁଜିଛି। ଗତ ଦେଢ଼ ମାସହେବ ସେ ଅସୁସ୍ଥ ରହି ନନ୍ଦନକାନନ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସିତ ହେଉଥିଲା। ସ୍ୱାସ୍ଥ୍ୟରେ ତା'ର ଉନ୍ନତି ନ ହେବାରୁ ଓୟୁଏଟିରୁ ଡାକ୍ତରମାନେ ଆସି ସ୍ୱାସ୍ଥ୍ୟାବସ୍ଥା ଅନୁଧ୍ୟାନ କରି ଏଠାକାର ଡାକ୍ତରମାନଙ୍କୁ ପରାମର୍ଶ ଦେଇଥିଲେ। କିନ୍ତୁ ମଙ୍ଗଳବାର ଅପରାହ୍ଣରେ ହଠାତ୍ ସୂରଜର ଅସୁସ୍ଥତା ପରିମାଣ ବଢ଼ିଯାଇଥିଲା। ସଙ୍ଗେ ସଙ୍ଗେ ତାକୁ ସ୍ୱତନ୍ତ୍ର ୱାର୍ଡରେ ରଖି ଚିକିତ୍ସା କରାଯାଇଥିଲେ ମଧ୍ୟ ରାତି ୧୧ଟାରେ ମୃତ୍ୟୁ ଘଟିଥିଲା। ସାଧାରଣତଃ କଲରାପତରିଆ ବାଘମାନେ ୧୨ରୁ ୧୭ବର୍ଷ ବଞ୍ଚୁଥିବାବେଳେ ନନ୍ଦନକାନନରେ ସୂରଜ ୧୬ବର୍ଷ ବଞ୍ଚିପାରିଥିଲା। ରକ୍ତ ସଂକ୍ରମଣ ରୋଗରେ ପୀଡ଼ିତ ହେବା ସହ ତା'ର ଯକୃତ ନଷ୍ଟ ହୋଇଯାଇଥିଲା। ଅଧିକ ଆଭ୍ୟନ୍ତରୀଣ ରକ୍ତସ୍ରାବ ଯୋଗୁ ତାର ମୃତ୍ୟୁ ଘଟିଲା ବୋଲି ପ୍ରାଥମିକ ପର୍ଯ୍ୟାୟରେ ଜଣାପଡିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବାପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ନନ୍ଦନକାନନ ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି। ସୂରଜର ମୃତ୍ୟୁ ପରେ କଲରାପତରିଆ ବାଘସଂଖ୍ୟା ହ୍ରାସପାଇ ୫ରେ ପହଞ୍ଚିଛି। ସେଥିମଧ୍ୟରେ ୩ ଅଣ୍ଡିରା, ୨ ମାଈଥିବା ଜଣାପଡିଛି। ସୂଚନାଯୋଗ୍ୟ, ସୂରଜ ୩/୪ମାସର ହୋଇଥିବାବେଳେ ଭଞ୍ଜନଗରରୁ ଜୁଲାଇ ୨୦୦୪ରେ ନନ୍ଦନକାନନକୁ ଆସିଥିଲା।

# ନନ୍ଦନକାନନକୁ ଆସିଲେ ୬ ନୂଆ ଅତିଥି





ବାରଙ୍ଗ,୧୮।୩(ଡି.ଏନ.ଏ): ଗୋଟିଏପଟେ ନନ୍ଦନକାନନ ମୁଖ୍ୟ ଆକର୍ଷକ କଲରାପତରିଆ ବାଘ ସୂରଜକୁ ହରାଇ ଦୁଃଖରେ ଥିବାବେଳେ ଅନ୍ୟପଟେ ଏକାସଙ୍ଗେ ୬ଟି ନୂଆ ଅତିଥି ଆସି ଖୁସି ଆଣିଦେଇଛି। ପଶୁପକ୍ଷୀ ଅଦଳବଦଳ ପ୍ରକ୍ରିୟାରେ ନନ୍ଦନକାନନକୁ ୪ଟି ଏସୀୟ ଅଣ୍ଡିରା ସିଂହ ସହ ହଳେ କୋକିଶିଆଳି ଆସିଛନ୍ତି। ଏହି ସିଂହ ଆସିବା ପରେ ସିଂହସଫାରିରେ ଛଡ଼ାଯିବାର ଯୋଜନା କରିଛନ୍ତି ନନ୍ଦନକାନନ କର୍ତ୍ତୃପକ୍ଷ। ଏଣିକି ପର୍ଯ୍ୟଟକମାନେ ସିଂହ ସଫାରିରେ ଅଧିକ ସିଂହ ଦେଖିବାର ସୁଯୋଗ ପାଇପାରିବେ। କେନ୍ଦ୍ରୀୟ ଚିଡ଼ିଆଖାନା କର୍ତ୍ତୃପକ୍ଷଙ୍କ ସ୍ୱୀକୃତି ମୁତାବକ ଛତିଶଗଡ଼ ରାଜ୍ୟ ବିଳାସପୁରସ୍ଥିତ କାନନପେଣ୍ଡାରୀ ଚିଡିଆଖାନାରୁ ୪ ଅଣ୍ଡିରା ଏସୀୟ ସିଂହ ଓ ହଳେ କୋକିଶିଆଳି ମଙ୍ଗଳବାର ରାତିରେ ନନ୍ଦନକାନନରେ ଆସି ପହଞ୍ଚିଛନ୍ତି। ଏମାନଙ୍କ ସ୍ୱାସ୍ଥ୍ୟ ଭଲଥିବାବେଳେ କିଛିଦିନ ପାଇଁ ଡାକ୍ତରଙ୍କ ନଜରବନ୍ଦୀରେ ରଖାଯିବ ବୋଲି ଜଣାପଡିଛି। ଏହାଫଳରେ ନନ୍ଦନକାନନରେ ସିଂହ ସଂଖ୍ୟା ବୃଦ୍ଧିପାଇ ୧୫ରେ ପହଞ୍ଚିଛି। ସେଥିମଧ୍ୟରେ ୮ ଅଣ୍ଡିରା, ୭ ମାଈ ଅଛନ୍ତି। ସେହିଭଳି ଭାବେ କୋକିଶିଆଳି ସଂଖ୍ୟା ବୃଦ୍ଧିପାଇ ୫ରେ ପହଞ୍ଚିଛି। ସେଥିମଧ୍ୟରେ ୨ ମାଈ, ୨ ଅଣ୍ଡିରା ଓ ଗୋଟିଏର ଲିଙ୍ଗନିରୂପଣ ହୋଇନାହିଁ ବୋଲି ଉପନିର୍ଦ୍ଦେଶକ ଜୟନ୍ତ କୁମାର ଦାସ କହିଛନ୍ତି।

Job Opportunity
For Well Reputed South based spices company deals in wide range of Spices, Dhoop Agarbatti (Sambrani), Pickles, Pasta, Soyabari
Capable & Experienced M/F for the post of ASM, SO & SR.
Business Opportunity
Interested & Genuine Parties may contact for SS & Distributors.
Sales Office
Mama Pure Spices
MAMAH AGRO INDUSTRIES PVT. LTD.
C 13/18, Anand Cinema Build., Teliabagh, Varanasi-221002 UP
Mob. : 7311187295, 7510099112 | Web. : www.masalabymama.com
email : marketing.masalabymama@gmail.com I masalabymama@gmail.com
Madurai Office : Narayanapuram, Madurai, Tamil Nadu



ତୁମେ ନିଜ ଭିତରେ ପବିତ୍ରତାର ଅଗ୍ନିକୁଣ୍ଡ ଜଳାଇ କାହିଁକି ବୀରତ୍ୱର ସହିତ ତା'ଭିତରେ ପଶି ନିଜକୁ ଶୁଦ୍ଧ କରୁ ନାହଁ ? ତା'ହେଲେ ଏହି ଭୟଙ୍କର ଏବଂ ପ୍ରଚଣ୍ଡ ଧ୍ୱଂସକାରୀ ଶକ୍ତି– ଯାହାକି ସମଗ୍ର ସଭ୍ୟତାକୁ ଅନ୍ଧକାର ମଧ୍ୟରେ ନିଶ୍ଚିହ୍ନ କରିଦେବାକୁ ବସିଛି– ତାହା ଆଉ ତୁମକୁ ଆକ୍ରାନ୍ତ କରିପାରନ୍ତା ନାହିଁ।
–ଶ୍ରୀମା





ପରିବେଶ ପରିଚିନ୍ତା

ମାନେକା ଗାନ୍ଧୀ

# ରାସାୟନିକ ରଙ୍ଗ ଓ କୁକୁଡ଼ା ଅଣ୍ଡା

ବହୁ ବର୍ଷ ଧରି ଆମେ କେତେକ ଜିନିଷକୁ ପସନ୍ଦ କରିବା ଓ ଅନ୍ୟଗୁଡ଼ିକୁ ନାପସନ୍ଦ କରିବାରେ ଅଭ୍ୟସ୍ତ ହୋଇଆସିଛୁ। ବେଳେବେଳେ ଏହି ପସନ୍ଦ ବା ନାପସନ୍ଦ କଥାଟା ଆଧୁନିକତା ଓ ଫ୍ୟାଶନ ନାମରେ ତରଙ୍ଗ ଭଳି ମାଡିଆସେ ଏବଂ କିଛିଦିନ ପରେ ସେଥିରେ ଭଟ୍ଟା ପଡ଼ିଯାଏ। କିନ୍ତୁ ଅନ୍ୟଗୁଡ଼ିକ ଶତାବ୍ଦୀ ଶତାବ୍ଦୀ ଧରି ସ୍ଥାୟୀଭାବେ ଆମ ଭିତରେ ବସାବାନ୍ଧି ରହିଯାଏ। କଳାଠାରୁ ଗୋରା ରଙ୍ଗ ଭଲ ବୋଲି ରହିଥିବା ଆମର ବିଶ୍ୱାସ ସ୍ୱାଧୀନତାର ୭୦ ବର୍ଷ ପରେ ମଧ୍ୟ ବଦଳିନାହିଁ। ଏମିତି ବିଶ୍ୱାସ ଅଣ୍ଡା ସହିତ ବି ଯୋଡି ହୋଇରହିଛି। ଅଣ୍ଡା ଖାଉଥିବା ଅଧିକାଂଶ ବ୍ୟକ୍ତି ବିଶ୍ୱାସ କରିନ୍ତି ଯେ, ଅଣ୍ଡାଟି ଯେତେ ହଳଦିଆ ହେବ ସେତେ ଭଲ। କିନ୍ତୁ ବାସ୍ତବରେ ଯଦି କେଶରର ରଙ୍ଗ ରକ୍ତାଭ ନାରଙ୍ଗୀ ହୋଇଥାଏ, ତେବେ ଏଥିରେ ବେଶି ଭିଟାମିନ୍ ଓ ଓମେଗା–୩ ଏବଂ ସବୁଠୁ କମ୍ କୋଲେଷ୍ଟରଲ ଥାଏ। ଖୋଲା ଜାଗାରେ, ଖରାରେ ବୁଲି କୀଟନାଶକମୁକ୍ତ ଘାସରେ ଥିବା ପୋକଜୋକ ଖାଉଥିବା କୁକୁଡ଼ାର ଅଣ୍ଡା ଯଦି ଆମେ ଖାଉଥାନ୍ତେ ତେବେ ଏହା ସତ ହୋଇଥାନ୍ତା। କିନ୍ତୁ ବହୁ ଦିନରୁ ସେ ସମୟ ଚାଲିଗଲାଣି। ଏବେ ଆପଣ ଯେଉଁ ଅଣ୍ଡା ଖାଉଛନ୍ତି ତାହା କୁକୁଡ଼ା ଫାର୍ମରୁ ଏବଂ କେବେ ବି ସବୁଜ କ୍ଷେତ ଦେଖି ନ ଥିବା କୁକୁଡ଼ାଙ୍କଠାରୁ ଆସୁଛି। ଏକ 'ଫ୍ରି ରେଞ୍ଜ' ଅଣ୍ଡା ବା ଦେଶୀ ଅଣ୍ଡା କହିଲେ ଫାର୍ମର ତାରଜାଲି ମଧ୍ୟରେ ବନ୍ଦୀ କିମ୍ବା ସିମେଣ୍ଟ ଚଟାଣ ଉପରେ ବହୁଳ ସଂଖ୍ୟାରେ ବଢୁଥିବା କୁକୁଡ଼ାଙ୍କ ଅଣ୍ଡାକୁ ବୁଝାଏ ନାହିଁ। କେବଳ ସୂର୍ଯ୍ୟାଲୋକରେ ବୁଲି ପ୍ରାକୃତିକ ଖାଦ୍ୟ ଖାଉଥିବା କୁକୁଡ଼ା ଅଣ୍ଡାର କେଶର ହଳଦିଆ ହୋଇପାରେ। ଶାଗ ତଥା ପଶୁମାନେ ଖାଉଥିବା ଘାସ ଭଳି ଉଚ୍ଚ କାରୋଟିନଏଡ୍‌ଯୁକ୍ତ ଖାଦ୍ୟ କେଶରକୁ ଗାଢ଼ ନାରଙ୍ଗୀ କରେ। ନଚେତ୍ କେଶର ଫିକା ହଳଦିଆ ହୋଇଥାଏ ଏବଂ ଖାଉଟି ବିଶ୍ୱାସ କରେ ଯେ, ସେ ଗୋଟିଏ ଖରାପ ଅଣ୍ଡା ଖାଉଛି। ଏଣୁ ବିଶ୍ୱ ସାରା କୁକୁଡ଼ା ଫାର୍ମଗୁଡ଼ିକ କେଶରର ରଙ୍ଗ ବଢ଼ାଇବା ଲାଗି ରାସାୟନିକ ଦ୍ରବ୍ୟ ବ୍ୟବହାର କରୁଛନ୍ତି। ଚାହୁଁଥିବା ହଳଦିଆ ବା ଗାଢ଼ ନାରଙ୍ଗୀ ରଙ୍ଗ ପାଇବା ପାଇଁ ଏହି କସ୍‌ମେଟିକ ଖାଦ୍ୟ ରଙ୍ଗଗୁଡ଼ିକୁ କୁକୁଡ଼ା ଖାଦ୍ୟରେ ଠିକ୍ ପରିମାଣରେ ମିଶାଇ କୁକୁଡାଙ୍କୁ ଦିଆଯାଏ।

'ଫ୍ରି ରେଞ୍ଜ' ଏବଂ 'ଅର୍ଗାନିକ' କୁକୁଡା ରଙ୍ଗଗୁଡିକ ତୁମ ମନରେ ବିଶ୍ୱାସ ଜନ୍ମାଇବ ଯେ, ଏହା କ୍ୟାପ୍ସିକମ୍, ଗେଣ୍ଡୁଫୁଲ କିମ୍ବା ନାଲି ଶିମ୍‌ଲା ଲଙ୍କାରୁ ପ୍ରସ୍ତୁତ କରାଯାଇଛି। ଟଟକା ମକା ଓ ହଳଦୀ କେଶରକୁ ଅଧିକ ହଳଦିଆ କରିପାରେ। ଗୋଲମରିଚ ଏହାକୁ ବେଶି ଲାଲ୍ କରେ। ସ୍ୱାସ୍ଥ୍ୟ ସମ୍ପର୍କରେ ତଥା କୁକୁଡ଼ା କେଉଁ ପରିସ୍ଥିତିରେ ରହୁଛି ସେ ସମ୍ବନ୍ଧରେ କେଶରର ରଙ୍ଗ ଆମକୁ ସୂଚନା ଦେଇପାରିବ ବୋଲି ଆମେ ବିଶ୍ୱାସ କରୁ। ଗାଢ଼ କମଳା ରଙ୍ଗର କେଶର ଆମକୁ ଜଣାଇଦିଏ ଯେ, କୁକୁଡା ଖୋଲା ଜାଗାରେ ବୁଲି କାରୋଟିନଏଡ୍‌ରେ ଭରପୂର ଘାସ, ପୋକଜୋକ, ମଞ୍ଜି, ପରିବା ଏବଂ ଫୁଲ ଖାଉଛି ଏବଂ ଏଥିପାଇଁ ଗଛର ପ୍ରାକୃତିକ ଉପାଦାନରୁ ଅଧିକ ଭିଟାମିନ ଓ କାରୋଟିନଏଡ୍ ପାଇପାରୁଛି। କିନ୍ତୁ ଏହା ସତ ନୁହେଁ। ପ୍ରାକୃତିକ ରଙ୍ଗ ବଦଳରେ ସେମାନଙ୍କୁ କେମିକାଲ୍ ଖାଇବାକୁ ଦିଆଯାଉଛି। କେଶରର ରଙ୍ଗ ସହ ଅଣ୍ଡାର ଗୁଣବତ୍ତା ଓ ପୌଷ୍ଟିକ ମାନର କୌଣସି ସମ୍ପର୍କ ନାହିଁ। କୁକୁଡ଼ା ଫାର୍ମଗୁଡିକରେ ସମସ୍ତ କୁକୁଡାଙ୍କୁ ମୁଖ୍ୟତଃ ଶସ୍ତା , ପୁଷ୍ଟିହୀନ ଶସ୍ୟ ଖାଇବାକୁ ଦିଆଯାଏ ଏବଂ ଏହା କେଶରର ରଙ୍ଗକୁ ଫିକା ହଳଦିଆ କିମ୍ବା ଧଳା ରଙ୍ଗ କରିଦିଏ।

୬୦ ବର୍ଷ ତଳୁ କୁକୁଡା ଫାର୍ମ ମାଲିକମାନେ ଅଣ୍ଡା କେଶରର ରଙ୍ଗକୁ ନିୟନ୍ତ୍ରଣ କରିବାର ପଦ୍ଧତି ଆବିଷ୍କାର କରିଥିଲେ। ଖାଦ୍ୟରେ ଗାଜର ଏବଂ ସ୍କ୍ୱାସ୍ ଭଳି ହଳଦିଆ ପରିବା ଦେଇ କାରୋଟିନଏଡ ଏବଂ ଜାନ୍ଥୋଫିଲ୍ସ ବୃଦ୍ଧି କରି କେଶରର ରଙ୍ଗ ଗାଢ଼ ଓ ଅଧିକ ପୌଷ୍ଟିକ କରୁଥିଲେ। ଏହାଦ୍ୱାରା ଉଭୟ କୁକୁଡ଼ା ଓ ଅଣ୍ଡାକୁ ଲାଭ ହୋଇଥାଏ। କିନ୍ତୁ କୁକୁଡ଼ା ଫାର୍ମ ଶସ୍ତାରେ ଅଣ୍ଡା ବିକ୍ରି କରିବା ପାଇଁ ଚାହୁଁଥିବାବେଳେ ପ୍ରାକୃତିକ ଖାଦ୍ୟର ଦାମ୍ ଅଧିକ ହୋଇଯାଏ। ଏଣୁ ସେମାନେ ରାସାୟନିକ ରଙ୍ଗ ବ୍ୟବହାର କରନ୍ତି। ଏହାର ଦୁଇଟି କାରଣ ରହିଛି। ସେମାନେ ରୁଗ୍‌ଣ, ପୁଷ୍ଟିହୀନ କୁକୁଡାକୁ ଶୀଘ୍ର ମୋଟା ବା ଓଜନିଆ କରିବାକୁ ଅନୁପଯୁକ୍ତ ଶସ୍ୟ ଏବଂ ଅଣ୍ଡାର କେଶରକୁ ଅଧିକ ହଳଦିଆ କରିବାକୁ ରାସାୟନିକ ପଦାର୍ଥ ଖାଦ୍ୟ ଭାବେ ଦେଇଥାନ୍ତି। କାରଣ ଲୋକମାନେ ବେଳେବେଳେ ଫିକା ହଳଦିଆ ରଙ୍ଗବିଶିଷ୍ଟ କୁକୁଡ଼ା ଅଣ୍ଡା କିଣିବାକୁ ମନା କରିଦିଅନ୍ତି।

ନେଟ୍‌ରେ ଏବେ ନକଲି ଖାଦ୍ୟରଙ୍ଗର ହଜାର ହଜାର ବିକ୍ରେତା ଅଛନ୍ତି। କେତେକ ଗେଣ୍ଡୁଫୁଲ ନିର୍ଯ୍ୟାସ ତରଳ ଓ ଗୁଣ୍ଡ ଆକାରରେ ବିକ୍ରି କରିଥାନ୍ତି। ଏଭଳି ବିକ୍ରେତାଙ୍କ ତାଲିକାରେ ଭାରତ ସବୁଠୁ ଆଗରେ। ଅଧିକାଂଶ ଶସ୍ତା ଓ ସିନ୍ଥେଟିକ କାର୍ଟୋନଏଡ୍ ଡାଇ ଚାଇନାରେ ତିଆରି କରାଯାଇଥାଏ। ବୈଜ୍ଞାନିକମାନେ ୧୬ଟି ରଙ୍ଗକୁ ସୁରକ୍ଷିତ ବୋଲି କହିଛନ୍ତି, ଯେଉଁଥିରେ ରହିଛି ଫିକା ହଳଦିଆଠାରୁ ଆରମ୍ଭ କରି ଗାଢ କମଳା ରଙ୍ଗ ପର୍ଯ୍ୟନ୍ତ। ଖାଉଟିଙ୍କ ଚାହିଦାକୁ ଲକ୍ଷ୍ୟ କରି ସେମାନେ ବିଭିନ୍ନ ଦେଶରେ ଏଗୁଡିକୁ ବିକ୍ରି କରୁଛନ୍ତି।

ବଜାରରେ ଶହ ଶହ ରାସାୟନିକ ରଙ୍ଗ ମିଳୁଛି। ଏହାର ସବୁଠୁ ବଡ ବିକ୍ରେତା ହେଉଛି ବିଏଏସ୍‌ଏଫ୍। କୁକୁଡା ନିଜେ କାରୋଟିନଏଡ୍ ସୃଷ୍ଟି କରିପାରୁ ନ ଥିବାରୁ ଏହା ସେମାନଙ୍କୁ ଖାଇବାକୁ ଦିଆଯାଉଛି ବୋଲି କୁହାଯାଉଛି। କେମିକାଲଗୁଡିକୁ ଉପଯୋଗ କରିବା ଖରାପ, କିନ୍ତୁ ନିଷିଦ୍ଧ କେମିକାଲ ବ୍ୟବହାର କରିବା ସବୁଠୁ ବିପଜ୍ଜନକ। ଆଜୋ ଡାଇ ଶ୍ରେଣୀର ଅରେଞ୍ଜ–୨ କିମ୍ବା ଏସିଡ୍ ଅରେଞ୍ଜ–୭ ଡାଇ ବ୍ୟବହାର ଉପରେ କଟକଣା ଲଗାଯାଇଛି। ଏହି ଆଜୋ ଡାଇ କ୍ୟାନ୍‌ସରର କାରଣ ପାଲଟେ। ଖାଦ୍ୟରେ ଆଜୋ ଡାଇର ଉପଯୋଗ ସମ୍ପୂର୍ଣ୍ଣ ନିଷିଦ୍ଧ ହୋଇଥିଲେ ବି ଏବେ ଅନେକ ଦେଶ ଖାଦ୍ୟ ଉତ୍ପାଦରେ ଏହାକୁ ବ୍ୟବହାର କରୁଛନ୍ତି। ଭାରତରେ ଖୋଲାଖୋଲି ଭାବେ ଏହା ବ୍ୟବହାର କରାଯାଉଛି। ଅରେଞ୍ଜ–୨ କାଳି, ପେପର୍, ପେଣ୍ଟ୍ କୋଟିଂ ଏବଂ ପ୍ଲାଷ୍ଟିକ୍‌ରେ ବ୍ୟବହାର କରାଯାଏ। ଏହି କେମିକାଲ ଶସ୍ତା ଓ ସୁବିଧାରେ ମିଳୁଥିବାରୁ ଏବଂ ଅଣ୍ଡା ଓ କୁକୁଡାର ରଙ୍ଗ ଗାଢ ହଳଦିଆ କିମ୍ବା କମଳା କରୁଥିବା ଯୋଗୁ ଏହାକୁ ଚାଇନା ସମେତ ପୂରା ଉପମହାଦେଶରେ କୁକୁଡ଼ା ଫାର୍ମ ମାଲିକମାନେ ଦାୟିତ୍ୱହୀନ ଭାବେ ବ୍ୟବହାର କରୁଛନ୍ତି। ଗବେଷଣାରୁ ଜଣାପଡିଛି ଯେ, ପ୍ରାକୃତିକ ଲୁଟିନ ରଙ୍ଗର ସବୁଠୁ ଭଲ ପ୍ରଭାବ ରହିଛି। କିନ୍ତୁ ଏହାର ଦାମ୍ ଅଧିକ। ଲ୍ୟୁଟିନର କୁକୁଡା ଉପରେ କୌଣସି ନକାରାତ୍ମକ ପ୍ରଭାବ ନ ଥିବାବେଳେ ଅରେଞ୍ଜ–୨ କୁକୁଡ଼ାଙ୍କଠାରେ ବ୍ରେଷ୍ଟ ମସ୍‌ଲ ଫାଇବ୍ରୋସିସ୍ ସୃଷ୍ଟି କରେ। ଏହି ରୋଗ ପକ୍ଷୀମାନଙ୍କ ପାଇଁ କେବଳ ଯନ୍ତ୍ରଣାଦାୟକ ନୁହେଁ ବରଂ ମାଂସକୁ କଠାଳିଆ କରିଦିଏ। କାନ୍ଥାକ୍ସାନ୍ଥିନ ହେଉଛି ଦ୍ୱିତୀୟ ବିକଳ୍ପ। ତାହା ମଧ୍ୟ କୁକୁଡାଠାରେ ଫାଇବ୍ରୋସିସ୍‌ର କାରଣ ହୋଇଥାଏ, କିନ୍ତୁ ଏହାର ପ୍ରକୋପ କମ୍ ରହେ। ତେବେ ଅନୁମୋଦିତ ରଙ୍ଗଗୁଡ଼ିକର ପ୍ରଭାବ ସମ୍ବନ୍ଧରେ ଜାଣିବା ଲାଗି ଅଧିକ ଗବେଷଣାର ଆବଶ୍ୟକତା ଅଛି ବୋଲି ଏକ ଅନୁଧ୍ୟାନ ପରେ ସୁପାରିସ କରାଯାଇଛି।

ଏହି ରଙ୍ଗକାରକ ପଦାର୍ଥଗୁଡ଼ିକ ପ୍ରକୃତରେ କ'ଣ କରେ? ଏହା କୁକୁଡା ଫାର୍ମ ମାଲିକମାନଙ୍କୁ କୁକୁଡାଙ୍କୁ ଖରାପ ଖାଦ୍ୟ ଖାଇବାକୁ ଦେବା ଲାଗି ସୁଯୋଗ ଦିଏ। ଏହା ପୁଷ୍ଟିହୀନ କୁକୁଡ଼ାଙ୍କୁ କୃତ୍ରିମ ଉପାୟରେ ମୋଟା କରିବା ଏବଂ ସେମାନଙ୍କ ଚମଡା ଓ ଅଣ୍ଡାକୁ ରଙ୍ଗିନ କରି ସ୍ୱାସ୍ଥ୍ୟକର ବୋଲି ପ୍ରଦର୍ଶିତ କରିବାରେ ସାହାଯ୍ୟ କରେ। ପ୍ରକୃତରେ ଯଦି କୁକୁଡାଗୁଡିକ ଖୋଲା ଜାଗାରେ ବିଚରଣ କରି ଖାଦ୍ୟ ସଂଗ୍ରହ କରନ୍ତେ ତେବେ ଅଧିକ ପୁଷ୍ଟିକର ଖାଦ୍ୟ ପାଇପାରନ୍ତେ। କିନ୍ତୁ ଆପଣ ଯେତେବେଳେ ତଥାକଥିତ ଗାଢ ହଳଦିଆ କେଶର ଯୁକ୍ତ ଅଣ୍ଡା ଖାଉଛନ୍ତି ସେତେବେଳେ ନିଶ୍ଚୟ ଜାଣିବେ ଯେ ଆପଣ ହୁଏତ କ୍ୟାନ୍‌ସର ଆଡ଼କୁ ଗତି କରୁଛନ୍ତି।

Email: gandhim@nic.in

# ପରୀକ୍ଷାକବଳିତ ଶିକ୍ଷା



ଡ. ସୁବାସ ଚନ୍ଦ୍ର ପାତ୍ର

ପ୍ରଖ୍ୟାତ ଦିବଂଗତ ନାଟ୍ୟକାର ପ୍ରମୋଦ ତ୍ରିପାଠୀଙ୍କ ନାଟକ 'ଶଁବାଲୁଆ'ରେ ଜଣେ ସ୍କୁଲ ଶିକ୍ଷକ ପ୍ରଧାନ ଶିକ୍ଷକଙ୍କୁ ପ୍ରଦାନ କରିଥିବା ଛୁଟି ଦରଖାସ୍ତରେ ଛୁଟିର କାରଣ ସ୍ୱରୂପ ଲେଖିଥିଲେ– ମୋ ସ୍ତ୍ରୀକୁ ଅପହରଣ କରାଯାଇଛି। ଦରଖାସ୍ତର ସ୍ୱରରେ ସ୍ୱର ମିଳାଇ ପ୍ରଧାନ ଶିକ୍ଷକ ପଚାରିଥିଲେ ତୁମ ସ୍ତ୍ରୀ କ'ଣ ଉଡ଼ାଜାହାଜ କି ତାଙ୍କୁ ହାଇଜାକ୍ କରାଯାଇଛି ?

ବର୍ତ୍ତମାନ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ପରୀକ୍ଷା ହାଇଜାକ୍ କରିନେଇଛି। ଅର୍ଥାତ୍ ପରୀକ୍ଷା କବଳରେ 'ଶିକ୍ଷା ବ୍ୟବସ୍ଥା'। ରାତିଦିନ ସେହି ଗୋଟିଏ କଥା। ଠିକ୍ ସମୟରେ କିପରି ପରୀକ୍ଷା ହେବ, ଫଳ ବାହାରିବ। ନିକଟରେ କୁଳପତି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ମଧ୍ୟ ସେ କଥା ପୁନରାବୃତ୍ତି କରି ପାଦେ ଆଗେଇ କହିଲେ, ଆଗାମୀ ବର୍ଷ ପରୀକ୍ଷା କରିବା ଓ ଫଳ ବାହାରିବାକୁ ନେଇ କୌଣସି ବିଳମ୍ବକୁ ବରଦାସ୍ତ କରାଯିବ ନାହିଁ।

କୌଣସି ଶିକ୍ଷା ବ୍ୟବସ୍ଥାରେ ପରୀକ୍ଷା ହେଉଛି ଶେଷ ପାହାଚ। ପ୍ରଥମେ ଶିକ୍ଷାନୀତି, ତା'ପରେ ସିଲାବସ, ତହିଁ ସନ୍ନିବେଶିତ ପାଠ୍ୟକ୍ରମକୁ ରୂପାୟିତ କରିବା ପାଇଁ ପାଠ୍ୟପୁସ୍ତକ, ତାକୁ ନିର୍ଦ୍ଦିଷ୍ଟ ପ୍ରଣାଳୀରେ ପଢ଼ାଇବା ପାଇଁ ଶିକ୍ଷକ ନିୟୋଜନ, ପାଠ କେମିତି ପଢ଼ାହେଲା, ଛାତ୍ରୀଛାତ୍ରମାନେ ତାକୁ କେତେ ଆତ୍ମସ୍ଥ କରି ଶ୍ରେଣୀଭିତ୍ତିକ ଦକ୍ଷତା ହାସଲ କଲେ ତାକୁ ଜାଣିବା ପାଇଁ ପରୀକ୍ଷା ଏବଂ ସର୍ବସାଧାରଣଙ୍କୁ ଏ ସବୁର ସଫଳତା ଜଣାଇବା ପାଇଁ ପରୀକ୍ଷା ଫଳ ପ୍ରକାଶନ। ଦୁଃଖର କଥା ଓଡ଼ିଶାରେ ସବାଶେଷ ପାହାଚକୁ ଗୁରୁତ୍ୱ ପ୍ରଦାନ କରାଯାଉଛି। ଅର୍ଥାତ୍ ଘୋଡ଼ା ଆଗରେ ଘୋଡ଼ାଗାଡ଼ି ଥୋଇବା ଭଳି କାମ।

ଶିକ୍ଷା ବ୍ୟବସ୍ଥା ଯେତେବେଳେ ପରୀକ୍ଷାସର୍ବସ୍ୱ ହୋଇଯାଏ ସେତେବେଳେ ଶିକ୍ଷାଦାନ, ଶିକ୍ଷାଗ୍ରହଣ, ଛାତ୍ରୀଛାତ୍ରଙ୍କ ଶ୍ରେଣୀଭିତ୍ତିକ ଦକ୍ଷତା ମାପ, ପାଠ୍ୟପୁସ୍ତକର ଗୁଣବତ୍ତା, ଶିକ୍ଷାଦାନ ପ୍ରଣାଳୀ– ଏ ସବୁ ବିଚାର ଗୌଣ ହୋଇପଡ଼େ। ଉଲ୍ଲେଖଯୋଗ୍ୟ, ଓଡ଼ିଶାର ସବୁ ସ୍ତରରେ ଛାତ୍ରୀଛାତ୍ରଙ୍କର ପ୍ରତ୍ୟାଶିତ ଦକ୍ଷତା ଓ ପ୍ରକୃତ ଦକ୍ଷତା ମଧ୍ୟରେ ଆକାଶ ପାତାଳ ଫରକ। ଅଷ୍ଟମ ଶ୍ରେଣୀ ପିଲାଙ୍କର ପଞ୍ଚମ ଶ୍ରେଣୀର ଦକ୍ଷତା ନ ଥିଲା ବେଳେ କଲେଜରେ ପଢୁଥିବା ଅନେକ ପିଲାଙ୍କର ନବମ ବା ଦଶମ ଶ୍ରେଣୀର ଦକ୍ଷତା ନାହିଁ।

ତେବେ ସରକାର କ'ଣ ଏ କଥା ଜାଣନ୍ତି ନାହିଁ? ବରଂ ସରକାର ଏ କଥା ଭଲକରି ଜାଣି ସର୍ବସାଧାରଣଙ୍କ ଧ୍ୟାନବିଚ୍ୟୁତ କରିବାକୁ ଆପାତ ଦୃଷ୍ଟିରୁ ଗମ୍ଭୀର ଲାଗୁଥିବା ଏକ ପ୍ରସଙ୍ଗ ନେଇ କେତେ ଚିନ୍ତାମଗ୍ନ ତାହା ପ୍ରକାଶ କରିବାକୁ ଚେଷ୍ଟା କରନ୍ତି। ଆଗରୁ ପରୀକ୍ଷା ଏକ ଋତୁକାଳୀନ ବିଷୟ ଥିଲା। ଅର୍ଥାତ୍ ମାର୍ଚ୍ଚ/ଏପ୍ରିଲ ଆସିଲେ ପରୀକ୍ଷା ଆସିଲା ବୋଲି ଜଣାପଡ଼େ ଏବଂ ତାହା ମୂଳତଃ ଏକ ଶୈକ୍ଷିକ ବିଷୟ ଥିଲା। ଶିକ୍ଷାନୁଷ୍ଠାନ, ପରୀକ୍ଷା ପରିଚାଳନା କର୍ତ୍ତୃପକ୍ଷ, ଛାତ୍ରୀଛାତ୍ର, ଅଭିଭାବକମାନଙ୍କର ଏଥିରେ ସମ୍ପୃକ୍ତି ଥିଲା। ସରକାର ଏଥିପାଇଁ ବ୍ୟସ୍ତ ନ ଥିଲେ। ବିଶେଷତଃ ବିଶ୍ୱବିଦ୍ୟାଳୟସ୍ତରୀୟ ପରୀକ୍ଷା କେବେ ହେଉଥିଲା ସେ ଖବର ସରକାରଙ୍କ ପାଖରେ ନଥାଏ। ଏବେ ପରୀକ୍ଷା ଏକ 'ମହାଜାଗତିକ ଘଟଣା', ଯାହାର କିଛି ଋତୁ ନାହିଁ। ଆଡମିଶନ ସରୁ ନ ସରୁଣୁ ଆରମ୍ଭ ହୋଇଯାଏ ଚର୍ଚ୍ଚା। ପରୀକ୍ଷା କେନ୍ଦ୍ର କେଉଁଠି ହେବ, ସେଠି ସିସିଟିଭି ଲାଗିଛି କି ନାହିଁ ତା'ର ତଦାରଖ, ପ୍ରଶ୍ନପତ୍ର କେଉଁ ପ୍ରକାରେ ପ୍ରେରଣ କରାଯିବ, ଜିଲା ପ୍ରଶାସନ କେଉଁ କେଉଁ ସ୍ତରରେ ନିୟୋଜିତ ହେବେ ଏବଂ ଶେଷରେ ବିଭାଗୀୟ ସଚିବ ନୁହେଁ ସ୍ୱୟଂ ମୁଖ୍ୟ ସଚିବ ରାଜଧାନୀରେ ବୈଠକ କରି ଯୁଦ୍ଧ ମୁକାବିଲା କଲାଭଳି ତାଙ୍କର ସମସ୍ତ ସୈନ୍ୟବାହିନୀକୁ ମୁତୟନ କରିବାକୁ ସିଦ୍ଧାନ୍ତ ନିଅନ୍ତି। ଯେଉଁ ପ୍ରକାର ତତ୍ପରତା ପ୍ରକାଶ କରାଯାଏ ସେଥିରୁ ପ୍ରତୀୟମାନ ହୁଏ, ପାଠପଢ଼ା ନୁହେଁ ପରୀକ୍ଷା ସୁପରିଚାଳନା ଉପରେ ଏ ପ୍ରଦେଶର ଭାଗ୍ୟ ନିର୍ଭର କରେ। ଏହି ତଥାକଥିତ 'ସୁପରିଚାଳନା'ର ନିର୍ଯ୍ୟାସ କ'ଣ ? କିଛି ସକାରାତ୍ମକ, ଗଠନମୂଳକ କାମ କରିବା ନୁହେଁ ବରଂ କିଛି ଅନୈତିକ କାର୍ଯ୍ୟ ଯଥା ପ୍ରଶ୍ନପତ୍ର ଭାଇରାଲ ଓ କପି ରୋକିବା। ଅର୍ଥାତ୍ ଏବେ ଶିକ୍ଷା କହିଲେ ପାଠପଢ଼ା ନୁହେଁ, ପ୍ରଶ୍ନପତ୍ର ଭାଇରାଲ ହେବା ବା କପିକୁ ରୋକିବା।

କପିକରିବାର ପ୍ରବଣତା ଏବଂ ତାକୁ ରୋକିବାର ତତ୍ପରତା ପରୋକ୍ଷରେ ସୂଚାଏ ଶିକ୍ଷାଦାନ ଠିକ୍ ଚାଲୁନାହିଁ। ଭିତରେ କିଛି ନାହିଁ ବୋଲି ବାହାରେ କୋଳାହଳ। ଏହାହିଁ ଶିକ୍ଷାର ବାହ୍ୟକରଣ। ଅର୍ଥାତ୍ ଶ୍ରେଣୀ ବାହାରେ ବା ସ୍କୁଲ ବାହାରେ କ'ଣ ଘଟୁଛି ସେଥିକି ସମସ୍ତଙ୍କ ନଜର। କିନ୍ତୁ ଶ୍ରେଣୀକକ୍ଷର ଚାରିକାନ୍ଥ ଭିତରେ ପିଲାଏ କ'ଣ ପଢୁଛନ୍ତି, ଶିକ୍ଷକ କ'ଣ ପଢ଼ାଉଛନ୍ତି, ପିଲାମାନଙ୍କର ଆନୁଷ୍ଠାନିକ ଶ୍ରେଣୀଭିତ୍ତିକ ଦକ୍ଷତା ଅଛି କି ନାହିଁ, ପାଠ୍ୟପୁସ୍ତକଗୁଡ଼ିକ ଶ୍ରେଣୀ ଉପଯୋଗୀ କି ନୁହେଁ, ଶିକ୍ଷାଦାନ ପ୍ରଣାଳୀ ଓ ପାଠ୍ୟପୁସ୍ତକ ପିଲାମାନଙ୍କୁ ସ୍ୱାଧୀନ ଓ ସୃଜନଶୀଳ କରୁଛି ନା ଟ୍ୟୁଶନ–ନିର୍ଭରଶୀଳ କରୁଛି ତା'ର ଅନୁଶୀଳନ କରିବାକୁ କେହି ନାହାନ୍ତି। ଯେତିକି ମାନବସମ୍ବଳ, ଶକ୍ତି, ଅର୍ଥ, ଧ୍ୟାନ ପରୀକ୍ଷାରେ ଘଟୁଥିବା ଅନୈତିକ କାର୍ଯ୍ୟକୁ ବନ୍ଦକରିବା ପାଇଁ ନିୟୋଜିତ ହୁଏ ତାହା ଯଦି ଆରମ୍ଭରୁ ସକାରାତ୍ମକ ଭାବରେ ଶିକ୍ଷାର ବିଭିନ୍ନ ଦିଗକୁ ଏକାଡେମିକ ଅଡିଟ୍ ମାଧ୍ୟମରେ ଉପଯୋଗ କରାଯାନ୍ତା, ହୁଏ ତ ତାହା ଶିକ୍ଷାକୁ ନୂତନ ଦିଗ୍‌ଦର୍ଶନ ପ୍ରଦାନ କରନ୍ତା।

ଜେଲରୋଡ଼, ବାଲେଶ୍ୱର, ମୋ:୯୪୩୭୩୭୬୨୧୯

## ଏଇ ଭାରତରେ

ବିନା ମାଟିରେ ଚାଷ ହେବା କଥା ଶୁଣିଛନ୍ତି କି? ଯଦି ନା, ତେବେ ଦିଲ୍ଲୀର ଯଶ୍ ବ୍ୟାସଙ୍କଠାରୁ ଶିଖନ୍ତୁ। ରାସାୟନିକ ସାର ତଥା କୀଟନାଶକ ବ୍ୟବହାର ନ କରି କେବଳ ପାଣିରେ ସ୍ମାର୍ଟ ବଗିଚାରେ ସେ ଚାଷ ଆରମ୍ଭ କରିଛନ୍ତି। ବ୍ୟସ୍ତଜୀବନରେ କମ୍ ସମୟ ଓ କମ୍ ଜାଗାରେ ବିନା ମାଟିରେ କିପରି ଘରେ ଚାଷ କରାଯାଇପାରିବ ସେଥିଲାଗି ପ୍ରୟାସ ଜାରି ରଖିଛନ୍ତି ଯଶ୍। ଏବେ ଦିଲ୍ଲୀରେ ଲୋକମାନେ ଏହାକୁ ଆପଣାଇବାରେ ଲାଗିଛନ୍ତି। ଏହି ଉପାୟରେ ଘରେ ଶାଗ ଓ ପରିବା ଚାଷ କରାଯାଉଛି। କେତେକ ଔଷଧୀୟ ତଥା ଅର୍ଥକରୀ ଗଛ ବି ଲଗାଯାଇପାରୁଛି ଏହି ପ୍ରଣାଳୀରେ। ପାରମ୍ପରିକ ଉପାୟରେ ଚାଷକରିବା ଲାଗି ଯେତିକି ପାଣି ଲାଗେ ତାହା ଅପେକ୍ଷା ଏଥିରେ ୯୦ ପ୍ରତିଶତ କମ୍ ପାଣି ଲାଗୁଛି। ୨୦୧୮ରେ 'ଆର୍ଗୋ–୨୦' ନାମକ ଷ୍ଟାର୍ଟଅପ୍ ମାଧ୍ୟମରେ ସେ ଏହି ଚାଷକୁ ଲୋକାଭିମୁଖୀ କରିବାରେ ଲାଗିଛନ୍ତି। ଏଭଳି ଚାଷ ଲାଗି ସେ ଲୋକମାନଙ୍କୁ ଅକ୍‌ଟ୍ୟୁଏଟର, ମାଇକ୍ରୋ କଣ୍ଟ୍ରୋଲର ଏବଂ ସେନ୍‌ସର ଆଦି ଉପକରଣ ଯୋଗାଇ ଦେଉଛନ୍ତି। କେମିତି ଚାଷ କରାଯିବ, କେତେ ପାଣି ଓ ଆଲୋକ ଆବଶ୍ୟକ ତଥା କି ପ୍ରକାର ପୋଷକତତ୍ତ୍ୱ ଦରକାର ସେ ସମ୍ପର୍କରେ ଲୋକମାନଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଏହି ସବୁ ଆବଶ୍ୟକତା ସମ୍ପର୍କରେ ମୋବାଇଲ ଆପ୍ ମାଧ୍ୟମରେ ବି ଜାଣିପାରୁଛନ୍ତି ଗୃହକର୍ତ୍ତା। ଘର ବାହାରେ ଥିଲେ ବି ଚାଷ ସମ୍ପର୍କରେ ଜାଣିବାକୁ କୌଣସି ସମସ୍ୟା ରହୁନାହିଁ ବୋଲି କହିଛନ୍ତି ଆର୍ଗୋ–୨୦ର କାର୍ଯ୍ୟନିର୍ବାହୀ ବ୍ୟାସ। ଏହି ପଦ୍ଧତିରେ ଦୁଇ ପ୍ରକାର ସ୍ମାର୍ଟ ବଗିଚା କରାଯାଉଛି। ଗୋଟିଏ ପ୍ରକାର ଛୋଟ ବଗିଚାରେ ଏକାଥରକେ ୪ଟି ଓ ଆଉ ଗୋଟିକରେ ଏକାଥରକେ ୧୨ଟି ଗଛ ଲଗାଯାଇ ପାରୁଛି। ସେ ଦୁବାଇରେ ଚାକିରି ସମୟରେ ସେଠାରେ ରହୁଥିବା ଘରେ ପ୍ରଥମେ ଏହି ଚାଷ ଆରମ୍ଭ କରିବା ପରେ ସଫଳତା ପାଇଥିଲେ। ପରେ ସେ ଭାରତ ଫେରି ଆର୍ଗୋ–୨୦ ମାଧ୍ୟମରେ ଲୋକମାନଙ୍କୁ ସାମିଲ କରିବାରେ ଲାଗିଛନ୍ତି। ବର୍ତ୍ତମାନ ଅନ୍ୟ ସହରର ଲୋକମାନେ ତାଙ୍କଠାରୁ ଏହି ଚାଷ ସମ୍ପର୍କିତ ଜ୍ଞାନକୌଶଳ ଓ ଉପକରଣ ନେବା ଲାଗି ଅର୍ଡର କରୁଛନ୍ତି।

# କରୋନା ସଂକ୍ରମଣ ଓ ସହରାଞ୍ଚଳ ପରିଚାଳନା




ଅମିତାଭ କାନ୍ତ ରିଚା ରଶ୍ମି

ନୋଭେଲ କରୋନା ଭାଇରସ୍ (କୋଭିଡ–୧୯) ସଂକ୍ରମଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ଏବେ ଏହା ବିଶ୍ୱର ୧୦୦ରୁ ଅଧିକ ରାଷ୍ଟ୍ରକୁ ପ୍ରଭାବିତ କରିସାରିଲାଣି। ଏହି ମହାମାରୀର ମୂଳୋତ୍ପାଟନ ନିମନ୍ତେ ସହରାଞ୍ଚଳରେ ବସବାସ କରୁଥିବା ଲୋକମାନେ ସଚେତନ ହେବା ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ। ଏହାର ପ୍ରତିଷେଧକ ଏବଂ ଉପଯୁକ୍ତ ଚିକିତ୍ସା ଉପାୟ ସୁନିଶ୍ଚିତ କରାଯିବା ଜରୁରୀ। ସୁଦୃଢ଼ ସହର ପରିଚାଳନା ଦ୍ୱାରା ଭାରତ ଏହି ରୋଗ ବିରୋଧରେ ଲଢ଼ିବା ଲାଗି ଅଗ୍ରଣୀ ଭୂମିକା ଗ୍ରହଣ କରିପାରିବ।

ସହରୀ ଯୋଜନା ଏବଂ ମହାମାରୀ ମଧ୍ୟରେ ଥିବା ସମ୍ପର୍କର ପ୍ରମାଣ ଇତିହାସରୁ ମିଳିଥାଏ। ଊନବିଂଶ ଶତାବ୍ଦୀର ମଧ୍ୟଭାଗରେ ବିଶ୍ୱର କେତେକ ଆଧୁନିକ ନଗର ବ୍ୟବସ୍ଥାରେ ଜଳଯୋଗାଣ ଓ ସ୍ୱଚ୍ଛତା ଉପରେ ଆଧାରିତ ସମ୍ବଳ ବିକଶିତ କରାଯାଇଥିଲା, ଯଦ୍ୱାରା ମ୍ୟାଲେରିଆ ଓ ହଇଜା ଭଳି ମହାମାରୀର ସଫଳ ମୁକାବିଲା କରାଯାଇପାରିଥିଲା। ସେହିପରି ବିଂଶ ଶତାବ୍ଦୀରେ ସ୍ୱାନିସ ଫ୍ଲୁ'ର ମୁକାବିଲା ନିମନ୍ତେ ସହରାଞ୍ଚଳ ଆଧାରିତ ପ୍ରଶାସନିକ ଭିତ୍ତିଭୂମି ଓ ସଂସ୍ଥାଗତ ରୂପରେଖ ପ୍ରସ୍ତୁତ କରାଯାଇଥିଲା। ସ୍ୱାନିସ ଫ୍ଲୁ ମହାମାରୀରେ ସମଗ୍ର ବିଶ୍ୱରେ ପ୍ରାୟ ୫ କୋଟି ଲୋକ ମୃତ୍ୟୁମୁଖରେ ପଡ଼ିଥିଲେ।

ବର୍ତ୍ତମାନର ଦୁନିଆ ପୂର୍ବାପେକ୍ଷା ଭିନ୍ନ। ଏବେ ଆଧୁନିକ ଚିକିତ୍ସା ବିଜ୍ଞାନର ଢେର ପ୍ରଗତି ଘଟିଛି। ତେଣୁ କୋଭିଡ–୧୯ ମହାମାରୀର ସାମ୍ନା କରିବା ଲାଗି ଡିଜିଟାଲ ସମ୍ବଳର ଉପଯୋଗ କରାଯାଇପାରିବ। ବିଶ୍ୱ ଜନସଂଖ୍ୟାରେ ଇତିମଧ୍ୟରେ ପ୍ରାୟ ୪ଗୁଣ ବୃଦ୍ଧି ଘଟିଛି। ସେଥିମଧ୍ୟରୁ ପ୍ରାୟ ଅର୍ଦ୍ଧେକ ଲୋକ ସହରାଞ୍ଚଳରେ ବାସ କରୁଛନ୍ତି। ଜଗତୀକରଣ କାରଣରୁ ବିଭିନ୍ନ ରାଷ୍ଟ୍ରର ଅର୍ଥବ୍ୟବସ୍ଥା ପରସ୍ପର ସହ ଜଡ଼ିତ। ଦିନକୁ ଦିନ ଦେଖାଯାଉଥିବା ନୂଆ ନୂଆ ସଂକ୍ରାମକ ରୋଗ ସହ ଲଢ଼ିବାର କୌଶଳ ଏବଂ ନୂଆ ପଦ୍ଧତିର ବିକାଶ ଦିଗରେ ସହରାଞ୍ଚଳ ପ୍ରଶାସନର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି।

ଜଳଯୋଗାଣ ଓ ସ୍ୱଚ୍ଛତା କର୍ତ୍ତୃପକ୍ଷ ସହରାଞ୍ଚଳରେ ସ୍ୱଚ୍ଛତା ରକ୍ଷାକୁ ସୁନିଶ୍ଚିତ କରିବା ବାଞ୍ଛନୀୟ। ରୋଗବାହୀ ଭୂତାଣୁ ସଂକ୍ରମଣର ନିରାକରଣ ଲାଗି ପରିବେଶ ସୁରକ୍ଷା ଏବଂ ସ୍ୱଚ୍ଛତା ରକ୍ଷା ଏକାନ୍ତ ଜରୁରୀ। ସମସ୍ତ ସର୍ବସାଧାରଣ ଓ ଗୋଷ୍ଠୀ ଶୌଚାଳୟଗୁଡ଼ିକୁ ନିୟମିତ ଭାବେ ସଫାସୁତୁରା କରାଯିବା ଦରକାର। ଏହିସବୁ ଶୌଚାଳୟରେ ହ୍ୟାଣ୍ଡୱାଶ୍ ଏବଂ ହ୍ୟାଣ୍ଡ ଟିସ୍ୟୁପେପର ଉପଲବ୍ଧ କରାଯିବା ଆବଶ୍ୟକ। ପାର୍କ, ବଜାର ଏବଂ ବିଭିନ୍ନ ଅନୁଷ୍ଠାନ ଭଳି ସାର୍ବଜନୀନ ସ୍ଥାନରେ କୌଣସି ପ୍ରକାର ଆବର୍ଜନା ନ ପକାଇବା ଏବଂ ସେସବୁର ସଫେଇ ବ୍ୟବସ୍ଥାରେ ସୁଧାର ଆଣିବା ଦରକାର। ସ୍ୱଚ୍ଛ ଭାରତ ଅଭିଯାନ ଏବଂ ଅମୃତ ଭଳି ଯୋଜନାରେ ନିଆଯାଇଥିବା ପଦକ୍ଷେପ ଯୋଗୁ ଅନେକ ଭାରତୀୟ ସହର ଏଭଳି ସ୍ଥିତିର ସଫଳତାପୂର୍ବକ ମୁକାବିଲା ଲାଗି ପ୍ରସ୍ତୁତ ହୋଇସାରିଛନ୍ତି।

କେରଳ କରୋନା ଭୂତାଣୁ ମାମଲାକୁ ସଫଳତାପୂର୍ବକ ଚିହ୍ନଟ କରିବା ସହ ଏହାର ମୁକାବିଲା କରିବାରେ ଅଗ୍ରଣୀ ଭୂମିକା ଗ୍ରହଣ କରିଛି। ଚିହ୍ନଟ ରୋଗୀଙ୍କ ସଫଳ ଉପଚାର ନିମନ୍ତେ ନିଜର ଡିଜିଟାଲ ସ୍ୱାସ୍ଥ୍ୟ ସୁବିଧାର ସୁବିନିଯୋଗ କରିଚାଲିଛି। ବ୍ୟାପକ ଅଭିଯାନର ଏକ ଅଂଶ ସ୍ୱରୂପ ପାଥନମଥିଟ୍ଟା ଜିଲା ପ୍ରଶାସନ ପକ୍ଷରୁ ପୃଥକ୍ ହୋଇ ରହିଥିବା ସନ୍ଦିଗ୍ଧ ରୋଗୀଙ୍କ ମୁକ୍ତ ଗତିବିଧିକୁ ନିୟନ୍ତ୍ରଣ କରିବା ଲାଗି ଜିପିଏସ୍ ସିଷ୍ଟମ୍‌ର ଉପଯୋଗ କରୁଛି। ନୀତି ଆୟୋଗର ରିପୋର୍ଟ 'ହେଲ୍‌ଥ ସିଷ୍ଟମ୍ ଫର ଏ ନ୍ୟୁ ଇଣ୍ଡିଆ–୨୦୧୦' ଏହି ବ୍ୟବସ୍ଥାକୁ ସମର୍ଥନ କରୁଛି ଯେ ନୈଦାନିକ, ପ୍ରଶାସନିକ ଏବଂ ବିତ୍ତୀୟ ଦୃଷ୍ଟିରୁ ସ୍ୱାସ୍ଥ୍ୟ ସୁବିଧାଗୁଡ଼ିକୁ ପ୍ରଭାବୀ ଢଙ୍ଗରେ ରୂପାୟନ କରିବା ଲାଗି ଡିଜିଟାଲ ବ୍ୟବସ୍ଥାର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି।

ଅଣଫାର୍ମାସ୍ୟୁଟିକାଲ ହସ୍ତକ୍ଷେପ (ଏନ୍‌ପିଆଇ) ଦ୍ୱାରା ସଂକ୍ରାମକ ରୋଗକୁ ରୋକିବା ଦିଗରେ ସହାୟତା ମିଳିପାରୁଛି। ୧୯୧୮ ମସିହାରେ ସ୍ୱାନିସ୍ ଫ୍ଲୁ ମହାମାରୀ ଘଟଣାରେ ଆମେରିକାର ସେହିସବୁ ସହରରେ କମ୍ ସଂଖ୍ୟକ ଲୋକଙ୍କ ପ୍ରାଣହାନି ଘଟିଥିଲା, ଯେଉଁଠାରେ ଲୋକଙ୍କ ମଧ୍ୟରେ ସଂକ୍ରାମକ ସଂସ୍ପର୍ଶକୁ ହ୍ରାସ କରିବା ଲାଗି ପ୍ରୟାସ କରାଯାଇଥିଲା। ଅନ୍ୟପଟେ ରୋଗପ୍ରତିରୋଧକ ନୀତିନିୟମକୁ କାର୍ଯ୍ୟକାରୀ କରିବା ଦିଗରେ ବିଳମ୍ବ ହୋଇଥିବା ଅନ୍ୟସବୁ ନଗରରେ ଯଥେଷ୍ଟ ଲୋକ ମୃତ୍ୟୁବରଣ କରିଥିଲେ।

ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସୂଚନା ପ୍ରସାରଣ କରାଯିବା ସେମାନଙ୍କ ଜୀବନରକ୍ଷା ଦୃଷ୍ଟିରୁ ମହତ୍ତ୍ୱପୂର୍ଣ୍ଣ। ଶିଶୁମାନଙ୍କ ମଧ୍ୟରେ କରୋନା ଭୂତାଣୁ ସମ୍ପର୍କରେ ସଚେତନତା ଜାଗ୍ରତ କରାଯିବା ଉଦ୍ଦେଶ୍ୟରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଦ୍ୱାରା 'କିଡ୍‌ସ, ବାୟୁ ଏବଂ କରୋନା: ଏ ଲଢ଼େଇରେ ଜିତୁଛି କିଏ ?' ନାମକ ଏକ କମିକ୍ ପୁସ୍ତିକାର ଉନ୍ମୋଚନ କରାଯାଇଛି। ଏହିଭଳି କାର୍ଯ୍ୟକ୍ରମମାନ ଆରମ୍ଭ କରାଯାଇ ଶିଶୁମାନଙ୍କ ମଧ୍ୟରେ ସଚେତନତା ଏବଂ ସତର୍କତା ମଧ୍ୟ ଉଦ୍ରେକ କରାଯାଇପାରିବ। ସାଧାରଣ ଜନତା ମଧ୍ୟ ସଚେତନ ହୋଇ ଏଭଳି ସଂକ୍ରାମକ ରୋଗରୁ ଦୂରେଇ ରହିବା ଲାଗି ଜାଗ୍ରତ ହୋଇପାରିବେ।

ଗୁରୁତର ଅସୁସ୍ଥଙ୍କ ଚିକିତ୍ସାରେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାକୁ ଯୁକ୍ତିସଙ୍ଗତ କରିବା ଏବଂ ସେହିସବୁ ସୁବିଧାର ଅସ୍ଥାୟୀ ସମ୍ପ୍ରସାରଣ କରାଯିବାର ଆବଶ୍ୟକତା ରହିଛି। କୋଭିଡ–୧୯ ଭଳି ଶ୍ୱାସକ୍ରିୟା ସମ୍ବନ୍ଧିତ ସଂକ୍ରମଣ ସ୍ଥିତିରେ ଏଭଳି ଲୋକଙ୍କ ଚିକିତ୍ସା ନିମନ୍ତେ ସ୍ୱତନ୍ତ୍ର ଧରଣର ଚିକିତ୍ସା ଉପଚାରର ଆବଶ୍ୟକତା ରହିଛି। ସେଥିରେ ବାୟୁ ସଞ୍ଚାର ରୂପରେ ଏହାର ଲକ୍ଷଣ ମିଳିଥାଏ ଏବଂ ଏହାପରେ ଅତିରିକ୍ତ ସଂକ୍ରମଣରୁ ରକ୍ଷା ପାଇବା ନିମନ୍ତେ ଆଣ୍ଟିବାୟୋଟିକ ଭଳି ଔଷଧର ଆବଶ୍ୟକତା ପଡ଼ିଥାଏ। କୋଭିଡ–୧୯ ସଂକ୍ରମଣ ମାମଲା ଯେଉଁଠାରେ ପ୍ରମାଣିତ ହୋଇଛି, ସେହିସବୁ ରୋଗୀଙ୍କ ଚିକିତ୍ସା ସକାଶେ କ୍ୱାରାଣ୍ଟାଇନ (ପୃଥକୀକରଣ) କେନ୍ଦ୍ର ଏବଂ ଆଇସୋଲେସନ (ଅଲଗା ରଖି ଚିକିତ୍ସା) ସୁବିଧା ସୁଯୋଗ ଥିବା ଅସ୍ଥାୟୀ ହସ୍ପିଟାଲର ଆବଶ୍ୟକତା ରହିଛି। ଏଥିପାଇଁ ବ୍ୟବହାର କରାଯାଉଥିବା କୋଠାଘର ଏବଂ ଭବନଗୁଡ଼ିକୁ ପୂର୍ବରୁ ଚିହ୍ନଟ କରାଯିବା ଉଚିତ। ସେହିସବୁ ସ୍ଥାନଗୁଡ଼ିକର ଉପଯୁକ୍ତ କୀଟାଣୁଶୋଧନ କାର୍ଯ୍ୟ ପୂର୍ବରୁ ହିଁ ସମ୍ପାଦନ କରାଯିବା ଦରକାର।

ଆବଶ୍ୟକ ଔଷଧ ଓ ମାସ୍କ, ମେଡ଼ିକାଲ ପୋଷାକ, ହ୍ୟାଣ୍ଡୱାଶ ଏବଂ ଆଲକହଲ ଯୁକ୍ତ କୀଟାଣୁ ଶୋଧକ (ସାନିଟାଇଜର) ଭଳି ଅତ୍ୟାବଶ୍ୟକ ସାମଗ୍ରୀର ଆମଦାନି ଓ ସଂରକ୍ଷଣ ନିୟମିତ ଭାବେ କରାଯିବା ଆବଶ୍ୟକ। ସରକାର ମାର୍ଚ୍ଚ ୧୩ ତାରିଖରେ ଆବଶ୍ୟକ ବସ୍ତୁ ଅଧିନିୟମ ଅଧୀନରେ ହ୍ୟାଣ୍ଡ ସାନିଟାଇଜର ଏବଂ ମାସ୍କକୁ ଜୁନ୍ ୩୦, ୨୦୨୦ ପର୍ଯ୍ୟନ୍ତ 'ଅତ୍ୟାବଶ୍ୟକ ସାମଗ୍ରୀ' ଭାବେ ଘୋଷଣା କରିଛନ୍ତି। ପ୍ରତ୍ୟେକ ଜିଲାରେ ସେହିସବୁ ସାମଗ୍ରୀ ଗଚ୍ଛିତ ରଖାଯିବା ଆବଶ୍ୟକ ଏବଂ ଏ କଥା ସୁନିଶ୍ଚିତ କରାଯିବା ଦରକାର ଯେ ଔଷଧାଳୟଗୁଡ଼ିକ ଯେପରି ପୂର୍ବବର୍ଣ୍ଣିତ ଅସାଧୁ ପନ୍ଥା ଅବଲମ୍ବନ ନ କରନ୍ତି। ସର୍ବସାଧାରଣ ପରିବହନ ସଂସ୍ଥାଗୁଡ଼ିକର ନିୟମିତ ଭାବେ ସଫାସୁତୁରା କରାଯିବା କାର୍ଯ୍ୟରେ କ୍ଷିପ୍ରତା ଅଣାଯିବା ଆବଶ୍ୟକ ଏବଂ ଏହିଭଳି ସଫେଇ ଅଣମୋଟରଚାଳିତ ବାହନ, ବସ୍, ରେଲୱେ, ଜାହାଜ ଭଳି ଅନ୍ୟ ସେବାରେ ମଧ୍ୟ କରାଯିବା ଆବଶ୍ୟକ। ଉତ୍ତମ ଭାବେ ପ୍ରଣୀତ ଏବଂ ପ୍ରବର୍ତ୍ତିତ ସହରାଞ୍ଚଳ ବ୍ୟବସ୍ଥା କୋଭିଡ–୧୯ ଭଳି ମହାମାରୀର ମୂଳୋତ୍ପାଟନ କରିପାରିବ।

(ଅମିତାଭ କାନ୍ତ ସମ୍ପ୍ରତି ନୀତି ଆୟୋଗର ସିଇଓ ଭାବେ କାର୍ଯ୍ୟରତ ଏବଂ ରିଚା ରଶ୍ମି ନୀତି ଆୟୋଗର ଜଣେ ଯୁବ ଅଧିକାରୀ। ଏହି ନିବନ୍ଧରେ ବ୍ୟକ୍ତ ମତାମତ ଲେଖକଙ୍କର ନିଜସ୍ୱ)

## ଚିରନ୍ତନୀ

ଧ୍ରୁବତାରାସମ ସେ ମୋତେ ସୁଦୂରୁଁ
ଚାହିଁ ରହେ ନିତି ନିତି
ବସନ୍ତ–ଫୁଲ କାନନୁ ତାହାର
ବହିଆସେ ସ୍ନେହ ପ୍ରୀତି
ସ୍ନିଗ୍ଧ ସୁନୀଳ ମୁକ୍ତ କବରୀ
ରହେ ଚିର ଦିନ ଗଗନ ଆବୋରି
ଗତିରେ ତାହାର ବାଜି ଉଠେ ଧୀରେ
ମୁଗ୍‌ଧ ବେହାଗ ଗୀତି
ଧ୍ରୁବତାରା ସମ ସେ ମୋତେ ସୁଦୂରୁଁ
ଚାହିଁ ରହେ ନିତି ନିତି। (ମଧୁ–ବିବାହ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 3 | 2 | | | | | 6 | | A | | | | 5 | 1 | 9 |
| B | 4 | | 5 | | | | | | 6 | | | | | |
| | | | 3 | | | 4 | | | | | | | | E |
| | C | | 8 | | | | | | 5 | 7 | | | | |
| | | 9 | | | D | | | B | | 3 | | 0 | C | |
| | | | | | | | | | | | 5 | 7 | | 1 |
| 6 | | E | | 9 | | C | 4 | | | B | | | | |
| | | 1 | | 2 | A | 3 | | | | 0 | E | C | 4 | 6 |
| | | | | 0 | | A | 5 | | 8 | | 3 | | | |
| | D | | 4 | | 5 | E | | | | C | | 2 | | |
| | | | 9 | | | | 8 | 1 | 7 | | | | | |
| | | | | 8 | | 0 | 7 | | | | | E | 3 | D |
| | 6 | | 2 | | 7 | | E | 5 | | | 1 | 8 | 0 | |
| | | | | | | 2 | | | 0 | 4 | | | | |
| 2 | | | 1 | A | | | | | B | | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 2 | E | 7 | 4 | 8 | 9 | 5 | 3 | 6 | A | 1 | C | B | D |
| A | 6 | 5 | B | 0 | 2 | D | 8 | C | 7 | 3 | 4 | 1 | E | 9 |
| 9 | 7 | 8 | 1 | D | C | 6 | 0 | 4 | B | 5 | E | 2 | 3 | A |
| B | 4 | C | 5 | 3 | A | 2 | E | 1 | D | 8 | 9 | 7 | 6 | 0 |
| D | 1 | 3 | E | 9 | 6 | A | 7 | B | 2 | C | 0 | 8 | 4 | 5 |
| E | 0 | 7 | 2 | 8 | 1 | B | 9 | 5 | 3 | 4 | D | A | C | 6 |
| 6 | 9 | D | 4 | 5 | E | 8 | C | A | 0 | 2 | B | 3 | 7 | 1 |
| 3 | A | 1 | 0 | 6 | B | 7 | D | 2 | E | 9 | C | 5 | 8 | 4 |
| 8 | C | B | 9 | 7 | 3 | E | 4 | 6 | A | 1 | 5 | 0 | D | 2 |
| 4 | 5 | 2 | C | A | D | 1 | 3 | 0 | 8 | 6 | 7 | B | 9 | E |
| 2 | D | A | 8 | B | 5 | 0 | 6 | 7 | 9 | E | 3 | 4 | 1 | C |
| C | B | 0 | D | 2 | 4 | 3 | 1 | E | 5 | 7 | 6 | 9 | A | 8 |
| 5 | 3 | 9 | 6 | 1 | 0 | 4 | B | 8 | C | D | A | E | 2 | 7 |
| 7 | 8 | 4 | 3 | E | 9 | C | A | D | 1 | 0 | 2 | 6 | 5 | B |
| 1 | E | 6 | A | C | 7 | 5 | 2 | 9 | 4 | B | 8 | D | 0 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଗୁଜବ ଶୁଣନ୍ତୁ ନାହିଁ

ମହାଶୟ,

ଦିନକୁ ଦିନ ବୃଦ୍ଧି ପାଉଛି କରୋନା ଆକ୍ରାନ୍ତଙ୍କ ସଂଖ୍ୟା। ଏହାର ଚିକିତ୍ସା ପାଇଁ ଏ ପର୍ଯ୍ୟନ୍ତ କୌଣସି ଉପଯୁକ୍ତ ଔଷଧ ବାହାରି ନ ଥିବାବେଳେ କରୋନାରୁ ରକ୍ଷା ପାଇବା ପାଇଁ ବିଭିନ୍ନ ଗୁଜବ ସୃଷ୍ଟି କରାଯାଉଛି। କରୋନା ଭାଇରସ ଆକ୍ରମଣ ନ କରିବା ପାଇଁ ଲୋକମାନେ ସ୍ୱଚ୍ଛତା ଅବଲମ୍ବନ କରନ୍ତୁ ଓ ପ୍ରଚାରିତ ହେଉଥିବା ଗୁଜବକୁ କାନ ନ ଦିଅନ୍ତୁ। କେବଳ ସରକାରୀ ସଚେତନତା ବିଜ୍ଞାପନକୁ ବିଶ୍ୱାସ କରନ୍ତୁ।

ଡଲଫିନ ପ୍ରଧାନ, ସାମ୍ବାଦିକତା ଗଣମାଧ୍ୟମ ଛାତ୍ରୀ, ଅମିତ କଲେଜ, ଭୁବନେଶ୍ୱର

### ଓବିସିଙ୍କୁ ନେଇ ରାଜନୀତି ନ ହେଉ

ଓଡ଼ିଶାରେ ଓବିସିଙ୍କ ପାଇଁ ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ ଏବେ ବିରୋଧୀ ଦଳ ତରଫରୁ ଦାବି ଜୋର୍ ଧରିଛି। ବର୍ତ୍ତମାନ ଓଡ଼ିଶାରେ ଅନୁସୂଚିତ ଜାତି ଓ ଜନଜାତିଙ୍କ ପାଇଁ ସେମାନଙ୍କ ସଂଖ୍ୟା ଆଧାରରେ ୩୮.୭୫% ସଂରକ୍ଷଣ ସୁବିଧା ମିଳୁଥିବା ବେଳେ ଓବିସିଙ୍କ ପାଇଁ ୧୧.୨୫% ସଂରକ୍ଷଣ ସୁବିଧା ମିଳୁଛି। ଅବଶ୍ୟ ପୂର୍ବରୁ ଓବିସିଙ୍କ ପାଇଁ ୨୭% ସଂରକ୍ଷଣ ସୁବିଧା ମିଳୁଥିଲା। ମାତ୍ର ଓଡ଼ିଶା ହାଇକୋର୍ଟଙ୍କ ରାୟ ଆଧାରରେ ଏହାକୁ ୧୧.୨୫%କୁ ହ୍ରାସ କରାଯାଇଛି। ଏହାଛଡ଼ା ସମସ୍ତ ପ୍ରକାର ସଂରକ୍ଷଣ ବ୍ୟବସ୍ଥାକୁ ୫୦ ପ୍ରତିଶତରେ ସୀମିତ ରଖିବାକୁ ପୂର୍ବରୁ ସୁପ୍ରିମକୋର୍ଟଙ୍କ ସ୍ପଷ୍ଟ ନିର୍ଦ୍ଦେଶ ରହିଛି। ଏଣୁ ଓଡ଼ିଶା ସରକାର ଓବିସିଙ୍କ ପାଇଁ ଦେଉଥିବା ୧୧.୨୫% ସଂରକ୍ଷଣ ସୁବିଧା ସୁପ୍ରିମ୍‌କୋର୍ଟ ଓ ହାଇକୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଯଥାର୍ଥ ଓ ବୈଧ। ୨୭ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ଯେଉଁ ଦାବି ହେଉଛି ତାହା ବିଚାରଯୋଗ୍ୟ ହୋଇପାରିବ କେବଳ ଏହା ସପକ୍ଷରେ ସୁପ୍ରିମ୍‌କୋର୍ଟଙ୍କ ସବୁଜ ସଙ୍କେତ ମିଳିଲେ। ଏଣୁ ଓଡ଼ିଶା ପରିପ୍ରେକ୍ଷୀରେ ଓବିସିଙ୍କ ପାଇଁ ୨୭ ପ୍ରତିଶତ ସଂରକ୍ଷଣ ଦାବି ଅନ୍ତତଃ ବର୍ତ୍ତମାନ ପାଇଁ ଯଥାର୍ଥ ନୁହେଁ। ଓବିସିଙ୍କୁ ନେଇ ରାଜନୀତି ନ ହେବା ଉଚିତ।

ଅକ୍ଷୟ କୁମାର ମହାନ୍ତି, ହାଜିପୁର, ବିରିଡ଼ି, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)



ବ୍ରିଟେନରେ କରୋନା ଭାଇରସ୍‌ଜନିତ ମୃତ୍ୟୁସଂଖ୍ୟା ୧୦୪ରେ ପହଞ୍ଚିଛି। ବୁଧବାର ପୂର୍ବରୁ ମୃତ୍ୟୁସଂଖ୍ୟା ୭୧ ଥିଲା। ଏଥିସହ ଅଦ୍ୟାବଧି ସଂକ୍ରମିତଙ୍କ ସଂଖ୍ୟା ଏଠାରେ ୨,୬୨୬ରେ ପହଞ୍ଚିଛି। କରୋନା ଭୂତାଣୁର ଭୟଙ୍କର ସ୍ଥିତିକୁ ଆଖିଆଗରେ ରଖି ୱେଲ୍ସ, ସ୍କଟଲାଣ୍ଡ, ନର୍ଦନ ଆୟରଲାଣ୍ଡରେ ଶୁକ୍ରବାରଠାରୁ ସମସ୍ତ ସ୍କୁଲକୁ ଛୁଟି ଘୋଷଣା କରାଯାଇଛି।

# ମାଈ ହାତୀ ମୃତଦେହ ଉଦ୍ଧାର



**ବନ୍ତଲା,୧୮।୩(ଡି.ଏନ.ଏ.):** ଅନୁଗୋଳ ଜିଲା ସାତକୋଶିଆ ଅଭୟାରଣ୍ୟ ପୁରୁଣାକୋଟ ରେଞ୍ଜ ବାଘମୁଣ୍ଡା ରିଜର୍ଭ ଜଙ୍ଗଲରୁ ବୁଧବାର ଏକ ମାଈହାତୀର ମୃତଦେହ ଉଦ୍ଧାର କରାଯାଇଛି। ଖବରପାଇ ସାତକୋଶିଆ ଡିଏଫଓ ରାମସ୍ୱାମୀ ପି, ବାଘମୁଣ୍ଡା ବିଟର ଫରେଷ୍ଟର ଓ ବନକର୍ମଚାରୀ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ କରିଛନ୍ତି। ହାତୀର ବୟସ ୨୦ରୁ ୨୫ ବର୍ଷ ହେବ। ହାତୀକୁ ଦେଶୀ ବନ୍ଧୁକରେ ଛେର୍‌ରା ଗୁଳି କରାଯାଇଥିବା ପାରିପାର୍ଶ୍ୱିକ ସ୍ଥିତିରୁ ଜଣାପଡିଛି।

# ନିର୍ଜୀବ ନନ୍ଦନକାନନ

- ଲୋକଙ୍କ ମନରେ ସୃଷ୍ଟି କରୁଛି ଜୀବେ ଦୟା ଭାବ
- କୁକୁଡ଼ାଙ୍ଗ ଗ୍ରାମବାସୀଙ୍କ ଅଭିନବ ପ୍ରଚେଷ୍ଟା
- ରହିଛି ଶତାଧିକ ବନ୍ୟଜନ୍ତୁଙ୍କ ସିମେଣ୍ଟ ମୂର୍ତ୍ତି

**ଉପେନ୍ଦ୍ର ରାଉତ**
**ବଅଁରପାଳ,୧୮।୩**

ହ୍ରାସ ପାଉଛି ଜଙ୍ଗଲ। ଲୋପ ପାଉଛନ୍ତି ବିଭିନ୍ନ ଜୀବଜନ୍ତୁ, ସରୀସୃପ। ତେଣୁ ଜୀବ ପ୍ରତି ଦୟାଭାବ ଓ ବିରଳ ବନ୍ୟଜନ୍ତୁଙ୍କ ସଂରକ୍ଷଣ ଲାଗି ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଅନୁଗୋଳ ଜିଲା ବଅଁରପାଳ ବ୍ଲକ କୁକୁଡାଙ୍ଗ ଗ୍ରାମରେ ରହିଛି ନିର୍ଜୀବ ନନ୍ଦନକାନନ। ଦୀର୍ଘ ୩୬ ବର୍ଷ ତଳେ ଗ୍ରାମବାସୀ ନେଇଥିବା ଏହି ଅଭିନବ ପଦକ୍ଷେପ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି।

୧୯୮୪ ମସିହାରେ ବଅଁରପାଳ ବ୍ଲକ କୁକୁଡାଙ୍ଗ ଗ୍ରାମର ଯେଉଁଠାରେ ଏହି ନିର୍ଜୀବ ନନ୍ଦନକାନନ ନିର୍ମାଣ କରାଯାଇଥିଲା ପୂର୍ବରୁ ତାହା ଏକ ପରିତ୍ୟକ୍ତ ପାହାଡ଼ ଥିଲା। ବଡ଼ ବଡ଼ ପଥର ସହ ଲଟାବୁଦାରେ ପରିପୂର୍ଣ୍ଣ ଯୋଗୁ ଦିନରେ ବି ଉକ୍ତ ସ୍ଥାନ ଲୋକଙ୍କ ପାଇଁ ଅଗମ୍ୟ ଥିଲା। ତେବେ ନିକଟରେ ମା' ମଙ୍ଗଳାଙ୍କ ପୀଠସ୍ଥଳୀ ଥିବାରୁ ଉକ୍ତ ପାହାଡ଼ର ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ଗ୍ରାମବାସୀ ନିଷ୍ପତ୍ତି ନେଇଥିଲେ। ନିର୍ଦ୍ଦିଷ୍ଟ ଯୋଜନା କରିବା ପରେ ଉକ୍ତ ପାହାଡ଼ରେ ତେନ୍ତୁଳି, କରଞ୍ଜ ଓ ଆଙ୍କୁଲା ଆଦି ବିଭିନ୍ନ ଔଷଧୀୟ ଚାରା ରୋପଣ କରିଥିଲେ। ପରେ ଧୀରେ ଧୀରେ ଲୋପ ପାଇଯାଉଥିବା ବନ୍ୟଜନ୍ତୁଙ୍କ ସମ୍ପର୍କରେ ଲୋକଙ୍କୁ ସଚେତନ କରିବାକୁ ସେଠାରେ ଏକ ନିର୍ଜୀବ ନନ୍ଦନକାନନ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ଗ୍ରାମର ଯୁବଗୋଷ୍ଠୀଙ୍କ ସହାୟତାରେ ଶିଳ୍ପୀ ରାମଚନ୍ଦ୍ର ସାହୁ (୪୨) ବିନା ପାରିଶ୍ରମିକରେ ଉକ୍ତ ପାହାଡ଼ର ବଡ଼ ବଡ଼ ପଥର ଉପରେ ଡାଇନୋସର, ଜିରାଫ୍, ବଣମଣିଷ, ବାଘ, ହାତୀ, ଘୋଡ଼ା, ଭାଲୁ, ଗୟଳ, ଓଟ,ସିଂହ, ମାଙ୍କଡ଼, ସରୀସୃପ ଓ ବିଭିନ୍ନ ଜାତିର ପକ୍ଷୀଙ୍କ ଆକର୍ଷଣୀୟ ମୂର୍ତ୍ତି ନିର୍ମାଣ କରିଥିଲେ। ଅଧିକ ପ୍ରଚାର ପ୍ରସାର ହୋଇପାରି ନ ଥିଲେ ମଧ୍ୟ ପ୍ରତିବର୍ଷ ପର୍ଯ୍ୟଟନ ଋତୁରେ ଜିଲା ଓ ଜିଲା ବାହାରୁ ଅନେକ ଲୋକ ଉକ୍ତ ନିର୍ଜୀବ ନନ୍ଦନକାନନ ଦେଖିବାକୁ ଆସୁଥିବା ଗ୍ରାମବାସୀ କହିଛନ୍ତି। ତେବେ ଅର୍ଥ ଅଭାବରୁ ଉକ୍ତ ସ୍ଥାନର ଉନ୍ନତୀକରଣ ହୋଇପାରୁ ନାହିଁ। ବିଶେଷକରି ଆଗନ୍ତୁକଙ୍କ ପାଇଁ ପାନୀୟ ଜଳ, ରାତିରେ ଆଲୋକ ବ୍ୟବସ୍ଥା ଓ ଗମନାଗମନର ଭଲ ସୁବିଧା ନାହିଁ। କୁକୁଡ଼ାଙ୍ଗ ଗ୍ରାମବାସୀ ବିନୋଦ ଶତପଥୀ କହିଛନ୍ତି ଯେ, ନିର୍ଜୀବ ନନ୍ଦନକାନନ ଗ୍ରାମବାସୀଙ୍କ ସଚେତନତାର ପରିଚୟ ଦେଉଛି। ଏଥିପ୍ରତି ଜିଲା ପ୍ରଶାସନ, ନାଲ୍‌କୋ, ଏମ୍‌ସିଏଲ୍ ଓ ଏଫ୍‌ସିଆଇ କର୍ତ୍ତୃପକ୍ଷ ଯଦି ସାହାଯ୍ୟ ଓ ସହଯୋଗର ହାତ ବଢ଼ାନ୍ତେ ତା'ହେଲେ ଏହା ଏକ ପ୍ରମୁଖ ପର୍ଯ୍ୟଟନ କ୍ଷେତ୍ର ଭାବେ ପରିଗଣିତ ହୋଇପାରନ୍ତା।



ପଥରରେ ନିର୍ମିତ ବଣମଣିଷ, ଡାଇନୋସର।



ବିଭିନ୍ନ ସରୀସୃପ, ପକ୍ଷୀ।

## ଉନ୍ନତୀକରଣ ଆବଶ୍ୟକ

"ଉକ୍ତ ସ୍ଥାନର ସୌନ୍ଦର୍ଯ୍ୟ ଅବର୍ଣ୍ଣନୀୟ। କିନ୍ତୁ ଏଠାରେ ବିଦ୍ୟୁତ୍, ପାନୀୟଜଳ ସହ ଭଲ ଗମନାଗମନ ବ୍ୟବସ୍ଥାର ଆବଶ୍ୟକତା ରହିଛି। ଏହାର ଉନ୍ନତୀକରଣ ସହ ପର୍ଯ୍ୟଟନସ୍ଥଳୀରେ ପରିଣତ କରିବା ଦିଗରେ ରାଜ୍ୟ ସରକାର ଦୃଷ୍ଟି ଦେବା ଦରକାର। ପ୍ରଶାସନ ନିକଟରେ ଏଥିପାଇଁ ଖୁବ୍‌ଶୀଘ୍ର ଦାବି କରାଯିବ।

-ପ୍ରତାପ ସେନାପତି, ସରପଞ୍ଚ, କୁକୁଡ଼ାଙ୍ଗ



## ଜିଲା ଟିଠି



## ସମ୍ବଲପୁର

### ହକି ଟର୍ଫ

ରାଜ୍ୟ ସରକାର ହକି ଖେଳାଳିମାନଙ୍କୁ ପ୍ରୋତ୍ସାହନ ଦେବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି। ଗ୍ରାମାଞ୍ଚଳରେ ମିନି ଷ୍ଟାଡିୟମ ଓ ଖେଳ ପଡିଆ ଉନ୍ନତୀକରଣ କରାଯାଉଛି। ଏହି ପରିପ୍ରେକ୍ଷୀରେ ସମ୍ବଲପୁର ଜିଲାରେ ଏକ ମିନି ଷ୍ଟାଡିୟମ ନିର୍ମାଣ କରାଯାଇ ସେଠାରେ ହକି ଟର୍ଫ ପକାଇବାକୁ ସ୍ଥିର କରାଯାଇଥିଲା। ଯାହା ଜିଲାରେ ହକି ଖେଳାଳିଙ୍କ ପାଇଁ ଖୁସିର ଖବର ଥିଲା। ଜିଲାର ଅଧିକାଂଶ ହକି ଖେଳାଳି ଯୁଯୁମୁରା ବ୍ଲକରୁ ଆସିଛନ୍ତି। ସେଠାରେ ପଡିଆ ଓ ଗମନାଗମନ ସୁବିଧା ରହିଛି। ଆବଶ୍ୟକ ପଡିଲେ ଆଗାମୀ ଦିନରେ ସେଠାରେ ଟୁର୍ନାମେଣ୍ଟର ଆୟୋଜନ କରିହେବ। ସେଥିପାଇଁ ଯୁଯୁମୁରା ହାଇସ୍କୁଲ ପଡିଆରେ ଏକ ମିନିଷ୍ଟାଡିୟମ ନିର୍ମାଣ କରି ଟର୍ଫ ପକାଇବାକୁ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତତ୍କାଳୀନ ଜିଲାପାଳ ସମର୍ଥ ବର୍ମା ଓ ସରକାରୀ ଦଳ ଉପମୁଖ୍ୟ ସଚେତକ ତଥା ରେଢ଼ାଖୋଲ ବିଧାୟକ ଇଂ. ରୋହିତ ପୂଜାରୀ ଏଥିପାଇଁ ଉଦ୍ୟମ କରିଥିଲେ। ୨୦୧୮ରେ ହକି ବିଶ୍ୱ କପ୍ ରାଜ୍ୟରେ ଆୟୋଜନ କରାଯାଇଥିଲା। ସେତେବେଳେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରୁ ଗୋଟିଏ ହକି ଟର୍ଫ ସମ୍ବଲପୁର ଜିଲାକୁ ଅଣାଯାଇଥିଲା। ହେଲେ ପ୍ରାୟ ୧ ବର୍ଷ ହେଲା ଯୁଯୁମୁରା ବ୍ଲକ କାର୍ଯ୍ୟାଳୟ ପରିସରରେ ତାହା ପଡିରହିଛି। ଖରା,ବର୍ଷାରେ ଏହି ଟର୍ଫ ନଷ୍ଟ ହେବାକୁ ବସିଲାଣି। ଏଣେ ସ୍କୁଲ ପଡ଼ିଆରେ ମିନି ଷ୍ଟାଡିୟମ କାମ ଧୀମେଇ ଚାଲିଛି। ସରକାରଙ୍କ ପକ୍ଷରୁ ଏହି ଷ୍ଟାଡିୟମ ପାଇଁ ୪ କୋଟି ଟଙ୍କା ଅନୁଦାନ ମଞ୍ଜୁର ହୋଇଛି। ସେହି ଟଙ୍କାରେ ସ୍କୁଲ ପଡିଆରେ ମାଟି ପକାଯାଇ ସମତୁଲ କରାଯିବା ସହ ଚାରିପାଖରେ ପ୍ରାଚୀର ନିର୍ମାଣ ହେବ। ଗ୍ୟାଲେରି ନିର୍ମାଣ ସହିତ ଲାଇଟ ବ୍ୟବସ୍ଥା କରାଯିବା ପରେ ହକି ଟର୍ଫ ପକାଯିବ। ଜିଲା ପ୍ରଶାସନ ଏ ସଂକ୍ରାନ୍ତରେ ଗୁରୁତ୍ୱ ଦେବାକୁ କ୍ରୀଡାପ୍ରେମୀମାନେ ଦାବି କରିଛନ୍ତି। ସମ୍ବଲପୁର ଜିଲାରୁ ଅନେକ ହକି ଖେଳାଳି ଭଲ ପ୍ରଦର୍ଶନ କରିଛନ୍ତି। ନୂଆ ପ୍ରତିଭାଙ୍କୁ ସୁଯୋଗ ଦେବାକୁ ଏଠାରେ ମଧ୍ୟ ଏକ ଉନ୍ନତ ହକି ଷ୍ଟାଡିୟମ ନିର୍ମାଣ ଉପରେ ସମସ୍ତ ଗୁରୁତ୍ୱାରୋପ କରିଛନ୍ତି।

– ଶୁଭାଶିଷ ପାଢ଼ୀ

# ମଧ୍ୟାହ୍ନଭୋଜନ ସଂକ୍ରାନ୍ତରେ ସପ୍ତାହ ମଧ୍ୟରେ ଜଣାଇବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

କରୋନା(କୋଭିଡ-୧୯) ଭୂତାଣୁ ଯେପରି ସଂକ୍ରମଣ ନ ହେବ ପ୍ରତିକାର ସ୍ୱରୂପ ରାଜ୍ୟ ସରକାର ରାଜ୍ୟର ସମସ୍ତ ସ୍କୁଲଗୁଡିକୁ ବନ୍ଦ ଘୋଷଣା କରିଛନ୍ତି। ତେବେ ଏହି ସମୟରେ ସ୍କୁଲ ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ମିଳୁ ନାହିଁ। ବନ୍ଦ ହୋଇଥିବା ସ୍କୁଲଗୁଡିକର ପିଲାମାନଙ୍କୁ ମଧ୍ୟାହ୍ନଭୋଜନ ଯୋଗାଇ ଦେବାକୁ ରାଜ୍ୟ ସରକାର କି ବ୍ୟବସ୍ଥା କରିଛନ୍ତି, ସେ ନେଇ ଆସନ୍ତା ସପ୍ତାହକ ମଧ୍ୟରେ ଜଣାଇବାକୁ ସୁପ୍ରିମକୋର୍ଟ ଓଡ଼ିଶା ସମେତ ସମସ୍ତ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଶରଦ ଅରବିନ୍ଦ ବୋବଡେଙ୍କୁ ନେଇ ଗଠିତ ଖଣ୍ଡପୀଠ ନିଜଆଡ୍ରୁ ପିଲାମାନଙ୍କ ମଧ୍ୟାହ୍ନଭୋଜନ ମାମଲା ଉପରେ ବିଚାର କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟ ସରକାରଙ୍କ ମାମଲା ଲଢୁଥିବା ଆଇନଜୀବୀ ଶିବଶଙ୍କର ମିଶ୍ର ସୁପ୍ରିମକୋର୍ଟଙ୍କ ନୋଟିସ ଗ୍ରହଣ କରିବା ସହ ଆସନ୍ତା ସପ୍ତାହରେ ଏ ନେଇ ଜବାବ ଦାଖଲ କରିବେ ବୋଲି ଜଣାପଡିଛି। ଏହି ରୋଗ ଯେପରି ନ ବ୍ୟାପିବ ସେ ନେଇ ରାଜ୍ୟ ସରକାର ସମସ୍ତ ସ୍କୁଲକୁ ମାର୍ଚ୍ଚ ୩୧ ତାରିଖ ଯାଏ ବନ୍ଦ ଘୋଷଣା କରିଛନ୍ତି। କେରଳ ସରକାର ମଧ୍ୟାହ୍ନଭୋଜନ ପିଲାମାନଙ୍କ ଘରେ ଦେବାର ବ୍ୟବସ୍ଥା କରିଛନ୍ତି। ଗରିବ ପିଲାମାନଙ୍କୁ ମଧ୍ୟାହ୍ନ ଭୋଜନ ଜରିଆରେ ପୁଷ୍ଟିକର ଖାଦ୍ୟ ଦିଆଯାଉଛି। ସ୍କୁଲ ବନ୍ଦ ସତ୍ତ୍ୱେ ମଧ୍ୟାହ୍ନ ଭୋଜନ ଘରେ ଯୋଗାଇ ଦିଆଯିବ ବୋଲି କେରଳ ମୁଖ୍ୟମନ୍ତ୍ରୀ ପିନାରାୟୀ ବିଜୟନ ଘୋଷଣା କରିଛନ୍ତି।

## କରୋନା ପାଇଁ ସ୍କୁଲ ବନ୍ଦ


माझगांव डॉक शिपबिल्डर्स लिमिटेड
(भारत सरकार का उपक्रम)
ମାଝଗାଓଁ ଡକ୍ ଶିପ୍‌ବିଲ୍‌ଡର୍ସ ଲିମିଟେଡ୍
(ଭାରତ ସରକାରଙ୍କ ଏକ ଉଦ୍ୟୋଗ)
ଯୋଗାଯୋଗ ନଂ.: ୦୨୨୨୩୭୬୪୧୦୮/୪୧୭୪
ରାଷ୍ଟ୍ରର ଜାହାଜ ନିର୍ମାତା

**ସହକାରୀ ପରିଚାଳକ ଏବଂ ବରିଷ୍ଠ ଇଞ୍ଜିନିୟର**

ମାଝଗାଓଁ ଡକ୍ ଶିପ୍‌ବିଲ୍‌ଡର୍ସ ଲିମିଟେଡ୍ (ଏମ୍‌ଡିଏଲ୍) ହେଉଛି ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନରେ ଦେଶର ଏକ ପ୍ରମୁଖ ଓ ଅଗ୍ରଣୀ ଯୁଦ୍ଧଜାହାଜ ନିର୍ମାଣକାରୀ ସଙ୍ଗଠନ, ଯାହା ଅତ୍ୟାଧୁନିକ ବିଶ୍ୱସ୍ତରୀୟ ଯୁଦ୍ଧଜାହାଜ ଏବଂ ଅନ୍ୟାନ୍ୟ ବ୍ୟବସାୟିକ ପୋତ ନିର୍ମାଣରେ ସଂଶ୍ଳିଷ୍ଟ। ଏମ୍‌ଡିଏଲ୍ ମୁଖ୍ୟତଃ ଭାରତୀୟ ନୌସେନା ପାଇଁ ବିଶ୍ୱସ୍ତରୀୟ ଷ୍ଟିଲ୍‌ଥ ଫ୍ରିଗେଟ୍, ବିଧ୍ୱଂସକ ଏବଂ ବୁଡ଼ାଜାହାଜ ନିର୍ମାଣ କ୍ଷେତ୍ରରେ ଜଡ଼ିତ।
ନିମ୍ନଲିଖିତ ପଦବୀ ପାଇଁ ଉପଯୁକ୍ତ ପେସାଦାରଙ୍କଠାରୁ ଦରଖାସ୍ତ ଆମନ୍ତ୍ରଣ କରାଯାଉଛି:

| ପଦବୀ | ଗ୍ରେଡ୍ | ଶୃଙ୍ଖଳା | ଖାଲିସ୍ଥାନ | ଯୋଗ୍ୟତା ପରବର୍ତ୍ତୀ ଅଭିଜ୍ଞତା | ସର୍ବାଧିକ ବୟସ |
|---|---|---|---|---|---|
| ସହାୟକ ପରିଚାଳକ | ଇ-୨ | କମ୍ପାନୀ ସେକ୍ରେଟାରୀ | ୦୧ | ୦୩ ବର୍ଷ | ୩୪ ବର୍ଷ |
| ବରିଷ୍ଠ ଇଞ୍ଜିନିୟର/ ବରିଷ୍ଠ ଅଧିକାରୀ (ଠିକା ଭିତ୍ତିରେ) | ଇ-୧ | ମେକାନିକାଲ୍/ମେରାଇନ୍ | ୦୨ | ୦୧ ବର୍ଷ | ୩୦ ବର୍ଷ |
| | | ମେଡିକାଲ | ୦୧ | | |

ଆଗ୍ରହୀ ପ୍ରାର୍ଥୀମାନେ ଏମ୍‌ଡିଏଲ୍ ୱେବ୍‌ସାଇଟ୍ www.mazagondock.in ମାଧ୍ୟମରେ "ଅନ୍‌ଲାଇନ୍ ନିଯୁକ୍ତି" ଅଧୀନରେ ଅନ୍‌ଲାଇନ୍ ଆବେଦନ କରିବା ଆବଶ୍ୟକ।
ଏମ୍‌ଡିଏଲ୍ ଅନ୍‌ଲାଇନ୍ ଆବେଦନ **୧୮ ମାର୍ଚ୍ଚ ୨୦୨୦**ରେ ଖୋଲିବ ଏବଂ **୧୬ ଏପ୍ରିଲ ୨୦୨୦** ଦିନ ବନ୍ଦ ହେବ। ବିବରଣୀ ଏମ୍‌ଡିଏଲ୍ ୱେବ୍‌ସାଇଟ୍‌ରେ "କ୍ୟାରିୟର୍->ଏକ୍‌ଜିକ୍ୟୁଟିଭ୍‌ସ" ଅଧୀନରେ ଉପଲବ୍ଧ। ଅଧିକ ସୂଚନା/ଶୁଦ୍ଧିପତ୍ର/ଯୋଗପତ୍ର କେବଳ ଏମ୍‌ଡିଏଲ୍ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯିବ।

ବିଜ୍ଞାପନ ସନ୍ଦର୍ଭ ସଂଖ୍ୟା: ଏମ୍‌ଡିଏଲ୍/ଏଚ୍‌ଆର୍-ସିଆର୍/ଆରଇସି/୬୯/୨୦୨୦
davp 10206/11/0017/1920



ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ
ଭାରତ ସରକାର

Help us to help you

**ନୋଭେଲ କରୋନାଭାଇରସ୍ (COVID-19)**



**ସାମାଜିକ ଦୂରତା ବଜାୟ ରଖନ୍ତୁ... ସୁରକ୍ଷା ସର୍ବପ୍ରଥମ !**

**କ'ଣ କରିବେ**

- ଚିକିତ୍ସାଳୟ, ମଲ୍, ବଜାର, ରେସ୍ତୋରାଁ ସର୍ବସାଧାରଣ ପରିବହନ ଆଦି ସ୍ଥାନରେ ଅତି କମ୍‌ରେ ୧ ମିଟର ଦୂରତା ବଜାୟ ରଖନ୍ତୁ
- ଘରୁ କାମ କରନ୍ତୁ ଏବଂ ସଭା, ଶ୍ରେଣୀଗୃହ, ଟ୍ୟୁଟୋରିଆଲ୍, କର୍ମଶାଳା ଇତ୍ୟାଦିକୁ ଯଥାସମ୍ଭବ ଏଡ଼ାନ୍ତୁ
- ଯଦି ସାମାଜିକ କାର୍ଯ୍ୟକ୍ରମକୁ ସ୍ଥଗିତ କରାଯାଇପାରିବନାହିଁ ତେବେ ଅତିଥିଙ୍କ ସଂଖ୍ୟା ନ୍ୟୁନତମ ରଖନ୍ତୁ

**କ'ଣ କରିବେ ନାହିଁ**

- ଜନଗହଳିପୂର୍ଣ୍ଣ ବା ସର୍ବସାଧାରଣ ସ୍ଥାନ ଭ୍ରମଣ
- ଅଣ-ଅତ୍ୟାବଶ୍ୟକ ସାମାଜିକ, ବ୍ୟବସାୟିକ, ଧାର୍ମିକ, ସାଂସ୍କୃତିକ, କ୍ରୀଡ଼ା କାର୍ଯ୍ୟକ୍ରମ ଇତ୍ୟାଦି
- ଅଭିବାଦନ ଭାବେ କରମର୍ଦ୍ଦନ ଓ ଆଲିଙ୍ଗନ
- ଅଣ-ଅତ୍ୟାବଶ୍ୟକ ଭ୍ରମଣ
- ପର୍ଯ୍ୟଟନ ଯାତ୍ରା

**ମିଳିମିଶି ଆମେ COVID-19 ସହ ଲଢ଼ିପାରିବା !**

ଯଦି ଆପଣ ଅସୁସ୍ଥ ଅନୁଭବ କରୁଥାନ୍ତି (କାଶ, ଜ୍ୱର କିମ୍ବା ଶ୍ୱାସକ୍ରିୟାରେ କଷ୍ଟ), ତେବେ ଅନ୍ୟମାନଙ୍କ ସହ ସଂସ୍ପର୍ଶକୁ ଏଡ଼ାନ୍ତୁ ଓ ତୁରନ୍ତ ହେଲ୍‌ପଲାଇନ୍ ନମ୍ବରରେ କଲ୍ କରନ୍ତୁ

davp 17102/13/0025/1920

ଅଧିକ ସୂଚନା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ, ଭାରତ ସରକାରଙ୍କ 24x7 କଣ୍ଟ୍ରୋଲ ରୁମ୍ ନମ୍ବରକୁ କଲ୍ କରନ୍ତୁ

**1075 (ଟୋଲ୍ ଫ୍ରି) | +91-11-2397 8046**

ଇମେଲ୍ କରନ୍ତୁ: ncov2019@gov.in, ncov2019@gmail.com

mohfw.gov.in | @MoHFWIndia | @MoHFW_INDIA | mohfwindia

ବିପଦର ଆଶଙ୍କା ପାଇଲେ କଇଁଛ ଯେପରି ତା'ର ଖୋଳ ଭିତରେ ନିଜକୁ ସଙ୍କୁଚିତ କରିଆଣେ, ସେହିପରି ଅତିଶୟ ଇନ୍ଦ୍ରିୟ ଭୋଗ ବା କାମ ପିପାସା ଜାଗ୍ରତ ହେଲେ ବିଜ୍ଞବ୍ୟକ୍ତି ଆତ୍ମସଂଯମର ଖୋଳ ଭିତରେ ନିଜର ଆତ୍ମରକ୍ଷା କରେ।
- ମହାବୀର ଜୈନ

## ସଂକ୍ଷେପରେ

### ଶ୍ରୀଲିଙ୍ଗରାଜ ଟ୍ରଷ୍ଟ ବୋର୍ଡ ବୈଠକ

**ପୁରୁଣା ଭୁବନେଶ୍ୱର, ୧୮।୩ (ଡି.ଏନ.ଏ.):** ଶ୍ରୀଲିଙ୍ଗରାଜ ଟ୍ରଷ୍ଟ ବୋର୍ଡର ଏକ ପ୍ରଶାସନିକସ୍ତରୀୟ ବୈଠକ ନୂତନ କାର୍ଯ୍ୟାଳୟ ପରିସରରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲାପାଳ ସିତାଂଶୁ ରାଉତ ଅଧକ୍ଷତା କରିଥିଲେ। ବୈଠକରେ ପ୍ରମୁଖ ନିଯୋଗଙ୍କ ସେବାୟତଙ୍କ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହୋଇଥିଲା। ମାର୍ଚ୍ଚରେ ସୈରାତ ଉତ୍ସ ଗୁଡିକ ନିଲାମ ଶେଷ ହେଉଛି। ନୂତନ ଆର୍ଥିକ ବର୍ଷରେ ଠାକୁରଙ୍କ ସୈରାତ ଉତ୍ସଗୁଡିକରୁ ଆଦାୟ କରାଯାଉଥିବା ଟଙ୍କାରୁ ବିଏମ୍‌ସିଠାରୁ କେତେ ପ୍ରତିଶତ ବୋର୍ଡ ଭାଗ ନେବ ତାହା ଆଲୋଚନା ହୋଇଥିଲା। ସେହିଭଳି ମନ୍ଦିର କାର୍ଯ୍ୟାଳୟ କର୍ମଚାରୀଙ୍କ ଭତ୍ତା ବୃଦ୍ଧି, ଠାକୁରଙ୍କ ରଥଯାତ୍ରା ନୀତି ନିର୍ଘଣ୍ଟ ପ୍ରସ୍ତୁତି, ଶିବରାତ୍ରିର ଆୟବ୍ୟୟ ଅଟକଳ, ଶୀତଳଷଷ୍ଠୀ ପରିଚାଳନା ନେଇ ଅନେକ ପଦକ୍ଷେପ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ କୁମାର ଦାଶଙ୍କ ସମେତ ସମସ୍ତ ଟ୍ରଷ୍ଟ ବୋର୍ଡ ସଦସ୍ୟ , ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ।

### ତ୍ୱରିତ ପଦକ୍ଷେପ ନିର୍ଦ୍ଦେଶ ଦେଲେ ବିଧାୟକ

**ବାଲିପାଟଣା,୧୮।୩(ଡି.ଏନ୍.ଏ.):** କରୋନା ମୁକାବିଲା ନେଇ ବୁଧବାର ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି, ସ୍ୱାସ୍ଥ୍ୟକେନ୍ଦ୍ର ଚିକିତ୍ସାଧିକାରୀ ମନୋରଞ୍ଜନ ହାତୀ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। କରୋନା ମୁକାବିଲା ପାଇଁ ଆଇସୋଲେଶନ ଗୃହ, ସାନିଟାଇଜର, ମାସ୍କ ନ ଥିବା ଉପସ୍ଥିତ ରୋଗୀଙ୍କ ଆଟେଣ୍ଡାଣ୍ଟ ଅଭିଯୋଗ କରିଥିଲେ। ଡାକ୍ତରଙ୍କ ପାଇଁ ରେଷ୍ଟ ରୁମ୍ ନ ଥିବା, ଏକ ଛୋଟ ରୁମରେ ଓପିଡି ଚାଲିଥିବା ବେଳେ ସ୍ୱଚ୍ଛ ପିଇବା ପାଣିର ବ୍ୟବସ୍ଥା ନ ଥିବା ଡାକ୍ତରମାନେ ଅଭିଯୋଗ କରିଥିଲେ। ପ୍ରତି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ମଞ୍ଜୁର ହୋଇଥିବା ୧୦ଲକ୍ଷ ଟଙ୍କାକୁ ତୁରନ୍ତ ଖର୍ଚ୍ଚ କରିବାକୁ ବିଡିଓଙ୍କୁ ଚିଠି କରିବାକୁ ବିଧାୟକ ନିର୍ଦ୍ଦେଶ ଦେଇଥିଲେ। ଏଥିରେ ଅବହେଳା ହେଲେ ତାଙ୍କ ଦୃଷ୍ଟିକୁ ନେବାକୁ କହିଥିଲେ। ଅନ୍ୟପକ୍ଷରେ ରାଜ୍ୟ ବାହାରୁ ଆସିଥିବା ବାଲିପାଟଣା ଅଞ୍ଚଳର ଜଣେ ସନ୍ଦିଗ୍ଧଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା। ତାଙ୍କ ରିପୋର୍ଟ ନେଗଟିଭ୍ ଆସିଛି। ଆମେ ଏଥି ପ୍ରତି ସଜାଗ ରହିଛୁ ବୋଲି ବିଧାୟକ କହିଥିଲେ।

### ଦଙ୍ଗା, ଦାଦାବଟି ଓ ମରଣାନ୍ତକ ଆକ୍ରମଣ ଘଟଣା
### ଏନ୍‌ଏସ୍‌ଏରେ ବୁକ୍ ହେଲେ ପ୍ରଭାତ

**ଭୁବନେଶ୍ୱର,୧୮।୩ (ବ୍ୟୁରୋ):** ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ମାରଣାସ୍ତ୍ର ଦେଖାଇ ୫ ଲକ୍ଷ ଦାଦାବଟି ମାଗି ବିଚାରବିଭାଗୀୟ ହାଜତକୁ ଯାଇଥିବା ପ୍ରଭାତ କୁମାର ସେଠୀଙ୍କୁ କମିଶନରେଟ ପୋଲିସ ଏନ୍‌ଏସ୍‌ଏ(ଜାତୀୟ ନିରାପତ୍ତା ଆଇନ)ରେ ବୁଧବାର ବୁକ୍ କରିଛି। ସର୍ବସାଧାରଣରେ ଦଙ୍ଗା କରିବା, ଜନଗହଳିପୂର୍ଣ୍ଣ ସ୍ଥାନରେ ଆତଙ୍କ ଖେଳାଇବା, ଖଣ୍ଡା, ପିସ୍ତଲ୍ ଧରି ଆକ୍ରମଣ କରିବା ଏବଂ ବଟି ମାଗିବା ପରି ସଙ୍ଗିନ ଅପରାଧରେ ପ୍ରଭାତଙ୍କ ସମ୍ପୃକ୍ତି ରହିଥିବା ଚନ୍ଦ୍ରଶେଖରପୁର ଥାନା ଅଧିକାରୀ ବିଶ୍ୱ ରଞ୍ଜନ ନାୟକ ସୂଚନା ଦେଇଛନ୍ତି। ଗତ ଫେବୃୟାରୀ ୧୯ ତାରିଖରେ ସେ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଜଣେ ଦୋକାନୀଙ୍କୁ ୫ ଲକ୍ଷ ଟଙ୍କା ଦାଦାବଟି ମାଗି ବିଫଳ ହୋଇଥିଲେ। ତାପରେ ଘରେ ପଶି ଦମ୍ପତିଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଏହି ଘଟଣାରେ ଗିରଫ ହୋଇ ପ୍ରଭାତ ଜେଲ୍ ଯାଇଥିଲେ। କେବଳ ଏହି ଘଟଣା ନୁହେଁ,ତାଙ୍କ ବିରୋଧରେ ଅନେକ ମାମଲା ରହିଛି। ଯାଜପୁର ଜିଲା ବଡରୀ ଥାନା ଅଞ୍ଚଳରେ ଏକ ଦଙ୍ଗା ଘଟଣାରେ ତାଙ୍କର ସମ୍ପୃକ୍ତି ରହିଥିବାନେଇ ଥାନା ଅଧିକାରୀ ନାୟକ ସୂଚନା ଦେଇଛନ୍ତି। ପ୍ରଭାତ ହାଜତରୁ ବାହାରିଲେ ସମାଜ ପାଇଁ ବିପଦ ସୃଷ୍ଟିହେବ। ତେଣୁ ଏହାକୁ ଦୃଷ୍ଟିରେ ରଖି ଜନତାଙ୍କ ସୁରକ୍ଷା ପାଇଁ ପ୍ରଭାତଙ୍କୁ ଏନ୍‌ଏସ୍‌ଏରେ ବୁକ୍ କରାଯାଇଥିବା କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କାର୍ଯ୍ୟରେ ଯୋଗ ଦେବା ପରେ ୧୫ ଜଣ ଅଭିଯୁକ୍ତଙ୍କୁ ଏନ୍‌ଏସ୍‌ଏରେ ବୁକ୍ କରି ସାରିଲେଣି।

# ପୁରୀ ଛାଡ଼ିଲେ ପର୍ଯ୍ୟଟକ

**ପୁରୀ ଅଫିସ,୧୮।୩**




- ୨ ବିଦେଶୀ ପହଞ୍ଚି ପୁଣି ଫେରିଗଲେ
- ଖାଁ ଖାଁ ବେଳାଭୂମି, ରାସ୍ତାଘାଟ ଶୁନଶାନ

ପୁରୀ ସହରରେ କଡ଼ାକଡ଼ି ହୋଇଛି କରୋନା କଟକଣା। ଶ୍ରୀମନ୍ଦିର ହେଉ କି ହୋଟେଲ, ବେଳାଭୂମି ସବୁଠି ଦେଖିବାକୁ ମିଳୁଛି କରୋନା ପ୍ରଭାବ। ସହରରେ ଆଉ ପୂର୍ବପରି ଗହଳି ଚହଳି ଜଣାପଡୁ ନାହିଁ। ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ସର୍ବଦା ପୂରିଉଠୁଥିବା ପୁରୀ ଏବେ ପର୍ଯ୍ୟଟକଙ୍କୁ ସହର ଛାଡ଼ିବାକୁ ଏକପ୍ରକାର ବାଧ କରିଛି। କରୋନା ମୁକାବିଲା ଲାଗି ପ୍ରଶାସନିକ ନିର୍ଦ୍ଦେଶକୁ ମାନୁଛନ୍ତି ସମସ୍ତେ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଜୀବନ ଆଗ, ଜୀବିକା ପଛକୁ ବୁଝିଥିବା ହୋଟେଲ, ଲଜ୍ ଓ ହଲିଡେ ହୋମ୍ ମାଲିକ ପର୍ଯ୍ୟଟକଙ୍କୁ ସହର ଛାଡ଼ିବାକୁ ବୁଝାଇଛନ୍ତି। କୌଣସି ନୂଆ ବୁକିଂ ରଖି ନ ଥିବାବେଳେ ପୁରୁଣା ବୁକିଂ କରିଥିବା ଲୋକଙ୍କୁ ପୁରୀକୁ ଏବେ ନ ଆସିବା ପାଇଁ କହିଛନ୍ତି। ତେବେ ସହରର ବିଭିନ୍ନ ହୋଟେଲ, ଲଜିଂ ଆଦିରେ ରହୁଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ବୁଧବାର ସୁଦ୍ଧା ପ୍ରାୟ ୯୦ ପ୍ରତିଶତ ପୁରୀ ଛାଡ଼ିଛନ୍ତି। ଅନ୍ୟମାନେ ଗୁରୁବାର ସୁଦ୍ଧା ଯିବେ ବୋଲି ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି। ସେହିପରି ସବୁବେଳେ ପର୍ଯ୍ୟଟକଙ୍କ ଗହଳିରେ ଫାଟି ପଡୁଥିବା ବେଳାଭୂମି ଖାଁ ଖାଁ ରହିଥିବାବେଳେ ରାସ୍ତାଘାଟରେ ବି ଲୋକଙ୍କ ସଂଖ୍ୟା ବେଶ୍ କମ୍ ରହିଥିଲା।

କରୋନାର ଭୟାବହତାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର କଟକଣା ଜାରି କରାଯାଇଛି। ବାହାରୁ ଆସିଥିବା ପର୍ଯ୍ୟଟକଙ୍କୁ କିପରି ସହରରୁ ଖାଲି କରାଯିବ ସେନେଇ ମଙ୍ଗଳବାର ହୋଟେଲ ସଂଘକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ଅନୁଯାୟୀ ମାଲିକମାନେ କୌଣସି ନୂଆ ବୁକିଂ ରଖି ନ ଥିବାବେଳେ ଯେଉଁମାନେ ପୁରୁଣା ବୁକିଂ କରିଥିଲେ ସେମାନଙ୍କୁ ବର୍ତ୍ତମାନ ପୁରୀ ନ ଆସିବାକୁ କହିଥିଲେ। ଅନ୍ୟପକ୍ଷରେ ବୁଧବାର ବହୁ ସଂଖ୍ୟକ ପର୍ଯ୍ୟଟକ ସହର ଛାଡ଼ିଥିଲେ। ବେଳାଭୂମି ଏବଂ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଉପରେ କଟକଣା ଲଗାଯାଇଛି। ବାହାରେ ବୁଲାବୁଲି ନ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ତେଣୁ ହୋଟେଲରେ ରହିବା ଅପେକ୍ଷା କରୋନା ଭୟ ନେଇ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ସମର୍ଥନ ଜଣାଇ ପର୍ଯ୍ୟଟକମାନେ ପୁରୀ ଛାଡ଼ିଥିଲେ।

ତେବେ କୌଣସି ବିଦେଶୀ ପର୍ଯ୍ୟଟକ ଯେପରି ପୁରୀକୁ ନ ଆସିବେ ତାହା ଉପରେ କଟକଣା ଲଗାଯାଇଛି। କିନ୍ତୁ ବୁଧବାର ଆମେରିକାର ୨ଜଣ ପର୍ଯ୍ୟଟକ ପୁରୀରେ ପହଞ୍ଚିଥିଲେ। ସେମାନେ ପହଞ୍ଚିବା ପରେ ସମ୍ପୃକ୍ତ ହୋଟେଲ ପକ୍ଷରୁ ପୋଲିସକୁ ଜଣାଇ ଦିଆଯାଇଥିଲା। ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ପହଞ୍ଚି ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ। ମାତ୍ର ସେମାନଙ୍କଠାରେ କରୋନା ଭୂତାଣୁର କୌଣସି ଲକ୍ଷଣ ନ ଥିବାରୁ ସେମାନଙ୍କୁ ପୁରୀ ଛାଡ଼ିବା ପାଇଁ କୁହାଯାଇଥିଲା। ସମ୍ପୃକ୍ତ ବିଦେଶୀ ନାଗରିକଙ୍କର ଗୁରୁବାର ଫ୍ଲାଇଟ୍ ଥିବାରୁ ସେମାନେ ମଧ୍ୟ ସ୍ୱତଃପ୍ରବୃତ୍ତ ଭାବେ ଭୁବନେଶ୍ୱର ଫେରିଯାଇଥିଲେ ବୋଲି ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ବେଳାଭୂମିକୁ ଯିବା ଲାଗି ବାରଣ କରାଯାଇଥିବାରୁ ଦିନତମାମ ଖାଁ ଖାଁ ରହିଥିଲା। ସନ୍ଧ୍ୟାରେ ଯଦିଓ ବେଳାଭୂମିରେ କିଛି ଲୋକ ବୁଲୁଥିବା ଦେଖିବାକୁ ମିଳିଥିଲା, କିନ୍ତୁ ସେମାନଙ୍କୁ ଏକାଠି ନ ହୋଇ ଶୀଘ୍ର ଚାଲିଯିବାକୁ ପୋଲିସ ପକ୍ଷରୁ କୁହାଯାଉଥିଲା। ସେହିପରି ରାସ୍ତାଘାଟରେ ମଧ୍ୟ ଶୁନଶାନ ହୋଇପଡ଼ିଥିଲା।

## ମଦ ଦୋକାନରେ ଭିଡ଼, କଟକଣାକୁ ବେଖାତିର


ଏକ ମଦ ଦୋକାନରେ ଲୋକଙ୍କ ଭିଡ଼।

**ପୁରୁଣା ଭୁବନେଶ୍ୱର, ୧୮।୩ (ଡି.ଏନ.ଏ.)**

କରୋନା ଭୂତାଣୁ କବଳରୁ ମୁକ୍ତ ନେଇ ନିଜକୁ ନିଜେ ସୁରକ୍ଷିତ ରଖିବାକୁ ପଦକ୍ଷେପ ନେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟ ସରକାର ମାର୍ଚ୍ଚ ୩୧ ପର୍ଯ୍ୟନ୍ତ ଜନଗହଳି ଉପରେ କଟକଣା ଲଗାଇଥିବା ବେଳେ ମଦ ଦୋକାନ ଓ ବାରଗୁଡିକରେ ସେଭଳି କୌଣସି କଟକଣା ବ୍ୟବସ୍ଥା ନ ଥିବା ଦେଖିବାକୁ ମିଳିଛି। ସମ୍ପ୍ରତି ଅନେକ ମଦ ଦୋକାନରେ ସଞ୍ଜ ନଇଁ ଆସିଲେ ଭିଡ଼ ଅସମ୍ଭାଳ ହେଉଛି। ଅନୁସନ୍ଧାନ ସମୟରେ ରାଜଧାନୀର ରବି ଟକିଜ୍‌ଛକ, ଏୟାରପୋର୍ଟଛକ, ରାଜମହଲ ଛକ, କଟକ ରୋଡ଼ର ଥିବା ମଦ ଦୋକାନ ସମେତ ଅନେକ ସ୍ଥାନରେ ପ୍ରବଳ ଭିଡ଼ ସହ ପାର୍କିଂ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଉଛି। ମଦ କିଣୁଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ରାଜ୍ୟ ବାହାର ଏବଂ ରାଜ୍ୟର ଅନେକ ଗ୍ରାହକ ରହିଛନ୍ତି। ରାଜଧାନୀରେ ସଚେତନ ଏବଂ ଶିକ୍ଷିତ ନାଗରିକ ଥାଇ ମଧ୍ୟ କଟକଣାକୁ କେହି ମାନୁନାହାନ୍ତି। ସରକାର ଦୋକାନ ଖୋଲିବାକୁ ନିର୍ଦ୍ଦେଶ ଦେଇଥିବାବେଳେ ମଦ ଦୋକାନରେ ଅହେତୁକ ଭିଡକୁ କମେଇବା ପାଇଁ ପଦକ୍ଷେପ ନେଉନାହାନ୍ତି। ବୋଧହୁଏ ରାଜସ୍ୱ ଆଦାୟ ଲକ୍ଷ୍ୟରେ ଦୋକାନୀମାନଙ୍କ ପାଇଁ କୌଣସି କଟକଣା ଜାରି କରାଯାଇନାହିଁ ବୋଲି ଲୋକେ ଅଭିଯୋଗ କରିଛନ୍ତି। ଯଦ୍ୱାରା କରୋନା ଭୂତାଣୁ ସଂକ୍ରମିତ ହେବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ। ଅବକାରୀ ବିଭାଗ ପକ୍ଷରୁ ଏହାକୁ ତନଖି କରାଯାଇ କୌଣସି ପଦକ୍ଷେପ ନେବା ପାଇଁ ମଧ ଗାଇଡ ଲାଇନ ରହିନାହିଁ। ସରକାର ମଦ ବିକ୍ରି କରିବାକୁ ପ୍ରୋତ୍ସାହନ ଦେଉଥିବାବେଳେ ଅବକାରୀ ବିଭାଗର ଅଧିକାରୀମାନେ ବେପିକର ହୋଇ ପଡିଛନ୍ତି। କୌଣସିଠାରେ ସେମାନେ ଟ୍ରାଫିକ୍ ବ୍ୟବସ୍ଥା ହେଉ କିମ୍ବା କରୋନା ସମ୍ପର୍କିତ ସଚେତନତା ମୂଳକ ପଦକ୍ଷେପ ସ୍ୱରୂପ ଦୋକାନୀମାନଙ୍କୁ ତଦାରଖ କରୁନାହାନ୍ତି। ଫଳରେ ଏ ସମସ୍ତ ମଦଦୋକାନଗୁଡିରେ ଫିଲ୍ମ ହଲ ଭଳି ଲୋକ କାଉଣ୍ଟରରେ ଗହଳି ଲଗାଉଛନ୍ତି। ଏ ସମ୍ପର୍କରେ ଅବକାରୀ ବିଭାଗ ସୁପରିଣ୍ଟେଣ୍ଡେଣ୍ଟ ପ୍ରସନ୍ନ କୁମାର ଆଚାର୍ଯ୍ୟଙ୍କୁ ପଚାରିବାରେ ମଦ ଦୋକାନ ମାଲିକମାନଙ୍କୁ ଭିଡ କମାଇବାକୁ ଅବଗତ କରାଇଥିଲୁ। କେତେଜଣ ମାଲିକ ଏହାକୁ ମାନି ମଦ ଦୋକାନ ସମ୍ମୁଖରେ ଗହଳି କମାଇଛନ୍ତି। ଯେଉଁମାନେ କଟକଣାକୁ ନ ମାନିଛନ୍ତି ସେମାନଙ୍କୁ ପୁଣି ବୁଧବାର କୁହାଯିବ। ଯଦି ସେମାନେ ନ ମାନନ୍ତି ତେବେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

## 'ନ୍ୟାଶ୍‌ନାଲାଇଜ୍‌ଡ ବ୍ୟାଙ୍କ୍‌ସ- ଆଟ୍ ଦି କ୍ରସ୍‌ରୋଡ୍‌ସ' ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର,୧୮।୩ (ବ୍ୟୁରୋ)**

ପଞ୍ଜାବ ନ୍ୟାଶନାଲ୍ ବ୍ୟାଙ୍କର ଅବସରପ୍ରାପ୍ତ ମହାପ୍ରବନ୍ଧକ ବିଷ୍ଣୁ ମୋହନ ପଣ୍ଡାଙ୍କ ଦ୍ୱାରା ରଚିତ 'ନ୍ୟାଶ୍‌ନାଲାଇଜ୍‌ଡ ବ୍ୟାଙ୍କ୍‌ସ- ଆଟ୍ ଦି କ୍ରସ୍‌ରୋଡ୍‌ସ' ପୁସ୍ତକ ମୁମ୍ବାଇଠାରେ ୧୫ତମ ବାର୍ଷିକ ବ୍ୟାଙ୍କିଙ୍ଗ୍ ସମିଟ୍‌ରେ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାଶଙ୍କ କରକମଳରେ ଉନ୍ମୋଚିତ ହୋଇଯାଇଛି। ଏହି ପୁସ୍ତକଟି ବ୍ୟାଙ୍କ ଜାତୀୟକରଣର ୫୦ବର୍ଷ ଏବଂ ବର୍ତ୍ତମାନର ରାଷ୍ଟ୍ରାୟତ ବ୍ୟାଙ୍କଗୁଡ଼ିକର ଅବସ୍ଥା ଉପରେ ଆଧାରିତ। ଏହି ବ୍ୟାଙ୍କଗୁଡ଼ିକ କିପରି ନିଜର ଟ୍ୟାଲେଣ୍ଟ ମ୍ୟାନେଜ୍‌ମେଣ୍ଟ, କର୍ପୋରେଟ ଗଭର୍ନାନ୍ସ, ଏଥିକାଲ ବ୍ୟାଙ୍କିଙ୍ଗ, ପ୍ରିଭେଣ୍ଟିଟିଭ୍ ଭିଜିଲାନ୍ସ, କଷ୍ଟମର ସର୍ଭିସ୍, ରିସ୍କ ମ୍ୟାନେଜ୍‌ମେଣ୍ଟ, ଡିଜିଟାଲ ବ୍ୟାଙ୍କିଙ୍ଗ ଇତ୍ୟାଦିର ଉନ୍ନତି କରି ଭବିଷ୍ୟତରେ ଆହୁରି ଭଲ ଭାବରେ ଗ୍ରାହକ ଓ ଅନ୍ୟମାନଙ୍କ ଦ୍ୱାରା ଆଦୃତ ହୋଇପାରିବ ସେ ବିଷୟରେ ଆଲୋଚନା କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସର, ବରଗଛ ମୂଳେ ଘର;**
**ଯେ ନା ସେ ପଶିବ,**
**କାହାକୁ କରିବ ପର।**

ବରଗଛ ମୂଳେ ସମସ୍ତେ ବିଶ୍ରାମ କରିବାକୁ ଆସନ୍ତି। ସେଠି ଘର ଖଣ୍ଡେ ଥିଲେ ସେଠିକି ବିଶ୍ରାମ ନେବାକୁ, ବସାଉଠା କରିବାକୁ ପାଣି ଟୋପାଏ ପିଇବାକୁ ଅନେକ ବାଟୋଇ ପହଞ୍ଚିଯାଇଥାନ୍ତି। ବିବେକ ଦୃଷ୍ଟିରୁ ତାଙ୍କୁ ମନା କରି ହୋଇ ନ ଥାଏ। ଏପରିସ୍ଥଳେ ପଛରେ ଏନେଇ ଯେ କଥା ନ ବାହାରିବ ସେ କଥା କିଏ କହିବ। ତେଣୁ ଏସବୁ ଭାରି ଅସୁବିଧା କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସକାଳ ପଖାଳ ଭଲ,**
**ଯଦି ଭଜାଭଜି ଥାଏ**
**ସକାଳ ଗାଧୁଆ ଭଲ**
**ଯେବେ ଦେହରେ ଯାଏ।**

ଭଜାଭଜି ଥିଲେ ପଖାଳ ଖାଇବା ମଜା ଦ୍ୱିଗୁଣିତ ହୋଇଯାଇଥାଏ। ସେହିପରି ଦେହ ଖରାପ ହେଉ ନ ଥିଲେ ବଡ଼ି ସକାଳୁ ଗାଧୋଇବା ଶୁଭଙ୍କର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

## ୧ମଣ୍ଡପ, ୫ ଗେଷ୍ଟ ହାଉସ୍ ସିଲ୍ କଲା ବିଏମ୍‌ସି

**ନ ଥିଲା ଟ୍ରେଡ୍ ଲାଇସେନ୍ସ, ଦେଇ ନ ଥିଲେ ହୋଲ୍ଡିଂ ଟ୍ୟାକ୍ସ**


ବିଏମ୍‌ସି ଅଧିକାରୀ ଏକ ଗେଷ୍ଟ ହାଉସ୍‌କୁ ସିଲ୍ କରୁଛନ୍ତି।

**ଭୁବନେଶ୍ୱର, ୧୮।୩(ବ୍ୟୁରୋ)**

କରୋନା ସଂକ୍ରମଣକୁ ଏଡ଼ାଇବା ପାଇଁ ବିଏମ୍‌ସି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବାସହ କଟକଣା ଲାଗୁକରିଛି।। ହୋଲ୍ଡିଂ ଟ୍ୟାକ୍ସ ନ ଦେବା ସହ ବିନା ଟ୍ରେଡ୍ ଲାଇସେନ୍ସ ଏବଂ ଏସ୍‌ଓପିକୁ ମାନି ନ ଥିବା ୧ମଣ୍ଡପ, ୫ଗେଷ୍ଟ ହାଉସକୁ ବୁଧବାର ସିଲ୍ କରିଛି ବିଏମ୍‌ସି। ଅଶୋକନଗରରେ ଥିବା କେୟାର ଗେଷ୍ଟ ହାଉସ୍ ଓ ଦିଲ୍ଲୀପ ଗେଷ୍ଟ ହାଉସ୍, ଗାଡ଼କଣ ଓ ଟଙ୍କପାଣି ରୋଡ଼ରେ ଥିବା ଓୟୋ ଗେଷ୍ଟ ହାଉସ୍, ଜୟଦେବ ବିହାରରେ ଥିବା ଏସ୍‌ଆରଏସ୍ ଗେଷ୍ଟ ହାଉସ୍ ଏବଂ ବିଜେବି ନଗରରେ ଥିବା ଲକ୍ଷ୍ମୀ ନୃସିଂହ ମଣ୍ଡପକୁ ସିଲ୍ କରାଯାଇଛି। କରୋନା ପାଇଁ ବିଏମ୍‌ସି ଦ୍ୱାରା ଜାରି କରାଯାଇଥିବା ଏସ୍‌ଓପିକୁ ଉକ୍ତ ମଣ୍ଡପ ଓ ଗେଷ୍ଟ ହାଉସ୍‌ଗୁଡ଼ିକ ମାନୁ ନ ଥିବା ଅଭିଯୋଗ ହୋଇଥିଲା। ଲକ୍ଷ୍ମୀ ନୃସିଂହ ମଣ୍ଡପରେ ବିଭିନ୍ନ ସମୟରେ ଭୋଜିଭାତ କରାଯାଉଥିବା ବେଳେ ଅଗ୍ନିଶମ ପ୍ରମାଣପତ୍ର,ପାର୍କିଂ ସୁବିଧା, ବର୍ଜ୍ୟବସ୍ତୁ ପରିଚାଳନା ଓ ବିଲ୍ଡିଂ ପ୍ଲାନ୍ ମଞ୍ଜୁରୀ ନ ଥିବା ଅଭିଯୋଗ ହୋଇଥିଲା

ଏତଦ୍‌ବ୍ୟତୀତ ଭୁବନେଶ୍ୱରରେ ଥିବା ହୋଟେଲ, ଘରୋଇ ହସ୍ପିଟାଲ, ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର, ମଲ୍, ହାଟ, ମନ୍ଦିର, କଲ୍ୟାଣମଣ୍ଡପ, ପାର୍କ, ଫୁଡ୍ ଷ୍ଟଲ୍, ରେଷ୍ଟୁରାଣ୍ଟ, ଡ୍ୟାନ୍ସ ବାର୍ ଓ କର୍ପୋରେଟ୍ ସେକ୍ଟର ପାଇଁ ଏସ୍‌ଓପି ଜାରି କରାଯାଇଛି। ବାହାରୁ ଆସୁଥିବା ସମସ୍ତ ନାଗରିକଙ୍କ ତଥ୍ୟ ବିଏମ୍‌ସିକୁ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବହୁ ଘରୋଇ ଗେଷ୍ଟ ହାଉସ୍ ତଥ୍ୟ ଲୁଚାଉଥିବା ସାମ୍ନାକୁ ଆସିଛି। ବିଏମ୍‌ସି ଦ୍ୱିତୀୟ ଆଡିଶନାଲ କମିଶନର ଅବନୀକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ବିଏମ୍‌ସି ଉଚ୍ଛେଦକାରୀ ଦଳ ସିଲ୍ ପ୍ରକ୍ରିୟା ଜାରି ରଖିଥିବା ଜଣାପଡ଼ିଛି।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

MUDRA FINANCE (Regd Company)
MUDRA ରଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ରଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ 40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

FINANCE FINANCE

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ରଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଘରେ ବସି ସମସ୍ତ ପ୍ରକାର ରଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ରଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ରଣ
ସମ୍ପତ୍ତି ରଣ
ମାର୍କଶିଟ୍ ରଣ
ଆଧାର କାର୍ଡ ରଣ
ବ୍ୟକ୍ତିଗତ ରଣ
ବିପିଏଲ୍ ରଣ
ଇତ୍ୟାଦି ସମସ୍ତ ରଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ ରଣ ଉପଲବ୍ଧ
୨୫ ବର୍ଷ ଧରି ଆପଣଙ୍କ ସେବାରେ, ଲକ୍ଷେ ଲୋକଙ୍କ ଭରସା
ସମସ୍ତ ପ୍ରକାର ରଣ ସବୁ ଯୋଜନା ଦ୍ୱାରା ବ୍ୟାଙ୍କରୁ ପାଆନ୍ତୁ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
ସମ୍ପର୍କ କରନ୍ତୁ କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

ରଣ ରଣ ରଣ
ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ରଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ରଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ରଣ | ଟୁ-ହ୍ୱିଲର୍
ଗ୍ରୁପ୍ ରଣ | ପଶୁପାଳନ
ସବୁ ପ୍ରକାର ରଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ ରଣ
8929889612
7290830466
Shahajahanabad, Bhopal (MP)

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ରଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ରଣ
ରଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ରଣ • ବ୍ୟବସାୟ ରଣ • ମାର୍କଶିଟ୍ ରଣ
• ଆଧାର କାର୍ଡ ରଣ • ପର୍ସନାଲ ରଣ • ବିପିଏଲ୍ ରଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ରଣ ମାତ୍ର ୨୪ ଘଣ୍ଟାରେ। ୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ରଣ ଧମାକା ରଣ ଧମାକା ରଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ରଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

ASTROLOGY ASTROLOGY

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର
9773820765


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ଜମ୍ମୁ-କଶ୍ମୀରରେ ଲାଗୁ ହେଲା ୩୭ କେନ୍ଦ୍ରୀୟ ଆଇନ**

ଜମ୍ମୁ-କଶ୍ମୀର କେନ୍ଦ୍ରଶାସିତ ଅଞ୍ଚଳରେ ୩୭ଟି କେନ୍ଦ୍ରୀୟ ଆଇନ ବୁଧବାରଠାରୁ ଲାଗୁ ହୋଇଛି। ଏନେଇ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ଜମ୍ମୁ-କଶ୍ମୀର ଓ ଲଦାଖ ବ୍ୟାପାର ବିଭାଗ ପକ୍ଷରୁ ଗେଜେଟ ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହି ଆଇନ ମଧ୍ୟରେ ରହିଛି ଜନପ୍ରତିନିଧି ଆଇନ, ରିଅଲ ଇଷ୍ଟେଟ(ନିୟାମକ ଓ ବିକାଶ) ଆଇନ, ମାନବାଧିକାର ସୁରକ୍ଷା ଆଇନ, ଦୁର୍ନୀତି ନିବାରଣ ଆଇନ ଏବଂ ଭାରତୀୟ ଦଣ୍ଡ ସଂହିତା (ଆଇପିସି) ତଥା ଅନ୍ୟାନ୍ୟ ଆଇନ। ଫେବୃୟାରୀ ୨୬ରେ କେନ୍ଦ୍ର କ୍ୟାବିନେଟରେ ଉକ୍ତ ପ୍ରସ୍ତାବ ଗୃହୀତ ହୋଇଥିଲା।

# ଦେଶରେ ୧୫୧, ବିଦେଶରେ ୨୭୬ ଭାରତୀୟଙ୍କୁ କରୋନା

**ନୂଆଦିଲ୍ଲୀ, ୧୮।୩**

ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୁଧବାର ସନ୍ଧ୍ୟା ସୁଦ୍ଧା ୧୫୧କୁ ବୃଦ୍ଧି ପାଇଛି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏମାନଙ୍କ ସଂସ୍ପର୍ଶରେ ଆସିଥିବା ୫,୭୦୦ ବ୍ୟକ୍ତିଙ୍କୁ ପର୍ଯ୍ୟବେକ୍ଷଣରେ ରଖାଯାଇଛି। ଦିଲ୍ଲୀରେ ଅଦ୍ୟାବଧି ଜଣେ ବିଦେଶୀଙ୍କୁ ମିଶାଇ ୧୦ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଉତ୍ତରପ୍ରଦେଶରେ ୧୬, ମହାରାଷ୍ଟ୍ରରେ ୩ ବିଦେଶୀଙ୍କୁ ମିଶାଇ ୪୧, କେରଳରେ ୨ ବିଦେଶୀଙ୍କୁ ମିଶାଇ ୨୭, କର୍ଣ୍ଣାଟକରେ ୧୧, ଲଦାଖରେ ୮, ଜମ୍ମୁ-କଶ୍ମୀରରେ ୩, ତେଲଙ୍ଗାନାରେ ୨ ବିଦେଶୀଙ୍କୁ ମିଶାଇ ୫, ରାଜସ୍ଥାନରେ ୨ ବିଦେଶୀଙ୍କୁ ମିଶାଇ ୪, ତାମିଲନାଡୁ, ଆନ୍ଧ୍ରପ୍ରଦେଶ, ଓଡିଶା, ଉତ୍ତରାଖଣ୍ଡ ଓ ପଞ୍ଜାବରେ ଜଣେ ଲେଖାଏ ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି। ସେହିଭଳି ହରିୟାଣାରେ ୧୪ ବିଦେଶୀଙ୍କୁ ମିଶାଇ ୧୬ ଜଣ କରୋନା ସଂକ୍ରମିତ ଥିବା ଜଣାପଡ଼ିଛି। ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ ୧୪ ସଂକ୍ରମିତ ବ୍ୟକ୍ତିଙ୍କୁ ଡିସ୍‌ଚାର୍ଜ କରାଯାଇଛି।



ଭାରତରେ ଏପର୍ଯ୍ୟନ୍ତ ୩ ଜଣ କରୋନା ସଂକ୍ରମଣ ଦ୍ୱାରା ପ୍ରାଣ ହରାଇଛନ୍ତି।

ପ୍ରଥମ ଥର ଲାଗି ଜଣେ ଭାରତୀୟ ଯବାନ(୩୪)ଙ୍କୁ କରୋନା ଭାଇରସ୍ ସଂକ୍ରମିତ ହୋଇଛି। ଏହି ଯବାନ ଲେହସ୍ଥିତ ଲଦାଖ ସ୍କାଉଟ୍ସର ବୋଲି ଜଣାପଡ଼ିଛି। ତାଙ୍କ ବାପା ଇରାନରୁ ଫେରିଥିଲେ। ଯବାନଙ୍କୁ କରୋନା ସଂକ୍ରମଣ କରିବା ପରେ ଏବେ ସେନାରେ ବ୍ୟାପକ ସତର୍କତା ଅବଲମ୍ବନ କରାଯାଇଛି। ଲଦାଖ ସ୍କାଉଟ୍ସ ରେଜିମେଣ୍ଟାଲ ସେଣ୍ଟରରୁ ବାହାରକୁ ଯିବାଆସିବା କରିବାରେ ପ୍ରତିବନ୍ଧକ ଲଗାଯାଇଛି।

ବିଶ୍ୱବ୍ୟାପୀ କରୋନା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇ ଚାଲିଥିବା ବେଳେ ବିଦେଶରେ ରହୁଥିବା ୨୭୬ ଭାରତୀୟ ଏଥିରେ ସଂକ୍ରମିତ ଥିବା ସରକାର ସୂଚନା ଦେଇଛନ୍ତି। ଏମାନଙ୍କ ମଧ୍ୟରେ କେବଳ ଇରାନରେ ୨୫୫ ଭାରତୀୟ କରୋନା ସଂକ୍ରମିତ। ଏହାବାଦ୍ ୟୁଏଇରେ ୧୨, ଇଟାଲୀରେ ୫, ହଂକଂ, କୁଏଟ୍, ରୱାଣ୍ଡା ଏବଂ ଶ୍ରୀଲଙ୍କାରେ ଜଣେ ଲେଖାଏ ଭାରତୀୟ କରୋନା ସଂକ୍ରମିତ ଥିବା ଜଣାପଡ଼ିଛି। ଲୋକ ସଭାରେ ଏକ ଲିଖିତ ପ୍ରଶ୍ନର ଉତ୍ତର ଦେଇ ବହିର୍ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ଭି. ମୁରଲୀଧରନ୍ ପ୍ରକାଶ କରିଛନ୍ତି।

**ଭାରତୀୟ ଯବାନ ସଂକ୍ରମିତ**

ଇରାନରେ ପ୍ରାୟ ୬ ହଜାର ଭାରତୀୟ ଅଛନ୍ତି। ଲଦାଖ, ଜମ୍ମୁ-କଶ୍ମୀର, ମହାରାଷ୍ଟ୍ରର ୧୧୦୦ ତୀର୍ଥଯାତ୍ରୀ ଅଛନ୍ତି। ଜମ୍ମୁ-କଶ୍ମୀରର ୩୦୦ ଛାତ୍ରୀଛାତ୍ର, କେରଳ, ତାମିଲନାଡୁ, ଗୁଜରାଟର ୧୦୦୦ ମତ୍ସ୍ୟଜୀବୀ ସେଠାରେ ରହିଥିବା ସେ ଉଲ୍ଲେଖ କରିଛନ୍ତି। ବିଦେଶରେ ରହୁଥିବା ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଆଣିବା ଲାଗି ସରକାର ବହୁବିଧ ପଦକ୍ଷେପ ଗ୍ରହଣ କରିଥିବା ସେ ପ୍ରକାଶ କରିଛନ୍ତି। ଭାରତର ୬ ଚିକିତ୍ସାଧିକାରୀ ଦଳ ଇରାନରେ ରହି ପରୀକ୍ଷା ଓ ସହାୟତା କରୁଛନ୍ତି। ସେଠାରୁ ମୋଟ ୧,୭୦୬ ସାମ୍ପଲ ସଂଗ୍ରହ କରାଯାଇଥିବା ମନ୍ତ୍ରୀ କହିଛନ୍ତି। ଭାରତୀୟଙ୍କୁ ମେଡିକାଲ ଓ ଦୂତାବାସ ସହାୟତା ଯୋଗାଇ ଦିଆଯାଉଛି। ପ୍ରକାଶଥାଉ କି, ଇରାନରେ କରୋନା ଏକ ହଜାର ମୁଣ୍ଡ ନେଲାଣି।

## ମାସ୍କ, ଗ୍ଲୋଭ୍ ଆବଶ୍ୟକ ନାହିଁ: ବିଶେଷଜ୍ଞ

**ପ୍ୟାରିସ,୧୮।୩:** କରୋନା ଭୂତାଣୁ ସଂକ୍ରମଣରୁ ରକ୍ଷା ପାଇବା ଲାଗି ମାସ୍କ ଓ ଗ୍ଲୋଭ୍‌ର କୌଣସି ଆବଶ୍ୟକତା ନାହିଁ। ବହୁସଂଖ୍ୟାରେ ଲୋକେ ମାସ୍କ ପିନ୍ଧିବା ଅନାବଶ୍ୟକ। ସଂକ୍ରମଣ ରୋକିବାରେ ଏହାର କିଛି ପ୍ରଭାବ ନାହିଁ। ବରଂ ଏହା ସଂକ୍ରମଣକୁ ଦ୍ରୁତତର କରାଇପାରେ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) କରୋନାକୁ ମହାମାରୀ ଘୋଷଣା କରିଥିଲେ ବି ମାସ୍କ ପିନ୍ଧିବାକୁ ପରାମର୍ଶ ଦେଇନାହିଁ। କେବଳ ହାତ ଭଲ ଭାବେ ଧୋଇବା, ମୁହଁକୁ ନ ଛୁଇଁବା ଓ ଅନ୍ୟମାନଙ୍କଠାରୁ ଦୂରତ୍ୱ ରକ୍ଷା କରିବାକୁ କୁହାଯାଇଛି। ଯଦି ନିଜେ କରୋନା ଦ୍ୱାରା ସଂକ୍ରମିତ ହୋଇଥିବା ସନ୍ଦେହ ହୁଏ, ସେ କ୍ଷେତ୍ରରେ ମାସ୍କ ବ୍ୟବହାର କରିବାକୁ ପରାମର୍ଶ ଦିଆଯାଇଛି।

## ୮୦୦୦ ଟପିଲା କରୋନା ମୃତ୍ୟୁସଂଖ୍ୟା

**ନୂଆଦିଲ୍ଲୀ/ପ୍ୟାରିସ,୧୮।୩**

ସାରା ବିଶ୍ୱରେ କରୋନା ଭୂତାଣୁ ସଂକ୍ରମଣଜନିତ ମୃତ୍ୟୁସଂଖ୍ୟା ବୁଧବାର ୮୦୦୦ ଅତିକ୍ରମ କରିଛି। ୱାର୍ଲ୍ଡୋମିଟର୍ସ ଡଟ୍ ଇନ୍‌ଫୋ ଅନୁଯାୟୀ ମୋଟ ସଂକ୍ରମିତଙ୍କ ସଂଖ୍ୟା ୨ ଲକ୍ଷ ୪ ହଜାର ୬୬୯ ହୋଇଥିବାବେଳେ ଏହି ରୋଗରେ ୮,୨୭୦ ଜଣ ପ୍ରାଣ ହରାଇଲେଣି। ସଂକ୍ରମିତଙ୍କ ମଧ୍ୟରୁ ୮୨,୮୭୧ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଲେଣି।

**ଏସିଆଠାରୁ ୟୁରୋପରେ ଅଧିକ**

କରୋନା ଜନିତ ମୃତ୍ୟୁରେ ଏସିଆକୁ ଟପିଲାଣି ୟୁରୋପ। ଏସିଆରେ ମୃତ୍ୟୁସଂଖ୍ୟା ବୁଧବାର ସୁଦ୍ଧା ୩୩୮୪ ହୋଇଥିବାବେଳେ ୟୁରୋପରେ ୩୪୨୧ରେ ପହଞ୍ଚିଛି। ୟୁରୋପ ମହାଦେଶରେ ଇଟାଲୀ ସର୍ବାଧିକ ସଂକ୍ରମିତ ହୋଇଛି, ଯେଉଁଠି ମୃତ୍ୟୁସଂଖ୍ୟା ୨୫୦୩ରେ ପହଞ୍ଚିଥିବା ଜଣାପଡିଛି।

## କୋଭିଡ୍-୧୯ ମାନବ ଜାତିର ଶତ୍ରୁ: ଡବ୍ଲ୍ୟୁଏଚ୍‌ଓ

**ଜେନେଭା/ବର୍ଲିନ,୧୮।୩ (ଏଏଫ୍‌ପି):** କାରୋନା ଭୂତାଣୁ ସାରା ମାନବ ଜାତିର ଶତ୍ରୁ ବୋଲି କହିଛନ୍ତି ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ମୁଖ୍ୟ ଟେଡ୍ରୋସ ଆଧାନୋମ ଘେବ୍ରେୟେସସ୍। ତେଣୁ ଏହା ବିରୋଧରେ ଲଢ଼େଇ ଲାଗି ସମସ୍ତେ ଏକାଠି ହେବାର ସମୟ ଆସିଛି। ବୁଧବାର ଏକ ଖବରଦାତା ସମ୍ମିଳନୀରେ ସେ କୋଭିଡ-୧୯କୁ ଅଭୂତପୂର୍ବ ବିପଦ ବୋଲି କହିଛନ୍ତି।

**ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ସବୁଠୁ ବଡ଼ ଚ୍ୟାଲେଞ୍ଜ: ମର୍କେଲ**

ଅନ୍ୟପକ୍ଷରେ ଜର୍ମାନ ଚାନ୍‌ସେଲର ଆଞ୍ଜେଲା ମର୍କେଲ କହିଛନ୍ତି, ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ତାଙ୍କ ଦେଶ ସବୁଠୁ ବଡ଼ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି। ଏହାର ମୁକାବିଲା ଲାଗି ସମସ୍ତ ପ୍ରତିକାର ବ୍ୟବସ୍ଥା ଗ୍ରହଣ କରିବା ଲାଗି ସେ ଦେଶବାସୀଙ୍କୁ ଆହ୍ୱାନ ଦେଇଛନ୍ତି।

## ଇତିହାସର ଆଇନାରେ — ମାର୍ଚ୍ଚ ୧୯ର ପ୍ରମୁଖ ଘଟଣା

୧ ୯୯୮ ମାର୍ଚ୍ଚ ୧୯ରେ ଆଫଗାନିସ୍ତାନର କାବୁଲ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ଏକ ବିମାନ ପାହାଡ଼ରେ ଧକ୍କା ଖାଇ ଦୁର୍ଘଟଣାର ଶିକାର ହୋଇଥିଲା। ଏଥିରେ ଥିବା ସମସ୍ତ ୪୫ ଯାତ୍ରୀ ପ୍ରାଣ ହରାଇଥିଲେ। ବିସ୍ଫୋରଣ ପଛରେ ଅଲ୍ କାଏଦା କିମ୍ବା ତାଲିବାନ ଆତଙ୍କବାଦୀଙ୍କ ହାତ ଥିବା ସନ୍ଦେହ କରାଯାଇଥିଲା।

୨ ୦୧୩ ମାର୍ଚ୍ଚ ୧୯ରେ ଇରାକର ରାଜଧାନୀ ବାଗ୍‌ଦାଦ ସମେତ ବିଭିନ୍ନ ପ୍ରାନ୍ତରେ ସିରିଜ ବୋମା ବିସ୍ଫୋରଣ ସହ ଗୁଳିମାଡ଼ କରାଯିବାରୁ ପ୍ରାୟ ୧୦୦ ଲୋକ ପ୍ରାଣ ହରାଇଥିଲେ। ୨୫୦ରୁ ଊର୍ଦ୍ଧ୍ୱ ଆହତ ହୋଇଥିଲେ। ଆକ୍ରମଣରେ ଇରାକୀ ସେନା ଓ ସିଆ ସମ୍ପ୍ରଦାୟର ଲୋକଙ୍କୁ ଟାର୍ଗେଟ କରାଯାଇଥିଲା।

## ଗବେଷଣାଗାର ନୁହେଁ, ପ୍ରକୃତି ଦେଇଛି କରୋନା

**ଲସ୍ ଏଞ୍ଜେଲ୍ସ, ୧୮।୩**

କୋଭିଡ-୧୯ ମହାମାରୀ ସୃଷ୍ଟି କରିଥିବା କରୋନା ଭୂତାଣୁ କୌଣସି ଗବେଷଣାଗାରରେ ସୃଷ୍ଟି ହୋଇନାହିଁ, ଏହା ପ୍ରାକୃତିକ ବିବର୍ତ୍ତନର ଫଳ ବୋଲି ଏକ ଅଧ୍ୟୟନରେ କୁହାଯାଇଛି। ଲାବ୍‌ରେ ଏହି ଭୂତାଣୁ ସୃଷ୍ଟି ହୋଇଥିବା ନେଇ ଗୁଜବ ଓ କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା।

**ଗବେଷକଙ୍କ ମତ**

'ନେଚର ମେଡିସିନ୍' ନାମକ ପତ୍ରିକାରେ ପ୍ରକାଶିତ ଅଧ୍ୟୟନ ରିପୋର୍ଟ ଅନୁଯାୟୀ, ଗବେଷକମାନେ କରୋନା ଭୂତାଣୁ ସମେତ ସାର୍ସକୋଭ୍-୨ ଓ ଅନ୍ୟାନ୍ୟ ଭୂତାଣୁଗୁଡ଼ିକର ଜେନମ ସେକ୍ୱେନ୍ସ ତଥ୍ୟ ବିଶ୍ଳେଷଣ କରିଥିଲେ। ଆମେରିକାର ସ୍କ୍ରିପ୍ସ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟର ବୈଜ୍ଞାନିକଙ୍କ ସମେତ ଅନ୍ୟ ଗବେଷକମାନେ କହିଛନ୍ତି, ଏହି ଭୂତାଣୁ ଲାବ୍‌ରେ ପ୍ରସ୍ତୁତ ହୋଇଥିବାର କୌଣସି ପ୍ରମାଣ ମିଳିନାହିଁ। ଚାଇନା କର୍ତ୍ତୃପକ୍ଷ ଚିହ୍ନଟ କରିଥିବା ଏହି ମହାମାରୀ ମାଡ଼ିଚାଲିବାର କାରଣ ହେଲା କରୋନା ଭୂତାଣୁ ଜଣକ ଶରୀରରୁ ଅନ୍ୟ ଜଣକୁ ସଂକ୍ରମିତ ହେଉଛି ବୋଲି ଗବେଷକ କହିଛନ୍ତି।

## କରୋନା ସନ୍ଦିଗ୍ଧଙ୍କ ଆତ୍ମହତ୍ୟା

**ନୂଆଦିଲ୍ଲୀ,୧୮।୩(ପି.ଟି.)**

ଦିଲ୍ଲୀର ସଫଦରଜଙ୍ଗ ହସ୍ପିଟାଲରେ ଭର୍ତ୍ତି ହୋଇଥିବା ଜଣେ କରୋନା ସନ୍ଦିଗ୍ଧ ବୁଧବାର ଏହାର ସପ୍ତମ ମହଲାରୁ ଡେଇଁ ଆତ୍ମହତ୍ୟା କରିଛନ୍ତି। ବିମାନବନ୍ଦର କର୍ତ୍ତୃପକ୍ଷ ତାଙ୍କୁ ହସ୍ପିଟାଲର ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରାଇବାର କିଛି ସମୟ ପରେ ସେ ଏଭଳି ପଦକ୍ଷେପ ନେଇଥିଲେ। ତାଙ୍କ ରକ୍ତ ନମୁନା ପରୀକ୍ଷା ପାଇଁ ପଠାଯାଇଥିଲା।

**ରାଜ୍ୟ ଖବର**

## ଏଜିଆର୍ ମାମଲାରେ ପୁଣି ବର୍ଷିଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୧୮-୩:** ଆଡଜଷ୍ଟେଡ୍ ଗ୍ରସ୍ ରେଭିନ୍ୟୁ(ଏଜିଆର୍) ମାମଲାରେ ସୁପ୍ରିମକୋର୍ଟ ପୁଣି ଥରେ ଟେଲିକମ କମ୍ପାନୀଙ୍କ ଉପରେ ବର୍ଷିଛନ୍ତି। ଟେଲିକମ କମ୍ପାନୀଗୁଡିକ ନିର୍ଦ୍ଦେଶ ପାଳନ ନ କଲେ କମ୍ପାନୀଗୁଡିକର ଏମ୍‌ଡିଙ୍କୁ ଜେଲ ପଠାଇ ଦିଆଯିବ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଟେଲିକମ କମ୍ପାନୀଗୁଡିକ ୧.୪୭ ଲକ୍ଷ କୋଟି ସରକାରଙ୍କୁ ଦେବେ ବୋଲି କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ସମସ୍ତ ଅର୍ଥ କମ୍ପାନୀଗୁଡିକ ସରକାରଙ୍କୁ ପ୍ରଦାନ କରିବା ଆବଶ୍ୟକ। କମ୍ପାନୀଗୁଡିକ ଧାର୍ଯ୍ୟ ଅର୍ଥ ନ ଦେଇ ସେଲ୍ଫ ଆସେସମେଣ୍ଟ ବା ନିଜସ୍ୱ ହିସାବ କଲେ ସେମାନଙ୍କ ବିରୋଧରେ ଅବମାନନା ମାମଲା ଦାୟର କରାଯିବ। କମ୍ପାନୀଗୁଡିକ ଏପରି କରିବା ଲାଗି ଯଦି ଅନୁମତି ପାଆନ୍ତି ତେବେ ଏହା ଠକେଇ ଭାବେ ବିଚାର କରାଯିବ ବୋଲି ସର୍ବୋଚ୍ଚ ନ୍ୟାୟାଳୟ କହିଛନ୍ତି। ଯଦି ଏଭଳି କରିବା ଲାଗି ଟେଲିକମ ସଚିବ କିମ୍ବା ଡେସ୍କ ଅଫିସର ଅନୁମତି ଦିଅନ୍ତି ତେବେ ତାଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନ ସାମ୍ନା କରିବାକୁ ପଡିବ। ଉକ୍ତ ମାମଲାରେ ମିଥ୍ୟା ଖବର ପ୍ରକାଶ ପାଇଲେ ଏଥିଲାଗି କମ୍ପାନୀଗୁଡିକ ଦାୟୀ ରହିବେ। ଏଜିଆର୍ ମାମଲାରେ ନ୍ୟାୟାଳୟଙ୍କ ଅଗୋଚରରେ ଯାହା କିଛି ଭିତିରିଆ ହେଉଛି ତାହା ଆଶ୍ଚର୍ଯ୍ୟ କରିବା ଭଳି ଘଟଣା। ସାରା ଦେଶବାସୀଙ୍କ ସାମ୍ନାରେ ଏଥିରେ ଅନେକ କଥା ଅଜଣା ରହିଛି ବୋଲି ନ୍ୟାୟାଳୟ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ସ୍ୱତନ୍ତ୍ର ବର୍ଥ ନିର୍ମାଣ କରିବ ପାରାଦୀପ ବନ୍ଦର

**ପାରାଦୀପ, ୧୮।୩ (ସ୍ୱ.ପ୍ର.):** ଦେଶର ଦ୍ୱିତୀୟ ବୃହତ୍ ବନ୍ଦର ପରିଚୟ ପାଇଥିବା ପାରାଦୀପରେ କ୍ୟାପ୍‌ସାଇଜ୍ ଜାହାଜ ଲାଗିବା ଭଳି ଏକ ସ୍ୱତନ୍ତ୍ର ବର୍ଥ ନିର୍ମାଣ କରାଯିବ। ପ୍ରାୟ ୩ ହଜାର କୋଟି ଟଙ୍କା ବ୍ୟୟରେ ଏହି ୱେଷ୍ଟର୍ନ ବର୍ଥ ନିର୍ମାଣ ହେବ ବୋଲି ବନ୍ଦର ଅଧ୍ୟକ୍ଷ ରିଙ୍କେଶ ରାୟ ବୁଧବାର ସୂଚନା ଦେଇଛନ୍ତି। ଏ ପ୍ରକଳ୍ପ ନିର୍ମାଣ ପାଇଁ କେନ୍ଦ୍ର ଜାହାଜ ଚଳାଚଳ ମନ୍ତ୍ରଣାଳୟକୁ ପ୍ରସ୍ତାବ ଦିଆଯାଇଛି। ସରକାରୀ କ୍ଲିୟରାନ୍ସ ମିଳିଲେ ବର୍ଥ ନିର୍ମାଣ କାମ ଆରମ୍ଭ ହେବ। ଆବଶ୍ୟକ ପାଣ୍ଠି ୩ ହଜାର କୋଟି ମଧ୍ୟରୁ ୮ରୁ ୯ଶହ କୋଟି ଟଙ୍କା ପାରାଦୀପ ବନ୍ଦର ଖର୍ଚ୍ଚ କରିବ। ଅବଶିଷ୍ଟ ଅର୍ଥ ଘରୋଇ କମ୍ପାନୀ ଖର୍ଚ୍ଚ କରିବ ବୋଲି ଜଣାପଡ଼ିଛି। ପିପିପି ମୋଡ୍‌ରେ ଏହା କରାଯାଇ ବନ୍ଦରର କଳେବର ବୃଦ୍ଧି କରାଯିବ। ସୂଚନାଥାଉ କି, କ୍ୟାପ୍‌ସାଇଜ୍ ଜାହାଜରେ ୧ଲକ୍ଷ ମେଟ୍ରିକ୍ ଟନ୍‌ରୁ ଦେଢ଼ଲକ୍ଷ ମେଟ୍ରିକ୍ ଟନ୍ ପଣ୍ୟ ଆସିଥାଏ। ସେଭଳି ଜାହାଜ ପାଇଁ ବନ୍ଦରର ଗଭୀରତା ୧୮ରୁ ୨୫ ମିଟରର ଆବଶ୍ୟକ ଥାଏ। ଏବେର ବର୍ଥ ସେତେ ଗଭୀର ନ ଥିବାରୁ କ୍ୟାପ୍‌ସାଇଜ୍ ଜାହାଜ ଲାଗିବା ପାଇଁ ସ୍ୱତନ୍ତ୍ର ବର୍ଥ ନିର୍ମାଣ ହେବ। ସମ୍ପ୍ରତି ଦେଶରେ କ୍ୟାପ୍‌ସାଇଜ ଜାହାଜ ସଂଖ୍ୟା ବୃଦ୍ଧି ପାଉଥିବାରୁ ଏଭଳି ବର୍ଥ ନିର୍ମାଣ ଜରୁରୀ ହୋଇପଡ଼ିଛି ବୋଲି ଅଧ୍ୟକ୍ଷ ରାୟ କହିଛନ୍ତି। ଏହା କାର୍ଯ୍ୟକାରୀ ହେଲେ ୨୦ରୁ ୨୫ ନିୟୁତ ମେଟ୍ରିକ ଟନ୍ ପଣ୍ୟ କାରବାର ବୃଦ୍ଧି ଘଟିବ ବୋଲି କୁହାଯାଉଛି।

## ୨.୮ କୋଟିର ବ୍ରାଉନ୍‌ସୁଗାର ଜବତ, ୨ଗିରଫ

**ସଜନାଗଡ଼/ଜଳେଶ୍ୱର,୧୮।୩ (ଡି.ଏନ.ଏ./ସ୍ୱ.ପ୍ର.)**

ବାରମ୍ବାର ଧରପଗଡ ସତ୍ତ୍ୱେ ବାଲେଶ୍ୱର ଜିଲାରେ ବ୍ରାଉନ ସୁଗାର ଚୋରା କାରବାର ଥମିବାର ନାଁ ଧରୁ ନାହିଁ । ଭୁବନେଶ୍ୱରରୁ ଆସିଥିବା ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସଟିଏଫ୍) ବୁଧବାର ପ୍ରତ୍ୟୁଷରେ ନୀଳଗିରି ଥାନା ମିତ୍ରପୁର ଅଞ୍ଚଳରେ ଚଢାଉ କରି ଅଢେଇ କେଜିରୁ ଊର୍ଦ୍ଧ୍ୱ ବ୍ରାଉନ୍‌ସୁଗାର ଜବତ କରିଛି। ଏହାର ମୂଲ୍ୟ ପ୍ରାୟ ଅଢେଇ କୋଟି ଟଙ୍କା ହେବ। ଏହି ଘଟଣାରେ ମିତ୍ରପୁର ଅଞ୍ଚଳର ପ୍ରଦୀପ ଦାସ ଏବଂ କଲ୍ୟାଣୀ ଗ୍ରାମର ଲକି ବେହେରାଙ୍କୁ ଗିରଫ କରାଯାଇଛି। ମୁଖ୍ୟ ବେପାରୀ ଖସି ଯାଇଥିବା ଜଣାପଡିଛି। ସେହିପରି ସନ୍ଧ୍ୟାରେ ଏସ୍‌ଟିଏଫ୍ ଓ ଜଳେଶ୍ୱର ପୋଲିସ୍ ମିଳିତ ଭାବେ ଚଢ଼ାଉ କରି ଥାନା ଅଧୀନ ଝାଡ଼େଶ୍ୱରପୁର (ରାଜପୁର) ବସ୍ତିରୁ ୩୦ ଲକ୍ଷ ଟଙ୍କା ମୂଲ୍ୟର ୩୦୦ ଗ୍ରାମ ବ୍ରାଉନ୍ ସୁଗାର ସହିତ ଏକ ନମ୍ବର ବିହୀନ ବୁଲେଟ ଜବତ କରିଛନ୍ତି। ଅଭିଯୁକ୍ତ ବେପାରୀ ଚମ୍ପଟ ମାରିଛନ୍ତି। ଏହି ଦୁଇ ସ୍ଥାନରୁ ପ୍ରାୟ ୨ କୋଟି ୮୦ଲକ୍ଷ ଟଙ୍କାର ବ୍ରାଉନ ସୁଗାର ଧରାପଡିଛି।

## ଜେଲ୍ ଫେରନ୍ତାଙ୍କୁ ଗୁଳି କରି ହତ୍ୟା

**ଆମ୍ବାଦୋଳା,୧୮।୩(ଡି.ଏନ୍.ଏ.):** ରାୟଗଡ଼ା ଜିଲା ଆମ୍ବାଦୋଳା ଥାନା ଅନ୍ତର୍ଗତ ଇଚ୍ଛାପୁର ପଞ୍ଚାୟତ କାଞ୍ଚନଭଟ୍ଟା ଗ୍ରାମରେ ଜଣେ ଜେଲ ଫେରନ୍ତାଙ୍କୁ ଗୁଳି କରି ହତ୍ୟା କରାଯାଇଛି । ସେ ହେଲେ ଉକ୍ତ ଗ୍ରାମର ସୁନ୍ଦରପଲ୍ ଗୌଡ଼(୪୬)। ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଏହି ଘଟଣାରେ ପୋଲିସ ଜଣଙ୍କୁ ଅଟକ ରଖି ପଚରାଉଚରା ଚଳାଇଛି । ୨ ବର୍ଷ ତଳେ ସୁନ୍ଦରପଲ ତାଙ୍କର ଦାଦା ପୁଅଙ୍କୁ ହତ୍ୟା କରି ରେଳ ଲାଇନ କଡ଼ରେ ଫିଙ୍ଗି ଦେଇଥିଲେ । ପରେ ଆମ୍ବାଦୋଳା ପୋଲିସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ସେ ବର୍ଷେ ହେବ ଜେଲରୁ ଫେରିଥିଲେ । ପ୍ରତ୍ୟେକ ଦିନ ସୁନ୍ଦରପଲ ଗ୍ରାମବାସୀଙ୍କୁ ଭୟଭୀତ କରି ରଖିଥିଲେ । ଏମିତି କି ହତ୍ୟା କରିବାକୁ ଧମକ ମଧ୍ୟ ଦେଉଥିଲେ । ଏଥିରେ ଗ୍ରାମବାସୀ ଅତିଷ୍ଠ ହୋଇ ପଡ଼ିଥିଲେ ।

## ଦ୍ୱୈତନଗରୀ ମେଟ୍ରୋ ଟ୍ରେନ ପ୍ରସ୍ତାବ ବିଚାରାଧୀନ

**ନୂଆଦିଲ୍ଲୀ,୧୮।୩**

ଦ୍ୱୈତନଗରୀ କଟକ-ଭୁବନେଶ୍ୱର ମଧ୍ୟରେ ମେଟ୍ରୋ ଟ୍ରେନ୍ ସେବା ପ୍ରସ୍ତାବକୁ କେନ୍ଦ୍ର ସରକାର ଅନୁଧ୍ୟାନ କରୁଛନ୍ତି ବୋଲି ସହରାଞ୍ଚଳ ବ୍ୟାପାର ରାଷ୍ଟ୍ରମନ୍ତ୍ରୀ ହରଦୀପ ସିଂ ପୁରୀ ବୁଧବାର କହିଛନ୍ତି। ରାଜ୍ୟ ସଭାରେ ବିଜେଡି ସଦସ୍ୟ ଅମର ପଟ୍ଟନାୟକଙ୍କ ଏ ସମ୍ପର୍କିତ ପ୍ରଶ୍ନର ଜବାବ ରଖି କେନ୍ଦ୍ରମନ୍ତ୍ରୀ କହିଥିଲେ, ଭୁବନେଶ୍ୱର-କଟକ ମଧ୍ୟରେ ମେଟ୍ରୋ ରେଳସେବା ପାଇଁ ରାଜ୍ୟ ସରକାରଙ୍କ ପ୍ରସ୍ତାବ ହସ୍ତଗତ ହୋଇଛି। ଏହାକୁ ଅନୁଧ୍ୟାନ କରାଯାଉଛି। ତେବେ ମନ୍ତ୍ରୀଙ୍କ ଉତ୍ତର ଶେଷ ହେବା ପୂର୍ବରୁ କଂଗ୍ରେସ ସଦସ୍ୟମାନଙ୍କ ହଟ୍ଟଗୋଳ ଯୋଗୁ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟକାରିତା ନେଇ ପାଣ୍ଠି ମଞ୍ଜୁର ସମ୍ପର୍କରେ ମଧ ବିଜେଡି ଏମ୍‌ପି ମନ୍ତ୍ରୀଙ୍କ ଉତ୍ତର ଚାହିଁଥିଲେ।

**OFFICE OF THE DISTRICT MAGISTRATE AND COLLECTOR, SAMBALPUR**

No.2680 /Estt. Dt.17.03.2020

**ADVERTISEMENT FOR RE-ENGAGEMENT OF THE RETIRED REVENUE INSPECTOR/AMIN**

Applications in prescribed form are invited from eligible retired Revenue Inspector/ Amins for contractual re-engagement for filling up of the vacant Revenue Inspector/Amin in Minor Mineral Enforcement Cells in Sambalpur District. The detailed information regarding the recruitment process are available in the Sambalpur District Official Website www.sambalpur.nic.in vide Advertisement No.2669 /Estt. Dated 17.03.2020

**By order of the Collector**

**UNIMONI FINANCIAL SERVICES LIMITED**
RO: N.G. 12 & 13 Ground Floor, North Block, Manipal Centre, Dickenson Road, Bangalore - 560 042. CIN No.U85110KA1995PLC018175

**ସାର୍ବଜନିକ ସୂଚନା**

ଜନସାଧାରଣଙ୍କୁ ଏହା ସୂଚିତ କରାଯାଉଛି କି ୟୁନିମୋନୀ ଫାଇନାନ୍ସିଆଲ ସର୍ଭିସେଜ ଲିମିଟେଡ ନିଜ ପାଖରେ ବନ୍ଧକ ରଖିଥିବା ସୁନା ଆଭୁଷଣର ନିଲାମ କରିବାକୁ ଯାଉଛି। ଏହି ନିଲାମ ଦିନାଙ୍କ 23.03.2020 କୁ ସକାଳ/ସଂନ୍ଧ୍ୟା-10.00 ଘଟିକାରେ (ଠିକଣା) Plot no-44, Ashok Nagar, Unit-II, Bhubaneswar, Khordha ରେ ହେବ। ସୁନା ଆଭୁଷଣ ଆମର ଏମିତି ବିଭିନ୍ନ ଗ୍ରାହକଙ୍କର ଅଟେ, ଯିଏ ନିଜର ଋଣ ସୁଝି ପାରିନାହାନ୍ତି। ନିଲାମର ସୂଚନା ଏହି ଋଣକର୍ତ୍ତା ଗ୍ରାହକଙ୍କୁ ବି ଦିଆଯାଇସାରିଛି। ନିଲାମ ପାଇଁ ଉପଲବ୍ଧ ସୁନା ଆଭୁଷଣ କିଛି ଗ୍ରାହକଙ୍କ ଦେୟ ଋଣ ଖାତା ସମ୍ବନ୍ଧିତ ଅଟେ। ଏହି ଗ୍ରାହକଙ୍କ ନାମ ସେମାନଙ୍କ ସମ୍ବନ୍ଧିତ ଶାଖା ସହିତ ତଳେ ଦିଆଯାଉଛି।

**Loan Nos: BHUBANESWAR (BUU) -1576046, 1581626, 1685131, 1591644, 1632311, 1417899, 1581928, 1430053, 1440811, 1422364, 1594923, 1431554. CUTTACK (CTK) -1428284, 1598270, 1697479, 1597552, 1582131, 1440175**

For more details, please contact : **Mr. Tirumalo Rao - 7994432993**

*(Reserves the right to alter the number of accounts to be auctioned &/ postpone / cancel the auction without any prior notice.)*

**PUBLIC NOTICE**

ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ କି, ପ୍ଲଟ୍ ନଂ. 1769/7617, ମୌଜା- ଝାରପଡ଼ା, ଥାନା- ଲକ୍ଷ୍ମୀସାଗର ପ୍ଲଟ୍‌ର ସର୍ବମୋଟ 1800 sqftର କ୍ରୟ କରାଯାଉଅଛି। କ୍ରେତା- ଶ୍ରୀମତୀ ସ୍ୱାଗତିକା ସାହୁ, ସ୍ୱା- ମନୋଜ କୁମାର ସାହୁ, ବାସିନ୍ଦା- ହିଞ୍ଜିଳିକାଟୁ, ଜିଲ୍ଲା- ଗଞ୍ଜାମ।

ବିକ୍ରେତା- ଶ୍ରୀମତୀ ଶର୍ମିଷ୍ଠା ବିଶ୍ୱାଳ, ସ୍ୱା- ବିଷ୍ଣୁପ୍ରସାଦ ବିଶ୍ୱାଳ, ବାସିନ୍ଦା- ପ୍ଲଟ୍ ନଂ.- 1/2, ଗ୍ରାଉଣ୍ଡ ଫ୍ଲୋର୍, 16th Cross, ରମେଶ ନଗର, ବାଙ୍ଗାଲୋର।

ମୁଁ ଶ୍ରୀମତୀ ସ୍ୱାଗତିକା ସାହୁ ଏହି ସର୍ବସାଧାରଣ ସୂଚନା ଦ୍ୱାରା ସର୍ବସାଧାରଣଙ୍କୁ ଏହି ଜମିର କ୍ରୟବିକ୍ରୟ ସମ୍ବନ୍ଧରେ ଅବଗତ କରାଉଅଛି।

ଯଦି କାହାର ଉକ୍ତ ପ୍ଲଟ୍‌ର କ୍ରୟ ବିକ୍ରୟ ଉପରେ ଆପତ୍ତି ଥାଏ, ତା'ହେଲେ ମୋ.ନଂ.- 9861823996ରେ ଜଣାଇପାରିବେ। ଉକ୍ତ ପ୍ଲଟ୍‌ର ରେଜିଷ୍ଟ୍ରେସନ୍ ୧୫ରୁ ୨୦ ଦିନ ମଧ୍ୟରେ ହେବାକୁ ଯାଉଅଛି।

**State Bank of India**
ଭାରତୀୟ ଷ୍ଟେଟ୍ ବ୍ୟାଙ୍କ ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟ, ନକଟିଗୁଡ଼ା, ଭବାନୀପାଟଣା, କଳାହାଣ୍ଡି-୭୬୬୦୦୧
भारतीय स्टेट बैंक क्षेत्रीय व्यवसाय कार्यालय, नकटिगुडा, भबानीपाटना, कलाहाण्डि-७६६००१
REGIONAL BUSINESS OFFICE, NAKTIGUDA, BHAWANIPATNA, KALAHANDI-766001

| ଫୋନ୍ ଫାକ୍ସ/दूरभाष फेक्स/Tel Fax | କୋଡ୍ ନଂ./कोड नं/Code No. | ଇ-ମେଲ/ई.मेल/E-mail |
|---|---|---|
| 06670-232992, 231975 | 9528 | agmr4.zober@sbi.co.in |

ପ୍ରାପ୍ତେଷୁ,
ଶ୍ରୀ ରତ୍ନାକର ପ୍ରଧାନ, PF ID-6847811
ପିତା- ବୀର ପ୍ରଧାନ
ଗ୍ରାମ- ବୋଡ଼ିମୁଣ୍ଡି, ଭାୟା- ଟିକାବାଲି, ଜିଲ୍ଲା- କନ୍ଧମାଳ-୭୬୨୦୧୦

ମହାଶୟ,

ଆପଣ ତା୦୪।୦୭।୨୦୧୮ରିଖଠାରୁ ଅଦ୍ୟାବଧି (୯୦ ଦିନରୁ ଅଧିକ ସମୟ) ନିଜ ଦାୟିତ୍ୱରେ ଛୁଟି ଅନୁମୋଦନ ବିନା ଅନୁପସ୍ଥିତ ଥିବା ଆମ କ୍ଷେତ୍ରୀୟ କାର୍ଯ୍ୟାଳୟର ଦୃଷ୍ଟିଗୋଚର ହୋଇଅଛି। କ୍ଷେତ୍ରୀୟ କାର୍ଯ୍ୟାଳୟ ଏ ବିଷୟରେ Eighth Bipartite Settlement (୦୨।୦୬।୨୦୦୫) ଧାରା ୩୩ ଅଧୀନରେ ଚିଠି ସଂଖ୍ୟା- ୨୧୮ ଦିନାଙ୍କ ୨୫।୧୧।୨୦୧୯ ଓ ଚିଠି ସଂଖ୍ୟା-୨୩୫ ଦିନାଙ୍କ ୨୮।୦୧।୨୦୨୦ରେ ଆପଣଙ୍କୁ ପତ୍ର ବିନିମୟରେ ଉକ୍ତ ବିଷୟରେ ଅବଗତ କରିଛନ୍ତି। ଏହା ସତ୍ତ୍ୱେ ଆପଣ ଚିଠି ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ପାଳନ କରିନାହାନ୍ତି।

Eighth Bipartite Settlement (୦୨।୦୬।୨୦୦୫) ଧାରା ୩୩ ଅଧୀନରେ ଆପଣ ଉକ୍ତ ପତ୍ରର ନିର୍ଦ୍ଦିଷ୍ଟ ସମୟସୀମାରେ କାର୍ଯ୍ୟରେ ଯୋଗ ଦେଇନଥିବାରୁ ଆପଣ ଦିନାଙ୍କ ୨୯।୦୨।୨୦୨୦ରୁ ସ୍ୱେଚ୍ଛାକୃତ ଭାବେ ନିଜ ପଦ ଛାଡ଼ିଥିବା ବୋଲି ବିଚାର କରାଯିବା ସହ ବ୍ୟାଙ୍କ ପଞ୍ଜିକାରୁ ଆପଣଙ୍କ ନାମକୁ ହଟାଇ ଦିଆଯାଇଅଛି।

ଏହି ପତ୍ର ପ୍ରାପ୍ତିର ୧୫ ଦିନ ମଧ୍ୟରେ ଆପଣ ନିଜର ୩୦ ଦିନର ଦରମା ତଥା ଭତ୍ତା (allowance) ବ୍ୟାଙ୍କରେ ଜମା କରିବାକୁ ଆପଣଙ୍କୁ ନିର୍ଦ୍ଦେଶ ଦିଆଯାଉଛି। ଏଥିରୁ ବିଚ୍ୟୁତ ହେଲେ ବ୍ୟାଙ୍କ ଆପଣଙ୍କ ବିରୁଦ୍ଧରେ କେସ୍ ଫାଇଲ୍ କରିବା ସହ ରାଇଟ୍ ଟୁ ସେଟ୍ ଅଫ୍ (right to set off) ଆଇନ୍ ଅଧୀନରେ ଆପଣଙ୍କ ବକେୟା ପାଉଣାରୁ ଏହି ରାଶି ସିଧାସଳଖ କାଟିବା ପାଇଁ ବାଧ୍ୟ ହେବ।

**ସ୍ୱା./- (Appointing Authority), ଭବଦୀୟ, କ୍ଷେତ୍ରୀୟ ପ୍ରବନ୍ଧକ**

**ଏସ୍.ଇ. ରେଳପଥ ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ ଡିଭିଜନାଲ ରେଲ୍‌ୱେ ମ୍ୟାନେଜର (ମେକାନିକାଲ), ଚକ୍ରଧରପୁର, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆମନ୍ତ୍ରଣ କରାଯାଉଛି। **କ୍ର.ସଂ., ଟେଣ୍ଡର ବିଜ୍ଞପ୍ତି ନମ୍ବର, କାର୍ଯ୍ୟର ନାମ, ଟେଣ୍ଡର ମୂଲ୍ୟ ଓ ଇ.ଏମ୍.ଡି.:** (୧) ଏମ୍‌ଇସିଏଚ୍‌ସିକେପି-୧୯-୨୦-୫୦, ତାରିଖ: ୧୬।୦୩।୨୦୨୦। ସିଡିଓ/ଆର୍‌ଓୟୁଙ୍କ ବ୍ୟବହାର ଲାଗି ୦୨ ବର୍ଷ ଅବଧି ପାଇଁ ଗୋଟିଏ ସଡ଼କ ବାହନ (ଟାଟା ସୁମୋ ଗ୍ରାଣ୍ଡେ, ସ୍କର୍ପିଓ କିମ୍ବା ସମାନଧରଣ) ଭଡ଼ା ସୂତ୍ରରେ ନେବା। ₹୯,୨୯,୦୬୮/-, ₹୧୮,୬୦୦/- (୨) ଏମ୍‌ଇସିଏଚ୍‌ସିକେପି-୧୯-୨୦-୪୯, ତାରିଖ: ୧୧।୦୩।୨୦୨୦। ଦୁଇବର୍ଷ ପାଇଁ ଆର୍‌ଓୟୁଠାରେ ପ୍ଲାଟଫର୍ମ ରିଟର୍ନ/ଷ୍ଟାବଲ୍/ଟର୍ମିନେଟିଂ ଟ୍ରେନ୍‌ଗୁଡ଼ିକର ଆଭ୍ୟନ୍ତରୀଣ ସଫେଇ, ପ୍ୟାଡ୍‌ଲକିଂ/ଅନ୍‌ଲକିଂ ଓ ୱାଟରିଂ। ₹୧୨,୫୩,୧୬୨/-, ₹୨୫,୧୦୦/-। **ଟେଣ୍ଡର ଫର୍ମ ମୂଲ୍ୟ:** ପ୍ରତ୍ୟେକ ପାଇଁ ₹୨,୦୦୦/-। **ଟେଣ୍ଡର ଖୋଲାଯିବାର ସ୍ଥାନ:** ପ୍ରତ୍ୟେକ ପାଇଁ ସିନିୟର୍ ଡିଏମ୍‌ଇ/ସିକେପି, ଏସ୍.ଇ. ରେଳପଥଙ୍କ କାର୍ଯ୍ୟାଳୟ। **ଟେଣ୍ଡର ସମାପ୍ତିର ତାରିଖ ଓ ସମୟ:** କ୍ର.ସଂ. ୧ ପାଇଁ ତା୦୭।୦୪।୨୦୨୦ରିଖ ୧୫.୦୦ ଘଟିକା ଏବଂ କ୍ର.ସଂ. ୨ ପାଇଁ ତା୦୩।୦୪।୨୦୨୦ରିଖ ୧୫.୦୦ ଘଟିକା। **ଟେଣ୍ଡର ଖୋଲାଯିବାର ତାରିଖ ଓ ସମୟ:** କ୍ର.ସଂ. ୧ ପାଇଁ ତା୦୭।୦୪।୨୦୨୦ରିଖ ୧୫.୧୫ ଘଟିକା ଏବଂ କ୍ର.ସଂ. ୨ ପାଇଁ ତା୦୩।୦୪।୨୦୨୦ରିଖ ୧୫.୧୫ ଘଟିକା। ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.inରେ ଦେଖାଯାଇପାରିବ। ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ରହିଥିବା ଏବଂ ସେ ଆଇଆର୍‌ଇପିଏସ୍ ପୋର୍ଟାଲ ଅଧୀନରେ ପଞ୍ଜୀକୃତ ହୋଇଥିବା ଜରୁରୀ। କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ସମ୍ପର୍କିତ କାଗଜପତ୍ର ଅପ୍‌ଲୋଡ୍ କରାଯିବା ଜରୁରୀ। (PR-1470)

**ପୂର୍ବ ତଟ ରେଳପଥ**

(1)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-29-19
**କାର୍ଯ୍ୟର ବିବରଣୀ:** ଦୁଇ ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ପୁରୀ ଡିପୋ ଠାରେ ନନ୍ କୋର୍ (Non Core) କାର୍ଯ୍ୟକଳାପ ନିମନ୍ତେ ଚୁକ୍ତି ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 2,49,86,794.46, EMD (ଟଙ୍କାରେ): 2,74,900/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 11,800/-, ଶେଷ ହେବା ଅବଧି : 24 ମାସ ।
(2)ଇ-ଟେଣ୍ଡର ବିଜ୍ଞପ୍ତି ସଂ.e-Tender-Elect-G-30-19
**କାର୍ଯ୍ୟର ବିବରଣୀ:** ଦୁଇ ବର୍ଷ ଅବଧି ନିମନ୍ତେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ଭୁବନେଶ୍ୱର ଡିପୋ ଠାରେ ନନ୍ କୋର୍ (Non Core) କାର୍ଯ୍ୟକଳାପ ନିମନ୍ତେ ଚୁକ୍ତି ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ(ଟଙ୍କାରେ):** 1,86,65,027.52, EMD (ଟଙ୍କାରେ): 2,43,300/-, ଟେଣ୍ଡର ନଥିପତ୍ରର ମୂଲ୍ୟ (ଟଙ୍କାରେ): 5,900/-, ଶେଷ ହେବା ଅବଧି : 24 ମାସ ।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ (ଉଭୟ ଟେଣ୍ଡର ନିମନ୍ତେ):** ତା.03.04.2020 ରିଖ 1500 ଘଟିକାରେ ।
ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ ।
ଦ୍ରଷ୍ଟବ୍ୟ: ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10(ଦଶ) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ(ଜେନେରାଲ)/ ଖୋର୍ଦ୍ଧା ରୋଡ୍
PR-795/K/19-20

**OFFICE OF THE REGISTRAR OF COOPERATIVE SOCIETIES, ODISHA, BHUBANESWAR**

Application for the post of Assistant Managers Grade-II, Banking Assistants Grade-II & System Managers in District Central Cooperative Banks (DCCBs) functioning in the State of Odisha is hereby invited online through the link available in the website **https://ibpsonline.ibps.in/rscosocjan20** from the resident of the State of Odisha and the applicant intends to apply should indicate the names of the DCCBs in order of preference (Minimum one & Maximum three). Examination for each post shall be held separately through online test.

**Tentative Schedule of Events:**

| Sl. No. | Events | Tentative Dates |
|---|---|---|
| 1. | Online Registration | 20.03.2020 to 15.04.2020 |
| 2. | Payment of Application Fees | 20.03.2020 to 15.04.2020 |
| 3. | Download of call letters for examination | Will be intimated later |
| 4. | Online Examination | Preliminary examination during May 2020 & Main examination during May 2020 & June 2020. |

**Examination Fees/Intimation Charges :**

| Sl. No. | Category of candidates | Fees |
|---|---|---|
| 1. | Each category of post for UR & SEBC candidates | Rs.1000/- |
| 2. | Each category of post for SC/ST candidates | Rs.600/- |

The eligibility criteria for the posts for Assistant Manager Grade-II, Banking Assistant Grade-II & System Manager and all other details are available in the above website. The candidates may download the details, carefully go through the same and apply for the posts on the basis of their eligibility within the dates specified for online registration alongwith online payment of application fees shown in the portal. The links for the purpose will be available on the specified dates.

Sd./- Registrar
Cooperative Societies, Odisha




ସମ୍ପ୍ରତି ଏକ ଗବେଷଣା ରିପୋର୍ଟରେ ଦର୍ଶାଯାଇଛି ଯେ, 'ଏ' ବ୍ଲଡ୍ ଗ୍ରୁପ୍‌ଙ୍କୁ କେରୋନା ସଂକ୍ରମଣ ଆଶଙ୍କା ଅନ୍ୟ ବ୍ଲଡ୍ ଗ୍ରୁପ୍ ତୁଳନାରେ ଅଧିକ ରହିଛି। ସେହିପରି 'ଓ' ବ୍ଲଡ୍ ଗ୍ରୁପ୍ ଲୋକଙ୍କ ଶରୀର ସହଜରେ କରୋନା ସଂକ୍ରମଣର ମୁକାବିଲା କରିପାରିଥାଏ। ଚାଇନାରେ କରୋନା ସଂକ୍ରମିତଙ୍କ ମଧ୍ୟରେ ୩୮ ପ୍ରତିଶତ 'ଏ' ବ୍ଲଡ୍ ଗ୍ରୁପ ଲୋକେ ଥିବାବେଳେ ୨୬ ପ୍ରତିଶତ 'ଓ' ବ୍ଲଡ୍ ଗ୍ରୁପ ରହିଛନ୍ତି। ଉହାନ ନିକଟରେ ଥିବା ସେଣ୍ଟର ଫର ଏଭିଡେନ୍ସ୍‌ବେସଡ୍ ଆଣ୍ଡ ଟ୍ରାନ୍ସଲେଶନାଲ ମେଡିସିନ୍‌ଠାରେ ଏନେଇ ଅଧିକ ଗବେଷଣା ଜାରି ରହିଛି। କରୋନା ସଂକ୍ରମଣ ଯୋଗୁ ମୃତ୍ୟୁ ଘଟିଥିବା ୨୦୬ ଜଣ ଲୋକଙ୍କ ଉପରେ ଏହି ଅଧ୍ୟୟନ କରାଯାଇଛି। ସେମାନଙ୍କ ମଧ୍ୟରେ ୮୫ ଜଣ ଅର୍ଥାତ୍ ୪୧.୨୬ ପ୍ରତିଶତଙ୍କ 'ଏ' ବ୍ଲଡ୍ ଗ୍ରୁପ ରହିଛି।




# ଫ୍ଲାଇଙ୍ଗ୍ କିସ୍‌ରେ ଆନିଭର୍ସାରି

**ୱାଶିଂଟନ:** ବିଭିନ୍ନ ଦେଶରେ କରୋନା ଭାଇରସ୍ ସ୍ତ୍ରୀ ସ୍ୱାମୀଙ୍କୁ ଅଲଗା କରିବାର ମୁଖ୍ୟ କାରଣ ହୋଇଛ। ଏହି କାରଣରୁ ଏକ ଭିନ୍ନ ଢଙ୍ଗରେ ଏବେ ବିବାହ ବାର୍ଷିକୀ ପାଳନ କରି ଚର୍ଚ୍ଚାକୁ ଆସିଛନ୍ତି ଆମେରିକାର କୋଟୋଲ୍ୟାଣ୍ଡ କାଉଣ୍ଟିର ଏକ ବୃଦ୍ଧ ଦମ୍ପତି। କରୋନା ଭାଇରସ୍ ଯୋଗୁ ସେ ଏକ ଭିନ୍ନ ଢଙ୍ଗରେ ତାଙ୍କ ୬୭ତମ ବିବାହ ବାର୍ଷିକୀ ପାଳନ କରିଛନ୍ତି। କରୋନା ଭାଇରସରେ ଆକ୍ରାନ୍ତ ହୋଇ ବାମ୍ବେ ସେଲାର୍ଡଙ୍କ ସ୍ତ୍ରୀ ନାନ୍ସୀ ନସିଂହୋମ୍‌ରେ ଥିଲେ। ସେଲାର୍ଡଙ୍କୁ ନର୍ସିଂ ହୋମରେ ନାନ୍ସୀଙ୍କ ସହ ଦେଖା କରିବାର ସୁଯୋଗ ମିଳି ନ ଥିଲା । ତେଣୁ ସେଲାର୍ଡ ନର୍ସିଂହୋମର ବାହାରେ ଏକ ସାଇନ୍ ବୋର୍ଡରେ ତାଙ୍କ ପତ୍ନୀଙ୍କ ପାଇଁ ବିବାହ ବାର୍ଷିକୀର ବାର୍ତ୍ତା ଲେଖି ଛିଡା ହୋଇଥିଲେ। ତାଙ୍କ ସ୍ତ୍ରୀ ନାନ୍ସୀ ମଧ୍ୟ ନର୍ସିଂହୋମର ଝରକା ବାଟ ଦେଇ ହାତ ହଲାଇବା ସହ ଫ୍ଲାଇଙ୍ଗ୍ କିସ୍ କରି ପ୍ରତ୍ୟୁତ୍ତର ଦେଇଥିଲେ। ସେଲାର୍ଡଙ୍କର ଏହି ଫଟୋ ଏବେ ସୋସିଆଲ୍ ମିଡିଆରେ ଭାଇରାଲ୍ ହେବାରେ ଲାଗିଛି ।

# ପୁଅର ପାପ ଧୋଉଛନ୍ତି ୯୭ ବର୍ଷୀୟା ମା'

**ପ୍ରୟାଗରାଜ:** ଗଙ୍ଗାଜଳ ବାଣ୍ଟିଲେ ପାପ ଦୂର ହେବ। ଏଇ ବିଶ୍ୱାସରେ୧୫ ବର୍ଷ ହେଲାଣି ବିଭିନ୍ନ ସ୍ଥାନ ବୁଲି ବୁଲି ଗଙ୍ଗାଜଳ ବାଣ୍ଟୁଛନ୍ତି ପାର୍ବତୀ । ଅବଶ୍ୟ ପାର୍ବତୀ ନିଜ ପାପ ଦୂର କରିବା ପାଇଁ ଏଇ କାମ କରୁନାହାନ୍ତି ବରଂ ତାଙ୍କ ପୁଅର ପାପ ଧୋଇବା ପାଇଁ ସେ ସମସ୍ତଙ୍କୁ ଗଙ୍ଗାଜଳ ଦେଉଛନ୍ତି । ବିହାରର ଭୋଜପୁର ଅଞ୍ଚଳରେ ରହନ୍ତି ପାର୍ବତୀ ପାଣ୍ଡେ। ୯୭ ବର୍ଷର ଏଇ ମହିଳା ଜଣକ ପୋଲିସ୍ ଷ୍ଟେଶନ୍, ହାଇକୋର୍ଟ ତଥା ବିଭିନ୍ନ ଅନୁଷ୍ଠାନ ବୁଲି ବୁଲି ଗଙ୍ଗାଜଳ ଆଉ ପ୍ରସାଦ ବାଣ୍ଟିଥାନ୍ତି । ୧୫ ବର୍ଷ ହେଲାଣି ସେ ଏଇ କାମ କରୁଛନ୍ତି ଆରପାରିରେ ଥିବା ତାଙ୍କ ପୁଅ ପାଇଁ । ପ୍ରକୃତ କଥା ହେଉଛି, ତାଙ୍କ ପୁଅ ବହୁ ଅପରାଧ କାର୍ଯ୍ୟକଳାପ ସହିତ ଜଡ଼ିତ ଥିଲା । ସେଥିପାଇଁ ତାକୁ ପୋଲିସ୍ ଏନ୍‌କାଉଣ୍ଟର କରି ମାରି ଦେଇଥିଲା। କିନ୍ତୁ ପୁଅ ତାଙ୍କଠାରୁ ଅଲଗା ରହୁଥିବାରୁ ସେ ଏହା ଜାଣି ପାରି ନ ଥିଲେ। ପୋଲିସ୍ ତାଙ୍କୁ ଏଇ ଖବର ଦେବା ପରେ ପାର୍ବତୀ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ ଓ ଭାଙ୍ଗି ପଡ଼ିଥିଲେ। ଏହା ପରଠାରୁ ସେ ତାଙ୍କ ପୁଅ କରିଥିବା ଭୁଲ କାମର ପ୍ରାୟଶ୍ଚିତ୍ତ କରିବା ପାଇଁ ଗଙ୍ଗାଜଳ ବାଣ୍ଟିବା ଆରମ୍ଭ କରିଥିଲେ । ପାର୍ବତୀଙ୍କ ପତି ବହୁ ଆଗରୁ ମରି ଯାଇଥିଲେ । ଏକମାତ୍ର ପୁଅ ଶ୍ଳୋକଙ୍କୁ ଚାହିଁ ସେ ବଞ୍ଚି ରହିଥିଲେ। କିନ୍ତୁ ୧୯ ବର୍ଷ ହେବା ପରେ ଶ୍ଳୋକ ତାଙ୍କ ଠାରୁ ଅଲଗା ରହୁଥିଲା । ଦିନେ ହଠାତ୍ ପୋଲିସ୍‌ଠାରୁ ପୁଅର ମୃତ୍ୟୁ ସମ୍ପର୍କରେ ଖବର ପାଇଁ ସେ ପ୍ରାୟଶ୍ଚିତ୍ତ କରିବାକୁ ନିଷ୍ପତ୍ତି ନେଇଥିଲେ । ସେଇ ଦିନ ଠାରୁ ସେ ପ୍ରତିଦିନ ଶିବକୁଟି ଘାଟରେ ଗଙ୍ଗାସ୍ନାନ କରି ପୁଅ ପାଇଁ ପୂଜା କରନ୍ତି ଓ ଗଙ୍ଗାଜଳ ନେଇ ବିଭିନ୍ନ କାର୍ଯ୍ୟାଳୟରେ ବାଣ୍ଟିଥାନ୍ତି ।





# ଇଟାଲିର ଭେନିସ୍ କେନାଲରେ ଡଲଫିନ୍

**ଭେନିସ୍:** ଚାଇନା ପରେ କରୋନାର ନୂଆ ଠିକଣା ପାଲଟିଛି ଇଟାଲି। ସୁରକ୍ଷା ଦୃଷ୍ଟିରୁ ସାଢ଼େ ୬ କୋଟି ଲୋକଙ୍କୁ ଘରୁ ନ ବାହାରିବାକୁ ସରକାରଙ୍କ ପକ୍ଷରୁ ପରାମର୍ଶ ଦିଆଯାଇଛି। ଏହାର ପ୍ରଭାବ ଯୋଗୁ ଏବେ ଭେନିସ୍ କେନାଲରେ ଆଉ ପୂର୍ବପରି ଗହଳି ଦେଖିବାକୁ ମିଳୁନି। ଏହାର ପାଣି ସ୍ୱଚ୍ଛ ହୋଇଯାଇଛି। ପାଣିରେ ଏବେ ଡଲଫିନ୍ ଖେଳୁଥିବାର ଦୃଶ୍ୟ ଲୋକେ ନିଜ ଘର ବାଲକୋନିରେ ବସି ଦେଖୁଛନ୍ତି। ଡଲଫିନ୍ ଦଳ ସମୁଦ୍ରରୁ କେନାଲ ମୁହାଁ ହୋଇଛନ୍ତି। ପୂର୍ବରୁ କେନାଲରେ ବୋଟ ଚଳାଚଳ କରୁଥିବାରୁ ଡଲଫିନ୍ ଦଳ ଆସିବାକୁ ଭୟ କରୁଥିଲେ। ତେବେ କରୋନା ଯୋଗୁ ଲାଗି ଥିବା କଟକଣା ସେମାନଙ୍କ ପାଇଁ ନୂଆ ସୁଯୋଗ ସୃଷ୍ଟି କରିଥିବା କୁହାଯାଉଛି। ଭେନିସ୍ କେନାଲରେ ଡଲଫିନ୍ ଖେଳୁଥିବାର ୫୫ ସେକେଣ୍ଡର ଏକ ଭିଡ଼ିଓ ଜଣେ ବ୍ୟକ୍ତି ଟୁଇଟରରେ ଶେୟାର କରିଛନ୍ତି। ଗତ ୬୦ ବର୍ଷ ମଧ୍ୟରେ ଏଭଳି ଦୃଶ୍ୟ ଭେନିସ କେନାଲରେ ଦେଖିବାକୁ ମିଳି ନ ଥିଲା ବୋଲି ସେ ଟୁଇଟ୍ କରିଛନ୍ତି। କେନାଲ ପାଣି ସ୍ୱଚ୍ଛ ହୋଇଯାଇଥିବାରୁ ଡଲଫିନ୍ ଏଠାକୁ ଆସିଥିବା କୁହାଯାଉଛି।

**ଭିଡ଼ିଓ ଭାଇରାଲ**



# ଟାଟୁ ମୋଟର ସାଇକେଲ

ଲଣ୍ଡନ: ମୋଟର ସାଇକେଲର ଦାମ ୭ କୋଟି ୪୦ ଲକ୍ଷ ଟଙ୍କା ଶୁଣିଲେ ଯେ କେହି ଆଶ୍ଚର୍ଯ୍ୟ ହେବେ। ତେବେ ଏହା ସତ। କମ୍ପାନୀ ଗେମ୍ ଓଭର ପକ୍ଷରୁ ଏହି ମୋଟରସାଇକେଲ ନିର୍ମାଣ କରାଯାଇଛି। ଏଥିରେ ଟାଟୁ ହୋଇଛି। ଏହା ହାର୍ଲେ ଡାଭିଡ୍‌ସନ୍ ମୋଟରସାଇକେଲ ସିରିଜ୍ ଅନ୍ତର୍ଭୁକ୍ତ। ଏହାର ବାହ୍ୟ ଆବରଣକୁ

**ଦାମ ୭ କୋଟି ୪୦ ଲକ୍ଷ ଟଙ୍କା**

ଚମଡ଼ାରେ ନିର୍ମାଣ କରାଯାଇଛି। ଏହାକୁ ତିଆରି କରିବା ପାଇଁ ୩୦୦୦ ଘଣ୍ଟା ସମୟ ଲାଗିଛି। ସେଥିମଧ୍ୟରୁ ଟାଟୁ କରିବା ଲାଗି କେବଳ ୨୫୦୦ ଘଣ୍ଟା ଲାଗିଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଏହାକୁ ଇତିମଧ୍ୟରେ ବହୁ ପୁରସ୍କାର ମିଳିସାରିଛି। ଏହି ଟାଟୁ ମୋଟର ସାଇକେଲ ଏବେ ସୋସିଆଲ୍ ମିଡ଼ିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି।

# କରୀନାଙ୍କୁ କରୋନା ଭୟ


କରୀନା କପୁର ଖାନ୍

**ମୁମ୍ବାଇ:** ସାରା ବିଶ୍ୱ ଏବେ କରୋନା ଭୟରେ। ପ୍ରଥମେ ଚାଇନାରେ କରୋନା କୋକୁଆ ଭୟ ସୃଷ୍ଟି କରି ହଜାର ହଜାର ଲୋକଙ୍କୁ ମାରିବାପରେ ଏବେ ଏହି ଭୂତାଣୁ ବିଶ୍ୱର ୧୬୫ ଦେଶକୁ ବ୍ୟାପିଲାଣି। ୭ହାଜରରୁ ଊର୍ଦ୍ଧ୍ୱ ଲୋକ କରୋନା ସଂକ୍ରମଣରେ ପ୍ରାଣ ହରାଇଥିବାବେଳେ ଭାରତରେ ୩ ଜଙ୍କ ମୃତ୍ୟୁ ଘଟିଛି। ଦେଶରେ ସଂକ୍ରମିତଙ୍କ ସଂଖ୍ୟା ୧୫୧ରେ ପହଞ୍ଚିଛି। ଏଥିଲାଗି ଦେଶବ୍ୟାପି ହାଇହାଲର୍ଟ ଜାରି କରାଯିବା ସହ ବିଭିନ୍ନ କଟକଣା ଲଗାଯାଇଛି। ଶିଳ୍ପଠାରୁ ଆରମ୍ଭ କରି ଫିଲ୍ମ ଇଣ୍ଡଷ୍ଟ୍ରି ଗୁଡିକ ଏହା ଦ୍ୱାରା ବିଶେଷ କ୍ଷତି ସହିଛନ୍ତି। କରୋନାକୁ ନେଇ ବଲିଉଡ୍ ଇଣ୍ଡଷ୍ଟ୍ରିରେ ପ୍ରାୟ ସବୁ ଫିଲ୍ମ ଶୁଟିଂ ବନ୍ଦ ହୋଇଯାଇଛି। ଏମିତିକି ଫିଲ ହଲ୍‌ଗୁଡ଼ିକୁ ମଧ୍ୟ ବନ୍ଦ କରାଯାଇଛି। କଳାକାରମାନେ ଆଉ ଘରୁ ବାହାରକୁ ବାହାରୁ ନାହାନ୍ତି। ଲୋକମାନେ ଜନସମାଗମ ସ୍ଥଳକୁ ଯାଉ ନ ଥିବାବେଳେ ଘରେ ଆବଦ୍ଧ ହୋଇ ରହିବାକୁ ବାଧ୍ୟ ହେଉଛନ୍ତି। ଅଭିନେତ୍ରୀ କରୀନା କପୁର ମଧ୍ୟ ଏଥିରୁ ବାଦ୍ ପଡ଼ିନାହାନ୍ତି। କରୋନା ଭୟରେ ସେ ଆଉ ବାହାରକୁ ନ ବାହାରି ଘରେ ଆରାମ କରୁଛନ୍ତି। ଘରେ ସେ ନିଜ ମନ ପସନ୍ଦର ଖାଦ୍ୟ ଖାଇ ସମୟ ବିତାଉଛନ୍ତି। ନିକଟରେ ଗାଜର ହାଲୱା ଖାଉଥିବାର ଏକ ଫଟୋ ସେ ନିଜ ଇନ୍‌ଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଛନ୍ତି। ଏଥିରେ କ୍ୟାପ୍‌ସନ୍ ଲେଖିଛନ୍ତି, ମିଠା ଆପଣଙ୍କ ପେଟକୁ ନୁହେଁ, ହୃଦୟକୁ ଛୁଇଁବ। ଏମିତି ମଜାଳିଆ ମନ୍ତବ୍ୟକୁ ଅଧିକ ପସନ୍ଦ କରିଥିବା ଜଣାପଡ଼ିଛି।

# 'ରେଡ୍' ଫିଲ୍ମର ମେକିଂ ଭିଡିଓ ଶେୟାର କଲେ ଅଜୟ



**ମୁମ୍ବାଇ:** ଅଜୟ ଦେବଗନଙ୍କ 'ରେଡ୍' ଫିଲ୍ମ ଦୁଇ ବର୍ଷ ତଳେ ଅର୍ଥାତ୍ ୧୬ ମାର୍ଚ୍ଚ ୨୦୧୮ରେ ମୁକ୍ତିଲାଭ କରିଥିଲା। ଫିଲ୍ମଟିକୁ ପୁଣି ମନେ ପକାଇ ଅଜୟ ଦେବଗନ ସୋସିଆଲ ମିଡିଆରେ ତାଙ୍କ ପ୍ରଶଂସକଙ୍କ ପାଇଁ ଫିଲ୍ମର ଭିଡିଓ ଶେୟାର କରିଛନ୍ତି। ସେ ଟ୍ୱିଟ୍ କରି କହିଛଛି 'ରେଡ୍' ଏକ ଏମିତି ଫିଲ୍ମ ଯାହା ରିଅଲ ଟାଇମ୍‌ରେ ନିର୍ମିତ ହୋଇଥିଲା। ତେଣୁ ଦର୍ଶକେ ଏହାକୁ ଖୁବ୍ ପସନ୍ଦ କରିଥିଲେ। ହ୍ୟାସଟ୍ୟାଗ୍ ୨ ବର୍ଷ 'ରେଡ'। ତାଙ୍କ ଟ୍ୱିଟ୍‌ରେ ପ୍ରତିକ୍ରିୟା ପ୍ରକାଶ କରି ଜଣେ ପ୍ରଶଂସକ କହିଛନ୍ତି, ଲଭ୍ ୟୁ ସାର୍। ମୁଁ 'ରେଡ୍-୨' ପାଇଁ ଉତ୍ସାହିତ ଅଛି। ଆପଣ ଏହା କେବେ କରୁଛନ୍ତି। ଆଉ ଜଣେ ୟୁଜର କହିଛନ୍ତି, ମୁଁ ବି ଚାହୁଁଛି 'ରେଡ୍ -୨'। ଏଠାରେ ସୂଚନାଯୋଗ୍ୟ ଯେ, 'ରେଡ୍' ଫିଲ୍ମର ନିର୍ଦ୍ଦେଶନା ଦେଇଥିଲେ ରାଜ କୁମାର ଗୁପ୍ତା। ଏଥିରେ ଅଜୟ ଦେବଗନ, ଇଲିଆନା ଡିକ୍ରୁଜ, ସୌରଭ ଶୁକ୍ଳା, ଅମିତ୍ ସିଆଲ ପ୍ରମୁଖ ଅଭିନୟ କରିଥିଲେ। ସତ୍ୟ ଘଟଣା ଉପରେ ଆଧାରିତ ଏହି ଫିଲ୍ମଟି ୨୦୧୮ରେ ମୁକ୍ତିଲାଭ କରିଥିଲା, ଯାହାକିବହୁତଭଲବ୍ୟବସାୟକରିଥିଲା।

# ପୋଲିସର ହ୍ୟାଣ୍ଡ୍ ୱାଶିଂ ଡ୍ୟାନ୍ସ

**ଥିରୁଭାନନ୍ତପୁରମ୍:** କରୋନା ଭୂତାଣୁ ସଂକ୍ରମଣ ଯୋଗୁ ପୃଥିବୀର ୧୬୫ ଦେଶରେ ସଙ୍କଟ ଦେଖାଦେଇଛି। ଭାରତରେ କରୋନା ସଂକ୍ରମିତଙ୍କ ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଏହି ମର୍ମରେ କେରଳ ପୋଲିସ ପକ୍ଷରୁ ଲୋକଙ୍କୁ ସଚେତନ କରିବା ପାଇଁ ଏକ ହ୍ୟାଣ୍ଡ୍ ୱାଶିଂ ଡ୍ୟାନ୍ସ ଏବେ ଫେସବୁକ୍‌ରେ ଅପଲୋଡ୍ କରାଯାଇଛି। ଏହାକୁ ଇତିମଧ୍ୟରେ ୮ ଲକ୍ଷରୁ ଅଧିକ ୟୁଜର ଦେଖିସାରିଛନ୍ତି। ଏହାକୁ ୨୮,୦୦୦ରୁ ଅଧିକ ଥର ଶେୟାର କରାଯାଇଛି। ଏନେଇ ୨,୦୦୦ରୁ ଅଧିକ କମେଣ୍ଟ ଦିଆଯାଇଛି। ଏକ ମିନିଟ୍ ୨୫ ସେକେଣ୍ଡର ଏହି ଭିଡ଼ିଓରେ ପୋଲିସ କର୍ମଚାରୀ ମୁହଁରେ ମାସ୍କ ପିନ୍ଧି ଡ୍ୟାନ୍ସ କରୁଥିବାର ଦେଖିବାକୁ ମିଳୁଛି। ସୂଚନାଯୋଗ୍ୟ, କେରଳରେ ୨୪ ଜଣ କରୋନା ସଂକ୍ରମିତଙ୍କୁ ଚିହ୍ନଟ କରାଯାଇଛି।



# କରୋନା ପାଇଁ ବୋନସ୍

**ନ୍ୟୁୟର୍କ:** କରୋନାରୁ ରକ୍ଷାପାଇବା ପାଇଁ ଘରେ କାମ କଲେ ମିଳିବ ବୋନସ୍ । ବିଭିନ୍ନ ଦେଶରେ ଏବେ କେତେକ କମ୍ପାନୀ ଏପରି ଅଫର ଦେଉଛନ୍ତି। ଏବେ ଏମିତି ଏକ ଅଫର ଦେଇଛି ଫେସ୍‌ବୁକ୍ । ଘରେ କାମ କରିବାରେ ଯେଉଁ କର୍ମଚାରୀମାନେ ସାହାଯ୍ୟ କରିବେ ସେମାନଙ୍କୁ ଫେସବୁକ୍ ୭୪ହଜାର ଟଙ୍କାର ବୋନସ୍ ଦେବା ପାଇଁ ଘୋଷଣା କରିଛ। ସିଏନ୍‌ବିସିର ରିପୋର୍ଟ ଅନୁସାରେ କମ୍ପାନୀର ସିଇଓ ମାର୍କ ଜୁକର୍‌ବର୍ଗ ତାଙ୍କର ଜଣେ କର୍ମଚାରୀଙ୍କୁ ପଠାଇଥିବା ଏକ ଇ-ମେଲ୍‌ରୁ ଏହା ଜଣାପଡ଼ିଛି । ଫେସ୍‌ବୁକରେ ଏବେ ପ୍ରାୟ ୪୫ହଜାର ଫୁଲ୍‌ଟାଇମ୍ ଷ୍ଟାଫ୍ ଅଛନ୍ତି । ଏହା ବ୍ୟତୀତ ହଜାର ହଜାର ସଂଖ୍ୟାରେ ଚୁକ୍ତିଭିତ୍ତିକ କର୍ମଚାରୀ ମଧ୍ୟ କାର୍ଯ୍ୟ କରୁଛନ୍ତି। ତେବେ ସେମାନଙ୍କୁ ବୋନସ୍ ମିଳିବ କି ନାହିଁ ସେସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ । ଫେସବୁକ୍ ଭଳି କରୋନା ପାଇଁ ୱାର୍କ ଡେ ନାମକ ସଫ୍ଟୱେର କମ୍ପାନୀ ବି ତା'ର କର୍ମଚାରୀମାନଙ୍କୁ ଦୁଇ ସପ୍ତାହର ଅତିରିକ୍ତ ଦରମା ବୋନସ୍ ଆକାରରେ ଦେବାକୁ ଘୋଷଣା କରିଛି।



# ଭାଇରାଲ ହେଉଛି କରୋନା ଗୀତ

## ଏକାଧିକ ହିନ୍ଦୀ ଫିଲ୍ମ ନିର୍ମାଣ ଯୋଜନାକୁ ସମାଲୋଚନା

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

ସମଗ୍ର ବିଶ୍ୱକୁ ଦୋହଲାଇ ଦେଇଛି ମହାମାରୀ କରୋନା। ସବୁଠି ଘାରିଛି ଏହି ଭୂତାଣୁ ସଂକ୍ରମଣର ଭୟ। ବୁଧବାର ସୁଦ୍ଧା ବିଶ୍ୱର ୧୬୭ ଦେଶକୁ ବ୍ୟାପିଥିବା ଏହି ଭୂତାଣୁ ବିରୋଧରେ ଜାରି ରହିଛି ଲଢେଇ। ଏପରିସ୍ଥଳେ କିଏ କରୋନାକୁ ମହିଳାଙ୍କ ସହ ତୁଳନା କରୁଛି ତ କିଏ ଏହା ଉପରେ କମେଡି ଫିଲ୍ମ ତିଆରି କରିବାକୁ ଯାଉଛି। କରୋନାକୁ ନେଇ ଏକାଧିକ ଗୀତ ଏବେ ଭାଇରାଲ ହେବାରେ ଲାଗିଛି। ତେବେ ଏଭଳି ଏକ ଗୀତ ଗାଇଥିବା ଓଡ଼ିଶାର ଜଣାଶୁଣା କଣ୍ଠଶିଳ୍ପୀ ହ୍ୟୁମାନ ସାଗର ସବୁଠାରୁ ଅଧିକ ଚର୍ଚ୍ଚାରେ ରହିଛନ୍ତି। ସେ ତାଙ୍କ ଗୀତରେ କରୋନାକୁ ଝିଅମାନଙ୍କ ସହ ତୁଳନା କରି ଫସିବା ସହ ସୋସିଆଲ ମିଡ଼ିଆରେ ବେଶ୍ ଟ୍ରୋଲ୍ ହୋଇଛନ୍ତି। ଏପଟେ କରୋନା ସଂକ୍ରମଣକୁ ନେଇ ଏକ ହିନ୍ଦୀ ଫିଲ୍ମ 'କରୋନା ପ୍ୟାର୍ ହୈ' କରିବାକୁ ଏରୋସ୍ ଇଣ୍ଟରନ୍ୟାଶନାଲ ଘୋଷଣା କରିଥିବାବେଳେ ଏହା ଏକ ପ୍ରେମକାହାଣୀ ବୋଲି କୁହାଯାଇଛି। ହେଲେ ଫିଲ୍ମର ଟାଇଟଲକୁ ନେଇ ବହୁ ବିବାଦ ଉଠିଥିବାବେଳେ ପ୍ରଯୋଜକ ରାକେଶ ରୋଶନ ଏହାକୁ ତୀବ୍ର ନିନ୍ଦା କରିଛନ୍ତି। ଏକ ସମ୍ବେଦନଶୀଳ ଘଟଣାକୁ ନେଇ ଏଭଳି ଏକ ଫିଲ୍ମ କରିବା ଦୁର୍ଭାଗ୍ୟଜନକ ବୋଲି ରାକେଶ କହିଛନ୍ତି। ସେହିଭଳି ଆଉଜଣେ ପ୍ରଯୋଜକ 'ଡେଡ୍‌ଲି କରୋନା' ନାମରେ ଫିଲ୍ମ କରିବେ ବୋଲି ଘୋଷଣା କରିଛନ୍ତି।

ଏପଟେ ସୋସିଆଲ ମିଡ଼ିଆରେ କରୋନାକୁ ନେଇ ଏକାଧିକ ଗୀତ ଓ ମିମ୍ ବୁଲୁଛି, ଯାହାମଧ୍ୟରୁ କିଛି ସଚେତନଭିତ୍ତିକ ହୋଇଥିବାବେଳେ ଆଉକିଛି ଭ୍ରମାତ୍ମକ। ଫେସ୍‌ବୁକ୍, ଟିକ୍‌ଟକ୍ ଓ ୟୁଟ୍ୟୁବ୍ ଭଳି ସୋସିଆଲ ପ୍ଲାଟ୍‌ଫର୍ମରେ ଏବେ ଏହି ଗୀତସବୁ ଭାଇରାଲ ହେବାରେ ଲାଗିଛି। ସାଧାରଣ ଲୋକଙ୍କଠାରୁ ଆରମ୍ଭକରି ଓଲିଉଡ୍, ବଲିଉଡ୍ ଓ ହଲିଉଡ୍ କଳାକାରମାନେ କରୋନାକୁ ନେଇ ବିଭିନ୍ନ ସଚେତନ ଓ ସତର୍କତାମୂଳକ ବାର୍ତ୍ତା ଦେଉଛନ୍ତି। ଓଡ଼ିଶାର କୁନି ପିଲାଙ୍କଠାରୁ ବଡ଼ବଡ଼ କଣ୍ଠଶିଳ୍ପୀମାନେ ମଧ୍ୟ ସୋସିଆଲ ମିଡିଆରେ ସଚେତନ କରିବାର ପ୍ରୟାସ ଜାରି ରଖିଛନ୍ତି। ଭାଇରାଲ ହୋଇଥିବା ଏକ ଗୀତ ମଧ୍ୟରେ ରହିଛି 'କରୋନାକୁ ଡରୋନା...'। କରୋନାକୁ ଭୟ ନ କରି ଲଢେଇ କରିବା ପାଇଁ ଏହି ଗୀତରେ ବାର୍ତ୍ତା ଦିଆଯାଇଛି। ଥଣ୍ଡା, କାଶ ହେଲେ ତୁରନ୍ତ ନିଜର ଚିକିତ୍ସା କରିବା ପାଇଁ କୁହାଯାଇଛି। କେବଳ ସେତିକି ନୁହେଁ, କରୋନା ସଂକ୍ରମଣରୁ ରକ୍ଷା ପାଇବା ପାଇଁ ମହାପ୍ରଭୁଙ୍କ ନିକଟରେ ନିବେଦନପୂର୍ବକ ଏକ ଭଜନ ଶୁଣିବାକୁ ମିଳିଛି। କଣ୍ଠଶିଳ୍ପୀ ବୁବୁନ୍ କୁମାର 'କରୋନା ଦାଉରୁ ରଖ ହେ ଜଗନ୍ନାଥ' ଗୀତ ଗାଇ ଏବେ ସୋସିଆଲ୍ ମିଡିଆରେ ଚର୍ଚ୍ଚିତ ହୋଇଛନ୍ତି। ଲୋକଙ୍କ ମନରେ ଭକ୍ତିଭାବ ସୃଷ୍ଟି କରି କରୋନା ଭୟ ଦୂର କରିବାକୁ ଏଥିରେ ପ୍ରୟାସ କରାଯାଇଛି।

ସେହିଭଳି ହାସ୍ୟ ଅଭିନେତା ପପୁ ପମ୍ ପମ୍ ମଧ୍ୟ କରୋନାକୁ ନେଇ ସଚେତନଭିତ୍ତିକ ଗୀତ ଗାଇ ହିଟ୍ ହୋଇଛନ୍ତି। 'କୋଉଠି ସାଇତି ରଖିଥିଲା ଚାଇନା ଭାଇରସ୍, ମାର୍‌ଡାଲା', 'କରୋନା ଆଇଲା ଲୋ' ଶୀର୍ଷକ ଗୀତକୁ ପପୁ ନିଜ କମେଡି ଡଙ୍କା ସହ ଗାଇ ସତର୍କ କରିଛନ୍ତି। କେବଳ ଓଡ଼ିଆରେ ନୁହେଁ ଏବେ ସୋସିଆଲ୍ ମିଡିଆରେ କରୋନା ଭାଇରସ୍‌କୁ ନେଇ ହିନ୍ଦୀ ଗୀତ ଓ ଗଜଲ୍ ମଧ୍ୟ ପ୍ରସ୍ତୁତ ହୋଇଛି।




## କ୍ଷମା ମାଗିଲେ ହ୍ୟୁମନ୍



**ଭୁବନେଶ୍ୱର,୧୮।୩(ବ୍ୟୁରୋ):** କଣ୍ଠଶିଳ୍ପୀ ହ୍ୟୁମନ୍ ସାଗର୍ 'ଝିଅ ନୁହେଁ ତୁ କରୋନା ଭାଇରସ୍' ଗୀତ ଗାଇ ବିବାଦ ଘେରକୁ ଆସିଥିବାବେଳେ ସେ ଗାଇଥିବା ଆଉ ଏକ ଗୀତ 'ପ୍ରେମ ତୋର କରୋନା ଚାଇନା ବୋମା' ଗୀତ ଏବେ ୟୁଟ୍ୟୁବ୍‌ରୁ ଡିଲିଟ୍ ହୋଇଯାଇଥିବା ଦେଖିବାକୁ ମିଳିଛି। ବିଭିନ୍ନ ମହଲରୁ ହ୍ୟୁମାନ୍ ସାଗରଙ୍କ ଏହି ଗୀତକୁ ବିରୋଧ ଓ ସମାଲୋଚନା କରାଯାଇଥିବାବେଳେ ଅନେକ ଏହାକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି। ଏଭଳି ଦୁର୍ଦ୍ଦିନ ସମୟରେ ଏହା ଅତ୍ୟନ୍ତ ନିମ୍ନମାନର ମନୋରଞ୍ଜନ ବୋଲି ଓଡ଼ିଶା ମହିଳା ଅଧିକାର ମଞ୍ଚ କହିଛି। ସେହିଭଳି ବିଭିନ୍ନ ସଂଗଠନ ପକ୍ଷରୁ ତାଙ୍କ ନାମରେ ଥାନାରେ ଏତଲା ଦିଆଯାଇଛି। ସେହିଭଳି ସୋସିଆଲ ମିଡ଼ିଆରେ ମଧ୍ୟ ଟ୍ରୋଲ୍ ହୋଇଛନ୍ତି ହ୍ୟୁମାନ୍। ସବୁଆଡୁ ବିରୋଧ ପରେ ଶେଷରେ ହ୍ୟୁମାନ୍ ସୋସିଆଲ ମିଡ଼ିଆରେ ଏନେଇ ମୁହଁ ଖୋଲିବା ସହ କ୍ଷମା ମାଗିଛନ୍ତି। ଏକ ଭିଡ଼ିଓରେ ସେ କହିଛନ୍ତି, ରାଜ୍ୟବାସୀ ତାଙ୍କ ପଛରେ ନ ପଡି କରୋନା ବିପର୍ଯ୍ୟୟର ମୁକାବିଲା ପାଇଁ ଉଦ୍ୟମ କରନ୍ତୁ। କରୋନା ସଂକ୍ରମଣ ନ ହେବା ପାଇଁ ସମସ୍ତେ ଉଦ୍ୟମ କରିବା ସହ ସଚେତନତା ଓ ସତର୍କତା ଅବଲମ୍ବନ କରନ୍ତୁ। ଏହାବାଦ୍ ନାରୀ ଜାତି ପ୍ରତି ତାଙ୍କର ଯଥେଷ୍ଟ ସମ୍ମାନ ରହିଥିବା ସେ ଏହି ଭିଡ଼ିରେ କହିଛନ୍ତି। ତେବେ ପୂର୍ବରୁ ଗୀତକୁ ନେଇ ଟ୍ରୋଲ୍ ହୋଇଥିବା ଏହି କଣ୍ଠଶିଳ୍ପୀ ପୁଣିଥରେ ନିଜର ଏହି ଭିଡ଼ିଓ ପାଇଁ ଟ୍ରୋଲ୍ ହୋଇଛନ୍ତି।

# ଭଉଣୀଙ୍କ ନାମ ପଞ୍ଜୀକୃତ କଲେ ମୁଖ୍ୟମନ୍ତ୍ରୀ

## ମୁଖ୍ୟମନ୍ତ୍ରୀଙ୍କ ପଦକ୍ଷେପକୁ ପ୍ରଧାନମନ୍ତ୍ରୀଙ୍କ ପ୍ରଶଂସା

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

କରୋନା ସତର୍କତା ନେଇ ରାଜ୍ୟ ସରକାର ତତ୍ପରତା ପ୍ରକାଶ କରିଛନ୍ତି। ବିଦେଶାଗତଙ୍କ ନାମ ପଞ୍ଜୀକରଣ କରିବାକୁ ଘୋଷଣା କରାଯାଇଛି। ଏହି କ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଭଉଣୀ ଗୀତା ମେହେଟ୍ଟାଙ୍କ ନାମ ପଞ୍ଜୀକୃତ ହୋଇଛି। ବିଦେଶରୁ ଆସିଥିବାରୁ ଗୀତାଙ୍କ ନାମ ମୁଖ୍ୟମନ୍ତ୍ରୀ ପୋର୍ଟାଲରେ ନାମ ପଞ୍ଜୀକୃତ କରିଛନ୍ତି। ଏ ନେଇ ବୁଧବାର ମୁଖ୍ୟମନ୍ତ୍ରୀ ଟୁଇଟ୍ କରି ଜଣାଇଛନ୍ତି। ବିଦେଶରୁ ଆସୁଥିବା ସମସ୍ତ ବ୍ୟକ୍ତି ନିଜର ନାମ ପଞ୍ଜୀକରଣ କରିବାକୁ ମୁଖ୍ୟମନ୍ତ୍ରୀ ନିବେଦନ କରିଛନ୍ତି। ଏହାଦ୍ୱାରା ଭୂତାଣୁ ସଂକ୍ରମଣକୁ ରୋକାଯାଇପାରିବ।

ମୁଖ୍ୟମନ୍ତ୍ରୀଙ୍କ ଟୁଇଟ୍‌କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରଶଂସା କରିଛନ୍ତି। ମୋଦି ରିଟୁଇଟ କରି କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ଏକ ବଡ଼ ଉଦାହରଣ ସୃଷ୍ଟି କରିଛନ୍ତି। ଅନ୍ୟମାନେ ନବୀନଙ୍କ ଏହି ପଦକ୍ଷେପକୁ ଅନୁସରଣ କରିବେ ବୋଲି ସେ ଆଶା କରିଛନ୍ତି। କରୋନା ଭଳି ମହାମାରୀକୁ ରୋକିବା ପାଇଁ ଆମେ ସମସ୍ତେ ମିଳିମିଶି ମୁକାବିଲା କରିବାକୁ ପ୍ରଧାନମନ୍ତ୍ରୀ ନିବେଦନ କରିଛନ୍ତି।

# ରାତି ୭ଟା ୪୫ରେ ଶ୍ରୀମନ୍ଦିର ବନ୍ଦ

- କରୋନା କଟକଣାରୁ ହେଲା ସଅଳ ପହୁଡ଼
- ହୁଣ୍ଡିରୁ ବାହାରିଲା ମାତ୍ର ୩୧ ହଜାର ଟଙ୍କା

**ପୁରୀ ଅଫିସ,୧୮।୩**

କରୋନା କଟକଣାର ପ୍ରଭାବ ବିଭିନ୍ନ କ୍ଷେତ୍ରରେ ପରିଲକ୍ଷିତ ହେଉଛି। ବେଳାଭୂମିର ଉଠା ବ୍ୟବସାୟୀ ହୁଅନ୍ତୁ ଅବା ପର୍ଯ୍ୟଟକଙ୍କ ଉପରେ ନିର୍ଭର କରୁଥିବା ସହରର ବିଭିନ୍ନ କ୍ଷୁଦ୍ର ବ୍ୟବସାୟୀ ସମସ୍ତେ ଏକପ୍ରକାର ହାତ ବାନ୍ଧି ବସିଛନ୍ତି। ତେବେ କରୋନା କଟକଣାର ସବୁଠୁ ଅଧିକ ପ୍ରଭାବ ଶ୍ରୀମନ୍ଦିର ଉପରେ ପଡ଼ିଛି। ଅଳ୍ପ ସଂଖ୍ୟାରେ ଭକ୍ତ ଆସୁଥିବାରୁ ନୀତିକାନ୍ତି ତ୍ୱରାନ୍ୱିତ ହୋଇଥିଲା। ଫଳରେ ବୁଧବାର ସଅଳ ହୋଇଛି ରାତ୍ର ପହୁଡ଼। ରାତି ୭ଟା ୪୫ରେ ବନ୍ଦ ହୋଇଛି ଶ୍ରୀମନ୍ଦିର ସିଂହଦ୍ୱାର। କେବଳ ପହୁଡ଼ ନୁହେଁ, ହୁଣ୍ଡିରେ ବି ପଡ଼ିଥିଲା କରୋନା କଟକଣା ମାଡ଼। ହୁଣ୍ଡିରୁ ମାତ୍ର ୩୧ ହଜାର ୯୮ ଟଙ୍କା ଏବଂ ୧ ଗ୍ରାମ୍ ରୁପା ବାହାରିଛି। ହୁଣ୍ଡିରୁ ଏତେ କମ୍ ଟଙ୍କା ଗତ ୮/୧୦ ବର୍ଷ ମଧ୍ୟରେ ବାହାରି ନ ଥିବା ଏବଂ ରାତି ୮ଟା ପୂର୍ବରୁ କେବେ ପହୁଡ଼ ହେବାର ନଜିର ନ ଥିବା ଶ୍ରୀମନ୍ଦିର ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀଧର ପୂଜାପଣ୍ଡା କହିଛନ୍ତି। ସୋମବାରଠାରୁ ଜିଲାରେ କରୋନା କଟକଣା କଡ଼ାକଡ଼ି କରାଯାଇଛି। ଜିଲାର ପ୍ରବେଶ ପଥରେ ପର୍ଯ୍ୟଟକ ଗାଡ଼ି ଯାଞ୍ଚ କରାଯାଉଛି। ଅତ୍ୟାବଶ୍ୟକ ନ ଥିଲେ ଜିଲା ବାହାର ଲୋକଙ୍କୁ ପୁରୀକୁ ପ୍ରବେଶ କରାଯାଉ ନାହିଁ। ପର୍ଯ୍ୟଟକଙ୍କୁ ଫେରାଇ ଦିଆଯାଉଥିବାରୁ ଏହାର ପ୍ରଭାବ ଶ୍ରୀମନ୍ଦିର ଉପରେ ପଡୁଛି। ଶ୍ରଦ୍ଧାଳୁଙ୍କ ସଂଖ୍ୟା କମୁଥିବାରୁ ଗତ ଦୁଇଦିନଠାରୁ ବୁଧବାର ହୁଣ୍ଡି ଅର୍ଥ ପୂରା କମିଯାଇଥିଲା। କଟକଣାର ପ୍ରଥମ ଦିନ ଅର୍ଥାତ୍ ସୋମବାର ଶ୍ରୀମନ୍ଦିର ହୁଣ୍ଡିରୁ ୯୮,୮୭୨ ଟଙ୍କା ଓ ମଙ୍ଗଳବାର ୭୨,୫୩୭ ଟଙ୍କା ବାହାରିଥିଲା। ତେବେ ଭକ୍ତ ନ ଥିବାରୁ ନୀତିକାନ୍ତି ସଅଳ ସରିଥିଲା। ଫଳରେ ରାତି ୭ଟା ୪୫ରେ ଶ୍ରୀମନ୍ଦିରରେ ପହୁଡ଼ ହୋଇଥିଲା। ଶୀଘ୍ର ରାତ୍ର ପହୁଡ଼ର ଏହା ରେକର୍ଡ କୁହାଯାଇପାରେ ବୋଲି କହିଛନ୍ତି ଗବେଷକ ଡ. ନରେଶ ଚନ୍ଦ୍ର ଦାଶ। କରୋନା ପାଇଁ ଏମିତି ବିଭିନ୍ନ କ୍ଷେତ୍ରରେ ବ୍ୟତିକ୍ରମ ଘଟୁଥିବା ବେଳେ ଆଗାମୀ ଦିନରେ ଶ୍ରୀମନ୍ଦିରକୁ ଭକ୍ତଙ୍କ ସଂଖ୍ୟା ଆହୁରି କମିପାରେ ବୋଲି ଆଶଙ୍କା କରାଯାଉଛି।

# ତାରିଣୀ, ଆଖଣ୍ଡଳମଣି ପୀଠରେ କଟକଣା

**କେନ୍ଦୁଝର/ଆରଡ଼ି, ୧୮।୩ (ଡି.ଏନ.ଏ.)**

- ପ୍ରତି ୨ଘଣ୍ଟାରେ ଥରେ ମନ୍ଦିର ଭିତରେ ସାନିଟାଇଜେଶନ କରାଯିବ
- ଭକ୍ତମାନଙ୍କଠାରୁ ଦାନ ଦକ୍ଷିଣା ଗ୍ରହଣ କରିପାରିବେ ନାହିଁ ସେବାୟତ
- ଶ୍ରଦ୍ଧାଳୁ ପରସ୍ପରଠାରୁ ପ୍ରାୟ ୧ ମିଟର ଦୂରତାରେ ରହି ଦିଅଁ ଦର୍ଶନ କରିବେ

କରୋନା ପାଇଁ ଘଟଗାଁ ମା' ତାରିଣୀ ମନ୍ଦିରରେ କଟକଣା ଜାରି କରାଯାଇଛି। ବୁଧବାର ଦିନ ଜିଲାପାଳ ଆଶିଷ ଠାକରେଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇ ଭକ୍ତଙ୍କ ପାଇଁ କଟକଣା ଜାରି କରାଯାଇଛି। ପ୍ରତି ଭକ୍ତ ମଧ୍ୟରେ ଦୂରତା ରଖିବାକୁ ନିଷ୍ପତ୍ତି ନିଆଯାଇଛି। ପ୍ରତି ଭକ୍ତ ଗୋଟିଏ ନଡିଆ ନେଇ ପୂଜା କରିବେ ଏବଂ ଭକ୍ତ ହାତ ଧୂଆ ପାଇଁ ହ୍ୟାଣ୍ଡ ୱାଶ ବ୍ୟବସ୍ଥା କରାଯାଇଛି। ପ୍ରତି ୨ଘଣ୍ଟାରେ ଥରେ ମନ୍ଦିର ଭିତରେ ସାନିଟାଇଜେସନ କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ତାରିଣୀ ଟ୍ରଷ୍ଟ ବୋର୍ଡର ସଦସ୍ୟ ଏବଂ ମନ୍ଦିର ପୋଲିସ ଏହି କାର୍ଯ୍ୟକୁ ତଦାରଖ କରିବେ ବୋଲି ଟ୍ରଷ୍ଟ ବୋର୍ଡର ସଭାପତି ରାଜେନ୍ଦ୍ର ପଟ୍ଟନାୟକ ସୂଚନା ଦେଇଛନ୍ତି।

ସେହିପରି ଭଦ୍ରକ ଜିଲା ଆରଡ଼ିର ବାବା ଆଖଣ୍ଡଳମଣିଙ୍କ ପୀଠକୁ ପ୍ରତିଦିନ ଓଡ଼ିଶାର ବିଭିନ୍ନ ଜିଲା ଓ ଅନ୍ୟ ରାଜ୍ୟରୁ ଭକ୍ତମାନେ ଆଗମନ କରନ୍ତି। କରୋନାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଏହି ପୀଠରେ କଟକଣା ଜାରି କରାଯାଇଛି। ଏ ସମ୍ପର୍କରେ ଭଦ୍ରକ ଉପଜିଲାପାଳ ମନ୍ଦିର ପ୍ରଶାସନ, ସେବାୟତ ଓ ସ୍ଥାନୀୟ ଅଞ୍ଚଳର ଜନସାଧାରଣଙ୍କୁ ଅବଗତ କରାଇଛନ୍ତି। ମନ୍ଦିର ଭିତରକୁ ସେବାୟତମାନେ ବାହାରୁ ଫୁଲ, ଚନ୍ଦନ, ଧୂପ, ଭୋଗ ଆଦି ପୂର୍ବ ପରି ନେଇପାରିବେ ନାହିଁ। ସେମାନେ ଭକ୍ତମାନଙ୍କୁ ସ୍ପର୍ଶ କରି ମଥାରେ ତିଳକ ଦେଇପାରିବେ ନାହିଁ କି ଭକ୍ତମାନଙ୍କଠାରୁ ଦାନ ଦକ୍ଷିଣା ଗ୍ରହଣ କରିପାରିବେ ନାହିଁ। ଭକ୍ତମାନେ ମନ୍ଦିରକୁ ଯିବା ପୂର୍ବରୁ ହାତ ଧୋଇ ଭିତରକୁ ପ୍ରବେଶ କରିବେ ଓ ପରସ୍ପରଠାରୁ ପ୍ରାୟ ୧ ମିଟର ଦୂରତାରେ ରହି ଦିଅଁ ଦର୍ଶନ କରିବେ। ଶ୍ରଦ୍ଧାଳୁମାନେ ପୀଠରେ ଏକତ୍ର ହୋଇପାରିବେ ନାହିଁ। ଦୋକାନୀମାନେ ବିକ୍ରୟ ଜିନିଷକୁ ଘୋଡ଼ାଇ ରଖିବା ସହ ମାସ୍କ ବ୍ୟବହାର କରିବାକୁ ସଚେତନ କରାଯାଇଛି।



ଟ୍ରେନ୍‌ରୁ ଓହ୍ଲାଉଥିବା ଯାତ୍ରୀମାନେ ମାସ୍କ ପିନ୍ଧି ପୁରୀ ଅଭିମୁଖେ ଯାଉଛନ୍ତି।

# କରୋନା ଗୁଜବ, ୩ ଗିରଫ

**ବ୍ରହ୍ମପୁର ଅଫିସ/ ତାଳଚେର,(ନି.ପ୍ର) ୧୮।୩**

କରୋନା ଭାଇରସ୍ ଏବେ ଭୟଙ୍କର ରୂପ ଧାରଣ କରିବାରେ ଲାଗିଛି। ଏହାକୁ ନେଇ ବ୍ରହ୍ମପୁର ସହରରେ ମଧ୍ୟ ୧୪୪ ଧାରା ଜାରି ସହ ଲୋକଙ୍କୁ ସତର୍କ ରହିବାକୁ ପରାମର୍ଶ ଦିଆଯାଉଛି। ଏହା ସତ୍ତ୍ୱେ ଏହାକୁ ଗୁଜବ ବୋଲି କହି ବୁଧବାର ୨ ଭାଇ ସୁବାସ ଚନ୍ଦ୍ର ସାହୁ ଓ ସୁଧାକର ସାହୁ ଗିରଫ ହୋଇଛନ୍ତି। ସେମାନଙ୍କର ବ୍ରହ୍ମପୁର ହନୁମାନ ବଜାରରେ ଏକ ଚୁଡି ଦୋକାନ ରହିଛି।

ବୁଧବାର ସକାଳେ ପ୍ରଶାସନିକ ଅଧିକାରୀମାନେ ବ୍ରହ୍ମପୁର ସହରର ବିଭିନ୍ନ ବଜାର ବୁଲିବା ସହ କେତେକ ଶପିଂ ମଲ ଓ ବଡ଼ ବଡ଼ ବ୍ୟବସାୟିକ ପ୍ରତିଷ୍ଠାନ ଖୋଲିଥିବା ଦେଖି ବନ୍ଦ କରିବାକୁ ବ୍ୟବସାୟୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ସୁବାସ ଓ ସୁଧାକାର ସରକାରୀ ଅଧିକାରୀଙ୍କୁ ଦୁର୍ବ୍ୟବହାର କରିବା ସହ କରୋନା ଭାଇରସ୍ ଗୁଜବ, ଏଥିରେ କେହି ବିଶ୍ୱାସ କରନ୍ତୁ ନାହିଁ ବୋଲି କହିଥିଲେ। ଘଟଣାକୁ ବ୍ରହ୍ମପୁର ଉପ-ଜିଲାପାଳ ଗରୁତ୍ୱର ସହ ନେଇ ସେମାନଙ୍କ ନାମରେ ଗିରଫ ପରୱାନା ଜାରି କରିଥିଲେ। ବଡବଜାର ପୋଲିସ ସୁବାସ ଓ ଭାଇ ସୁଧାକରଙ୍କୁ ଗିରଫ କରିଛି।



ଗିରଫ ୨ ଭାଇ

ବୁଧବାର ସନ୍ଧ୍ୟାରେ ଉଭୟଙ୍କୁ ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ ତଥା ଉପ-ଜିଲାପାଳଙ୍କ କୋର୍ଟରେ ହାଜର କରାଯାଇଥିବା ଥାନାଧିକାରୀ ପ୍ରଶାନ୍ତ ଭୂପତି କହିଛନ୍ତି।

ସେହିପରି ତାଳଚେରରେ କରୋନା ଭାଇରସ ସଂକ୍ରମଣ ସମ୍ପର୍କରେ ଭୁଲ ତଥ୍ୟ ଓ ମିଥ୍ୟା ଖବର ସାମାଜିକ ଗଣମାଧ୍ୟମରେ ପ୍ରଚାର କରିବା ଅଭିଯୋଗରେ ଜଣଙ୍କୁ କଳିଆରୀ ପୋଲିସ ମଙ୍ଗଳବାର ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ତାଳଚେର ବ୍ଲକ ବଡସିଙ୍ଗଡା ଗ୍ରାମର ରିଙ୍କୁ କୁମାର ଓରଫ ଜୟକୃଷ୍ଣ ସାହୁ। ପୋଲିସ କହିଛି, ବଅଁରପାଳ ଥାନା ଅଞ୍ଚଳର ଜଣେ ଯୁବକ କରୋନାରେ ଆକ୍ରାନ୍ତ ହୋଇ ନୂଆଦିଲ୍ଲୀର ଏକ ହସ୍ପିଟାଲରେ ମୃତ୍ୟୁ ହୋଇଥିବା ନେଇ ଜୟକୃଷ୍ଣ ଫେସବୁକରେ ପ୍ରଚାର କରିଥିଲେ।

# ଗ୍ରାମାଞ୍ଚଳରେ ସଚେତନତା ଜୋର୍‌ଦାର କରିବାକୁ ପରାମର୍ଶ

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

- ପ୍ରତି ପଞ୍ଚାୟତରେ ସବୁ ବ୍ୟବସ୍ଥା ରହିଥିବା ଗୋଟିଏ ଘର ରଖାଯିବ
- ଏଥିଲାଗି ପଞ୍ଚାୟତ ପିଛା ୫ ଲକ୍ଷ ଟଙ୍କା ପ୍ରଦାନ କରାଯିବ

କରୋନା ସଂକ୍ରମଣ ରୋକିବାକୁ ରାଜ୍ୟ ସରକାର ଜୋର୍‌ଦାର ପ୍ରୟାସ ଆରମ୍ଭ କରିଛନ୍ତି। ବର୍ତ୍ତମାନ ସୁଦ୍ଧା ଅଧିକାଂଶ ସରକାରୀ ଏବଂ ଘରୋଇ ସଂସ୍ଥା ମଧ୍ୟ ବନ୍ଦ କରାଗଲାଣି। ଏଭଳି ସ୍ଥିତିରେ ଜିଲା ଏବଂ ଗ୍ରାମାଞ୍ଚଳରେ ଅଧିକ ସଚେତନତା ଲାଗି ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ସହରାଞ୍ଚଳରେ ଲୋକମାନଙ୍କ ମଧ୍ୟରେ ବ୍ୟାପକ ସଚେତନତା ଦେଖିବାକୁ ମିଳିବାପରେ ଜିଲା ଏବଂ ଗ୍ରାମାଞ୍ଚଳ ଉପରେ ମୁଖ୍ୟ ଶାସନ ସଚିବ ଅସୀତ କୁମାର ତ୍ରିପାଠୀ ବିଶେଷ ଗୁରୁତ୍ୱାରୋପ କରିଛନ୍ତି। ଏହାସହ ଲୋକଙ୍କ ସୁବିଧା ଲାଗି ପଞ୍ଚାୟତଗୁଡ଼ିକ ପାଇଁ ୫ ଲକ୍ଷ ଟଙ୍କା ଲେଖା ଅନୁମୋଦନ କରାଯାଇଛି। ବୁଧବାର ଲୋକସେବା ଭବନଠାରେ ତ୍ରିପାଠୀ ଏବଂ ଅନ୍ୟ ବରିଷ୍ଠ ଅଧିକାରୀମାନେ ଭିଡିଓ କନଫରେନ୍ସି(ଭିସି) ଜରିଆରେ ୩୦ଟି ଜିଲାର ଜିଲାପାଳ, ଡିଆର୍‌ଡିଏ ପ୍ରକଳ୍ପ ନିର୍ଦ୍ଦେଶକ ଏବଂ ୩୧୪ ବ୍ଲକର ବିଡିଓମାନଙ୍କ ସହ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଜିଲା ଏବଂ ଗ୍ରାମାଞ୍ଚଳରେ କରୋନା ସଚେତନତା ଜୋରଦାର କରିବାକୁ ପରାମର୍ଶ ଦେଇଛନ୍ତି।

ମୁଖ୍ୟ ଶାସନ ସଚିବ ତ୍ରିପାଠୀ କହିଛନ୍ତି ଯେ, ଲୋକମାନଙ୍କ ଭିତରେ ସଚେତନତା ଆସିଲେ କରୋନାକୁ ହରାଇବା ସହଜ ହୋଇପାରିବ। କରୋନା ସମ୍ପର୍କିତ ରାଜ୍ୟ ସରକାରଙ୍କ ବିଭିନ୍ନ ପରାମର୍ଶ, ନିର୍ଦ୍ଦେଶାବଳୀ ସମ୍ପର୍କରେ ଲୋକଙ୍କୁ ବ୍ୟାପକ ସଚେତନ କରିବାକୁ ୫-ଟି ସଚିବ ଭି-କାର୍ଡିକେୟନ ପାଣ୍ଡିଆନ ପରାମର୍ଶ ଦେଇଛନ୍ତି। ଏହା ବ୍ୟତୀତ ହିତାଧିକାରୀଙ୍କୁ ୩ ମାସର ଆଗୁଆ ଭତ୍ତା, ପେନସନ୍ ଓ ରାଶନ ସାମଗ୍ରୀ ସହଜରେ ପ୍ରଦାନ କରାଯାଇପାରିବ ତା' ଉପରେ ଗୁରୁତ୍ୱ ଦିଆଯାଇଛି। ଏହାଛଡ଼ା ଅଙ୍ଗନୱାଡିରେ ପିଲାଙ୍କ ନିକଟରେ ଆଗୁଆ ଶୁଖିଲା ଖାଦ୍ୟ ପହଞ୍ଚାଇବା ଏବଂ ଏଏନ୍‌ଏମ୍ ଓ ଆଶାକର୍ମୀମାନଙ୍କ ପାଖରେ ପର୍ଯ୍ୟାପ୍ତ ପରିମାଣର ଅତ୍ୟାବଶ୍ୟକ ଔଷଧ ପହଞ୍ଚାଇବାକୁ ଅଧିକାରୀଙ୍କୁ କୁହାଯାଇଛି।

# ଆତଙ୍କିତ ନୁହେଁ, ସଚେତନ ହୁଅ: ରାଜ୍ୟପାଳ

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

**ପ୍ରାକୃତିକ ବିପର୍ଯ୍ୟୟ ଭଳି କରୋନାକୁ ରୋକିବ ଓଡ଼ିଶା**

ଆତଙ୍କିତ ନ ହୋଇ କରୋନା ମହାମାରୀ ବିରୋଧରେ ଲଢ଼ିବା ପାଇଁ ସଚେତନ ଓ ପ୍ରସ୍ତୁତ ରହିବାକୁ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଓଡ଼ିଶାବାସୀଙ୍କୁ ଅନୁରୋଧ କରିଛନ୍ତି। ଜନସାଧାରଣଙ୍କୁ ବାର୍ତ୍ତାଦେଇ ରାଜ୍ୟପାଳ କହିଛନ୍ତି, ଓଡ଼ିଶାରେ ରାଜ୍ୟ ସରକାର ଅନେକ ଦୂରଦୃଷ୍ଟିସମ୍ପନ୍ନ ପଦକ୍ଷେପ ନେଇଛନ୍ତି। ବ୍ୟାପକ ଜନସଚେତନତା ସୃଷ୍ଟି କରିବା ସହ ନିୟମିତ ସମୀକ୍ଷା ଓ ଆବଶ୍ୟକ ମୁତାବକ ତ୍ୱରିତ ପଦକ୍ଷେପ ନେଉଛନ୍ତି। ଅତୀତରେ ଓଡ଼ିଶା ଅନେକ ପ୍ରାକୃତିକ ବିପର୍ଯ୍ୟୟ ବିରୋଧରେ ଲଢ଼ି ବିଜୟ ଲାଭ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛି। ଏବେ କରୋନା ସଂକ୍ରମଣକୁ ରୋକିବା କ୍ଷେତ୍ରରେ ମଧ୍ୟ ଓଡ଼ିଶା ଆଦର୍ଶ ଭୂମିକା ନେବ ବୋଲି ରାଜ୍ୟପାଳ କହିଛନ୍ତି।

ସେ ଆହୁରି କହିଛନ୍ତି ଯେ, କରୋନା ଭୂତାଣୁ ସଂକ୍ରମଣକୁ ସାମଗ୍ରିକ ଭାବରେ ମଣିଷର କରୁଣାହୀନ ଆଚରଣର ଫଳ। ପ୍ରକୃତି ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଓ ଦାୟିତ୍ୱପୂର୍ଣ୍ଣ ଜୀବନଶୈଳୀ ହେଉଛି ସୃଷ୍ଟିର ମୂଳମନ୍ତ୍ର। ଏଥିରେ ବିଚ୍ୟୁତି ହେଲେ ଅନେକ ବିଭ୍ରାଟ ସୃଷ୍ଟି ହୁଏ ଓ କରୋନା ଭଳି ସମସ୍ୟାର ସମ୍ମୁଖୀନ ହେବାକୁ ହୁଏ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଛତ୍ରଛାୟାରେ ସାରା ଓଡ଼ିଶା ରହିଛି। ଏଠାରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଆଶା କରା ନ ଯାଇପାରେ ବୋଲି ରାଜ୍ୟପାଳ ପ୍ରଫେସର ଲାଲ କହିଛନ୍ତି।




ବାଲୁକା ଶିଳ୍ପୀ ସୁଦାମ ପ୍ରଧାନଙ୍କ ସ୍ୟାଣ୍ଡ ଆନିମେଶନରେ କରୋନା ସଚେତନତା ବାର୍ତ୍ତା।

# ମାସ୍କ ତିଆରି କରୁଛନ୍ତି ଏସ୍‌ଏଚ୍‌ଜି ମହିଳା

**ଜୟପୁର ୧୮।୩ (ନି.ପ୍ର.)**

**କରୋନା ମୁକାବିଲା ପାଇଁ ମହିଳାଙ୍କ ପଦକ୍ଷେପ**

ସାରା ବିଶ୍ୱରେ କରୋନା ଭାଇରସ୍ ଆତଙ୍କ ଖେଳାଇଛି। ଏହାଠାରୁ ବଞ୍ଚିବାକୁ ହେଲେ ସଚେତନ ଓ ସତର୍କତା ଅବଲମ୍ବନ ପାଇଁ ସରକାର ଘୋଷଣା କରିଛନ୍ତି। ଜନଗହଳିପୂର୍ଣ୍ଣ ସ୍ଥାନରେ ଏକାଠିନ ବୁଲିବା, ଲୋକଙ୍କ ସଂସ୍ପର୍ଶରେ ନ ଆସିବାକୁ ସଚେତନ କରାଯାଉଛି। ସେହିଭଳି ମାସ୍କ ବ୍ୟବହାର କରିବାକୁ ସରକାର ଲୋକଙ୍କୁ ସଚେତନ କରିଛନ୍ତି। ବର୍ତ୍ତମାନ ବଜାରରେ ମାସ୍କ ଅଭାବ ଦେଖାଦେଇଛି। ଏହାକୁ ଦୂର କରିବା ପାଇଁ ଜୟପୁର ଚନ୍ଦନବାଡ ସାହିର ଶ୍ରୀ ଲକ୍ଷ୍ମୀ ଗଣପତି ସ୍ୱୟଂ ସହାୟକ ଗୋଷ୍ଠୀ ମହିଳା ଆଗେଇ ଆସିଛନ୍ତି। ସ୍କୁଲ ଡ୍ରେସ ତିଆରି କରୁଥିବା ଏହି ସଂଘର ମହିଳାମାନେ ଏବେ ମାସ୍କ ତିଆରି କରୁଛନ୍ତି। ଏହି ମାସ୍କକୁ ବଜାରରେ ବିକ୍ରି କରାଯାଉଛି।

ସ୍ଥାନୀୟ ଅଞ୍ଚଳର ୧୦ ଜଣ ମହିଳା ମିଶି ଏହି ଗ୍ରୁପ ଆରମ୍ଭ କରିଥିଲେ। ପ୍ରଥମେ ସେମାନେ ସ୍କୁଲ ଡ୍ରେସ ସିଲେଇ କରୁଥିଲେ। ତେବେ କରୋନା ଭୟାବହତାକୁ ନଜରରେ ରଖି ଲୋକେ ଅଧିକ ସଂଖ୍ୟାରେ ମାସ୍କ ବ୍ୟବହାର କରୁଛନ୍ତି। ଫଳରେ ବଜାରରେ ମାସ୍କର ଅଭାବ ଦେଖାଦେଉଛି। ଏହି ସମୟରେ କରୋନା ମୁକାବିଲା ପାଇଁ ଆଗେଇ ଆସିଲେ ସଂଘ ମହିଳାମାନେ। ମାସ୍କ ତିଆରି କରିବାକୁ ମନ ବଳେଇ ଥିଲେ। ନିଜ ସହ ୪୦ ଜଣ ମହିଳାଙ୍କୁ ନିୟୋଜିତ କରି ୩ ଦିନ ହେବ ଆରମ୍ଭ କରିଛନ୍ତି ମାସ୍କ ସିଲେଇ। ଗୋଟିଏ ପ୍ୟାକେଟରେ ରହୁଛି ୧୦ ମାସ୍କ। ଗୋଟଏ ମାସ୍କକୁ ୨୦ଟଙ୍କା ହିସାବରେ ପ୍ୟାକେଟକୁ ୨ଶହ ଟଙ୍କାରେ ସ୍କୁଲ, ହଷ୍ଟେଲ, ଔଷଧ ଦୋକାନରେ ବିକ୍ରି କରାଯାଉଛି। ମାସ୍କ ତିଆରି ପାଇଁ ଆବଶ୍ୟକ ସାମଗ୍ରୀ ଲୁଧିଆନା, କୋଲକାତାରୁ ଆସୁଛି। ମାସ୍କଗୁଡିକୁ କଟନ କପଡ଼ାରେ ତିଆରି କରାଯାଉଛି। ତେଣୁ ଏହାକୁ ଭଲଭାବେ ଧୋଇ ଶୁଖେଇ ପୁଣି ଥରେ ବ୍ୟବହାର କରଯାଇ ପାରୁଥିବାରୁ ଏହାର ଚାହିଦା ବଜାରରେ ଭଲ ରହିଛି ବୋଲି ମହିଳାମାନେ କହିଛନ୍ତି। ମାସ୍କ ତିଆରି କରୁଥିବା ମହିଳାଙ୍କୁ ସିଲେଇ ହିସାବରେ ଟଙ୍କା ଦିଆଯାଉଛି ବୋଲି ଗ୍ରୁପ ସଭାପତି ଜି. ଭାରତି, ସମ୍ପାଦିକା ୱାଇ. କାନ୍ତା କହିଛନ୍ତି। ନିଜେ ସ୍ୱାବଲମ୍ବୀ ହେବା ସହ କରୋନା ମୁକାବିଲା ପାଇଁ ଆଗେଇ ଆସିଥିବା ଏହି ମହିଳାମାନେ ଏବେ ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି।



ମହିଳାମାନେ ମାସ୍କ ତିଆରି କରୁଛନ୍ତି।



## ସଂକ୍ଷେପରେ

### କରୋନା ଗୀତକୁ ନେଇ କାର୍ଯ୍ୟାନୁଷ୍ଠାନ ଦାବି କଲା ଭାଜପା

**ଭୁବନେଶ୍ୱର,୧୮।୩(ବ୍ୟୁରୋ):** ପ୍ରାଣଘାତୀ କରୋନା ଭୂତାଣୁକୁ ନେଇ ଲୋକ ଆତଙ୍କିତ ଅବସ୍ଥାରେ ଥିବାବେଳେ ଏକ ମ୍ୟୁଜିକ କମ୍ପାନୀ କରୋନା ଭାଇରସକୁ ଝିଅ ସହ ତୁଳନା କରି ଗୀତ ପ୍ରସ୍ତୁତ କରି ଏହାକୁ ମନୋରଞ୍ଜନ ଭାବେ ବ୍ୟବହାର କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ବୋଲି ଭାଜପା ନେତ୍ରୀ ପିଙ୍କି ପ୍ରଧାନ କହିଛନ୍ତି। ପିଙ୍କି କହିଛନ୍ତି ଯେ, କଣ୍ଠଶିଳ୍ପୀ ହ୍ୟୁମାନ ସାଗର ମନୋରଞ୍ଜନ ନାଁରେ ନାରୀମାନଙ୍କୁ ଅସମ୍ମାନିତ କରିଛନ୍ତି। କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଶାସକ ବିଜେଡିର ଜଣେ ସଦସ୍ୟ। ବିଜେଡି ନାରୀଙ୍କୁ ସମ୍ମାନ ଦେବାର କଥା କହୁଥିବାବେଳେ ତାଙ୍କ ସଦସ୍ୟ ନାରୀଙ୍କୁ ଅପମାନିତ କରିଚାଲିଛନ୍ତି। ଏଭଳି ଗୀତ ପ୍ରସ୍ତୁତ କରିଥିବା ପ୍ରଯୋଜନା ସଂସ୍ଥାର ମାଲିକଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ପିଙ୍କି ଦାବି କରିଛନ୍ତି।

### ଡକାଗଲେ ଅଫିସ ଆସିବେ ନିର୍ଦ୍ଦିଷ୍ଟ ବର୍ଗର କର୍ମଚାରୀ

#### ଏସ୍‌ଏସ୍‌ଇପିଡିର ନୂଆ ନିର୍ଦ୍ଦେଶନାମା

**ଭୁବନେଶ୍ୱର,୧୮।୩(ବ୍ୟୁରୋ):** କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ(ଏସ୍‌ଏସ୍‌ଇପିଡି) ନିଜ କର୍ମଚାରୀଙ୍କ ଲାଗି ନିର୍ଦ୍ଦେଶନାମା ଜାରି କରିଛି। ତଦନୁଯାୟୀ ଏଣିକି ବିଭାଗର ସବୁ ସରକାରୀ କର୍ମଚାରୀ ଅଫିସ ଆସିବେ ନାହିଁ। ଅତିରିକ୍ତ ସେକ୍ସନ ଅଫିସର, ସେକ୍ସନ ଅଫିସର, ସେକ୍ସନ ମୁଖ୍ୟ, ଡେସ୍କ ଅଫିସର ଏବଂ ଅନ୍ୟ ଉଚ୍ଚପଦସ୍ଥ ଅଧିକାରୀମାନେ କେବଳ ଗୁରୁବାରଠାରୁ କାର୍ଯ୍ୟରେ ଯୋଗଦେବେ। ଆବଶ୍ୟକ ପଡ଼ିଲେ ଅନ୍ୟ କର୍ମଚାରୀମାନଙ୍କୁ ଡକାଯିବ। ଏହାପରେ ସେମାନେ ୧ଘଣ୍ଟା ମଧ୍ୟରେ କାର୍ଯ୍ୟରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏହି ନିୟମ କାର୍ଯ୍ୟକାରୀ କରିବାକୁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

### କର୍ମଚାରୀଙ୍କ ସୁରକ୍ଷା ଲାଗି ୭ ପ୍ରସ୍ତାବ ରଖିଲା ମହାସଂଘ

**ଭୁବନେଶ୍ୱର,୧୮।୩(ବ୍ୟୁରୋ):** କରୋନା ଭୟାବହତାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଅନେକ ସଚେତନତାମୂଳକ ପଦକ୍ଷେପ ନେଉଛନ୍ତି। ସଚିବାଳୟରେ କାର୍ଯ୍ୟରତ କର୍ମଚାରୀ ଏବଂ ଅଫିସରଙ୍କ ସୁରକ୍ଷା ପାଇଁ ୭ ପ୍ରସ୍ତାବ କାର୍ଯ୍ୟକାରୀ ଲାଗି ସଚିବାଳୟ କର୍ମଚାରୀ ମହାସଂଘ ପକ୍ଷରୁ ଚିଠି ମାଧ୍ୟମରେ ସରକାରଙ୍କୁ ଅନୁରୋଧ କରାଯାଇଛି। ମହାସଂଘ ପକ୍ଷରୁ କୁହାଯାଇଛି ଯେ, ସଚିବାଳୟର ସମସ୍ତ ବର୍ଗର କର୍ମଚାରୀଙ୍କ ବ୍ୟବହାର ଲାଗି ଶୁଦ୍ଧ ପିଇବା ପାଣି, ସାନିଟାଇଜର, ଟିସୁ ପେପର ଓ ମାଗଣାରେ ମାସ୍କ ଯୋଗାଇ ଦିଆଯାଉ। ସଚିବାଳୟ ପରିସରରେ ରହିଥିବା ଚା' ଓ ଜଳଖିଆ ଦୋକାନ ଏବଂ ହୋଟେଲଗୁଡ଼ିକରେ ଯେପରି ଗରମ, ତଟକା ପ୍ୟାକେଟ ଖାଦ୍ୟ ପରଷିବେ ସେଥିପାଇଁ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରାଯାଉ। କାଚ କିମ୍ବା ଅନ୍ୟାନ୍ୟ ଧାତୁ ନିର୍ମିତ ଗ୍ଲାସ ଓ ପ୍ଲେଟ ବ୍ୟବହାର ପାଇଁ ନିର୍ଦ୍ଦେଶ ଦେବାକୁ ସଂଘ ଦାବି କରିଛି। ଏହାସହିତ କର୍ମଚାରୀବସୁଥିବା ସ୍ଥାନ, ପରିସ୍ରାଗାରଗୁଡ଼ିକୁ ନିୟମିତ ସଫାସୁତୁରା ଓ ବିଶୋଧନ କରିବା ପାଇଁ ମହାସଂଘ ପ୍ରସ୍ତାବ ରଖିଛି। ସଚିବାଳୟକୁ ଆସୁଥିବା ଅଣକର୍ମଚାରୀଙ୍କ ସଂଖ୍ୟାକୁ କମାଇବା ପାଇଁ ଅନୁରୋଧ କରାଯାଇଛି।

# ଭେସେଲ୍‌ରେ ଯିବେ ଏକ ତୃତୀୟାଂଶ ଯାତ୍ରୀ

**ପୁରୀ ଅଫିସ,୧୮।୩**

ଦିନକୁଦିନ ଆମ ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଓଡ଼ିଶାରେ ଜଣେ ଆକ୍ରାନ୍ତ ଚିହ୍ନଟ ହେବା ପରେ ରାଜ୍ୟବାସୀ ଚିନ୍ତିତ ହୋଇପଡ଼ିଛନ୍ତି। ଏହି ପ୍ରାଣଘାତୀ ଭାଇରସ୍ ପାଇଁ ଏ ପର୍ଯ୍ୟନ୍ତ କୌଣସି ଔଷଧ ବାହାରି ନ ଥିବାବେଳେ କେବଳ ସତର୍କତା ଓ ସଚେତନତା ଉପରେ ଗୁରୁତ୍ୱ ଦିଆଯାଇଛି। ଗୋଟିଏ ଜାଗାରେ ଏକତ୍ର ହେବାକୁ ବାରଣ କରାଯାଉଛି। ତେବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ ହେଉଛି ସାମାଜିକ ଦୂରତ୍ୱ ରକ୍ଷା କରିବା। ରାଜ୍ୟ ସରକାର ଏଥିପାଇଁ ନିର୍ଦ୍ଦେଶାନାମା ଜାରି କରିଥିବାବେଳେ ପୁରୀ ଜିଲା ପ୍ରଶାସନ ଏହାକୁ କଡ଼ାକଡ଼ି ଭାବେ ଲାଗୁ କରିଛି। ଚିଲିକାରେ ଚଳାଚଳ କରୁଥିବା ଭେସେଲ, ଟୁରିଷ୍ଟ ବୋଟ୍ ଉପରେ ମଧ୍ୟ କଟକଣା ଲଗାଯାଇଛି। ପରିବହନ କ୍ଷମତା ଏକ ତୃତୀୟାଂଶକୁ ହ୍ରାସ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ଜିଲାପାଳ ବଲୱନ୍ତ ସିଂଙ୍କ ନିର୍ଦ୍ଦେଶ ଅନୁଯାୟୀ ଶପିଂମଲ୍ ବନ୍ଦ କରାଯାଇଛି। କିନ୍ତୁ ଅତ୍ୟାବଶ୍ୟକ ସାମଗ୍ରୀ ବିକ୍ରୟ ନିମନ୍ତେ ସମ୍ପୃକ୍ତ ଶପିଂ ମଲ୍‌ଗୁଡ଼ିକୁ ଅନୁମତି ଦିଆଯାଇଛି। ସେହିପରି ବାର୍ ଏବଂ ବିୟର ପାର୍ଲରକୁ ବନ୍ଦ ରଖାଯାଇଛି।

ଚିଲିକାରେ ଭେସେଲ ସେବା ରହିଛି। ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ଏହି ଭେସେଲ ସାତପଡ଼ାରୁ ଜହ୍ନିକୁଦା ମଧ୍ୟରେ ଚଳାଚଳ କରିଥାଏ। ବର୍ତ୍ତମାନ କରୋନା ମୁକାବିଲା ନେଇ ଏଥିରେ କଟକଣା ଲଗାଇଛି ସିଡିଏ। ଯାତ୍ରୀ ପରିବହନ କ୍ଷମତା ଯାହା ରହିଛି ତାହାର ଏକ ତୃତୀୟାଂଶ ଯାତ୍ରୀ ଯିବାଆସିବା କରିବେ। ସେହିପରି ଟୁରିଷ୍ଟ ବୋଟ୍‌ରେ ମଧ୍ୟ ସମାନ କଟକଣା ରହିବ। କିନ୍ତୁ ଭେସେଲ ଏବଂ ଟୁରିଷ୍ଟ ବୋଟରେ ଯାତାୟାତ କରୁଥିବା ଯାତ୍ରୀଙ୍କ ମଧ୍ୟରେ ସାମାଜିକ ଦୂରତା ରଖାଯିବ। ପରସ୍ପର ମଧ୍ୟରେ ଅତି କମ୍‌ରେ ୧ ମିଟର ଦୂରତା ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ବାହାରୁ ଜିଲାର ନିଜ ଘରକୁ ଫେରୁଥିବା ବ୍ୟକ୍ତିଙ୍କ ଉପରେ ନଜର ରଖାଯିବା ସହ ପଞ୍ଚାୟତସ୍ତରରେ ବ୍ୟାପକ ସଚେତନତା ସୃଷ୍ଟି କରାଯାଉଛି।



**କଡ଼ାକଡ଼ି ହେଲା ସାମାଜିକ ଦୂରତ୍ୱ ରକ୍ଷା**

- ଟୁରିଷ୍ଟ ବୋଟ୍‌ରେ ବି ଲାଗିଲା କଟକଣା
- ୧ ମିଟର ଦୂରତା ରଖିବା ଲାଗି ନିର୍ଦ୍ଦେଶ

### ଗୋଟିଏ ସ୍ଥାନରେ ରେଜିଷ୍ଟ୍ରେଶନ ବନ୍ଦ

କରୋନା ମୁକାବିଲା ନେଇ ଦିନକୁଦିନ ନୂଆ ନୂଆ କଟକଣା ଜାରି କରାଯାଉଛି। ପୂର୍ବରୁ ଯେ କୌଣସି ହସ୍ପିଟାଲରେ ବହିଃବିଭାଗ ରୋଗୀ ଗୋଟିଏ ଜାଗାରେ ନାମ ପଞ୍ଜୀକରଣ କରିଥା'ନ୍ତି। ଅନେକ ସମୟରେ ଏଥିପାଇଁ ଲମ୍ବା ଧାଡ଼ି ଦେଖିବାକୁ ମିଳିଥାଏ। କିନ୍ତୁ ଏହାକୁ ଏବେ ବନ୍ଦ କରିଦେଇଛି ପୁରୀ ଜିଲା ପ୍ରଶାସନ। ଜିଲା ସଦର ମୁଖ୍ୟ ଚିକିତ୍ସାଳୟ, ସଂକ୍ରାମକ ରୋଗ ଚିକିତ୍ସାଳୟରେ ସମ୍ପୃକ୍ତ ବିଭାଗରେ ରୋଗୀ ନାମ ପଞ୍ଜୀକରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପ୍ରତ୍ୟେକ ବିଭାଗରେ ଏହି ବ୍ୟବସ୍ଥା କରାଯାଇଛି। ରୋଗୀମାନଙ୍କ ମଧ୍ୟରେ ୧ ମିଟର ବ୍ୟବଧାନ ରଖିବାକୁ ପରାମର୍ଶ ଦିଆଯାଇଛି।

### ୮ ଘଣ୍ଟାରେ ମାସ୍କ ବଦଳାଇବାକୁ ପରାମର୍ଶ

କରୋନା ମୁକାବିଲା ନେଇ ଜିଲାପାଳ ବଲୱନ୍ତ ସିଂ ସଫେଇ କର୍ମଚାରୀଙ୍କୁ ସ୍ୱତନ୍ତ୍ର ଭାବେ ଅନୁରୋଧ କରିଛନ୍ତି। ସଫେଇ କର୍ମଚାରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ କହିଛନ୍ତି, ଯେତେବେଳେ ଆପଣ ଘରକୁ ଯିବେ ଭଲ ଭାବେ ସାବୁନରେ ହାତ ଧୋଇବେ। ପରିବାର ସଦସ୍ୟଙ୍କୁ ମଧ୍ୟ ଶିଖାଇବେ। ବରିଷ୍ଠ ସଦସ୍ୟଙ୍କୁ ଘରୁ ବାହାରକୁ ନ ଯିବା ଲାଗି ପରାମର୍ଶ ଦେବେ। ଅତ୍ୟନ୍ତ ଜରୁରୀ ଥିଲେ ଘରର ଯୁବ ସଦସ୍ୟଙ୍କୁ ବାହାରକୁ ପଠାଇବେ। କର୍ମକ୍ଷେତ୍ରରେ ଥିବା ବେଳେ ଯେଉଁ ମାସ୍କ ପିନ୍ଧୁଛନ୍ତି ତାହାକୁ ୮ଘଣ୍ଟାରେ ବଦଳାଇବା ଦରକାର। ଯଦି ଡ୍ୟୁଟିରେ ଅଛନ୍ତି ତେବେ ରୁମାଲ ବ୍ୟବହାର କରନ୍ତୁ। ପରେ ଏହାକୁ ସାବୁନରେ ଭଲ ଭାବେ ଧୋଇ ବ୍ୟବହାର କରିପାରିବେ। ଏତଦ୍‌ବ୍ୟତୀତ ସାମାଜିକ ଦୂରତା ରକ୍ଷା କରିବେ। ଯଦି କିଛି ଫ୍ଲୁ ଜନିତ ସମସ୍ୟା ରହିଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ସଫେଇ କର୍ମଚାରୀଙ୍କୁ ଜିଲାପାଳ ପରାମର୍ଶ ଦେଇଛନ୍ତି।

### ଫିଲ୍ମ, ଧାରାବାହିକ ଶୁଟିଂ ବନ୍ଦ କରିବାକୁ ଓଏଫ୍‌ଡିସିର ନିର୍ଦ୍ଦେଶ

**ଭୁବନେଶ୍ୱର, ୧୮।୩ (ବ୍ୟୁରୋ):** କରୋନା ସଂକ୍ରମଣର ଭୟାବହତାକୁ ଦୃଷ୍ଟିରେ ରଖି ସମଗ୍ର ରାଜ୍ୟରେ ସିନେମା ହଲ୍‌ଗୁଡ଼ିକୁ ବନ୍ଦ କରି ଦିଆଯାଇଛି। ଏହାସହିତ ଫିଲ୍ମ ଶୁଟିଂକୁ ମଧ୍ୟ ବାରଣ କରାଯାଇଛି। ପୂର୍ବରୁ ଇଣ୍ଡିଆନ୍ ମୋଶନ ପିକ୍‌ଚର ପ୍ରଡ୍ୟୁସର୍ସ ଆସୋସିଏସନ୍(ଆଇଏମ୍‌ପିପିଏ) ବୈଠକରେ ୧୯ ତାରିଖରୁ ଦେଶରେ ଫିଲ୍ମ ସହ ସମସ୍ତ ଟେଲି ଧାରାବାହିକ, ୱେବ୍ ସିରିଜ ଏବଂ ଡିଜିଟାଲ ପ୍ଲାଟ୍‌ଫର୍ମର ସମସ୍ତ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମର ଶୁଟିଂକୁ ବନ୍ଦ ରଖିବାକୁ ସ୍ଥିର ହୋଇଥିଲା। ଏବେ ଏହାକୁ ସମର୍ଥନ ଦେଇଛି ଓଡ଼ିଶା ଚଳଚ୍ଚିତ୍ର ଉନ୍ନୟନ ନିଗମ(ଓଏଫ୍‌ଡିସି)। ଓଏଫ୍‌ଡିସି ପକ୍ଷରୁ ସମସ୍ତ ପ୍ରଯୋଜକ, ନିର୍ଦ୍ଦେଶକ ଓ ଫିଲ୍ମ ନିର୍ମାତାଙ୍କୁ ସେମାନଙ୍କ ଓଡ଼ିଶା ୟୁନିଟ୍‌ର ଫିଲ୍ମ, ଧାରାବାହିକ/ଶୋ', ୱେବ୍ ସିରିଜ୍ ଆଦିର ଶୁଟିଂ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ବୁଧବାର ସ୍ୱତନ୍ତ୍ର ଆଡଭାଇଜରି ଜାରି କରାଯାଇଛି। ୧୯ ତାରିଖରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଶୁଟିଂ ସ୍ଥଗିତ ରଖିବାକୁ ଓଏଫ୍‌ଡିସି ପରିଚାଳନା ନିର୍ଦ୍ଦେଶକ ଡ. ନିତିନ୍ ଜାୱାଲେ କହିଛନ୍ତି।

## ହୋମ୍ କ୍ୱାରାଣ୍ଟାଇନ୍ ସହ ମହାପ୍ରଭୁଙ୍କ ଅଣସରକୁ ତୁଳନା କଲେ ବାଗ୍‌ଚୀ

**ଭୁବନେଶ୍ୱର, ୧୮।୩ (ବ୍ୟୁରୋ):** ଯେଉଁମାନେ ବିଦେଶରୁ ଆସିଛନ୍ତି ସେମାନେ ୧୪ ଦିନ କ୍ୱାରାଣ୍ଟାଇନରେ ରହିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏହାକୁ ନେଇ ଏବେ ଅନେକ ବିଦେଶ ଫେରନ୍ତାଙ୍କ ଚିନ୍ତା ବଢ଼ିଛି। ଭାରତରେ ବିଭିନ୍ନ ସହରରେ ଦେଖାଯାଇଛି ଯେ, କ୍ୱାରାଣ୍ଟାଇନରେ ଥିବା ସନ୍ଦିଗ୍ଧ ଫେରାର୍ ହୋଇଯାଉଛନ୍ତି। ତେଣୁ କ୍ୱାରାଣ୍ଟାଇନରେ କିପରି ଭଲରେ ରହିବେ ଓ ଏହା କାହିଁକି ଜରୁରୀ ସେ ଦିଗରେ ବୁଧବାର କରୋନା ଭୂତାଣୁ ସଂକ୍ରମଣ ସଚେତନ କମିଟି ମୁଖ୍ୟ ପ୍ରବକ୍ତା ସୁବ୍ରତୋ ବାଗ୍‌ଚୀ କହିଛନ୍ତି। ତେବେ ହୋମ୍ କ୍ୱାରାଣ୍ଟାଇନକୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଣସର ନୀତି ସହ ତୁଳନା କରି ବାଗ୍‌ଚୀ ନିଆରା ଢଙ୍ଗରେ ଉପସ୍ଥାପନ କରିଛନ୍ତି। ହୋମ୍ କ୍ୱାରାଣ୍ଟାଇନ୍ କିଛି ନୂଆ କଥା ନୁହେଁ। ଏହି ସଙ୍ଗରୋଧ ପଦ୍ଧତିକୁ ନେଇ କିଛି ଡରିବାର ନାହିଁ। ପ୍ରତି ବର୍ଷ ହୋମ୍



କ୍ୱାରାଣ୍ଟାଇନ୍‌ରେ ନିଜେ କାଳିଆ ଠାକୁର ରୁହନ୍ତି। କରୋନା ସଚେତନତା ପାଇଁ ଶ୍ରୀଜୀଉଙ୍କ ସ୍ନାନଯାତ୍ରାର ମାହାତ୍ମ୍ୟକୁ ବଖାଣିଥିଲେ ବାଗ୍‌ଚୀ। ସ୍ନାନ ପୂର୍ଣ୍ଣିମା ପରେ ପ୍ରଭୁ ଜଗନ୍ନାଥ ୧୪ ଦିନ ପର୍ଯ୍ୟନ୍ତ ଯେପରି ଅଣସରରେ ରହନ୍ତି, ଠିକ୍ ସେମିତି ବିଦେଶ ଫେରନ୍ତା ଲୋକ ସଙ୍ଗରୋଧ ବା ଅଣସରରେ ରହିବା ଦରକାର। ହାଡଫୁଟି ଭଲ ପାଇଁ ମଧ୍ୟ ୧୪ଦିନ ଲାଗିଥାଏ। ସେମିତି କରୋନା ପାଇଁ ବି ଆମେ ନିଜକୁ ୧୪ ଦିନ ଅଣସରରେ ରଖିବାକୁ ବାଗଚୀ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି।

## ମାସେ ପର୍ଯ୍ୟନ୍ତ ଜନଆନ୍ଦୋଳନ କରିବନି ଭାଜପା

**କଂଗ୍ରେସର ସାଙ୍ଗଠନିକ କାର୍ଯ୍ୟକ୍ରମ ୩୧ ଯାଏ ବନ୍ଦ**

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

କରୋନା ଲାଗି ବିଧାନସଭା ବନ୍ଦ ହେବାକୁ ବିରୋଧ କରୁଥିବା ଭାଜପା ଏବେ ଏହି ମହାମାରୀ ରୋଗକୁ ଦୃଷ୍ଟିରେ ରଖି ଦଳର ସବୁ କାର୍ଯ୍ୟକ୍ରମ ଆସନ୍ତା ଏକ ମାସ ପର୍ଯ୍ୟନ୍ତ ବନ୍ଦ କରିବାକୁ ଘୋଷଣା କରିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂସଦୀୟ ଦଳ ବୈଠକରେ ଏମ୍‌ପିମାନଙ୍କୁ ନିଜ ନିଜ କ୍ଷେତ୍ରରେ ଜନ ଆନ୍ଦୋଳନ ନ କରି ସଚେତନତା କରିବାକୁ ଆହ୍ୱାନ ଦେଇଛନ୍ତି। ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜଗତ ପ୍ରକାଶ ନଡ୍ଡାଙ୍କ ନିର୍ଦ୍ଦେଶକ୍ରମେ ସାରା ଦେଶରେ ଦଳ ପକ୍ଷରୁ କୌଣସି ପ୍ରକାରର ଜନଆନ୍ଦୋଳନ, ଧାରଣା, ବିକ୍ଷୋଭ ପ୍ରଦର୍ଶନ କରାଯିବ ନାହିଁ। ଓଡ଼ିଶାରେ ଏହିସବୁ ହେବନାହିଁ ବୋଲି ଭାଜପା ରାଜ୍ୟ ସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି। ଦଳର ସବୁ କାର୍ଯ୍ୟକର୍ତ୍ତାମାନେ କରୋନା ସଚେତନତା ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବାର କାର୍ଯ୍ୟ କରିବେ। ପ୍ରଦେଶ, ଜିଲା ଏବଂ ମଣ୍ଡଳସ୍ତରର ପଦାଧିକାରୀମାନେ ଟିମ୍ ଗଢ଼ି ଜନଜାଗରଣ କାର୍ଯ୍ୟକ୍ରମ କରିବେ ବୋଲି ସମୀର କହିଛନ୍ତି। ସେହିପରି ମାର୍ଚ୍ଚ ୩୧ ପର୍ଯ୍ୟନ୍ତ କଂଗ୍ରେସ ସମସ୍ତ ସାଙ୍ଗଠନିକ କାର୍ଯ୍ୟକ୍ରମକୁ ବାତିଲ୍ କରିଛି। କର୍ମୀମାନେ କରୋନା ସମ୍ପର୍କରେ ଠିକ୍ ବାର୍ତ୍ତା ପ୍ରଚାର କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟି(ପିସିସି) ପକ୍ଷରୁ ପରାମର୍ଶ ଦିଆଯାଇଛି।

## କରୋନା ଭୟରେ ପୋଷା ଜନ୍ତୁଙ୍କୁ ପରିତ୍ୟାଗ ନ କରିବାକୁ ପରାମର୍ଶ

**ଭୁବନେଶ୍ୱର, ୧୮।୩ (ବ୍ୟୁରୋ):** କରୋନା ସଂକ୍ରମଣ ଭୟରେ ରାଜ୍ୟରେ କିଛି ଲୋକ ନିଜ ପୋଷା ତଥା ଗୃହପାଳିତ ଜୀବଜନ୍ତୁଙ୍କୁ ଘରୁ ବାହାର କରିଦେଉଛନ୍ତି। ଏହି ନିରୀହ ପଶୁମାନେ ଖାଦ୍ୟ, ପାନୀୟ ଓ ଆଶ୍ରୟ ଠିକ୍ ଭାବରେ ପାଉନାହାନ୍ତି। ଏପରିସ୍ଥିତିରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ପକ୍ଷରୁ ସ୍ପଷ୍ଟୀକରଣ ଦିଆଯାଇ କୁହାଯାଇଛି ଯେ, କରୋନା ଭୂତାଣୁ ସଂକ୍ରମଣରେ କୁକୁର ଓ ବିରାଡ଼ିଙ୍କ ପରି ପୋଷା ଜନ୍ତୁଙ୍କର କୌଣସି ଭୂମିକା ନାହିଁ। ତେଣୁ ଗୃହପାଳିତ ତଥା ପୋଷା ଜୀବଜନ୍ତୁଙ୍କୁ ପରିତ୍ୟାଗ ନ କରିବା ପାଇଁ ରାଜ୍ୟ ସରକାର ଗୃହ ମାଲିକଙ୍କୁ ପରାମର୍ଶ ଦେଇଛନ୍ତି। ଏ ସମ୍ପର୍କରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗର କମିଶନର ତଥା ଶାସନ ସଚିବ ଆର୍. ରଘୁପ୍ରସାଦ ରାଜ୍ୟର ସମସ୍ତ ଜିଲା ମୁଖ୍ୟ ପ୍ରାଣୀଚିକିତ୍ସା ଅଧିକାରୀଙ୍କୁ ପତ୍ର ଲେଖିଛନ୍ତି। ସେ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କୋଭିଡ୍-୧୯ କେବଳ ମନୁଷ୍ୟ ଦ୍ୱାରା ସଂକ୍ରମିତ ହେଉଥିବା ଭୂତାଣୁ। ପୋଷା ଜୀବଜନ୍ତୁଙ୍କ ଦ୍ୱାରା କରୋନା ଭୂତାଣୁ ସଂକ୍ରମିତ ହେବାର ଏପର୍ଯ୍ୟନ୍ତ କୌଣସି ପ୍ରମାଣ ନାହିଁ। ତେଣୁ ପୋଷା ଜୀବଜନ୍ତୁ ତଥା ଗୃହପାଳିତ ପ୍ରାଣୀମାନଙ୍କୁ କରୋନା ଭୟରେ ପରିତ୍ୟାଗ କରିବାର କୌଣସି ଯଥାର୍ଥତା ନାହିଁ। ଏହା ବ୍ୟତୀତ ଏପରି କାର୍ଯ୍ୟ ପ୍ରାଣୀମଙ୍ଗଳର ବିରୁଦ୍ଧାଚରଣ କରୁଛି। ତେଣୁ କରୋନା ପାଇଁ ପୋଷା ଓ ଗୃହପାଳିତ ଜୀବଜନ୍ତୁଙ୍କ ପ୍ରତି ନିଷ୍ଠୁରତା ପ୍ରଦର୍ଶନ ନ କରିବା ପାଇଁ କୁହାଯାଇଛି। ପୋଷା ଜୀବଜନ୍ତୁଙ୍କ ପ୍ରତି ସର୍ବଦା ଅନୁକୂଳ ବ୍ୟବହାର ପ୍ରଦର୍ଶନ କରିବା, ଠିକ୍ ସମୟରେ ଖାଦ୍ୟପାନୀୟ ଦେବା, ସେମାନଙ୍କ ମଳମୂତ୍ର ପରିଷ୍କାର କରିବା ପରେ ସମ୍ପୃକ୍ତ ବ୍ୟକ୍ତି ସଂକ୍ରମଣ ପ୍ରତିରୋଧକ ଭାବରେ ହାତ ଧୋଇବା ଉପରେ ଗୁରୁତ୍ୱାରୋପ କରାଯାଇଛି। ପୋଷା ଜୀବଜନ୍ତୁଙ୍କ ସୁରକ୍ଷାର ଗୁରୁତ୍ୱ ବଜାୟ ରଖିବା ପାଇଁ ଏହି ପତ୍ରରେ ପରାମର୍ଶ ଦିଆଯାଇଛି।




କରୋନା ଭାଇରସ୍ ସଂକ୍ରମଣ ରୋକିବା ପାଇଁ ସଚେତନ ଓ ସତର୍କ ରହିବାର ବାର୍ତ୍ତା ନେଇ ପୁରୀ ବେଳାଭୂମିରେ ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ତିଆରି କରିଥିବା ବାଲୁକାକଳା।

## ଭଡ଼ାଟିଆଙ୍କୁ ବିଦା କରିପାରିବେନି ଘର ମାଲିକ

**ଅଭିଯୋଗ ଆସିଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ: ପୋଲିସ କମିଶନର**

**ଭୁବନେଶ୍ୱର,୧୮।୩ (ବ୍ୟୁରୋ)**

ଭୁବନେଶ୍ୱରରୁ ଓଡ଼ିଶାର ପ୍ରଥମ କରୋନା ଭାଇରସ ସଂକ୍ରମିତ ଚିହ୍ନଟ ହେବା ପରଠାରୁ ସହରବାସୀ ଆତଙ୍କିତ ହୋଇପଡ଼ିଛନ୍ତି। ଏଥିସହ ସରକାରୀ ସ୍ତରରେ କଟକଣା ଓ ସଚେତନତାକୁ ତ୍ୱରାନ୍ୱିତ କରାଯାଇଛି। କେତେକ ଶିକ୍ଷାନୁଷ୍ଠାନ ହଷ୍ଟେଲକୁ ମଧ୍ୟ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏପରିସ୍ଥଳେ କଟକ ଓ ଭୁବନେଶ୍ୱର ଦ୍ୱୈତନଗରୀରେ ଘର ଭଡ଼ା ଦେଇଥିବା ମାଲିକମାନେ ଭଡ଼ାଟିଆଙ୍କ ପ୍ରତି ଭିନ୍ନ ଆଭିମୁଖ୍ୟ ପୋଷଣ କରୁଥିବା ଦେଖିବାକୁ ମିଳିଛି। କିଛି ଭଡାଟିଆଙ୍କୁ ମାଲିକମାନେ ଦେଇଥିବା ସମୟ ମୁତାବକ ଘର ଖାଲି କରିବାକୁ ଧମକ ଦେଉଛନ୍ତି। ଏନେଇ କେତେଜଣ ଭଡାଟିଆ ପୋଲିସ କମିଶନରଙ୍କ ନିକଟରେ ବୁଧବାର ଅଭିଯୋଗ ଆଣିଛନ୍ତି। ପୋଲିସ କମିଶନର ଡ. ସୁଧାଂଶୁ ଷଡଙ୍ଗୀ ଏହା ଉପରେ କଡ଼ା ଅଭିମୁଖ୍ୟ ଗ୍ରହଣ କରିଛନ୍ତି। ସେ କହିଛନ୍ତି, କରୋନାକୁ ନେଇ ଘର ମାଲିକ ଓ ଭଡ଼ାଟିଆ ଭୟଭୀତ ହେବାର ଆବଶ୍ୟକତା ନାହିଁ। ମାଲିକମାନେ କୌଣସି ପରିସ୍ଥିତିରେ ଭଡ଼ାଟିଆଙ୍କୁ ବିଦା କରିପାରିବେ ନାହିଁ। ଯଦି କେହି ଘର ମାଲିକ ଭଡାଟିଆଙ୍କୁ ବଳପୂର୍ବକ ବିଦା କରନ୍ତି, ତେବେ ଥାନାରେ ଅଭିଯୋଗ ହେଲେ ପୋଲିସ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି କମିଶନର ଷଡଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି।

## ଗହଳି କମାଇବାକୁ ସମସ୍ତ ବ୍ୟାଙ୍କକୁ ନିର୍ଦ୍ଦେଶ ଦେଲା ବିଏମ୍‌ସି

**ଭୁବନେଶ୍ୱର, ୧୮।୩ (ବ୍ୟୁରୋ):** କରେନା ସଂକ୍ରମଣକୁ ଏଡ଼ାଇବା ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ନିଜ ଅଞ୍ଚଳରେ ଥିବା ସମସ୍ତ ସରକାରୀ ଓ ଘରୋଇ ବ୍ୟାଙ୍କ ପାଇଁ ବିଏମ୍‌ସି କମିଶନର ପ୍ରେମଚନ୍ଦ୍ର ଚୌଧାରୀ ନିର୍ଦ୍ଦେଶନାମା ଜାରି କରିଛନ୍ତି। ବ୍ୟାଙ୍କରେ ଗହଳି କମାଇବା, ପ୍ରବେଶ ଦ୍ୱାରକୁ ନିୟମିତ ବିଶୋଧନ ସହ ହ୍ୟାଣ୍ଡ ୱାସ୍ ବ୍ୟବସ୍ଥା ସହ ଗ୍ରାହକ ଓ ବ୍ୟାଙ୍କ କର୍ମକର୍ତ୍ତା ହାତ ଧୋଇ ଭିତରକୁ ଯିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ହାତଧୁଆ ସ୍ଥାନରେ ସଚେତନତା ପୋଷ୍ଟର କିମ୍ବା ହୋର୍ଡିଂ ଲଗାଇବା ସହ ବ୍ୟାଙ୍କ ମଧ୍ୟରେ ସର୍ବନିମ୍ନ ଦୂରତା ବଜାୟ ରଖିବା, ନିୟମିତ ପୋଛା ଲଗାଇବା, ଏଟିଏମ୍‌ଗୁଡ଼ିକୁ ବିଶୋଧନ କରିବା ଓ ଏଟିଏମ୍ ଗୃହ ଚଟାଣକୁ ସଫା ରଖିବା ପାଇଁ ନିର୍ଦ୍ଦେଶନାମାରେ ଉଲ୍ଲେଖ କରାଯାଇଛି। ଅନ୍ୟପକ୍ଷରେ ଜ୍ୱର, ଥଣ୍ଡା, କାଶରେ ପୀଡ଼ିତ କର୍ମଚାରୀଙ୍କୁ ଘରେ ରହିବାକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅନୁମତି ଦେବାକୁ କମିଶନର ପରାମର୍ଶ ଦେଇଛନ୍ତି।

## କରୋନା ପ୍ରତିରୋଧ ଲାଗି ସ୍କାଉଟ ଗାଇଡ୍ ବ୍ରିଗେଡ ଗଠନ

**ଭୁବନେଶ୍ୱର, ୧୮।୩ (ବ୍ୟୁରୋ):** କରୋନା ସଂକ୍ରମଣ ରୋକିବାକୁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ପକ୍ଷରୁ ସ୍କାଉଟ ଗାଇଡ୍ ବ୍ରିଗେଡ ଗଠନ କରାଯାଇଛି। ଏଥିରେ ରାଜ୍ୟର ୨୦ ଜିଲାର ୧୪୦ ସ୍କାଉଟ ମାଷ୍ଟର ଓ ଗାଇଡ୍ କ୍ୟାପ୍‌ଟେନ ସାମିଲ ହୋଇଛନ୍ତି। ସେମାନେ ନିଜ ନିଜ ଜିଲାରେ ସଚେତନତା ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ଭୁବନେଶ୍ୱରଠାରେ ଅନୁଷ୍ଠିତ କର୍ମଶାଳାରେ କିମ୍ସର ଡାକ୍ତର ପ୍ରଣବ କୁମାର ମହାପାତ୍ର, ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡ. କାଳିପ୍ରସାଦ ମିଶ୍ର ଯୋଗଦେଇ ସେମାନଙ୍କୁ ନାନା ପରାମର୍ଶ ଦେଇଥିଲେ। ଏହି ଅବସରରେ ସଚେତନତା ଶୋଭାଯାତ୍ରାର ଆୟୋଜନ କରାଯାଇଥିଲା।




ସ୍କାଉଟ୍ସ ଏବଂ ଗାଇଡ୍ସ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ରେଷ୍ଟୁରାଣ୍ଟ ବ୍ୟବସାୟକୁ କରୋନା ମାଡ଼

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

ମହାମାରୀ କରୋନା ଏବେ ବିଶ୍ୱ ଅର୍ଥନୀତିକୁ ଦୋହଲାଇ ଦେଇଥିବାବେଳେ ଓଡ଼ିଶାରେ ମଧ୍ୟ ଏହାର ଗୁରୁତର ପ୍ରଭାବ ପଡ଼ିଛି। କରୋନା ପାଇଁ ଶିଳ୍ପ ଓ ବ୍ୟବସାୟ ପ୍ରତିଷ୍ଠାନ କ୍ଷତିଗ୍ରସ୍ତ ହୋଇଛି। ରେଷ୍ଟୁରାଣ୍ଟରୁ ଆରମ୍ଭକରି ଜିମ୍ ପର୍ଯ୍ୟନ୍ତ ସବୁକିଛି ଏବେ ଫାଙ୍କା ପଡୁଛି। ଏପରି ସ୍ଥିତିରେ ଗ୍ରାହକଙ୍କୁ ଆକୃଷ୍ଟ କରିବାକୁ କେଉଁଠି ଅଫର୍‌ର ଲୋଭ ଦେଖାଯାଉଛି ତ ଆଉ କେଉଁଠାରେ ସ୍ୱାସ୍ଥ୍ୟକର ଖାଦ୍ୟ ଏବଂ ପରିଚ୍ଛନ୍ନତାର ପ୍ରଚାର କରାଯାଉଛି। ଏହାସତ୍ତ୍ୱେ ଭୁବନେଶ୍ୱରର ଅଧିକାଂଶ ରେଷ୍ଟୁରାଣ୍ଟରେ ବେପାର ଏକପ୍ରକାର ବନ୍ଦ ହୋଇଯାଇଛି। ସହରର ଅଧିକାଂଶ ସିଟ୍‌ଡାଉନ୍ ରେଷ୍ଟୁରାଣ୍ଟ ବନ୍ଦ ହୋଇଯାଇଥିବାବେଳେ ଟେକ୍‌ଆଉଟ୍ ଓ ଡେଲିଭରି ଅପ୍‌ଶନ ଥିବା ରେଷ୍ଟୁରାଣ୍ଟଗୁଡ଼ିକ ଖୋଲାରହିଛି। ତେଣୁ ଯାହା ବି ବ୍ୟବସାୟ ହେଉଛି ତାହା ଅନ୍‌ଲାଇନ୍ ଡେଲିଭରି ଓ ଅଫ୍‌ଲାଇନ୍ ହୋମ୍ ଡେଲିଭରୀରେ ହେଉଛି। ଏହାବ୍ୟତୀତ ଛୋଟ ଛୋଟ ହୋଟେଲ ଏବଂ ରେଷ୍ଟୁରାଣ୍ଟରେ ଲୋକେ ଖାଇବା ପରିବର୍ତ୍ତେ ପ୍ୟାକ୍ କରି ଘରକୁ ନେବାକୁ ଅଧିକ ପସନ୍ଦ କରୁଛନ୍ତି। ଏପଟେ ଫୁଡ୍ ଡେଲିଭରୀ ଆପ୍ 'ଜୋମାଟୋ' ଏବଂ 'ସ୍ୱିଗି' ଉପରେ ମଧ୍ୟ ଅନେକେ ଭରସା କରୁଛନ୍ତି। ଉଭୟ ଡେଲିଭରି ସଂସ୍ଥା କରୋନା ସଂକ୍ରମଣ ଯୋଗୁ 'ନୋ ଟଚ୍' ଡେଲିଭରି ସୁବିଧା ରଖିଥିବାବେଳେ ଗ୍ରାହକ ଅର୍ଡର କରିବା ପୂର୍ବରୁ ଆପ୍‌ରେ ଥିବା ଡେଲିଭରି ଇନ୍‌ଷ୍ଟ୍ରକ୍ସନ ଫିଚରରେ ନିଜ ପସନ୍ଦ ମୁତାବକ ଫିଚର ବାଛି ଅର୍ଡର କରିପାରୁଛନ୍ତି। ସେହିଭଳି ଡେଲିଭରି ପାର୍ଟନର୍ ତଥା ରେଷ୍ଟୁରାଣ୍ଟ ଏବଂ ହୋଟେଲଗୁଡ଼ିକୁ ସ୍ୱଚ୍ଛତା ବଜାୟ ରଖିବା ସହ କର୍ମଚାରୀ ଅସୁସ୍ଥତା ଅନୁଭବ କଲେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବାକୁ ଅନୁରୋଧ କରାଯାଇଛି। ତେବେ ଏହାପରେ ମଧ୍ୟ ଅନେକେ ଅର୍ଡର କରିବା ପରିବର୍ତ୍ତେ ନିଜେ ଖାଦ୍ୟ ପ୍ରସ୍ତୁତ କରି ଖାଇବାକୁ ପସନ୍ଦ କରୁଛନ୍ତି। ରେଷ୍ଟୁରାଣ୍ଟଗୁଡ଼ିକ ମାର୍ଚ୍ଚ ଆରମ୍ଭରୁ ୫୦ ପ୍ରତିଶତ ଗ୍ରାହକ ହରାଇଥିବାବେଳେ ଏବେ ସ୍ଥିତି ଆହୁରି ଜଟିଳ ହୋଇଯାଇଛି। ସେହିଭଳି ମଲ୍‌ରେ ଥିବା ରେଷ୍ଟୁରାଣ୍ଟ ଓ ଅଧିକାଂଶ ମଲ୍ଟିକୁଜିନ୍ ରେଷ୍ଟୁରାଣ୍ଟ ବର୍ତ୍ତମାନ ସମୟରେ ବନ୍ଦ ହୋଇପଡ଼ିଛି।

**'ନୋ ଟଚ୍' ଡେଲିଭରି କରୁଛନ୍ତି 'ଜୋମାଟୋ', 'ସ୍ୱିଗି'**



ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୯ ମାର୍ଚ୍ଚ, ୨୦୨୦

## ଚିକିତ୍ସାଧୀନ ଅବସ୍ଥାରେ ଅନନ୍ତଙ୍କ ମୃତ୍ୟୁ

ଭୁବନେଶ୍ୱର,(ବ୍ୟୁରୋ):ସାମାନ୍ୟ ବଚସାକୁ କେନ୍ଦ୍ର କରି ଗତ ୬ ତାରିଖ ସନ୍ଧ୍ୟା ୮ଟାରେ ଟ୍ୟୁଶନରୁ ଫେରୁଥିବା ଛାତ୍ର ଅନନ୍ତ ମହାନ୍ତିଙ୍କୁ ଭୁଜାଲିରେ ମରଣାନ୍ତକ ଆକ୍ରମଣ। ଘଟଣା ଘଟିଛି ନୟାପଲ୍ଲୀ ଥାନା ଅନ୍ତର୍ଗତ ବାଜପେୟୀ ନଗରରେ ଥିବା ସାଇ ମନ୍ଦିର ନିକଟରେ। ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ଅନନ୍ତଙ୍କ ମୃତ୍ୟୁ ହୋଇଛି। ଏହି ଘଟଣାରେ ମୁଖ୍ୟ ଅଭିଯୁକ୍ତ ସଞ୍ଜୟ କୁମାର ନାୟକଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ସହଯୋଗୀ ଏବଂ ୨ ନାବାଳକ ଫେରାର ଅଛନ୍ତି।



# ପକ୍ଷାଘାତରେ ଚାନ୍ଦି ମେଢ଼ର ଅନନ୍ୟ ବିନ୍ଧାଣି

କଟକ ଅଫିସ,୧୮।୩

**ଚାନ୍ଦିକୁ ରୂପ ଦେବାରେ ସେ ମାହିର୍। ତାଙ୍କ ହାତରେ ଗଢ଼ା ହୋଇଛି ଶହଶହ ମେଢ଼। ଦଶହରା ସମୟରେ ଛତ୍ରବଜାର, ଚାଉଳିଆଗଞ୍ଜ, ଦରଘାବଜାରରେ ଶୋଭାପାଉଥିବା ଚାନ୍ଦିମେଢ଼ର ରୂପରେଖ ମଧ ତାଙ୍କରି କୃତି। ଚାନ୍ଦିମେଢ଼ର ଏହି ଅନନ୍ୟ ବିନ୍ଧାଣୀ ଜଣକ ହେଉଛନ୍ତି କଟକ କୁମ୍ଭାରସାହିର ୬୭ବର୍ଷୀୟ ଶିଳ୍ପୀ ରାମଚନ୍ଦ୍ର ପରିଡ଼ା। ଗତବର୍ଷଠାରୁ ସେ ପକ୍ଷାଘାତର ଶିକାର ହୋଇଛନ୍ତି। ସକ୍ଷମ ଥିଲା ଯାଏଁ, ସମସ୍ତେ ଖୋଜୁଥିଲେ ହେଲେ ଶଯ୍ୟାଶାୟୀ ପରେ ସେ ଏବେ ଅଲୋଡ଼ା। କୌଣସିସ୍ତରରୁ ବି ତାଙ୍କୁ ସହାୟତାର ହାତ ବଢ଼ିନାହିଁ...**



ରାମଚନ୍ଦ୍ର ପରିଡ଼ା।

ତାରକସୀ କାର୍ଯ୍ୟ ପାଇଁ ସାରା ଦେଶରେ କଟକ ସହରର ସ୍ୱତନ୍ତ୍ର ପରିଚୟ ରହିଛି। ହେଲେ ଏହାକୁ ନିର୍ମାଣ କରୁଥିବା ବିନ୍ଧାଣୀଙ୍କୁ କ୍ୱଚିତ ଜାଣିଥାନ୍ତି। ଜଣେ ଚାନ୍ଦିମେଢ ଲାଗି ପ୍ରଥମେ ଡିଜାଇନ ପ୍ରସ୍ତୁତ କରିଥାନ୍ତି। ଆଉ ସେହି ଡିଜାଇନ ମୁତାବକ ଗଢା ହୋଇଥାଏ ଆଖି ଝଲସା ଚାନ୍ଦିମେଢ।ଶିଳ୍ପୀ ରାମଚନ୍ଦ୍ର ଏହିକ୍ଷେତ୍ରରେ ବେଶ୍ ପାରଦର୍ଶିତା ହାସଲ କରିଛନ୍ତି।

ଦୀର୍ଘ ୫୦ବର୍ଷ ହେବ ରାମଚନ୍ଦ୍ର ଚାନ୍ଦି କାରୀଗର ଭାବେ କାର୍ଯ୍ୟ କରୁଛନ୍ତି। ଇତିମଧ୍ୟରେ ସେ କଟକ ସହରର ୧୫ରୁ ଊର୍ଦ୍ଧ୍ୱ ଚାନ୍ଦିମେଢ ଲାଗି ଡିଜାଇନ ପ୍ରସ୍ତୁତ କରିସାରିଛନ୍ତି। ତେବେ ଗତବର୍ଷଠାରୁ ସେ ପକ୍ଷାଘାତରେ ପୀଡିତ ଅଛନ୍ତି । ତଥାପି ଚାନ୍ଦିମେଢ ନିର୍ମାଣ ଲାଗି ଡିଜାଇନ ପ୍ରସ୍ତୁତ କରୁଛନ୍ତି। ପୂଜା ମଣ୍ଡପର ଉଚ୍ଚତା ଓ ଚଉଡ଼ାକୁ ଦେଖି ଚାନ୍ଦିମେଢ ନିର୍ମାଣ ହୋଇଥାଏ। ପୂଜା କମିଟିର ଇଚ୍ଛା ମୁତାବକ ରାମଚନ୍ଦ୍ର ଡିଜାଇନ ପ୍ରସ୍ତୁତ କରିଥାନ୍ତି। ଚାନ୍ଦିମେଢ ଡିଜାଇନରେ ନିର୍ଦ୍ଦିଷ୍ଟ ମାପଦଣ୍ଡ ରହିଥାଏ। ମଣ୍ଡପର ଉଚ୍ଚତା, ଚଉଡ଼ା ଏବଂ ଖଡ଼ମାର ମାପକୁ ନେଇ ମେଢର ସିଂହାସନ, ଦୁଇ ପାର୍ଶ୍ୱରେ ଥିବା ପିଲାର, କଳିକା, ଦଶ ଅବତାର ଘର, ଖିଲଣ ଘର, ମୟୂର, ମୟୂର କଳିକା, ମତ୍ସ୍ୟ, ପାହିଆ ଆଦିର ଡିଜାଇନ ପ୍ରସ୍ତୁତ ହୋଇଥାଏ। ଡିଜାଇନର ପ୍ରତ୍ୟେକ ଅଂଶ ଏପରିକି ମେଢରେ ହେବାକୁ ଥିବା ଛୋଟ ଛୋଟ କାରିଗରିକୁ ମଧ କାଗଜରେ ଅଙ୍କା ଯାଇଥାଏ । ଚାନ୍ଦି କାରିଗର ଏହି କାଗଜ ଡିଜାଇନକୁ ଅନୁକରଣ କରି ଆକର୍ଷଣୀୟ ମେଢ ନିର୍ମାଣ କରିଥାନ୍ତ। ତେବେ ମୁଖ୍ୟ କଥା ହେଉଛି ରାମଚନ୍ଦ୍ର ଏହି ଡିଜାଇନ ପାଇଁ କମ୍ପ୍ୟୁଟର କିମ୍ବା କୌଣସି ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ନଥାନ୍ତି। ସେ ଚାନ୍ଦିମେଢର ଡିଜାଇନ ନିଜ ହାତରେ ପ୍ରସ୍ତୁତ କରିଥାନ୍ତି। ମା' ଦୁର୍ଗାଙ୍କୁ ସ୍ମରଣ କରି ନିଜ ମନର କାଳ୍ପନିକ ଚିତ୍ରକୁ କାଗଜରେ ଆଙ୍କିଥାନ୍ତି ବୋଲି ରାମଚନ୍ଦ୍ର କୁହନ୍ତି। ସବୁବେଳେ କିଛି ନୂଆ ଡିଜାଇନ କରିବାକୁ ପ୍ରୟାସ କରିଥାନ୍ତି ସେ। ଗୋଟିଏ ଡିଜାଇନ ପ୍ରସ୍ତୁତ କରିବାକୁ ଦୁଇ ତିନି ମାସ ସମୟ ଲାଗିଥାଏ। ପକ୍ଷାଘାତରେ ଶିକାର ହେବାପରଠାରୁ ଏହି କାର୍ଯ୍ୟରେ ତାଙ୍କୁ ଦୁଇ ପୁଅ ସୂର୍ଯ୍ୟନାରାୟଣ ଏବଂ ମନୋରଞ୍ଜନ ସହଯୋଗ କରୁଛନ୍ତି। ଚାନ୍ଦିମେଢ଼ ନିର୍ମାଣ କାର୍ଯ୍ୟ ସମୟରେ ରାମଚନ୍ଦ୍ର ନିଜେ ଉପସ୍ଥିତ ରହି ମେଢର ଟିକିନିଖି କାର୍ଯ୍ୟକୁ ତଦାରଖ କରିଥାନ୍ତି । ଏହାଛଡ଼ା ସେ ଜରିମେଢ ମଧ ନିର୍ମାଣ କରିଥାନ୍ତି। କଲିକତା, ବମ୍ବେ ଆଦି ସ୍ଥାନରୁ ଜରିମେଢ ପାଇଁ କଞ୍ଚାମାଲ ଆଣି ଆକର୍ଷଣୀୟ ମେଢ ସହିତ ଦେବୀ'ଙ୍କ ପାଇଁ ଅଳଙ୍କାର ଓ ସାଜସଜ୍ଜା ମଧ ତିଆରି କରିଥାନ୍ତି।

**ମା' ଦୁର୍ଗାଙ୍କୁ ସ୍ମରଣ କରି ମନର କାଳ୍ପନିକ ଚିତ୍ରକୁ କାଗଜରେ ଆଙ୍କିଥାନ୍ତି**

# କରୋନା ସଚେତନତା ନେଇ ଭିଡିଓ ବାର୍ତ୍ତା ଦେଲେ ମୁଖ୍ୟମନ୍ତ୍ରୀ

## ■ସଚେତନତା ହିଁ ରକ୍ଷା କରିପାରିବ

ଭୁବନେଶ୍ୱର,୧୮।୩(ବ୍ୟୁରୋ)

କରୋନା ଭାଇରସ ପାଇଁ ସମଗ୍ର ବିଶ୍ୱ ଥରଥର। ଏହି ମାରାତ୍ମକ ରୋଗ ପାଇଁ କୌଣସି ଔଷଧ ନାହିଁ। ସଚେତନତା ହିଁ ଏକମାତ୍ର ପନ୍ଥା। ଏହି ରୋଗର ସଚେତନତା ପାଇଁ ମୁଖ୍ୟମନ୍ତ୍ରୀ ଏକ ଭିଡିଓ ବାର୍ତ୍ତା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ସଚେତନତା ହିଁ କେବଳ ଏହି ରୋଗ କବଳରୁ ମୁକ୍ତି ଦେଇ ପାରିବ। ସରକାର ଏଥିପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ଯେଉଁ ବ୍ୟକ୍ତି ବିଦେଶରୁ ୨୪ ଘଣ୍ଟା ଭିତରେ ଆସିଛନ୍ତି କିମ୍ବା ଆସୁଛନ୍ତି ସେମାନେ ୧୦୪ ନମ୍ବରକୁ ଫୋନ କରି କିମ୍ବା ଅନଲାଇନ ପୋର୍ଟାଲ https://covid19,odisha.gov.in ଜରିଆରେ ନିଜର ନାମ ପଞ୍ଜୀକୃତ କରି ପାରିବେ। ସେମାନଙ୍କୁ ନିଜର ଟେଲିଫୋନ ନମ୍ବର ସହ ଅନ୍ୟାନ୍ୟ ଆବଶ୍ୟକ ବିବରଣୀ ଦେବାକୁ ହେବ। ପରିବାର ସଦସ୍ୟ, ବନ୍ଧୁବାନ୍ଧବ ବିଦେଶାଗତମାନଙ୍କ ପାଇଁ ନାମ ପଞ୍ଜୀକୃତ କରି ପାରିବେ। ଏହାଛଡା ଯେଉଁ ବ୍ୟକ୍ତି ବିଦେଶରୁ ଆସୁଛନ୍ତି ସେମାନେ ନିଜ ଘରେ ୧୪ ଦିନ ଅଲଗା ରହିବା ସହିତ ଅନ୍ୟ କାହା ସହ ମିଳାମିଶା ନ କରିବାକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଆପଣମାନଙ୍କର ସହଯୋଗ ନିଜକୁ ଏବଂ ନିଜ ପରିବାରକୁ ସୁରକ୍ଷିତ ରଖି ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

## କରୋନା ଗୀତକୁ ନେଇ କମେଣ୍ଟ, ପେଟ୍ରୋଲ ପମ୍ପରେ ମାରପିଟ୍

**କଟକ ରୋଡ,୧୮।୩(ଡି.ଏନ୍.ଏ.):** କରୋନା ଗୀତକୁ କେନ୍ଦ୍ରକରି ମଙ୍ଗଳବାର ରାଜଧାନୀର ଏକ ପେଟ୍ରୋଲ ପମ୍ପରେ ଯୁବତୀ ଓ ଯୁବକମାନଙ୍କ ମଧ୍ୟରେ ମାରପିଟ୍ ହୋଇଛି। ଏହି ଘଟଣାରେ ବଡ଼ଗଡ଼ ପୋଲିସ ପେଟ୍ରୋଲ ପମ୍ପ କର୍ମଚାରୀଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେ ହେଲେ ସନ୍ତୋଷ ନାଥ। ପୋଲିସ ସୂଚନା ଅନୁଯାୟୀ, ମଙ୍ଗଳବାର ରାତି ପ୍ରାୟ ୧୧ଟାରେ ୩ଯୁବତୀ କଳ୍ପନା ଛକ ନିକଟରେ ଥିବା ପେଟ୍ରୋଲ ପମ୍ପକୁ ତେଲ ପକାଇବା ପାଇଁ ଆସିଥିଲେ। ଏହି ସମୟରେ ଅନ୍ୟ ୩ ଯୁବକ ମଧ ତେଲ ପକାଇବା ପାଇଁ ଆସିଥିଲେ। ଏହି ସମୟରେ ଜଣେ ଯୁବକ ଆଲବମ ଗୀତ ମାଧମରେ ଯୁବତୀଙ୍କୁ କମେଣ୍ଟ କରିଥିଲେ। ଏହା ପରେ ଯୁବତୀ ଓ ଯୁବକମାନଙ୍କ ମଧରେ ପ୍ରଥମେ ବଚସା ଓ ପରେ ମାରପିଟ ହୋଇଥିଲା। ମାରପିଟ ବେଳେ ସନ୍ତୋଷ ସେମାନଙ୍କୁ ବୁଝାଇବା ପରେ ଗଣ୍ଡଗୋଳ ଅଧିକ ବଢିଥିଲା। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସନ୍ତୋଷଙ୍କ ସହ ଯୁବତୀ ଓ ଯୁବକଙ୍କୁ ଥାନାକୁ ନେଇଥିଲା। ଏ ନେଇ ୩ଟି ମାମଲା(ନଂ. ୧୦୫, ୧୦୬,୧୦୭/୨୦)ରୁଜୁ ହୋଇଥିବା ଥାନାର ଜଣେ ଅଧିକାରୀ କହିଛନ୍ତି।

## ଗୋଷ୍ଠୀ ସଂଘର୍ଷ: ୨ଗିରଫ

ଭୁବନେଶ୍ୱର,୧୮।୩ (ବ୍ୟୁରୋ): ପୂର୍ବ ଶତ୍ରୁତାରୁ ଶହୀଦନଗର ଥାନା ଅନ୍ତର୍ଗତ ଶାନ୍ତିପଲ୍ଲୀ ବସ୍ତିରେ ମଙ୍ଗଳବାର ଗୋଷ୍ଠୀ ସଂଘର୍ଷ ଘଟିଛି। ପୋଲିସ ଉଭୟ ପକ୍ଷରୁ ୨ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। । ସେମାନେ ହେଲେ ସତ୍ୟବ୍ରତ ପ୍ରଧାନ ଓ ତ୍ରିନାଥ ସେଠୀ। ଜାମିନ ଆବେଦନ ଖାରଜ ହେବାରୁ ସେମାନଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। । ସୂଚନା ମୁତାବକ ଗତ ମଙ୍ଗଳବାର ସନ୍ଧ୍ୟାରେ ସତ୍ୟବ୍ରତ ଓ ତ୍ରିନାଥଙ୍କ ମଧରେ କଥା କଟାକଟିରୁ ଗଣ୍ଡଗୋଳ ହୋଇଥିଲା। ଏହାପରେ ଆରମ୍ଭ ହୋଇଥିଲା ଗୋଷ୍ଠୀ ସଂଘର୍ଷ। ମାର୍‌ପିଟରେ ଉଭୟ ପକ୍ଷର ସମର୍ଥକ ରକ୍ତାକ୍ତ ହୋଇଥିଲେ। ଖବର ପାଇ ପୋଲିସ ପହଞ୍ଚି ଆହତଙ୍କୁ ହସ୍ପିଟାଲ୍ ପଠାଇଥିଲା। ଉଭୟ ପକ୍ଷର ଅଭିଯୋଗକ୍ରମେ ୨ଟି ପୃଥକ ମାମଲା ରୁଜୁ କରିଥିଲା। ତ୍ରିନାଥଙ୍କ ଅଭିଯୋଗ କ୍ରମେ ୧୬୨/୨୦ ଓ ସତ୍ୟବ୍ରତଙ୍କ ଅଭିଯୋଗ କ୍ରମେ ୧୬୩/୨୦ନଂ.ରେ ମାମଲା ରୁଜୁ କରିଛି ।

# ବଢୁନି ଏସ୍କାଲେଶନ ଫି': ଅଡୁଆରେ ଠିକା ସଂସ୍ଥା

**ଆନ୍ଦୋଳନକୁ ଓହ୍ଲାଉଛନ୍ତି ସଫେଇ ସଂସ୍ଥା**

ଭୁବନେଶ୍ୱର,୧୮।୩(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ୨୦୧୩-୧୪ରେ ସଫେଇ କର୍ମଚାରୀଙ୍କ ମଜୁରି ୧୫୦ ଟଙ୍କା ଧାର୍ଯ୍ୟ କରିଥିଲା। ଇତିମଧ୍ୟରେ ୬ବର୍ଷ ବିତିଥିଲେ ମଧ ତାହା ଏବେ ବି ବଳବତ୍ତର ରହିଛି। ବିଏମ୍‌ସି ଏସ୍କାଲେଶନ ଫି' ବୃଦ୍ଧି କରୁ ନ ଥିବାରୁ ଠିକା ସଂସ୍ଥା ସଫେଇ କର୍ମଚାରୀଙ୍କୁ ବର୍ଦ୍ଧିତ ମଜୁରି ଦେଇପାରୁ ନାହାନ୍ତି। ଅନ୍ୟପଟେ ଏସ୍କାଲେଶନ ଫି' ନ ବଢ଼ିଲେ ମଧ ଘରୋଇ ସଂସ୍ଥା ସଫେଇ କର୍ମଚାରୀଙ୍କୁ ଦୈନିକ ମଜୁରି, ଇପିଏଫ, ଇଏସ୍‌ଆଇ ବାବଦରେ ମୋଟ ୨୭୦ ଟଙ୍କା ପ୍ରଦାନ କରୁଛନ୍ତି। ଏଥିଯୋଗୁ ସଂସ୍ଥାଗୁଡିକୁ ଅଧିକ ଆର୍ଥିକ ବୋଝ ବୋହିବାକୁ ପଡୁଛି। ଏହାସତ୍ତ୍ୱେ ମଧ ସଫେଇ କର୍ମଚାରୀମାନେ ମଜୁରି ବୃଦ୍ଧି ଦାବିରେ ବିଭିନ୍ନ ସମୟରେ ଆନ୍ଦୋଳନକୁ ଓହ୍ଲାଉଛନ୍ତି। ବିଏମ୍‌ସି କିନ୍ତୁ ଏହା ଶୁଣୁ ନ ଥିବାରୁ ଠିକା ସଂସ୍ଥାଗୁଡ଼ିକ ଅଡୁଆରେ ପଡୁଛନ୍ତି। ଚୁକ୍ତି ଅନୁଯାୟୀ ବିଏମ୍‌ସି ପକ୍ଷରୁ ଘରୋଇ ସଂସ୍ଥାଗୁଡିକୁ ଅଳିଆ ଟନ ପିଛା ୨୫ଶହ ଟଙ୍କା ଦିଆଯାଉଛି। ସେଥିରୁ ୧୨୫୦ଟଙ୍କା ଶ୍ରମିକ ମଜୁରି ବାବଦରେ ଖର୍ଚ୍ଚ କରିବାକୁ ପଡ଼ିବ। ଏହାକୁ ହିସାବକୁ ନେଲେ ସଫେଇ କର୍ମଚାରୀଙ୍କୁ ଦୈନକ ମଜୁରି ବାବଦରେ ୧୫୦ଟଙ୍କା ଦିଆଯିବ କଥା। ମଙ୍ଗଳବାର ନୂଆପଲ୍ଲୀର ୱାର୍ଡ ନଂ. ୩୭, ୩୮, ୩୯ର ପ୍ରାୟ ୮୦ଜଣ ସଫେଇ କର୍ମଚାରୀ ମଜୁରି ବୃଦ୍ଧି ଦାବିରେ ସ୍ଥାନୀୟ ଦେବରାୟ କଲେଜ ସମ୍ମୁଖରେ ଧାରଣାରେ ବସିଥିଲେ। ଏନେଇ ଧରିତ୍ରୀରେ ଏକ ଖବର ପ୍ରକାଶ ପାଇଥିଲା। ଏଥିରେ ଠିକାସଂସ୍ଥା ଜାଗୃତି ଏବଂ ରାମ୍‌କୀଠାରୁ ଠିକ୍ ଭାବେ ମଜୁରୀ ମିଳୁ ନ ଥିବା ଅଭିଯୋଗ କରି ସଫେଇ କର୍ମଚାରୀମାନେ ଧାରଣା ଦେଇଥିବା ଉଲ୍ଲେଖ ହୋଇଥିଲା। ତେବେ ଉପରୋକ୍ତ ୩ଟି ୱାର୍ଡର ସଫେଇ ଦାୟିତ୍ୱ ରାମ୍‌କୀ ଠିକାସଂସ୍ଥା ନେଇଥିବାବେଳେ ଜାଗୃତି ନାମ ଭୁଲ୍‌ବଶତଃ ଉଲ୍ଲେଖ ରହିଥିଲା। ତେବେ ଉକ୍ତ ୱାର୍ଡର ସଫେଇ କାର୍ଯ୍ୟ କିମ୍ବା କର୍ମଚାରୀଙ୍କ ମଜୁରି ଠକେଇରେ ଜାଗୃତି ଠିକା ସଂସ୍ଥାର କୌଣସି ଭୂମିକା ନାହିଁ ବୋଲି ସମ୍ପୃକ୍ତ ସଂସ୍ଥା ପକ୍ଷରୁ କୁହାଯାଇଛି।

# ବାର୍‌ରେ ଚଢ଼ାଉ, ୧୦ ଯୁବତୀ ଉଦ୍ଧାର

## ମାଲିକଙ୍କ ବିରୋଧରେ ହେବ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୧୮।୩ (ବ୍ୟୁରୋ)

କ୍ୟାପିଟାଲ ଥାନା ଅନ୍ତର୍ଗତ ବାପୁଜିନଗରସ୍ଥିତ ରଙ୍ଗିଲା ବାର୍‌ରେ ବୁଧବାର ବିଳମ୍ବିତ ରାତିରେ ପୋଲିସ ଚଢାଉ କରି ୧୦ଜଣ ଯୁବତୀଙ୍କୁ ଉଦ୍ଧାର କରିଛି। କରୋନା ସଂକ୍ରମଣ ରୋକିବା ପାଇଁ ସରକାରଙ୍କ କଟକଣା ସତ୍ତ୍ୱେ ଉକ୍ତ ବାର୍‌ରେ ଡାନ୍ସ ଚାଲିଥିଲା। ଏନେ ଅଭିଯୋଗ ଆସିବା ପରେ ଜୋନ୍-୧ ଏସିପି ମାନସ ଗଡନାୟକଙ୍କ ନେତୃତ୍ୱରେ କ୍ୟାପିଟାଲ ଥାନା ପୋଲିସର ଏକ ଟିମ୍ ସେଠାରେ ଚଢ଼ଉ କରିଥିଲା। ଚଢ଼ାଉ ସମୟରେ ଉକ୍ତ ବାର୍‌ରେ ନାଚଗୀତର ଆସର ଜମିଥିଲା। ଯୁବତୀମାନେ ନୃତ୍ୟ ପରିବେଷଣ କରୁଥିବାବେଳେ ଗ୍ରାହକଙ୍କ ପ୍ରବଳ ଭିଡ଼ ଜମିଥିଲା। ତେବେ ପୋଲିସକୁ ଦେଖି ଗ୍ରାହକମାନେ ଛତ୍ରଭଙ୍ଗ ଦେଇଥିବାବେଳେ ସେଠାରୁ ୧୦ଜଣ ଯୁବତୀଙ୍କୁ ଉଦ୍ଧାର କରାଯାଇଥିଲା। ସେମାନଙ୍କୁ ଶର୍ଟ ଷ୍ଟେ ହୋମ୍‌କୁ ପଠାଇ ଦିଆଯାଇଛି। ଗୁରୁବାର ଆଇନଗତ ବ୍ୟବସ୍ଥା ପରେ ସେମାନଙ୍କୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ। ସେହିଭଳି ବାର୍ ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଲାଇସେନ୍ସ ବିନା ଗୀତ ବଜାଉ ଥିବାରୁ ସହରାଞ୍ଚଳ ପୁଲିସ ଆଇନ ବଳରେ ମଧ କାର୍ଯ୍ୟାନୁଷ୍ଠାନ ହେବା ସହ ବାରକୁ ବନ୍ଦ କରାଯିବା ପାଇଁ ସରକାରଙ୍କୁ ଚିଠି ଲେଖାଯିବ ବୋଲି ଏସିପି ଗଡ଼ନାୟକ ସୂଚନା ଦେଇଛନ୍ତି।

## ପୋଲିସ କମିଶନରଙ୍କ ସମସ୍ତ କୋର୍ଟ ବନ୍ଦ

ଭୁବନେଶ୍ୱର,୧୮।୩ (ବ୍ୟୁରୋ)

ମହାମାରୀ କରୋନାର ସଫଳ ମୁକାବିଲା ପାଇଁ ପରସ୍ପରଠାରୁ ଦୂରତା ବଜାୟ ରଖିବା ଅତ୍ୟନ୍ତ ଜରୁରୀ। ଏହି ପରିପ୍ରେକ୍ଷୀରେ ପୋଲିସ କମିଶନରଙ୍କ ସମସ୍ତ କୋର୍ଟ ବନ୍ଦ ରଖିବା ପାଇଁ ବୁଧବାର ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ ନିର୍ଦ୍ଦେଶ ଦେଇଛନ୍ତି। କରୋନା ବିପଦ ନ ଟଳିବା ପର୍ଯ୍ୟନ୍ତ କୌଣସି କୋର୍ଟ ବସିବ ନାହିଁ। କେବେଠାରୁ କୋର୍ଟ ଚାଲିବ ସେନେଇ ପରବର୍ତ୍ତୀ ସମୟରେ ବିଜ୍ଞପ୍ତି ପ୍ରକାଶ ପାଇବ ବୋଲି କମିଶନର ସୂଚନା ଦେଇଛନ୍ତି। ପ୍ରିଭେଣ୍ଟିଭ୍ ପ୍ରସିଡିଂରେ ଯେଉଁମାନଙ୍କୁ ହାଜର ହେବା ପାଇଁ ନୋଟିସ କରାଯାଇଛି ସେମାନଙ୍କୁ କୋର୍ଟ ବନ୍ଦ ନେଇ ଡାକ ଦ୍ୱାରା ସୂଚନା ଦିଆଯାଉଛି। ସ୍ଥିତିରେ ଉନ୍ନତି ଘଟିଲେ ପୁଣିଥରେ ସେମାନଙ୍କୁ ନୂଆ ନୋଟିସ୍ ଜାରି କରାଯିବ ବୋଲି ବିଜ୍ଞପ୍ତିରେ କୁହାଯାଇଛି।

## ହୋଟେଲରେ ହେବ ଆଇସୋଲେଶନ୍ ୱାର୍ଡ

କଟକ ଅଫିସ,୧୮।୩

କରୋନା ଭୂତାରୁ ସଂକ୍ରମଣକୁ ରୋକିବା ପାଇଁ ଆବଶ୍ୟକ ସ୍ଥଳେ ହୋଟେଲ ରୁମ୍‌ଗୁଡ଼ିକୁ ଆଇସୋଲେଶନ୍ ୱାର୍ଡ ଭାବେ ବ୍ୟବହାର କରାଯିବ। ହୋଟେଲ ରୁମରେ ରହୁଥିବା ବ୍ୟକ୍ତିବିଶେଷ କରୋନାରେ ଆକ୍ରାନ୍ତ ହୋଇଛନ୍ତି ବୋଲି ସନ୍ଦେହ କରାଗଲେ ତାଙ୍କୁ ବାହାରକୁ ନିଆଯିବା ଅପେକ୍ଷା ସେଠାରେ ହିଁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। କଟକ ମହାନଗର ନିଗମ(ସିଏମ୍‌ସି) ଏଭଳି ନିଷ୍ପତ୍ତି ନେଇଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ବୁଧବାର ସହରର ହୋଟେଲ ମାଲିକଙ୍କୁ ନେଇ ଡକାଯାଇଥିବା ବୈଠକରେ ଏ ଆଲୋଚନା କରାଯାଇଛି। ସିଏମ୍‌ସି ପକ୍ଷରୁ ସହରର ୫୦ଟି ହୋଟେଲ ମାଲିକଙ୍କ ସହ ଯୋଗାଯୋଗ କରାଯାଇଥିଲା। ୩୫ହୋଟେଲ ମାଲିକ ଏବଂ ଅନେକ ବରିଷ୍ଠ ପଦାଧିକାରୀ ବୈଠକରେ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ସିଏମ୍‌ସି ପରିସରରୁ ଜଣେ ବ୍ୟକ୍ତିଙ୍କୁ କରୋନା ସନ୍ଦେହରେ ବୁଧବାର ଏସ୍‌ସିବିର ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରାଯାଇଛି। ବ୍ୟକ୍ତିଙ୍କ ଘର କଟକରେ ଥିବାବେଳେ ସେ ସିଙ୍ଗାପୁରରୁ ଫେରିଥିଲେ। ବୁଧବାର ବ୍ୟକ୍ତିଗତ କାର୍ଯ୍ୟରେ ସେ ସିଏମ୍‌ସିକୁ ଆସିଥିବାବେଳେ ତାଙ୍କୁ ଅଟକ ରଖାଯାଇଥିଲା ।



**ବେଳାଭୂମି ପାଲଟିଛି ଖେଳପଡ଼ିଆ :** କରୋନା କଟକଣା ଯୋଗୁ ପୁରୀ ସମୁଦ୍ରକୂଳ ଶୂନଶାନ ହୋଇପଡିଥିବାରୁ ବୁଧବାର ଅପରାହ୍ନରେ ପିଲାମାନେ କ୍ରିକେଟ ଖେଳୁଛନ୍ତି।

# ପ୍ରେମ ନିବେଦନ କରି ବନ ବିଭାଗ କର୍ମଚାରୀ ଗିରଫ

ଭୁବନେଶ୍ୱର,୧୮।୩ (ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ଘାଟିକିଆସ୍ଥିତ ବନ ବିଭାଗରେ ଟ୍ରେନିଂ ନେଉଥିବା ସହକର୍ମୀ ଯୁବତୀଙ୍କୁ ଏକତରଫା ପ୍ରେମ ନିବେଦନ କରି ହଇରାଣ କରୁଥିବା ଯୁବକଙ୍କୁ ପୋଲିସ ବୁଧବାର ଗିରଫ କରିଛି। ସେ ହେଲେ ସମ୍ବଲପୁର ସଦର ଥାନା ଅଞ୍ଚଳର ବିଶ୍ୱଜିତ୍ ରାଉତ। ସୂଚନା ମୁତାବକ ବିଶ୍ୱଜିତ୍ ଘାଟିକିଆରେ ଥିବା ଫରେଷ୍ଟ ଡିପାର୍ଟମେଣ୍ଟ ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ୍ ନେଉଥିଲେ। ସେଠାରେ ମଧ ତାଲିମ ନେଉଥିଲେ ଜଣେ ଯୁବତୀ। ଗତ କିଛିଦିନ ହେବ ବିଶ୍ୱଜିତ୍ ଏକତରଫା ପ୍ରେମ କରି ଯୁବତୀଙ୍କୁ ପ୍ରେମ ନିବେଦନ କରିଥିଲେ। ମାତ୍ର ଯୁବତୀ ଜଣଙ୍କ ରାଜି ନ ହେବା ସହ ବିରୋଧ କରିଥିଲେ। ହେଲେ ମାନି ନ ଥିଲେ ବିଶ୍ୱଜିତ । ବାରମ୍ବାର ହଇରାଣ କରିଥିଲେ। ଯୁବତୀ ଜଣଙ୍କ ଟ୍ରେନିଂ ଅଧିକାରୀଙ୍କୁ ଜଣାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିଲା। ପରବର୍ତ୍ତୀ ସମୟରେ ବିଶ୍ୱଜିତ ତାଙ୍କୁ ଟଣା ଓଟରା କରିବା ସହ ମାଡ଼ ମାରି ତାଙ୍କ ମୋବାଇଲ ଫୋନ୍ ଭାଙ୍ଗି ଦେଇଥିଲେ। ଏନେଇ ଯୁବତୀ ଜଣଙ୍କ ମଙ୍ଗଳବାର ଖଣ୍ଡଗିରି ଥାନାରେ ଅଭିଯୋଗ କରିବା ପରେ ପୋଲିସ ୨୦୩/୨୦ନମ୍ବରରେ ମାମଲା ରୁଜୁକରି ବିଶ୍ୱଜିତଙ୍କୁ ବୁଧବାର କୋର୍ଟଚାଲାଣ କରିଛି।

# ୫ଟଙ୍କା ନେଲା ସାଙ୍ଗ ଜୀବନ

କଣିହାଁ, ୧୮।୩(ଡି.ଏନ.ଏ.)

ତାଳଚେର ବ୍ଲକ କଣିହାଁ ଥାନା ଅଧୀନ କୁମୁଣ୍ଡା ପଞ୍ଚାୟତ ଚିଉଳପୁର ଗ୍ରାମରେ ମଙ୍ଗଳବାର ଅଭାବନୀୟ ଘଟଣା ଘଟିଛି। ସାମାନ୍ୟ ବଚସାକୁ କେନ୍ଦ୍ର କରି ବନ୍ଧୁଙ୍କ ପଥର ମାଡ଼ରେ ଜଣେ ଦଶମ ଶ୍ରେଣୀ ଛାତ୍ରଙ୍କ ଜୀବନ ଯାଇଛି। ମୃତକ ହେଲେ ସନ୍ଦୀପ ନାୟକ। ଏ ନେଇ ପରିବାର ଲୋକଙ୍କ ଅଭିଯୋଗ ଅନୁଯାୟୀ ନଂ. ୪୫/୨୦ରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

ପୋଲିସ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ସନ୍ଦୀପ ଏବଂ ତାଙ୍କର ଅନ୍ୟ ୨ଜଣ ନାବାଳକ ବନ୍ଧୁ ମଙ୍ଗଳବାର ଏକ ସାଇକେଲରେ ଚୁଟି କାଟିବାକୁ ସେଲୁନକୁ ଯାଇଥିଲେ। କିଛି ଦିନ ତଳେ ସନ୍ଦୀପ ଜଣେ ସାଙ୍ଗଙ୍କଠାରୁ ୫ ଟଙ୍କା ଧାର ନେଇଥିଲେ। ସେଲୁନ୍‌ରେ ଟଙ୍କା ନିଅଣ୍ଟ ହେବାରୁ ସମ୍ପୃକ୍ତ ବନ୍ଧୁ ଜଣକ ସନ୍ଦୀପଙ୍କୁ ୫ଟଙ୍କା ଦେବାକୁ କହିଥିଲେ। ଏହାକୁ ନେଇ ସେମାନଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ସେଲୁନ୍‌ରୁ ଫେରୁଥିବା ବାଟରେ ଧାର ଟଙ୍କାକୁ ନେଇ ଉଭୟଙ୍କ ଭିତରେ ପୁଣି ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ସମ୍ପୃକ୍ତ ବନ୍ଧୁଜଣକ ରାସ୍ତାକଡ଼ରେ ପଡ଼ିଥିବା ଏକ ପଥର ସନ୍ଦୀପଙ୍କୁ ଲକ୍ଷ୍ୟ କରି ଫିଙ୍ଗିଥିଲେ। ଉକ୍ତ ପଥର ସନ୍ଦୀପଙ୍କ କାନମୁଣ୍ଡାରେ ବାଜିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ନେଇ ଥାନାଧିକାରୀ ପ୍ରଭାତ ତ୍ରିପାଠୀ କୁହନ୍ତି, ଅଭିଯୁକ୍ତ ଜଣକ ନାବାଳକ ବୋଲି ଏତଲାରେ ଦର୍ଶାଯାଇଛି। ଅଭିଯୋଗକୁ ଭିତ୍ତିକରି ପୋଲିସ ତଦନ୍ତ ଆରମ୍ଭ କରିଛି।

## ମଣ୍ଡି, ସମବାୟ ସମିତିରେ ଗହଳି କମାଅ

### ଜିଲାପାଳଙ୍କୁ ଯୋଗାଣ ବିଭାଗର ଚିଠି

ଭୁବନେଶ୍ୱର,୧୮।୩(ବ୍ୟୁରୋ)

କରୋନା ଭୂତାଣୁକୁ ନେଇ ସମଗ୍ର ବିଶ୍ୱ ଥରହର ହୋଇଛି। ଭାରତରେ ଏହି ରୋଗ ଦେଖା ଦେଇଥିବାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହାର ପ୍ରତିକାର ପାଇଁ ବିଭିନ୍ନ ପଦକ୍ଷେପ ନେଇଛନ୍ତି। ବର୍ତ୍ତମାନ ରାଜ୍ୟରେ ଖରିଫ ଧାନ କ୍ରୟ ଚାଲିଛି। ରବି ଧାନ ସଂଗ୍ରହ ଜିଲାଗୁଡିକରେ ପ୍ୟାକ୍ସ, ଲ୍ୟାମ୍ପସ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ପକ୍ଷରୁ ଚାଷୀ ପଞ୍ଜୀକରଣ ହେଉଛି। ମଣ୍ଡି କିମ୍ବା ପ୍ରାଥମିକ ସମବାୟ ସମିତିଗୁଡିକରେ ଯେପରି ଅଧିକ ସଂଖ୍ୟକ ଲୋକ ଏକାଠି ନ ହେବେ ସେ ନେଇ ସୁନିଶ୍ଚିତ କରିବାକୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ ସମସ୍ତ ଜିଲାପାଳମାନଙ୍କୁ ଚିଠି ଲେଖାଯାଇଛି।

## ଫଟୋରେ ଖବର



କରୋନା ଗୀତକୁ ନେଇ କଣ୍ଠଶିଳ୍ପୀ ହ୍ୟୁମାନ ସାଗରଙ୍କ ନାମରେ ଡିସିପି ଅଫିସରେ ଏଫ୍‌ଆଇଆର ଦେବାକୁ ଅସିଥିବା ସାମାଜିକ ସଙ୍ଗଠନ ଓଡ଼ିଶା ସ୍ୱାଭିମାନ ମଞ୍ଚର ସଦସ୍ୟମାନେ।



କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ୟୁନିଟ-୧ ମାର୍କେଟକୁ ଗୁରୁବାରଠାରୁ ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରଖିବା ପାଇଁ ବିଏମ୍‌ସି ପକ୍ଷରୁ ପ୍ରଚାର କରାଯାଉଛି।



ୟୁନିଟ୍-୩ସ୍ଥିତ କ୍ୟାପିଟାଲ ହାଇସ୍କୁଲରେ ହୋଇଥିବା ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ କେନ୍ଦ୍ରକୁ ପ୍ରବେଶ କରିବା ପୂର୍ବରୁ ଶିକ୍ଷୟିତ୍ରୀ ଶିକ୍ଷକମାନେ ସାନିଟାଇଜରରେ ହାତକୁ ପରିଷ୍କାର କରୁଛନ୍ତି।

# ଦଣ୍ଡନୃତ୍ୟକୁ ମଞ୍ଚକୁ ଆଣିବା ମୋ ପାଇଁ ବଡ଼ ସଫଳତା

**ଧରିତ୍ରୀ ଆଳାପ**



ନାଟ୍ୟଶ୍ରୀ ଗଦାଧର ବାରିକ ଜଣେ ବହୁମୁଖୀ ପ୍ରତିଭା। ଏକାଧାରରେ ସେ ଜଣେ ଅନ୍ତର୍ଜାତୀୟ ପୁରସ୍କାରପ୍ରାପ୍ତ ଅଭିନେତା, ନାଟ୍ୟକାର, ନିର୍ଦ୍ଦେଶକ, କୋରିଓଗ୍ରାଫର। କଳାକ୍ଷେତ୍ରରେ ନିଜକୁ ସମର୍ପିତ କରିଥିବା ଗଦାଧର ବହୁ ଯୁବ କଳାକାର ସୃଷ୍ଟି କରି ପାରିଛନ୍ତି। କ୍ଷୁଦ୍ର ଚଳଚ୍ଚିତ୍ର ନିର୍ମାଣ କରି ଅନ୍ତର୍ଜାତୀୟସ୍ତରରେ ଏକାଧିକ ଥର ପୁରସ୍କୃତ ହୋଇଛନ୍ତି । ନାଟକ କ୍ଷେତ୍ରରେ ତାଙ୍କର ୩୦ ବର୍ଷର ଅଭିଜ୍ଞତା ରହିଛି। ଏବେ ବି ସେ ସାଧନା ଜାରି ରଖିଛନ୍ତି। ବୌଦ୍ଧ ଜିଲା ଚିଲେଶ୍ୱର ପଞ୍ଚାୟତ ବୁରୁବୁଡା ଗ୍ରାମର ମା' କୌଶଲ୍ୟା ଓ ବାପା ଲୋକନାଥ ବାରିକଙ୍କ ସୁପୁତ୍ର ଗଦାଧରଙ୍କ ସହ ଧରିତ୍ରୀର ଆଳାପ ।



**ଆପଣ କେବେ ମଞ୍ଚକୁ ଉଠିଲେ ?**

▶ ସେତେବେଳେ ମୁଁ ତୃତୀୟ ଶ୍ରେଣୀ ଛାତ୍ର। ଗାଁ ରାମଲୀଳାରେ ଶ୍ରୀରାମ ଭୂମିକାରେ ଅଭିନୟ କରିବାର ସୁଯୋଗ ମିଳିଥିଲା। ହାଇସ୍କୁଲରେ ପଢ଼ିଲା ବେଳେ ପ୍ରଥମ ନାଟକ 'କାଞ୍ଚି ଅଭିଯାନ'ରେ ମାୟା ନାମ୍ନୀ ଏକ ନାରୀ ଭୂମିକାରେ ଅଭିନୟ କରିଥିଲି।

**ନାଟକ ଓ ଲୋକନୃତ୍ୟ କ୍ଷେତ୍ରରେ କାହାକୁ ଗୁରୁ ବୋଲି ମାନନ୍ତି ?**

▶ ନାଟକ କ୍ଷେତ୍ରରେ ମୋର ପ୍ରଥମ ଗୁରୁ ଆମ ସ୍କୁଲର ତତ୍କାଳୀନ ପ୍ରଧାନଶିକ୍ଷକ ଶ୍ୟାମ ସୁନ୍ଦର ମେହେର। ପରେ ଏରା ଦତ୍ତ ଓ ସନତ କୁମାର ବିଶିଙ୍କଠାରୁ ତାଲିମ ପାଇଛି। ନୃତ୍ୟଗୁରୁ ଭିକାରୀ ଚରଣ ନାଏକ, ଲୋକନୃତ୍ୟ ଗୁରୁ ଆମ ଗାଁର ଢୁଲିଆ କୁମରମଣି ବେହେରାଙ୍କଠାରୁ ମୁଁ ନୃତ୍ୟ ଶିକ୍ଷା କରିଛି।

**ଏହି ଧାରା କେବେଠୁ ଆରମ୍ଭ ହୋଇଛି ?**

▶ ୧୯୭୦ରୁ ମୁଁ ମଞ୍ଚ ନାଟକ କରିଆସିଛି। ୧୯୮୯ରୁ ସୋନପୁରରେ ଅନେକ ପଥପ୍ରାନ୍ତ ନାଟକ କରିଛି। ଏମିତି ୩୦ ବର୍ଷ କଟି ସାରିଛି। ୧୯୭୧ରେ ତୋଫାନ ଡାକୁ ନାଟକ ପାଇଁ ପ୍ରଥମେ ନିର୍ଦ୍ଦେଶନା ଦେଇଥିଲି, ଯାହା ଆଜି ପର୍ଯ୍ୟନ୍ତ ଚାଲି ଆସିଛି।

**ଜଣେ କଳାକାର ଭାବେ ଆପଣ କେଉଁଠୁ ପରିଚୟ ପାଇଲେ?**

▶ ସୋନପୁର ମାଟିରୁ ହିଁ ମୋତେ ଜଣେ କଳାକାରର ପରିଚୟ ମିଳିଛି। ନୃତ୍ୟ ଓ ନାଟକ ମୋ ଜୀବନ। ରିହର୍ସାଲ ସମୟରେ ମୁଁ ସବୁ ଭୁଲିଯାଏ। ନୂଆ କିଛି କରିବା ପାଇଁ ସବୁ ସମୟରେ ଚେଷ୍ଟା କରେ।

**ପାରମ୍ପରିକ ଲୋକନୃତ୍ୟ ଉପରେ ଆପଣଙ୍କ ଗବେଷଣା କ'ଣ?**

▶ ଦଣ୍ଡନୃତ୍ୟ ଉପରେ ଗବେଷଣା କରିଛି। ସେହି ନୃତ୍ୟକୁ ମଞ୍ଚକୁ ଆଣିବା ମୋ ପାଇଁ ଏକ ବଡ଼ ସଫଳତା।

**ବହୁ ପୁରସ୍କାର ଓ ସମ୍ମାନର ଅଧିକାରୀ, ସେ ବିଷୟରେ କହିବେ ?**

▶ ଗୁରୁ ଭିକାରୀ ଚରଣ ନାଟ୍ୟ ସମ୍ମାନ-ବୌଦ୍ଧ, ପଞ୍ଚମ ବେଦ ନାଟ୍ୟ ସମ୍ମାନ-ଭୁବନେଶ୍ୱର ସର୍ବଭାରତୀୟସ୍ତରର ନାଟ୍ୟ ସମ୍ମାନ, ନାଟ୍ୟଭୀଷ୍ମ ସମ୍ମାନ-କନ୍ଧମାଳ, ନାଟ୍ୟସମ୍ମାନ-ମଦଗଲପୁରୀ, ନାଟ୍ୟଶ୍ରୀ ସମ୍ମାନ-ଆଲ୍ଲାହାବାଦ୍, ନାଟ୍ୟ ସମ୍ମାନ-ବନାରସ, ରମ୍ଭା ନାଟ୍ୟ ସମ୍ମାନ-ଗୌହାଟୀ, ନାଟ୍ୟ ସମ୍ମାନ ହାପୁଡ ଦିଲ୍ଲୀ-ଗାଜିଆବାଦ, ଗିରିଡା ନାଟ୍ୟ ସମ୍ମାନ-ବିହାର, ମୋଗଲସରାଇ ନାଟ୍ୟ ସମ୍ମାନ-ଆଗ୍ରା, ମଠଖାଇ ନାଟ୍ୟ ସମ୍ମାନ-ବଲାଙ୍ଗୀର ଆଦି ପାଇଛି।

**ନାଟକ ଓ ନୃତ୍ୟ କ୍ଷେତ୍ରରେ ଆପଣଙ୍କ କୃତି ?**

▶ ମୋ ନିର୍ଦ୍ଦେଶିତ ନାଟକ 'ମାନ୍ୟବର ଗାଡ଼ଭାଲୁ' ଅଲ ଇଣ୍ଡିଆ ରେଡିଓ ,ବଲାଙ୍ଗୀର ଦ୍ୱାରା ୬୦୦ରୁ ଊର୍ଦ୍ଧ୍ୱ ଥର ପ୍ରସାରଣ ହୋଇଛି। ଭରତ ଚନ୍ଦ୍ର ମିଶ୍ରଙ୍କ ରଚିତ ଓ ମୋ ନିର୍ଦ୍ଦେଶିତ ଗୀତିନାଟ୍ୟ ରାଧା ମାଜିଷ୍ଟ୍ରେଟ୍ କୃଷ୍ଣ ମୁଦାଲା ବେଶ ସଫଳତା ପାଇଥିଲା। ୨୦ ବର୍ଷ ତଳେ ଏହି ଗୀତିନାଟ୍ୟ ପ୍ରଦର୍ଶନ କରି ୪୦ ହଜାର ଟଙ୍କା ରେଡକ୍ରସ ପାଣ୍ଠିକୁ ପ୍ରଦାନ କରି ପାରିଥିଲୁ। ସୁରେଶ ଚନ୍ଦ୍ର ସାହୁଙ୍କ ରଚନା ଓ ମୋ ନିର୍ଦ୍ଦେଶିତ ନାଟକ ମେରା ଭାରତ ମହାନ୍, କଂସର ଆତ୍ମା ଓ ସୃଷ୍ଟି ସର୍ବଭାରତୀୟସ୍ତରରେ ଉଚ୍ଚ ପ୍ରଶଂସିତ ହୋଇଥିଲା।

**କେଉଁ ନାଟକ ଆପଣଙ୍କୁ ଦେଶ ବିଦେଶରେ ପରିଚିତ କରିଛି ?**

▶ ୬୦୦ରୁ ଊର୍ଦ୍ଧ୍ୱ ନାଟକ ପାଇଁ ନିର୍ଦ୍ଦେଶନା ଦେବା ସହ ଅଭିନୟ କରିଛି। ବିଶ୍ୱ ସନ୍ଥ ଭୀମ, ସୃଷ୍ଟି, ଆଶ୍ରା, ପଘା, ଜୀବ ପରମ ସମ୍ବାଦ ଆଦି ନାଟକ ରଚନା କରିଛି। ମୋ ଦ୍ୱାରା ନିର୍ଦ୍ଦେଶିତ କ୍ଷୁଦ୍ର ଚଳଚ୍ଚିତ୍ର ଶଶିସେଣା ଓ ପଘା ଦେଶ ବିଦେଶରେ ପ୍ରଦର୍ଶିତ ହୋଇ ଉଚ୍ଚ ପ୍ରଶଂସିତ ହୋଇଛି। ଶଶିସେଣା ପାଇଁ ପ୍ୟାରିସ୍‌ରେ ଓ ପଘା ପାଇଁ ବାର୍ସିଲୋନାରେ ସମ୍ବର୍ଦ୍ଧିତ ହୋଇଛି। ଉତ୍ତର ପ୍ରଦେଶର ଶାହାଜାହାନପୁରରେ ୨୨ଟି ହିନ୍ଦୀ ନାଟକ ଓ ଆମର ଗୋଟିଏ ଓଡ଼ିଆ ନାଟକ ମଞ୍ଚସ୍ଥ ହୋଇଥିଲା। ଆମ ନାଟକ ୭ଟି ପୁରସ୍କାର ପାଇଥିଲା। ସେହିପରି ଦୂରଦର୍ଶନରେ ପ୍ରସାରିତ ଡକ୍ୟୁମେଣ୍ଟାରୀ ଚଳଚ୍ଚିତ୍ର ମାଟିର ସଙ୍ଗୀତ, ମନ୍ଦିରମାଳିନୀ ସୋନପୁର ଓ ସୁବର୍ଣ୍ଣ ସୁରଭି ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଥିଲା। ସିଡ଼ୀ ଚଳଚ୍ଚିତ୍ର ନାବ୍‌କେଲୀ, ସାଇଲେନ୍ସ ପ୍ଲିଜ୍ ଓ ପ୍ରଥମ ଭେଟ୍ କୁ ଦର୍ଶକ ଗ୍ରହଣ କରିଥିଲେ।

**ଦୂରଦର୍ଶନରେ ଆପଣଙ୍କ ନିର୍ଦ୍ଦେଶିତ ଲୋକନୃତ୍ୟ କ'ଣ?**

▶ ଶବର-ଶବରୁଣୀ, ବୀଣାକାର-କାରୁଆଣୀ, ପତର ସଉରା-ସଉରାଣୀ, କରମସାନୀ ନୃତ୍ୟ, ଶିବପାର୍ବତୀ ନୃତ୍ୟ, ସମ୍ପ୍ରଦା ନୃତ୍ୟ, ଭାଇ ଦରବାର, ଡାଲଖାଇ ନୃତ୍ୟ ଓ ଚୁଟ୍‌କୁଚୁଟା କୃଷି ସମ୍ବନ୍ଧୀୟ ଲାଇଫ୍ ଟେଲିକାଷ୍ଟର ନିର୍ଦ୍ଦେଶନା ଦେଇଛି। ଏହା ଦୂରଦର୍ଶନରେ ପ୍ରସାରିତ ହୋଇଛି।

**ଚଳଚ୍ଚିତ୍ରରେ ଅଭିନୟ ସମ୍ପର୍କରେ କିଛି କହିବେ ?**

▶ ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶିତ ଶଳାବୁଢ଼ାରେ ଖଳ ନାୟକ ଲୋଚନ ଚରିତ୍ରରେ ଅଭିନୟ କରି ଅନ୍ତର୍ଜାତୀୟ ସମ୍ମାନ ପାଇଛି। ସେହିପରି ଆଦିମ ବିଚାରରେ ମାଷ୍ଟ୍ରେ ଆଜ୍ଞା ଚରିତ୍ର ପାଇଁ ବି ଅନ୍ତର୍ଜାତୀୟ ସମ୍ମାନ ମିଳିଛି। ନିକଟରେ ମୁକ୍ତିଲାଭ କରିଥିବା ଶଳାବୁଢ଼ାର ବଦ୍‌ଲାରେ ମୁଁ ମଙ୍ଗଲୁ ଚରିତ୍ରରେ ଅଭିନୟ କରିଛି। ସେହିପରି ତରଙ୍ଗ ଟିଭିରେ ପ୍ରସାରିତ ଦୁର୍ଗା ସିରିୟଲରେ ମୁଁ ରଘୁ ଅଜା ଭୂମିକାରେ ଅଭିନୟ କରୁଛି।

-ମୃତ୍ୟୁଞ୍ଜୟ ଶତପଥୀ

---

**ଖାଦ୍ୟ ରୁଚି**



# ତିନିଫୁଟିଆ ମହାରାଜା ଦୋସା

ସମ୍ବଲପୁର ଜିଲା ରେଙ୍ଗାଲି ବାଇପାସ ଛକ ନିକଟରେ ହଟ୍‌ସ୍ପାଇସ ରେଷ୍ଟୋରାଁ ରହିଛି। ୧୦ ନମ୍ବର ରାଜପଥ (ବିଜୁ ଏକ୍ସପ୍ରେସ) ପାର୍ଶ୍ୱରେ ଏହା ରହିଥିବାରୁ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଗ୍ରାହକମାନେ ଏଠାକୁ ଆସିଥାନ୍ତି। ଗ୍ରାହକମାନଙ୍କ ରୁଚି ଅନୁସାରେ ଏଠାରେ ଡିଶ୍ ପ୍ରସ୍ତୁତ ହୋଇଥାଏ। ଏହି କ୍ରମରେ ତିନିଫୁଟିଆ ମହାରାଜା ଦୋସା ରେଷ୍ଟୋରାଁର ପ୍ରମୁଖ ଡିଶ୍ ମଧ୍ୟରେ ଅନ୍ୟତମ। ଏହାର ଲମ୍ବ ୩ ଫୁଟ ଥିବାବେଳେ ମୂଲ୍ୟ ରହିଛି ୯୯ ଟଙ୍କା। ଏହାକୁ ୨ଜଣ ଗ୍ରାହକ ଖାଇଥାନ୍ତି। ଯଦି ଜଣେ ଗ୍ରାହକ ଏହାକୁ ଜଳଖିଆ ଓ ସନ୍ଧ୍ୟାରେ ଖାଇବେ ତେବେ ତାଙ୍କୁ ମଧ୍ୟାହ୍ନ କିମ୍ବା ରାତ୍ରି ଭୋଜନର ଆବଶ୍ୟକତା କ୍ୱଚିତ ହୋଇଥାଏ ବୋଲି କହନ୍ତି ରେଷ୍ଟୋରାଁର ସେଫ୍ ଜ୍ଞାନରଞ୍ଜନ ପଣ୍ଡା।

## ପ୍ରସ୍ତୁତି ପ୍ରଣାଳୀ

ପ୍ରଥମେ ବିରି, ଚାଉଳ, କୋଳଥଡାଲି ପାଣିରେ ଧୁଆ ଯାଇ ଗୁଣ୍ଡ କରାଯାଏ। ଗୁଣ୍ଡ ପରେ ଅଳ୍ପ ପାଣି ଦେଇ ତାକୁ ବହଲିଆ କରାଯାଇ ସ୍ୱଚ୍ଛ ପାତ୍ରରେ ଢାଙ୍କୁଣି ଘୋଡ଼ାଇ ୪ଘଣ୍ଟା ପର୍ଯ୍ୟନ୍ତ ଫୋମ୍ ଫର୍ମେଶନ ହେବା ପର୍ଯ୍ୟନ୍ତ ରଖାଯାଇଥାଏ। ଏହାପରେ ଅଳ୍ପ ଆଞ୍ଚରେ ତାୱା ଗରମ ହେବା ପରେ ପୂର୍ବରୁ ବିରି, ଚାଉଳ ଓ କୋଳଥ ଡାଲିରେ ପ୍ରସ୍ତୁତ ହୋଇଥିବା ପିଠଉକୁ ଅଣ୍ଡାକୃତି ଆକାରରେ ୩ ଫୁଟ ଲମ୍ବା କରାଯାଇଥାଏ। ପରେ ଆଞ୍ଚକୁ ସାମାନ୍ୟ ଅଧିକ କରାଯାଏ। ତା ଉପରେ ଡାଲି, ବୁଟଡାଲି, କୋଳଥଡାଲି, ପଞ୍ଚଫୁଟଣ, ଲଙ୍କା ୨ଟା, କଟା ହୋଇଥିବା ପିଆଜ, ଆଳୁ, ବାଦାମ, ପନିର ମିଶ୍ରଣରେ ପ୍ରସ୍ତୁତ ହୋଇଥିବା ଆଳୁ ମସଲା ଦିଆଯାଏ। ୨ ମିନିଟ୍ ପରେ ଦୋସା ପ୍ରସ୍ତୁତ ହୋଇଥାଏ। ଏକ ପ୍ଲେଟରେ୍ ରଖାଯାଇଥିବା କଦଳୀ ପତ୍ର ଉପରେ ଦୋସାକୁ ରଖାଯାଏ। ଦୋସା ଚତୁଃପାର୍ଶ୍ୱରେ ହରଡ, କୋଳଥଡାଲି, ବାଇଗଣ, ମୁନଗା, ପିଆଜ, ଭୃଙ୍ଗୁଙ୍ଗପତ୍ର, ଶୁଖିଲା ଲଙ୍କା, ସୋରିଷ, ଟମାଟୋ, ଜିରାଗୁଣ୍ଡ, ଧନିଆପତ୍ରରେ ପ୍ରସ୍ତୁତ ହୋଇଥିବା ସାମ୍ବର ଏବଂ ରସୁଣ, ଅଦା, ଟମାଟୋ, ଶୁଖିଲା ଲଙ୍କାରେ ତିଆରି ହୋଇଥିବା ରସୁଣ ଚଟଣି ଓ ଚଣାଡାଲି, ବାଦାମ, ନଡିଆ, ଦହି, ଆମ୍ବଅଦା, ଚିନି, ପଞ୍ଚଫୁଟଣରେ ପ୍ରସ୍ତୁତ ହୋଇଥିବା ନଡିଆ ଚଟଣିକୁ ତିନୋଟି ପାତ୍ରରେ ରଖି ଗାର୍ନିସିଂ କରାଯାଇ ଗ୍ରାହକମାନଙ୍କୁ ପରଷା ଯାଇଥାଏ।

ପ୍ରସ୍ତୁତି: ବି. ଶଙ୍କର

## ଆବଶ୍ୟକ ସାମଗ୍ରୀ

- ବିରି: ୨୦ ଗ୍ରାମ
- ଚାଉଳ: ୬୦ ଗ୍ରାମ
- ମେଥିଦାନା: ୨ ଗ୍ରାମ
- ବୁଟ ଡାଲି: ୫ ଗ୍ରାମ
- ଲୁଣ: ସ୍ୱାଦ ଅନୁସାରେ
- ଚିନି: ସ୍ୱାଦ ଅନୁସାରେ
- ହରଡ ଡାଲି: ୨୦ ଗ୍ରାମ
- କୋଳଥ ଡାଲି: ୧୦ ଗ୍ରାମ
- ବାଇଗଣ: ୨୦ ଗ୍ରାମ
- ଟମୋଟା: ୫୦ ଗ୍ରାମ
- ଚଣାଡାଲି: ୨୦ ଗ୍ରାମ
- ବାଦାମ: ୨୦ ଗ୍ରାମ
- ନଡିଆ: ୫୦ ଗ୍ରାମ
- ଦହି: ୨୦ ଗ୍ରାମ
- କଞ୍ଚା ଓ ଶୁଖିଲା ଲଙ୍କା: ୫ ଗ୍ରାମ
- ଆମ୍ବଅଦା ଓ ଅଦା: ୨୦ ଗ୍ରାମ
- ପଞ୍ଚଫୁଟଣ: ୫ ଗ୍ରାମ
- ଆଳୁ: ୧୦୦ ଗ୍ରାମ
- ପିଆଜ: ୧୦ ଗ୍ରାମ
- ଗ୍ରୀନ ମଟର: ୨୦ ଗ୍ରାମ
- ପନିର: ୨୦ ଗ୍ରାମ
- ରସୁଣ: ୪ ଗ୍ରାମ



ସେଫ୍ ଜ୍ଞାନରଞ୍ଜନ ପଣ୍ଡା

---

**ଫିଟନେସ୍**

# ସକାଳେ ସୂର୍ଯ୍ୟ ନମସ୍କାର, ପ୍ରାଣାୟାମ

ନିଜର ୟୁନିକ୍ ଭଏସ୍ ପାଇଁ କଣ୍ଠଶିଳ୍ପୀ ସତ୍ୟଜିତ୍ ପ୍ରଧାନ ଓଲିଉଡ ଜଗତରେ ବେଶ ପରିଚିତ। ଗତ କିଛିବର୍ଷ ହେବ ତାଙ୍କର ଅନେକ ଗୀତକୁ ଶ୍ରୋତା ପସନ୍ଦ କରିବା ସହ ହିଟ୍‌ର ମୋହର ମାରିଛନ୍ତି। ୨୦୧୮ ମସିହାରେ ସତ୍ୟଜିତ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ମଧ ହାସଲ କରିଥିଲେ। ତେବେ ନିଜର ଫିଟନେସ୍ ପାଇଁ ସେ ବିଶେଷ ଧାନ ଦିଅନ୍ତି ବୋଲି କୁହନ୍ତି।



ସତ୍ୟଜିତ୍ ପ୍ରଧାନ

ସକାଳୁ ଉଠିବା ପରେ କିଛି ସମୟ ଯୋଗ, ପ୍ରାଣାୟମରେ ସମୟ ବିତାଏ। ଯୋଗ, ପ୍ରାଣାୟାମ ଦ୍ୱାରା କେବଳ ଶରୀର ଫିଟ୍ ରୁହେନି, ସୁସ୍ଥ ମାନସିକତା ଜାଗ୍ରତ ହୁଏ। ମୃଦୁ ପାନୀୟ ଆଦୌ ପିଏ ନାହିଁ। ସକାଳଠାରୁ ଆରମ୍ଭ କରି ରାତିରେ ଶୋଇବା ପର୍ଯ୍ୟନ୍ତ ଉଷୁମ ପାଣି ପିଇବାକୁ ପ୍ରାଧାନ୍ୟ ଦିଏ। ବ୍ରେକଫାଷ୍ଟରେ ଗଜା ବୁଟ ଓ ଛତୁଆ ନିୟମିତ ଖାଇଥାଏ।

## ମିଠା ଠାରୁ ଦୂରରେ ରୁହେ

ମିଠା ଖାଇବାକୁ ସମସ୍ତେ ପସନ୍ଦ କରନ୍ତି। ମୁଁ ବି ମିଠା ଜାତୀୟ ଖାଦ୍ୟ ଖାଇବାକୁ ଭଲ ପାଏ। ହେଲେ ନିଜକୁ ଫିଟ ରଖିବା ପାଇଁ ମନସ୍ଥ କରିବା ଦିନଠାରୁ ମିଠାଠାରୁ ଦୂରରେ ରହୁଛି। କଟକିଆ ହୋଇଥିବାରୁ ଦହିବରାକୁ ଆଡେଇ ପାରେନି। ଯେଉଁଠି ସୁଯୋଗ ମିଳେ, ଦହିବରା ଖାଏ।

## ପ୍ରୋଗ୍ରାମ ଥିଲେ ଭେଜ୍ ଖାଏ

କୌଣସି ଡବିଂ କିମ୍ବା ଷ୍ଟେଜ ସୋ ପ୍ରୋଗ୍ରାମକୁ ଯିବାକୁ ଥିଲେ ଘରେ ଭଲ ଭାବେ ଖାଇ ଦେଇ ଯାଏ। ସେଠାରେ ଭୋକ ଲାଗିଲେ ମସଲାଯୁକ୍ତ ଖାଦ୍ୟ ଜମା ଖାଏନି। ଭେଜ ଖାଇବାକୁ ଭଲ ପାଏ। ରୁଟି, ସନ୍ତୁଳା ହେଲେ ବି କୌଣସି ଆପତ୍ତି କରେନାହିଁ।

-କୁମାରଶ୍ରୀ ସାହୁ

---

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



କୃପାସିନ୍ଧୁ



ସୂର୍ଯ୍ୟକାନ୍ତ



ସନ୍ତୋଷ



ସାଲୋନୀ



ସୌମ୍ୟଜିତ



ସଞ୍ଜୟ



ପ୍ରଫୁଲ୍ଲ



ବିଲାଲରାଜା

ଏଠାରେ ନାହିଁ? ଦେଖନ୍ତୁ ଆପଣଙ୍କ ସେଲ୍‌ଫି ଫଟୋ
www.dharitri.com/category/selfie/



ରାଜସ୍ଥାନର ଝୁନ୍‌ଝୁନ୍‌ରେ ରହୁଥିବା ଗୋଟିଏ ପରିବାରର ୩ଜଣ ବୁଧବାର କରୋନା ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ଜଣାପଡ଼ିଛି। ଏନେଇ ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ରଘୁ ଶର୍ମା ସୂଚନା ଦେଇଛନ୍ତି। ସଂକ୍ରମିତମାନେ ହେଲେ ସ୍ୱାମୀ–ସ୍ତ୍ରୀ ଓ ସେମାନଙ୍କ ୨ ବର୍ଷର ଝିଅ। ମାର୍ଚ୍ଚରେ ସେମାନେ ଇଟାଲିରୁ ଭାରତ ଆସିଥିଲେ। ସେମାନଙ୍କୁ ପରୀକ୍ଷା କରାଯିବା ପରେ କରୋନା ସଂକ୍ରମଣ କରିଥିବା ଜଣାପଡ଼ିଥିଲା।

# ହାର୍ଡକୋର ମାଓବାଦୀଙ୍କ ସମେତ ୮ଜଣଙ୍କ ଆତ୍ମସମର୍ପଣ

**ମାଲକାନଗିରି,୧୮।୩(ଡି.ଏନ.ଏ.)**

ମାଲକାନଗିରି ଏସପିଙ୍କ ନିକଟରେ ବୁଧବାର ଜଣେ ହାର୍ଡକୋର ମାଓବାଦୀ ଶାମ୍ଭା ଖରାଙ୍କ ସମେତ ୮ଜଣ ଆତ୍ମସମର୍ପଣ କରିଛନ୍ତି। ଶାମ୍ଭାଙ୍କ ଘର ସ୍ୱାଭିମାନ ଅଞ୍ଚଳର ପାପରମେଟଲା ଥାନା ଅନ୍ତର୍ଗତ ଲୁଛାପାଣି ଗ୍ରାମରେ। ଶାମ୍ଭାଙ୍କ ସହ ଆତ୍ମସମର୍ପଣ କରିଥିବା ବ୍ୟକ୍ତିମାନେ ମିଲିସିଆ ସଦସ୍ୟ ବୋଲି ଜଣାପଡିଛି। ଶାମ୍ଭା କୋରାପୁଟ ଓ ମାଲକାନଗରି ଜିଲାରେ ପୂର୍ବରୁ ପୋଲିସ ସହ ହୋଇଥିବା କେତେକ ଗୁଳିବିନିମୟ, ଲ୍ୟାଣ୍ଡମାଇନ ବିସ୍ଫୋରଣ, ଆନ୍ଧ୍ରପ୍ରଦେଶ ବିଧାୟକ କେ.ଏସ୍. ରାଓ ଏବଂ ପୂର୍ବତନ ବିଧାୟକ ସିଭେରି ସୋମା ହତ୍ୟା ଘଟଣାରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସେ ୨୦୧୭ରେ ମାଓବାଦୀ ସଙ୍ଗଠନରେ ସାମିଲ ହୋଇଥିଲେ।



ଆତ୍ମସମର୍ପଣ କରିଥିବା ୮ ମାଓବାଦୀ।

ଆତ୍ମସମର୍ପଣ ବେଳକୁ ଶାମ୍ଭା ଆନ୍ଧ୍ର–ଓଡ଼ିଶା ସୀମାନ୍ତ ସ୍ୱତନ୍ତ୍ର ଜୋନାଲ କମିଟି ମିଲିଟାରୀ ପ୍ଲାଟୁନ ନଂ.–୧ରେ ପାର୍ଟି ମେମ୍ବର ଭାବେ କାର୍ଯ୍ୟ କରୁଥିଲେ। ତାଙ୍କ ନାମରେ ସରକାର ୨ ଲକ୍ଷ ଟଙ୍କା ପୁରସ୍କାର ରାଶି ଘୋଷଣା କରିଥିଲେ। ତାଙ୍କ ସହ ଆତ୍ମସମର୍ପଣ କରିଥିବା ମିଲିସିଆ ସଦସ୍ୟମାନେ ହେଲେ ସ୍ୱାଭିମାନ ଅଞ୍ଚଳ ସିମିଳିପଦର ଗ୍ରାମର ଭାସ୍କର ଖିଲ, ଜୋଗି ଖରା, ତ୍ରିନାଥ ଖିଲ, ରାଧାବା ଖିଲ, ଖିତ୍ରୁ ହନ୍ତାଳ, ତାରାବେଡ଼ା ଗ୍ରାମର ରଘୁରାମ ହନ୍ତାଳ ଓ ଗୌଡ଼ପୁଟ ଗ୍ରାମର ନିନ୍ଦି ପାଙ୍ଗି। ଗୁରୁପ୍ରିୟା ସେତୁ ହେବା ପରେ ସମ୍ପୃକ୍ତ ଅଞ୍ଚଳରେ ବିକାଶମୂଳକ କାର୍ଯ୍ୟ ହେଉଛି। ସମାଜର ମୁଖ୍ୟସ୍ରୋତରେ ସାମିଲ ହେବା ପାଇଁ ସେମାନେ ଆତ୍ମସମର୍ପଣ କରିଛନ୍ତି ବୋଲି ମାଲକାନଗିରି ଏସପି ରିଷିକେଶ ଡି. ଖିଲାରି କହିଛନ୍ତି। ସେମାନଙ୍କୁ ସରକାରଙ୍କ ଥଇଥାନ ନୀତି ଅନୁଯାୟୀ ସମସ୍ତ ସହାୟତା ମିଳିବ ବୋଲି ଏକ ଖବରଦାତା ସମ୍ମିଳନୀରେ ଏସପି କହିଛନ୍ତି। ଏହି ସମ୍ମିଳନୀରେ ବିଏସ୍ଏଫ୍‌ର କମାଣ୍ଡାଣ୍ଟ ଏ.କେ. ଆର୍ଯ୍ୟ ଉପସ୍ଥିତ ଥିଲେ।

# ଆଜିଠୁ ମାଟ୍ରିକ ଖାତା ମୂଲ୍ୟାୟନ

- ୬୧ କେନ୍ଦ୍ରରେ ନିୟୋଜିତ ହେବେ ୧୬ ହଜାର ପରୀକ୍ଷକ
- କାର୍ଯ୍ୟକାରୀ ହେବ କରୋନା ଗାଇଡ୍ ଲାଇନ

**କଟକ ଅଫିସ,୧୮।୩:** ମାଧ୍ୟମିକ ଶିକ୍ଷା ପରିଷଦ ଓଡ଼ିଶା ଦ୍ୱାରା ଆୟୋଜିତ ଦଶମ ଶ୍ରେଣୀ ପରୀକ୍ଷା ଖାତା ମୂଲ୍ୟାୟନ ଗୁରୁବାରଠାରୁ ଆରମ୍ଭ ହେବ। ୬୧ଟି କେନ୍ଦ୍ରରେ ପ୍ରାୟ ୧୬ହଜାର ପରୀକ୍ଷକ ନିୟୋଜିତ ହୋଇଛନ୍ତି। ଖାତା ମୂଲ୍ୟାୟନ ପାଇଁ ସମସ୍ତ କେନ୍ଦ୍ରଗୁଡ଼ିକରେ ବୁଧବାର ସନ୍ଧ୍ୟା ସୁଦ୍ଧା ପରୀକ୍ଷକମାନେ ପହଞ୍ଚି ସାରିଛନ୍ତି। ଏଥର କରୋନା ଆଶଙ୍କା ଯୋଗୁ ସ୍ୱାସ୍ଥ୍ୟ ବିଭାଗର ଗାଇଡ ଲାଇନ ଅନୁଯାୟୀ ମୂଲ୍ୟାୟନ କେନ୍ଦ୍ରଗୁଡ଼ିକରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ମାଧ୍ୟମିକ ଶିକ୍ଷା ପରିଷଦର ସଭାପତି ରାମାଶିଷ ହାଜରା କହିଛନ୍ତି। ସ୍ୱାସ୍ଥ୍ୟ ବିଭାଗ ଗାଇଡ୍‌ଲାଇନ ଅନୁଯାୟୀ ପ୍ରତ୍ୟେକ ପରୀକ୍ଷକଙ୍କ ମଧ୍ୟରେ ଏକ ମିଟରର ଦୂରତା ରଖାଯିବ। ଖାତା ମୂଲ୍ୟାୟନ ପୂର୍ବରୁ ଡିସ୍‌ଇନ୍‌ଫେକ୍ଟାଣ୍ଟରେ ସମସ୍ତ ଚେୟାର ଟେବୁଲ ପୋଛାଯିବ। ଏହାବ୍ୟତୀତ କେନ୍ଦ୍ରର ପର୍ଯ୍ୟାପ୍ତ ସାନିଟାଇଜର ଓ ସାବୁନ ମହଜୁଦ ରଖାଯିବ। ଭିଡ଼ ନିୟନ୍ତ୍ରଣ ପାଇଁ ପରୀକ୍ଷକଙ୍କୁ ୩ଟି ଗ୍ରୁପରେ ବିଭକ୍ତ କରାଯାଇ ପୃଥକ ଭାବେ ୩ପର୍ଯ୍ୟାୟରେ କେନ୍ଦ୍ରକୁ ପ୍ରବେଶ ଓ ପ୍ରସ୍ଥାନ କରିବେ। ପ୍ରଥମ ଗ୍ରୁପ ପୂର୍ବାହ୍ନ ୮ଟା୩୦ରେ ପ୍ରବେଶ କରି ଅପରାହ୍ନ ୨ଟା୩୦ରେ ବାହାରିବେ। ସେହିପରି ଦ୍ୱିତୀୟ ଗ୍ରୁପ ପୂର୍ବାହ୍ନ ୯ଟା୩୦ରେ ପ୍ରବେଶ କରି ଅପରାହ୍ନ ୩ଟା୩୦ ବାହାରିବେ ଓ ତୃତୀୟ ଗ୍ରୁପ ୧୦ଟା୩୦ରେ ପହଞ୍ଚି ଅପରାହ୍ନ ୪ଟା୩୦ରେ ବାହାରିବେ। ଏ ସବୁ ବ୍ୟବସ୍ଥା ବ୍ୟତୀତ ଯଦି କେହି ଅସୁସ୍ଥ ଅନୁଭବ କରିବେ ତାଙ୍କୁ ତୁରନ୍ତ ସ୍ୱାସ୍ଥ୍ୟ କେନ୍ଦ୍ର ପହଞ୍ଚାଇ ଚିକିତ୍ସା କରା ଯିବ। ଏଥର ୫ଲକ୍ଷ ୬୦ହଜାର ୯୦୫ଜଣ ପରୀକ୍ଷା ଦେଇଛନ୍ତି।


## ଉଦ୍ୟାନ ଉପନିର୍ଦ୍ଦେଶକ, କେନ୍ଦୁଝରଙ୍କ କାର୍ଯ୍ୟାଳୟ, କେନ୍ଦୁଝର

ବିଜ୍ଞାପନ ସଂଖ୍ୟା: ୬୩୨ / ଉଦ୍ୟାନ ତା୧୬।୦୩।୨୦୨୦

### ଆମ୍ବ ଓ ଲିଚୁ ଫଳର ନିଲାମ ନୋଟିସ

**No. L-114:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ନିମ୍ନ ସ୍ୱାକ୍ଷରକାରୀଙ୍କ ଅଧୀନରେ ଥିବା ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୁଆଁର ଫାର୍ମର ୮୪୮ଗୋଟି ଫଳନ୍ତି ଆମ୍ବଗଛର ଫଳ ଓ ୩୭ଟି ଲିଚୁ ଗଛର ଫଳ, ତରମାକାନ୍ତ ଫାର୍ମର ୮୦ଗୋଟି ଆମ୍ବ ଗଛର ଫଳ ନିଲାମ ଜରିଆରେ ବିକ୍ରୟ କରାଯିବ। ନିଲାମ ତା୦୭।୦୪।୨୦୨୦ରିଖ ଦିନ ସ୍ଥିର କରାଯାଇଛି। ଆଗ୍ରହୀ ନିଲାମଧାରୀ ଯେକୌଣସି ସରକାରୀ କାର୍ଯ୍ୟଦିବସରେ କୁଆଁର ଫାର୍ମ, ତରମାକାନ୍ତ ଫାର୍ମର ଫଳ ବଗିଚା ପରିଦର୍ଶନ କରିପାରିବେ। ବିଭିନ୍ନ ଫାର୍ମ ଓ ନର୍ସରୀ ପାଇଁ ପୃଥକ୍ ପୃଥକ୍ ଭାବେ ଟେଣ୍ଡର ଫର୍ମ ଓ ନିଲାମ ସମ୍ବନ୍ଧୀୟ ନିୟମାବଳୀ ଉଦ୍ୟାନ ଉପନିର୍ଦ୍ଦେଶକ, କେନ୍ଦୁଝରଙ୍କ କାର୍ଯ୍ୟାଳୟରୁ ୨୦ ଟଙ୍କା ବିନିମୟରେ ପ୍ରତ୍ୟେକ କାର୍ଯ୍ୟଦିବସରେ ପାଇପାରିବେ। ପ୍ରାର୍ଥୀମାନେ ଭିନ୍ନ ଭିନ୍ନ ଫାର୍ମ ଓ ନର୍ସରୀ ପାଇଁ ଭିନ୍ନ ଭିନ୍ନ ଟେଣ୍ଡର ଫର୍ମ ଜଉମୁଦ ଦିଆ ଲଫାପାରେ ତା୦୬।୦୪।୨୦୨୦ରିଖ ଅପରାହ୍ନ ୫ଘଟିକା ସୁଦ୍ଧା ଉଦ୍ୟାନ ଉପନିର୍ଦ୍ଦେଶକ, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ ରେଜିଷ୍ଟ୍ରି ଡାକ ଅଥବା କୋରିଅର ଡାକ ସେବା ଯୋଗେ ଦାଖଲ କରିବା ଆବଶ୍ୟକ। ପ୍ରତ୍ୟେକ ନିଲାମଧାରୀ ଫାର୍ମ ଓ ନର୍ସରୀ ଅନୁଯାୟୀ ନିଲାମ ମୂଲ୍ୟ ପ୍ରଦାନ କରିବେ। ପ୍ରତ୍ୟେକ ଟେଣ୍ଡର ଫର୍ମ ପାଇଁ ପୃଥକ୍ ପୃଥକ୍ ଭାବେ ଅମାନତ ରାଶି ନିମ୍ନମତେ ଦାଖଲ କରିବେ।

| କ୍ର. ନଂ. | ଫାର୍ମର ନାମ | ନିଲାମ ଦିଆଯିବା ଗଛ ସଂଖ୍ୟା | ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କେନ୍ଦୁଝର ଶାଖା ଜରିଆରେ | ମନ୍ତବ୍ୟ |
|---|---|---|---|---|
| ୧ | କୁଆଁର ଫାର୍ମ | ୮୪୮ ଆମ୍ବ ଓ ୩୭ ଲିଚୁ | ନିଲାମ ଡାକିଥିବା ମୂଲ୍ୟର ୧୦ ଶତକଡ଼ା (ଉଦାହରଣ– ଯଦି ଆପଣ ୧(ଏକ) ଲକ୍ଷ ଟଙ୍କାର ନିଲାମ ଡାକିଅଛନ୍ତି, ତେବେ ୧୦,୦୦୦.୦୦ ଟଙ୍କାର ଅମାନତ ମୂଲ୍ୟର ବ୍ୟାଙ୍କ୍ ଡ୍ରାଫ୍ଟ ଦାଖଲ କରିବେ।) | ନିଲାମଧାରୀ ଫାର୍ମ ଅନୁଯାୟୀ ନିଲାମ ମୂଲ୍ୟ ପ୍ରଦାନ କରିବେ |
| ୨ | ତରମାକାନ୍ତ ଫାର୍ମ | ୮୦ ଆମ୍ବ ଗଛ | | |

ଉକ୍ତ ତା୦୭।୦୪।୨୦୨୦ରିଖ ପୂର୍ବାହ୍ନ ୧୧.୩୦ ସମୟରେ ଉଦ୍ୟାନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ନିଲାମ କମିଟିର ସଭ୍ୟବୃନ୍ଦ ଓ ପ୍ରାର୍ଥୀମାନଙ୍କ ସମ୍ମୁଖରେ ଜଉମୁଦ ଦିଆ ଲଫାପାଗୁଡ଼ିକ ଖୋଲାଯିବ। ଭିନ୍ନ ଭିନ୍ନ ଫାର୍ମ ପାଇଁ ଭିନ୍ନ ଭିନ୍ନ ଭାବେ ନିଲାମ ପ୍ରକ୍ରିୟା ଏକ ସମୟରେ ସମ୍ପାଦନ କରାଯିବ। ଅସଫଳ ପ୍ରାର୍ଥୀଙ୍କର ଅମାନତ ଜମାରାଶି ବାବଦକୁ ଜମା କରିଥିବା ବ୍ୟାଙ୍କ ଡ୍ରାଫ୍ଟଟି ସେହି ନିଲାମ ସ୍ଥାନରେ ଫେରସ୍ତ କରି ଦିଆଯିବ। ନିଲାମରେ ସଫଳ ପ୍ରାର୍ଥୀଙ୍କୁ ସେହିଦିନ ନିଲାମ ମୂଲ୍ୟର ସମ୍ପୂର୍ଣ୍ଣ ମୂଲ୍ୟ ଅପରାହ୍ନ ୫ଘଟିକା ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡ଼ିବ। ନିଲାମ ଧାର୍ଯ୍ୟ ହୋଇଗଲା ପରେ ଯଦି କୌଣସି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଯଦି ଫଳ ବଗିଚାର କୌଣସି କ୍ଷୟକ୍ଷତି ହୁଏ, ତେବେ ସେଥିପାଇଁ ନିମ୍ନ ସ୍ୱାକ୍ଷରକାରୀ ଦାୟୀ ହେବେ ନାହିଁ। କୌଣସି କାରଣ ନ ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀ ନିଲାମକୁ ରଦ୍ଦ କରିପାରିବେ।

ସ୍ୱା./– ଓମ୍ ପ୍ରକାଶ ରଥ
ଉଦ୍ୟାନ ଉପନିର୍ଦ୍ଦେଶକ, କେନ୍ଦୁଝର

OIPR-01405/11/0001/1920


## ରକ୍ତ କର୍କଟ ପୀଡ଼ିତ ଛାତ୍ରଙ୍କ ଆକୁଳ ଅଭିବ୍ୟକ୍ତି

# ସ୍କୁଲ ଯିବି, ପାଠ ପଢ଼ିବି

**ଅମରପାଲି, ୧୮।୩ (ଡି.ଏନ.ଏ)**

ସ୍କୁଲ ଯିବି, ସାଙ୍ଗ ସାଥିଙ୍କ ସହ ପାଠ ପଢ଼ିବି। ଖେଳାବୁଲା କରିବାକୁ ଇଚ୍ଛା ହେଉଛି। ମାତ୍ର ଅସୁସ୍ଥତା ଯୋଗୁ ସ୍କୁଲ ଯାଇ ପାରୁନି କି ସାଙ୍ଗ ସାଥିଙ୍କ ସହ ଖେଳାବୁଲା କରିପାରୁନି। ଭଲ ହୋଇଗଲେ ପୁଣି ସ୍କୁଲ ଯାଇ ପାଠ ପଢ଼ିବି। ଏହାଥିଲା ଜଣେ ରକ୍ତକର୍କଟ ପୀଡିତ ଛାତ୍ରଙ୍କ ଆକୁଳ ଅଭିବ୍ୟକ୍ତି।

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ବହଲପଦର ପଞ୍ଚାୟତ ଅନ୍ତର୍ଗତ ଗୁଦଗୁଦା ଗ୍ରାମର ଭଗବାନ ମିର୍ଦ୍ଧା। ଝିଅ ,୧୪ବର୍ଷର ପୁଅ ଶମ୍ଭୁ ଓ ସ୍ତ୍ରୀଙ୍କୁ ନେଇ ତାଙ୍କ ପରିବାର। ବଡଭଉଣୀ ଦୀପାଞ୍ଜଳି ମିର୍ଦ୍ଧା ବଡମାଲ କଲେଜରେ ଯୁକ୍ତଦୁଇ ଓ ଶମ୍ଭୁ ନିକଟସ୍ଥ ଅମରପାଲି ହାଇସ୍କୁଲରେ ନବମ ଶ୍ରେଣୀରେ ପଢୁଥିଲେ। ୨୦୧୯ ଜୁଲାଇ ମାସରେ ହଠାତ ଅସୁସ୍ଥ ହୋଇ ପଡିଲେ ଶମ୍ଭୁ। ଭଗବାନ ତାଙ୍କୁ ବୀରମହାରାଜପୁର ଓ ପରେ ବୁର୍ଲା ମେଡିକାଲରେ ଚିକିତ୍ସା କରାଇଲେ। ବୁର୍ଲାରେ ୮ ଦିନର ଚିକିତ୍ସା ପରେ ସେ ରକ୍ତକର୍କଟରେ ପୀଡିତ ବୋଲି ଡାକ୍ତରୀ ପରୀକ୍ଷାରୁ ଜଣାପଡିଥିଲା। ପୁଅର ଏଭଳି ଦୁରାରୋଗ୍ୟ ସମ୍ପର୍କରେ ଖବର ପାଇଲା ପରେ ଭାଙ୍ଗି ପଡିଲେ ଭଗବାନ। ତାଙ୍କୁ କଟକ ନେଇ ସେଠାରେ ୩ମାସ ଚିକିତ୍ସା କରାଇଲେ। ମାସକୁ ୮ଟି ଲେଖାଏ କେମୋ ମଧ୍ୟ ଦିଆଯାଇଥିଲା। କୁଲିମଜୁରି କରି ପରିବାର ପ୍ରତିପୋଷଣ କରୁଥିବା ଭଗବାନ ପୁଅର ଚିକିତ୍ସା ପାଇଁ ସୁନା ରୁପା ଗହଣା ଯାହାଥିଲା ବିକି ଖର୍ଚ୍ଚ କଲାପରେ ଧାରଉଧାର କରି ଚିକିତ୍ସା କରୁଛନ୍ତି। ତାଙ୍କ ପରିବାରର ଜମିବାଡି କିଛିନାହିଁ। ପରିବାରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନ ଥିବାରୁ ଅଧିକ ଚିକିତ୍ସା ହୋଇ ପାରୁନାହିଁ। ଏପରି କି ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠି କିମ୍ବା ରେଡକ୍ରସ ବିଭାଗରୁ କୌଣସି ଆର୍ଥିକ ସହାୟତା ମିଳିପାରୁ ନାହିଁ। ଏବେ ଶମ୍ଭୁଙ୍କ ଚିକିତ୍ସା କେମିତି ହେବ ସେ ନେଇ ଚିନ୍ତାରେ ଅଛନ୍ତି ପରିବାର ଲୋକେ।



ବାପା ମାଆ ସହ ରକ୍ତକର୍କଟ ଆକ୍ରାନ୍ତ ଶମ୍ଭୁ ।


## INSTITUTE ON MANAGEMENT OF AGRICULTURAL EXTENSION (IMAGE)

(AN AUTONOMOUS INSTITUTE OF GOVERNMENT OF ODISHA)
Siripur, BHUBANESWAR-751003, Odisha
Ph. - (0674) 2562151, Fax - 2561879
E-mail : imagebbsr@rediffmail.com

No.CAD-1139

**INDICATIVE ADVERTISEMENT FOR CATERING SERVICE**

Sealed tenders are invited from bonafide Caterer / Food supplier / Hoteliers and restaurant owners engaged in outdoor catering services for providing catering services to IMAGE for the year 2020-21.

The detailed Terms of Reference (TOR) with schedule of items to be served can be obtained from the office of U/s on any working day on office hour from 21.03.2020 to 07.04.2020 on payment of Rs.1000/- either in cash or D.D. drawn in favour of Director, IMAGE, Siripur, Bhubaneswar-3 payable at SBI OUAT Campus Branch, BBSR-3

Sealed tenders may be submitted to the U/S super scribing on the sealed envelope "Tender for Catering Service" either by hand or by postal receivable up to 2.00 P.M on 07.04.2020. The tenders will be opened in presence of the tenderers or their authorized representatives who wish to be present at 4.00 P.M on the same date i.e. on 07.04.2020. The tender papers should be accompanied by MR towards security deposit of Rs.30,000/- (refundable) duly deposited in the O/o- U/S on or before 07.04.2020 in shape of D.D in favour of Director, IMAGE, Siripur, Bhubaneswar-3 payable at SBI, OUAT Campus Branch, BBSR-3.

The security deposit will be refunded to unsuccessful bidders. The successful tenderer has to execute an agreement in the prescribed format with the U/S and deposit additional security money as may be prescribed.

The U/S reserves the authority to reject /cancel any or all the tender papers without assigning any reason thereof.

Director, IMAGE
OIPR-28009/11/0003/1920



## ଓଡ଼ିଶା ସରକାର
## କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

**ସଂଖ୍ୟା-LA-UIIP-KLD-264** — **ତା. 29.02.2020**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ ଉକ୍ତ ଆଇନର ଧାରା ୧୫(୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ **ମୌଜା–ହୀରାପୁର, ଥାନା–ଜୟପାଟଣା, ତହସିଲ–ଜୟପାଟଣା, ଜିଲ୍ଲା–କଳାହାଣ୍ଡି**ରେ ନିମ୍ନସୂଚିତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କଳାହାଣ୍ଡି ଜିଲ୍ଲାର ଉପର ଇନ୍ଦ୍ରାବତୀ ଉଠାଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଖନନ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013) ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା **୩୪୮, ତା.୧୧।୦୮।୨୦୧୯ରିଖ**ରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ **ମୌଜା–ହୀରାପୁର, ଥାନା– ଜୟପାଟଣା, ଜିଲ୍ଲା–କଳାହାଣ୍ଡି**ରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଏବଂ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.kalahandi.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.odisha.gov.in/revenue** ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପ୍‌ଲୋଡ୍ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ- 'କ'**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: କଳାହାଣ୍ଡି, ତହସିଲ: ଜୟପାଟଣା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ହୀରାପୁର | ଗ୍ରାମାଞ୍ଚଳ | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏଥି ସହିତ ସଂଲଗ୍ନ କରାଗଲା | ଏ. ୦.୩୫ | ଏଥି ସହିତ ସଂଲଗ୍ନ କରାଗଲା |

- ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ କୌଣସି ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ନୁହେଁ।

**ତଫସିଲ- 'ଖ'**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: କଳାହାଣ୍ଡି, ତହସିଲ: ଜୟପାଟଣା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତ୍‌ଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ:- ୨୨।୧୦।୨୦୧୯**

ରାଜ୍ୟପାଳଙ୍କ ଆଦେଶକ୍ରମେ
**ଡ. ଗାଭାଲି ପରାଗ ହରଶାଦ**
**ଜିଲ୍ଲାପାଳ, କଳାହାଣ୍ଡି**

**ଭୂମି ଅନୁସୂଚୀ**
**ମୌଜା: ହୀରାପୁର, ତହସିଲ: ଜୟପାଟଣା, ଥାନା: ଜୟପାଟଣା, ଜିଲ୍ଲା: କଳାହାଣ୍ଡି**
**ଉପର ଇନ୍ଦ୍ରାବତୀ ପ୍ରକଳ୍ପର ଉଠା ଜଳସେଚନ କେନାଲ ନିର୍ମାଣ ନିମନ୍ତେ**

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ଜମିର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| କଳାହାଣ୍ଡି | ଜୟପାଟଣା | ହୀରାପୁର | ଗ୍ରାମାଞ୍ଚଳ | ୧୪୧ | ୬୩୮<br>୬୩୫<br>୬୩୭ | ଆଟ ମାମୁଲି<br>ଆଟ ମାମୁଲି<br>ମାଳ ମାମୁଲି | ୧.୯୦<br>୪.୭୬<br>୦.୫୪ | ୦.୨୨<br>୦.୦୬<br>୦.୦୭ | ଝରିଆ ସିଂହ ଦିଶାରୀ, ପି: ବିରବଳ ଦିଶାରୀ, ଜା: ଭତରା, ସା: ନିଜଗାଁ |
| | | | | | | | ଏ.୭.୨୦ | ଏ.୦.୩୫ | |
| ମୌଜାର ମୋଟ ରୟତି ଜମି ୩ ପ୍ଲଟ୍‌କୁ ମୋଟ ରକବା ଏ.୭.୨୦ରୁ ଅଧିସୂଚିତ ରକବା ଏ.୦.୩୫ | | | | | | | | | |

**ଡ. ଗାଭାଲି ପରାଗ ହରଶାଦ**
**ଜିଲ୍ଲାପାଳ, କଳାହାଣ୍ଡି**



## ଓଡ଼ିଶା ସରକାର
## କଳାହାଣ୍ଡି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ
### ଘୋଷଣା

**ସଂଖ୍ୟା.LA-UIIP-KLD-257** — **ତା.୨୯।୦୨।୨୦୨୦**

ସର୍ବସାଧାରଣଙ୍କ ଅବଗତି ନିମନ୍ତେ, ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୯ର ଅଧିନିୟମ ୧ ଅନୁଯାୟୀ ଏହି ଘୋଷଣାନାମା ଦିଆଯାଉଅଛି ଯେ, ଉକ୍ତ ଆଇନର ଧାରା ୧୫ (୨) ଅନୁସାରେ ଜିଲ୍ଲାପାଳଙ୍କ ଦ୍ୱାରା ପ୍ରଦତ୍ତ ରିପୋର୍ଟକୁ ବିବେଚନା କରି ରାଜ୍ୟ ସରକାରଙ୍କୁ ଏହି ଆଇନର ଧାରା ୨ (୧) ପ୍ରକାରେ ପ୍ରତୀତ ହେଉଅଛି ଯେ ମୌଜା–ଚାଚିଗୁଡା, ଥାନା–ଜୟପାଟଣା, ତହସିଲ–ଜୟପାଟଣା, ଜିଲ୍ଲା–କଳାହାଣ୍ଡିରେ ନିମ୍ନ ସୂଚୀତ 'କ' ତଫସିଲ ଜମି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଯଥା କଳାହାଣ୍ଡି ଜିଲ୍ଲାର ଉପର ଇନ୍ଦ୍ରାବତୀ ଉଠା ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଖନନ ନିମନ୍ତେ ଭୂମି ଅଧିଗ୍ରହଣ ଆବଶ୍ୟକ ହେଉଅଛି।

ଏହି ଭୂମି ଅଧିଗ୍ରହଣ ସମ୍ବନ୍ଧୀୟ ପ୍ରାରମ୍ଭିକ ବିଜ୍ଞପ୍ତି ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ–ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ଧାରା ୧୧(୧) ଅନୁଯାୟୀ ବିଜ୍ଞପ୍ତି ସଂଖ୍ୟା.୩୫୪, ତା୧୧।୦୮।୨୦୧୯ରିଖରେ ପ୍ରକାଶିତ ହୋଇଅଛି।

ପୁନଶ୍ଚ ଏହା ଘୋଷଣା କରାଯାଉଅଛି ଯେ, ମୌଜା–ଚାଚିଗୁଡା, ଥାନା–ଜୟପାଟଣା, ଜିଲ୍ଲା–କଳାହାଣ୍ଡିରେ କୌଣସି ବିସ୍ଥାପିତ ପରିବାର ନ ଥିବାରୁ ପୁନର୍ବାସ ଓ ଥଇଥାନ ନିମିତ୍ତ କୌଣସି ଜମି ଚିହ୍ନଟ ଓ ପୁନର୍ବାସ ଓ ଥଇଥାନ ଯୋଜନା ରୂପରେଖର ସାରମର୍ମ ସଂଲଗ୍ନ କରାଯାଇନାହିଁ। ଅନୁମୋଦିତ ପୁନର୍ବାସ ଓ ଥଇଥାନ ଯୋଜନା ଜିଲ୍ଲାପାଳ ଏବଂ ପୁନର୍ବାସ ଓ ଥଇଥାନ ପ୍ରଶାସନ କାର୍ଯ୍ୟାଳୟରେ ଉପଲବ୍ଧ ଅଟେ। ଏହା ମଧ୍ୟ ଜିଲ୍ଲା ୱେବ୍‌ସାଇଟ୍ **www.kalahandi.nic.in** ରେ ଏବଂ ରାଜ୍ୟ ସରକାରଙ୍କ ୱେବ୍‌ସାଇଟ୍ **www.odisha.gov.in/revenue** ରେ ସର୍ବସାଧାରଣଙ୍କ ଅବଲୋକନ ପାଇଁ ଅପଲୋଡ଼ କରାଯାଇଛି। ପୁନର୍ବାସ ଓ ଥଇଥାନ ଯୋଜନାର ଭୂମି ନକ୍ସା ସ୍ୱତନ୍ତ୍ର ଭୂ–ଅର୍ଜନ ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

**ତଫସିଲ-କ**
**(ପ୍ରସ୍ତାବିତ ଭୂମି ଅଧିଗ୍ରହଣ ଅନୁସୂଚୀ)**
**ଜିଲ୍ଲା: କଳାହାଣ୍ଡି, ତହସିଲ, ଜୟପାଟଣା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ଚାଚିଗୁଡ଼ା | ଗ୍ରାମଞ୍ଚଳ | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏଥିସହିତ ସଂଲଗ୍ନ କରାଗଲା | ଏ.୧.୨୪ | ଏଥିସହିତ ସଂଲଗ୍ନ କରାଗଲା |

- **ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ କୌଣସି ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ ନୁହେଁ।**

**ତଫସିଲ-ଖ**
**(ପୁନର୍ବାସ ନିମିତ୍ତ ଚିହ୍ନଟ ଭୂମି ଅନୁସୂଚୀ)**
**ଜିଲ୍ଲା: କଳାହାଣ୍ଡି, ତହସିଲ, ଜୟପାଟଣା**

| ଗ୍ରାମର ନାମ | ଗ୍ରାମାଞ୍ଚଳ/ ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ପ୍ଲଟ୍‌ର ମୋଟ ରକବା | ପୁନର୍ବାସ ନିମିତ୍ତ ଚିହ୍ନଟ ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ପ୍ରଯୁଜ୍ୟ ନୁହେଁ | | | | | | | |

**ଅଧିସୂଚନାର ବୈଧ ତାରିଖ :- ୨୨।୧୦।୨୦୧୯**

ରାଜ୍ୟପାଳଙ୍କ ଆଦେଶ କ୍ରମେ
**ଡ. ଗାଭାଲି ପରାଗ ହରଶାଦ**
**ଜିଲ୍ଲାପାଳ, କଳାହାଣ୍ଡି**

**ଭୂମି ଅଧିଗ୍ରହଣ ଅନୁସୂଚୀ**
**ମୌଜା : ଚାଚିଗୁଡ଼ା, ତହସିଲ : ଜୟପାଟଣା, ଥାନା-ଜୟପାଟଣା, ଜିଲ୍ଲା-କଳାହାଣ୍ଡି**
**ଉପର ଇନ୍ଦ୍ରାବତୀ ପ୍ରକଳ୍ପର ଉଠା ଜଳସେଚନ କେନାଲ ନିର୍ମାଣ ନିମନ୍ତେ**

| ଜିଲ୍ଲାର ନାମ | ତହସିଲ | ଗ୍ରାମ | ଗ୍ରାମାଞ୍ଚଳ / ସହରାଞ୍ଚଳ | ଖାତା ନଂ. | ପ୍ଲଟ୍ ନଂ. | କିସମ | ଜମିର ମୋଟ ରକବା | ଅଧିସୂଚିତ ହେବାକୁ ଥିବା ଜମିର ପରିମାଣ | ରୟତଙ୍କ ନାମ ଏବଂ ପିତାଙ୍କ ନାମ |
|---|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ | ୧୦ |
| କଳାହାଣ୍ଡି | ଜୟପାଟଣା | ଚାଚିଗୁଡ଼ା | ଗ୍ରାମାଞ୍ଚଳ | ୧୯ | ୮୩<br>୮୭ | ଆଟ ମାମୁଲି<br>ବାହାଲ ମାମୁଲି | ୧.୯୬<br>୧.୧୭ | ୦.୧୮<br>୦.୧୯ | ଚକ୍ର ଭତରା, ଦିଆନ ଭତରା, ପି: ରଘୁ ଭତରା, ଜା:ଭତରା, ବା: ନିଜଗାଁ |
| କଳାହାଣ୍ଡି | ଜୟପାଟଣା | ଚାଚିଗୁଡ଼ା | ଗ୍ରାମାଞ୍ଚଳ | ୨୦ | ୨୧ | ବାହାଲ ମାମୁଲି | ୨.୦୨ | ୦.୭୫ | ଛିନୁ ଭତରା, ପି: ରୁଷି ଭତରା, ହରି ଭତରା, ପି: ବଖରିଆ ଭତରା, ଜା: ଭତରା, ବା: ନିଜଗାଁ |
| କଳାହାଣ୍ଡି | ଜୟପାଟଣା | ଚାଚିଗୁଡ଼ା | ଗ୍ରାମାଞ୍ଚଳ | ୩୯ | ୮୯ | ମାଳ ମାମୁଲି | ୪.୬୭ | ୦.୧୨ | ରଥ ଭତରା, ପି: ଜଗନ୍ନାଥ ଭତରା, ନାକ ଭତରା, ପି: କୋଷ୍ଠା ଭତରା, କୈକେୟା ବେଓ୍ୱା, ସ୍ୱା: କୋଷ୍ଠା ଭତରା, ଜା: ଭତରା, ବା: ନିଜଗାଁ |
| | | | | | | | ଏ.୯.୮୧ | ଏ.୧.୨୪ | |
| ମୌଜାର ମୋଟ ରୟତି ଜମି ୪ ପ୍ଲଟ୍‌କୁ ମୋଟ ରକବା ଏ.୯.୮୧ ରୁ ଅଧିସୂଚିତ ରକବା ଏ.୧.୨୪ | | | | | | | | | |

**ଡ. ଗାଭାଲି ପରାଗ ହରଶାଦ**
**ଜିଲ୍ଲାପାଳ, କଳାହାଣ୍ଡି**

# ଅତୀତରୁ..

➡ ୧୯୬୩ରେ ମୁକ୍ତିଲାଭ କରିଥିଲା ଓଡ଼ିଆ ସିନେମା 'ମାଣିକ ଯୋଡ଼ି'। ଧୀରେନ୍ଦ୍ର ନାଥ ବିଶ୍ୱାଳ ଚିତ୍ରଟିର ପ୍ରଯୋଜନା କରିଥିଲେ ଏବଂ ନିର୍ଦ୍ଦେଶନା ଦେଇଥିଲେ ପ୍ରଭାତ ମୁଖାର୍ଜୀ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱର ସଂଯୋଜକ ବାଳକୃଷ୍ଣ ଦାଶ। ସାମୁଏଲ ସାହୁ (ବାବି) ଏବଂ ଡା. ସୁଖଲତା ଦାସ ଫିଲ୍ମର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ।

➡ 'ଉଡ଼ି ଉଡ଼ି ଉଡ଼ି ଯାରେ ଉଡ଼ି ହେ ମୋର ଗୁଡି, ଫୁଲେଇ ରାଣୀ ସଜଫୁଲ ଗୁଲୁଗୁଲିଆ, ପରଦେଶୀ ବନ୍ଧୁ ତମେ ଯିବ ଉଡ଼ି ଉଡ଼ିକି, ହେ ମୋ ହରିଣୀ ମଥାର ମଣି' ଆଦି ଗୀତ ସେ ସମୟରେ ସନେପ୍ରେମୀଙ୍କୁ ବେଶ୍ ପ୍ରଭାବିତ କରିଥିଲା। ଏପରି କି ଏବେ ମଧ ଅନେକେ ଏହି ସୁମଧୁର ଗୀତକୁ ଗୁଣୁଗୁଣେଇ ଥାଆନ୍ତି। ଅକ୍ଷୟ ମହାନ୍ତିଙ୍କ ସ୍ୱର ସଂଯୋଜନାରେ ଏହି ଗୀତଗୁଡ଼ିକ 'କିଏ କାହାର' ସିନେମାରେ ଦୃଶ୍ୟାୟିତ ହୋଇଥିଲା। ସାମୁଏଲ ସାହୁ (ବାବି), ରାମଚନ୍ଦ୍ର ପ୍ରତିହାରୀ, ଶରତ ପୂଜାରୀ, ଲୀଳା ଦୁଲାରୀ ଭାନୁମତି, ସୌଦାମିନୀ, ଗୀତା ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ।

➡ ସନ୍ଦୀପ ଫିଲ୍ମସ ପ୍ରା.ଲି., କଲିକତା ବ୍ୟାନରରେ ପ୍ରସ୍ତୁତ ହୋଇଥିଲା ଓଡ଼ିଆ ସିନେମା 'ମେଘମୁକ୍ତି'। ଲଡୁଗୋପାଳ କାଜେରିଆ ଏହାର ପ୍ରଯୋଜନା କରିଥିଲେ ଏବଂ ନିର୍ଦ୍ଦେଶନା ଦାୟିତ୍ୱ ସମ୍ଭାଳିଥିଲେ ବିନୁ ବର୍ଦ୍ଧନ। ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱର ସଂଯୋଜକ ଶାନ୍ତନୁ ମହାପାତ୍ର। ଏହି ଫିଲ୍ମରେ ଅଜିତ୍ ଦାସ, ଶ୍ରୀରାମ ପଣ୍ଡା, ଜ୍ୟୋତ୍ସ୍ନା ମହାପାତ୍ର ପ୍ରମୁଖ କଳାକାର ଅଭିନୟ କରିଥିଲେ।



ବରୁଣ-ସାରା

## ବଲିଉଡ୍ ହାଲଚାଲ

▶ଡେଭିଡ୍ ଧାୱନଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ ହେଉଥିବା ରିମେକ୍ ଫିଲ୍ମ 'କୁଲି ନଂ. ୱାନ୍'ର ଡବିଂ ଶେଷ ହୋଇଛି। ଚଳିତ ବର୍ଷ ମେ' ୧ରେ ରିଲିଜ ହେବାକୁ ଥିବା ଏହି ଫିଲ୍ମର ଲିଡ୍ ରୋଲ୍‌ରେ ଅଭିନୟ କରିଛନ୍ତି ବରୁଣ ଧାୱନ ଏବଂ ସାରା ଅଲ୍ଲୀ ଖାଁ।

▶ଚଳିତବର୍ଷ ଏପ୍ରିଲରେ ରିଚା ଚଡ଼ା ଘରସଂସାର କରିବାକୁ ଯାଉଛନ୍ତି। ପ୍ରେମିକ ଅଲ୍ଲୀ ଫୈଜଲଙ୍କୁ ସେ ପତି ଭାବେ ବରଣ କରିବେ। ମ୍ୟାରେଜ୍ ରେଜିଷ୍ଟ୍ରେଶନ ପାଇଁ ଦୁହେଁ ନିକଟରେ ବମ୍ବେ ହାଇକୋର୍ଟରେ ଆବେଦନ କରିଛନ୍ତି। 'ଫୁକରି' ଫିଲ୍ମରେ ରିଚା-ଅଲ୍ଲୀ ଅଭିନୟ କରିଥିଲେ ଏବଂ ସେବେଠାରୁ ଦୁହେଁ ପ୍ରେମରେ ପଡ଼ିଯାଇଥିଲେ।

▶ରେହା ଚକ୍ରବର୍ତ୍ତୀଙ୍କ ଡାଇମଣ୍ଡ ରିଂକୁ ନେଇ ଚର୍ଚ୍ଚା। ନିକଟରେ ତାଙ୍କ ପ୍ରେମିକ ସୁଶାନ୍ତ ସିଂ ରାଜପୁତଙ୍କ ଜନ୍ମଦିନ ଅବସରରେ ସେ ଏହି ଦାମୀ ଡାଇମଣ୍ଡ ରିଂ ଉପହାର ଦେଇଛନ୍ତି।

▶ଲଣ୍ଡନରେ ଦୁଇ ସପ୍ତାହ ଧରି ଭ୍ୟାକେଶନ କାଟିସାରି ଆଲିୟା ବମ୍ବେ ଫେରିଛନ୍ତି। ହେଲେ ଏୟାରପୋର୍ଟରେ ରଣବୀର କପୁରଙ୍କ ସହ ନିକଟରେ ମ୍ୟାରେଜ୍‌କୁ ନେଇ ସେ କହିଛନ୍ତି ଯେ, 'ଏ ଉଡ୍‌ଡି ଉଡ୍‌ଡି ଖବର ହେ'।



ଅମ୍ରିତା

# ନବାଗତା ଅମ୍ରିତା

ଆଉ ଜଣେ ବଙ୍ଗୀୟ ସୁନ୍ଦରୀ ଓଡ଼ିଆ ସିନେମାରେ ନିଜ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ସେ ହେଲେ ଅମ୍ରିତା। ତାଙ୍କୁ ଏଭଳି ବ୍ରେକ୍ ଦେଇଛନ୍ତି ପ୍ରଯୋଜକ ସଚିକାନ୍ତ ଜେନା ଏବଂ ବିନି ପଟ୍ଟନାୟକ। ଖାସ୍ କଥା ହେଲା, ଓଡ଼ିଆ ସିନେମାରୁ ହିଁ ଅମ୍ରିତା ତାଙ୍କର ଅଭିନୟ ଜୀବନ ଆରମ୍ଭ କରିବାକୁ ଯାଉଛନ୍ତି। ଆଉ ଚଳଚ୍ଚିତ୍ରଟି ହେଲା 'ହୀରାଲାଲ୍ ମୋତିଲାଲ୍'। ମୁନ୍ ଟିଭି ମୁଭିଜ୍ ବ୍ୟାନରରେ ଏହାର ଏକ୍‌ଜିକ୍ୟୁଟିଭ ପ୍ରଯୋଜନା ଦାୟିତ୍ୱ ସମ୍ଭାଳିଛନ୍ତି ପ୍ରଣୟ ଜେଠୀ। ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଉଛନ୍ତି ଅଶ୍ୱିନୀ ଗଡ଼ନାୟକ। ଖାଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଅନ୍ୟତମ ଆଗଧାଡିର ସ୍ୱର ସଂଯୋଜକ ବୈଦ୍ୟନାଥ ଦାଶ। ବାଳକୃଷ୍ଣ, ଅମର, ଗୁଣ୍ଡୁ, କାଳିଆ, ସୁମନ, ବାବୁ ପ୍ରଧାନ, ବ୍ରଜ ସିଂ, ହାଡୁ, ଦେବୁ ବ୍ରହ୍ମା, ହରି ବାବୁ ପ୍ରଧାନ, ଜୀବନ ପଣ୍ଡା, ସଲିଲ ମିତ୍ର ବିଭିନ୍ନ ଭୂମିକାରେ ଅଭିନୟ କରୁଛନ୍ତି। ଖାସ୍ କଥା ହେଲା ଏଥିରେ ଛଅ ଜଣ ନୂଆ ନାୟିକା-ଅମ୍ରିତା, ଦିଶା, ପ୍ରଜ୍ଞା ପ୍ରଧାନ, ରୋଜି, ପୁଷ୍ପା, ଲକ୍ଷ୍ମୀଙ୍କୁ ଦେଖିବାକୁ ମିଳିବ। ସମ୍ପୂର୍ଣ୍ଣ କମେଡିଭିତ୍ତିକ ଏହି ଫିଲ୍ମଟି ଖୁବ୍ ଶୀଘ୍ର ରିଲିଜ ହେବ ବୋଲି କହିଛନ୍ତି ପ୍ରଯୋଜକ ସଚୀକାନ୍ତ।



ଦେବାଶିଷ-କାବ୍ୟା

# କଥା ରଖିଥିଲେ କିଆରା

ବଡ଼ ପରଦାରେ ଅଭିନୟ କରିବା ପୂର୍ବରୁ କିଆରା ଆଡ୍‌ୱାନିଙ୍କ ପ୍ରକୃତ ନାମ କ'ଣ ଥିଲା ଜାଣନ୍ତି? ଆଲିୟା ଆଡ୍‌ୱାନି। ତାଙ୍କ ଅଭିନୀତ ପ୍ରଥମ ସିନେମା 'ଫୁଗ୍‌ଲି'ର ଶୁଟିଂ ସମୟରେ ତାଙ୍କର ଭେଟ ହୋଇଥିଲା ସଲ୍‌ମାନ ଖାଁଙ୍କ ସହ। ସେତେବେଳେ ସଲ୍ଲୁ ମିଆଁ ତାଙ୍କୁ ନିଜ ନାମ ବଦଳାଇ କିଆରା ରଖିବାକୁ ପରାମର୍ଶ ଦେଇଥିଲେ। ଆଉ ତା'ପରେ ସେ ବିଳମ୍ବ ନ କରି ନିଜ ନାମକୁ ଆଲିୟାରୁ କିଆରାକୁ ପରିବର୍ତ୍ତନ କରିଥିଲେ। ବଲିଉଡ୍‌ର ବିଶିଷ୍ଟ ଅଭିନେତା ସୟିଦ ଜାଫ୍ରିଙ୍କର ସେ ହେଉଛନ୍ତି ନାତୁଣୀ। କିଆରାଙ୍କ ବାପା ଜଗଦୀପ ଆଡ୍‌ୱାନି ଜଣେ ବିଜ୍‌ନେସ୍‌ମ୍ୟାନ ଏବଂ ମା' ଜେନେଭିଭେ ଜାଫ୍ରି ହେଉଛନ୍ତି ଜଣେ ଶିକ୍ଷୟିତ୍ରୀ। ଖାସ୍ କଥା ହେଲା, ଜେନେଭିଭେ ଏବଂ ସଲମାନ୍‌ଙ୍କ ମଧ୍ୟରେ ଥିବା ବନ୍ଧୁତା କିଆରାଙ୍କୁ ବେଶ୍ ମାଇଲେଜ ଦେଇଥିଲା। କିଆରାଙ୍କ ପ୍ରଥମ ସିନେମା ପ୍ରମୋଶନର ସମସ୍ତ ଦାୟିତ୍ୱ ସଲମାନ ହିଁ ନେଇଥିଲେ। ଅନୁପମ ଖେର୍‌ଙ୍କ ଆକ୍ଟିଂ ଇନ୍‌ଷ୍ଟିଚ୍ୟୁଟ୍‌ରୁ ସେ ଆକ୍ଟିଂରେ ଡିଗ୍ରୀ ହାସଲ କରିଛନ୍ତି। 'ଫୁଗ୍‌ଲି'ର କୋ-ଷ୍ଟାର ମୋହିତ ମରୱାଙ୍କ ସହ ତାଙ୍କର ଆଫେୟାର୍ସ ଅଛି ବୋଲି ଆଲୋଚନା ହୁଏ। କିଆରାଙ୍କ ଅଭିନୀତ ହିଟ୍ ସିନେମାଗୁଡ଼ିକ ମଧ୍ୟରେ ରହିଛି 'ଏମ୍‌ଏସ୍ ଧୋନୀ', 'ମେଶିନ୍' ଏବଂ 'କଳଙ୍କ'। ପ୍ରତିଦିନର ବ୍ୟସ୍ତବହୁଳ କାର୍ଯ୍ୟକ୍ରମ ଭିତରେ ସେ ନିୟମିତ ଜିମ୍ ଯାଇଥାଆନ୍ତି। ସଚିନ ତେନ୍ଦୁଲକରଙ୍କର ସେ ହେଉଛନ୍ତି ଜଣେ ବଡ଼ ପ୍ରଶଂସକ।



ଶୁଭେନ୍ଦୁ-ସୁମନପ୍ରିୟା

# ନୂଆ ସିନେମା

# କୁକୁଡ଼ା ଚୋର

କୁକୁଡ଼ା ଚୋରିକୁ ନେଇ କ'ଣ ଏକ ସିନେମା ନିର୍ମାଣ କରାଯାଇପାରେ? ହେଲେ ସେପରି ଏକ କୌତୂହଳପୂର୍ଣ୍ଣ ତଥା ସତ୍ୟ ଘଟଣାକୁ ଆଧାର କରି ପ୍ରସ୍ତୁତ ହୋଇଛି ନୂଆ ଚଳଚ୍ଚିତ୍ରଟିଏ, ଯାହାର ଟାଇଟଲ ରହିଛି 'କୁକୁଡ଼ା ଚୋର'। କୋରାପୁଟର ଏକ ଗାଁରେ କୁକୁଡ଼ା ଚୋରିକୁ ନେଇ ଏପରି ଏକ ଘଟଣା ଘଟିଥିଲା, ଯାହାକୁ ନେଇ ସୁନ୍ଦର କାହାଣୀଟିଏ ପ୍ରସ୍ତୁତ କରିଥିଲେ ଜୀବନ ପଣ୍ଡା। ତାକୁ ଆଧାର କରି କୋରାପୁଟର ଆଞ୍ଚଳିକ ଭାଷାରେ ସିନେମାଟିଏ ନିର୍ମାଣ କରିବାକୁ ଆଗେଇ ଆସିଥିଲେ ପ୍ରଯୋଜକ ଶୁଭେନ୍ଦୁ ପାଢ଼ୀ। ରୋମାଞ୍ଚଭରା ଏହି ସିନେମାରେ ଲଭ୍, ଇମୋଶନ ମଧ୍ୟ ରହିଛି। ଚିତ୍ରଟିର ସଂଳାପ ରଚନା କରିଛନ୍ତି ଡ. ରାଜେନ୍ଦ୍ର ପାଢ଼ୀ। ସଂଯୋଜିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ମିତା ସୁନା। ଆନନ୍ଦ କୁମାରଙ୍କ ନିର୍ଦ୍ଦେଶନାରେ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି ଶୁଭେନ୍ଦୁ ପାଢ଼ୀ, ଅରୁଣ ପଟ୍ଟନାୟକ, ରାଜା ପଟ୍ଟନାୟକ, ସୁମନପ୍ରିୟା, ପ୍ରଜ୍ଞା ପ୍ରଧାନ, ଆର୍ଚ୍ଚି ପ୍ରଧାନ, ମୋହନ ରାଓ ଏବଂ ମହେଶ ରାଓ ପ୍ରମୁଖ କଳାକାର। ଫିଲ୍ମଟି ଚଳିତ ମାସରେ ରିଲିଜ୍ ହେବାର ଯୋଜନା ରହିଛି ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ପ୍ରକାଶ।

## ରିଲିଜ୍ ଅପେକ୍ଷାରେ

# ଶହୀଦ ରଘୁ ସର୍ଦ୍ଦାର

ଆମ ରାଜ୍ୟର ଅନ୍ୟତମ ନାମୀ ସ୍ୱାଧୀନତା ସଂଗ୍ରାମୀ ହେଉଛନ୍ତି ଶହୀଦ ରଘୁ ସର୍ଦ୍ଦାର। ତାଙ୍କ ଜୀବନର ବୀରତ୍ୱ ଗାଥାକୁ ସିନେମାରେ ସଜାଇଛନ୍ତି ନବାଗତ ପ୍ରଯୋଜକ ଡା. ବିଶ୍ୱନାଥ ପଟ୍ଟନାୟକ। ଚିତ୍ରଟିର ଟାଇଟଲ ରହିଛି 'ଶହୀଦ ରଘୁ ସର୍ଦ୍ଦାର। ଏପରି ଏକ ଐତିହାସିକ କାହାଣୀକୁ ସଂଳାପର ରୂପ ଦେଇଛନ୍ତି ଆଗଧାଡିର ସଂଳାପକାର ଡ. ରଜନୀ ରଞ୍ଜନ। ଫିଲ୍ମର ଟାଇଟଲ ଭୂମିକାରେ ଅଭିନୟ କରିଛନ୍ତି ଦେବାଶିଷ ପାତ୍ର। 'ଏହି ଭୂମିକା ଆକ୍ଟିଂ କ୍ୟାରିୟରରେ ମୋ ପାଇଁ ଏକ ଚ୍ୟାଲେଞ୍ଜ୍ ପରି ଥିଲା। ମୋତେ ଦିଆଯାଇଥିବା ଦାୟିତ୍ୱ ମୁଁ ତୁଲାଇଛି, ବାକିସବୁ ଦର୍ଶକଙ୍କ ଉପରେ ନିର୍ଭର କରେ ବୋଲି କହନ୍ତି ଦେବାଶିଷ। ଏହି ଫିଲ୍ମରେ ତାଙ୍କ ସହ ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି କାବ୍ୟା। ଏମାନଙ୍କ ବ୍ୟତୀତ ଜିନା, ଟ୍ୱିଙ୍କିଲ୍, ରୁଦ୍ର, ସନ୍ତୋଷ, ପିଣ୍ଟୁ ନନ୍ଦ, ଅକ୍ଷୟ ବସ୍ତିଆ, ସୁଧାକର ବସନ୍ତ ଏବଂ ରାଜୀବ ମହାନ୍ତି ଅଭିନୟ କରିଛନ୍ତି। ଅରୁଣ ମନ୍ତ୍ରୀ, ବିଜୟ ମଲ୍ଲ ଏବଂ ରଞ୍ଜନ ଦାଶଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ବିକାଶ ଶୁକ୍ଲା। ଅପରପକ୍ଷରେ ଫିଲ୍ମର ସଫଳତାକୁ ନେଇ ବେଶ୍ ଆଶା ବାନ୍ଧିଛନ୍ତି ଏହାର ନିର୍ଦ୍ଦେଶକ ରାଜୀବ ମହାନ୍ତି। ତେବେ ଫିଲ୍ମଟି ଦର୍ଶକଙ୍କୁ କେତେ ପ୍ରଭାବିତ କରୁଛି, ତାହା ରିଲିଜ୍ ପରେ ହିଁ ଜଣାପଡ଼ିବ।



ଜୁହି

# ଲୁଚାଇଥିଲେ ଜୁହି

ଜୁହି ଚାୱଲାଙ୍କ ବଲିଉଡ୍ କ୍ୟାରିୟର ଆରମ୍ଭ ହୋଇଥିଲା 'କୟାମତ୍ ସେ କୟାମତ ତକ୍'ରୁ। କେବଳ ସେତିକି ନୁହେଁ, ଏହି ଫିଲ୍ମରୁ ଆମୀର ଖାଁ ପ୍ରଥମ ଥର ପାଇଁ ନାୟକ ସାଜିଥିଲେ। ଟିନ୍ ଏଜ୍ ଲଭ୍‌ଷ୍ଟୋରିକୁ ନେଇ ପ୍ରସ୍ତୁତ ଫିଲ୍ମଟି ସୁପରଡୁପର ହିଟ୍ ହୋଇଥିଲା। ତା'ପରେ ଜୁହି ଗୋଟିଏ ପରେ ଗୋଟିଏ ହିଟ୍ ସିନେମାରେ ଅଭିନୟ କରିଥିଲେ। ୧୯୯୬ରେ ସେ ପ୍ରଯୋଜକ ଜୟ ମେହେତାଙ୍କୁ ବିବାହ କରିଥିଲେ। ସେ ସମୟରେ ଯଦିଓ ଦୁହିଙ୍କ ପ୍ରେମ ସମ୍ପର୍କକୁ ନେଇ ବେଶ୍ ଆଲୋଚନା ହୋଇଥିଲା, ହେଲେ ଜୁହି କେବେ ଏହାକୁ ସ୍ୱୀକାର କରି ନ ଥିଲେ। ତାହାର କାରଣ କ'ଣ ଥିଲା ସେ ନେଇ ନିକଟରେ ସେ ମୁହଁ ଖୋଲିଛନ୍ତି। 'ସେତେବେଳେ ମୋ କ୍ୟାରିୟର ପିକ୍‌ଅପ୍‌ରେ ଥିଲା। ଯଦି ମୁଁ ସେ ସମୟରେ ଏ ବିଷୟରେ ସୂଚନା ଦେଇଥାଆନ୍ତି ହୁଏତ ତାହାର ପ୍ରଭାବ ମୋ କ୍ୟାରିୟର ଉପରେ ପଡ଼ିଥାଆନ୍ତା। ଯାହାହେଉ ପରେ ସେପରି କିଛି ହୋଇ ନ ଥିଲା। ତା'ପରେ କେତୋଟି ସିନେମାରେ ରୋଲ୍ କରିବା ପରେ ମୁଁ ପରିବାର ପ୍ରତି ଅଧିକ ସମୟ ଦେଇଥିଲି ବୋଲି କହନ୍ତି ଜୁହି।'

## ଅପେରା ହାଲଚାଲ

# ରାତିତମାମ କାନ୍ଦିଥିଲେ ମୁନ୍ନା

ଅପେରା ଜଗତର ଆଗଧାଡିର ଅନ୍ୟତମ ନାୟକ ମୁନା। ଦୀର୍ଘ ୧୪ବର୍ଷ ଧରି ସେ ଅଭିନୟ ଜାରି ରଖିଛନ୍ତି। ପତ୍ନୀ ତଥା ଅଭିନେତ୍ରୀ ନମିତାଙ୍କ ସହ ସେ ଏବେ ଧଉଳି ଗଣନାଟ୍ୟରେ ନିଜର ଆକ୍ଟିଂ କ୍ୟାରିୟର ଜାରି ରଖିଛନ୍ତି। ଅଭିନୟ ଜୀବନର ଏକ ଅଭୁଲା ସ୍ମୃତିକୁ ବଖାଣି ମୁନା କହନ୍ତି, 'ସେତେବେଳେ ମୁଁ କୋଣାର୍କ ଗଣନାଟ୍ୟରେ ଥାଏ। କେନ୍ଦୁଝରର ଏକ ସ୍ଥାନରେ ଅପେରା ପରିବେଷଣ କରୁଥାଏ ଏହି ପାର୍ଟି। ସନ୍ଧ୍ୟାବେଳେ ହଠାତ୍ ଘରୁ ଖବର ଆସିଲା-ମୋ ମା' ଚାଲିଗଲେ। ଖବରଟି ଶୁଣିବା ପରେ ମୁଁ ସ୍ତବ୍ଧ ହୋଇଯାଇଥିଲି। ଗୋଟିଏ ପଟେ ମା'ଙ୍କ ମୃତ୍ୟୁ ଖବର, ଅନ୍ୟପଟେ ସେଦିନ ନାଟକ ପାଇଁ ସମ୍ପୂର୍ଣ୍ଣ ଟିକେଟ ବୁକ୍ ହୋଇସାରିଥାଏ। କ'ଣ କରିବି ? ମ୍ୟାନେଜରଙ୍କ ନିକଟରୁ ଯାଇ କହିଲି। ମ୍ୟାନେଜର ଅର୍ଗାନାଇଜରଙ୍କ ସହ କଥା ହେଲେ, ହେଲେ ସେମାନେ ନାଟକ ବଦଳାଇବାକୁ ରାଜି ହେଲେନାହିଁ। ତେଣୁ ବାଧହୋଇ ରାତି ତମାମ ଅଭିନୟ କରିବାକୁ ନିଜକୁ ପ୍ରସ୍ତୁତ କରିନେଲି। ମନରେ କୋହ। ସଂଯୋଗବଶତଃ ସେଦିନ ଭୂମିକାରେ ମୋର ଅଧିକ ପ୍ୟାଥେଟିକ ସିନ୍ ଥିଲା। ତେଣୁ କାନ୍ଦି କାନ୍ଦି ରାତି ପାହି ଯାଇଥିଲା। ସକାଳୁ ନାଟକ ଶେଷ ହେବା ପରେ ଘରକୁ ଯାଇଥିଲି। ମା'ଙ୍କ ଅନ୍ତ୍ୟେଷ୍ଟିକ୍ରିୟା ଶେଷ କରି ପୁଣି କେନ୍ଦୁଝର ଫେରିଥିଲି।



ମୁନ୍ନା-ନମିତା

“ ଜାତୀୟ ଇ-କମର୍ସ ନୀତି ଆଣିବା ନେଇ ସରକାର ବର୍ତ୍ତମାନ ବିଚାର କରୁଛନ୍ତି। ଏହା କେବେ ଆସିବ ସେ ନେଇ କୌଣସି ସମୟ ସୀମା ଧାର୍ଯ୍ୟ ହୋଇନାହିଁ।
– ପୀୟୂଷ ଗୋୟଲ, କେନ୍ଦ୍ର ବାଣିଜ୍ୟ ମନ୍ତ୍ରୀ



“ ସାରା ଦେଶରେ ରହିଥିବା ଗ୍ରାମଗୁଡ଼ିକୁ ଇଣ୍ଟରନେଟ ସେବା ଯୋଗାଣ ଦିଗରେ ଏବେ ଭିତ୍ତିଭୂମି ପ୍ରସ୍ତୁତ କରାଯାଉଛି। ଏଥିରେ ପ୍ରାୟ ୭ ଲକ୍ଷ କୋଟି ଟଙ୍କାର ନିବେଶ ହୋଇପାରେ।
– ରବି ଶଙ୍କର ପ୍ରସାଦ, ଟେଲିକମ୍ ମନ୍ତ୍ରୀ



# ବଢୁଛି ମାନ୍ଦାବସ୍ଥା ଆଶଙ୍କା

## ୦.୯% ରହିପାରେ ବିଶ୍ୱର ବିକାଶ ହାର

ନୂଆଦିଲ୍ଲୀ,୧୮-୩

କରୋନାର ପ୍ରଭାବରେ ସାରା ବିଶ୍ୱ ଏବେ ମାନ୍ଦାବସ୍ଥା ଆଡକୁ ବଢୁଥିବା ବଜାର ବିଶେଷଜ୍ଞମାନେ ଆଶଙ୍କା କରିଛନ୍ତି। ବର୍ତ୍ତମାନ ଅଶୋଧିତ ତୈଳ ଦର, ଶେୟାର ବଜାର, ସୁନା, ରୁପା ଉପରେ ପ୍ରଭାବ, ବିଭିନ୍ନ ଶିଳ୍ପର ବ୍ୟବସାୟିକ କ୍ଷତି ଦେଖିବାକୁ ମିଳୁଛି। କରୋନା ପାଇଁ ମାନ୍ଦାବସ୍ଥା ଆଶଙ୍କା ଦିନକୁ ଦିନ ବଢୁଥିବା ମୋର୍ଗାନ ଷ୍ଟାନଲୀ, ଗୋଲ୍ଡ ମ୍ୟାନ ସ୍ୟାଚ୍‌ର ଅର୍ଥନୀତିଜ୍ଞମାନେ ମତ ପ୍ରକାଶ କରିଛନ୍ତି। ଏହି ବିଶେଷଜ୍ଞଙ୍କ କହିବା ଅନୁସାରେ ଚଳିତ ବର୍ଷ ବିଶ୍ୱ ସ୍ତରର ଅଭିବୃଦ୍ଧି ୦.୯%କୁ ଖସିଯିବ ବୋଲି ମୋର୍ଗାନ ଷ୍ଟାନଲି ଅର୍ଥନୀତିଜ୍ଞ ପ୍ୟାନେଲ କହିଛି। ଏହି ପ୍ୟାନେଲର ମୁଖ୍ୟ ଭାବେ ଚେତନ ଆହ୍ୟା କାର୍ଯ୍ୟ କରୁଛନ୍ତି।

ସେହିଭଳି ଜାନ ହାଟଜିୟସଙ୍କ ନେତୃତ୍ୱରେ ଗୋଲ୍ଡ ମ୍ୟାନ ସ୍ୟାଚ୍ ଟିମ୍ କହିଛି ଯେ, ଅଭିବୃଦ୍ଧି ପ୍ରାୟ ୧.୨% ସ୍ତରକୁ ଖସିଯିବ। ଆସନ୍ତା ବର୍ଷ ଦ୍ୱିତୀୟାର୍ଦ୍ଧରେ ବିଶ୍ୱ ଅଭିବୃଦ୍ଧି ପୁଣି ଥରେ ସ୍ଥିତାବସ୍ଥାକୁ ଫେରିବ ବୋଲି ବିଶେଷଜ୍ଞ ଆଶାବାଦୀ ରହିଛନ୍ତି। ବର୍ତ୍ତମାନର ସ୍ଥିତି ୨୦୦୧ ଏବଂ ୧୯୯୦ ମାନ୍ଦାବସ୍ଥାଠାରୁ ଆହୁରି ଖରାପ ହେଉଛି। ୨୦୦୯ ମାନ୍ଦାବସ୍ଥା ଭଳି ଏହା ମାରାତ୍ମକ ରୂପ ନେବ ନାହିଁ ଏହି ସମୟରେ ବିଶ୍ୱର ବିକାଶ ହାର ୦.୮%କୁ ଖସିଯାଇଥିଲା। ଭାଇରସକୁ ନିୟନ୍ତ୍ରଣ କରିବା ଲାଗି ବିଶ୍ୱ ସ୍ତରର ସରକାରଗୁଡିକ କାର୍ଯ୍ୟ କରିବା ଆବଶ୍ୟକ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଏହା ପରେ ଆର୍ଥିକ ବିକାଶ ହାର ତ୍ୱରାନ୍ୱିତ କରିବା ଲାଗି ପ୍ୟାକେଜ ପ୍ରଦାନ ଉପରେ ଧ୍ୟାନ କେନ୍ଦ୍ରିତ କରିବାର ଆବଶ୍ୟକତା ରହିଛି। ମୋର୍ଗାନ ଷ୍ଟାନଲି ଅର୍ଥ ବିଶେଷଜ୍ଞଙ୍କ କହିବା ମୁତାବକ କରୋନା ଯୋଗୁ ବିଶ୍ୱ ଅର୍ଥ ବ୍ୟବସ୍ଥା ଗଭୀର ଝଟକା ଲାଗିବ। ଭାଇରସ ପ୍ରଭାବ କିଭଳି ରହିଛି ତାହା ଅନ୍ଦାଜା ଲଗାଇବା ଏବେ କଷ୍ଟକର ବ୍ୟାପାର ହୋଇଛି। ଏହା ବାଦ ଫ୍ୟାକ୍ଟ୍ରି, ଷ୍ଟୋର, ରେଷ୍ଟୁରାଣ୍ଟ ଏବଂ ଅନ୍ୟ କେନ୍ଦ୍ର ଉପରେ ପ୍ରଭାବ କ'ଣ ରହିଛି ତାକୁ ମଧ୍ୟ ତ୍ୱରିତ ଭାବେ ଆକଳନ କରାଯାଇ ପାରିବ ନାହିଁ। ଏହାବାଦ ବଜାର ସ୍ଥିତି ମଧ୍ୟ ସାଂଘାତିକ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଚାଇନା ଅର୍ଥନୀତି ୫% ଏବଂ ଆମେରିକା ଅଭିବୃଦ୍ଧି ୪% ରହିଛି। ଏହି ସ୍ଥିତିରେ ସୁଧାର ଆସିବା କଷ୍ଟକର ବୋଲି ବିଶେଷଜ୍ଞ କହିଛନ୍ତି।



## ବିଶ୍ୱସ୍ତରରେ ଚାକିରି ହରାଇବେ ୨୫ ନିୟୁତ

ନୂଆଦିଲ୍ଲୀ,୧୮-୩




କରୋନା ଯୋଗୁ ସାରା ବିଶ୍ୱରେ ୨୫ ନିୟୁତ ଲୋକ ଚାକିରି ହରାଇବା ଆଶଙ୍କା ଉପୁଜିଥିବା ଜାତିସଂଘ ପକ୍ଷରୁ ବୁଧବାର କୁହାଯାଇଛି। ଏହା ଯୋଗୁ ଅନେକଙ୍କ ନିଯୁକ୍ତି ସଙ୍କଟରେ ରହିଛି। ଏହାର ପ୍ରଭାବକୁ କମ୍ କରିବା ଲାଗି ମିଳିତ ହୋଇ ଯେଉଁ ଭଳି ଲଢିବାର ଆବଶ୍ୟକତା ରହିଛି ତାହା ପର୍ଯ୍ୟାପ୍ତ ନୁହେଁ ବୋଲି ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ ପକ୍ଷରୁ ଏକ ଅଧ୍ୟୟନରେ କୁହାଯାଇଛି। ଏହାବାଦ କରୋନା ଯୋଗୁ ଦାରିଦ୍ର୍ୟ ମଧ୍ୟ ବୃଦ୍ଧି ପାଇବ। ବିଶ୍ୱ ସ୍ତରରେ ଶ୍ରମିକମାନେ ୩.୪ ଲକ୍ଷ କୋଟି ଡଲାର ଆୟ ହରାଇବେ ବୋଲି ଏହାର ରିପୋର୍ଟରେ ଆକଳନ କରାଯାଇଛି। ନିଯୁକ୍ତି କମିବା ଦ୍ୱାରା ଲୋକଙ୍କ ଆୟରେ ହ୍ରାସ ଦେଖାଯିବ ବୋଲି ଅନ୍ତର୍ଜାତୀୟ ଶ୍ରମ ସଙ୍ଗଠନ କହିଛି। ୨୦୨୦ ଶେଷ ସୁଦ୍ଧା ଶ୍ରମିକମାନେ ୮୬୦ ବିଲିୟନ ଡଲାରରୁ ୩.୪ ଲକ୍ଷ କୋଟି ଡଲାର ଆୟ କରାଇବେ।

## ଟ୍ରମ୍ପଙ୍କ ୭୪ ଲକ୍ଷ କୋଟି ଟଙ୍କାର ପ୍ୟାକେଜ

ନୂଆଦିଲ୍ଲୀ,୧୮-୩

କରୋନା ପ୍ରଭାବକୁ କମ୍ କରିବା ଲାଗି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୭୪ ଲକ୍ଷ କୋଟି ଟଙ୍କାର ଏକ ପ୍ୟାକେଜ ଘୋଷଣା କରିଛନ୍ତି। ଏହା ମଧ୍ୟରୁ ୨୨.୨ ଲକ୍ଷ କୋଟି ଟଙ୍କା କେବଳ ଛୋଟଛୋଟ ଉଦ୍ୟୋଗଗୁଡିକୁ ପ୍ୟାକେଜ ଭାବେ ପ୍ରଦାନ କରାଯିବ। ୧୮.୫ ଲକ୍ଷ କୋଟି ସିଧାସଳଖ ଆମେରିକୀୟଙ୍କ ଖାତାକୁ ଯିବ ବୋଲି ସୂଚନା ରହିଛି। ଆମେରିକାର ୫୦ ରାଜ୍ୟ ଉପରେ କରୋନାର ପ୍ରଭାବ ରହିଛି। ଏଥିରେ ୧୦୫ ଜଣ ବ୍ୟକ୍ତି ମୃତ୍ୟୁ ମୁଖରେ ପଡିଛନ୍ତି। ସେହିଭଳି ଅର୍ଥ ବ୍ୟବସ୍ଥା ତଥା ବାଣିଜ୍ୟ ଏବଂ କାରବାର ଉପରେ କରୋନା ପ୍ରଭାବକୁ କମ୍ କରିବା ଲାଗି ଏସିଆନ୍ ଡେଭଲପମେଣ୍ଟ ବ୍ୟାଙ୍କ ପକ୍ଷରୁ ୬.୫ ବିଲିୟନ ଡଲାରର ପ୍ୟାକେଜ ଘୋଷଣା କରାଯାଇଛି। ଏହା ପ୍ରାଥମିକ ପ୍ୟାକେଜ ବୋଲି ଜଣାପଡିଛି। ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳର ଅଭିବୃଦ୍ଧିଶୀଳ ଅର୍ଥ ବ୍ୟବସ୍ଥାଗୁଡିକ ଲାଗି ଏଭଳି ପ୍ୟାକେଜ ଘୋଷଣା ହୋଇଥିବା ଜଣାପଡିଛି।

## ଅନ୍ତର୍ଜାତୀୟ ଉଡ଼ାଣ ବାତିଲ କଲା ଭିସ୍ତାରା

ନୂଆଦିଲ୍ଲୀ,୧୮-୩




କରୋନା ପ୍ରଭାବକୁ ନଜରରେ ରଖି ବିମାନ କମ୍ପାନୀଗୁଡିକ ଅନ୍ତର୍ଜାତୀୟ ଉଡାଣକୁ ବାତିଲ କରୁଛନ୍ତି। ମଙ୍ଗଳବାର ଗୋଏୟାର ଏଭଳି ନିଷ୍ପତ୍ତି ନେଇଥିବା ବେଳେ ବୁଧବାର ଏହି ଧାରାରେ ଭିସ୍ତାରା ଯୋଡି ହୋଇଛି। ଚଳିତ ମାସ ୨୦ରୁ ମାର୍ଚ୍ଚ ୩୧ ଯାଏ ଏହି କମ୍ପାନୀର ଅନ୍ତର୍ଜାତୀୟ ବିମାନ ସେବା ବନ୍ଦ ରହିବ ବୋଲି ଜଣାପଡିଛି। କରୋନା ସ୍ଥିତି ଉପରେ ନଜର ରଖି ଏଭଳି ପଦକ୍ଷେପ ନିଆଯାଇଥିବାବେଳେ ଘରୋଇ ଉଡାଣକୁ ମଧ୍ୟ ସାମୟିକ ଲାଗି ବ୍ୟବସ୍ଥିତ କରାଯିବାକୁ ନିଷ୍ପତ୍ତି ହୋଇଥିବା ଭିସ୍ତାରା ପକ୍ଷରୁ ସୂଚନା ରହିଛି।

## ୧୭୦୯ ପଏଣ୍ଟ ଖସିଲା ସେନ୍‌ସେକ୍ସ

ମୁମ୍ବାଇ,୧୮-୩



କରୋନା ପ୍ରଭାବରେ ଭାରତୀୟ ଶେୟାର ବଜାର କାରବାର ଲଗାତର ଭାବେ ହ୍ରାସ ପାଇ ଚାଲିଛି। ବୁଧବାର ସେନ୍‌ସେକ୍ସରେ ସୂଚକାଙ୍କ ୧୭୦୯ ପଏଣ୍ଟ ଖସିଥିବା ବେଳେ ନିଫ୍ଟି ୮୫୦୦ ପଏଣ୍ଟ ତଳକୁ ଖସି ଆସିଛି। ବୁଧବାର ନିଫ୍ଟି କାରବାର ୫୦୦ ପଏଣ୍ଟ ଖସିଥିବା ଦେଖାଯାଇଛି। ଦିନ ମଧ୍ୟରେ ସେନ୍‌ସେକ୍ସ ୨୪୮୮.୭୨ ପଏଣ୍ଟ ଖସିଥିବାବେଳେ କାରବାର ଶେଷ ବେଳକୁ ୧୭୦୯.୫୮ ପଏଣ୍ଟ ବା ୫.୫୯% ନିମ୍ନରେ ରହି ୨୮,୮୬୯.୫୧ ସ୍ତରକୁ ଖସି ଆସିଛି। ୨୦୧୭ ପରଠାରୁ ପ୍ରଥମଥର ଲାଗି ସେନ୍‌ସେକ୍ସ ୨୯ ହଜାର ତଳକୁ କାରବାର ଖସିଛି। ସେହିଭଳି ନିଫ୍ଟି କାରବାର ୪୯୮.୨୫ ପଏଣ୍ଟ ବା ୫.୫୬% ଖସିବା ଯୋଗୁ ଏହା ୮,୪୬୮.୮୦ ପଏଣ୍ଟ ସ୍ତରକୁ ଖସିଛି। ଏଜିଆର୍ ଦେୟ ନେଇ ଟେଲିକମ୍ କମ୍ପାନୀଗୁଡିକୁ ସୁପ୍ରିମ କୋର୍ଟ ତାଗିଦ କରିବା ପରେ ବ୍ୟାଙ୍କିଙ୍ଗ ଏବଂ ଟେଲିକମ୍ ଷ୍ଟକ ଗଭୀର ଭାବେ ପ୍ରଭାବିତ ହୋଇଛି। ଭାରତୀୟ ଶେୟାର ବଜାର ୩ ବର୍ଷର ତଳକୁ ଖସିଥିବା ବେଳେ ଏସିଆ ଏବଂ ୟୁରୋପ ଶେୟାର ବଜାରଗୁଡିକର ସ୍ଥିତି ମଧ୍ୟ ଠିକ୍ ନାହିଁ।

## ଭାରତର ଅଭିବୃଦ୍ଧି କମାଇଲା ଏସ୍ ଆଣ୍ଡ ପି

ନୂଆଦିଲ୍ଲୀ,୧୮-୩




ଗ୍ଲୋବାଲ ରେଟିଂ ଏଜେନ୍ସି ଷ୍ଟାଣ୍ଡାର୍ଡ ଆଣ୍ଡ ପୋଅର୍ସ (ଏସ୍ ଆଣ୍ଡ ପି) ବୁଧବାର ଭାରତରେ ବିକାଶ ଅନୁମାନକୁ ୨୦୨୦ ଲାଗି ୫.୨%କୁ ଖସାଇ ଦେଇଛି। କରୋନା ପ୍ରଭାବ ଯୋଗୁ ବିଶ୍ୱ ଅର୍ଥନୀତି ବର୍ତ୍ତମାନ ମାନ୍ଦାବସ୍ଥା ଆଡକୁ ଯାଉଥିବାରୁ ଏସ୍ ଆଣ୍ଡ ପି ଏଭଳି ଆକଳନ କରିଛି। ୨୦୨୦ କ୍ୟାଲେଣ୍ଡର ବର୍ଷରେ ଭାରତର ବିକାଶ ହାର ୫.୭% ରହିବ ବୋଲି ପୂର୍ବରୁ ଏହି ଏଜେନ୍ସି ପୂର୍ବାନୁମାନ କରିଥିଲା। ଏହି ସମୟରେ ଏସିଆ ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଅଭିବୃଦ୍ଧି ୩%ରୁ କମ୍ ରହିବ ବୋଲି ଏହା ରିପୋର୍ଟରେ ଉଲ୍ଲେଖ କରିଛି। ଭାଇରସ ବ୍ୟାପିବା ଯୋଗୁ ୪୦୦ ବିଲିୟନ ଡଲାରରୁ ଉର୍ଦ୍ଧ୍ୱ ସ୍ଥାୟୀ ଆୟ କ୍ଷତି ହେବାର ଆଶଙ୍କା କରାଯାଇଛି। ଏହି ସମୟରେ ଚାଇନାର ବିକାଶ ହାର ୨.୯% ଖସିବ ବୋଲି ଏହା ପୂର୍ବାନୁମାନ କରିଥିବା ବେଳେ ଜାପାନ ୧.୨% ବିକାଶ ହାର ହାସଲ କରିବ ବୋଲି କୁହାଯାଇଛି। ସୋମବାର ମୁଡିସ ଇନଭେଷ୍ଟର୍ସ ସର୍ଭିସ ଭାରତର ବିକାଶ ଅନୁମାନକୁ ୫.୪%ରୁ ୫.୩%କୁ ଖସାଇଛି।

## ଗୋପାଳପୁର ବନ୍ଦରରେ ପ୍ରତିଷେଧମୂଳକ ପଦକ୍ଷେପ

ଗୋପାଳପୁର,୧୮ -୩



କୋଭିଡ୍-୧୯ ପ୍ରଭାବକୁ ରୋକିବା ଲାଗି ଗୋପାଳପୁର ପୋର୍ଟସ୍ ଲିମିଟେଡ୍ (ଜିପିଏଲ୍) ତରଫରୁ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଜାହାଜ ମହାନିର୍ଦ୍ଦେଶାଳୟ ଓ ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବେଶ କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶାବଳୀ ମୁତାବକ ସମସ୍ତ ପଦକ୍ଷେପ ଗ୍ରହଣ କରାଯାଉଥିବା ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ ସୂଚନା ରହିଛି। ସମସ୍ତ ସ୍ଥାନୀୟ ଓ ବିଦେଶୀ ଜାହାଜ ଏବଂ ଜାହାଜରେ ଥିବା କ୍ରୁ ସଦସ୍ୟମାନଙ୍କ ନିୟମିତ ନିରୀକ୍ଷଣ ଓ ପରୀକ୍ଷା ଲାଗି ଏକ ସ୍ୱୟଂସମ୍ପୂର୍ଣ୍ଣ ପରୀକ୍ଷା ବ୍ୟବସ୍ଥା ସ୍ଥାପନ କରାଯାଇଛି। ଚାଇନା, କୋରିଆ, ଜାପାନ, ଇଟାଲିରୁ ଆସିଥିବା ଯେକୌଣସି ପ୍ରକାର ଜାହାଜକୁ ୧୪ ଦିନ ପର୍ଯ୍ୟନ୍ତ କ୍ୱାରାଣ୍ଟାଇନ୍ ବା ସଙ୍ଗରୋଧ କରାଯାଉଛି। ୧୪ ଦିନ କ୍ୱାରାଣ୍ଟାଇନ୍ କରିବା ପରେ ଜାହାଜର କ୍ରୁ ସଦସ୍ୟ ବିଭିନ୍ନ ପ୍ରକାର ଲକ୍ଷଣ ପାଇଁ ଯାଞ୍ଚ କରାଯାଇଛି ଓ ଆବଶ୍ୟକ ହେଲେ ପରୀକ୍ଷା କରାଯାଉଛି। କୋଭିଡ୍-୧୯ ବ୍ୟାପିବାକୁ ରୋକିବା ଲାଗି ଅନ୍ୟ ଦେଶଗୁଡ଼ିକରୁ ଆସୁଥିବା ଜାହଜଗୁଡ଼ିକରେ ଥିବା କ୍ରୁ ସଦସ୍ୟମାନଙ୍କ ସ୍ୱାସ୍ଥ୍ୟ ସମ୍ପୂର୍ଣ୍ଣ ଭଲ ଥିବା ସଂକ୍ରାନ୍ତରେ ଜାହାଜ ମାଷ୍ଟରଙ୍କ ଠାରୁ ବନ୍ଦରରେ ଜାହାଜ ପହଞ୍ଚିବାର ୨୪ ଘଣ୍ଟା ପୂର୍ବରୁ ପ୍ରାକ୍ ସୂଚନା ମଗାଯାଉଛି। ବନ୍ଦର ତରଫରୁ ନିଜସ୍ୱ ଷ୍ଟାଣ୍ଡାର୍ଡ ଅପରେଟିଂ ସିଷ୍ଟମ (ଏସ୍‌ଓପି) ବିକଶିତ କରାଯାଇଛି। ଏହା ଅନ୍ତର୍ଜାତୀୟ ମାରିଟାଇମ ସଂଗଠନ (ଆଇଏମ୍‌ଓ) ଓ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲୁଏଚ୍‌ଓ)ର 'ମାରିଟାଇମ ଡିକ୍ଲାରେଶନ ହେଲ୍‌ଥ'ରେ ଦିଆଯାଇଥିବା ପରାମର୍ଶକୁ ପାଳନ କରୁଛି। ଏକ ସଙ୍ଗରୋଧ ବା ଆଇସୋଲେଶନ ୱାର୍ଡ ଗଠନ କରାଯାଇଛି। ସ୍ପର୍ଶ ବିହୀନ ଇନଫ୍ରାରେଡ୍ ତାପମାତ୍ରା ଗନ, ଏନ-୯୫ ଫେସ ମାସ୍କ, ଡିସପୋଜେବଲ ଗ୍ଲୋଭସ ଓ କ୍ୟାପ୍, ସମ୍ପୂର୍ଣ୍ଣ ବ୍ୟବସ୍ଥା ସହିତ ୩ ଜଣ ପାରା ମେଡିକାଲ ଷ୍ଟାଫ୍ ଥିବା ଏକ ଆମ୍ବୁଲାନ୍ସ ଚବିଶ ଘଣ୍ଟା ପାଇଁ ପ୍ରସ୍ତୁତ ରହିଛି। ପରିଚାଳନା ଷ୍ଟାଫ୍‌ମାନଙ୍କ ଲାଗି ଜାହାଜ ବୋର୍ଡିଂ ହେଉଥିବା ଅଞ୍ଚଳରେ ନିୟମିତ ଭାବେ ଡି-କଣ୍ଟାମିନେଶନ ଲିକ୍ୱିଡ (ସୋଡିୟମ ହାଇପୋକ୍ଲୋରାଇଡ୍) ସିଞ୍ଚନ ସହ ଅନ୍ୟ ବ୍ୟବସ୍ଥା କରାଯାଇଥିବା ସୂଚନା ରହିଛି।

## ବିଏସ୍-୬ ଯାନ ବିକ୍ରିରେ ହୋଣ୍ଡାର ସଫଳତା



**ନୂଆଦିଲ୍ଲୀ,୧୮-୩:** ଭାରତରେ ବିଏସ୍-୬ ଦୁଇ ଚକିଆ ଯାନ ବିକ୍ରି କ୍ଷେତ୍ରରେ ହୋଣ୍ଡା ମୋଟର ସାଇକେଲ ସ୍କୁଟର ଇଣ୍ଡିଆ ଲିମିଟେଡ ସଫଳତା ହାସଲ କରିଛି। କମ୍ପାନୀ ବର୍ତ୍ତମାନ ସୁଦ୍ଧା ୫.୫ ଲକ୍ଷରୁ ଅଧିକ ୟୁନିଟ ବିଏସ୍-୬ ଯାନ ବିକ୍ରି କରିବାକୁ ସକ୍ଷମ ହୋଇଥିବା କହିଛି। ପ୍ରଥମ ୨ ଚକିଆ ଯାନ କମ୍ପାନୀ ଏହି ସଫଳତା ହାସଲ କରିଥିବା କହିଛି। କମ୍ପାନୀ ବର୍ତ୍ତମାନ ୬ଟି ବିଏସ୍-୬ ମଡେଲ ବଜାରରେ ଉପଲବ୍ଧ କରାଉଛି। ଏହା ମଧ୍ୟରେ ୟୁନିକର୍ନ ବିଏସ୍-୬, ଆକ୍ଟିଭା ୧୨୫, ଏସ୍‌ପି-୧୨୫, ଆକ୍ଟିଭା ୬ଜି, ଡିଓ ବିସ୍-୬ ଭଳି ମଡେଲ ସାମିଲ ରହିଛି। ବିଏସ୍-୬ ମଡେଲ ଏବଂ ଏହା ଉପରେ ପ୍ରଦାନ କରାଯାଉଥିବା ୱାରେଣ୍ଟିକୁ ଗ୍ରାହକମାନେ ପସନ୍ଦ କରୁଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ଯଦବିନ୍ଦର ସିଂ ଗୁଲେରିଆ ସୂଚନା ଦେଇଛନ୍ତି।

## ହ୍ୟୁଣ୍ଡାଇ ଆଣିଲା ନୂଆ କ୍ରେଟା

ନୂଆଦିଲ୍ଲୀ,୧୮-୩




ହ୍ୟୁଣ୍ଡାଇ ମୋଟର୍ସ ଇଣ୍ଡିଆ ଲିମିଟେଡ ପକ୍ଷରୁ ନୂଆ କ୍ରେଟା ମଡେଲ ବଜାରକୁ ଆସିଛି। କମ୍ପାନୀର ଏହି ଦ୍ୱିତୀୟ ପିଢୀ ମଡେଲରେ ଗ୍ରାହକମାନେ ଭବିଷ୍ୟପନ୍ଥୀ ଡିଜାଇନ, ପାୱାରପ୍ୟାକ୍ ପରଫରମାନ୍ସ, ଆରାମ ସହ ଅନ୍ୟ ପ୍ରମୁଖ ବୈଶିଷ୍ଟ୍ୟ ଲାଭ କରିପାରିବେ। ଏହି ଯାନଟିରେ ଟ୍ରିଓ ବିମ୍ ଏଲ୍‌ଇଡି ହେଡ୍ ଲ୍ୟାମ୍ପ, ଭଏସ୍ ଭିତ୍ତିକ ସ୍ମାର୍ଟ ପାନୋରାମିକ ସନ୍‌ରୁଫ, ୨୬.୦୩ ସେମିର ଏଚ୍‌ଡି ଇନଫୋଟେନମେଣ୍ଟ, ପ୍ରିମିୟମ ଇଣ୍ଟେରିୟର, ଡ୍ରାଇଭ ମୋଡ ସିଲେକ୍ଟ, ଟ୍ରାକଶନ କଣ୍ଟ୍ରୋଲ ମୋଡ, ବୋସ୍ ପ୍ରିମିୟମ ସାଉଣ୍ଡ ସିଷ୍ଟମ, ପ୍ୟାଡେଲ ସିଫ୍ଟର, ଇଲେକ୍ଟ୍ରିକ ପାର୍କିଂ ବ୍ରେକ, ଅଟୋ ହୋଲ୍ଡ ଭଳି ସୁବିଧା ରହିଛି। ଏହାବାଦ ଆଡଭାନ୍ସ ବ୍ଲୁ ଲିଙ୍କ, ୫୦ରୁ ଉର୍ଦ୍ଧ୍ୱ ଫିଚର, ହେଲୋ ବ୍ଲୁ ଲିଙ୍କ, ୱେକ ଅପ୍ ୱାର୍ଡ ରହିଛି। ମଡେଲଟି ୫ଟି ପାୱାରଟ୍ରେନ ସହ ଆସିଛି। ଭାରତୀୟ ଗ୍ରାହକଙ୍କ ବହୁବିଧ ଆବଶ୍ୟକତାକୁ ଧ୍ୟାନରେ ରଖି ନୂଆ କ୍ରେଟାକୁ ପ୍ରସ୍ତୁତ କରାଯାଇଥିବା ହ୍ୟୁଣ୍ଡାଇ ମୋଟର ଇଣ୍ଡିଆ ସିଇଓ ଏସ୍.ଏସ୍.କିମ୍ କହିଛନ୍ତି। ଏଥିରେ ଗ୍ରାହକ ଅତୁଳନୀୟ ଡ୍ରାଇଭିଂ ଅଭିଜ୍ଞତା ଲାଭ କରିପାରିବେ ବୋଲି ସେ ମତ ରଖିଛନ୍ତି।


**GOVERNMENT OF ODISHA
INFORMATION & PUBLIC RELATIONS DEPARTMENT**
**File No.IPR-IMU-RTI-0003-2019/4354 /IPR**
**Dated:18.03.2020**

**NOTIFICATION**

No.Z-22 :- Consequent upon Promulgation of the Right to Information (Amendment) Act, 2019 and the rules framed thereunder i.e., Right to Information Rules, 2019 by the Department of Personnel & Pensions, Ministry of Personnel, PG & Pensions, Government of India, the State Government have been pleased to cancel the advertisement No.7303/ IPR dated.24.06.2019 issued by this Department for filling up of three posts of State Information Commissioner in the Odisha Information Commission.
In this regard, fresh advertisement will be published shortly.

**By order of the Governor**
**Sd./- Director, I&PR**
OIPR-15001/11/0162/1920

**DISTRICT MINERAL FOUNDATION, KEONJHAR**
**(2nd Floor, DRDA Building, Keonjhar-758001)**
**e-mail-dmfkeonjhar@gmail.com**

**NOTICE**

**No.553 /DMF** **Dt.18.03.2020**
The advertisement published vide this office advertisement No.398/DMF. Dtd.27.02.2020 inviting applications from eligible Doctors to hold walk-in-interview on 22.03.2020 for selection of Doctors for engagement of Doctors in different health institutions of this district has been postponed in view of pandemic situation arising out of CONVID-19 (Corona Virus).
The next date of conducting walk-in-interview will be intimated in due time.

**Sd./-**
**Chairperson-cum-Chairman & Managing Trustee**
**District Mineral Foundation, Keonjhar**

**INVITATION FOR BIDS (IFB)
PANCHAYAT SAMITI, NAYAGARH**
**No.588** **Tender Call Notice No.05/2019-20** **Dt.18.03.2020**

1. The Block Development Officer, Nayagarh on behalf of Governor of Odisha Invites percentage rates bids for the construction of works as detailed below in the Table from ELIGIBLE contractors registered with the State Govt. and Contractors of equivalent grade/Class registered with Central Govt.for execution of Civil works on production of definite proof from the appropriate Authority which agreement is to be drawn in P1 form. The bidders may submit bids for the following works.

| Sl. No. | Name of the work | Value of works | Bid security EMD 1% (in Rs.) | Cost of tender paper | Period of completion | Class of Contractors |
| --- | --- | --- | --- | --- | --- | --- |
| 1 | 2 | 3 | 4 | 5 | 6 | 7 |
| 1 | Retaining wall on the west side of Balangibandha, Nayagarh | 4146268.00 | 41500.00 | 6000.00 | 3 (Three) Calendar months | "B" & "A" Class |

2. Bids document consisting of plans, specification, the schedule of quantities and the set of terms and conditions of contract and other necessary documents can be obtained from Dt.19.03.2020 to Dt.03.04.2020 and last date of receipt of tender paper on or before Dt.04.04.2020 upto 5.00 P.M. in the DROPPING BOX at the office of the undersigned during the office hour every day except Sunday and public holidays till last date of sale and receipt of the tender papers. Interested bidder may obtain further information at the same address.

**Sd./- Block Development Officer**
**Nayagarh**

**DISTRICT PROJECT OFFICE,
SAMAGRA SHIKSHYA, BHADRAK**
**Phone : 06784-240504 (O) / Fax : 06874-240523**
**Email - dpcbhadrakssa.opepa@nic.in**
**No.759** **Dt.16.03.2020**

**TENDER CALL NOTICE**
**FOR PRINTING & SUPPLY OF TEACHERS IDENTITY CARD**

Sealed tender under two part bid system are invited from interested registered firms having valid PAN, GST, TIN, DIC/ NSIC/MSME certificate for printing & supply of Teachers Identity Card for all Elementary Teachers of Bhadrak District during the year 2019-20. The tender paper (bid documents) containing detailed specifications with terms and conditions in two part bid system i.e. Technical Bid (Annexure-A) and Financial Bid (Annexure-B) can be downloaded from the website i.e. **www.bhadrak.nic.in**. The last date for receipt of tender paper is **Dt.25.03.2020 by 1 P.M.** and will be opened on the same day i.e. on **Dt.25.03.2020 at 4 P.M.** in the presence of the bidder or their authorized representative who may be present. The authority reserves the right to reject any or all tender without assigning any reason thereof.

**By the order of the Collector-cum-Chairman, SS Bhadrak**
**Sd./-District Project Coordinator**
**RTE-SS, Bhadrak**

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୯, ୨୦୨୦





"୨୦୦୭-୦୮ ବର୍ଡର-ଗାଭାସ୍କର ଟ୍ରଫିରେ ଘଟିଥିବା ମଙ୍କିଗେଟ୍ ସ୍କାଣ୍ଡାଲ ମୋ ଅଧିନାୟକତ୍ୱ କ୍ୟାରିୟରର ସବୁଠାରୁ ଖରାପ ସମୟ ଥିଲା।"
–ରିକି ପଣ୍ଟିଂ, ପୂର୍ବତନ ଅଷ୍ଟ୍ରେଲିଆ କ୍ରିକେଟର୍



"କ୍ରିକେଟ୍ ଅପେକ୍ଷା କରୋନା ଭାଇରସ୍‌କୁ ବହୁତ ଗମ୍ଭୀରତାର ସହ ନେବା ଆବଶ୍ୟକ। ସବୁ ଖେଳକୁ ବାତିଲ କରାଯିବା ସଠିକ୍ ନିଷ୍ପତ୍ତି।"
–ଟିମ୍ ପେନ୍, ଅଷ୍ଟ୍ରେଲିଆ ଟେଷ୍ଟ ଅଧିନାୟକ

# ଓଡ଼ିଶା ଏଫ୍‌ସି ଛାଡ଼ିଲେ ଗମ୍ବାଉ

ଭୁବନେଶ୍ୱର, ୧୮।୩(କ୍ରୀଡ଼ା ପ୍ରତିନିଧି)

ଇଣ୍ଡିଆନ ସୁପର ଲିଗ୍(ଆଇଏସଏଲ)ରେ ପ୍ରଥମ ପଦାର୍ପଣରେ ପ୍ରଦର୍ଶନର ଛାପ ଛାଡ଼ିଥିବା ଓଡ଼ିଶା ଏଫସି କୋଚ୍ ଜୋସେପ ଗମ୍ବାଉ ପଦ ଛାଡ଼ିବାକୁ ନିଷ୍ପତ୍ତି ନେଇଛନ୍ତି। ପାରିବାରିକ ସମସ୍ୟା ଯୋଗୁ ସେ କୋଚ୍ ପଦ ଛାଡ଼ିଥିବା ଓଡ଼ିଶା ଏଫ୍‌ସି ପକ୍ଷରୁ ପ୍ରକାଶ କରାଯାଇଛି। ଏ ସମ୍ପର୍କରେ କ୍ଲବ ସଭାପତି ରୋହନ ଶର୍ମା କହିଛନ୍ତି ଯେ, "ତାଙ୍କ ଜୀବନରେ ଏପରି ସମୟ ଆସିଛି ଯାହାକି ଫୁଟବଲଠାରୁ ଗୁରୁତ୍ୱପୂର୍ଣ୍ଣ। ତେବେ କ୍ଲବ ପାଇଁ ଯାହା କିଛି କରିଛନ୍ତି ସେଥିପାଇଁ ମୁଁ କୋଚ୍ ଗମ୍ବାଉ ଏବଂ ତାଙ୍କ କୋଚିଂ ଷ୍ଟାଫ୍‌ଙ୍କୁ ଆନ୍ତରିକ ଧନ୍ୟବାଦ ଜଣାଉଛି। ସେମାନେ ଯେଉଁଆଡ଼େ ଗଲେ ମଧ ଓଡ଼ିଶା ପ୍ରତି ନିଶ୍ଚିତ ଆନ୍ତରିକତା ରହିବ"। ଏପରି ନିଷ୍ପତ୍ତି କଷ୍ଟକର ଥିଲା ବୋଲି ଗମ୍ବାଉ ପ୍ରକାଶ କରିଛନ୍ତି। "ଏପରି ଏକ ନିଷ୍ପତ୍ତି ନେବା ମୋ ପାଇଁ ସହଜ ନ ଥିଲା। ଓଡ଼ିଶାରେ ମୁଁ ମୋ ଭୂମିକାକୁ ମନଭରି ଉପଭୋଗ କରିଛି। ଦଳକୁ ଯେପରିଭାବେ ପ୍ରସ୍ତୁତ କରିଛି ସେଥିପାଇଁ ମୁଁ ଗର୍ବିତ ମଧ। ତେବେ ମୁଁ ଯେପରିଭାବେ ଆରମ୍ଭ କରିଥିଲି ସେପରି ଶେଷ କରିପାରୁ ନ ଥିବାରୁ ବହୁତ ଦୁଃଖିତ। ମୁଁ ସର୍ବଦା ଓଡ଼ିଶା ଏଫ୍‌ସିର ସଫଳତା କାମନା କରିବି" ବୋଲି ଗମ୍ବାଉ କହିଛନ୍ତି।

ପ୍ରକାଶ ଯୋଗ୍ୟ ଯେ, ସ୍ପେନର ଗମ୍ବାଉ ୨୦୧୮ ଜୁଲାଇରେ ଦିଲ୍ଲୀ ଡାଇନାମସ କ୍ଲବ ସହିତ ଯୋଗ ଦେଇଥିଲେ। ୨୦୧୯ ମେ ପର୍ଯ୍ୟନ୍ତ ସେ ଏହି ଦଳକୁ ପ୍ରଶିକ୍ଷଣ ଦେଇଥିଲେ। ଏହାପରେ ଦିଲ୍ଲୀ ଡାଇନାମସ ଓଡ଼ିଶା ଏଫ୍‌ସିରେ ପରିଣତ ହୋଇଥିଲା। ମୁଖ୍ୟ କୋଚ୍ ଭାବେ ଗମ୍ବାଉ ୨୦୧୯ ଅଗଷ୍ଟରୁ ଏପର୍ଯ୍ୟନ୍ତ ଓଡ଼ିଶା ଏଫ୍‌ସିକୁ ଗାଇଡ୍ କରି ଆସୁଥିଲେ। ତାଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଏଫ୍‌ସି ନିଜର ପ୍ରଥମ ସିଜନରେ ହିଁ ଚମତ୍କାର ପ୍ରଦର୍ଶନ କରିଥିଲା। ଅନେକ ଦିନ ପର୍ଯ୍ୟନ୍ତ ପଏଣ୍ଟ ଟେବୁଲର ଶୀର୍ଷ ୪ରେ ରହିବାପରେ ଶେଷରେ ଦଳ ୬ଷ୍ଠ ସ୍ଥାନରେ ରହି ସିଜନ ଶେଷ କରିଥିଲା। ଦଳ ୧୮ଟି ମ୍ୟାଚ ଖେଳିଥିବାବେଳେ ୭ଟି ବିଜୟୀ ହୋଇଥିଲା ଏବଂ ୭ ମ୍ୟାଚରେ ପରାଜୟ ବରଣ କରିଥିଲା। ଅବଶିଷ୍ଟ ୪ଟି ମ୍ୟାଚ ଡ୍ର ରଖି ୨୫ ପଏଣ୍ଟ ପାଇଥିଲା ଏହି ଓଡ଼ିଶା ଭିତ୍ତିକ ଫ୍ରାଞ୍ଚାଇଜ୍। ଦଳ ୨୮ଟି ଗୋଲ ଦେଇଥିବାବେଳେ ୩୧ ଗୋଲ ବରଣ କରିଥିଲା।



"ଏପରି ଏକ ନିଷ୍ପତ୍ତି ମୋ ପାଇଁ ସହଜ ନ ଥିଲା। ଓଡ଼ିଶାରେ ମୁଁ ମୋ ଭୂମିକାକୁ ମନଭରି ଉପଭୋଗ କରିଛି। ଦଳକୁ ଯେପରିଭାବେ ପ୍ରସ୍ତୁତ କରିଛି ସେଥିପାଇଁ ମୁଁ ଗର୍ବିତ ମଧ। ତେବେ ମୁଁ ଯେଉଁପରି ଆରମ୍ଭ କରିଥିଲି ସେପରି ଶେଷ କରିପାରୁ ନ ଥିବାରୁ ଦୁଃଖିତ। ସର୍ବଦା ଓଡ଼ିଶା ଏଫସିର ସଫଳତା କାମନା କରିବି"
-ଜୋସେପ୍ ଗମ୍ବାଉ

ଇଣ୍ଡିଆନ ସୁପରଲିଗ୍‌ରେ ଦିଲ୍ଲୀ ଡାଇନାମସ-ଓଡ଼ିଶା ଏଫ୍‌ସିର ରେକର୍ଡ ଦେଖିଲେ ୫ମ କୋଚ୍‌ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ଗମ୍ବାଉ। ୨୦୧୪ ଅଗଷ୍ଟରୁ ଡିସେମ୍ବର ପର୍ଯ୍ୟନ୍ତ ନେଦରଲାଣ୍ଡ୍ସର ହାର୍ମ ଭାନ୍ ଭେଲଡୋଭେନ ପ୍ରଥମ କୋଚ୍‌ଭାବେ କାର୍ଯ୍ୟ କରିଥିଲେ। ବ୍ରାଜିଲର ରବର୍ଟ କାର୍ଲୋସ ୨୦୧୫ ଜୁଲାଇରୁ ଡିସେମ୍ବର, ଇଟାଲୀର ଜିଆନଲୁକା ଜାମ୍ବ୍ରୋଟା ୨୦୧୬ ଜୁଲାଇରୁ ଡିସେମ୍ବର, ସ୍ପେନର ମିଗୁଏଲ ଆଞ୍ଜେଲ ପର୍ତ୍ତୁଗାଲ ୨୦୧୭ ଜୁଲାଇରୁ ୨୦୧୮ ମେ ପର୍ଯ୍ୟନ୍ତ ମୁଖ୍ୟ କୋଚ୍ ଦାୟିତ୍ୱ ତୁଲାଇଥିଲେ। ୨୦୧୯ ଅଗଷ୍ଟରୁ ୨୦୨୦ ସିଜନ ଶେଷ ପର୍ଯ୍ୟନ୍ତ ଗମ୍ବାଉଙ୍କ ପ୍ରଶିକ୍ଷଣରେ ଓଡ଼ିଶା ଏଫ୍‌ସିର ବିଜୟ ହାର ଥିଲା ୩୮.୮୯।

## ବଳାତ୍କାର ଅଭିଯୋଗ ପରେ ବକ୍ସିଂ କୋଚ୍ ଗିରଫ

ନୂଆଦିଲ୍ଲୀ,୧୮।୩- ମହିଳା ଟ୍ରେନିଙ୍କୁ ବଳାତ୍କାର ଅଭିଯୋଗ ଆସିବା ପରେ ହରିୟାଣା ବକ୍ସିଂ କୋଚ୍‌ଙ୍କୁ ଗିରଫ କରାଯାଇଛି। ଫେବୃୟାରୀରେ ୱେଷ୍ଟ ବେଙ୍ଗଲ କ୍ଲାସିକ ବକ୍ସିଂ ଚାମ୍ପିୟନଶିପ୍ ପାଇଁ କୋଲକାତା ଗସ୍ତ କରୁଥିବାବେଳେ ଏହି ଘଟଣା ଘଟିଥିବା ଅଭିଯୋଗ କରିଛନ୍ତି ମହିଳା ଟ୍ରେନି। ପ୍ରଥମେ ଟ୍ରେନ ଯାତ୍ରାବେଳେ ଓ ପରେ କୋଲକାତାରେ ଦଳ ରହୁଥିବାବେଳେ କୋଚ୍ ତାଙ୍କୁ ମାଡ଼ ମାରିଥିଲେ। ପୋଲିସ ଦ୍ୱାରା ଗିରଫ ହୋଇଥିବା ସନ୍ଦୀପ ମଲିକ ହରିୟାଣା ପାଇଁ ପ୍ରତିନିଧିତ୍ୱ କରି ୨୦୦୯ରେ ଜାତୀୟସ୍ତରୀୟ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲେ। ସେ ୫୭ କେଜି ଓଜନ ବର୍ଗରେ ଖେଳୁଥିଲେ। ସୋନେପତ୍‌ର ଏକ ବକ୍ସିଂ ଏକାଡେମୀକୁ ସନ୍ଦୀପ କୁମାର ପରିଚାଳନା କରନ୍ତି। ତାଙ୍କୁ ସୋମବାର ଏକାଡେମୀରୁ ଗିରଫ କରାଯାଇଛି। ଏକ ଯୌନ ଉତ୍ପୀଡ଼ନ ମାମଲା ନୂଆଦିଲ୍ଲୀ ପୋଲିସ ଷ୍ଟେଶନରେ ପଞ୍ଜିକୃତ କରାଯାଇଛି। ଦୋଷୀଙ୍କୁ ସୋମବାର ସୋନେପତ୍‌ରୁ ଗିରଫ କରାଯାଇଛି।

# ୫୦ କୋଟିରୁ ଊର୍ଦ୍ଧ୍ୱ ମୂଲ୍ୟରେ ଘର ବିକିବେ ୱର୍ନ

ନୂଆଦିଲ୍ଲୀ, ୧୮।୩

ସମଗ୍ର ବିଶ୍ୱ ଯେତେବେଳେ ପ୍ରାଣଘାତୀ କରୋନା ଭାଇରସ୍‌ର ପ୍ରକୋପରେ ଥରହର ହେଉଛନ୍ତି ସେତେବେଳେ କିମ୍ବଦନ୍ତୀ ଅଷ୍ଟ୍ରେଲିଆ ସ୍ପିନର ସେନ ୱର୍ନ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ଏହି ମହାନ ଲେଗ୍-ସ୍ପିନର ଇଂଲଣ୍ଡର ବ୍ରିଙ୍ଗଟନସ୍ଥିତ ନିଜ ବିଳାସପୂର୍ଣ୍ଣ ଘରକୁ ବିକିବା ପାଇଁ ସ୍ଥିର କରିଛନ୍ତି। ନିଲାମି ପ୍ରକ୍ରିୟାରେ ଏହି ଘରକୁ ସେ ୬.୮ରୁ ୭.୪ ମିଲିୟନ ଆମେରିକୀୟ ଡଲାର (ଭାରତୀୟ ମୁଦ୍ରାରେ ୫୦-୫୪ କୋଟି ଟଙ୍କା)ରେ ବିକ୍ରି କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏପ୍ରିଲ ୪ରେ ଏହାର ନିଲାମୀ ଡକାହେବ। ଅଷ୍ଟ୍ରେଲିଆର ସେଣ୍ଟ କିଲ୍ଡାଠାରେ ସେ ଆଉ ଏକ ବିଳାସପୂର୍ଣ୍ଣ ପ୍ରାସାଦ କିଣିବାକୁ ଲକ୍ଷ୍ୟ ରଖିଥିବାରୁ ଏହାକୁ ବିକ୍ରି କରୁଛନ୍ତି। ୫୦ ବର୍ଷୀୟ ୱର୍ନ ୨୦୧୮ରେ ଅଷ୍ଟ୍ରେଲୀୟ ଷ୍ଟାର୍ ଫୁଟ୍‌ବଲ ଖେଳାଳି ମାଥ୍ୟୁ ଲୟଡଙ୍କଠାରୁ ଏହି ଘରକୁ ୪୦ କୋଟି ମୂଲ୍ୟରେ କ୍ରୟ କରିଥିଲେ। ୱର୍ନଙ୍କ ଏହି ବିଳାସମୟ ଘରେ ଅତ୍ୟାଧୁନିକ ସୁବିଧାର କୌଣସି ଅଭାବ ନାହିଁ। ଏଠାରେ ୫ ବେଡ୍‌ରୁମ୍, ୫ ବାଥ୍‌ରୁମ୍, ବାର୍, ହୋମ୍ ଥିଏଟର, ସୁଇମିଂ ପୁଲ୍, ସ୍ପା ଭଳି ସୁବିଧା ରହିଛି। ସ୍ଥାନୀୟ ରିପୋର୍ଟ ଅନୁଯାୟୀ ଏହି ଘରେ ୫୦୦ ବୋତଲ ୱାଇନ୍ ରହିଲା ଭଳି ବ୍ୟବସ୍ଥା ରହିଛି। ସ୍ମରଣଯୋଗ୍ୟ, ୱର୍ନ ୧୯୯୨ରୁ ୨୦୦୭ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ପକ୍ଷରୁ ୧୪୫ ଟେଷ୍ଟ, ୧୯୪ ଦିନିକିଆ ମ୍ୟାଚ୍ ଖେଳି ଯଥାକ୍ରମେ ୭୦୮ ଓ ୨୯୩ ଉଇକେଟ୍ ନେଇଛନ୍ତି। ସେହିଭଳି ଟେଷ୍ଟରେ ସେ ୩୧୫୪ ଏବଂ ଦିନିକିଆରେ ୧୦୧୮ ରନ୍ ସଂଗ୍ରହ କରିଛନ୍ତି।



## ଆଇସିସି ପ୍ୟାନେଲରେ ୨ ଭାରତୀୟ ମହିଳା ଅମ୍ପାୟର

ମୁମ୍ବାଇ, ୧୮।୩ (ପି.ଟି.)

ଅନ୍ତର୍ଜାତୀୟ କ୍ରିକେଟ୍ ପରିଷଦ (ଆଇସିସି) ଡେଭ୍‌ଲପମେଣ୍ଟ ଅମ୍ପାୟର ପ୍ୟାନେଲରେ ଦୁଇଜଣ ଭାରତୀୟ ମହିଳା ଅମ୍ପାୟର ସ୍ଥାନ ପାଇଛନ୍ତି। ସେମାନେ ହେଲେ ମୁମ୍ବାଇର ବିନ୍ଦ୍ରା ରଥ୍ ଓ ତାମିଲନାଡୁର ଜନନୀ ନାରାୟଣ। ଫଳରେ ଆଇସିସି ମହିଳା ଅମ୍ପାୟର ସଂଖ୍ୟା ୧୨ରେ ପହଞ୍ଚିଛି। ମୁମ୍ବାଇ କ୍ରିକେଟ୍ ଆସୋସିଏଶନ ବୁଧବାର ଏହାର ଟୁଇଟର୍ ପୃଷ୍ଠାରେ ଉଭୟ ବିନ୍ଦ୍ରା ଓ ଜନନୀଙ୍କୁ ଶୁଭେଚ୍ଛା ପ୍ରଦାନ ଜଣାଇଛି। ୩୪ ବର୍ଷୀୟା ନାରାୟଣ ୨୦୧୮ରୁ ଘରୋଇ କ୍ରିକେଟ୍ ଟୁର୍ନାମେଣ୍ଟରେ ମ୍ୟାଚ୍ ପରିଚାଳନା କରିଆସୁଛନ୍ତି। ସେହିଭଳି ୩୧ ବର୍ଷୀୟ ରଥ୍ ପ୍ରଥମେ ସ୍କୋରର ଭାବେ କ୍ୟାରିୟର ଆରମ୍ଭ କରିଥିଲେ। କିନ୍ତୁ ପରେ ସେ ଅମ୍ପାୟାରିଂ କ୍ଷେତ୍ରରେ ପାଦ ଥାପିଥିଲେ। ଟି୨୦ ମୁମ୍ବାଇ ଲିଗ୍‌ରେ ସେ ପରିଚାଳନା କରିଥିଲେ।



ବିନ୍ଦ୍ରା ରଥ୍ ଓ ଜନନୀ ନାରାୟଣ

# ଜାତୀୟ ଶକ୍ତି ଉତ୍ତୋଳନ: ପ୍ରିୟମ୍ବଦାଙ୍କୁ ୩ ସ୍ୱର୍ଣ୍ଣ

ଭୁବନେଶ୍ୱର, ୧୮।୩(କ୍ରୀଡ଼ା ପ୍ରତିନିଧି)

ନୂଆଦିଲ୍ଲୀର ପାହାଡଗଞ୍ଜସ୍ଥିତ ବାବା ସାହେବ ଆମ୍ବେଦକର ହାଇସ୍କୁଲରେ ଅନୁଷ୍ଠିତ ଫେଡେରେଶନ କପ୍, ଜାତୀୟ ବେଞ୍ଚ୍ ପ୍ରେସ୍ ଓ ଡେଡ୍ ଲିଫ୍ଟ ଶକ୍ତିଉତ୍ତୋଳନ ପ୍ରତିଯୋଗିତାରେ ଓଡ଼ିଶାର ପ୍ରିୟମ୍ବଦା ପରିଡ଼ା ନିଜ ଦକ୍ଷତା ଦେଖାଇଛନ୍ତି। ପାୱାରଲିଫ୍ଟିଂ ଆସୋସିଏଶନ ଅଫ ଓଡ଼ିଶା(ପିଏଓ) ପକ୍ଷରୁ ପ୍ରତିନିଧିତ୍ୱ କରି ପ୍ରିୟମ୍ବଦା ୩ଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ୪ ଦିନ ବିଶିଷ୍ଟ ପ୍ରତିଯୋଗିତାରେ ପାଓକୁ ମୋଟ ୯ ପଦକ ମିଳିଛି। ଏହା ମଧ୍ୟରେ ୫ ସ୍ୱର୍ଣ୍ଣ, ୨ ରୌପ୍ୟ ଓ ୨ ବ୍ରୋଞ୍ଜ ପଦକ ସାମିଲ। ମହିଳା ୫୨ କେଜି ବର୍ଗରେ ଭାଗ ନେଇଥିବା ପ୍ରିୟମ୍ବଦା ସ୍କ୍ୱାଟ୍‌ରେ ୯୫, ବେଞ୍ଚ୍ ପ୍ରେସ୍‌ରେ ୪୦ ଏବଂ ଡେଡ୍‌ଲିଫ୍ଟରେ ୧୧୧.୫ କେଜି ଏହିପରି ମୋଟ ୨୫୨.୫କେଜି ଶକ୍ତିଉତ୍ତୋଳନ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅନ୍ୟ ୨ଟି ସ୍ୱର୍ଣ୍ଣ ପଦକ ସେ ନ୍ୟାଶନାଲ ବେଞ୍ଚ୍ ପ୍ରେସ୍ (୫୦ କେଜି) ଓ ଡେଡ୍ ଲିଫ୍ଟ(୧୨୨.୫ କେଜି)ରୁ ଅର୍ଜନ କରିଥିଲେ। ସେହିପରି ଦେବାଶିଷ ମହାନ୍ତି ୭୪ କେଜି ପୁରୁଷ ବର୍ଗରେ ମୋଟ୍ ୬୩୦ (ସ୍କ୍ୱାଟରେ ୨୬୫, ବେଞ୍ଚ୍ ପ୍ରେସ୍‌ରେ ୧୩୦ ଓ ଡେଡ୍ ଲିଫ୍ଟରେ ୨୩୫) କେଜି ଶକ୍ତିଉତ୍ତୋଳନ କରି ରାଜ୍ୟପାଇଁ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଅନ୍ୟ ସ୍ୱର୍ଣ୍ଣ ପଦକଟି ପାଇଥିଲେ ନିଖିଲ ରଞ୍ଜନ ବେହେରା। ସିନିୟର ପୁରୁଷ ଡେଡଲିଫ୍ଟରେ ସେ ୨୨୭.୫ କେଜି ଶକ୍ତିଉତ୍ତୋଳନ କରି ସେ ଏହି ସଫଳତା ପାଇଛନ୍ତି। ଓଡ଼ିଶା ମହିଳା ଦଳର ଅନ୍ୟତମ ସଦସ୍ୟା ଶୁଭଶ୍ରୀ ପଣ୍ଡା (ଡେଡଲିଫ୍ଟରେ ୧୦୭.୫ କେଜି) ଏବଂ ଦଳର କୋଚ୍‌ଥିବା ମହମ୍ମଦ ଜାଭେଦ ଅର୍ଶାଦ (ସିନିୟର ପୁରୁଷ ବେଞ୍ଚ୍‌ପ୍ରେସ୍‌ରେ ୧୬୨କେଜି) ରୌପ୍ୟ ପଦକ ପାଇଛନ୍ତି। ବସନ୍ତ ପ୍ରଧାନ ସିନିୟର ପୁରୁଷ ବେଞ୍ଚ୍ ପ୍ରେସ୍‌ରେ ୧୨୫ କେଜି ଓ ଜୁନିୟର ବେଞ୍ଚ୍ ପ୍ରେସ୍‌ରେ ଶୁଭ ନାରାୟଣ ନାୟକ ୭୫ କେଜି ଶକ୍ତିଉତ୍ତୋଳନ କରି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।



ପଦକ ସହ କୃତୀ ପ୍ରତିଯୋଗୀମାନେ।

## ୮ ବର୍ଷ ତଳେ ଶେଷ ଦିନିକିଆ ଖେଳିଥିଲେ ସଚିନ

ନୂଆଦିଲ୍ଲୀ,୧୮।୩

କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ ସଚିନ ତେନ୍ଦୁଲକର ଆଜିକୁ ଠିକ୍ ୮ ବର୍ଷ ତଳେ ଅର୍ଥାତ ୨୦୧୨ ମାର୍ଚ୍ଚ ୧୮ ତାରିଖରେ କ୍ୟାରିୟର ଶେଷଥର ପାଇଁ ଟିମ୍ ଇଣ୍ଡିଆର ବ୍ଲୁ ଜର୍ସି ପିନ୍ଧିଥିଲେ। ୨୦୧୨ ଏସିଆ କପ୍‌ରେ ପାକିସ୍ତାନ ବିପକ୍ଷରେ ଶେରେ ବାଂଲା ଜାତୀୟ ଷ୍ଟାଡିୟମରେ ତେନ୍ଦୁଲକର ଶେଷ ଅନ୍ତର୍ଜାତୀୟ ଦିନିକିଆ ମ୍ୟାଚ୍ ଖେଳିଥିଲେ। ନିଜ କ୍ୟାରିୟରର ଶେଷ ଦିନିକିଆରେ ସେ ୫୨ ରନ୍‌ର ଅର୍ଦ୍ଧଶତକୀୟ ପାଳି ଖେଳିଥିଲେ। ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୩୩୦ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛାକରି ଭାରତୀୟ ଦଳ ବିଜୟୀ ହୋଇଥିଲା। ଏହି ମ୍ୟାଚ୍‌ରେ ବିରାଟ କୋହଲି ୧୮୩ ରନ୍ କରିଥିଲେ, ଯାହାକି ତାଙ୍କ ଦିନିକିଆ କ୍ୟାରିୟରର ଶ୍ରେଷ୍ଠ ସ୍କୋର। କ୍ୟାରିୟରରେ ୪୬୩ ଦିନିକିଆ ମ୍ୟାଚ୍ ଖେଳିଥିବା ସଚିନ ୪୯ ଶତକ ଓ ୯୬ ଅର୍ଦ୍ଧଶତକ କରିଥିଲେ। ବିଶ୍ୱର ପ୍ରଥମ ବ୍ୟାଟ୍ସମ୍ୟାନ ଭାବେ ସେ ଦିନିକିଆରେ ଦ୍ୱିଶତକ ଅର୍ଜନ କରିଥିଲେ। ତେବେ ସଚିନ ୨୦୧୩ ନଭେମ୍ବର ୬ ତାରିଖରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ।

# ହିଟ୍‌ଲରଙ୍କ ଶାସନରେ ଅଲିମ୍ପିକ୍ ମଶାଲ ରିଲେ ଆରମ୍ଭ

ଟୋକିଓ, ୧୮।୩(ଏପି)

ବିଶ୍ୱ କ୍ରୀଡ଼ା ସର୍ବଶ୍ରେଷ୍ଠ ମହାକୁମ୍ଭ ଅଲିମ୍ପିକ୍ସ ସହିତ ମଶାଲ ରିଲେ ପାରମ୍ପରିକ ଭାବେ ଯୋଡିହୋଇ ଆସିଛି। ତେବେ ଆଧୁନିକ ଅଲିମ୍ପିକ୍ସ ସହିତ ଏହା ପୂର୍ବରୁ ସାମିଲ ନ ଥିଲା। ଏକଥା ବହୁତ କମ୍ ଲୋକ ଜାଣିଥିବେ। ଜର୍ମାନୀରେ ଆଡଲ୍ଫ ହିଟଲରଙ୍କ ଶାସନ କାଳରେ ବର୍ଲିନ ଅଲିମ୍ପିକ୍ସରେ ମଶାଲ ରିଲେ ଆରମ୍ଭ ହୋଇଥିଲା। ୧୯୩୬ ମସିହାରେ ଅନୁଷ୍ଠିତ ଅଲିମ୍ପିକ୍ସର ଏହି ଏକାଦଶ ସଂସ୍କରଣରେ ମଶାଲ ରିଲେ ପ୍ରଥମ କରି ଆରମ୍ଭ କରାଯାଇଥିଲା। ଏହି ନୂଆ ପରମ୍ପରା ଆୟୋଜକ କମିଟି ଅଧ୍ୟକ୍ଷ କାର୍ଲ ଡିମ୍‌ଙ୍କର ମାନସ ସନ୍ତାନ ଥିଲା।

ଆଗାମୀ ଟୋକିଓ ଅଲିମ୍ପିକ୍ସ ମଶାଲ ରିଲେ ଜାପାନରେ ଆସନ୍ତା ୨୬ ତାରିଖରେ ଉତ୍ତରପୂର୍ବାଞ୍ଚଳ ଫୁକୁସିମାରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ୨୦୦୪ ରେ ଟୋନୀ ପେରୋଟେଟ ତାଙ୍କ ପ୍ରକାଶିତ ବହି 'ଦି ନ୍ୟାକେଡ ଅଲିମ୍ପିକ୍ସ' ହିଟ୍‌ଲରଙ୍କ ଶାସନ କାଳରେ ଆରମ୍ଭ ହୋଇଥିବା ଏହି ପରମ୍ପରାକୁ ପ୍ରଶଂସା କରିଛନ୍ତି। ଏବେ ଅବଶ୍ୟ ଏହା ଅଲିମ୍ପିକ୍ସ ପାଇଁ ଏକ ଅଳଙ୍କାର ସଦୃଶ ହୋଇଛି କହିଲେ ଭୁଲ୍ ହେବ ନାହିଁ। ସେତେବେଳେ ଗ୍ରୀସ୍‌ରୁ ଜର୍ମାନୀକୁ ମଶାଲ ଆସିଥିଲା ଓ ଏଥିପାଇଁ ୧୨ ଦିନ ସମୟ ଲାଗିଥିଲା। ବର୍ଲିନ ଷ୍ଟାଡିୟମରେ ଏହାର ଚମକ ଦେଖିବାକୁ ମିଳିଥିଲା। ପ୍ରତ୍ୟେକ ମାଲାରେ ଜର୍ମାନୀ ଆର୍ମ୍ସ ମାନୁଫାକଚରର ବା ଅସ୍ତ୍ର ଉତ୍ପାଦନକାରୀ କମ୍ପାନୀ କ୍ରୁପ୍‌ର ଲୋଗ ରହୁଥିଲା। ୧୯୩୬ ଜୁଲାଇ ୨୦ ତାରିଖରେ ଗ୍ରୀକ୍ ଆଥଲେଟ କନଷ୍ଟାଣ୍ଟିନ କୋଣ୍ଡିଲିସ୍ ପ୍ରଥମେ ମଶାଲ ପ୍ରଜ୍ୱଳନ କରିଥିଲେ। ଏହାପରେ ଏହି ମଶାଲ ଗ୍ରୀସ୍, ବୁଲଗେରିଆ, ୟୁଗୋସ୍ଲୋଭିଆ, ହଙ୍ଗେରୀ, ଅଷ୍ଟ୍ରିଆ, ଚେକୋସ୍ଲୋଭାକିଆ ଦେଇ ଶେଷରେ ଜର୍ମାନୀରେ ପହଞ୍ଚିଥିଲା। ପ୍ରତ୍ୟେକ ଧାବକ ମଶାଲ ଧରି .୬୨ କିଲୋମିଟର ଦୌଡ଼ିଥିଲେ।

ସେତେବେଳ ହିଟ୍‌ଲର ଗ୍ରୀକ୍ ଦେବ ଓ ଦେବୀଙ୍କ ଚିତ୍ରକୁ ପ୍ରଶଂସା କରିଥିଲେ। ପରୋକ୍ଷରେ ଅଲିମ୍ପିକ୍ସ ମାଧ୍ୟମରେ ସେ ଜର୍ମାନୀର ଆଧିପତ୍ୟ, ସ୍ୱୟଂ ସମ୍ପୂର୍ଣ୍ଣତାକୁ ପ୍ରଚାର ଓ ପ୍ରସାର କରିବାକୁ ଚାହିଁଥିଲେ। ମଶାଲ ରିଲେର ପ୍ରତ୍ୟେକ ସୋପାନ, ପଥ, ପୁରାତନ ଗ୍ରୀକ୍ ସଭ୍ୟତାର ଆଥଲେଟଙ୍କ ପ୍ରଚାର ଓ ପ୍ରସାର ସୁଚିନ୍ତିତ ଭାବେ କରାଯାଇଥିଲା। ତେବେ ଅଲିମ୍ପିକ ଜ୍ୟୋତି ପ୍ରଜ୍ୱଳନ ପ୍ରଥମେ ୨୯୧୮ ଆମଷ୍ଟରଡାମ ଗେମ୍ସରେ ଆରମ୍ଭ ହୋଇଥିଲା। ଏହା ପରେ ପୁଣି ୧୯୩୨ ଲସ୍ ଏଞ୍ଜେଲ୍ସରେ ପ୍ରଜ୍ୱଳିତ ହୋଇଥିଲା।

ତେବେ ୧୯୨୮ ଓ ୧୯୩୨ ଜ୍ୟୋତି ବାବଦରେ ଖୁବ୍ କମ୍ ଲୋକ ଜାଣିଥିବେ। ଏହା ଅଲିମ୍ପିଆ ବଦଳରେ ଘଟଣାସ୍ଥଳ ବା ଷ୍ଟାଡିୟମରେ ପ୍ରଜ୍ୱଳିତ ହୋଇଥିଲା ବୋଲି ଇଣ୍ଟରନ୍ୟାଶନାଲ ସୋସାଇଟି ଅଫ୍ ଅଲିମ୍ପିକ୍ ହିଷ୍ଟୋରିଆନ୍ସ ପୂର୍ବତନ ଅଧ୍ୟକ୍ଷ ବିଲ୍ ମାଲୋନ ଇମେଲ କରି ଜଣାଇଛନ୍ତି। ୧୯୩୬ ପର୍ଯ୍ୟନ୍ତ ମଶାଲ ରିଲେ ଆୟୋଜିତ ହୋଇ ନ ଥିଲା। ତେବେ ଏହାପରଠାରୁ ମଶାଲ ରିଲେ ନିୟମିତ ଭାବେ ଆୟୋଜନ ହୋଇ ଆସିଛି। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଅଲିମ୍ପିକ୍ସ ଆୟୋଜନ ହୋଇ ନ ଥିଲା। ଫଳରେ ଟୋକିଓରେ ଆୟୋଜିତ ହେବାକୁ ଥିବା ୧୯୪୦ ଅଲିମ୍ପିକ୍ସ ଗେମ୍ସ ବାତିଲ ହୋଇଥିଲା। ତେବେ ୧୯୪୮ରେ ପୁଣି ଥରେ ଅଲିମ୍ପିକ୍ସ ଆରମ୍ଭ ହୋଇଥିଲା ଓ ଏହାପରେ ମଶାଲ ରାଲିରେ ଆଧୁନିକତା ଆସିବା ସହ ଆହୁରି ଆକର୍ଷଣୀୟ ହୋଇଥିଲା।



୧୯୩୬ ବର୍ଲିନ ଅଲିମ୍ପିକ୍ସରେ ଲଷ୍ଟଗାର୍ଟେନଠାରେ ଜ୍ୟୋତି ପ୍ରଜ୍ୱଳନ କରାଯାଉଛି।

ଗ୍ରୀଷ୍ମ ଅଲିମ୍ପିକ ଜ୍ୟୋତି ସବୁବେଳେ ପୁରାତନ ଅଲିମ୍ପିଆରେ ପ୍ରଥମେ ପ୍ରଜ୍ୱଳିତ ହୋଇଥାଏ। କିନ୍ତୁ ଶୀତକାଳୀନ ଅଲିମ୍ପିକ୍ସ ଅଲିମ୍ପିକ୍ସର ମଶାଲ ଏଠାରେ ପ୍ରଜ୍ୱଳିତ ହୋଇ ନ ଥାଏ। ୧୯୫୨ ଓ ୧୯୬୦ ଶୀତକାଳୀନ ଅଲିମ୍ପିକ୍ସର ଜ୍ୟୋତି ମୋର୍ଗେଡାଲରେ ପ୍ରଜ୍ୱଳିତ ହୋଇଥିଲା। ୧୯୫୬ ଶୀତକାଳୀନ ଅଲିମ୍ପିକ୍ସର ଜ୍ୟୋତି ରୋମରେ ପ୍ରଜ୍ୱଳିତ ହୋଇଥିଲା। ଶୀତକାଳୀନ ଅଲିମ୍ପିକ୍ସର ଜ୍ୟୋତି ପ୍ରଜ୍ୱଳନ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ହୋଇଥିଲା।

୧୯୮୪ ଲସ ଏଞ୍ଜେଲ୍ସ ଅଲିମ୍ପିକ୍ସରେ ପ୍ରଥମଥର ପାଇଁ ମଶାଲ ରିଲେ ବ୍ୟବସାୟୀକରଣ ହୋଇଥିଲା। ରିଲେ ପ୍ରାୟୋଜକ ଏଟି ଆଣ୍ଡ ଟି କିଲୋମିଟର ଲେଗ୍ ବା ଦୂରତାକୁ ବିକ୍ରି କରିଥିଲା। ମଶାଲ ସହ ଲୋକମାନଙ୍କୁ ଦୌଡ଼ିବା ପାଇଁ ସୁଯୋଗ ମିଳିଥିଲା। ୧୯୯୨ ବାର୍ସିଲୋନା ଅଲିମ୍ପିକ୍ସରେ କୋକା-କୋଲା ପ୍ରାୟୋଜକ ଥିଲା। ଏଥିରେ ଗ୍ରୀସ୍ ଅସନ୍ତୋଷ ଜାହିର କରିଥିଲା। ୨୦୦୮ ବେଜିଂ ଅଲିମ୍ପିକ୍ସରେ ମଧ ସମସ୍ୟା ଦେଖା ଦେଇଥିଲା। ତେଣୁ ମଶାଲ ରିଲେରେ ଏବେ ଗ୍ଲାମର ଦେଖିବାକୁ ମିଳୁଛି। କିନ୍ତୁ ବିଭିନ୍ନ ସମୟରେ ଏହି ରାଲିରେ ବିବାଦ ସହିତ ବହୁତ କିଛି ସକାରାତ୍ମକ ସନ୍ଦେଶ ମଧ ମିଳୁଛି। ମଶାଲ ରାଲି ବେଶି ପୁରୁଣା ହୋଇ ନ ଥିଲେ ମଧ ଏବେ ଏହା ଅଲିମ୍ପିକ୍ସ ପାଇଁ ଅପରିହାର୍ଯ୍ୟ ହୋଇ ପଡ଼ିଛି।

## ସଂକ୍ଷେପରେ

### ପୂର୍ବତନ ଚାମ୍ପିୟନ ବକ୍ସରଙ୍କ ମୃତ୍ୟୁ



ଲସ ଏଞ୍ଜେଲ୍ସ,୧୮।୩- ଦୁଇ ଥର ବିଶ୍ୱ ଚାମ୍ପିୟନ ବକ୍ସର ରୋଜର ମେୱେଦରଙ୍କ ବୁଧବାର ପରଲୋକ ଘଟିଛି। ୫୮ ବର୍ଷୀୟ ବକ୍ସର ରିଙ୍ଗରୁ ଅବସର ନେବା ପରେ ଟ୍ରେନର ଭାବେ କାର୍ଯ୍ୟ କରିଥିଲେ। ସେ କିମ୍ବଦନ୍ତୀ ବକ୍ସର ଫ୍ଲଏଡ ମେୱେଦରଙ୍କ ଅଙ୍କଲ ଥିଲେ। ରିଙ୍ଗ ବାହରେ ହେଉ କି ଭିତରେ ମୋ ଜୀବନରେ ଅଙ୍କଲଙ୍କ ସ୍ଥାନ ଗୁରୁତ୍ୱପୂର୍ଣ୍ଣ ଥିଲା। ସେ ଜଣେ ଚାମ୍ପିୟନ ଓ ଶ୍ରେଷ୍ଠ ଟେନର ଥିଲେ। ଦୁର୍ଭାଗ୍ୟବଶତଃ, କିଛି ବର୍ଷ ହେଲା ତାଙ୍କ ସ୍ୱାସ୍ଥ୍ୟବସ୍ଥା ଭଲ ନ ଥିଲା ବୋଲି ଫ୍ଲଏଡ କହିଛନ୍ତି। ଫ୍ଲଏଡଙ୍କ ଟ୍ରେନର ଥିଲେ ରୋଜର। ତାଙ୍କ ନେତୃତ୍ୱରେ ଫ୍ଲଏଡ ନିଜ ଜାଜ୍ୱଲ୍ୟମୟ କ୍ୟାରିୟରରେ ବହୁ ସଫଳତା ପାଇଛନ୍ତି। ରୋଜରଙ୍କ ଡାଇବେଟିସ ସମସ୍ୟା ଥିଲା। ସେ ସୁପର ୱେଟ ଓ ସୁପର ଲାଇଟୱେଟ ଟାଇଟଲ ହାସଲ କରିଥିଲେ। ୨୦ ବର୍ଷର କ୍ୟାରିୟରରେ ସେ ୫୯ ମ୍ୟାଚ୍ ଜିତିଥିଲେ। ଜୁଲିଓ ସିଜର ଚାଭେଜ ଓ ପରନେଲ ହ୍ୱିଟେକରଙ୍କୁ ହରାଇବା ତାଙ୍କ କ୍ୟାରିୟର ଉଲ୍ଲେଖନୀୟ ଘଟଣା ଥିଲା।

### ୩ ବର୍ଷ ପରେ ଟପ୍ ୬ରୁ ଖସିଲେ ସିନ୍ଧୁ



ନୂଆଦିଲ୍ଲୀ, ୧୮।୩: ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ (ବିଡବ୍ଲ୍ୟୁଏଫ୍) ପକ୍ଷରୁ ସଦ୍ୟ ପ୍ରକାଶିତ ର୍ୟାଙ୍କିଙ୍ଗ୍‌ରେ ଷ୍ଟାର୍ ଭାରତୀୟ ମହିଳା ଖେଳାଳି ପି.ଭି. ସିନ୍ଧୁଙ୍କ ଅବନତି ଦେଖିବାକୁ ମିଳିଛି। ମହିଳା ସିଙ୍ଗଲ୍ସ ର୍ୟାଙ୍କିଙ୍ଗ୍‌ରେ ସିନ୍ଧୁ ଗୋଟିଏ ପାହାଚ ତଳକୁ ଖସି ୭ମ ସ୍ଥାନ ଲାଭ କରିଛନ୍ତି। ତିନି ବର୍ଷର ବ୍ୟବଧାନ ପରେ ସିନ୍ଧୁ ପ୍ରଥମ ଥର ଲାଗି ଟପ୍-୬ ବାହାରେ ରହିଛନ୍ତି। ଗତବର୍ଷ ବିଶ୍ୱ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ହାସଲ କରିବା ପରେ ସିନ୍ଧୁ କ୍ରମାଗତ ଭାବେ ନୈରାଶ୍ୟଜନକ ପ୍ରଦର୍ଶନ କରିଆସୁଛନ୍ତି। ସେହିଭଳି ମଙ୍ଗଳବାର ୩୦ତମ ଜନ୍ମଦିନ ପାଳନ କରିଥିବା ସାଇନା ନେହ୍ୱାଲଙ୍କ ମାନ୍ୟତାରେ କୌଣସି ପରିବର୍ତ୍ତନ ହୋଇନାହିଁ। ପୂର୍ବଭଳି ସେ ୨୦ତମ ସ୍ଥାନରେ ରହିଛନ୍ତି। ସ୍ପେନର କାରୋଲିନା ମାରିନ ଗୋଟିଏ ପାହାଚ ଉପରକୁ ଉଠି ୬ଷ୍ଠ ସ୍ଥାନ ଲାଭ କରିଛନ୍ତି। ତାଇୱାନର ତାଇ ଜୁ ୟିଙ୍ଗ୍ ଏକ ନମ୍ବର ସ୍ଥାନରେ ରହିଛନ୍ତି। ତେବେ ପୁରୁଷ ସିଙ୍ଗଲ୍ସରେ ଭାରତକୁ ନିରାଶ ହେବାକୁ ପଡ଼ିଛି। କୌଣସି ଭାରତୀୟ ସଟ୍‌ଲର ଟପ୍-୧୦ରେ ସ୍ଥାନ ପାଇନାହାନ୍ତି। ବି. ସାଇ ପ୍ରଣୀଥ୍ ୩ଟି ସ୍ଥାନ ହରାଇଛନ୍ତି। ସଦ୍ୟତମ ର୍ୟାଙ୍କିଙ୍ଗ୍‌ରେ ସେ ତ୍ରୟୋଦଶ ସ୍ଥାନରେ ରହିଛନ୍ତି। କିଦାମ୍ବୀ ଶ୍ରୀକାନ୍ତଙ୍କୁ ୧୪ତମ ଓ ପାରୁପଲ୍ଲୀ କାଶ୍ୟପ ୨୪ତମ ସ୍ଥାନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି।

### ଶୀର୍ଷରେ ସୌରଭ, ପ୍ରତାପ

ନୂଆଦିଲ୍ଲୀ, ୧୮।୩ (ପି.ଟି.)- ଦୁଇ ଭାରତୀୟ ଶୁଟର୍ ସୌରଭ ଚୌଧାରୀ ଓ ଐଶ୍ୱରୀ ପ୍ରତାପ ଏଠାରେ ଚାଲିଥିବା ଅଲିମ୍ପିକ ଟିମ୍ ଶୁଟିଂ ସିଲେକ୍ସନ ଟ୍ରାଏଲ୍ସ ଯୋଗ୍ୟତା ପର୍ଯ୍ୟାୟରେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସୌରଭ ୧୦ ମିଟର ଏୟାର ରାଇଫଲ୍ ଏବଂ ପ୍ରତାପ ୫୦ ମିଟର ରାଇଫଲ୍ ୩ ପୋଜିସନ ଇଭେଣ୍ଟର ଶୀର୍ଷରେ ରହିଛନ୍ତି। ପୂର୍ବରୁ ଅଲିମ୍ପିକ କୋଟା ହାସଲ କରିଥିବା ସୌରଭ ୧୦ ମିଟର ଏୟାର ରାଇଫଲ୍ ମହିଳା ଓ ପୁରୁଷ ମିଳିତ ଯୋଗ୍ୟତା ପର୍ଯ୍ୟାୟରେ ୫୮୮ ସ୍କୋର କରିଛନ୍ତି। ଅନ୍ୟତମ ଅଲିମ୍ପିକ ଟିକେଟ୍ ହାସଲକାରୀ ଭାରତୀୟ ଶୁଟର୍ ଅଭିଶେକ ବର୍ମା (୫୮୫) ଓ ଅନୁରାଜ ସିଂ (୫୭୯) ଯଥାକ୍ରମେ ତାଲିକାରେ ପଛକୁ ରହିଛନ୍ତି। ମନୁ ଭାକର (୫୭୪) ଓ ଯଶସ୍ୱିନୀ ସିଂ ଦେଶୱାଲ (୫୭୦)ଙ୍କୁ ଯଥାକ୍ରମେ ୮ମ ଓ ୯ମ ସ୍ଥାନ ମିଳିଛି।

## ସଂକ୍ଷେପରେ

### ସାଇନାଙ୍କ ଅଭିଯୋଗ

ନୂଆଦିଲ୍ଲୀ,୧୮।୩(ପି.ଟି.): ଭାରତୀୟ ମହିଳା ବ୍ୟାଡମିଣ୍ଟନ ତାରକା ସାଇନା ନେହ୍ୱାଲ ଗତ ସପ୍ତାହରେ ଖେଳାଯାଇଥିବା ଅଲ ଇଂଲଣ୍ଡ ବ୍ୟାଡମିଣ୍ଟନ ଚାମ୍ପିୟନଶିପ୍‌ର ଆୟୋଜନ ନେଇ ପ୍ରଶ୍ନ ଉଠାଇଛନ୍ତି। ଖେଳାଳିଙ୍କ ନିରାପତ୍ତାକୁ ହେୟ କରି ଅର୍ଥକୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା ବୋଲି ସେ ଅଭିଯୋଗ ଆଣିଛନ୍ତି। କରୋନା ଭାଇରସ ସାରା ବିଶ୍ୱରେ ଏକ ମହାମାରୀ ରୂପ ନେଇଥିବା ବେଳେ କିପରି ଏହି ହାଇପ୍ରୋଫାଇଲ ଟୁର୍ନାମେଣ୍ଟ ଖେଳାଯାଇଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ତେଣୁ କେବଳ ଅର୍ଥକୁ ଅଧିକ ଗୁରତ୍ୱ ଦିଆଯାଇଥିଲା। ନହେଲେ ଏହି ଟୁର୍ନାମେଣ୍ଟ ଆୟୋଜନ କରିବାର କୌଣସି କାରଣ ନ ଥିଲା ବୋଲି ସାଇନା ଟୁଇଟ୍ କରି ଜଣାଇଛନ୍ତି। ଅଲ ଇଂଲଣ୍ଡରେ ସାଇନା ପ୍ରଥମ ରାଉଣ୍ଡରେ ହିଁ ପରାସ୍ତ ହୋଇ ବିଦାୟ ନେଇଥିଲେ।

### ବାଙ୍ଗରଙ୍କୁ ବ୍ୟାଟିଂ ପରାମର୍ଶଦାତା ନିଯୁକ୍ତ କରିପାରେ ବିସିବି

ଢାକା,୧୮।୩: ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ବର୍ତ୍ତମାନ ଭାରତୀୟ ଦଳର ପୂର୍ବତନ ବ୍ୟାଟିଂ କୋଚ୍ ସଞ୍ଜୟ୍ ବାଙ୍ଗରଙ୍କୁ ଟେଷ୍ଟ ଦଳର ବ୍ୟାଟିଂ ପରାମର୍ଶଦାତା ପଦବୀରେ ନିଯୁକ୍ତି ଦେବା ପାଇଁ ଇଚ୍ଛା ପ୍ରକଟ କରିଛି। ୪୭ ବର୍ଷୀୟ ପୂର୍ବତନ ଭାରତୀୟ ଖେଳାଳି ଏହି ଦାୟିତ୍ୱ ପାଇଁ ଉପଲବ୍ଧ ହେବେ ବୋଲି ବିସିବି ଆଶା ପ୍ରକଟ କରିଛି। ଆସନ୍ତା ଜୁନ୍‌ରେ ବାଂଲାଦେଶ ଅଷ୍ଟ୍ରେଲିଆ ବିପକ୍ଷରେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ୍ ଆୟୋଜନ କରିବା। ଆମେ ବାଙ୍ଗରଙ୍କ ସହ ଆଲୋଚନା କରିଛୁ। କିନ୍ତୁ ଏପର୍ଯ୍ୟନ୍ତ କିଛି ଧାର୍ଯ୍ୟ ହୋଇପାରିନାହିଁ। ସମାନ ପଦବୀ ଲାଗି ଆମେ ଅନ୍ୟମାନଙ୍କ ସହ ମଧ କଥାହେଉଛୁ ବୋଲି ବିସିବି ମୁଖ୍ୟ କାର୍ଯ୍ୟକାରୀ ନିଜାମୁଦ୍ଦିନ ଚୌଧାରୀ କହିଛନ୍ତି। ବାଙ୍ଗର ୨୦୧୪ରୁ ୨୦୧୯ ବିଶ୍ୱକପ୍ ପର୍ଯ୍ୟନ୍ତ ଭାରତୀୟ ଦଳ ସହ କାର୍ଯ୍ୟ କରିଥିଲେ।

# ଅନିଶ୍ଚିତତାରେ ଗ୍ରାଣ୍ଡସ୍ଲାମ୍ ଟେନିସ

ପ୍ୟାରିସ, ୧୮।୩

ବିଶ୍ୱରେ କରୋନା ଭାଇରସ ମହାମାରୀ ରୂପ ନେଇଥିବାବେଳେ ଅନ୍ତର୍ଜାତୀୟ ସ୍ତରରେ କ୍ରୀଡ଼ା ପ୍ରଭାବିତ ହୋଇଛି। ଅନେକ ପ୍ରତିଯୋଗିତା ବାତିଲ ହୋଇଥିବାବେଳେ କେତେକ ସ୍ଥଗିତ ରହିଛି ଏବଂ ଆଉ କେତେକ ଟୁର୍ନାମେଣ୍ଟ ପାଇଁ ନୂଆ ତାରିଖ ଧାର୍ଯ୍ୟ କରାଯାଉଛି। ଏଥିରେ ଯୋଡ଼ି ହୋଇ ଯାଇଛି ଗ୍ରାଣ୍ଡସ୍ଲାମ ଟେନିସ। ସିଜନର ପ୍ରଥମ ଗ୍ରାଷ୍ଟସ୍ଲାମ ଅଷ୍ଟ୍ରେଲିଆନ ଓପନ ସଫଳତାର ସହ ସମ୍ପନ୍ନ ହୋଇଥିଲେ ହେଁ ଅବଶିଷ୍ଟ ୩ଟି ଗ୍ରାଣ୍ଡସ୍ଲାମ ଉପରେ ଅନିଶ୍ଚିତତାର କଳା ବାଦଲ ଛାଇ ହୋଇ ରହିଛି। ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଫ୍ରେଞ୍ଚ୍ ଓପନପାଇଁ ନୂଆ ତାରିଖ ଧାର୍ଯ୍ୟ ହୋଇଥିବାବେଳେ ୪ର୍ଥ ତଥା ଅନ୍ତିମ ଗ୍ରାଣ୍ଡସ୍ଲାମ ଘୁଞ୍ଚାଇବାକୁ ଯୋଜନା ହେଉଛି। ୱିମ୍ବେଲଡନକୁ ଯଥା ସମୟରେ କରାଇବା ପାଇଁ ଆୟୋଜକମାନେ ଯଦିଓ ଚିନ୍ତା କରୁଛନ୍ତି ମାତ୍ର ଏହାକୁ ନେଇ ଆଶଙ୍କା ରହିଛି।

**ଫ୍ରେଞ୍ଚ୍ ଓପନ୍**

ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି। ଏହା ସେପ୍ଟେମ୍ବର ୨୦ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ କରିବା ଲାଗି ଚାମ୍ପିୟନଶିପ୍‌ର ଆୟୋଜକମାନେ ନିଷ୍ପତ୍ତି ନେଇଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ପ୍ରସ୍ତୁତି କାର୍ଯ୍ୟକୁ ଆଗେଇନେବା ସହଜ ନୁହେଁ ବୋଲି ସେମାନେ ସ୍ପଷ୍ଟ କରିଛନ୍ତି। ତେବେ ଅନ୍ୟ ଗ୍ରାଣ୍ଡସ୍ଲାମ ଆୟୋଜନ ଉପରେ ଫ୍ରେଞ୍ଚ୍ ଓପନ ସେପ୍ଟେମ୍ବରରେ ହୋଇ ପାରିବ କି ନାହିଁ ତାହା ସ୍ପଷ୍ଟ ହେବ।

**ୟୁଏସ୍ ଓପନ୍**

ଫ୍ରେଞ୍ଚ୍ ଓପନ ପରେ ୟୁଏସ୍ ଓପନ ଗ୍ରାଣ୍ଡସ୍ଲାମ ଆୟୋଜନ ନେଇ ମଧ ଅନିଶ୍ଚିତତା ଦେଖା ଦେଇଛି। ଏପରିକି ଇଭେଣ୍ଟକୁ ଅଗଷ୍ଟ ଶେଷ ସପ୍ତାହକୁ ଘୁଞ୍ଚାଇବାକୁ ମଧ ଯୋଜନା ହେଉଛି। ଅନ୍ୟ ବଡ଼ ଟୁର୍ନାମେଣ୍ଟର ଆୟୋଜକ, ଅନ୍ତର୍ଜାତୀୟ ଟେନିସ୍ ଫେଡେରେଶନ, ଏଟିପି ଓ ଡବ୍ଲ୍ୟୁଟିଏ ଟୁର୍ ସହ ଆଲୋଚନା ପରେ ହିଁ ତାରିଖ ଧାର୍ଯ୍ୟ ହୋଇପାରିବ ବୋଲି ୟୁଏସ୍ ଟେନିସ ଆସୋସିଏଶନ (ୟୁଏସ୍‌ଟିଏ)ପକ୍ଷରୁ କୁହାଯାଇଛି। ଏଭଳି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଏକତରଫା ନିଆଯାଇପାରିବ ନାହିଁ ବୋଲି ୟୁଏସ୍‌ଟିଏ ପକ୍ଷରୁ ବିବୃତିରେ କୁହାଯାଇଛି। ପ୍ରକୃତରେ ୟୁଏସ୍ ଓପନ ନ୍ୟୁୟର୍କର ଫ୍ଲଶିଂ ମିଡୋସଠାରେ ଅଗଷ୍ଟ ୨୪ରୁ ସେପ୍ଟେମ୍ବର ୧୩ ତାରିଖ ପର୍ଯ୍ୟନ୍ତ ହେବାର ଥିଲା। ଏହାକୁ ଗୋଟିଏ ସପ୍ତାହ ଘୁଞ୍ଚାଇ ଦିଆଯାଇପାରେ। ୟୁଏସ୍‌ଟିଏ ପକ୍ଷରୁ ଚଳିତ ବର୍ଷର ୟୁଏସ୍ ଓପନ ଆୟୋଜନ ପାଇଁ ଯୋଜନା




ଚାଲିଛି। ଏବେ କୌଣସି ପରିବର୍ତ୍ତନ ଲାଗି ସମୟ ଆସିନାହିଁ। ଆମେ ସମସ୍ତ ବିକଳ୍ପ ଓ ସମ୍ଭାବନା ଉପରେ ନଜର ରଖିଛୁ ବୋଲି ୟୁଏସ୍‌ଟିଏ ପକ୍ଷରୁ କୁହାଯାଇଛି।

**ୱିମ୍ବେଲଡ଼ନ ଓପନ**

କରୋନା ଆତଙ୍କ ସତ୍ତ୍ୱେ ୱିମ୍ବେଲଡନ ଗ୍ରାଣ୍ଡସ୍ଲାମକୁ ନିର୍ଦ୍ଧାରିତ ସମୟରେ ଆୟୋଜନ କରିବାକୁ ଆୟୋଜକ ଯୋଜନା କରୁଛନ୍ତି। ୱିମ୍ବେଲଡ଼ନ ଜୁନ ୨୯ରୁ ଆରମ୍ଭ ହୋଇ ଜୁଲାଇ ୧୨ ତାରିଖରେ ଶେଷ ହେବାର କାର୍ଯ୍ୟକ୍ରମ ରହିଛି। ଯଦି ଭାଇରସ୍ ସଂକ୍ରମଣରେ ମନ୍ଥରତା ଦେଖାଯାଏ ତା'ହେଲେ ୱିମ୍ବେଲଡନ ନିର୍ଦ୍ଧାରିତ ସମୟରେ ଆୟୋଜନ କରାଯାଇପାରିବ ବୋଲି ଆୟୋଜକମାନେ ଆଶା ରଖିଛନ୍ତି। ତେବେ ସର୍ବସାଧାରଣଙ୍କ ନିରାପତ୍ତାକୁ ଅଗ୍ରାଧିକାର ଦିଆଯିବ ବୋଲି ଅଲ ଇଂଲଣ୍ଡ ଲନ୍ ଟେନିସ୍ ଓ କ୍ରୋକ୍ୱେଟ କ୍ଲବ ମୁଖ୍ୟ କାର୍ଯ୍ୟନିର୍ବାହୀ ରିଚାର୍ଡ ଲୁଇସ୍ ସ୍ପଷ୍ଟ କରିଛନ୍ତି। ସର୍ବସାଧାଣଙ୍କ ସମେତ ଆମର ସଦସ୍ୟ, ଷ୍ଟାଫଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତାକୁ ମଧ ସମାନ ଗୁରୁତ୍ୱ ଦିଆଯିବ। ସବୁ ଦୃଷ୍ଟିକୋଣରୁ ବିଚାର କରି ଆମେ ନିଷ୍ପତ୍ତି ନେବୁ ବୋଲି ସେ କହିଛନ୍ତି।

ତୃତୀୟ ଜନ୍ମବାର୍ଷିକ ଶୁଭେଚ୍ଛା



SURDEEP SURANJAN PARIDA
ଭଗବାନ ତୋ ଜୀବନର ଚଲାପଥକୁ କୁସୁମିତ କରନ୍ତୁ, ତାଙ୍କ ଆଶୀର୍ବାଦ ସଦା ଥାଉ ତୋ ଉପରେ।
ଶୁଭେଚ୍ଛା ସହ:
ପାପା, ମାମା, ମା', ପରିବାରବର୍ଗ ଓ ମାମୁଘରର ସମସ୍ତେ।
ଧ-୧୭୧୮୪

### ସ୍ପେନ ଫୁଟ୍‌ବଲ କ୍ଲବ ଆଲ୍‌ଭେସର ୧୫ ସଦସ୍ୟ ଆକ୍ରାନ୍ତ

ମାଡ୍ରିଡ୍, ୧୮।୩ (ଏପି)- ସ୍ପେନ ଫୁଟ୍‌ବଲ କ୍ଲବ ଆଲ୍‌ଭେସ ଦଳର ୧୫ଜଣ ସଦସ୍ୟ କରୋନା ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ଯେଉଁଥିରେ ୩ ଜଣ ଖେଳାଳି, ୭ ଜଣ କୋଚିଂ ଷ୍ଟାଫ୍ ଓ ୫ ଜଣ କର୍ମଚାରୀ ରହିଛନ୍ତି। ପୂର୍ବରୁ ଏହାର ୨ଜଣ ସଦସ୍ୟ ଏହି ମାରାତ୍ମକ ଭାଇରସ୍ ଦ୍ୱାରା ଆକ୍ରାନ୍ତ ହୋଇଥିବା ଆଲ୍‌ଭେସ କ୍ଲବ ପକ୍ଷରୁ କୁହାଯାଇଥିଲା। ଏହାପୂର୍ବରୁ ସ୍ପେନ ଫୁଟ୍‌ବଲ କ୍ଲବ ଭାଲେନସିଆର ୩୫ ପ୍ରତିଶତ ଖେଳାଳିଙ୍କ ରିପୋର୍ଟ ପଜିଟିଭ ବାହାରିଥିଲା।

# ବିଶ୍ୱକପ୍ ଚାମ୍ପିୟନ ମାଟୁଡି ଆକ୍ରାନ୍ତ

ରୋମ୍,୧୮।୩



ଜୁଭେଣ୍ଟସ ପକ୍ଷରୁ ଖେଳୁଥିବା ବିଶ୍ୱକପ୍ ଚାମ୍ପିୟନ ଫ୍ରାନ୍ସ ଦଳର ସଦସ୍ୟ ବ୍ଲାଇସେ ମାଟୁଡି ଓ ହେଲାସ ଭେରୋନା ଖେଳାଳି ମାଟି ଜାକାଗନି ଘାତକ ଭାଇରସ କରୋନାରେ ଆକ୍ରାନ୍ତ। ଉଭୟଙ୍କ ସ୍ୱାବ୍ ରିପୋର୍ଟ ପଜିଟିଭ୍ ଆସିଥିବା ସେମାନଙ୍କ ସିରି ଏ' କ୍ଲବ ସ୍ପଷ୍ଟ କରିଛି। ଇଟାଲିଆନ ଚାମ୍ପିୟନ ଜୁଭେଣ୍ଟସ ପକ୍ଷରୁ କୁହାଯାଇଛି, ୩୨ ବର୍ଷୀୟ ମାଟୁଡିଙ୍କୁ ଏବେ ଘରେ ପର୍ଯ୍ୟବେକ୍ଷଣରେ ରହିଛନ୍ତି। ୨୦୧୮ ଫିଫା ବିଶ୍ୱକପ୍ ଚାମ୍ପିୟନ ମିଡ୍‌ଫିଲ୍ଡର ମାଟୁଡିଙ୍କ ଦଳର ସଦସ୍ୟ ଡାନିଏଲ ରୁଗାନି ପ୍ରଥମେ କରୋନାରେ ଆକ୍ରାନ୍ତ ହୋଇଥିଲେ। ଏହାପରେ ଦଳର ସମସ୍ତ ସଦସ୍ୟଙ୍କ ସ୍ୱାବ୍ ଟେଷ୍ଟ କରାଯିବା ସହ କ୍ୱାରାଣ୍ଟାଇନରେ ରଖାଯାଇଥିଲା। ମୋଟ ୧୩ ସଦସ୍ୟ କରୋନାରେ ଆକ୍ରାନ୍ତ ଥିବା ଅଫିସିଆଲ ରିପୋର୍ଟରେ କୁହାଯାଇଛି। ୨୪ ବର୍ଷୀୟ ଜାକାଗନିଙ୍କ ନିକଟରେ ଲକ୍ଷଣ ଦେଖାଦେବା ପରେ ନିଜନଆଡ୍ରୁ ରୁଦ୍ଧ ରୁମ୍‌ରେ ରହିଛନ୍ତି। ତାଙ୍କୁ ସମସ୍ତ ମେଡିକାଲ ସୁବିଧା ଯୋଗାଇ ଦିଆଯାଉଛି। ତାଙ୍କ ସମେତ ସିରି ଏ' ପଏଣ୍ଟ ଟେବୁଲର ଅଷ୍ଟମ ସ୍ଥାନରେ ଥିବା ଭେରୋନା କ୍ଲବର ସମସ୍ତ ଖେଳାଳି ୨୫ ମାର୍ଚ୍ଚ ପର୍ଯ୍ୟନ୍ତ ପର୍ଯ୍ୟବେକ୍ଷଣରେ ରହିବେ। ଇଟାଲୀରେ କରୋନା ଭାଇରସ୍‌ଜନିତ ମୃତ୍ୟୁସଂଖ୍ୟା ୨.୫ ହଜାର ଥିଲାବେଳେ ଆକ୍ରାନ୍ତଙ୍କ ସଂଖ୍ୟା ୩୧ ହଜାରେ ପହଞ୍ଚିଛି। ଗତ ୨୪ ଘଣ୍ଟା ମଧରେ ଏହି ଭାଇରସ୍ ଦେଶରେ ୩୫୦ ଲୋକଙ୍କ ଜୀବନ ନେଇଛି।

### 'ଆଥଲେଟଙ୍କ ସ୍ୱାସ୍ଥ୍ୟ, ନିରାପତ୍ତାକୁ ଗୁରୁତ୍ୱ ଦିଆଯିବ'

ଲଉସେନ,୧୮।୩(ଏଏଫ୍‌ପି)

କରୋନା ଭାଇରସ୍ କାରଣରୁ ଅଲିମ୍ପିକ୍ସ ଆୟୋଜନ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିବା ବେଳେ ଏ ନେଇ ଅନ୍ତର୍ଜାତୀୟ ଅଲିମ୍ପିକ୍ କମିଟି (ଆଇଓସି) ମୁହଁ ଖୋଲିଛି। ଅଲିମ୍ପିକ୍ସ ଆୟୋଜନ ନେଇ କୌଣସି ଆଦର୍ଶ ସମାଧାନ ନାହିଁ ବୋଲି ଆଇଓସି ସ୍ପଷ୍ଟ କରିଛି। ବିଶ୍ୱର କେତେକ ଆଗଧାଡିର ଆଥଲେଟ୍ ନିର୍ଦ୍ଧାରିତ ସମୟରେ ଅଲିମ୍ପିକ ଆୟୋଜନ ନେଇ ଚିନ୍ତା ପ୍ରକଟ କରିଥିଲେ। ସ୍ୱାସ୍ଥ୍ୟକୁ ବିପଦରେ ପକାଇ ଜୁଲାଇ ୨୪ରୁ ଅଗଷ୍ଟ ୯ ତାରିଖ ମଧରେ ଆୟୋଜନ ହେବାକୁଥିବା ଏହି ମେଗା ଇଭେଣ୍ଟରେ ଆଥଲେଟମାନେ ଅଂଶଗ୍ରହଣ କିରିବାକୁ କୁଣ୍ଠା ପ୍ରକାଶ କରିଥିଲେ। ଆଥଲେଟମାନେ ମଧ ଏ ନେଇ ଆଇଓସିକୁ ସମାଲୋଚନା କରିଥିଲେ। ଏକ ଅସାଧାରଣ ପରିସ୍ଥିତି ସୃଷ୍ଟି ହୋଇଥିବାରୁ ଗୋଟିଏ ଅସାଧାରଣ ସମାଧାନର ପନ୍ଥାର ମଧ ଆବଶ୍ୟକତା ରହିଛି ଆଥଲେଟଙ୍କ ସମାଲୋଚନା ପରେ କହିଛନ୍ତି। ଆଥଲେଟଙ୍କ କୌଣସି କ୍ଷତି ନ କରି ଏକ ସମାଧାନର ପନ୍ଥା ବାହାର କରିବାକୁ ଆଇଓସି ବଦ୍ଧ ପରିକର। ଆଥଲେଟଙ୍କ ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଦିଆଯିବ। ଏ ଭଳି ପରିସ୍ଥିତିରେ କୌଣସ ଆଦର୍ଶ ସମାଧାନ ହୋଇପାରିବ ନାହିଁ ବୋଲି ଆଇଓସି ତରଫରୁ କୁହାଯାଇଛି। ଉଲ୍ଲେଖଥାଉ କି, ନିର୍ଦ୍ଧାରିତ ସମୟରେ ଅଲିମ୍ପିକ୍ସ ଆୟୋଜନ କରିବାକ ଆଇଓସି କହିବା ପରେ ଅଲିମ୍ପିକ୍ ପୋଲ ଭୋଲ୍ଟ ଚାମ୍ପିୟନ କାଟେରିନା ଷ୍ଟିଫାନିଡି ଓ ବ୍ରିଟିଶ ହେପ୍ଟାଥଲେଟ କାଟାରିନା ଜନସନ- ଥମ୍ପସନ ଚିନ୍ତା ପ୍ରକଟ କରିଥିଲେ।

### ଜୁଲାଇ-ସେପ୍ଟେମ୍ବରରେ ଆଇପିଏଲ୍ ଆୟୋଜନ ନେଇ ଯୋଜନା

ମୁମ୍ବାଇ,୧୮।୩

କରୋନା ଭାଇରସ ସଂକ୍ରମଣ କାରଣରୁ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ର ୧୩ତମ ସଂସ୍କରଣକୁ ଏପ୍ରିଲ ୧୫ ତାରିଖ ପର୍ଯ୍ୟନ୍ତ ସ୍ଥଗିତ ରଖାଯାଇଛି। ତେବେ ଏହି ହାଇପ୍ରୋଫାଇଲ କ୍ରିକେଟ ଲିଗ୍‌କୁ ଆସନ୍ତା ଜୁଲାଇ-ସେପ୍ଟେମ୍ବରରେ ଆୟୋଜନ କରିବାକୁ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଲକ୍ଷ୍ୟ ରଖିଛି। ପ୍ରଥମେ ପ୍ଲାନ ବି' ଅନୁସାରେ ବୋର୍ଡ ଆଇପିଏଲ୍‌କୁ ସଂକ୍ଷିପ୍ତ କରିବାକୁ ଯୋଜନା କରିଥିଲା। କିନ୍ତୁ ବିସିସିଆଇ ଆଇପିଏଲ୍‌କୁ ଛୋଟ କରିବାକୁ ଚାହୁଁ ନାହିଁ। ପୂରା ୬୦ ମ୍ୟାଚ୍ ବିଶିଷ୍ଟ ସମ୍ପୂର୍ଣ୍ଣ ଲିଗ୍ ଆୟୋଜନ କରିବାକୁ ବିସିସିଆଇ ଲକ୍ଷ୍ୟ ରଖିଛି। ତେଣୁ ଆଇପିଏଲ୍‌କୁ ଜୁଲାଇ-ସେପ୍ଟେମ୍ବରରେ ଆୟୋଜନ କରିବାକୁ ବିସିସିଆଇ ଯୋଜନା କରୁଛି ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି।

ଆଗାମୀ ଦିନରେ ଯଦି ପରିସ୍ଥିତିରେ ଉନ୍ନତି ନ ଘଟେ ତା'ହେଲେ ଆଇପିଏଲ୍‌କୁ ଏହି ଦୁଇ ମାସରେ ଆୟୋଜନ କରାଯାଇପାରେ। ଜୁଲାଇ-ସେପ୍ଟେମ୍ବରରେ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)ର ଫ୍ୟୁଚର ଟୁର ପ୍ରୋଗ୍ରାମ ସାମାନ୍ୟ କୋହଳ ରହିଛି। ସେପ୍ଟେମ୍ବରରେ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଏସିଆ କପ୍, ପାକିସ୍ତାନର ଇଂଲଣ୍ଡ ଗସ୍ତ ଓ ଆୟର୍ଲାଣ୍ଡର ଇଂଲଣ୍ଡ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ୩ଟି କାର୍ଯ୍ୟକ୍ରମକୁ ବାଦ୍ ଦେଲେ ଆଉ କୌଣସି ବଡ଼ ଇଭେଣ୍ଟ ଏହି ଦୁଇ ମାସ ମଧରେ ନାହିଁ। ତେଣୁ ବିସିସିଆଇ ଏହାର ଫାଇଦା ନେବାକୁ ଚାହୁଁଛି। ଇଂଲଣ୍ଡ ଓ ପାକିସ୍ତାନ ଖେଳାଳିମାନେ ଆଇପିଏଲରେ ଅଂଶଗ୍ରହଣ କରିପାରିବେ ନାହିଁ। କିନ୍ତୁ ବାକି ଦେଶରେ ଖେଳାଳିମାନେ ଆଇପିଏଲ୍ ଖେଳିବାର ସମସ୍ୟାର ସମ୍ମୁଖୀନ ହେବେ ନାହିଁ।

ଭାରତ ସେପ୍ଟେମ୍ବରରେ ଏସିଆ କପ୍ ଖେଳିବ। ପୁଣି ଜୁନ/ ଜୁଲାଇରେ ଶ୍ରୀଲଙ୍କା ବପକ୍ଷରେ ୩ଟି ଦିନିକିଆ ଓ ୩ଟି ଟି୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏବେ ଏହି କାର୍ଯ୍ୟସୂଚୀରେ କିଭଳି ପରିବର୍ତ୍ତନ କରିହେବ ସେ ନେଇ ବିସିସିଆଇ ଚିନ୍ତା କରୁଛି। ଉଲ୍ଲେଖଥାଉ କି, ୨୦୦୯ରେ ଦକ୍ଷିଣ ଆଫ୍ରିକାରେ ଆଇପିଏଲ ମାତ୍ର ୩୭ ଦିନ ମଧରେ ଖେଳଯାଇଥିଲା। ଆବଶ୍ୟକ ହେଲେ ଆଇପିଏଲକୁ ଆଂଶିକ ଭାବେ ଭାରତରେ ଓ ବିଦେଶରେ ଆୟୋଜନ କରାଯାଇପାରେ। କିମ୍ବା ପୂରା ଟୁର୍ନାମେଣ୍ଟକୁ ବିଦେଶକୁ ସ୍ଥାନାନ୍ତର କରାଯାଇପାରେ। ତେବେ କରୋନା ଭାଇରସ୍‌ର ସଂକ୍ରମଣ ନିୟନ୍ତ୍ରଣ ଉପରେ ସବୁକିଛି ନିର୍ଭର କରୁଛି ବୋଲି କୁହାଯାଉଛି।

# ସେଲ୍ଫ ଆଇସୋଲେଶନରେ ରହିଲେ ଦକ୍ଷିଣ ଆଫ୍ରିକା ଖେଳାଳି

ଜୋହାନ୍ସବର୍ଗ,୧୮।୩(ପି.ଟି.)

ଭାରତ ଗସ୍ତରୁ ସ୍ୱଦେଶ ଫେରିବା ପରେ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କୁ ସେଲ୍ଫ ଆସୋଲେଶନରେ ରହିବାକୁ କୁହାଯାଇଥିଲା। କରୋନା ଭାଇରସ ଆତଙ୍କ କାରଣରୁ ଗସ୍ତ ଅଧାରୁ ଦକ୍ଷିଣ ଆଫ୍ରିକା ଖେଳାଳିଙ୍କୁ ଘରକୁ ଫେରିବାକୁ ପଡିଥିଲା। ସେମାନଙ୍କୁ ୧୪ଦିନ ପର୍ଯ୍ୟନ୍ତ ଆସୋଲେଶନରେ ରହିବାକୁ କୁହାଯାଇଥିଲା ବୋଲି କ୍ରିକେଟ ସାଉଥ୍ ଆଫ୍ରିକା ମେଡିକାଲ ଅଫିସର ଡଃ ଶୁଆଇବ ମାନ୍‌ଜରା କହିଛନ୍ତି। ପୁଣି ଯଦି କରୋନା ଭାଇରସ୍‌ର କୌଣସି ଲକ୍ଷଣ ଦେଖାଯାଏ ତାହାଲେ ସେମାନଙ୍କର ପରୀକ୍ଷା କରିବା ପାଇଁ ମଧ କୁହାଯାଇଥିଲା।

ଅତିକମ୍‌ରେ ୧୪ ଦିନ ସାମାଜିକ ଦୂରତ୍ୱ ବଜାୟ ରଖିବାକୁ ଖେଳାଳିମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଏହା ଦ୍ୱାରା ଖେଳାଳିମାନେ ନିଜକୁ ରକ୍ଷା କରିବା ସହ ତାଙ୍କ ସେମାନଙ୍କ ପରିବାର, ଚତୁଃପାର୍ଶ୍ୱରେ ରହୁଥିବା ଲୋକଙ୍କର ମଧ ହିତ ସାଧନ କରିବାରେ ସହାୟ ହୋଇଥିଲେ। ଏହି ସମୟରେ ଯଦି କୌଣସ ଖେଳାଳିଙ୍କ ନିକଟରେ କୌଣସି ଲକ୍ଷଣ ଦେଖାଯାଇଥାନ୍ତା ତାହାଲେ ନିୟମ ଅନୁସାରେ ସେମାନଙ୍କର ପରୀକ୍ଷା କରାଯାଇଥାନ୍ତା ବୋଲି ସେ କହିଛନ୍ତି।

ଭାରତ ଗସ୍ତରେ ଦକ୍ଷିଣ ଆଫ୍ରିକା ୩ଟ ଦିନିକିଆ ଖେଳିବାର କାର୍ଯକ୍ରମ ଥିଲା। ଧର୍ମଶାଳାରେ ଖେଳାଯିବାକୁ ଥିବା ପ୍ରଥମ ଦିନିକିଆ ବର୍ଷା ଯୋଗୁ ଧୋଇଯାଇଥିଲା। ଗସ୍ତରେ କେତେଜଣ ଖେଳାଳି ମାସ୍କ ପରିଧାନ କରିଥିଲେ ଓ ଆଉ କେତେକେ କରି ନ ଥିଲେ। ଘରକୁ ଫେରିବା ପୂର୍ବରୁ ଦକ୍ଷିଣ ଆଫ୍ରିକା ଖେଳାଳିମାନେ କୋଲକାତାରେ ରହିଥିଲେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ) ଜାରି କରିଥିବା ନିର୍ଦ୍ଦେଶନାମା ଅନୁସାରେ ଖେଳାଳିମାନଙ୍କୁ ଏ ନେଇ ଶିକ୍ଷା ଦିଆଯାଇଛି। କରୋନା ଭାଇରସକୁ କିପରି ସାମ୍ନା କରିବାକୁ ହେବ ତାହା ଖେଳାଳିମାନେ ଭଲଭାବେ ଅବଗତ ହୋଇଛନ୍ତି। ଖେଳାଳିମାନଙ୍କ ସହ ଆମ ବିଶେଷଜ୍ଞମାନେ ସବୁବେଳେ ସମ୍ପର୍କରେ ରହିବେ ବୋଲି ମାନ୍‌ଜରା କହିଛନ୍ତି।

# ଅଲିମ୍ପିକ୍ସ ସ୍ୱପ୍ନରେ ମିଡ୍‌ଫିଲ୍ଡର ରାଜକୁମାର

ବେଙ୍ଗାଲୁରୁ, ୧୮।୩

ଭାରତୀୟ ହକି ଦଳର ନୂଆ ଚେହେରା ହେଉଛନ୍ତି ରାଜ କୁମାର ପାଲ। ଉତ୍ତର ପ୍ରଦେଶର ଏହି ପ୍ରତିଭା ସମ୍ପନ୍ନ ଖେଳାଳି ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ବେଲଜିୟମ ବିପକ୍ଷ ହକି ପ୍ରୋ ଲିଗ୍ ମ୍ୟାଚରେ ଅନ୍ତର୍ଜାତୀୟ ପଦାର୍ପଣ କରିଥିଲେ। ସେ ଭାରତୀୟ ସିନିୟର ଦଳ ପକ୍ଷରୁ ଅଧିକ ମ୍ୟାଚ ଖେଳି ନାହାନ୍ତି ସତ, ମାତ୍ର ସୀମିତ ସୁଯୋଗର ସଦ୍‌ବ୍ୟବହାର କରି ୬୦ ମିନିଟ ବିଶିଷ୍ଟ ଏହି ଖେଳରେ ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। କରୋନା ଭାଇରସ ସଂକ୍ରମଣ ଯୋଗୁ ଟୋକିଓ ଅଲିମ୍ପିକ୍ସକୁ ନେଇ ସଂଶୟ ଲାଗି ରହିଥିବାବେଳେ ଖେଳାଳିମାନେ କିନ୍ତୁ ଆଶା ହରାଇ ନାହାନ୍ତି। ଭାରତୀୟ ଦଳରେ ଅନେକ ଅଭିଜ୍ଞ ଖେଳାଳି ଥିଲେ ହେଁ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇବାକୁ ଆଶା ରଖିଛନ୍ତି ଏହି ଆକ୍ରମଣାତ୍ମକ ମିଡ୍‌ଫିଲ୍ଡର।

ଏପର୍ଯ୍ୟନ୍ତ ରାଜ୍ ଯେତିକି ବି ମ୍ୟାଚ ଖେଳିଛନ୍ତି ତାଙ୍କ ପ୍ରଦର୍ଶନରେ ବେଶ୍ ଉତ୍ସାହିତ ଅଛନ୍ତି ମୁଖ୍ୟ କୋଚ୍ ଗ୍ରାହାମ ରିଡ୍। ରାଜ୍ ରକ୍ଷଣଭାଗରେ ବେଲଜିଆନ ଆକ୍ରମଣକୁ ପ୍ରତିହତ କରିବା ସହ ଅନେକ ସମୟରେ ଆଗକୁ ବଢ଼ି ଭାରତ ପାଇଁ ଗୋଲ ସୁଯୋଗ ସୃଷ୍ଟି କରିଥିଲେ। ''କୋଚ୍ ଯେପରି ଚାହିଁବେ ସେହି ରଣନୀତି ଅନୁସାରେ ଖେଳିବା ମୋର କାର୍ଯ୍ୟ। ବିଶ୍ୱ ଚାମ୍ପିୟନ ଦଳ ବିପକ୍ଷରେ ଅନ୍ତର୍ଜାତୀୟ ପଦାର୍ପଣ କରିବା ମୋ ଜୀବନର ଏକ ବଡ଼ ମୁହୂର୍ତ୍ତ। ମୁଁ ଦଳର ଚାହିଦା ମୁତାବକ ଖେଳିବା ଉପରେ ସର୍ବଦା ଫୋକସ କରୁଛି'' ବୋଲି ୨୧ ବର୍ଷୀୟ ରାଜ ପ୍ରକାଶ କରିଛନ୍ତି। ସେ ସମ୍ପ୍ରତି ବେଙ୍ଗାଲୁରୁସ୍ଥିତ ସାଇ ପରିସରରେ ଚାଲିଥିବା ସିନିୟର ହକି ଦଳର କୋଚିଂ କ୍ୟାମ୍ପରେ ଅଭ୍ୟାସ ଜାରି ରଖିଛନ୍ତି।

ଘାଜିପୁର ଜିଲାର କରମପୁର ଗ୍ରାମରେ ଜନ୍ମଗ୍ରହଣ କରିଥିବା ରାଜ ୨୦୧୦ରେ ଲକ୍ଷ୍ନୌରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ଟୁର୍ନାମେଣ୍ଟ ଅବସରରେ ନଜରକୁ ଆସିଥିଲେ। ମେଘବରନ ଷ୍ଟାଡିୟମରେ ମାତ୍ର ୧୦ ବର୍ଷ ବୟସରୁ ସେ କୋଚ୍ ତେଜ ବାହାଦୂର ସିଂଙ୍କଠାରୁ ପ୍ରଶିକ୍ଷଣ ନେଇ ଆଗକୁ ବଢ଼ିଥିଲେ। ଲକ୍ଷ୍ନୌସ୍ଥିତ ସାଇ ସ୍ପୋର୍ଟ୍ସ ହଷ୍ଟେଲରେ ଥିବାବେଳେ ରାଜଙ୍କ ପ୍ରତିଭାକୁ ଚିହ୍ନିଥିଲେ ହକି ଇଣ୍ଡିଆ ହାଇ ପରଫରମାନ୍ସ ଡାଇରେକ୍ଟର ଡେଭିଡ ଜନ୍‌ଙ୍କ ଦ୍ୱାରା ଚିହ୍ନଟ ହୋଇଥିଲେ। ୨୦୧୮ରେ ସିନିୟର ଜାତୀୟ ପୁରୁଷ ହକି ଚାମ୍ପିୟନଶିପ୍ ଅବସରରେ ରାଜଙ୍କ ସଂସ୍ପର୍ଶରେ ଆସିଥିଲେ ଜନ୍। ''୨୦୧୮ରେ ମୁଁ ପ୍ରଥମଥର ପାଇଁ ନ୍ୟାଶନାଲ କ୍ୟାମ୍ପକୁ ଡାକରା ପାଇଥିଲି। ମାତ୍ର ସେଠାରେ ଟ୍ରେନିଂ ଟେକ୍‌ନିକ୍ ଏବଂ ଗେମ୍-ସେନ୍ସ ସହିତ ଅଭ୍ୟସ୍ତ ହେବାପାଇଁ ମୋତେ ସମୟ ଲାଗିଥିଲା। ମୁଁ ପୂର୍ବରୁ ଖେଳିଥିବା ହକି ଏବଂ ସିନିୟର ଦଳ ଖେଳୁଥିବା ହକି ମଧରେ ଅନେକ ପାର୍ଥକ୍ୟ ଥିଲା। ତେଣୁ ଆରମ୍ଭରେ ମୁଁ ଚାପରେ ରହିଥିଲି। ତେବେ ମୋତେ ନିୟମିତଭାବେ ଉତ୍ତର ପ୍ରଦେଶର ଅନ୍ୟତମ ଫରୱାର୍ଡ ଖେଳାଳି ଲଳିତ ଉପାଧ୍ୟାୟ ମୋତେ ସର୍ବଦା ଉତ୍ସାହିତ କରି ଆସିଥିଲେ। ଚାପର ବଶବର୍ତ୍ତୀ ନ ହୋଇ ଏହାକୁ ସାଧାରଣଭାବେ ନେବାକୁ ସେ ମୋତେ ପରାମର୍ଶ ଦେଇଥିଲେ'' ବୋଲି ରାଜ କହିଛନ୍ତି।



ରାଜ କୁମାର ପାଲ

ହକି ଇଣ୍ଡିଆ ପକ୍ଷରୁ ଆୟୋଜିତ ସିନିୟର ଚାମ୍ପିୟନଶିପ୍‌ରେ ପ୍ରଭାବୀ ପ୍ରଦର୍ଶନ ପରେ ରାଜଙ୍କୁ ୨୦୧୯ରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଜାତୀୟ କ୍ୟାମ୍ପକୁ ଡକା ଯାଇଥିଲା। ସେହି ଦିନଠାରୁ ରାଜ ସିନିୟର ଦଳର ସଦସ୍ୟ ରହି ଆସିଛନ୍ତି। ଉଚ୍ଚ ସ୍ତରର ହକି ଖେଳିବା ପାଇଁ କ'ଣ କରିବାକୁ ହେବ ତାହା ମୋତେ କୋଚ୍ ରିଡ୍ ବୁଝାଇଛନ୍ତି। ନିଜ ଫିଟ୍‌ନେସ ପ୍ରତି ସଚେତନ ହେବା ସହ ପଡ଼ିଆ ମଧରେ ବଲ୍‌କୁ ବେଶୀ ସମୟ ନିଜ ପାଖରେ ନ ରଖିବା ଏବଂ ବିଭିନ୍ନ ଟେକ୍ନିକ୍ ସହିତ ଅଭ୍ୟସ୍ତ ହେବା ଉପରେ ଅଧିକ ଧ୍ୟାନ ଦେଉଛି ବୋଲି ରାଜ ପ୍ରକାଶ କରିଛନ୍ତି। ଆଗାମୀ ଟୋକିଓ ଅଲିମ୍ପିକ୍ସ ପାଇଁ ଭାରତୀୟ ଦଳରେ ସ୍ଥାନ ପାଇବା ତାଙ୍କ ସ୍ୱପ୍ନ ରହିଛି ବୋଲି ସେ କହିଛନ୍ତି। ୨୦୧୧ରେ ପିତାଙ୍କ ଦେହାନ୍ତ ଯୋଗୁ ସେ କିଛିଦିନ ହକିରୁ ବ୍ରେକ୍ ନେଇଥିଲେ ବୋଲି ପ୍ରକାଶ କରିଛନ୍ତି। ''୨୦୧୦ରେ ମୁଁ ସାଇ ସ୍ପୋର୍ଟ୍ସ ହଷ୍ଟେଲରେ ଯୋଗଦେଲି। ମାତ୍ର ୨୦୧୧ରେ ପିତାଙ୍କ ଦେହାନ୍ତ ଯୋଗୁ ମା'ଙ୍କ ସହିତ ରହିବା ଜରୁରୀ ଥିଲା। ସେତେବେଳେ ମୋ ଭାଇମାନେ ଘରଠାରୁ ଦୂରରେ ରହୁଥିବାରୁ ମୁଁ ମା'ଙ୍କ ସହିତ ରହିଥିଲି। ପିତା ଚାଲିଯିବାପରେ ଘରର ପରିସ୍ଥିତିକୁ ଦୃଷ୍ଟିରେ ରଖି ହକିପ୍ରତି ଧ୍ୟାନ କେନ୍ଦ୍ରିତ କରିବାକୁ ମୁଁ ଦୃଢ଼ ହୋଇଥିଲି। ଭାଗ୍ୟ ସାଥ୍ ଦେଇଥିଲା। ମୁଁ ୨୦୧୨ରେ ସାଇ ସ୍ପୋର୍ଟ୍ସ ହଷ୍ଟେଲରେ ପୁଣି ଯୋଗ ଦେଇଥିଲି। ମୋ ମା' ମୋତେ ସମର୍ଥନ କରିଥିଲେ। ମୁଁ ଭାରତ ପକ୍ଷରୁ ହକି ଖେଳେ ବୋଲି ପିତା ଚାହୁଁଥିଲେ। ସେ ମୋର ଜଣେ ବଡ଼ ସମର୍ଥକ ଥିଲେ। ଅତୀତରେ ତାଙ୍କର ଉତ୍ସାହପୂର୍ଣ୍ଣ କଥାଗୁଡ଼ିକ ମୋତେ ଶକ୍ତି ଦେଇଥିଲା। ଏବେ ଭାରତୀୟ ଦଳ ପାଇଁ ଶତପ୍ରତିଶତ ପ୍ରଦର୍ଶନ ଦେବା ମୋର ଲକ୍ଷ୍ୟ। କଠିନ ପରିଶ୍ରମ କରି ଟୋକିଓ ଅଲିମ୍ପିକ୍ସ ଦଳରେ ସ୍ଥାନ ପାଇବା ମୋର ଲକ୍ଷ୍ୟ'' ବୋଲି ଭାବବିହ୍ୱଳ ରାଜ ପ୍ରକାଶ କରିଛନ୍ତି।

ମନେ ପଡ଼ନ୍ତି

ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତା କମଳାମଣୀ ଦେବୀ
ଚଣାଗୋରଡ଼ା, ସାକ୍ଷୀଗୋପାଳ, ପୁରୀ
ଚାହୁଁ ଚାହୁଁ ବର୍ଷ ପରେ ବର୍ଷ ବିତିଗଲା। ତୁମର ଅନୁପସ୍ଥିତି ଆମ ପରିବାରରେ ଏକ ଅପୂରଣୀୟ ଶୂନ୍ୟସ୍ଥାନ ଭରିଦେଇଛି। ଆଜି ମଧ ଲାଗୁଛି ତୁମେ ଆମ ସମସ୍ତଙ୍କ ଗହଣରେ ଅଛ। ତୁମର ପୁଣ୍ୟ ତିଥିରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୫୯୮୬୯

ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ପ୍ରମୋଦ କୁମାର ପଟ୍ଟନାୟକ
ଏଲ୍-୧୩୮, ଡୁମ୍‌ଡୁମା ହାଉସିଂ ବୋର୍ଡ କଲୋନୀ, ଫେଜ୍-୩, ଭୁବନେଶ୍ୱର
ଆବିର୍ଭାବ: ୨୦।୦୮।୧୯୪୯
ତିରୋଧାନ: ୦୮।୦୩।୨୦୨୦
ବାପା, ଚାହୁଁ ଚାହୁଁ ଏଗାର ଦିନ ବିତିଗଲା। ତୁମର ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ତ୍ୟାଗ, ସ୍ନେହ, ଶ୍ରଦ୍ଧା ଓ ଭଲପାଇବା ଆମ ଜୀବନରେ ପାଥେୟ ହେଉ। ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କଠାରେ ବିନମ୍ର ପ୍ରାର୍ଥନା
-:ଶୋକସନ୍ତପ୍ତ:-
ହତଭାଗ୍ୟ ପୁତ୍ର ସୌମ୍ୟ ଓ ସ୍ମୃତି ଏବଂ ପରିବାରବର୍ଗ।
ଧ-୬୯୧୧୫

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ମାର୍ଚ୍ଚ ୧୯/୨୦୨୦ Bhubaneswar, Thursday, March 19/2020

# ଚାଷ ଜମିରୁ ଅସୁସ୍ଥ ହାତୀ ଉଦ୍ଧାର

**ଖୋର୍ଦ୍ଧା ଅଫିସ/ ନିରାକାରପୁର, ୧୮।୩(ଡି.ଏନ୍.ଏ.)**

- କୀଟନାଶକ ପ୍ରଭାବରେ ଅସୁସ୍ଥ ହୋଇଥିବା ସନ୍ଦେହ
- ଚିକିତ୍ସା ପରେ ସ୍ୱାଭାବିକ ଅବସ୍ଥାକୁ ଫେରୁଛି

ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗି ବନ ବିଭାଗ ରମ୍ଭାବିଲି ଗ୍ରାମ ନିକଟ ଚାରିବାଟିଆ ଗହିର ଜମିରେ ବୁଧବାର ଭୋର ସମୟରେ ଅସୁସ୍ଥ ଅବସ୍ଥାରେ ଏକ ହାତୀକୁ ଉଦ୍ଧାର କରାଯାଇଛି। ଖବରପାଇ ଭୁବନେଶ୍ୱରରୁ ଓୟୁଏଏଟିରୁ ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ହାତୀର ଚିକିତ୍ସା କରିଥିଲେ। ସନ୍ଧ୍ୟା ସୁଦ୍ଧା ହାତୀଟି ସାମାନ୍ୟ ସୁସ୍ଥ ହୋଇଥିବାବେଳେ ବନକର୍ମଚାରୀମାନେ ତାକୁ ଜଗି ରହିଛନ୍ତି। ସମ୍ପୂର୍ଣ୍ଣ ସୁସ୍ଥ ହେବା ପରେ ହାତୀକୁ ଜଙ୍ଗଲ ମଧ୍ୟକୁ ଛଡ଼ାଯିବ । ହାତୀଟି ଚାଷ ଜମିରେ ପଡ଼ିଥିବା କୌଣସି କୀଟନାଶକ ପ୍ରଭାବରେ ଆସି ଅସୁସ୍ଥ ହୋଇଥାଇପାରେ ବୋଲି ସନ୍ଦେହ କରାଯାଉଥିବା ଟାଙ୍ଗୀ ବନାଞ୍ଚଳ ଅଧିକାରୀ ଅଜୟ କୁମାର ଜଗଦ୍ଦେବ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ବୁଧବାର ସକାଳେ ଚାରିବାଟିଆ ଗହିର ଜମିରେ ହାତୀଟିଏ ଅସୁସ୍ଥ ହୋଇ ତଳେ ପଡିଥିବା ସ୍ଥାନୀୟ ଗ୍ରାମବାସୀ ଦେଖିବାକୁ ପାଇଥିଲେ। ଏପରି କି ଉକ୍ତ ଅସୁସ୍ଥ ହାତୀକୁ ଏକ ଦନ୍ତା ଜଗିରହିଥିଲା। ଏନେଇ ଖବର ପାଇବା ପରେ ଖୋର୍ଦ୍ଧା ସହକାରୀ ବନପ୍ରାଣୀ ସଂରକ୍ଷକ ଅଧିକାରୀ(ଏସିଏଫ) ଗୋବିନ୍ଦ ବିଶ୍ୱାଳ, ଟାଙ୍ଗି ବନାଞ୍ଚଳ ଅଧିକାରୀ ଜଗଦ୍ଦେବ ଏକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଦୀର୍ଘ ସମୟ ଧରି ଦନ୍ତା ହାତୀଟି ଅସୁସ୍ଥ ହାତୀକୁ ଜଗି ରହିଥିବାରୁ ଅସୁସ୍ଥ ହାତୀ ନିକଟକୁ ବନ ବିଭାଗ ପହଞ୍ଚି ପାରି ନ ଥିଲେ। ପରେ ସ୍ଥାନୀୟ ଗ୍ରାମବାସୀଙ୍କ ସହଯୋଗରେ ଦନ୍ତା ହାତୀକୁ ଘଉଡ଼ା ଯାଇପାରିଥିଲା। ଟାଙ୍ଗୀ ବନପ୍ରାଣୀ ଚିକିତ୍ସାଳୟ ଟିମ୍ ପହଞ୍ଚି ଅସୁସ୍ଥ ହାତୀର ପ୍ରାଥମିକ ଚିକିତ୍ସା କରିଥିଲେ। ପରେ ନିକଟସ୍ଥ ଅଗ୍ନିଶମ ସେବା କର୍ମଚାରୀ ପହଞ୍ଚି ହାତୀ ଉପରକୁ ପାଣି ଛିଞ୍ଚନ କରିଥିଲେ।



ଗହିର ଜମିରେ ପଡ଼ିରହିଥିବା ଅସୁସ୍ଥ ହାତୀ।

ଧୀରେ ଧୀରେ ହାତୀଟି ସାମାନ୍ୟ ସୁସ୍ଥ ହେବାରେ ଲାଗିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ବନବିଭାଗ କର୍ମଚାରୀ ହାତୀକୁ ଉଠାଇବାକୁ ଚେଷ୍ଟା କରିଥିଲେ। ତେବେ ଘଟଣାସ୍ଥଳକୁ ଡିଏଫ୍ଓ ସୁଦୀପ କୁମାର ନାୟକ ନ ଆସିବା ନେଇ ଲୋକଙ୍କ ମଧ୍ୟରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ବନ ବିଭାଗର ଅପରାଗତା ଯୋଗୁ ହାତୀ ଜନବସତି ମୁହାଁ ହେବାସହ ବ୍ୟାପକ ଫସଲ ନଷ୍ଟ କରୁଛନ୍ତି ବୋଲି ସ୍ଥାନୀୟ ଗ୍ରାମବାସୀ, ପରିବେଶପ୍ରେମୀ, ବନ୍ୟପ୍ରାଣୀ ପ୍ରେମୀ ପ୍ରକାଶ କରିଛନ୍ତି।

# ଘୁଞ୍ଚିଲା ହାଇକୋର୍ଟ ବାର୍ ନିର୍ବାଚନ

**କଟକ ଅଫିସ,୧୮।୩:** ଆସନ୍ତା ୨୮ତାରିଖରେ ହାଇକୋର୍ଟ ବାର୍ ସମେତ ରାଜ୍ୟର ସମସ୍ତ ବାର୍‌ରେ ଅନୁଷ୍ଠିତ ହେବାକୁ ଥିବା ନିର୍ବାଚନକୁ କରୋନା ପାଇଁ ଘୁଞ୍ଚାଇ ଦିଆଯାଇଛି। ଏହି ନିର୍ବାଚନ ଏପ୍ରିଲ ୨୫ତାରିଖରେ ଅନୁଷ୍ଠିତ ହେବ ବୋଲି ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ରାଜ୍ୟର ସମସ୍ତ ବାର୍‌କୁ ଏନେଇ ଅବଗତ କରାଯାଇଛି। ମାର୍ଚ୍ଚ ୨୮ତାରିଖରେ ରାଜ୍ୟର ସମସ୍ତ ବାର୍‌ରେ ନିର୍ବାଚନ ହେବ ବୋଲି ରାଜ୍ୟ ଆଇନଜୀବୀ ପରିଷଦ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏହି ବିଜ୍ଞପ୍ତି ଆଧାରରେ ବିଭିନ୍ନ ବାର୍‌ରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ବିଭିନ୍ନ ବାର୍‌ରେ ପ୍ରାର୍ଥୀପତ୍ର ଦାଖଲ ହେବା ପରେ ଚୂଡାନ୍ତ ପ୍ରାର୍ଥୀ ତାଲିକା ଘୋଷଣା ମଧ୍ୟ ସରିଥିଲା। ଏପରି କି ପ୍ରାର୍ଥୀମାନେ ନିଜ ପ୍ରଚାରକୁ ଜୋର୍‌ଦାର କରିଥିଲେ। କିନ୍ତୁ ସମ୍ପ୍ରତି କରୋନା ଭୂତାଣୁକୁ ନେଇ ଚାରିଆଡେ ଭୟର ବାତାବରଣ ସୃଷ୍ଟି ହୋଇଛି। ଏହାକୁ ଦୃଷ୍ଟିରେ ରଖି ନିର୍ବାଚନକୁ ବର୍ତ୍ତମାନ ପାଇଁ ସ୍ଥଗିତ ରଖିବା ଲାଗି ବିଭିନ୍ନ ବାର୍ ପକ୍ଷରୁ ଅନୁରୋଧ କରାଯାଇଥିଲା। ଉକ୍ତ ଅନୁରୋଧକୁ ଗ୍ରହଣ କରି ଆଡଭୋକେଟ୍ ଜେନେରାଲ ତଥା ଆଇନଜୀବୀ ପରିଷଦର ସ୍ୱତନ୍ତ୍ର କମିଟିର ଅଧ୍ୟକ୍ଷ ଅଶୋକ ପରିଜା, ସଦସ୍ୟ ତଥା ବରିଷ୍ଠ ଆଇନଜୀବୀ ମାନସ ମହାପାତ୍ର ଏବଂ ଅଜୟ କୁମାର ବରାଳ ଏହି ନିଷ୍ପତ୍ତି ନେଇଛନ୍ତି । ପ୍ରତ୍ୟେକ ବାର୍ ପାଇଁ ନିଯୁକ୍ତ ନିର୍ବାଚନ ଅଧିକାରୀ ଦାଖଲ ହୋଇଥିବା ପ୍ରାର୍ଥୀପତ୍ର ସହ ଭୋଟରଙ୍କ ତାଲିକାକୁ ବାର୍ ଆସୋସିଏଶନ୍ ଅଫିସ୍‌ରେ ବାର୍ ସଭାପତି, ସମ୍ପାଦକଙ୍କ ଦସ୍ତଖତରେ ସିଲଡ୍ ବକ୍ସରେ ରଖିବାକୁ କୁହାଯାଇଛି ।

# ରାଜ୍ୟର ସମସ୍ତ ଜେଲ୍‌କୁ ଆଡଭାଇଜରି

**ଭୁବନେଶ୍ୱର,୧୮।୩(ବ୍ୟୁରୋ)**

**କରୋନା ମୁକାବିଲା**

ଜେଲ୍‌କୁ କରୋନା ଭୁତାଣୁ ସଂକ୍ରମଣରୁ ରୋକିବା ପାଇଁ କାରାଗାର ମହାନିର୍ଦ୍ଦେଶକ ବୁଧବାର ସ୍ୱତନ୍ତ୍ର ଆଡଭାଇଜାରି ଜାରି କରିଛନ୍ତି। କାରାଗାରରେ ରହୁଥିବା ବନ୍ଦୀ ଏବଂ ବିଚାରାଧୀନ ଅଭିଯୁକ୍ତଙ୍କୁ କିପରି ଏହି ସଂକ୍ରମଣରୁ ଦୂରେଇ ରଖାଯାଇପାରିବ ସେନେଇ ଆବଶ୍ୟକ ପଦକ୍ଷେପ ନେବାକୁ କୁହାଯାଇଛି। ବିଶେଷକରି ବିଚାର ବିଭାଗୀୟ ହାଜତକୁ ପ୍ରଥମ କରି ଆସୁଥିବା ଅଭିଯୁକ୍ତଙ୍କୁ ଅନ୍ତତଃ ଗୋଟିଏ ସପ୍ତାହ ପର୍ଯ୍ୟନ୍ତ ଡାକ୍ତରଙ୍କ ତତ୍ତ୍ୱାବଧାନରେ କ୍ୱାରାଣ୍ଟାଇନରେ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜେଲ୍‌ରେ ବନ୍ଦୀଙ୍କୁ ସମ୍ପର୍କୀୟ କିମ୍ବା ଓକିଲମାନେ ଭେଟି ପାରିବେ ନାହିଁ। ଏନ୍‌ଜିଓ କିମ୍ବା ଅନ୍ୟ କୌଣସି ସଂସ୍ଥା ସାମାଜିକ ସଂସ୍ଥା ଜେଲ୍ ଭିତରେ କେଣସି ପ୍ରକାରର କାର୍ଯ୍ୟକ୍ରମ କରିପାରିବେ ନାହିଁ। ଗୋଟିଏ ମାସ ପର୍ଯ୍ୟନ୍ତ ଏହିସବୁ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ମୁଖ୍ୟ ଫାଟକରେ ସାନିଟାଇଜର ରହିବା ସହ କରୋନା ସମ୍ପର୍କରେ ଲୋକଙ୍କୁ ସଚେତନା କରାଯିବାକୁ ସ୍ଥିର ହୋଇଛି। ବନ୍ଦୀଙ୍କ ସମ୍ପର୍କୀୟମାନେ ଜେଲ୍ ନ ଆସି ଘରେ ଥାଇ ଇ–ମୁଲାକାତ ବ୍ୟବସ୍ଥାରେ ଭେଟି ପାରିବେ। ଅତ୍ୟାବଶ୍ୟକସ୍ଥଳେ ଭେଟିବାକୁ ଆସିଲେ ଉପଯୁକ୍ତ ଦୂରତା ରକ୍ଷା କରିବେ। ଭିଡିଓ କନଫରେନ୍ସିଂ ଜରିଆରେ କୋର୍ଟରେ ବନ୍ଦୀଙ୍କୁ ହାଜର କରାଯିବା ସହ ଥଣ୍ଡା, ଗଳାରେ ଯନ୍ତ୍ରଣା, ନିଶ୍ୱାସ ନେବାରେ କଷ୍ଟ ହେଲେ ସେମାନଙ୍କ ତୁରନ୍ତ ଚିକିତ୍ସା କରାଯିବ। ଜେଲ୍ ମେଡିକାଲରେ ଆଇସୋଲେଶନ ୱାର୍ଡ ବ୍ୟବସ୍ଥା କରାଯିବ। ଏଥିସହ ଜେଲ୍‌ରେ ଥିବା ରୋଷେୟାଙ୍କୁ କର୍ତ୍ତୃପକ୍ଷ ମାସ୍କ ଯୋଗାଇ ଦେବେ। ବିନା ମାସ୍କରେ ରୋଷେଇ ହେବ ନାହିଁ ବୋଲି ଜେଲର ନିଶ୍ଚିତ କରିବେ। ଡ୍ୟୁଟି କରୁଥିବା କର୍ମଚାରୀ ମଧ୍ୟ ମାସ୍କ ବ୍ୟବହାର କରିବା ବାଧ୍ୟତାମୂଳକ। ଯେଉଁ ବନ୍ଦୀମାନେ ଛୁଟିରୁ ଫେରିବେ ସେମାନଙ୍କ ଉପଯୁକ୍ତ ସ୍କ୍ରିନିଂ କରାଯିବାପରେ ଜେଲ୍‌ରେ ପ୍ରବେଶ ଅନୁମତି ଦିଆଯିବ। ଅନ୍ୟ ରାଜ୍ୟରେ ଥିବା କୋର୍ଟରେ ହାଜର ହୋଇ ଫେରୁଥିବା ବନ୍ଦୀଙ୍କ କ୍ଷେତ୍ରରେ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବ। ସର୍ବୋପରି ଜେଲ୍ ପରିସର ଓ ହସ୍ପିଟାଲକୁ ପରିଷ୍କାର ରଖିବାକୁ କାରାଗାର ମହାନିର୍ଦ୍ଦେଶକ ସନ୍ତୋଷ ଉପାଧ୍ୟାୟ ରାଜ୍ୟର ସମସ୍ତ ଜେଲ୍ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ପତ୍ର ମାଧ୍ୟମରେ ଜଣାଇଛନ୍ତି।







1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



-ବିପଦର ଆଶଙ୍କା ପାଇଲେ କଇଁଛ ଯେପରି ତା'ର ଖୋଳ ଭିତରେ ନିଜକୁ ସଙ୍କୁଚିତ କରିଆଣେ, ସେହିପରି ଅତିଶଯ୍ୟ ଇନ୍ଦ୍ରିୟ ଭୋଗ ବା କାମ ପିପାସା ଜାଗ୍ରତ ହେଲେ ବିଜ୍ଞବ୍ୟକ୍ତି ଆତ୍ମସଂଯମର ଖୋଳ ଭିତରେ ନିଜର ଆତ୍ମରକ୍ଷା କରେ। - ମହାବୀର ଜୈନ



# କଷ୍ଟ ଦେଉଛି ସାତଦିନିଆ କଣ୍ଟ

**କଟକ ଅଫିସ,୧୮।୩**




ଅସ୍ଥାୟୀ ଶିବିର।

ବିଶ୍ୱସ୍ତରୀୟ ହେବ ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲ। ଏହି ପରିପ୍ରେକ୍ଷୀରେ ତାଳଦଣ୍ଡା କେନାଲ ପାର୍ଶ୍ୱକୁ ୬ଥାକିଆ ରାସ୍ତାରେ ପରିଣତ କରାଯିବ। ଏଥିଲାଗି କେନାଲ ପାର୍ଶ୍ୱ ଓ ଏହାର ଆଖପାଖ ବସ୍ତିକୁ ପର୍ଯ୍ୟାୟକ୍ରମେ ଉଚ୍ଛେଦ କରାଯାଉଛି। ପରେ ଏହି ବସ୍ତିବାସିନ୍ଦାଙ୍କୁ ନିମପୁରସ୍ଥିତ ମହାନଦୀ କୂଳକୁ ସ୍ଥାନାନ୍ତର କରାଯାଉଛି। ହେଲେ ସ୍ଥାନାନ୍ତର ପରେ ଏହି ଲୋକମାନେ ଭୋଗୁଛନ୍ତି ନାନାଦି ଯନ୍ତ୍ରଣା। ଜରିପାଲ ଭିତରେ ଜୀବନ, ନଦୀ ଶଯ୍ୟାରେ ବିଷାକ୍ତ ସରୀସୃପଙ୍କ ଭୟ। ଏହାଛଡ଼ା ଜିଲା ପ୍ରଶାସନ ଧାର୍ଯ୍ୟ କରିଥିବା ଏକ ନିର୍ଦ୍ଦିଷ୍ଟ କଣ୍ଟ (ସମୟ ସୀମା) ଏମାନଙ୍କ କଷ୍ଟକୁ ବହୁଗୁଣିତ କରୁଛି।

ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି ଯେ, ସ୍ଥାନାନ୍ତର ହୋଇ ଅସ୍ଥାୟୀ ଭାବେ ଜରିପାଲ ଭିତରେ ରହିଥିବା ପରିବାର ୭ଦିନ ଭିତରେ ଘର ତିଆରି କରିବେ। ଏମାନଙ୍କୁ ୧୫ ଫୁଟ ଦୈର୍ଘ୍ୟ ଓ ୧୫ ଫୁଟ ପ୍ରସ୍ଥର ଜମି ଦିଆଯାଇଛି। ଅନ୍ୟ ଏକ ବସ୍ତିର ପରିବାର ସ୍ଥାନାନ୍ତର ହୋଇ ଏଠାକୁ ଆସିବା ପୂର୍ବରୁ ରହୁଥିବା ପରିବାରଟି ଅସ୍ଥାୟୀ ଶିବିର ଛାଡ଼ିବ। ୫୦ହଜାର ଟଙ୍କାର ସରକାରୀ ସହାୟତା ଓ ସେମାନଙ୍କୁ ପ୍ରଦତ୍ତ ଜମିରେ ୭ଦିନ ଭିତରେ ଘର ତିଆରି କରିବାକୁ ବାଧ। ହେଲେ ପ୍ରଥମ ପର୍ଯ୍ୟାୟରେ ଉଚ୍ଛେଦ ହୋଇ ଏଠାକୁ ଆସିଥିବା ଲୋକେ ଶିବିର ଛାଡ଼ି ଦୟନୀୟ ଅବସ୍ଥାରେ ରହୁଥିବା ଦେଖିବାକୁ ମିଳୁଛି। ସେମାନେ ଛୋଟଛୋଟ ପିଲାଙ୍କୁ ନେଇ ନଦୀ କୂଳରେ ଅସ୍ୱାସ୍ଥ୍ୟକର ଓ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଏମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଦିନକୁ ୩ଥର ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ୨ଟି ୱାଟର ଟ୍ୟାଙ୍କ ବ୍ୟବସ୍ଥା ଥିବାବେଳେ ମାତ୍ର ୨ଟି ମୋବାଇଲ ଟଏଲେଟ୍ ରହିଛି। ତେବେ ମିସ୍ତ୍ରି ମିଳୁ ନ ଥିବାରୁ ଏମାନଙ୍କ ପାଇଁ ୭ଦିନରେ ଘର ଖଣ୍ଡେ ତିଆରି କରି ରହିବା କଷ୍ଟକର ହୋଇଛି। ତେଣୁ ସରକାରୀ ଅଫିସରଙ୍କ ଡରରେ ଅସ୍ଥାୟୀ ଶିବିର ଛାଡ଼ି ନଦୀ କୂଳରେ ରହୁଛନ୍ତି। ଏପରି କି ୭ଦିନ ପରେ ଜିଲା ପ୍ରଶାସନ ମଧ୍ୟ ଖାଇବାକୁ ଦେଉନାହିଁ। ଏବେ ସୁଦ୍ଧା ଏଠାରେ ୩୫୦ରୁ ଉର୍ଦ୍ଧ୍ୱ ପରିବାର ସ୍ଥାନାନ୍ତର ହୋଇ ଏଠାକୁ ଆସିଲେଣି। ହେଲେ ହାତଗଣତି କେତୋଟି ଘର ଏ ପର୍ଯ୍ୟନ୍ତ ନିର୍ମାଣ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଏମାନଙ୍କ ନିମନ୍ତେ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉନି ବୋଲି ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଜୟମଙ୍ଗଳା ବସ୍ତି, ପ୍ରେମନଗର ବସ୍ତି, ଯୋବ୍ରା ଅଞ୍ଚଳର କିଛି ବସ୍ତି ଓ ମେଡିକାଲ ସୁଇପର କଲୋନୀ ନିକଟ କିଛି ବାସିନ୍ଦା ଏବେ ଏଠାରେ ରହୁଛନ୍ତି। ଜିଲା ପ୍ରଶାସନ ଏବଂ ସିଏମ୍‌ସି ପକ୍ଷରୁ ମିଳିତ ଭାବେ ହେଉଥିବା ଉଚ୍ଛେଦ ପ୍ରକ୍ରିୟାରେ ବୁଧବାର ତାଳଦଣ୍ଡା କେନାଲ ଅଞ୍ଚଳରୁ ୪୫ଟି ପରିବାର ଉଚ୍ଛେଦ ହୋଇଛନ୍ତି।

ଏ ସମ୍ପର୍କରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ କହିଛନ୍ତି, ୭ ଦିନ ନିୟମ ଥିଲେ ମଧ୍ୟ ୮ଦିନ ପର୍ଯ୍ୟନ୍ତ ଶିବିରରେ ରହିବାକୁ ଦିଆଯାଉଛି। ଏହା ଭିତରେ ସେମାନେ ଘର କରିବା ଉଚିତ। ଘର କାହିଁକି କରୁନାହାନ୍ତି ସେ ସମ୍ପର୍କରେ ଖବର ନାହିଁ।

### କରୋନା ପାଇଁ ସଚେତନ ନାହାନ୍ତି

ଛୁଇଁଲେ ବ୍ୟାପୁଛି କରୋନା ଭାଇରସ। ହେଲେ ଶିବିର ଓ ନଦୀଶଯ୍ୟାରେ ୩୫୦ରୁ ଉର୍ଦ୍ଧ୍ୱ ପରିବାର ଏକାଠି ରହୁଛନ୍ତି। ତାହା ପୁଣି ଅସ୍ୱାସ୍ଥ୍ୟକର ପରିବେଶରେ । ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡେ ତିଆରି କରିବା ଭିତରେ ଏମାନେ କରୋନା ଭାଇରସର ଭୟାବହତା ଖବରଠାରୁ ବହୁ ଦୂରରେ। ଏ ସମ୍ପର୍କରେ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ପଚାରିବାରୁ କହିଥିଲେ, ସେଠାରେ ଏକ ଡାକ୍ତରୀ ଦଳ ନିୟୋଜିତ କରାଯାଇଛି । କାହାର ସ୍ୱାସ୍ଥ୍ୟାବସ୍ଥା ଖରାପ ହେଲା ମାତ୍ରେ ସେମାନଙ୍କୁ ଚିକିତ୍ସା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

### ସେମାନେ କହନ୍ତି



ସରକାର ତରବରିଆ ଭାବେ ଏ ଯେଉଁ ନିଷ୍ପତ୍ତି ନେଇଛନ୍ତି ସେଥିରେ ଶହଶହ ପରିବାର ବଳି ପଡ଼ିଛନ୍ତି। ଏଠାରେ ଲୋକଙ୍କ ଦୁଃଖ ବଢ଼ିଗଲାଣି । ହେଲେ କେହି ଶୁଣିବାକୁ ନାହାନ୍ତି। ଭୋକ ଉପାସରେ ମଧ କିଛି ଲୋକ ରହୁଛନ୍ତି । **– ପଞ୍ଚୁ ନାୟକ**



୪ ପିଢ଼ିର ଜମିରୁ କାଢ଼ି ଦେଲେ। ଆମେ ସେଠାରେ ଖଜଣା ଦେଉଥିଲୁ। ସରକାର ଘର ଦେବେ ବୋଲି ଭାବି ଏଠାକୁ ଚାଲି ଆସିଲୁ। ହେଲେ ଏଠାରେ ଶୋଇବା ପାଇଁ ବି କଷ୍ଟ ହେଉଛି। **– ଗୁଲାନି ଦେଇ**



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସର, ବରଗଛ ମୂଳେ ଘର;**
**ଯେ ନା ସେ ପଶିବ,**
**କାହାକୁ କରିବ ପର ।**

ବରଗଛ ମୂଳେ ସମସ୍ତେ ବିଶ୍ରାମ କରିବାକୁ ଆସନ୍ତି। ସେଠି ଘର ଖଣ୍ଡେ ଥିଲେ ସେଠିକି ବିଶ୍ରାମ ନେବାକୁ, ବସାଉଠା କରିବାକୁ ପାଣି ଟୋପାଏ ପିଇବାକୁ ଅନେକ ବାଟୋଇ ପହଞ୍ଚିଯାଇଥାନ୍ତି। ବିବେକ ଦୃଷ୍ଟିରୁ ତାଙ୍କୁ ମନା କରି ହୋଇ ନ ଥାଏ। ଏପରିସ୍ଥଳେ ପଛରେ ଏନେଇ ଯେ କଥା ନ ବାହାରିବ ସେ କଥା କିଏ କହିବ । ତେଣୁ ଏସବୁ ଭାରି ଅସୁବିଧା କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସକାଳ ପଖାଳ ଭଲ,**
**ଯଦି ଭଜାଭଜି ଥାଏ**
**ସକାଳ ଗାଧୁଆ ଭଲ**
**ଯେବେ ଦେହରେ ଯାଏ ।**

ଭଜାଭଜି ଥିଲେ ପଖାଳ ଖାଇବା ମଜା ଦ୍ୱିଗୁଣିତ ହୋଇଯାଇଥାଏ। ସେହିପରି ଦେହ ଖରାପ ହେଉ ନ ଥିଲେ ବଡ଼ି ସକାଳୁ ଗାଧୋଇବା ଶୁଭଙ୍କର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବାଙ୍କୀ ଡବଲମର୍ଡର ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

**ବାଙ୍କୀ,୧୮।୩(ସ୍ୱ.ପ୍ର.)**

ବାଙ୍କୀ ଡବଲମର୍ଡର ଘଟଣାର ମୁଖ୍ୟ ଅଭିଯୁକ୍ତ ଭ୍ରମର ପ୍ରଧାନ (୫୩)ଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବାଙ୍କୀ ଉପଖଣ୍ଡ କାରାଗାରାକୁ ପଠାଇ ଦିଆଯାଇଛି। ଘଟଣାରେ ମୋଟ୍ ୧୫ ଅଭିଯୁକ୍ତ ସାମିଲ ଥିବାବେଳେ ଏ ପର୍ଯ୍ୟନ୍ତ ୧୧ଜଣଙ୍କୁ ଗିରଫ କରାଯାଇଛି। ଫେରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଗିରଫ ହୋଇ ନ ଥିବା ଅଭିଯୁକ୍ତମାନଙ୍କ ନାମରେ ୱାରେଣ୍ଟ ଜାରି କରାଯାଇଥିବା ଉପଖଣ୍ଡ ପୋଲିସ ଅଧିକାରୀ ତଥା ତଦନ୍ତକାରୀ ଅଫିସର ପ୍ରସନ୍ନ ବିଶ୍ୱାଳ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଫେବୃୟାରୀ ୧୫ ତାରିଖ ଅପରାହ୍ନରେ ଖବରଦାତା ଆଦିତ୍ୟ ରଣସିଂହ ଓ ନୂଆଗାଁ ସରପଞ୍ଚଙ୍କ ସ୍ୱାମୀ ଭଗବାନ ସ୍ୱାଇଁଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କ ବିରୋଧରେ ଦଫା ୩୦୨, ୧୪୭, ୧୪୮, ୧୨୦(ବି) ଏବଂ ୧୪୯ ଆଇପିସିରେ ମାମଲା ସଂଖ୍ୟା-୩୯/୨୦ ରୁଜୁ ହୋଇଥିଲା।

# ଟ୍ରେଲର ଚାଳକଙ୍କୁ ଛୁରାମାଡ଼, କାର ଲୁଟ୍ ଘଟଣା: ୬ ଗିରଫ

**ଖୁଣ୍ଟୁଣୀ,୧୮।୩(ଡି.ଏନ୍.ଏ.)**

ଟ୍ରେଲର ଚାଳକଙ୍କୁ ଛୁରାମାଡ଼ ଓ କାର ଲୁଟ ଘଟଣାରେ ଖୁଣ୍ଟୁଣୀ ଥାନା ପୋଲିସ ବୁଧବାର ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୁଣ୍ଟୁଣୀ ଗ୍ରାମର ସଂଗ୍ରାମ ନାୟକ, ରମେଶ ଶତପଥୀ, ଭୋଗରା ଗ୍ରାମର ଅଜୟ ଦାସ, ମନୋଜ ବସ୍ତିଆ, ତିଗିରିଆ ଥାନା ଅଧୀନ ସୁରେନ୍ଦ୍ରପଡ଼ା ଗ୍ରାମର କୃଷ୍ଣଚନ୍ଦ୍ର ନାଏକ ଓ ରୁବି ନାଏକ। ସୂଚନାଥାଉ କି, ଗତ ଅକ୍ଟୋବର ମାସରେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ନୂଆସାହି ଗ୍ରାମ ନିକଟ ଏକ ଢାବାରେ ଅଭିଯୁକ୍ତ ସଂଗ୍ରାମ ଖାଇସାରି ପାକରେ ଥିବା ଟ୍ରେଲର ଡ୍ରାଇଭର ପ୍ରକାଶ ପ୍ରଧାନଙ୍କୁ ଚାନ୍ଦା ମାଗିଥିଲେ। ସେ ଟଙ୍କା ନ ଦେବାରୁ ସଂଗ୍ରାମ ତାଙ୍କୁ ଛୁରାମାଡ଼ କରି ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ପ୍ରକାଶଙ୍କ ଚିକତ୍ସା ପାଇଁ କଟକ ବଡ଼ ମେଡିକାଲକୁ ପଠାଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୪୦/୧୯) ରୁଜୁ ହୋଇଥିଲା। ସେହିପରି ଗତ ଡିସେମ୍ବରରେ ଅନ୍ୟ ୫ ଅଭିଯୁକ୍ତ ଭୋଗରା ନିକଟରୁ ଏକ କାର ଲୁଟିନେଇ ଫେରାର ହୋଇଯାଇଥିଲେ। ପୋଲିସସ କାରକୁ ପିଛା କରି ରମେଶ ଓ କାହ୍ନାଙ୍କୁ ଗୋଡାଇବାରୁ ଏହାକୁ ଛାଡି ସେମାନେ ଫେରାର ହୋଇଯାଇଥିଲେ। ଗତ ୩ଦିନ ପୂର୍ବେ କାହ୍ନା କୋର୍ଟରେ ଆତ୍ମ ସମର୍ପଣ କରିଥିଲା। ଗତ ମଙ୍ଗଳବାର ପୋଲିସ କାହ୍ନାଙ୍କୁ ହେପାଜତକୁ ଆଣିବା ପରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ. ୧୬୫/୧୯) ରୁଜୁ ହୋଇଥିଲା।




ବାଦାମବାଡି-ଅନୁଗୋଳ ବସଷ୍ଟାଣ୍ଡ ନିକଟରେ ଥିବା ଉଠା ଦୋକାନୀଙ୍କୁ ଥଇଥାନ କରିବା ଦାବିରେ ବୁଧବାର ଦୋକାନୀ ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେବାକୁ ଆସିଥିବା ପ୍ରତିନିଧିମାନେ।

# ମାର୍ଚ୍ଚ ୩୧ ସୁଦ୍ଧା ବସ୍ତି ଉଚ୍ଛେଦ ନିର୍ଦ୍ଦେଶକୁ ବିରୋଧ

**କଟକ ଅଫିସ,୧୮।୩**

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ଲୋକଙ୍କୁ ଏକତ୍ର ନ ହେବାକୁ ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲା ପ୍ରଶାସନ ମଧ ଏ ନେଇ ବହୁ କଟକଣା ଲାଗୁ କରିଛି। ଏଭଳି ସ୍ଥିତିରେ ଆସନ୍ତା ୩୧ତାରିଖ ସୁଦ୍ଧା ବସ୍ତି ଉଚ୍ଛେଦ ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବସ୍ତିବାସିନ୍ଦାଙ୍କ ପାଇଁ ନିର୍ମିତ ଅସ୍ଥାୟୀ କ୍ୟାମ୍ପରେ ଆବଶ୍ୟକ ସୁବିଧା ସୁଯୋଗ ନାହିଁ। ଜିଲା ପ୍ରଶାସନ କିମ୍ବା ସିଏମ୍‌ସି ପକ୍ଷରୁ କୌଣସି ଅଫିସର ସେଠାକୁ ଯାଉ ନ ଥିବା ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। କରୋନା ପାଇଁ ଜନସଚେତନତା ସୃଷ୍ଟି କରାଯାଉଥିବାବେଳେ ନିମପୁରରେ ଏକ ଛୋଟ ଜାଗାରେ ଶତାଧିକ ପରିବାର ଏକାଠି ରହୁଛନ୍ତି। ଏଥିରୁ ଏମାନେ କରୋନା ନେଇ କେତେ ସଚେତନ ଓ ସୁରକ୍ଷିତ ତାହା ବୁଝାପଡୁଛି। ଯଦି ମାର୍ଚ୍ଚ ୩୧ ସୁଦ୍ଧା ସବୁ ବସ୍ତି ଉଚ୍ଛେଦ କରାଯାଏ ତେବେ ଏଠାରେ ଅସମ୍ଭାଳ ଭିଡ଼ ହେବ। ରାଜ୍ୟ ସରକାର ସମସ୍ତ କାର୍ଯ୍ୟକ୍ରମ ଓ ଜନସମାଗମକୁ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ଏହି ନିର୍ଦ୍ଦେଶନାମା ତାହାର ଉଲ୍ଲଂଘନ କରୁଛି ବୋଲି ବସ୍ତିବାସିନ୍ଦା ମିଳିତ ମଞ୍ଚ କହିଛି। ମାର୍ଚ୍ଚ ୩୧ ସୁଦ୍ଧା ବସ୍ତି ଉଚ୍ଛେଦ ନିର୍ଦ୍ଦେଶକୁ ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି।

# ବାଇକ ଚୋରି: ଯୁବକ ଗିରଫ

**କଟକ ଅଫିସ,୧୮।୩**

ବାଇକ ଚୋରି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ବୁଧବାର ଲାଲବାଗ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନରସିଂହପୁର ଅଞ୍ଚଳର ପ୍ରମୋଦ କୁମାର ସାହୁ(୨୪) । ସୂଚନା ଅନୁଯାୟୀ, ସ୍ଥାନୀୟ ମାନସିଂହପାଟଣା ଅଞ୍ଚଳରେ ପ୍ରମୋଦ ଦାସ ନାମକ ଜଣେ ବ୍ୟକ୍ତିଙ୍କ ଏକ ତେଜରାତି ଦୋକାନ ରହିଛି। ସେହି ଦୋକାନରେ ଅଭିଯୁକ୍ତ ପ୍ରମୋଦ କାର୍ଯ୍ୟ କରୁଥିଲେ। ଦୋକାନୀ ଅଭିଯୁକ୍ତ ପ୍ରମୋଦଙ୍କ ୨ମାସର ଦରମା ବାକି ରଖିଥିଲେ। ବକେୟା ଦରମା ଦେବାକୁ ପ୍ରମୋଦ ବାରମ୍ବାର କହିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଜାନୁୟାରୀ ୩୧ତାରିଖରେ ଦୋକନୀ କୌଣସି ବ୍ୟକ୍ତିଗତ କାମରେ ସହର ବାହାରକୁ ଯାଇଥିବା ସମୟରେ ତାଙ୍କର ବାଇକକୁ ପ୍ରମୋଦ ଚୋରି କରିନେଇଥିଲେ। ଦୋକାନୀ ଘରକୁ ଫେରି ଏହା ଜାଣିବା ପରେ ଲାଲ୍‌ବାଗ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା(ନଂ.୩୨/୨୦୨୦) ରୁଜୁ କରି ତଦନ୍ତ ଜାରି ରଖିଥିଲା। ସୋମବାର ଅଭିଯୁକ୍ତ ପ୍ରମୋଦ ନରସିଂହପୁର ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ସହ ଗଣ୍ଡଗୋଳ କରିଥିଲେ। ନରସିଂହପୁର ପୋଲିସ ଅଭିଯୁକ୍ତ ପ୍ରମୋଦଙ୍କୁ ଉକ୍ତ ବାଇକ ସହ ଜବତ କରିଥିଲା। ବାଇକର କାଗଜପତ୍ର ଯାଞ୍ଚ କରିବା ପରେ ଚୋରା ଗାଡ଼ି ବୋଲି ଜଣାପଡ଼ିଥିଲା। ସ୍ଥାନୀୟ ପୋଲିସ ଏବିଷୟରେ ଲାଲବାଗ ଥାନାକୁ ସୂଚନା ଦେଇଥିଲା। ଲାଲବାଗ ପୋଲିସର ଏକ ଟିମ ନରସିଂହପୁରରେ ପହଞ୍ଚି ପ୍ରମୋଦଙ୍କୁ ଗିରଫ କରି ବାଇକକୁ ଜବତ କରିଥିଲା ।

# ହୋଟେଲରେ ହେବ ଆଇସୋଲେଶନ୍ ୱାର୍ଡ

**କଟକ ଅଫିସ,୧୮।୩**

କରୋନା ଭୂତାରୁ ସଂକ୍ରମଣକୁ ରୋକିବା ପାଇଁ ଆବଶ୍ୟକ ସ୍ଥଳେ ହୋଟେଲ ରୁମ୍‌କୁଗୁଡ଼ିକୁ ଆଇସୋଲେଶନ୍ ୱାର୍ଡ ଭାବେ ବ୍ୟବହାର କରାଯିବ। ହୋଟେଲ ରୁମରେ ରହୁଥିବା ବ୍ୟକ୍ତିବିଶେଷ କରୋନାରେ ଆକ୍ରାନ୍ତ ହୋଇଛନ୍ତି ବୋଲି ସନ୍ଦେହ କରାଗଲେ ତାଙ୍କୁ ବାହାରକୁ ନିଆଯିବା ଅପେକ୍ଷା ସେଠାରେ ହିଁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। କଟକ ମହାନଗର ନିଗମ(ସିଏମ୍‌ସି) ଏଭଳି ନିଷ୍ପତ୍ତି ନେଇଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ବୁଧବାର ସହରର ହୋଟେଲ ମାଲିକଙ୍କୁ ନେଇ ଡକାଯାଇଥିବା ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇଛି। ସିଏମ୍‌ସି ପକ୍ଷରୁ ସହରର ପ୍ରମୁଖ ୫୦ଟି ହୋଟେଲ ମାଲିକଙ୍କ ସହ ଯୋଗାଯୋଗ କରାଯାଇଥିଲା। ଏଥିମଧ୍ୟରୁ ୩୫ହୋଟେଲ ମାଲିକ ବୈଠକରେ ଯୋଗ ଦେଇଥିଲେ। ଅନେକ ବରିଷ୍ଠ ପଦାଧିକାରୀ ଉକ୍ତ ବୈଠକରେ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ କଟକ ମହାନଗର ନିଗମ ପରିସର ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ କରୋନା ସନ୍ଦେହ କରାଯାଇ ବୁଧବାର ମଧ୍ୟାହ୍ନରେ ଏସ୍‌ସିବି ମେଡିକାଲର ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରାଯାଇଛି। ବ୍ୟକ୍ତିଙ୍କ ଘର କଟକରେ ହୋଇଥିବା ବେଳେ ସେ ସିଙ୍ଗାପୁରରୁ ଫେରିଥିଲେ। ବୁଧବାର ଏକ ବ୍ୟକ୍ତିଗତ କାର୍ଯ୍ୟରେ ସେ ସିଏମ୍‌ସିକୁ ଆସିଥିବାବେଳେ ସେଠାରେ ତାଙ୍କୁ ଅଟକ ରଖାଯାଇଥିଲା ।


**CLASSIFIED DISPLAY**

**MORE SPACE • SAME PRICE**

| TARIFF | For Single Day | | For 7 Days | | For 15 Days | | For 30 days | | GST 5% |
|---|---|---|---|---|---|---|---|---|---|
| | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | |
| | 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 | |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

MUDRA FINANCE (Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ 40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

FINANCE FINANCE

HINDUSTAN FINANCE LIMITED (Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ ଋଣ
8929889612
7290830466
Shahajahanabad, Bhopal (MP)

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ASTROLOGY ASTROLOGY

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠକରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଲିନ, ଭୁବନେଶ୍ୱର
9773820765

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ପଚିଶ ବର୍ଷ ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି:axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ଜଳିଗଲା ଘର

ନରସିଂହପୁର,୧୮।୩(ଡି.ଏନ.ଏ.): ନରସିଂହପୁର ବ୍ଲକ ଅଧୀନ କନାଗୁଡ଼ି ଗ୍ରାମରେ ବୁଧବାର ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଗ୍ରାମର ସୁକ୍ରସେନ ପ୍ରଧାନଙ୍କ ବଖରାଏ ଘର ଜଳିଯାଇଛି। ଏଥିସହିତ ତାଙ୍କର ୨ଟି ଛେଳି ଜୀବନ୍ତ ଦଗ୍ଧ ହୋଇଛନ୍ତି। ଗ୍ରାମବାସୀ ଓ ନରସିଂହପୁର ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ନରସିଂହପୁର ତହସିଲଦାର ଆକଶ ରଞ୍ଜନ ସାହୁ ସଦର ରାଜସ୍ୱ ନିରୀକ୍ଷକ ସୁକାନ୍ତ ସେଠୀଙ୍କୁ ଏହାର ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ସଂକ୍ଷେପରେ

### ନରସିଂହପୁରରେ କରୋନା ସନ୍ଦିଗ୍ଧ

ନରସିଂହପୁର,୧୮।୩(ଡି.ଏନ.ଏ.): ନରସିଂହପୁର ବ୍ଲକ ଅଞ୍ଚଳର ଜଣେ ଯୁବକ ନିକଟରେ ଦିଲ୍ଲୀରୁ ଫେରିଥିବାରୁ ତାଙ୍କୁ କରୋନା ସନ୍ଦିଗ୍ଧ ବୋଲି କୁହାଯାଉଛି। ତେଣୁ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ବୁଧବାର କଟକ ବଡ଼ ଡାକ୍ତରଖାନାକୁ ପଠାଯାଇଛି। ସ୍ଥାନୀୟ ପ୍ରଶାସନ ଓ ପୋଲିସ ସହାୟତାରେ ତାଙ୍କୁ କଟକ ପଠା ଯାଇଥିବା ସୂଚନା ମିଳିଛି।

### କୋର୍ଟ କାର୍ଯ୍ୟରୁ ବିରତି ପାଇଁ ଓକିଲ ସଂଘର ନିଷ୍ପତ୍ତି

ବଡ଼ମ୍ବା,୧୮।୩(ଡି.ଏନ.ଏ.): କରୋନା ଭୂତାଣୁକୁ ନେଇ ବଡ଼ମ୍ବା ଓକିଲ ସଂଘ ପକ୍ଷରୁ ବୁଧବାର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି କୈଳାସ ଚନ୍ଦ୍ର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସଂଘ ସଦସ୍ୟ ଯୋଗଦେଇ କରୋନା ଉପରେ ବିଭିନ୍ନ ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ମତପ୍ରଦାନ କରିଥିଲେ। ବିଶେଷକରି ମହକିଲ ତଥା ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ଏଭଳି ବୈଠକ ଆୟୋଜନ କରାଯାଇଥିବା ସମ୍ପାଦକ ପରେଶ ମହାନ୍ତି କହିଥିଲେ। ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଆଇନଜୀବୀମାନେ କୋର୍ଟ କାର୍ଯ୍ୟରୁ ବିରତି ରହିବା ପାଇଁ ନିଷ୍ପତ୍ତି ହୋଇଛି। ମାତ୍ର ଜରୁରୀକାଳୀନ ମୋକଦ୍ଦମା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଜିଲା ଦୌରାଜଜଙ୍କ ସମେତ ଅନ୍ୟ ନ୍ୟାୟିକ ପଦାଧିକାରୀଙ୍କୁ ସଂଘ ପକ୍ଷରୁ ଅବଗତ କରାଯାଇଥିବା ସମ୍ପାଦକ ମହାନ୍ତି ସୂଚନା ଦେଇଛନ୍ତି।

### କରୋନା ଗୀତକୁ ନେଇ ଥାନାରେ ଅଭିଯୋଗ

ନିଶ୍ଚିନ୍ତକୋଇଲି,୧୮।୩(ସ୍ୱ.ପ୍ର.): କରୋନା ଭୂତାଣୁକୁ ନେଇ ଏବେ ବିଶ୍ୱରେ ଆତଙ୍କ ସୃଷ୍ଟି ହୋଇଥିବାବେଳେ ଓଡ଼ିଶାରେ ଏହାକୁ ଆଧାର କରି ଅନେକ ଗୀତ କରାଯାଇଛି। ଏସବୁ ଗୀତ ଏବେ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଲୋକପ୍ରିୟ କଣ୍ଠଶିଳ୍ପୀ ହ୍ୟୁମାନ ସାଗର କରୋନା ଉପରେ ଆଧାରିତ ଗୀତ 'ଝିଅ ନୁହେଁ ତୁ କରୋନା ଭାଇରସ' ଗାଇ ଏବେ ବିବାଦ ଘେରକୁ ଆସିଛନ୍ତି। ତାଙ୍କ ବିରୋଧରେ ନିଶ୍ଚିନ୍ତକୋଇଲି ସଚେତନତା ନାଗରିକ ମଞ୍ଚ ପକ୍ଷରୁ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ କରାଯାଇ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି ହୋଇଛି। ମଞ୍ଚ ଅଭିଯୋଗ କରିଛିଯେ, କରୋନା ଭୂତାଣୁ ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିଲେ ମଧ୍ୟ ହ୍ୟୁମାନ ସାଗର ଏହାକୁ ନାରୀଙ୍କ ସହିତ ତୁଳନା କରିଛନ୍ତି। ଯାହାକି ନାରୀ ଜାତି ପାଇଁ ଅପମାନ ସଦୃଶ। ନାଗରିକ ମଞ୍ଚ ଆବାହକ ମନୋଜ ମଲ୍ଲିକଙ୍କ ନେତୃତ୍ୱରେ ଶୁଭାଶିଷ ବସନ୍ତରାୟ, ରମେଶ ଲେଙ୍କାଙ୍କ ସମେତ ବହୁ ଯୁବକ ଏକ ଶୋଭାଯାତ୍ରାରେ ଯାଇ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଥାନା ଅଧିକାରୀ ଶୁଭ୍ରାଂଶୁ ଶେଖର ପରିଡ଼ା କହିଛନ୍ତି, ଅଭିଯୋଗ ଆଧାରେ ଅନୁସନ୍ଧାନ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଏହି ଘଟଣା ପାଇଁ ହ୍ୟୁମାନ ସାଗର ଦୁଃଖ ପ୍ରକାଶ କରିବା ସହ କ୍ଷମା ପ୍ରାର୍ଥନା କରିଛନ୍ତି।

# ସଚେତନତା ପ୍ରହସନ, ଉଠୁନି ଅଳିଆ

ଆଠଗଡ଼,୧୮।୩(ସ୍ୱ.ପ୍ର.)

**ଆଠଗଡ଼ ଏନଏସି**



ଜେଲରୋଡ୍ ରାସ୍ତାରେ ଆବର୍ଜନା ଗଦା ହୋଇରହିଛି।

■ସଫେଇ କରାଯାଉନି, ନୀରବରେ ଏନ୍‌ଏସି ପ୍ରଶାସନ

■ସାଧାରଣରେ ବଢ଼ୁଛି ଅସନ୍ତୋଷ

କରୋନା ଭୂତାଣୁକୁ ନେଇ ଏବେ ସାରା ବିଶ୍ୱରେ ଆତଙ୍କ ସୃଷ୍ଟି ହୋଇଛି। ତେବେ ଏହାର କିପରି ମୁକାବିଲା କରାଯାଇ ପାରିବ ସେ ଦିଗରେ ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି। ଯଥା: ଲୋକଙ୍କୁ ସଚେତନ କରାଯିବା ସହିତ ସ୍ୱଚ୍ଛ ରହିବାକୁ ପରାମର୍ଶ ଦିଆଯାଉଛି। ମାତ୍ର ଆଠଗଡ଼ ଏନ୍‌ଏସି ଅଞ୍ଚଳରେ ଏସବୁର ବ୍ୟତିକ୍ରମ ହେଉଥିବା ଦେଖାଯାଇଛି। ଯାହାର ସଦ୍ୟ ଉଦାହରଣ ହେଉଛି ପରିମଳ ବ୍ୟବସ୍ଥା। ଏନଏସି ଅଞ୍ଚଳର ଜେଲ୍‌ରୋଡ, ଝରଣା ଛକଠାରୁ ରାସରସିକପୁର ଛକ, କନ୍ତୋଲ, ହେମମାଳପୁର ଆଦି ସ୍ଥାନରେ କୁଢକୁଢ ଆବର୍ଜନା ଗଦା ହୋଇ ରହିଛି। ଏତଦ୍‌ବ୍ୟତୀତ ରାସ୍ତାରେ ଲୋକେ ବାଲି, ଗୋଡ଼ି, ପଥର ଆଦି ଗଦାକରି ରାସ୍ତା ଅବରୋଧ କରିଛନ୍ତି। ହେଲେ ଏ ସବୁର ସଫେଇ କରାଯାଉନାହିଁ। ପଞ୍ଚଦୋଳ ଯାତ୍ରା ପୂର୍ବରୁ ରାସ୍ତା ଅବରୋଧ ହଟାଇବା ପାଇଁ ଏନଏସି କର୍ତ୍ତୃପକ୍ଷ ଘୋଷଣା କରିଥିଲେ। ମାତ୍ର ପଞ୍ଚଦୋଳ ସରିଥିଲେ ହେଁ ଅଦ୍ୟାବିଧି ରାସ୍ତା ଅବରୋଧ ହଟିପାରିନାହିଁ। କରୋନାର ମୁକାବିଲା ପାଇଁ ଆଠଗଡ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଏକ ଜରୁରୀ ବୈଠକ ହୋଇଥିଲା। ଏଥିରେ ସମସ୍ତ ଜନସାଧାରଣ ପରିଷ୍କାର ରହିବା ସହିତ ପରିବେଶକୁ ସୁସ୍ଥ ରଖିବା ପାଇଁ ଆଲୋଚନା ହୋଇଥିଲା। ଉପଜିଲାପାଳ ତଥା ଏନଏସି ପ୍ରଶାସନିକ ଅଧିକାରୀ ଅଜାମ୍ବର ମହାନ୍ତି ଏନଏସି ଅଞ୍ଚଳର ପରିମଳ ବ୍ୟବସ୍ଥା ଭୁଶୁଡ଼ି ପଡିଥିବା ପ୍ରକାଶ କରିବା ସହ ନିର୍ବାହୀ ଅଧିକାରୀ ସୁଧାଂଶୁ ଶେଖର ସାଓଙ୍କୁ ତୁରନ୍ତ ଅଞ୍ଚଳରୁ ଅଳିଆ ହଟାଇବା ସହ ପରିମଳ ବ୍ୟବସ୍ଥାକୁ ସୁଧାରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏନଏସି କର୍ତ୍ତୃପକ୍ଷ ଯୁଦ୍ଧକାଳୀନ ଭିତ୍ତିରେ ସମସ୍ତ ୱାର୍ଡକୁ ଆବର୍ଜନା ମୁକ୍ତ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସଂକ୍ରମଣ ଭୟରେ ସମସ୍ତ ୱାର୍ଡର ଅଧିବାସୀ ଆତଙ୍କିତ ରହିଥିବା ବେଳେ ଏନଏସି କର୍ତ୍ତୃପକ୍ଷ ଗୁରୁତ୍ୱପୂର୍ଣ୍ଣ ସ୍ଥାନରୁ ଅଳିଆ ନ ହଟାଇବା ଓ ଡ୍ରେନ ସଫା ନ କରିବାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେଣୁ ତୁରନ୍ତ ଏନ୍‌ଏସି କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଏହାର ସଫେଇ କରିବାକୁ ଦାବି ହୋଇଛି। ଏ ସମ୍ପର୍କରେ ଉପଜିଲାପାଳ ତଥା ଏନଏସି ପ୍ରଶାସନିକ ଅଧିକାରୀ ମହାନ୍ତିଙ୍କୁ ପଚାରିବାରୁ ସେ କହିଛନ୍ତି, ତୁରନ୍ତ ପରିମଳ ବ୍ୟବସ୍ଥାକୁ ସୁଧାରିବା ପାଇଁ ବ୍ୟବସ୍ଥା କରାଯିବ। ତେବେ କାର୍ଯ୍ୟରେ ଅବହେଳା କରିଥିବା କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏବେ ଦେଖିବାକୁ ଅପେକ୍ଷା କେବେ ଏସବୁ କାର୍ଯ୍ୟକାରୀ ହେଉଛି।



କରୋନା ସମ୍ପର୍କରେ ସଚେତନ କରାଯାଉଛି।

## ବାଲିସାହିରେ କରୋନା ସଚେତନତା ଶିବିର

ସାଲେପୁର,୧୮।୩(ଡି.ଏନ.ଏ.)

ସାଲେପୁର ବ୍ଲକ ଅଧୀନ ବାଲିସାହି ପଞ୍ଚାୟତ ପକ୍ଷରୁ ପଞ୍ଚାୟତସ୍ତରୀୟ କରୋନା ସଚେତନତା ଶିବିର ପଞ୍ଚାୟତ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ ସରସ୍ୱତୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ପଞ୍ଚାୟତ ନିର୍ବାହୀ ଅଧିକାରୀ କ୍ଷୀରୋଦ ଚନ୍ଦ୍ର ବାରିକ ଓ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମହିଳାସ୍ୱାସ୍ଥ୍ୟ କର୍ମୀ ଅନସୂୟା ବାରିକ, ବାଲିସାହି ସମିତିସଭ୍ୟ ବିଭୂତି ଭୂଷଣ ନାଏକ ଯୋଗଦେଇ ସଚେତନତା ହିଁ କରୋନା ଭୂତାଣକୁ ରୋକିପାରିବ ବୋଲି ପ୍ରକାଶ କରିଥିଲେ। ସାବୁନ୍‌ରେ ହାତ ଧୋଇବା, ଜନଗହଳି ପୂର୍ଣ୍ଣ ସ୍ଥାନରୁ ଦୂରରେ ରହିବା, ଥଣ୍ଡା କାଶ ହେଲେ ଡାକ୍ତରଙ୍କ ପରାମର୍ଶନେବା, ସର୍ବସାଧାରଣ ସ୍ଥାନରେ ଛେପ ଓ ଖଙ୍କାର ନ ପକାଇବା ସମ୍ପର୍କରେ ସଚେତନ କରାଯାଇଥିଲା। ଅଙ୍ଗନୱାଡି କର୍ମୀ ବିଦ୍ୟୁଲତା ଦେଈ, ସଞ୍ଜୁବାଳା ଦୀକ୍ଷିତ, ବିଷୟା ପ୍ରଧାନ, କୁନିଲତା ସାହୁ, ପ୍ରେମଲତା ପରିଡ଼ା, ପଞ୍ଚାପରମିତା ନାୟକ, କବିତା ସେନାପତି, ସୁଚିତ୍ରା ମଲିକ ଓ ଏହି ପଞ୍ଚାୟତର ସମସ୍ତ ଆଶାକର୍ମୀ ଓ ୱାର୍ଡ ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଶେଷରେ ହାତଧୁଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ୪୨୧ ବସ୍ତା ଧାନ ଜବତ

ଆଠଗଡ଼,୧୮।୩(ସ୍ୱ.ପ୍ର.)

ଆଠଗଡ଼ ଥାନା ଅଧୀନ ବେଣ୍ଟପଦା ଗ୍ରାମର ମାୟାଧର ସାହୁଙ୍କ ଗୋଦାମରେ ବେଆଇନଭାବେ ଗଚ୍ଛିତ ଥିବା ୪୨୧ ବସ୍ତା ଧାନ ଜବତ କରାଯାଇଛି। କଟକ ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ର ଏବଂ ଆଠଗଡ ଉପଜିଲାପାଳ ଅଜାମ୍ବର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ସହକାରୀ ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ ଓ ଅନ୍ୟ ଅଧିକାରୀ ସାହୁଙ୍କ ଗୋଦାମରେ ବୁଧବାର ସନ୍ଧ୍ୟାରେ ଚଢାଉକରି ଗଚ୍ଛିତ ଧାନ ଜବତ କରିଥିଲେ। ୪୨୧ ବସ୍ତାରେ ଥିବା ଧାନର ପରିମାଣ ୧୭୫.୭୨ କୁଇଣ୍ଟାଲ ହେବ ବୋଲି ଜଣାପଡ଼ିଛି। ଆଠଗଡ ଅଞ୍ଚଳରେ ପ୍ରକୃତ ଚାଷୀ ଧାନ ବିକ୍ରୟ କରିସାରିଥିବା ବେଳେ କେତେଜଣ ବ୍ୟବସାୟୀ ଅନ୍ୟଚାଷୀଙ୍କଠାରୁ ଧାନକ୍ରୟ କରି ବେଆଇନଭାବେ ଗଚ୍ଛିତ ରଖିବା ସହ ମଣ୍ଡିରେ ବିକ୍ରୟ କରିବାର ଉଦ୍ୟମ କରୁଥିଲେ। ସୂଚନା ପାଇ ଜିଲା ଯୋଗାଣ ଅଧିକାରୀ ଓ ଉପଜିଲାପାଳ ଚଢାଉ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ମହାନ୍ତିଙ୍କ ଦ୍ୱାରା ନିଯୁକ୍ତ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାଓଙ୍କ ଉପସ୍ଥିତିରେ ସହକାରୀ ଯୋଗାଣ ଅଧିକାରୀ ଦାସ, ଆଠଗଡ ଯୋଗାଣ ନିରୀକ୍ଷକ ସୌମେନ୍ଦ୍ର ମହାନ୍ତି ଓ ଟିଗିରିଆ ଯୋଗାଣ ନିରୀକ୍ଷକ ଦୁର୍ଗାପ୍ରସାଦ ପଟ୍ଟନାୟକ ଚଢାଉକରି ଧାନ ଜବତ କରିଥିଲେ। ଧାନ ରଖିଥିବାରୁ ସାହୁଙ୍କ ନାମରେ ଏତଲା ଦିଆଯିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ମହାନ୍ତି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସାହୁଙ୍କ ପ୍ରତିକ୍ରିୟା ମିଳି ପାରିନାହିଁ।


ଯୋଗାଣ ବିଭାଗ ଅଧିକାରୀମାନେ ଧାନ ଜବତ କରୁଛନ୍ତି।

## କରୋନା ସଚେତନତା ପ୍ରଚାରପତ୍ର ବଣ୍ଟନ

ବାଙ୍କୀ,୧୮।୩(ସ୍ୱ.ପ୍ର.)

ଡମପଡ଼ା ବ୍ଲକ ସମନ୍ୱିତ ଶିଶୁ ବିକାଶ ବିଭାଗ ପକ୍ଷରୁ ବୁଧବାର ୧୭୦ ଅଙ୍ଗନୱାଡି କେନ୍ଦ୍ର ଓ ୧୫୦୦ ସ୍ୱୟଂ ସହାୟକ ଗୋଷ୍ଠୀକୁ କରୋନା ସଚେତନତା ପ୍ରଚାରପତ୍ର ସମନ୍ୱିତ ଶିଶୁ ଅଧିକାରୀ ନର୍ମଳା ପଣ୍ଡାଙ୍କ ତତ୍ତ୍ୱାବଧାନରେ ବଣ୍ଟନ କରାଯାଇଛି। ଏମାନେ ନିଜ ଅଞ୍ଚଳରେ ପ୍ରତ୍ୟେକ ଘର ବୁଲି ଉକ୍ତ ପ୍ରଚାରପତ୍ର ବାଣ୍ଟିବା ସହ ଏ ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଇବେ। ଏହାସହିତ ଡମପଡ଼ା ବ୍ଲକର ବିଭିନ୍ନ ଗ୍ରାମରେ କରୋନା ପାଇଁ ସଚେତନମୂଳକ କାର୍ଯ୍ୟକ୍ରମ ଯଥା: ହାତଧୁଆ, ମାସ୍କ ପରିଧାନ, ସ୍ୱଚ୍ଛତା ରକ୍ଷା କରିବା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଉଛି। ଏହାକୁ ମାନିଲେ କରୋନା ହାରିବ ବୋଲି ପଣ୍ଡା ମତବ୍ୟକ୍ତ କରିଛନ୍ତି। ବୁଧବାର ଦୁର୍ଗାପୁର ପଞ୍ଚାୟତ ଶବର ସାହିରେ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ମହିଳା ପରିଦର୍ଶିକା ଜ୍ୟୋତିର୍ମୟୀ ପ୍ରଧାନ, ଫୁଲରାଣୀ ବେହେରା, ଆରତୀ ସାମଲ, ବନଲତା ମହାନ୍ତି, ଛିତା ହେମ୍ବ୍ରମ୍, ମିଶନ ଶକ୍ତିର ହରପ୍ରିୟା ସାହୁ ପ୍ରମୁଖ ଯୋଗଦେଇ ସେମାନଙ୍କ ସେକ୍ଟରରେ ଏହି କାର୍ଯ୍ୟ କିପରି ସଫଳତାର ସହ ସମ୍ପନ୍ନ ହେବ ସେ ସମ୍ପର୍କରେ ଅବଗତ କରାଇଥିଲେ।

## କରୋନା ସଚେତନତା ପାଇଁ ଗଡ଼ିଲା ରଥ



ନିଶ୍ଚିନ୍ତକୋଇଲି ବ୍ଲକ କାର୍ଯ୍ୟାଳୟରେ ସଚେତନତା ରଥକୁ ଅତିଥି ଶୁଭାରମ୍ଭ କରୁଛନ୍ତି।

ନିଶ୍ଚିନ୍ତକୋଇଲି,୧୮।୩(ସ୍ୱ.ପ୍ର.)

କରୋନା ଭୂତାଣୁକୁ ନେଇ ସରକାର ଆଡଭାଇଜରି ଜାରି କରିବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ବୁଧବାର ନିଶ୍ଚିନ୍ତକୋଇଲି ବ୍ଲକ ସମ୍ମିଳନୀ କକ୍ଷରେ ଏନେଇ ସଚେତନତା କର୍ମଶାଳା କରାଯାଇ ବ୍ଲକର ସବୁ ପ୍ରାନ୍ତରେ ସଚେତନ କରାଇବା ପାଇଁ ଲୋକପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଏକ ସଚେତନତା ରଥର ଶୁଭାରମ୍ଭ କରାଯାଇଛି। ଏହି ରଥ ବ୍ଲକ ଅଞ୍ଚଳ ବୁଲି ଜନ ସଚେତନତା କରିବ। ରଥକୁ ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ଅଶୋକ ଓଝା ଓ ବିଡିଓ କର୍ଣ୍ଣଦେବ ସମାଦ୍ଦାର ଉଦ୍‌ଘାଟନ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ନାୟକ, ସହକାରୀ ଯନ୍ତ୍ରୀ ପ୍ରଫୁଲ୍ଲ ସାହୁ, ଉପାଧ୍ୟକ୍ଷାଙ୍କ ପ୍ରତିନିଧି ରମାକାନ୍ତ ମହାନ୍ତି, ଜ୍ୟୋତିପ୍ରକାଶ ସ୍ୱାଇଁ ଓ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗୁରୁବାର ପ୍ରତି ପଞ୍ଚାୟତରେ କରୋନାକୁ ନେଇ ବୈଠକ ହେବ। ୨୦ରେ ବ୍ଲକ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ବୈଠକ ହେବ ବୋଲି ନିଷ୍ପତ୍ତି ହୋଇଛି।

## ଫାଇନାଲ୍‌ରେ କେରଙ୍ଗ ଅହମ୍ମଦିୟା କ୍ଲବ୍

ଟିଗିରିଆ,୧୮।୩(ଡି.ଏନ.ଏ.)

**ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟ**

ଟିଗିରିଆ ବ୍ଲକ ଅଧୀନ ଜମାତ ଅହମ୍ମଦିୟା କରଡ଼ାପଲ୍ଲୀ ଖେଳପଡ଼ିଆରେ ଯୁବ ଅହମ୍ମଦିୟା କରଡ଼ାପଲ୍ଲୀ ଦ୍ୱାରା ଆୟୋଜିତ ୫ମ ରାଜ୍ୟସ୍ତରୀୟ ଫୁଟବଲ୍ ଟୁର୍ନାମେଣ୍ଟର ବୁଧବାର ୨ୟ ସେମି ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଛି। ଏଥିରେ ଚୌଦ୍ୱାର ୟୁଥ୍ ଆସୋସିଏଶନକୁ ୫-୪ ଗୋଲରେ ପରାସ୍ତ କରି ଅହମ୍ମଦିୟା କ୍ଲବ କେରଙ୍ଗ ୨ୟ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ମ୍ୟାଚ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସଂଘର୍ଷ ପୂର୍ଣ୍ଣ ରହିଥିଲେ ମଧ୍ୟ କୌଣସି ଦଳ ଗୋଲ ସ୍କୋର କରିବାକୁ ସକ୍ଷମ ହୋଇ ନ ଥିଲେ। ଟାଇବ୍ରେକର ମାଧ୍ୟମରେ ଅହମ୍ମଦିୟା କ୍ଲବ୍ କେରଙ୍ଗ (ଖୋର୍ଦ୍ଧା) ୫-୪ ଗୋଲରେ ୟୁଥ୍ ଆସୋସିଏଶନ ଚୌଦ୍ୱାରକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲା। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପୋଲିସ ଅଫିସର ଲିଆଜନ ଖାଁ, ସମ୍ମାନିତ ଅତିଥି ଖବରଦାତା ପନିଆ ଖାଁ, କରଡ଼ାପଲ୍ଲୀ ଗ୍ରାମ୍ୟ କମିଟି ପୂର୍ବତନ ସଭାପତି ରସିଲ ଅହମ୍ମଦ, ଜମାତ ଅହମ୍ମଦିଆ ପୂର୍ବ ଭାରତର ପୂର୍ବତନ ସଭାପତି ଅମିରଉଦିନ ଖାଁ ପ୍ରମୁଖ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ଶଫିକୁଲ ଖାଁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସଞ୍ଜୀବ ଦାସ ଓ ରଜାକ ଖାଁ ସହାୟତା କରିଥିଲେ। ୪ର୍ଥ ରେଫରି ସେକ ଅନିଲ ଦାୟିତ୍ୱ ନିର୍ବାହ କରିଥିଲେ। ଶୁକ୍ରବାର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ୟୁଥ୍ କ୍ଲବ କରଡ଼ାପଲ୍ଲୀ ସହିତ ଅହମ୍ମଦିଆ କ୍ଲବ କେରଙ୍ଗ ଖୋର୍ଦ୍ଧା ମଧ୍ୟରେ ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ପକ୍ଷରୁ କୁହାଯାଇଛି।

## ଶ୍ରୀଲଙ୍କା, କର୍ଣାଟକ ଫେରନ୍ତାଙ୍କୁ ନେଇ ଭୟରେ ଗ୍ରାମବାସୀ

ସାଲେପୁର,୧୮।୩(ଡି.ଏନ.ଏ.)

ବିଶ୍ୱରେ କରୋନା ଭୂତାଣୁକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ରାଜ୍ୟ ସରକାର ଦେଶ ଓ ରାଜ୍ୟ ବାହାରୁ ଆସୁଥିବା ବ୍ୟକ୍ତିବିଶେଷଙ୍କୁ ନାମ ପଞ୍ଜୀକରଣ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସାଲେପୁର ବ୍ଲକ ଅଞ୍ଚଳର ୨ ବ୍ୟକ୍ତି ଜଣେ ଶ୍ରୀଲଙ୍କା ଓ ଆଉ ଜଣେ କର୍ଣାଟକରୁ ୨ଦିନ ହେବ ଫେରିଛନ୍ତି। ହେଲେ ପ୍ରଶାସନ ପକ୍ଷରୁ ଏମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇନାହିଁ। ଏହାକୁ ନେଇ ସମ୍ପୃକ୍ତ ବ୍ୟକ୍ତିଙ୍କ ଗ୍ରାମବାସୀ ଆତଙ୍କିତ ହୋଇ ପଡ଼ିଛନ୍ତି। ୨ ବ୍ୟକ୍ତିଙ୍କ ସମ୍ପର୍କରେ ସମ୍ପୃକ୍ତ ଅଞ୍ଚଳର ସରପଞ୍ଚ ବ୍ଲକ ପ୍ରଶାସନଠାରୁ ଆରମ୍ଭ କରି ପୋଲିସକୁ ଅବଗତ କରାଇଥିଲେ ମଧ୍ୟ କେହି ଦୃଷ୍ଟି ଦେଉନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏସମ୍ପର୍କରେ ସାଲେପୁର ମଣ୍ଡଳ ଉନ୍ନୟନ ଅଧିକାରୀ ଦେବରାଜ ସେଠୀଙ୍କୁ ପଚାରିବାରୁ କର୍ଣାଟକରୁ ଫେରିଥିବା ଯୁବକଙ୍କ ନାମ ପଞ୍ଜୀକରଣ କରାଯିବା ସହ ତାଙ୍କୁ କାହା ସହିତ ନ ମିଶିବା ପାଇଁ କୁହାଯାଇଛି। ଶ୍ରୀଲଙ୍କାରୁ ଆସିଥିବା ବ୍ୟକ୍ତିଙ୍କୁ ସ୍ୱାସ୍ଥ୍ୟପରୀକ୍ଷା କରିବା ପାଇଁ କୁହାଯାଇଥିଲେ ମଧ୍ୟ ସେ ଏହା କରୁନାହାନ୍ତି। ଗୁରୁବାର ପୋଲିସ ସହାୟତାରେ ତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ ବୋଲି ସେଠୀ ପ୍ରକାଶ କରିଛନ୍ତି।

## ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ

ନିଶ୍ଚିନ୍ତକୋଇଲି,୧୮।୩(ସ୍ୱ.ପ୍ର.)

ନିଶ୍ଚିନ୍ତକୋଇଲି ବ୍ଲକ ତଥା ସାଲେପୁର ଥାନା ଅଧୀନ କେନ୍ଦୁପଟଣା ପଞ୍ଚାୟତ ନଟରା ଗ୍ରାମର ଜଣେ ନବବଧୂଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ନବବଧୂ ଜଣକ ଗ୍ରାମର ସନ୍ତୋଷ ସାହୁଙ୍କ ସ୍ତ୍ରୀ ମାଧୁରୀ ସାହୁ(୨୮)। ସେ ୧ ବର୍ଷ ତଳେ ବିବାହ କରିଥିଲେ। ଅନ୍ୟପକ୍ଷରେ ପାରିବାରିକ କଳହକୁ ନେଇ ମାଧୁରୀ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୂଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ମାଧୁରୀଙ୍କ ବାପଘର ଢେଙ୍କାନାଳ ଜିଲା ହିନ୍ଦୋଳ ଅଞ୍ଚଳରେ ବୋଲି ଜଣାପଡ଼ିଛି। ବାପଘର ଲୋକ ଆସିବା ପରେ ଗୁରୁବାର ମୃତଦେହ ଜବତ କରାଯାଇ ବେବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଯିବ ବୋଲି ପୋଲିସ କହିଛି।

## ନଦୀବନ୍ଧ ରାସ୍ତା ମରାମତି ଆରମ୍ଭ

ରଘୁନାଥପୁର, ୧୮।୩ (ଡି.ଏନ୍.ଏ.)

୪ ଜିଲାକୁ ସଂଯୋଗ କରୁଥିବା ନଦୀବନ୍ଧ ରାସ୍ତା ମରାମତି କାର୍ଯ୍ୟ ଦୀର୍ଘଦିନ ପରେ ଆରମ୍ଭ ହେବା ନେଇ ଦ୍ୱୀପାଞ୍ଚଳବାସୀ ଖୁସିବ୍ୟକ୍ତ କରିଛନ୍ତି। ଉକ୍ତ ରାସ୍ତା ମରାମତି ପାଇଁ ୪ ବ୍ଲକର ଲୋକେ ତାରପୁର ବାଇପାସ୍‌ଠାରେ ରାସ୍ତାରୋକୋ କରିଥିଲେ। ମହାନଦୀ ଜଳସମ୍ପଦ ବିଭାଗ ଅଧୀନରେ ଥିବା କିଶନନଗର ତହସିଲ ଅଧୀନ ମାହାଳ ହାଟଠାରୁ ସାନନୟନପୁର ପର୍ଯ୍ୟନ୍ତ ରାସ୍ତା ମରାମତି ଲାଗି ୪୩ ଲକ୍ଷ ଅନୁଦାନ ଯୋଗାଯାଇଛି। ଓଟିକଣ୍ଟା ଜେଇ ମହେନ୍ଦ୍ର ସାହୁ ଓ ଦାୟିତ୍ୱରେ ଥିବା ଏସ୍‌ଡିଓ ମନୋଜ ବେହେରାଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ଆରମ୍ଭ ହୋଇଛି। ରାସ୍ତା ମରାମତି ସମୟରେ ମେଟାଲିଂ ଓ ରୋଲିଂ ପାଇଁ ଏସ୍‌ଡିଓ ବେହେରା ଉପସ୍ଥିତ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଦାବି ପୂରଣ ହୋଇଥିବାରୁ ଉତ୍ତରକୂଳ ସରପଞ୍ଚ ଦିଲ୍ଲୀପ ବିଶ୍ୱାଳ, ସମିତିସଭ୍ୟା ରୁବି ରାଉତ ଓ ବିଷନପୁର ସରପଞ୍ଚ ବସନ୍ତ ମହାପାତ୍ର ଖୁସିବ୍ୟକ୍ତ କରିଛନ୍ତି।

# ଫସଲ ଉଜାଡ଼ିଦେଲା କାଳବୈଶାଖୀ

ନିଶ୍ଚିନ୍ତକୋଇଲି,୧୮।୩(ସ୍ୱ.ପ୍ର.):

**ନିଶ୍ଚିନ୍ତକୋଇଲି ବ୍ଲକ**


କାଳବୈଶାଖୀରେ ଉଜୁଡ଼ିଯାଇଥିବା ଫସଲ।

■କ୍ଷତିପୂରଣ ପାଇଁ ବିଡିଓ, ତହସିଲଦାରଙ୍କୁ ଦାବିପତ୍ର

■ଆବଶ୍ୟକ ପଡ଼ିଲେ କ୍ଷୟକ୍ଷତି ଆକଳନ ହେବ: ତହସିଲଦାର

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଗତ ସୋମବାର ଓ ମଙ୍ଗଳବାର ୨ଦିନ ଧରି କାଳବୈଶାଖୀ ହୋଇଥିଲା। ଏଥିଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିବାବେଳେ ଅନେକ ପରିବା ଫସଲ ଉଜୁଡିଯାଇଥିଲା। ତେଣୁ ଏହି କାଳବୈଶାଖୀ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଚାଷୀ ବୁଧବାର ନିଶ୍ଚିନ୍ତକୋଇଲି ତହସିଲଦାର ଓ ବିଡିଓଙ୍କୁ ଭେଟି କ୍ଷତିପୂରଣ ପ୍ରଦାନ ପାଇଁ ଦାବି କରିଛନ୍ତି।

କାଳବୈଶାଖୀ ଯୋଗୁ ବ୍ଲକର କଟରପଡ଼ା ଓ କେଣ୍ଟାଳ ଅଞ୍ଚଳର ବହୁ ପରିବା ଚାଷୀ କ୍ଷତିଗ୍ରସ୍ତ ହୋଇଛନ୍ତି। ଚାଷୀ ମୁଖ୍ୟତଃ କଖାରୁ, ବିଲାତି ବାଇଗଣ, କାକୁଡି, ଲଙ୍କା, ବାଇଗଣ ଓ କୋବି ଚାଷ କରି ଗୁଜୁରାଣ ମେଣ୍ଟାଇଥାନ୍ତି। କୁଆପଥର ମାଡ଼ରେ ଏସବୁ ଫସଲ ଉଜୁଡ଼ିଯାଇଛି। ମଙ୍ଗଳବାର ଚାଷୀ ଉଜୁଡା କ୍ଷେତକୁ ଉଦ୍ଧାର କରିବା ପାଇଁ ପ୍ରୟାସ କରିଥିଲେ ହେଁ ପୁନର୍ବାର ଅପରାହ୍ନରେ ବର୍ଷା ହେବାରୁ ସମଗ୍ର ପରିବା ଚାଷକୁ ଅଧିକ ପ୍ରଭାବିତ କରିଥିଲା। କେବଳ ପରିବା ଚାଷୀ ନୁହଁନ୍ତି ମୁଗ ଚାଷୀ ମଧ୍ୟ ପ୍ରଭାବିତ ହୋଇଛନ୍ତି। ଫୁଲଫଳ ଧରୁଥିବା ମୁଗ ନଷ୍ଟ ହୋଇଯାଇଥିବା ବେଳେ ବିଭିନ୍ନ ସ୍ଥାନରେ ମୁଗ ବିରି ଗଛରେ ଜଉପୋକ ଲାଗିଥିବା ଦେଖିବାକୁ ମିଳିଛି। ଅଦିନିଆଁ କୁଆପଥର ବର୍ଷା ଚାଷ କାର୍ଯ୍ୟକୁ ପ୍ରଭାବିତ କରିଛି। ସେହିପରି କାଳବୈଶାଖୀ ପ୍ରଭାବରେ ବିଷ୍ଣୁପୁର ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ନଷ୍ଟ ହୋଇଯାଇଛି। ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟଟି ପୁରୁଣା ଆଜେବେଷ୍ଟସ ଘର ହୋଇଥିବାରୁ କୁଆପଥର ମାଡରେ ବହୁ ମୂଲ୍ୟବାନ ଦସ୍ତାବିଜ ଓଦା ହୋଇଯାଇଥିବା ଜଣାଯାଇଛି। କଟରପଡା ପଞ୍ଚାୟତରେ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କୁ କ୍ଷତିପୂରଣ ଦେବା ପାଇଁ ସରପଞ୍ଚ ଇତିବାଳା ନାୟକ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଇଛନ୍ତି। ଚାଷୀ ଅଜୟ ନାୟକ, କୈଳାସ ସ୍ୱାଇଁ, ବିରଞ୍ଚି ନାରାୟଣ ନାୟକ, ସୁଧାଂଶୁ ନାୟକ ପ୍ରମୁଖ ବିଡିଓ ଓ ତହସିଲଦାରଙ୍କୁ ଭେଟି ପରିବା ଫସଲ ଓ ମୁଗ ଫସଲ କ୍ଷତିଗ୍ରସ୍ତ ହୋଇଥିବା ଅବଗତ କରାଇଥିଲେ। ତୁରନ୍ତ ବିଭାଗୀୟ କର୍ତ୍ତୃପକ୍ଷ ତଦନ୍ତ କରି କ୍ଷୟକ୍ଷତି ଆକଳନ କରିବା ସହ କ୍ଷତିପୂରଣ ଯୋଗାଇ ଦେବାକୁ ଏମାନେ ଦାବି ରଖିଛନ୍ତି। ଏ ସମ୍ପର୍କରେ ଚାଷୀ ଅଜୟ ନାୟକ କୁହନ୍ତି, ସରକାରୀ ପ୍ରୋତ୍ସାହନ ଯୋଗୁ କଟରପଡା ଅଞ୍ଚଳର ବହୁ ଚାଷୀ ପରିବା ଚାଷ କରିଥାନ୍ତି। ତେବେ ଜଳବାୟୁ ପରିବର୍ତ୍ତନ ସାଙ୍ଗକୁ ଏଭଳି ଦୈବୀ ଦୁର୍ବିପାକ ଚାଷୀଙ୍କ ଆର୍ଥିକ ମାନଦଣ୍ଡକୁ ପ୍ରଭାବିତ କରିଛି। ତେଣୁ ସରକାର ତୁରନ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ପ୍ରଦାନ କରନ୍ତୁ। ଏ ସମ୍ପର୍କରେ ତହସିଲଦାର ଜିତେନ୍ଦ୍ର ପାତ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ଚାଷୀ ଓ ପଞ୍ଚାୟତ ସରପଞ୍ଚ ଦେଇଥିବା ଅଭିଯୋଗ ଗ୍ରହଣ କରିଛୁ। ଉଦ୍ୟାନ ବିଭାଗ ଓ କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତି ଆକଳନ କରିବାର ବ୍ୟବସ୍ଥା ରହିଛି। ଆବଶ୍ୟକ ପଡିଲେ କ୍ଷୟକ୍ଷତି ଆକଳନ କରାଯାଇ କ୍ଷତିପୂରଣ ଦିଆଯିବ।

# କଷ୍ଟ ଦେଉଛି ସାତଦିନିଆ କଣ୍ଟ

**କଟକ ଅଫିସ,୧୮।୩**



ଅସ୍ଥାୟୀ ଶିବିର।

ବିଶ୍ୱସ୍ତରୀୟ ହେବ ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲ। ଏହି ପରିପ୍ରେକ୍ଷୀରେ ତାଳଦଣ୍ଡା କେନାଲ ପାର୍ଶ୍ୱକୁ ୬ଥାକିଆ ରାସ୍ତାରେ ପରିଣତ କରାଯିବ। ଏଥିଲାଗି କେନାଲ ପାର୍ଶ୍ୱ ଓ ଏହାର ଆଖପାଖ ବସ୍ତିକୁ ପର୍ଯ୍ୟାୟକ୍ରମେ ଉଚ୍ଛେଦ କରାଯାଉଛି। ପରେ ଏହି ବସ୍ତିବାସିନ୍ଦାଙ୍କୁ ନିମପୁରସ୍ଥିତ ମହାନଦୀ କୂଳକୁ ସ୍ଥାନାନ୍ତର କରାଯାଉଛି। ହେଲେ ସ୍ଥାନାନ୍ତର ପରେ ଏହି ଲୋକମାନେ ଭୋଗୁଛନ୍ତି ନାନାଦି ଯନ୍ତ୍ରଣା। ଜରିପାଲ ଭିତରେ ଜୀବନ, ନଦୀ ଶଯ୍ୟାରେ ବିଷାକ୍ତ ସରୀସୃପଙ୍କ ଭୟ। ଏହାଛଡ଼ା ଜିଲା ପ୍ରଶାସନ ଧାର୍ଯ୍ୟ କରିଥିବା ଏକ ନିର୍ଦ୍ଦିଷ୍ଟ କଣ୍ଟ (ସମୟ ସୀମା) ଏମାନଙ୍କ କଷ୍ଟକୁ ବହୁଗୁଣିତ କରୁଛି।

ଜିଲା ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ରହିଛି ଯେ, ସ୍ଥାନାନ୍ତର ହୋଇ ଅସ୍ଥାୟୀ ଭାବେ ଜରିପାଲ ଭିତରେ ରହିଥିବା ପରିବାର ୭ଦିନ ଭିତରେ ଘର ତିଆରି କରିବେ। ଏମାନଙ୍କୁ ୧୫ ଫୁଟ ଦୈର୍ଘ୍ୟ ଓ ୧୫ ଫୁଟ ପ୍ରସ୍ଥର ଜମି ଦିଆଯାଇଛି। ଅନ୍ୟ ଏକ ବସ୍ତିର ପରିବାର ସ୍ଥାନାନ୍ତର ହୋଇ ଏଠାକୁ ଆସିବା ପୂର୍ବରୁ ରହୁଥିବା ପରିବାରଟି ଅସ୍ଥାୟୀ ଶିବିର ଛାଡ଼ିବ। ୫୦ହଜାର ଟଙ୍କାର ସରକାରୀ ସହାୟତା ଓ ସେମାନଙ୍କୁ ପ୍ରଦତ୍ତ ଜମିରେ ୭ଦିନ ଭିତରେ ଘର ତିଆରି କରିବାକୁ ବାଧ। ହେଲେ ପ୍ରଥମ ପର୍ଯ୍ୟାୟରେ ଉଚ୍ଛେଦ ହୋଇ ଏଠାକୁ ଆସିଥିବା ଲୋକେ ଶିବିର ଛାଡ଼ି ଦୟନୀୟ ଅବସ୍ଥାରେ ରହୁଥିବା ଦେଖିବାକୁ ମିଳୁଛି। ସେମାନେ ଛୋଟଛୋଟ ପିଲାଙ୍କୁ ନେଇ ନଦୀ କୂଳରେ ଅସ୍ୱାସ୍ଥ୍ୟକର ଓ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ଏମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଦିନକୁ ୩ଥର ରନ୍ଧାଖାଦ୍ୟ ଯୋଗାଇ ଦିଆଯାଉଛି। ୨ଟି ୱାଟର ଟ୍ୟାଙ୍କ ବ୍ୟବସ୍ଥା ଥିବାବେଳେ ମାତ୍ର ୨ଟି ମୋବାଇଲ ଟଏଲେଟ୍ ରହିଛି। ତେବେ ମିସ୍ତ୍ରି ମିଳୁ ନ ଥିବାରୁ ଏମାନଙ୍କ ପାଇଁ ୭ଦିନରେ ଘର ଖଣ୍ଡେ ତିଆରି କରି ରହିବା କଷ୍ଟକର ହୋଇଛି। ତେଣୁ ସରକାରୀ ଅଫିସରଙ୍କ ଡରରେ ଅସ୍ଥାୟୀ ଶିବିର ଛାଡ଼ି ନଦୀ କୂଳରେ ରହୁଛନ୍ତି। ଏପରି କି ୭ଦିନ ପରେ ଜିଲା ପ୍ରଶାସନ ମଧ୍ୟ ଖାଇବାକୁ ଦେଉନାହିଁ। ଏବେ ସୁଦ୍ଧା ଏଠାରେ ୩୫୦ରୁ ଊର୍ଦ୍ଧ୍ୱ ପରିବାର ସ୍ଥାନାନ୍ତର ହୋଇ ଏଠାକୁ ଆସିଲେଣି। ହେଲେ ହାତଗଣତି କେତୋଟି ଘର ଏ ପର୍ଯ୍ୟନ୍ତ ନିର୍ମାଣ ହୋଇଛି। ଜିଲା ପ୍ରଶାସନ ପକ୍ଷରୁ ଏମାନଙ୍କ ନିମନ୍ତେ ସେଭଳି କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉନି ବୋଲି ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଜୟମଙ୍ଗଳା ବସ୍ତି, ପ୍ରେମନଗର ବସ୍ତି, ଯୋବ୍ରା ଅଞ୍ଚଳର କିଛି ବସ୍ତି ଓ ମେଡିକାଲ ସୁଇପର କଲୋନୀ ନିକଟ କିଛି ବାସିନ୍ଦା ଏବେ ଏଠାରେ ରହୁଛନ୍ତି। ଜିଲା ପ୍ରଶାସନ ଏବଂ ସିଏମ୍‌ସି ପକ୍ଷରୁ ମିଳିତ ଭାବେ ହେଉଥିବା ଉଚ୍ଛେଦ ପ୍ରକ୍ରିୟାରେ ବୁଧବାର ତାଳଦଣ୍ଡା କେନାଲ ଅଞ୍ଚଳରୁ ୪୫ଟି ପରିବାର ଉଚ୍ଛେଦ ହୋଇଛନ୍ତି।

ଏ ସମ୍ପର୍କରେ କେନ୍ଦ୍ରାଞ୍ଚଳ ରାଜସ୍ୱ ଆୟୁକ୍ତ ଅନିଲ କୁମାର ସାମଲ କହିଛନ୍ତି, ୭ ଦିନ ନିୟମ ଥିଲେ ମଧ୍ୟ ୮ଦିନ ପର୍ଯ୍ୟନ୍ତ ଶିବିରରେ ରହିବାକୁ ଦିଆଯାଉଛି। ଏହା ଭିତରେ ସେମାନେ ଘର କରିବା ଉଚିତ। ଘର କାହିଁକି କରୁନାହାନ୍ତି ସେ ସମ୍ପର୍କରେ ଖବର ନାହିଁ।

## କରୋନା ପାଇଁ ସଚେତନ ନାହାନ୍ତି

ଛୁଇଁଲେ ବ୍ୟାପୁଛି କରୋନା ଭାଇରସ। ହେଲେ ଶିବିର ଓ ନଦୀଶଯ୍ୟାରେ ୩୫୦ରୁ ଊର୍ଦ୍ଧ୍ୱ ପରିବାର ଏକାଠି ରହୁଛନ୍ତି। ତାହା ପୁଣି ଅସ୍ୱାସ୍ଥ୍ୟକର ପରିବେଶରେ। ମୁଣ୍ଡ ଗୁଞ୍ଜିବା ପାଇଁ ଘର ଖଣ୍ଡେ ତିଆରି କରିବା ଭିତରେ ଏମାନେ କରୋନା ଭାଇରସର ଭୟାବହତା ଖବରଠାରୁ ବହୁ ଦୂରରେ। ଏ ସମ୍ପର୍କରେ ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ପଚାରିବାରୁ କହିଥିଲେ, ସେଠାରେ ଏକ ଡାକ୍ତରୀ ଦଳ ନିୟୋଜିତ କରାଯାଇଛି। କାହାର ସ୍ୱାସ୍ଥ୍ୟାବସ୍ଥା ଖରାପ ହେଲା ମାତ୍ରେ ସେମାନଙ୍କୁ ଚିକିତ୍ସା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ସେମାନେ କହନ୍ତି


ସରକାର ତରବରିଆ ଭାବେ ଏ ଯେଉଁ ନିଷ୍ପତ୍ତି ନେଇଛନ୍ତି ସେଥିରେ ଶହଶହ ପରିବାର ବଳି ପଡ଼ିଛନ୍ତି। ଏଠାରେ ଲୋକଙ୍କ ଦୁଃଖ ବଢ଼ିଗଲାଣି। ହେଲେ କେହି ଶୁଣିବାକୁ ନାହାନ୍ତି। ଭୋକ ଉପାସରେ ମଧ୍ୟ କିଛି ଲୋକ ରହୁଛନ୍ତି। **– ପଞ୍ଚୁ ନାୟକ**


୪ ପିଢ଼ିର ଜମିରୁ କାଢ଼ି ଦେଲେ। ଆମେ ସେଠାରେ ଖଜଣା ଦେଉଥିଲୁ। ସରକାର ଘର ଦେବେ ବୋଲି ଭାବି ଏଠାକୁ ଚାଲି ଆସିଲୁ। ହେଲେ ଏଠାରେ ଶୋଇବା ପାଇଁ ବି କଷ୍ଟ ହେଉଛି। **– ଗୁଲାନି ଦେଈ**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସର, ବରଗଛ ମୂଳେ ଘର;**
**ଯେ ନା ସେ ପଶିବ,**
**କାହାକୁ କରିବ ପର।**

ବରଗଛ ମୂଳେ ସମସ୍ତେ ବିଶ୍ରାମ କରିବାକୁ ଆସନ୍ତି। ସେଠି ଘର ଖଣ୍ଡେ ଥିଲେ ସେଠିକି ବିଶ୍ରାମ ନେବାକୁ, ବସାଉଠା କରିବାକୁ ପାଣି ଟୋପାଏ ପିଇବାକୁ ଅନେକ ବାଟୋଇ ପହଞ୍ଚିଯାଇଥାନ୍ତି। ବିବେକ ଦୃଷ୍ଟିରୁ ତାଙ୍କୁ ମନା କରି ହୋଇ ନ ଥାଏ। ଏପରିସ୍ଥଳେ ପଛରେ ଏନେଇ ଯେ କଥା ନ ବାହାରିବ ସେ କଥା କିଏ କହିବ। ତେଣୁ ଏସବୁ ଭାରି ଅସୁବିଧା କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସକାଳ ପଖାଳ ଭଲ,**
**ଯଦି ଭଜାଭଜି ଥାଏ**
**ସକାଳ ଗାଧୁଆ ଭଲ**
**ଯେବେ ଦେହରେ ଯାଏ।**

ଭଜାଭଜି ଥିଲେ ପଖାଳ ଖାଇବା ମଜା ଦ୍ୱିଗୁଣିତ ହୋଇଯାଇଥାଏ। ସେହିପରି ଦେହ ଖରାପ ହେଉ ନ ଥିଲେ ବଡ଼ି ସକାଳୁ ଗାଧୋଇବା ଶୁଭଙ୍କର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ବାଙ୍କୀ ଡବଲମର୍ଡର ଘଟଣାର ମୁଖ୍ୟ ଅଭିଯୁକ୍ତ ଗିରଫ

**ବାଙ୍କୀ,୧୮।୩(ସ୍ୱ.ପ୍ର.)**

ବାଙ୍କୀ ଡବଲମର୍ଡର ଘଟଣାର ମୁଖ୍ୟ ଅଭିଯୁକ୍ତ ଭ୍ରମର ପ୍ରଧାନ (୫୩)ଙ୍କୁ ପୋଲିସ ବୁଧବାର ଗିରଫ କରି କୋର୍ଟଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ବାଙ୍କୀ ଉପଖଣ୍ଡ କାରାଗାରକୁ ପଠାଇ ଦିଆଯାଇଛି। ଘଟଣାରେ ମୋଟ୍ ୧୫ ଅଭିଯୁକ୍ତ ସାମିଲ ଥିବାବେଳେ ଏ ପର୍ଯ୍ୟନ୍ତ ୧୧ଜଣଙ୍କୁ ଗିରଫ କରାଯାଇଛି। ଫେରାର ଥିବା ଅନ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଗିରଫ ହୋଇ ନ ଥିବା ଅଭିଯୁକ୍ତମାନଙ୍କ ନାମରେ ୱାରେଣ୍ଟ ଜାରି କରାଯାଇଥିବା ଉପଖଣ୍ଡ ପୋଲିସ ଅଧିକାରୀ ତଥା ତଦନ୍ତକାରୀ ଅଫିସର ପ୍ରସନ୍ନ ବିଶ୍ୱାଳ ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଫେବୃୟାରୀ ୧୫ ତାରିଖ ଅପରାହ୍ନରେ ଖବରଦାତା ଆଦିତ୍ୟ ରଣସିଂହ ଓ ନୂଆଗାଁ ସରପଞ୍ଚଙ୍କ ସ୍ୱାମୀ ଭଗବାନ ସ୍ୱାଇଁଙ୍କୁ ନିର୍ମମ ଭାବେ ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଅଭିଯୁକ୍ତମାନଙ୍କ ବିରୋଧରେ ଦଫା ୩୦୨, ୧୪୭, ୧୪୮, ୧୨୦(ବି) ଏବଂ ୧୪୯ ଆଇପିସିରେ ମାମଲା ସଂଖ୍ୟା-୩୯/୨୦ ରୁଜୁ ହୋଇଥିଲା।

# ଟ୍ରେଲର ଚାଳକଙ୍କୁ ଛୁରାମାଡ଼, କାର ଲୁଟ୍ ଘଟଣା: ୬ ଗିରଫ

**ଖୁଣ୍ଟୁଣୀ,୧୮।୩(ଡି.ଏନ୍.ଏ.)**

ଟ୍ରେଲର ଚାଳକଙ୍କୁ ଛୁରାମାଡ଼ ଓ କାର ଲୁଟ ଘଟଣାରେ ଖୁଣ୍ଟୁଣୀ ଥାନା ପୋଲିସ ବୁଧବାର ୬ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ଖୁଣ୍ଟୁଣୀ ଗ୍ରାମର ସଂଗ୍ରାମ ନାୟକ, ରମେଶ ଶତପଥୀ, ଭୋଗରା ଗ୍ରାମର ଅଜୟ ଦାସ, ମନୋଜ ବସ୍ତିଆ, ତିଗିରିଆ ଥାନା ଅଧୀନ ସୁରେନ୍ଦ୍ରପଡ଼ା ଗ୍ରାମର କୃଷ୍ଣଚନ୍ଦ୍ର ନାଏକ ଓ ରୁବି ନାଏକ। ସୂଚନାଥାଉ କି, ଗତ ଅକ୍ଟୋବର ମାସରେ ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ନୂଆସାହି ଗ୍ରାମ ନିକଟ ଏକ ଢାବାରେ ଅଭିଯୁକ୍ତ ସଂଗ୍ରାମ ଖାଇସାରି ପାକରେ ଥିବା ଟ୍ରେଲର ଡ୍ରାଇଭର ପ୍ରକାଶ ପ୍ରଧାନଙ୍କୁ ଚାନ୍ଦା ମାଗିଥିଲେ। ସେ ଟଙ୍କା ନ ଦେବାରୁ ସଂଗ୍ରାମ ତାଙ୍କୁ ଛୁରାମାଡ଼ କରି ଫେରାର ହୋଇଯାଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ପ୍ରକାଶଙ୍କ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ପଠାଇଥିଲା। ଏ ନେଇ ଥାନାରେ ଏକ ମାମଲା (ନଂ.୧୪୦/୧୯) ରୁଜୁ ହୋଇଥିଲା। ସେହିପରି ଗତ ଡିସେମ୍ବରରେ ଅନ୍ୟ ୫ ଅଭିଯୁକ୍ତ ଭୋଗରା ନିକଟରୁ ଏକ କାର ଲୁଟିନେଇ ଫେରାର ହୋଇଯାଇଥିଲେ। ପୋଲିସସ କାରକୁ ପିଛା କରି ରମେଶ ଓ କାହ୍ନାଙ୍କୁ ଗୋଡାଇବାରୁ ଏହାକୁ ଛାଡି ସେମାନେ ଫେରାର ହୋଇଯାଇଥିଲେ। ଗତ ୩ଦିନ ପୂର୍ବେ କାହ୍ନା କୋର୍ଟରେ ଆତ୍ମ ସମର୍ପଣ କରିଥିଲା। ଗତ ମଙ୍ଗଳବାର ପୋଲିସ କାହ୍ନାଙ୍କୁ ହେପାଜତକୁ ଆଣିବା ପରେ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିଥିଲା। ଏ ନେଇ ଥାନାରେ ଏକ ମାମଲା(ନଂ. ୧୬୫/୧୯) ରୁଜୁ ହୋଇଥିଲା।



ବାଦାମବାଡି-ଅନୁଗୋଳ ବସଷ୍ଟାଣ୍ଡ ନିକଟରେ ଥିବା ଉଠା ଦୋକାନୀଙ୍କୁ ଥଇଥାନ କରିବା ଦାବିରେ ବୁଧବାର ଦୋକାନୀ ଆସୋସିଏଶନ ପକ୍ଷରୁ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେବାକୁ ଆସିଥିବା ପ୍ରତିନିଧିମାନେ।

# ମାର୍ଚ୍ଚ ୩୧ ସୁଦ୍ଧା ବସ୍ତି ଉଚ୍ଛେଦ ନିର୍ଦ୍ଦେଶକୁ ବିରୋଧ

**କଟକ ଅଫିସ,୧୮।୩**

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ଲୋକଙ୍କୁ ଏକତ୍ର ନ ହେବାକୁ ରାଜ୍ୟ ସରକାର ନିର୍ଦ୍ଦେଶନାମା ଜାରି କରିଛନ୍ତି। ଜିଲା ପ୍ରଶାସନ ମଧ୍ୟ ଏ ନେଇ ବହୁ କଟକଣା ଲାଗୁ କରିଛି। ଏଭଳି ସ୍ଥିତିରେ ଆସନ୍ତା ୩୧ତାରିଖ ସୁଦ୍ଧା ବସ୍ତି ଉଚ୍ଛେଦ ପାଇଁ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବସ୍ତିବାସିନ୍ଦାଙ୍କ ପାଇଁ ନିର୍ମିତ ଅସ୍ଥାୟୀ କ୍ୟାମ୍ପରେ ଆବଶ୍ୟକ ସୁବିଧା ସୁଯୋଗ ନାହିଁ। ଜିଲା ପ୍ରଶାସନ କିମ୍ବା ସିଏମ୍‌ସି ପକ୍ଷରୁ କୌଣସି ଅଫିସର ସେଠାକୁ ଯାଉ ନ ଥିବା ବସ୍ତିବାସିନ୍ଦା ଅଭିଯୋଗ କରିଛନ୍ତି। କରୋନା ପାଇଁ ଜନସଚେତନତା ସୃଷ୍ଟି କରାଯାଉଥିବାବେଳେ ନିମପୁରରେ ଏକ ଛୋଟ ଜାଗାରେ ଶତାଧିକ ପରିବାର ଏକାଠି ରହୁଛନ୍ତି। ଏଥିରୁ ଏମାନେ କରୋନା ନେଇ କେତେ ସଚେତନ ଓ ସୁରକ୍ଷିତ ତାହା ବୁଝାପଡୁଛି। ଯଦି ମାର୍ଚ୍ଚ ୩୧ ସୁଦ୍ଧା ସବୁ ବସ୍ତି ଉଚ୍ଛେଦ କରାଯାଏ ତେବେ ଏଠାରେ ଅସମ୍ଭାଳ ଭିଡ଼ ହେବ। ରାଜ୍ୟ ସରକାର ସମସ୍ତ କାର୍ଯ୍ୟକ୍ରମ ଓ ଜନସମାଗମକୁ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବା ପାଇଁ ନିର୍ଦ୍ଦେଶ ଦେଇଥିବା ବେଳେ କେନ୍ଦ୍ରାଞ୍ଚଳ ରାଜସ୍ୱ କମିଶନରଙ୍କ ଏହି ନିର୍ଦ୍ଦେଶନାମା ତାହାର ଉଲ୍ଲଂଘନ କରୁଛି ବୋଲି ବସ୍ତିବାସିନ୍ଦା ମିଳିତ ମଞ୍ଚ କହିଛି। ମାର୍ଚ୍ଚ ୩୧ ସୁଦ୍ଧା ବସ୍ତି ଉଚ୍ଛେଦ ନିର୍ଦ୍ଦେଶକୁ ମଞ୍ଚ ପକ୍ଷରୁ ବିରୋଧ କରାଯାଇଛି।

# ବାଇକ ଚୋରି: ଯୁବକ ଗିରଫ

**କଟକ ଅଫିସ,୧୮।୩**

ବାଇକ ଚୋରି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ବୁଧବାର ଲାଲବାଗ ଥାନା ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ନରସିଂହପୁର ଅଞ୍ଚଳର ପ୍ରମୋଦ କୁମାର ସାହୁ(୨୪)। ସୂଚନା ଅନୁଯାୟୀ, ସ୍ଥାନୀୟ ମାନସିଂହପାଟଣା ଅଞ୍ଚଳରେ ପ୍ରମୋଦ ଦାସ ନାମକ ଜଣେ ବ୍ୟକ୍ତିଙ୍କ ଏକ ତେଜରାତି ଦୋକାନ ରହିଛି। ସେହି ଦୋକାନରେ ଅଭିଯୁକ୍ତ ପ୍ରମୋଦ କାର୍ଯ୍ୟ କରୁଥିଲେ। ଦୋକାନୀ ଅଭିଯୁକ୍ତ ପ୍ରମୋଦଙ୍କ ୨ମାସର ଦରମା ବାକି ରଖିଥିଲେ। ବକେୟା ଦରମା ଦେବାକୁ ପ୍ରମୋଦ ବାରମ୍ବାର କହିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଜାନୁୟାରୀ ୩୧ତାରିଖରେ ଦୋକନୀ କୌଣସି ବ୍ୟକ୍ତିଗତ କାମରେ ସହର ବାହାରକୁ ଯାଇଥିବା ସମୟରେ ତାଙ୍କର ବାଇକ୍‌କୁ ପ୍ରମୋଦ ଚୋରି କରିନେଇଥିଲେ। ଦୋକାନୀ ଘରକୁ ଫେରି ଏହା ଜାଣିବା ପରେ ଲାଲ୍‌ବାଗ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା(ନଂ.୩୨/୨୦୨୦) ରୁଜୁ କରି ତଦନ୍ତ ଜାରି ରଖିଥିଲା। ସୋମବାର ଅଭିଯୁକ୍ତ ପ୍ରମୋଦ ନରସିଂହପୁର ଅଞ୍ଚଳରେ ଜଣେ ବ୍ୟକ୍ତିଙ୍କ ସହ ଗଣ୍ଡଗୋଳ କରିଥିଲେ। ନରସିଂହପୁର ପୋଲିସ ଅଭିଯୁକ୍ତ ପ୍ରମୋଦଙ୍କୁ ଉକ୍ତ ବାଇକ ସହ ଜବତ କରିଥିଲା। ବାଇକର କାଗଜପତ୍ର ଯାଞ୍ଚ କରିବା ପରେ ଚୋରା ଗାଡ଼ି ବୋଲି ଜଣାପଡ଼ିଥିଲା। ସ୍ଥାନୀୟ ପୋଲିସ ଏବିଷୟରେ ଲାଲବାଗ ଥାନାକୁ ସୂଚନା ଦେଇଥିଲା। ଲାଲବାଗ ପୋଲିସର ଏକ ଟିମ ନରସିଂହପୁରରେ ପହଞ୍ଚି ପ୍ରମୋଦଙ୍କୁ ଗିରଫ କରି ବାଇକକୁ ଜବତ କରିଥିଲା।

# ହୋଟେଲରେ ହେବ ଆଇସୋଲେଶନ୍ ୱାର୍ଡ

**କଟକ ଅଫିସ,୧୮।୩**

କରୋନା ଭୂତାରୁ ସଂକ୍ରମଣକୁ ରୋକିବା ପାଇଁ ଆବଶ୍ୟକ ସ୍ଥଳେ ହୋଟେଲ ରୁମ୍‌କୁଗୁଡ଼ିକୁ ଆଇସୋଲେଶନ୍ ୱାର୍ଡ ଭାବେ ବ୍ୟବହାର କରାଯିବ। ହୋଟେଲ ରୁମରେ ରହୁଥିବା ବ୍ୟକ୍ତିବିଶେଷ କରୋନାରେ ଆକ୍ରାନ୍ତ ହୋଇଛନ୍ତି ବୋଲି ସନ୍ଦେହ କରାଗଲେ ତାଙ୍କୁ ବାହାରକୁ ନିଆଯିବା ଅପେକ୍ଷା ସେଠାରେ ହିଁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯିବ। କଟକ ମହାନଗର ନିଗମ(ସିଏମ୍‌ସି) ଏଭଳି ନିଷ୍ପତ୍ତି ନେଇଥିବା ବିଶେଷସୂତ୍ରରୁ ଜଣାପଡ଼ିଛି। ବୁଧବାର ସହରର ହୋଟେଲ ମାଲିକଙ୍କୁ ନେଇ ଡକାଯାଇଥିବା ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇଛି। ସିଏମ୍‌ସି ପକ୍ଷରୁ ସହରର ପ୍ରମୁଖ ୫୦ଟି ହୋଟେଲ ମାଲିକଙ୍କ ସହ ଯୋଗାଯୋଗ କରାଯାଇଥିଲା। ଏଥିମଧ୍ୟରୁ ୩୫ହୋଟେଲ ମାଲିକ ବୈଠକରେ ଯୋଗ ଦେଇଥିଲେ। ଅନେକ ବରିଷ୍ଠ ପଦାଧିକାରୀ ଉକ୍ତ ବୈଠକରେ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ କଟକ ମହାନଗର ନିଗମ ପରିସର ମଧ୍ୟରୁ ଜଣେ ବ୍ୟକ୍ତିଙ୍କୁ କରୋନା ସନ୍ଦେହ କରାଯାଇ ବୁଧବାର ମଧ୍ୟାହ୍ନରେ ଏସ୍‌ସିବି ମେଡିକାଲର ଆଇସୋଲେଶନ ୱାର୍ଡରେ ଭର୍ତ୍ତି କରାଯାଇଛି। ବ୍ୟକ୍ତିଙ୍କ ଘର କଟକରେ ହୋଇଥିବା ବେଳେ ସେ ସିଙ୍ଗାପୁରରୁ ଫେରିଥିଲେ। ବୁଧବାର ଏକ ବ୍ୟକ୍ତିଗତ କାର୍ଯ୍ୟରେ ସେ ସିଏମ୍‌ସିକୁ ଆସିଥିବାବେଳେ ସେଠାରେ ତାଙ୍କୁ ଅଟକ ରଖାଯାଇଥିଲା।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

MUDRA FINANCE (Regd Company)
MUDRA ରଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ରଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ 40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

FINANCE FINANCE

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ରଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଘରେ ବସି ସମସ୍ତ ପ୍ରକାର ରଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ରଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ରଣ
ସମ୍ପତି ରଣ
ମାର୍କସିଟ୍ ରଣ
ଆଧାର କାର୍ଡ ରଣ
ବ୍ୟକ୍ତିଗତ ରଣ
ବିପିଏଲ୍ ରଣ
ଇତ୍ୟାଦି ସମସ୍ତ ରଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ରଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

ରଣ ରଣ ରଣ
ଖର୍ଚ୍ଚ ରଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ରଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ରଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ରଣ | ଟୁ-ହ୍ୱିଲର୍
ଗ୍ରୁପ୍ ରଣ | ପଶୁପାଳନ
ସବୁ ପ୍ରକାର ରଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ରଣ
8929889612
7290830466
Shahajahanabad, Bhopal (MP)

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ରଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ପଇସା ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ରଣ
ରଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ରଣ • ବ୍ୟବସାୟ ରଣ • ମାର୍କଶିଟ୍ ରଣ
• ଆଧାର କାର୍ଡ ରଣ • ପର୍ସନାଲ ରଣ • ବିପିଏଲ୍ ରଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ରଣ ମାତ୍ର ୨୪ ଘଣ୍ଟାରେ।
୨% ସୁଧ ୬୦%ଛାଡ। ଘରେ ବସି ପାଆନ୍ତୁ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ରଣ ଧମାକା ରଣ ଧମାକା ରଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ରଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

ASTROLOGY ASTROLOGY

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର: ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର
9773820765

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



-ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅ ନାହିଁ। ସାବଧାନ ହୁଅ, ଠକିଯିବ, ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ବି ନୁହନ୍ତି, ଠାକୁର ବି ନୁହନ୍ତି ।
- ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ଆଇସୋଲେଶନ ୱାର୍ଡ କାର୍ଯ୍ୟ ଆରମ୍ଭ

**କଟକ ସଦର,୧୮।୩(ଡି.ଏନ୍.ଏ.):** କରୋନାର ଭୟାବହତାକୁ ଦୃଷ୍ଟିରେ ରଖି କଟକ ସଦର ବ୍ଲକ ଅନ୍ତର୍ଗତ ବେଣ୍ଟକାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୁଧବାର ଆଇସୋଲେଶନ ୱାର୍ଡ କାର୍ଯ୍ୟ ଆରମ୍ଭ ହୋଇଛି। ଏହି ୱାର୍ଡ କାର୍ଯ୍ୟକ୍ଷମ ପରେ ସନ୍ଦିଗ୍ଧଙ୍କୁ ଏଠାରେ ରଖାଯାଇ ଚିକିତ୍ସା କରାଯିବ। ଉକ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାଂଶ ଗୃହ ବିପଦସଙ୍କୁଳ ଅବସ୍ଥାରେ ଥିବାରୁ ତୁରନ୍ତ ଆଇସୋଲେଶନ ୱାର୍ଡ କାର୍ଯ୍ୟକ୍ଷମରେ ବିଳମ୍ବ ହେଉଛି। ବିଦେଶରୁ ଫେରିଥିବା ରାଉତ୍ରାପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କୁ ମଙ୍ଗଳବାର ଠାବ କରାଯାଇଥିଲା। ଡାକ୍ତରୀଦଳ ସମ୍ପୃକ୍ତ ବ୍ୟକ୍ତିଙ୍କ ଘରେ ପହଞ୍ଚି ତାଙ୍କ ସହ ଆଲୋଚନା କରିଥିଲେ। ଅନ୍ୟପକ୍ଷରେ କଟକ ସଦର ଅଞ୍ଚଳର ଅନେକ ବ୍ୟକ୍ତି ବିଦେଶରୁ ଫେରୁଥିବା ଜଣାପଡିଛି।

### କରୋନାକୁ ନେଇ ସଚେତନତା

**କଟକ ସଦର,୧୮।୩(ଡି.ଏନ୍.ଏ.):** କଟକ ସଦର ବ୍ଲକ ଅନ୍ତର୍ଗତ ଯଶପଡ଼ଠାରେ ବୁଧବାର କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ କରୋନାର ଭୟାବହତା ସମ୍ପର୍କରେ ଉପସ୍ଥିତ ଲୋକଙ୍କୁ ସଚେତନ କରାଯିବା ସହ ମାସ୍କ ବଣ୍ଟନ ଓ ହାତଧୁଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଶପଡ଼ା ସରପଞ୍ଚ ସୁବାସ ଚନ୍ଦ୍ର ମହାନ୍ତି, ବିଳାସ ମଲ୍ଲିକ, ରଞ୍ଜିତା ବେହେରା, ପ୍ରଶାନ୍ତ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଏଭଳି ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଅଞ୍ଚଳରେ କରାଯିବ ବୋଲି ଜଣାପଡିଛି।

### ଚୌଦ୍ୱାର ନଗର କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ

**ଚୌଦ୍ୱାର,୧୮।୩(ଡି.ଏନ୍.ଏ.):** ମଙ୍ଗୁଳିଛକ ଠାରୁ ଧୁମାବତୀ ପର୍ଯ୍ୟନ୍ତ ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲୁରହିଛି। ଏହି ରାସ୍ତା କାର୍ଯ୍ୟ ଠିକ୍ ଭାବେ ହେଉ ନ ଥିବା ଚୌଦ୍ୱାର ନଗର କଗ୍ରେସ ଅଭିଯୋଗ କରିଛି। କାର୍ଯ୍ୟକୁ ଠିକ୍ ଭାବେ କରିବା ପାଇଁ ନଗର କଗ୍ରେସ ପକ୍ଷରୁ ବୁଧବାର ଏକ ଦାବିପତ୍ର ଚୌଦ୍ୱାର ଥାନା ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ରାସ୍ତାର ଉଭୟ ପାର୍ଶ୍ୱ ଖୋଳା ଯାଇଥିବାବେଳେ ସେଥିରେ ମାଟି ଓ ମୋରମ ଭର୍ତ୍ତି କରିବା ନିୟମ ଥିବାବେଳେ ଠିକାଦାର ସେଥିରେ କୋଇଲାଛାଇ ଭର୍ତ୍ତି କରୁଥିବା, ବିଭିନ୍ନ କଲଭର୍ଟ କାମ ଅତି ମନ୍ଥର ଗତିରେ ଚାଲୁଥିବା, କାମ ଚାଲୁଥିବା ସମୟରେ ରାସ୍ତା ଉପରେ ପଡୁଥିବା ବାଲି ଗୋଡି ଆଦିକୁ ସଫା ନ କରିବା ଏବଂ ରାସ୍ତାରେ ପାଣି ପକାଯାଉ ନ ଥିବାରୁ ଧୂଳି ଉଡି ପରିବେଶ ପ୍ରଦୂଷଣ ହେଉଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଆଗାମୀ ଦିନରେ ଦାବି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ରାଜରାସ୍ତା ଅବରୋଧ କରାଯିବ ବୋଲି ଚୌଦ୍ୱାର ନଗର କଗ୍ରେସ ସଭାପତି ବିଜୟ କୁମାର ବେହେରାଙ୍କ ସମେତ ବହୁ କର୍ମକର୍ତ୍ତା କହିଛନ୍ତି।

### ବିଭିନ୍ନ ସ୍ଥାନରେ ସଚେତନତା ରଥକୁ ସ୍ୱାଗତ

**କଣ୍ଟାପଡ଼ା,୧୮।୩(ଡି.ଏନ୍.ଏ.):** କଣ୍ଟାପଡ଼ା ପ୍ରେସ କ୍ଲବ ପକ୍ଷରୁ କରୋନା ସଚେତନତା ପାଇଁ ଆରମ୍ଭ ହୋଇଥିବା ସଚେତନତା ରଥକୁ ଅଞ୍ଚଳର ବିଭିନ୍ନ ସ୍ଥାନରେ ସ୍ୱାଗତ କରାଯାଇଛି। ଏହି ରଥ ଗୋବିନ୍ଦପୁର ବଜାରରେ ପହଞ୍ଚିବାପରେ ଗୋବିନ୍ଦପୁର ପଞ୍ଚାୟତର କାର୍ଯ୍ୟକର୍ତ୍ତା ଓ ଗୋବିନ୍ଦପୁର ଥାନା ପକ୍ଷରୁ ରଥକୁ ସ୍ୱାଗତ କରାଯିବା ସହ ଏକ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା। ସେଠାରେ ଗୋବିନ୍ଦପୁର ପଞ୍ଚାୟତ ସରପଞ୍ଚ ଲଲାଟେନ୍ଦୁ ପ୍ରସାଦ ଦାଶ, ସମିତି ସଭ୍ୟ ଜ୍ଞାନ ପୂର୍ଣ୍ଣ ବେହେରା ଗୋବିନ୍ଦପୁର ଥାନା ଅଧିକାରୀ ମାନସ ମିଶ୍ର, ସ୍ୱାସ୍ଥ୍ୟକେନ୍ଦ୍ର ଡା.ଦିପ୍ତିମୟୀ ପଣ୍ଡା, ସମସ୍ତ ଅଙ୍ଗନୱାଡି କର୍ମୀ, ଆଶା କର୍ମୀ ଓ ସ୍ଥାନୀୟ ଲୋକ ସଚେତନତା ରଥକୁ ସ୍ୱାଗତ କରିଥିଲେ। ଏହି ଅବସରରେ କରୋନାରୁ ସୁରକ୍ଷା ପାଇଁ ପ୍ରଶିକ୍ଷଣ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ସେହିପରି ବ୍ରାହ୍ମଣସାଇଲୋଠାରେ ସଚେତନତା ରଥକୁ ସ୍ୱାଗତ କରାଯିବା ସହ କାର୍ଯ୍ୟାଳୟ ପରିସରରେ ଏକସଭା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସଞ୍ଜିତ୍ ରାଉତରାୟ ଓ ରୋଜାଲିନ ବେହେରା କରୋନା କବଳରୁ କିପରି ନିଜେ ସୁରକ୍ଷିତ ରହିବା ସହ ପରିବାରକୁ ସୁରକ୍ଷିତ ରଖାଯାଇପାରିବ ସେ ସମ୍ପର୍କରେ ବୁଝାଇଥିଲେ।

# ପକ୍ଷାଘାତରେ ଚାନ୍ଦି ମେଢ଼ର ଅନନ୍ୟ ବିନ୍ଧାଣି

**କଟକ ଅଫିସ,୧୮।୩**

ଚାନ୍ଦିକୁ ରୂପ ଦେବାରେ ସେ ମାହିର୍। ତାଙ୍କ ହାତରେ ଗଢ଼ା ହୋଇଛି ଶହଶହ ମେଢ଼। ଦଶହରା ସମୟରେ ଛତ୍ରବଜାର, ଚାଉଳିଆଗଞ୍ଜ, ଦରଘାବଜାରରେ ଶୋଭାପାଉଥିବା ଚାନ୍ଦିମେଢ଼ର ରୂପରେଖ ମଧ ତାଙ୍କରି କୃତି। ଚାନ୍ଦିମେଢ଼ର ଏହି ଅନନ୍ୟ ବିନ୍ଧାଣି ଜଣକ ହେଉଛନ୍ତି କଟକ କୁମ୍ଭାରସାହିର ୬୭ବର୍ଷୀୟ ଶିଳ୍ପୀ ରାମଚନ୍ଦ୍ର ପରିଡ଼ା। ଗତବର୍ଷଠାରୁ ସେ ପକ୍ଷାଘାତର ଶିକାର ହୋଇଛନ୍ତି। ସକ୍ଷମ ଥିଲା ଯାଏଁ, ସମସ୍ତେ ଖୋଜୁଥିଲେ, ହେଲେ ଶଯ୍ୟାଶାୟୀ ପରେ ସେ ଏବେ ଅଲୋଡ଼ା। କୌଣସିସ୍ତରରୁ ବି ତାଙ୍କୁ ସହାୟତାର ହାତ ବଢ଼ିନାହିଁ...



ରାମଚନ୍ଦ୍ର ପରିଡ଼ା

ତାରକସୀ କାର୍ଯ୍ୟ ପାଇଁ ସାରା ଦେଶରେ କଟକ ସହରର ସ୍ୱତନ୍ତ୍ର ପରିଚୟ ରହିଛି। ହେଲେ ଏହାକୁ ନିର୍ମାଣ କରୁଥିବା ବିନ୍ଧାଣିଙ୍କୁ କ୍ୱଚିତ ଜାଣିଥାନ୍ତି। ଜଣେ ଚାନ୍ଦିମେଢ ଲାଗି ପ୍ରଥମେ ଡିଜାଇନ ପ୍ରସ୍ତୁତ କରିଥାନ୍ତି। ଆଉ ସେହି ଡିଜାଇନ ମୁତାବକ ଗଢା ହୋଇଥାଏ ଆଖି ଝଲସା ଚାନ୍ଦିମେଢ। ଶିଳ୍ପୀ ରାମଚନ୍ଦ୍ର ଏହି କ୍ଷେତ୍ରରେ ବେଶ୍ ପାରଦର୍ଶିତା ହାସଲ କରିଛନ୍ତି।

ଦୀର୍ଘ ୫୦ବର୍ଷ ହେବ ରାମଚନ୍ଦ୍ର ଚାନ୍ଦି କାରୀଗର ଭାବେ କାର୍ଯ୍ୟ କରୁଛନ୍ତି। ଇତିମଧ୍ୟରେ ସେ କଟକ ସହରର ୧୫ରୁ ଉର୍ଦ୍ଧ୍ୱ ଚାନ୍ଦିମେଢ ଲାଗି ଡିଜାଇନ ପ୍ରସ୍ତୁତ କରିସାରିଛନ୍ତି। ତେବେ ଗତବର୍ଷଠାରୁ ସେ ପକ୍ଷାଘାତରେ ପୀଡିତ ଅଛନ୍ତି । ତଥାପି ଚାନ୍ଦିମେଢ ନିର୍ମାଣ ଲାଗି ଡିଜାଇନ ପ୍ରସ୍ତୁତ କରୁଛନ୍ତି। ପୂଜା ମଣ୍ଡପର ଉଚ୍ଚତା ଓ ଚଉଡ଼ାକୁ ଦେଖି ଚାନ୍ଦିମେଢ ନିର୍ମାଣ ହୋଇଥାଏ। ପୂଜା କମିଟିର ଇଚ୍ଛା ମୁତାବକ ରାମଚନ୍ଦ୍ର ଡିଜାଇନ ପ୍ରସ୍ତୁତ କରିଥାନ୍ତି। ଚାନ୍ଦିମେଢ ଡିଜାଇନରେ ନିର୍ଦ୍ଦିଷ୍ଟ ମାପଦଣ୍ଡ ରହିଥାଏ। ମଣ୍ଡପର ଉଚ୍ଚତା, ଚଉଡ଼ା ଏବଂ ଖଡ଼ମାର ମାପକୁ ନେଇ ମେଢର ସିଂହାସନ, ଦୁଇ ପାର୍ଶ୍ୱରେ ଥିବା ପିଲାର, କଳିକା, ଦଶ ଅବତାର ଘର, ଖିଲଣ ଘର, ମୟୂର, ମୟୂର କଳିକା, ମତ୍ସ୍ୟ, ପାହିଆ ଆଦିର ଡିଜାଇନ ପ୍ରସ୍ତୁତ ହୋଇଥାଏ। ଡିଜାଇନର ପ୍ରତ୍ୟେକ ଅଂଶ ଏପରିକି ମେଢରେ ହେବାକୁ ଥିବା ଛୋଟ ଛୋଟ କାରିଗରିକୁ ମଧ କାଗଜରେ ଅଙ୍କା ଯାଇଥାଏ । ଚାନ୍ଦି କାରିଗର ଏହି କାଗଜ ଡିଜାଇନକୁ ଅନୁକରଣ କରି ଆକର୍ଷଣୀୟ ମେଢ ନିର୍ମାଣ କରିଥାନ୍ତ। ତେବେ ମୁଖ୍ୟ କଥା ହେଉଛି ରାମଚନ୍ଦ୍ର ଏହି ଡିଜାଇନ ପାଇଁ କମ୍ପ୍ୟୁଟର କିମ୍ବା କୌଣସି ବୈଷୟିକ ଜ୍ଞାନକୌଶଳ ବ୍ୟବହାର କରି ନଥାନ୍ତି। ସେ ଚାନ୍ଦିମେଢର ଡିଜାଇନ ନିଜ ହାତରେ ପ୍ରସ୍ତୁତ କରିଥାନ୍ତି। ମା’ ଦୁର୍ଗାଙ୍କୁ ସ୍ମରଣ କରି ନିଜ ମନର କାଳ୍ପନିକ ଚିତ୍ରକୁ କାଗଜରେ ଆଙ୍କିଥାନ୍ତି ବୋଲି ରାମଚନ୍ଦ୍ର କୁହନ୍ତି। ସବୁବେଳେ କିଛି ନୂଆ ଡିଜାଇନ କରିବାକୁ ପ୍ରୟାସ କରିଥାନ୍ତି ସେ। ଗୋଟିଏ ଡିଜାଇନ ପ୍ରସ୍ତୁତ କରିବାକୁ ଦୁଇ ତିନି ମାସ ସମୟ ଲାଗିଥାଏ। ପକ୍ଷାଘାତରେ ଶିକାର ହେବାପରଠାରୁ ଏହି କାର୍ଯ୍ୟରେ ତାଙ୍କୁ ଦୁଇ ପୁଅ ସୂର୍ଯ୍ୟନାରାୟଣ ଏବଂ ମନୋରଞ୍ଜନ ସହଯୋଗ କରୁଛନ୍ତି। ଚାନ୍ଦିମେଢ଼ ନିର୍ମାଣ କାର୍ଯ୍ୟ ସମୟରେ ରାମଚନ୍ଦ୍ର ନିଜେ ଉପସ୍ଥିତ ରହି ମେଢର ଟିକିନିଖି କାର୍ଯ୍ୟକୁ ତଦାରଖ କରିଥାନ୍ତି । ଏହାଛଡ଼ା ସେ ଜରିମେଢ ମଧ ନିର୍ମାଣ କରିଥାନ୍ତି। କଲିକତା, ବମ୍ବେ ଆଦି ସ୍ଥାନରୁ ଜରିମେଢ ପାଇଁ କଞ୍ଚାମାଲ ଆଣି ଆକର୍ଷଣୀୟ ମେଢ ସହିତ ଦେବୀ’ଙ୍କ ପାଇଁ ଅଳଙ୍କାର ଓ ସାଜସଜ୍ଜା ମଧ ତିଆରି କରିଥାନ୍ତି।

**ମା’ ଦୁର୍ଗାଙ୍କୁ ସ୍ମରଣ କରି ମନର କାଳ୍ପନିକ ଚିତ୍ରକୁ କାଗଜରେ ଆଙ୍କିଥାନ୍ତି**

### ମୋରମ ବୋଝେଇ ୪ ହାଇୱା ଜବତ

**ଚୌଦ୍ୱାର,୧୮।୩(ଡି.ଏନ୍.ଏ.)**

ଟାଙ୍ଗୀ-ଚୌଦ୍ୱାର ତହସିଲ ପକ୍ଷରୁ ମଙ୍ଗଳବାର ବିଳମ୍ବିତ ରାତିରେ ଚଢ଼ାଉ କରାଯାଇ ବେଆଇନ ୪ଟି ମୋରମ ବୋଝେଇ ହାଇୱା ଓ ୨ ବାଲି ବୋଝେଇ ଟ୍ରକ ଜବତ କରାଯାଇଛି। ଅତିରିକ୍ତ ତହସିଲଦାର ପ୍ରସନ୍ନ ସାମନ୍ତରାୟଙ୍କ ସୂଚନା ଅନୁଯାୟୀ, ରେଲୱେ କାମରେ ବ୍ୟବହାର ପାଇଁ ଜନୈକ ଠିକା ସଂସ୍ଥା ଶଙ୍କରପୁର ଓ ମଙ୍ଗରାଜପୁର ପଞ୍ଚାୟତରୁ ବେଆଇନ ଭାବେ ମୋରମ ଉଠାଉଥିବା ଅଭିଯୋଗ ହୋଇଥିଲା। ମଙ୍ଗଳବାର ରାତି ପ୍ରାୟ ୩ଟା ରେ ଆଗ୍ରାହାଟ ଡିଏମ୍‌ଟିଆଇ ଛକ ନିକଟରେ କର୍ମଚାରୀଙ୍କ ସହିତ ଗାଡିଗୁଡିକୁ ଜବତ କରିଥିଲେ। ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯିବାରୁ କୌଣସି ଗାଡ଼ିର କାଗଜପତ୍ର ନ ଥିବା ଜଣାପଡ଼ିଥିଲା। ଏହା ପରେ ତହସିଲ କର୍ମଚାରୀମାନେ ଚୌଦ୍ୱାର ଅଞ୍ଚଳରୁ ୨ଟି ବାଲି ବୋଝେଇ ଟ୍ରକକୁ ମଧ ଜବତ କରି ଚୌଦ୍ୱାର ଥାନା ଜିମା ଦେଇଥିଲେ। ଏହି ଚଢାଉରେ ସାମନ୍ତାରୟଙ୍କ ସହିତ ୫ଜଣ ଆର୍‌ଆଇ ସାମିଲ ହୋଇଥିଲେ।




କଟକ ବକ୍ସିବଜାର ସମ୍ବାଦପତ୍ର ବିକ୍ରେତା ସଂଘ ପକ୍ଷରୁ ଅନୁଷ୍ଠିତ କରୋନା ସଚେତନତା କାର୍ଯ୍ୟକ୍ରମ।

### ଦୁର୍ଘଟଣା: ଅଟୋ ଚାଳକ ମୃତ

**ନିଆଳି,୧୮।୩(ଡି.ଏନ୍.ଏ.):** ନିଆଳି ଥାନା ନିକଟବର୍ତ୍ତୀ ହଳଦୀବସନ୍ତ ଛକରେ ବୁଧବାର ପୂର୍ବାହ୍ନ ସାଢେ ୧୧ଟାରେ ଏକ ବାଇକ୍ ଓ ଅଟୋ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ ଅଟୋ ଚାଳକ ସାହାନାଜପୁର ଗ୍ରାମର ମନୋଜ କୁମାର ଦାସଙ୍କ ମୃତ୍ୟୁ ହୋଇଥିବାବେଳେ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ କଟକ ବଡ଼ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ଜଲ୍ଲାରପୁର ପଞ୍ଚାୟତ ଅଧୀନ ସାହାନାଜପୁର ଗ୍ରାମର ମନୋଜ ଏକ ଅଟୋ (ଓଡ଼ି୦୨ ଏଟି ୩୩୩୦)ରେ ନିଆଳିରୁ ଘରକୁ ଫେରୁଥିଲେ। ହଳଦୀବସନ୍ତ ଛକ ନିକଟରେ ଚାରିଛକରୁ ଆସୁଥିବା ଏକ ବାଇକ୍ (ଓଡ଼ି ୦୫ବି ୨୨୧୪) ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଖବରପାଇ ନିଆଳି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଅଟୋ ଚାଳକ ମନୋଜ ଓ ବାଇକ୍ ଆରୋହୀଙ୍କୁ ନିଆଳି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମନୋଜଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁତର ବାଇକ୍ ଆରୋହୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ବାଇକ୍ ଆରୋହୀଙ୍କ ପରିଚୟ ମିଳି ନାହିଁ।

## ୪୨୧ ବସ୍ତା ଧାନ ଜବତ



ଯୋଗାଣ ବିଭାଗ ଅଧିକାରୀମାନେ ଧାନ ଜବତ କରୁଛନ୍ତି।

**ଆଠଗଡ଼,୧୮।୩(ସ୍ୱ.ପ୍ର.)**

ଆଠଗଡ଼ ଥାନା ଅଧୀନ ବେଣ୍ଟପଦା ଗ୍ରାମର ମାୟାଧର ସାହୁଙ୍କ ଗୋଦାମରେ ବେଆଇନଭାବେ ଗଚ୍ଛିତ ଥିବା ୪୨୧ ବସ୍ତା ଧାନ ଜବତ କରାଯାଇଛି। କଟକ ଜିଲା ଯୋଗାଣ ଅଧିକାରୀ ଅମର ମହାପାତ୍ର ଏବଂ ଆଠଗଡ ଉପଜିଲାପାଳ ଅଜାମ୍ବର ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ସହକାରୀ ଯୋଗାଣ ଅଧିକାରୀ ନିରଦ ରଞ୍ଜନ ଦାସ ଓ ଅନ୍ୟ ଅଧିକାରୀ ସାହୁଙ୍କ ଗୋଦାମରେ ବୁଧବାର ସନ୍ଧ୍ୟାରେ ଚଢାଉକରି ଗଚ୍ଛିତ ଧାନ ଜବତ କରିଥିଲେ। ୪୨୧ ବସ୍ତାରେ ଥିବା ଧାନର ପରିମାଣ ୧୭୫.୭୨ କୁଇଣ୍ଟାଲ ହେବ ବୋଲି ଜଣାପଡ଼ିଛି। ଆଠଗଡ ଅଞ୍ଚଳରେ ପ୍ରକୃତ ଚାଷୀ ଧାନ ବିକ୍ରୟ କରିସାରିଥିବା ବେଳେ କେତେଜଣ ବ୍ୟବସାୟୀ ଅନ୍ୟଚାଷୀଙ୍କଠାରୁ ଧାନକ୍ରୟ କରି ବେଆଇନଭାବେ ଗଚ୍ଛିତ ରଖିବା ସହ ମଣ୍ଡିରେ ବିକ୍ରୟ କରିବାର ଉଦ୍ୟମ କରୁଥିଲେ। ସୂଚନା ପାଇ ଜିଲା ଯୋଗାଣ ଅଧିକାରୀ ଓ ଉପଜିଲାପାଳ ଚଢାଉ ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଉପଜିଲାପାଳ ମହାନ୍ତିଙ୍କ ଦ୍ୱାରା ନିଯୁକ୍ତ ମାଜିଷ୍ଟ୍ରେଟ ତଥା ଅତିରିକ୍ତ ତହସିଲଦାର ସୁଧାଂଶୁ ଶେଖର ସାଓଙ୍କ ଉପସ୍ଥିତିରେ ସହକାରୀ ଯୋଗାଣ ଅଧିକାରୀ ଦାସ, ଆଠଗଡ ଯୋଗାଣ ନିରୀକ୍ଷକ ସୌମେନ୍ଦ୍ର ମହାନ୍ତି ଓ ଟିଗିରିଆ ଯୋଗାଣ ନିରୀକ୍ଷକ ଦୁର୍ଗାପ୍ରସାଦ ପଟ୍ଟନାୟକ ଚଢାଉକରି ଧାନ ଜବତ କରିଥିଲେ। ଧାନ ରଖିଥିବାରୁ ସାହୁଙ୍କ ନାମରେ ଏତଲା ଦିଆଯିବା ସହ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲାପାଳ ମହାନ୍ତି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସାହୁଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

# ପୁରୀ ଛାଡ଼ିଲେ ପର୍ଯ୍ୟଟକ

**ପୁରୀ ଅଫିସ,୧୮।୩**

- 2 ବିଦେଶୀ ପହଞ୍ଚି ପୁଣି ଫେରିଗଲେ
- ଖାଁ ଖାଁ ବେଳାଭୂମି, ରାସ୍ତାଘାଟ ଶୂନଶାନ

ପୁରୀ ସହରରେ କଡ଼ାକଡ଼ି ହୋଇଛି କରୋନା କଟକଣା। ଶ୍ରୀମନ୍ଦିର ହେଉ କି ହୋଟେଲ, ବେଳାଭୂମି ସବୁଠି ଦେଖିବାକୁ ମିଳୁଛି କରୋନା ପ୍ରଭାବ। ସହରରେ ଆଉ ପୂର୍ବପରି ଗହଳି ଚହଳି ଜଣାପଡୁ ନାହିଁ। ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ସର୍ବଦା ପୂରିଉଠୁଥିବା ପୁରୀ ଏବେ ପର୍ଯ୍ୟଟକଙ୍କୁ ସହର ଛାଡ଼ିବାକୁ ଏକପ୍ରକାର ବାଧ୍ୟ କରିଛି। କରୋନା ମୁକାବିଲା ଲାଗି ପ୍ରଶାସନିକ ନିର୍ଦ୍ଦେଶକୁ ମାନୁଛନ୍ତି ସମସ୍ତେ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଜୀବନ ଆଗ, ଜୀବିକା ପଛକୁ ବୁଝିଥିବା ହୋଟେଲ, ଲଜ୍ ଓ ହଲିଡେ ହୋମ୍ ମାଲିକ ପର୍ଯ୍ୟଟକଙ୍କୁ ସହର ଛାଡ଼ିବାକୁ ବୁଝାଇଛନ୍ତି। କୌଣସି ନୂଆ ବୁକିଂ ରଖି ନ ଥିବାବେଳେ ପୁରୁଣା ବୁକିଂ କରିଥିବା ଲୋକଙ୍କୁ ପୁରୀକୁ ଏବେ ନ ଆସିବା ପାଇଁ କହିଛନ୍ତି। ତେବେ ସହରର ବିଭିନ୍ନ ହୋଟେଲ, ଲଜିଂ ଆଦିରେ ରହୁଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ବୁଧବାର ସୁଦ୍ଧା ପ୍ରାୟ ୯୦ ପ୍ରତିଶତ ପୁରୀ ଛାଡ଼ିଛନ୍ତି। ଅନ୍ୟମାନେ ଗୁରୁବାର ସୁଦ୍ଧା ଯିବେ ବୋଲି ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି। ସେହିପରି ସବୁବେଳେ ପର୍ଯ୍ୟଟକଙ୍କ ଗହଳିରେ ଫାଟି ପଡୁଥିବା ବେଳାଭୂମି ଖାଁ ଖାଁ ରହିଥିବାବେଳେ ରାସ୍ତାଘାଟରେ ବି ଲୋକଙ୍କ ସଂଖ୍ୟା ବେଶ୍ କମ୍ ରହିଥିଲା।

କରୋନାର ଭୟାବହତାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର କଟକଣା ଜାରି କରାଯାଇଛି। ବାହାରୁ ଆସିଥିବା ପର୍ଯ୍ୟଟକଙ୍କୁ କିପରି ସହରରୁ ଖାଲି କରାଯିବ ସେନେଇ ମଙ୍ଗଳବାର ହୋଟେଲ ସଂଘକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ଅନୁଯାୟୀ ମାଲିକମାନେ କୌଣସି ନୂଆ ବୁକିଂ ରଖି ନ ଥିବାବେଳେ ଯେଉଁମାନେ ପୁରୁଣା ବୁକିଂ କରିଥିଲେ ସେମାନଙ୍କୁ ବର୍ତ୍ତମାନ ପୁରୀ ନ ଆସିବାକୁ କହିଥିଲେ। ଅନ୍ୟପକ୍ଷରେ ବୁଧବାର ବହୁ ସଂଖ୍ୟକ ପର୍ଯ୍ୟଟକ ସହର ଛାଡ଼ିଥିଲେ। ବେଳାଭୂମି ଏବଂ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଉପରେ କଟକଣା ଲଗାଯାଇଛି। ବାହାରେ ବୁଲାବୁଲି ନ କରିବାକୁ ମଧ ନିର୍ଦ୍ଦେଶ ରହିଛି। ତେଣୁ ହୋଟେଲରେ ରହିବା ଅପେକ୍ଷା କରୋନା ଭୟ ନେଇ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ସମର୍ଥନ ଜଣାଇ ପର୍ଯ୍ୟଟକମାନେ ପୁରୀ ଛାଡ଼ିଥିଲେ।

ତେବେ କୌଣସି ବିଦେଶୀ ପର୍ଯ୍ୟଟକ ଯେପରି ପୁରୀକୁ ନ ଆସିବେ ତାହା ଉପରେ କଟକଣା ଲଗାଯାଇଛି। କିନ୍ତୁ ବୁଧବାର ଆମେରିକାର ୨ଜଣ ପର୍ଯ୍ୟଟକ ପୁରୀରେ ପହଞ୍ଚିଥିଲେ। ସେମାନେ ପହଞ୍ଚିବା ପରେ ସମ୍ପୃକ୍ତ ହୋଟେଲ ପକ୍ଷରୁ ପୋଲିସକୁ ଜଣାଇ ଦିଆଯାଇଥିଲା। ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ପହଞ୍ଚି ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ। ମାତ୍ର ସେମାନଙ୍କଠାରେ କରୋନା ଭୂତାଣୁର କୌଣସି ଲକ୍ଷଣ ନ ଥିବାରୁ ସେମାନଙ୍କୁ ପୁରୀ ଛାଡ଼ିବା ପାଇଁ କୁହାଯାଇଥିଲା। ସମ୍ପୃକ୍ତ ବିଦେଶୀ ନାଗରିକଙ୍କର ଗୁରୁବାର ଫ୍ଲାଇଟ୍ ଥିବାରୁ ସେମାନେ ମଧ ସ୍ୱତଃପ୍ରବୃତ୍ତ ଭାବେ ଭୁବନେଶ୍ୱର ଫେରିଯାଇଥିଲେ ବୋଲି ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।






ପ୍ରଶାସନ ପକ୍ଷରୁ କଟକ ଯୋବ୍ରା ଚୂନଭାଟି ଲେନ ଛକଠାରେ ଉଚ୍ଛେଦ କରାଯାଉଛି।

# ସଚେତନତା ଶୂନ, ମାନୁ ନାହାନ୍ତି ହୋଟେଲ ମାଲିକ

**କଟକ ଅଫିସ,୧୮।୩**

ସମ୍ଭାବ୍ୟ କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରତିଷେଧମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ଏପରି କି ଲୋକମାନଙ୍କ ଯଥାସମ୍ଭବ ଗହଳିକୁ ରୋକିବାପାଇଁ ବଡ଼ବଡ଼ ହୋଟେଲ, ମଲ୍, ସିନେମା ହଲ୍‌ଗୁଡ଼ିକୁ ସାମୟିକଭାବେ ବନ୍ଦ ରଖାଯାଇଛି। ଏପରି କି ଲୋକମାନଙ୍କ ଠାରୁ ସର୍ବନିମ୍ନ ଦୂରତା ଅବଲମ୍ବନ କରିବାକୁ ମଧ କୁହାଯାଉଛି। ହେଲେ କଟକରେ ଏହି କଟକଣା ଠିକ୍‌ଭାବେ ଲାଗୁ ହେଉ ନ ଥିବା ଦେଖିବାକୁ ମିଳୁଛି। ପ୍ରତ୍ୟହ ଏଠାକୁ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଲୋକଙ୍କ ଆଗମନ ହେଉଛି। ସେମାନେ ଖାଦ୍ୟ ପାଇଁ ବିଭିନ୍ନ ଛୋଟବଡ଼ ହୋଟେଲ ଉପରେ ନିର୍ଭର କରୁଛନ୍ତି। ହେଲେ ଅଧିକାଂଶ ହୋଟେଲରେ କରୋନା ଭୂତାଣୁ ସଂକ୍ରମଣ ରୋକିବାକୁ ନେଇ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଏଭଳି ଅଭିଯୋଗ ଆସିବା ପରେ ବୁଧବାର କଟକ ମହାନଗର ନିଗମ(ସିଏମସି) ପକ୍ଷରୁ ଏକ ବୈଠକ ଡକାଯାଇ ସହରର ବିଭିନ୍ନ ହୋଟେଲ ମାଲିକଙ୍କୁ କଡ଼ା ଚେତାବନୀ ଦିଆଯାଇଛି।

ମଙ୍ଗଳବାଗ, ବାଦାମବାଡ଼ି, କଲେଜଛକ, ରାଣୀହାଟ ପ୍ରଭୃତି ଅଞ୍ଚଳରେ ଥିବା ହୋଟେଲଗୁଡ଼ିକରେ ନିୟମିତ ଅଧିକ ଭିଡ଼ ଦେଖିବାକୁ ମିଳିଥାଏ। ବିଶେଷକରି ମଙ୍ଗଳାବାଗସ୍ଥିତ ଏସ୍‌ସିବି ମେଡ଼ିକାଲ କଲେଜ ଓ ହସ୍ପିଟାଲରେ ନିକଟରେ ଥିବା ହୋଟେଲଗୁଡ଼ିକରେ ପୂର୍ବଭଳି ଏବେ ମଧ ଭିଡ଼ ଦେଖିବାକୁ ମିଳୁଛି। ହେଲେ ଏଠାରେ କୌଣସି ସଚେତନତାମୂଳକ ପଦକ୍ଷେପ ଗ୍ରହଣ କରାଯାଉ ନ ଥିବା ବୁଧବାର ଦେଖିବାକୁ ମିଳିଛି। ଗୋଟିଏ ଟେବୁଲରେ ସାଧାରଣ ଭାବେ ୪ଜଣ ବସି ଖାଇବା ବ୍ୟବସ୍ଥା ଥିବାବେଳେ ୫ଜଣ ଗ୍ରାହକ ବସି ଖାଉଛନ୍ତି। ହାତ ଧୋଇବା ସ୍ଥାନରେ ସାନିଟାଇଜର ତ ଦୂରର କଥା ଖଣ୍ଡେ ସାବୁନ ମଧ ରଖାଯାଉ ନାହିଁ। ମେଡିକାଲ ନିକଟରେ ଥିବା ଏହି ସବୁ ଉଠା ହୋଟେଲଗୁଡ଼ିକୁ ବହୁ ସଂଖ୍ୟାରେ ରୋଗୀଙ୍କ ସମ୍ପର୍କୀୟମାନେ ଖାଇବାକୁ ଆସିଥାନ୍ତି। ହେଲେ ଏଠାରେ ଥିବା ଉଠା ହୋଟେଲ ଓ ଜଳଖିଆ ଦୋକାନଗୁଡ଼ିକ ଉପରେ କାହାର ନିୟନ୍ତ୍ରଣ ଥିବା ଭଳି ମନେ ହେଉନାହିଁ। ହୋଟେଲରେ ଖାଇବା ପୂର୍ବରୁ ହାତ ଭଲ ଭାବେ ଧୋଇବାକୁ ସାବୁନ ଟିକେ ମିଳୁ ନାହିଁ ବୋଲି ଏଠାକୁ ଖାଇବାକୁ ଆସୁଥିବା ଲୋକମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଏସ୍‌ସିବି ହସ୍ପିଟାଲ୍ ନିକଟରେ ଥିବା ଜଣେ ହୋଟେଲ ମାଲିକଙ୍କୁ ପଚାରିବାରେ, ଆମେ ଘରେ ରୋଷେଇ କରି ଏଠାକୁ ନେଇ ଆସୁଛୁ । ବେପାର ସରିବା ପରେ ବି ବାସନ ଘରେ ନେଇ ଧୋଇଥାଉ। ତେଣୁ ଆମକୁ ସାବୁନ କିମ୍ବା ସଫା କରିବା ପାଉଡର ଆବଶ୍ୟକ ପଡୁ ନାହିଁ ବୋଲି କହିଛନ୍ତି। ହେଲେ ଖାଇବାପୂର୍ବରୁ କାହିଁକି ସାବୁନ ରଖାଯାଉନି ବୋଲି ପଚରାଯାଇଥିବା ପ୍ରଶ୍ନର ଉତ୍ତରରେ କେହି ମୁହଁ ଖୋଲି ନ ଥିଲେ। ସିଏମ୍‌ସି କମିଶନର ଅନନ୍ୟା ଦାସଙ୍କୁ ଏ ସମ୍ପର୍କରେ ପଚାରିବାରେ, ଲୋକଙ୍କୁ ସଚେତନ ହେବାକୁ କୁହାଯାଉଛି। ଏଦିଗରେ ସାଧାରଣ ଲୋକ ବିଶେଷ ସଚେତନ ହୁଅନ୍ତୁ। ବୁଧବାର ହୋଟେଲ ମାଲିକଙ୍କୁ ନେଇ ଏକ ବୈଠକ ଡକାଯାଇଥିଲ। ସାନିଟାଇଜର ବ୍ୟବହାର କରିବା, ହୋଟେଲରେ ଭିଡ଼ ନ କରିବାକୁ ଚେତାବନୀ ଦିଆଯାଇଛି। ଯଦି କେହି ଏହାର ଉଲ୍ଲଂଘନ କରନ୍ତି ତେବେ ସେମାନଙ୍କ ବିରୋଧରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କମିଶନର ଦାସ କହିଛନ୍ତି।



ମଙ୍ଗଳବାଗ ରୋଡ ପାର୍ଶ୍ୱରେ ଥିବା ହୋଟେଲରେ ଖାଉଥିବା ଲୋକମାନେ।

**ବୈଠକ ଡାକି ଚେତାବନୀ ଦେଲେ କମିଶନର**

### ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୧୮।୩(ସ୍ୱ.ପ୍ର.)**

ନିଶ୍ଚିନ୍ତକଲୋଇ ବ୍ଲକ ତଥା ସାଲେପୁର ଥାନା ଅଧୀନ କେନ୍ଦୁପଟଣା ପଞ୍ଚାୟତ ନଟରା ଗ୍ରାମର ଜଣେ ମହିଳାଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ନବବଧୂ ଜଣକ ଗ୍ରାମର ସନ୍ତୋଷ ସାହୁଙ୍କ ସ୍ତ୍ରୀ ମାଧୁରୀ ସାହୁ(୨୮)। ସେ ୧ ବର୍ଷ ତଳେ ବିବାହ କରିଥିଲେ। ଅନ୍ୟପକ୍ଷରେ ପାରିବାରିକ କଳହକୁ ନେଇ ମାଧୁରୀ ରଶି ଲଗାଇ ଆତ୍ମହତ୍ୟା କରିଥିବା ଶାଶୂଘର ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ମାଧୁରୀଙ୍କ ବାପଘର ଢେଙ୍କାନାଳ ଜିଲା ହିନ୍ଦୋଳ ଅଞ୍ଚଳରେ ବୋଲି ଜଣାପଡ଼ିଛି। ବାପଘର ଲୋକ ଆସିବା ପରେ ଗୁରୁବାର ମୃତଦେହ ଜବତ କରାଯାଇ ବେବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଯିବ ବୋଲି ପୋଲିସ କହିଛି।



-ବିପଦର ଆଶଙ୍କା ପାଇଲେ କଇଁଛ ଯେପରି ତା'ର ଖୋଳ ଭିତରେ ନିଜକୁ ସଙ୍କୁଚିତ କରିଆଣେ, ସେହିପରି ଅତିଶୟ ଇନ୍ଦ୍ରିୟ ଭୋଗ ବା କାମ ପିପାସା ଜାଗ୍ରତ ହେଲେ ବିଜ୍ଞବ୍ୟକ୍ତି ଆତ୍ମସଂଯମର ଖୋଳ ଭିତରେ ନିଜର ଆତ୍ମରକ୍ଷା କରେ। - ମହାବୀର ଜୈନ



# ୩ ବର୍ଷରେ ଗଲାଣି ୧୦ ଜୀବନ

**ଖୋର୍ଦ୍ଧା ଅଫିସ,୧୮।୩**

ଖୋର୍ଦ୍ଧା ବନଖଣ୍ଡ ଟାଙ୍ଗୀ ବନ ବିଭାଗ ରମ୍ଭାବିଲି ନିକଟସ୍ଥ ଜଙ୍ଗଲରେ ହାତୀଙ୍କ ଉପଦ୍ରବ ଲାଗି ରହିଛି। ବନ ବିଭାଗର ଅପାରଗତା ଏବଂ ଜିଲା ପ୍ରଶାସନର ଆନ୍ତରିକତା ଅଭାବରୁ ଉକ୍ତ ଅଞ୍ଚଳରେ ହାତୀ ସୁରକ୍ଷିତ ରହୁ ନାହାନ୍ତି। ୨୦୧୯ ଡିସେମ୍ବରରେ ଏହି ଅଞ୍ଚଳରେ ଏକ ଦନ୍ତା ହାତୀର ମୃତ୍ୟୁ ଘଟିଥିଲା। ଏହି ମୃତ୍ୟୁ ଘଟଣା ଏବେ ବି ରହସ୍ୟାବୃତ ରହିଛି। ଖୋର୍ଦ୍ଧା ବନଖଣ୍ଡରେ ୨୦୦୪ ମସିହାରୁ ଚନ୍ଦକା ଜଙ୍ଗଲରୁ ଚାଲି ଆସିଥିବା ୨୫ରୁ ୩୦ ହାତୀ ଏହି ଅଞ୍ଚଳରେ ରହୁଛନ୍ତି। ଏଠାରେ ହାତୀ ଓ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ମୁହାଁମୁହିଁ ଜାରି ରହିଛି। ୩ ବର୍ଷ ମଧ୍ୟରେ ହାତୀ ଆକ୍ରମଣରେ ପ୍ରାୟ ୧୦ ଜଣଙ୍କ ମୃତ୍ୟୁ ଘଟିଛି।

ଅନ୍ୟପକ୍ଷେ ହାତୀ ଦୌରାତ୍ମ୍ୟ ଏବଂ ଫସଲହାନି ରୋକିବା ଲାଗି ଜମିରେ ଚାଷୀମାନେ କୀଟନାଶକ ପ୍ରୟୋଗ କରାଯାଉଛି। ହାତୀ ଏହାକୁ ଖାଇ ଅସୁସ୍ଥ ହୋଇ ପଡୁଥିବା କେତେଜଣ ପରିବେଶବିତ୍ ମତବ୍ୟକ୍ତ କରିଛନ୍ତି। ଉକ୍ତ ଅଞ୍ଚଳରେ ଦୀର୍ଘବର୍ଷ ଧରି ହାତୀ ରହୁଛନ୍ତି। ଏମାନଙ୍କ ସୁରକ୍ଷା ଲାଗି ବନ ବିଭାଗ ପକ୍ଷରୁ କୌଣସି ତତ୍ପରତା ପ୍ରକାଶ ପାଉନାହିଁ। କେବଳ କୌଣସି ସ୍ଥାନରେ ହାତୀ ଉପଦ୍ରବ ଅଥବା ଅସୁସ୍ଥ ହେଲେ ବନ ବିଭାଗର ଚେତା ପଶୁଛି। ପରେ ବର୍ଷସାରା ଏଠାରେ ବନ ବିଭାଗ କର୍ମଚାରୀଙ୍କ ଦେଖା ମିଳି ନ ଥାଏ ବୋଲି ସ୍ଥାନୀୟ ଲୋକ କହିଛନ୍ତି। ବନ ବିଭାଗର ଅପାରଗତା, ଦାୟିତ୍ୱହୀନତା ଏଥିଲାଗି ଦାୟୀ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ବାରମ୍ବାର ହାତୀ ଓ ମଣିଷ ଲଢେଇ ଜାରି ରହିଛି। ଏହାର ସ୍ଥାୟୀ ସମାଧାନ ଲାଗି କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ହାତୀ ଉପଦ୍ରବ, ପ୍ରଶାସନ ନୀରବ



ଟାଙ୍ଗୀ ବନାଞ୍ଚଳରେ ବୁଧବାର ଅସୁସ୍ଥ ମାଈହାତୀକୁ ଦନ୍ତା ହାତୀ ଜଗି ରହିଛି ।

### ଏମାନେ କ'ଣ କୁହନ୍ତି...

"ହାତୀ ଉପଦ୍ରବ ସମ୍ପର୍କରେ ବନଖଣ୍ଡ ଅଧିକାରୀଙ୍କ ସହ ଆଲୋଚନା କରାଯାଇଛି। ଉକ୍ତ ଅଞ୍ଚଳର ବାସିନ୍ଦାଙ୍କ ସହ ବନ ବିଭାଗର ସମନ୍ୱୟ ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି। ହାତୀ ଯୋଗୁ ଫସଲହାନି ଘଟୁଥିବା ଚାଷୀଙ୍କୁ କ୍ଷତିପୂରଣ ଦେବା ଲାଗି ବ୍ୟବସ୍ଥା କରାଯାଉଛି। ହାତୀ ସଂରକ୍ଷଣ ପ୍ରତି ଗୁରୁତ୍ୱ ଦିଆଯିବ।

**-ସିତାଂଶୁ ରାଉତ, ଜିଲାପାଳ**

"ନିୟମିତ ବ୍ୟବଧାନରେ ଏହି ଅଞ୍ଚଳରେ ଯାଞ୍ଚ କରାଯାଉଛି। ହାତୀ ଓ ଜନତାଙ୍କ ମଧ୍ୟରେ ଦୂରତା ରଖିବା ଲାଗି ଉଦ୍ୟମ ଜାରି ରହିଛି। ହାତୀଙ୍କ ସୁରକ୍ଷା ପ୍ରତି ବନ ବିଭାଗ ଯତ୍ନବାନ ରହିଛି।

**-ଅଜୟ ଜଗଦ୍ଦେବ, ରେଞ୍ଜର, ଟାଙ୍ଗୀ**



"ବାରମ୍ବାର ଏହି ଅଞ୍ଚଳରେ ହାତୀ ମୃତ୍ୟୁ ଘଟଣା ବୃଦ୍ଧି ପାଇବାରେ ଲାଗିଛି। ହାତୀଙ୍କ ସୁରକ୍ଷା ପ୍ରତି ବନ ବିଭାଗର ଅପାରଗତା ଦାୟୀ। ଜଙ୍ଗଲ ଧ୍ୱଂସ, କଂକ୍ରିଟ ଜଙ୍ଗଲ, ଯୋଗୁ ହାତୀ ବର୍ତ୍ତମାନ ଖାଦ୍ୟ ଅନ୍ୱେଷଣରେ ଗାଁ ମୁହାଁ ହେବାରେ ଲାଗିଛନ୍ତି। ନିୟମିତ ବ୍ୟବଧାନରେ ହାତୀ ଓ ଜନତାଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ଲାଗି ରହିଛି। ହାତୀ କରିଡର ପ୍ରତି ବାରମ୍ବାର ଦାବି ସତ୍ତ୍ୱେ ଜିଲା ପ୍ରଶାସନ ପକ୍ଷରୁ କୌଣସି ବ୍ୟବସ୍ଥା କରାଯାଉନାହିଁ।

**- ବିଶ୍ୱଭୂଷଣ ଛୋଟରାୟ, ସ୍ଥାନୀୟ ବାସିନ୍ଦା**



"ଏହି ଅଞ୍ଚଳରେ ଦୀର୍ଘବର୍ଷ ଧରି ହାତୀ ପଲ ରହୁଛନ୍ତି। ଖାଦ୍ୟ ଅନ୍ୱେଷଣରେ ନିକଟସ୍ଥ ଗ୍ରାମକୁ ଚାଲି ଆସୁଛନ୍ତି। ହାତୀ ଓ ଜନତାଙ୍କ ମଧ୍ୟରେ ଶୀତଳ ଯୁଦ୍ଧ ଚାଲିଛି। ହାତୀଙ୍କ ସୁରକ୍ଷା ଲାଗି ନିକଟରେ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲି। ଏ ନେଇ ଜିଲା ପ୍ରଶାସନର ଦୃଷ୍ଟି ଆର୍କଷଣ କରାଯାଇଥିଲା। ତେବେ ବନ ବିଭାଗ ଓ ଜିଲା ପ୍ରଶାସନ ନିଦ୍ରା ଭାଙ୍ଗୁନାହିଁ। ହାତୀ କେଉଁ ସ୍ଥାନରେ ଟ୍ରାକିଂ କି ବନ ବିଭାଗ ପକ୍ଷରୁ ଯାଞ୍ଚ କରାଯାଉନାହିଁ।

**- କେଲୁ ଚରଣ ଜଗଦ୍ଦେବ , କଂଗ୍ରେସ ନେତା**

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସର, ବରଗଛ ମୂଳେ ଘର;**
**ଯେ ନା ସେ ପଶିବ,**
**କାହାକୁ କରିବ ପର ।**

ବରଗଛ ମୂଳେ ସମସ୍ତେ ବିଶ୍ରାମ କରିବାକୁ ଆସନ୍ତି। ସେଠି ଘର ଖଣ୍ଡେ ଥିଲେ ସେଠିକି ବିଶ୍ରାମ ନେବାକୁ, ବସାଉଠା କରିବାକୁ ପାଣି ଟୋପାଏ ପିଇବାକୁ ଅନେକ ବାଟୋଇ ପହଞ୍ଚିଯାଇଥାନ୍ତି। ବିବେକ ଦୃଷ୍ଟିରୁ ତାଙ୍କୁ ମନା କରି ହୋଇ ନ ଥାଏ। ଏପରିସ୍ଥଳେ ପଛରେ ଏନେଇ ଯେ କଥା ନ ବାହାରିବ ସେ କଥା କିଏ କହିବ । ତେଣୁ ଏସବୁ ଭାରି ଅସୁବିଧା କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସକାଳ ପଖାଳ ଭଲ,**
**ଯଦି ଭଜାଭଜି ଥାଏ**
**ସକାଳ ଗାଧୁଆ ଭଲ**
**ଯେବେ ଦେହରେ ଯାଏ ।**

ଭଜାଭଜି ଥିଲେ ପଖାଳ ଖାଇବା ମଜା ଦ୍ୱିଗୁଣିତ ହୋଇଯାଇଥାଏ। ସେହିପରି ଦେହ ଖରାପ ହେଉ ନ ଥିଲେ ବଡ଼ି ସକାଳୁ ଗାଧୋଇବା ଶୁଭଙ୍କର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଡିଏଚ୍ଏଚ୍ ବୁଲି ସ୍ଥିତି ପରଖିଲେ ଜିଲାପାଳ

- ବିଦେଶ ଫେରନ୍ତାଙ୍କ ସହ ନିୟମିତ ଯୋଗାଯୋଗ କରାଯିବ
- କର୍ମଚାରୀଙ୍କୁ ମାସ୍କ ବାନ୍ଧିବା ବାଧ୍ୟତାମୂଳକ କର
- ରୋଗୀଙ୍କ ମଧ୍ୟରେ ଦୂରତା, ସ୍ୱଚ୍ଛତା ପ୍ରତି ଗୁରୁତ୍ୱ ଦିଅ

**ଖୋର୍ଦ୍ଧା ଅଫିସ,୧୮।୩**

ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ କରୋନା ଭୂତାଣୁ ସଂକ୍ରମଣ ସଚେତନତା ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ବୁଧବାର ଅପରାହ୍ନରେ ଜିଲାପାଳ ସିତାଂଶୁ କୁମାର ରାଉତ ଜିଲା ମୁଖ୍ୟ ଚିକିତ୍ସାଳୟ(ଡିଏଚଏଚ)ରେ ପହଞ୍ଚି ସ୍ଥିତି ପରଖିଛନ୍ତି। କରୋନା ଲାଗି ଡିଏଚ୍ଏଚ୍‌ରେ ସର୍ତକତା ଅବଲମ୍ବନ ଉପରେ ଜିଲାପାଳ ଗୁରୁତ୍ୱ ଦେଇ ସ୍ୱଚ୍ଛତା, ୱାର୍ଡ ପରିଚ୍ଛନ୍ନତା ଲାଗି କହିଥିଲେ। ସମସ୍ତ ୱାର୍ଡ ବୁଲି ଦେଖିଥିଲେ। ଚିକିତ୍ସାଳୟରୁ ବାହାରୁଥିବା ବର୍ଜ୍ୟବସ୍ତୁର ଠିକ୍ ପରିଚାଳନା ଲାଗି କହିଥିଲେ। ସମସ୍ତ କର୍ମଚାରୀ ମାସ୍କ ପରିଧାନ କରିବେ। ବିନା ମାସ୍କରେ କେହି ବି ରୋଗୀ ପରୀକ୍ଷା କରିବେ ନାହିଁ। ଓପିଡିରେ ରୋଗୀଙ୍କ ଗହଳି ହଟାଇବା ଲାଗି ସ୍ୱତନ୍ତ୍ର ବ୍ୟବସ୍ଥା ଲାଗି ନିର୍ଦ୍ଦେଶ ଦେଇଥିଲେ। ରୋଗୀ ଧାଡିରେ ଠିଆହେବା ସମୟରେ ପରସ୍ପର ମଧ୍ୟରେ ଦୂରତା ରକ୍ଷା କରିବେ, ରୋଗୀମାନଙ୍କୁ ମାସ୍କ ପିନ୍ଧିବା ଲାଗି ପରାମର୍ଶ ଦେବାକୁ ଜିଲାପାଳ ରାଉତ କହିଥିଲେ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ) ବିଶ୍ୱ ରଞ୍ଜନ ପତିଙ୍କୁ ପଚାରିବାରେ ଜିଲାପାଳ ବୁଧବାର ଡିଏଚଏଚରେ ସ୍ଥିତି ଅନୁଧ୍ୟାନ କରିଛନ୍ତି। ବିଭିନ୍ନ ପ୍ରସଙ୍ଗ ଉପରେ ଜିଲାପାଳ ସହ ଆଲୋଚନା ହୋଇଥିଲା। କରୋନା ଭୂତାଣୁ ମୁକାବିଲା ଲାଗି ଜିଲାରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଡିଏଚଏଚ ସମେତ ଜିଲାର ସମସ୍ତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଇସୋଲେଶନ ୱାର୍ଡ ଏବଂ କ୍ୱାରାଟାଇନ ବ୍ୟବସ୍ଥା ରହିଛି। ଡିଏଚଏଚରେ ମହିଳାପୁରୁଷଙ୍କ ଲାଗି ସ୍ୱତନ୍ତ୍ର ଆଇସୋଲେଶନ ୱାର୍ଡ ବ୍ୟବସ୍ଥା ରହିଛି। ଦୀର୍ଘଦିନ ଧରି କୌଣସି ବ୍ୟକ୍ତି ଥଣ୍ଡା, କାଶ ଆକ୍ରାନ୍ତ ହୋଇଥିଲେ, ସେମାନଙ୍କ ରକ୍ତ ନମୁନା ସଂଗ୍ରହ କରାଯାଇ ଭୁବନେଶ୍ୱରକୁ ପରୀକ୍ଷା ଲାଗି ପଠାଯିବ। ବିଦେଶରୁ ଫେରିଥିବା ବ୍ୟକ୍ତି ବିଶେଷଙ୍କ ସ୍ୱତନ୍ତ୍ର ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯାଇଛି। ସେମାନଙ୍କୁ ସରକାରୀ ନୀତି ନିୟମ ପାଳନ କରିବା ଲାଗି ତାଗିଦ୍ କରାଯାଇଛି। ସେମାନଙ୍କ ସହିତ ନିୟମିତ ଯୋଗାଯୋଗ ରଖାଯିବ ବୋଲି ସିଡିଏମଓ ପତି କହିଥିଲେ।

# ଅସୁସ୍ଥ ହାତୀ ପାଖକୁ ଆସିଲେନି ଡିଏଫଓ

**ଖୋର୍ଦ୍ଧା ଅଫିସ,୧୮।୩ :**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବନାଞ୍ଚଳ ଅଧୀନ ସରପାରୀ ପଞ୍ଚାୟତ ବାମ୍ବରଡା ମୌଜାସ୍ଥିତ ଚାରିବାଟିଆ ଗହୀର ଜମିରେ ବୁଧବାର ଏକ ମାଈହାତୀ ଅସୁସ୍ଥ ହୋଇ ପଡିରହିଥିଲା। ଦୀର୍ଘ ସମୟ ଧରି ଅସୁସ୍ଥ ହାତୀର ଚିକିତ୍ସା ଜାରି ରହିଥିବା ବେଳେ ଖୋର୍ଦ୍ଧା ବନଖଣ୍ଡ ଅଧିକାରୀ(ଡିଏଫଓ) ସୁଦୀପ ନାୟକ ଘଟଣାସ୍ଥଳକୁ ନ ଆସିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ବନ ବିଭାଗର ଅପାରଗତାକୁ ସ୍ଥାନୀୟ ଗ୍ରାମବାସୀ, ପରିବେଶ ପ୍ରେମୀ ତୀବ୍ର ବିରୋଧ କରିଥିଲେ। ସମସ୍ତେ ବନ ବିଭାଗର ଅପରାଗତାକୁ ଦାୟୀ କରିଥିଲେ। ଏ ନେଇ ଡିଏଫଓ ନାୟକ କୁହନ୍ତି, ଘଟଣାସ୍ଥଳରେ ବନ କର୍ମଚାରୀ ନିୟୋଜିତ ଅଛନ୍ତି। ହାତୀର ଚିକିତ୍ସା ଚାଲିଛି। ଏ ନେଇ ଓୟୁଏଟି ବିଶେଷଜ୍ଞଙ୍କୁ ସୂଚନା ଦିଆଯାଇଛି। ଉକ୍ତ ଟିମ ପହଞ୍ଚି ହାତୀର ଅବସ୍ଥା ଅନୁଧ୍ୟାନ କରିବେ ବୋଲି କହିଥିଲେ।

## ହାତୀ ଓ ଜନତାଙ୍କ ଛକାପଞ୍ଝା

ଅସୁସ୍ଥ ହାତୀ ନିକଟରେ ଅନ୍ୟ ଏକ ଦନ୍ତାହାତୀ ଜଗି ରହିଥିଲା। ତେବେ ଶତାଧିକ ଗ୍ରାମବାସୀଙ୍କୁ ଦେଖି ଦନ୍ତାଟି ନିକଟସ୍ଥ ଜଙ୍ଗଲକୁ ଚାଲି ଯାଇଥିଲା। ହେଲେ କିଛି ସମୟ ପରେ ଅସୁସ୍ଥ ହାତୀ ନିକଟକୁ ଚାଲି ଆସୁଥିଲା। ଫଳରେ ହାତୀ ଓ ଉପସ୍ଥିତ ଲୋକଙ୍କ ମଧ୍ୟରେ କିଛି ସମୟ ଧରି ଛକାପଞ୍ଝା ଲାଗି ରହିଥିଲା। ଦୀର୍ଘ ସମୟ ଧରି ହାତୀ ଓ ଜନତା ମୁହାଁମୁହିଁ ହୋଇଥିଲେ। ତେବେ ହାତୀଟି ଅସୁସ୍ଥ ହାତୀ ନିକଟକୁ ଆସି ନ ଥିଲେ ମଧ୍ୟ ରଡି ଛାଡୁ ଥିଲା।

## ହଜିଗଲା ମାନବିକତା

ଘଟଣାସ୍ଥଳରେ ହାତୀଟି ଅସୁସ୍ଥ ହୋଇ ତଳେ ପଡି ଛଟପଟ ହେଉଥିବା ବେଳେ ମାନବିକତା ଭୁଲି ଯାଇଥିଲେ କେତେଜଣ ଯୁବକ। କିଏ ହାତୀ ସହ ସେଲଫି ନେବାରେ ବ୍ୟସ୍ତ ରହିଥିଲା ତ ଆଉ କିଏ ଲାଇଫ ଭିଡିଓ କରି ପରିବାର, ବନ୍ଧୁମାନଙ୍କୁ ଦେଖାଇବାରେ ବ୍ୟସ୍ତ ରହିଥିବା ଦେଖିବାକୁ ମିଳିଥିଲା। ଆଉ କେତେଜଣ ଯୁବକ ଏହାର ଭରପୂର ମଜା ଉଠାଉ ଥିଲେ। ଏହି ସମୟରେ କେହି ଜଣେ କହିଥିଲେ, କ'ଣ ସେ ମୂକ ବୋଲି, ତମମାନଙ୍କ ମାନବିକତା ହଜି ଯାଇଛି କି। ହାତୀର ସୁସ୍ଥତା ପ୍ରତି ଗୁରୁତ୍ୱ ଦେବା ପରିବର୍ତ୍ତେ ଫଟୋ ଉଠାଇବାକୁ ନେଇ ବିରୋଧ କରିଥିଲେ।

# କୋଚିଂ ସେଣ୍ଟର ଉପରେ ଚଢ଼ାଉ



ବ୍ଲକ ଶିକ୍ଷାଧିକାରୀଙ୍କ ପକ୍ଷରୁ ଏକ କୋଚିଂ ସେଣ୍ଟର ଉପରେ ଚଢାଉ କରାଯାଇଛି ।

**ନିରାକାରପୁର,୧୮।୩(ଡି.ଏନ.ଏ.)**

କରୋନା ଭୂତାଣୁ ସଂକ୍ରମଣ ରୋକିବା ପାଇଁ ସରକାରଙ୍କ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। ସ୍କୁଲ, କଲେଜ ବନ୍ଦ ପାଇଁ ଘୋଷଣା କରାଯାଇଛି। ହେଲେ ଖୋର୍ଦ୍ଧା ଜିଲା ନିରାକାରପୁର ଅଞ୍ଚଳରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ସରକାରଙ୍କ ନିର୍ଦ୍ଦେଶକୁ ବେଖାତିର କରି କେତେକ ବ୍ୟକ୍ତି ଟ୍ୟୁଶନ, କୋଚିଂ ସେଣ୍ଟର ଖୋଲିଥିଲେ। ଏହି ଖବର ପାଇ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶରେ ଟାଙ୍ଗୀ ବ୍ଲକ ଶିକ୍ଷା ଅଧିକାରୀ ମଧୁସୂଦନ ମଲ୍ଲିକଙ୍କ ସମେତ କର୍ମଚାରୀମାନେ ବୁଧବାର ନିରାକାରପୁର ଅଞ୍ଚଳରେ କୋଚିଂ ସେଣ୍ଟର, ଟ୍ୟୁଶନ ଓ ହଷ୍ଟେଲ ଉପରେ ଚଢାଉ କରିଥିଲେ। ଏହି ସମୟରେ ସେମାନେ କେତେଜଣ ଛାତ୍ରୀଛାତ୍ରଙ୍କୁ ପଚରାଉଚରା କରିଥିଲେ। ଚଢାଉ ଖବର ପାଇ ଅନ୍ୟ କୋଚିଂ ସେଣ୍ଟର ମାଲିକମାନେ ତାଲାପକାଇ ଚାଲିଯାଇଥିଲେ। କର୍ମଚାରୀମାନେ ବାହାର ପଟୁ ତାଲା ପଡିଥିବା ଦେଖି ଫେରିଯାଇଥିଲେ। ଏ ସମ୍ପର୍କରେ ଟାଙ୍ଗୀ ବିଇଓ ମଲ୍ଲିକ କହିଥିଲେ, କୋଚିଂ ସେଣ୍ଟର ଆଦି ଖୋଲିଥିବା ଖବର ପାଇ ଆମେ ଚଢାଉ କରିଥିଲୁ। ହେଲେ ପହଞ୍ଚିବାବେଳକୁ ସେଗୁଡିକ ବନ୍ଦ ହୋଇସାରିଥିଲା। ତେବେ କିଛି ହଷ୍ଟେଲରେ ପହଞ୍ଚି ସେଠାରେ ଥିବା ପିଲାମାନଙ୍କୁ ତୁରନ୍ତ ଘରକୁ ଯିବାପାଇଁ କହିଥିଲୁ। ଏହା ଉପରେ କଡା ନଜର ରଖାଯାଇଛି ବୋଲି ସେ ସୂଚନା ଦେଇଥିଲେ।

# ଟ୍ରେନ୍‌ରୁ ଖସି ବୃଦ୍ଧ ଆହତ

**ପୁରୀ ଅଫିସ,୧୮।୩**

ପୁରୀ ରେଳ ଷ୍ଟେଶନରେ ଟ୍ରେନରୁ ଖସିପଡ଼ି ବୁଧବାର ଜଣେ ବୃଦ୍ଧ ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆରପିଏଫ୍ ଯବାନଙ୍କ ଯୋଗୁ ସମ୍ପୃକ୍ତ ବୃଦ୍ଧଙ୍କ ଜୀବନ ରକ୍ଷା ପାଇଯାଇଛି ବୋଲି ଜଣାପଡିଛି। ବୁଧବାର ଷ୍ଟେଶନରେ ଡ୍ୟୁଟି ଅଫିସର ଏସ୍‌ଆଇ ମୋହନ ଏବଂ ଆରପିଏଫ୍ କର୍ମଚାରୀମାନେ କରୋନା ସଂକ୍ରାନ୍ତରେ ଯାତ୍ରୀଙ୍କୁ ସଚେତନ କରାଉଥିଲେ। ଏହି ସମୟରେ ୪ ନଂ. ପ୍ଲାଟଫର୍ମରେ ଧୀରେ ଧୀରେ ପ୍ରବେଶ କରୁଥିବା ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସର ଜେନେରାଲ ବଗିରୁ ଜଣେ ବୃଦ୍ଧ ଖସିପଡ଼ିଥିଲେ। ପ୍ଲାଟଫର୍ମ ଏବଂ ଟ୍ରେନ୍ ମଝି ଫାଙ୍କରେ ସେ ପଡିଯାଇଥିଲେ। ସଙ୍ଗେ ସଙ୍ଗେ ଅଫିସର ଏସ୍‌ଆଇ ମୋହନ ଏବଂ ଆର.ଏନ୍. ପୃଷ୍ଟି ତାଙ୍କୁ ଟାଣି ଆଣିଥିଲେ। କିନ୍ତୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଉପରୋକ୍ତ ଆରପିଏଫ୍ କର୍ମଚାରୀଦ୍ୱୟ ତାଙ୍କୁ ପ୍ଲାଟଫର୍ମ ଉପରକୁ ଆଣି ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସ ପହଞ୍ଚିବା ପୂର୍ବରୁ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ଚିକିତ୍ସା କରାଯାଇଛି । କିନ୍ତୁ ମୁଣ୍ଡରେ ଆଘାତ ଲାଗିଥିବାରୁ ସେ କିଛି କହିପାରୁ ନାହାନ୍ତି। ଫଳରେ ତାଙ୍କ ପରିଚୟ ମଧ୍ୟ ଜଣାପଡି ନାହିଁ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

MUDRA FINANCE (Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତୀପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ 40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

FINANCE FINANCE

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ
ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭଡା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ ଙ୍କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ
ସମ୍ପତ୍ତି ଋଣ
ମାର୍କସିଟ୍ ଋଣ
ଆଧାର କାର୍ଡ ଋଣ
ବ୍ୟକ୍ତିଗତ ଋଣ
ବିପିଏଲ୍ ଋଣ
ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD.
REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ
ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ
ପର୍ସନାଲ | ପ୍ରପର୍ଟି
ଏଗ୍ରିକଲ୍ଚର | ବ୍ୟବସାୟ
ଗୃହ ଋଣ | ଟୁ-ହ୍ୱିଲର୍
ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

ପଚିଶ ବର୍ଷର ଆମର ସଫଳତା ଆପଣଙ୍କର
(ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ
• ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD.
ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

ASTROLOGY ASTROLOGY

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରସ୍ତ, ଗୃହ କ୍ଲେଶ, ପତି ପତ୍ନୀ ମଧ୍ୟରେ ଝଗଡା,ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା,ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର
9773820765


**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅ ନାହିଁ। ସାବଧାନ ହୁଅ, ଠକିଯିବ, ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ବି ନୁହନ୍ତି, ଠାକୁର ବି ନୁହନ୍ତି । - ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ବିଷ ପିଇ ଯୁବକଙ୍କ ଆତ୍ମହତ୍ୟା

ବାଲୁଗାଁ, ୧୮।୩(ଡି.ଏନ.ଏ.) ଜମିବାରି ବଣ୍ଟନକୁ କେନ୍ଦ୍ରକରି ପାରିବାରିକ କଳହ ଯୋଗୁ ବାଲୁଗାଁ ଥାନା ଅଧୀନ ନାଭାଲ ଫାଣ୍ଡି ଅନ୍ତର୍ଗତ ବୋରିଆ ସାହି ଗାଁର ଜଣେ ଯୁବକ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ପବିତ୍ର ବିଶ୍ୱାଳ(୪୦)। ବୋରିଆ ସାହି ଗ୍ରାମର ଯୁଗଳଙ୍କ ଦୁଇପୁଅ ଜମି ଭାଗ ବଣ୍ଟାକୁ ନେଇ ସବୁବେଳେ କଳହ ଲାଗୁଥିଲେ। ଜମିବାରି ବଣ୍ଟନକୁ ନେଇ ବାପା ରାଜି ହେଉ ନ ଥିବାରୁ ଦୁଇ ପୁଅ ହଇରାଣ ହୋଇ ଚଲୁଥିଲେ। ମା' ବାପା କିଛିଦିନ ସାନ ପୁଅ ପାଖରେ ରହିବା ପରେ ବଡ଼ ପୁଅ ପାଖକୁ ଆସିଥିଲେ। ଜମିବାରି ବଣ୍ଟନ ନ ହେବା ଯାଏ ବଡ ପୁଅ ମା'ବାପାଙ୍କୁ ରଖିବାକୁ ମନା କରି ଦେବା ପରେ ଯୁଗଳ ନିରୁପାୟ ହୋଇ ଆଇନର ଆଶ୍ରୟ ନେଇଥିଲେ। ଏପରିସ୍ଥଳେ ଗୁରୁବାର ପବିତ୍ର କୋର୍ଟରେ ହାଜର ହେବାକୁ ଥିବା ଜାଣି ପାରି ମଙ୍ଗଳବାର ସନ୍ଧ୍ୟାରୁ କେଉଁ ଆଡ଼େ ଚାଲି ଯାଇଥିଲା। ବହୁ ସମୟ ଧରି ଖୋଜାଖୋଜି କରିବା ପରେ ବିଳମ୍ବିତ ରାତ୍ରିରେ ଘର ପାଖରେ ଥିବା ଜମିରେ ପବିତ୍ର ପଡ଼ିଥିବା ଦେଖିବାକୁ ପାଇଥିଲେ। ସେ ବିଷ ପିଇ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ବାଲୁଗାଁ ଥାନା ଅଧିକାରୀ ରମାକାନ୍ତ ମହାଲିକ କହିଛନ୍ତି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

### ଗାଡ଼ି ଧକ୍କାରେ ଯୁବକଙ୍କ ମୃତ୍ୟୁ

ଯାଁଳା,୧୮।୩ (ଡି.ଏନ.ଏ.): ଯାଁଳା ଫାଣ୍ଡି ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥର ଗଙ୍ଗପଡ଼ା ପେଟ୍ରୋଲ ପମ୍ପ ନିକଟରେ ଅଜଣା ଗାଡ଼ି ଧକ୍କାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତବ୍ୟକ୍ତିଙ୍କ ପରିଚୟ ମିଳିନାହିଁ। ବୁଧବାର ପୂର୍ବାହ୍ନ ସାଢ଼େ ୧୦ଟାରେ ଏହା ଘଟିଥିଲା। ଗୁରୁତର ଅବସ୍ଥାରେ ଯୁବକଙ୍କୁ ଫାଣ୍ଡି ପୋଲିସ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତବ୍ୟକ୍ତି ଜଣଙ୍କ ବୟସ ୪୦ରୁ ୪୫ ମଧ୍ୟରେ ହୋଇଥିବା ପୋଲିସ ଅନୁମାନ କରୁଛି। ସେ ଆକାଶୀ ରଙ୍ଗର ସାର୍ଟ ଓ କଳାପ୍ୟାଣ୍ଟ ପିନ୍ଧିଥିବା ପୋଲିସ କହିଛି। ମୃତବ୍ୟକ୍ତିଙ୍କ ବେକରେ ଏକ ଚେକ୍ ଗାମୁଛା ରହିଥିଲା।

### କରୋନା ପାଇଁ ପୋଲିସର ଫ୍ଲାଗ୍ ମାର୍ଚ୍ଚ

ବାଲୁଗାଁ,୧୮।୩(ଡ଼ିଏନଏ) ; କରୋନା ସଂକ୍ରମଣରୁ ରକ୍ଷା ପାଇବାକୁ ରାଜ୍ୟ ସରକାରଙ୍କ ପକ୍ଷରୁ ଜନସାଧାରଣଙ୍କୁ ବିଭିନ୍ନ ସଚେତନତାମୂଳକ ସତର୍କତା ନିମନ୍ତେ ପଦକ୍ଷେପ ଜାରି ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ବୁଧବାର ପୂର୍ବାହ୍ନରେ ବାଲୁଗାଁ ଥାନା ଅଧିକାରୀ ରମାକାନ୍ତ ମହାଲିକଙ୍କ ତତ୍ତ୍ୱାବଧାନରେ ଏକ ପ୍ଲାଟୁନ ପୋଲିସ ଫୋର୍ସ ବଜାର ଅଞ୍ଚଳରେ ସଚେତନତା ବାର୍ତ୍ତା ମୂଳକ ଫ୍ଲାଗ୍ ମାର୍ଚ୍ଚ କରିଥିଲେ। ପ୍ରଶାସନର ଏଭଳି ପଦକ୍ଷେପକୁ ଅଞ୍ଚଳବାସୀ ବେଶ୍ ପ୍ରଶଂସା କରିଛନ୍ତି।

# ହୋମ୍ ଆଇସୋଲେଶନ୍‌ରେ ୮ ବିଦେଶ ଫେରନ୍ତା

ଜଟଣୀ,୧୮।୩(ଡି.ଏନ.ଏ.): ଜଟଣୀରେ କରୋନା ଭୂତାଣୁ ମୁକାବିଲା ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରତିଷେଧକ ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ବିଭିନ୍ନ ସଙ୍ଗଠନ ମଧ୍ୟ ଲୋକଙ୍କୁ ସଚେତନ କରିବା ଲାଗି ଆଗକୁ ବାହାରିଛନ୍ତି। ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ ପକ୍ଷରୁ ମଧ୍ୟ ବ୍ୟାପକ ପଦକ୍ଷେପ ଗ୍ରହଣ କରାଯାଇଛି। ଜଟଣୀକୁ ବିଭିନ୍ନ ଦେଶରୁ ଫେରିଥିବା ୮ ଜଣଙ୍କୁ ହୋମ୍ ଆଇସୋଲେଶନ୍‌ରେ ରଖାଯାଇଥିବା ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମେଡିକାଲ ଅଫିସର ଜେ.କେ. ପଣ୍ଡା କହିଛନ୍ତି। ସେମାନଙ୍କ ମଧ୍ୟରେ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନର ଜଣେ ବରିଷ୍ଠ ଯନ୍ତ୍ରୀ ରହିଛନ୍ତି। ସେମାନଙ୍କ ନାମ ପଞ୍ଜୀକରଣ କରାଯିବା ସହ ୧୪ ଦିନ ପର୍ଯ୍ୟନ୍ତ ଘରୁ ନ ବାହାରିବା ତଥା ରହିଥିବା ସମସ୍ତ ମେଡିକାଲ ଗାଇଡ୍ ଲାଇନ୍ ପାଳନ ପାଇଁ ପରାମର୍ଶ ଦିଆଯାଇଛି।

### ମ୍ୟୁନିସିପାଲିଟିରେ ୭ଟି ଅସ୍ଥାୟୀ ଆଇସୋଲେଶନ୍ କେନ୍ଦ୍ର

ଜଟଣୀ ମ୍ୟୁନିସିପାଲିଟି ପକ୍ଷରୁ ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏଥିପାଇଁ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର ଚାଲିଛି। ଶିକ୍ଷାନୁଷ୍ଠାନ, ଜିମ୍, ସିନେମା ହଲ୍, ପାର୍କ, କୋଚିଂ ସେଣ୍ଟର ତଥା ଗହଳି ହେଉଥିବା ସଂସ୍ଥାଗୁଡିକୁ ବନ୍ଦ କରି ଦିଆଯାଇଛି। କେହି ବିଦେଶରୁ ଫେରିଥିଲେ ତାଙ୍କ ଉପରେ ତଥ୍ୟ ସଂଗ୍ରହ ସହ ସମ୍ପୃକ୍ତ ବିଭାଗକୁ ସୂଚନା ପ୍ରଦାନ କରାଯାଉଛି। ପୌରାଞ୍ଚଳରେ ୭ଟି ଅସ୍ଥାୟୀ ଆଇସୋଲେଶନ୍ ସେଣ୍ଟର ଖୋଲାଯିବା ସହ ତଦାରଖ ପାଇଁ ଦୁଇଟି ଟିମ୍ ଗଠନ କରାଯାଇଥିବା ନିର୍ବାହୀ ଅଧିକାରୀ ତପନ ମହାପାତ୍ର କହିଛନ୍ତି।

## କରୋନା ମୁକାବିଲା ପାଇଁ ବ୍ୟାପକ ପଦକ୍ଷେପ



ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତରମାନେ ଯାଞ୍ଚ କରୁଛନ୍ତି ।

### ପଞ୍ଚାୟତସ୍ତରରେ ୩୦ ଅସ୍ଥାୟୀ କେନ୍ଦ୍ର

ଜଟଣୀ ବ୍ଲକ ଅଧୀନରେ ୩୦ଟି ଅସ୍ଥାୟୀ ଆଇସୋଲେଶନ୍ ସେଣ୍ଟର ଖୋଲା ଯାଇଥିବା ବ୍ଲକ ଅଧ୍ୟକ୍ଷା ବନଜା ଜେନା କହିଛନ୍ତି। ଏହି କେନ୍ଦ୍ରଗୁଡିକୁ ସାନିଟାଇଜ୍ କରାଯିବା ସହ ଆଶା ଓ ଅଙ୍ଗନୱାଡି କର୍ମୀଙ୍କ ସମେତ ବ୍ଲକ କର୍ମଚାରୀ ଓ ଶିକ୍ଷକମାନଙ୍କୁ ନିୟୋଜିତ କରାଯାଇଛି। ଡାକବାଜି ଯନ୍ତ୍ର ମାଧ୍ୟମରେ ବ୍ୟାପକ ସଚେତନତା କରାଯାଉଥିବା ସେ କହିଛନ୍ତି।

### ବିଭିନ୍ନ ସଙ୍ଗଠନ ପକ୍ଷରୁ ସଚେତନତା

ଅଲ୍ ଇଣ୍ଡିଆ ଗାର୍ଡ କାଉନ୍‌ସିଲ ଖୋର୍ଦ୍ଧାରୋଡ଼ ଡିଭିଜନ ଶାଖା ପକ୍ଷରୁ କରୋନା ଭୂତାଣୁର ମୁକାବିଲା ଉପରେ ବୁଧବାର ସଚେତନତା କରାଯାଇଥିଲା। ଖୋର୍ଦ୍ଧାରୋଡ଼ ଷ୍ଟେଶନରେ ଗାର୍ଡ କାଉନ୍‌ସିଲର ସଦସ୍ୟମାନେ କର୍ମଚାରୀ ଓ ଯାତ୍ରୀଙ୍କୁ ସଚେତନ କରିଥିଲେ। ଗାର୍ଡ କାଉନ୍‌ସିଲର ସଭାପତି ଅନିଲ କୁମାର ସାହୁ, ଜୋନାଲ ସେକ୍ରେଟାରୀ ସନ୍ତୋଷ ନିଶଙ୍କ, ଉପସଭାପତି ଅଲିମ ଖାନ୍, ଯୁଗ୍ମ ସମ୍ପାଦକ ଡି.ଭି. ଆର୍ ମୂର୍ତ୍ତୀ ଓ ଅନ୍ୟମାନେ ଉପସ୍ଥିତ ରହିଥିଲେ। ସେହିପରି ସ୍ଥାନୀୟ ସୀତାରାମ ଛକରେ ରହମ୍ମଦ ଟ୍ରଷ୍ଟ ଓ ଜଟଣୀ ପୋଲିସ ମିଳିତ ଆନୁକୂଲ୍ୟରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା।

## ଖୋର୍ଦ୍ଧାରୋଡ଼ ଡିଭିଜନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା




ଖୋର୍ଦ୍ଧାରୋଡଠାରେ କରୋନାକୁ ନେଇ ସଚେତନ କରାଯାଉଛି ।

କରୋନା ଭୂତାଣୁର ମୁକାବିଲା ପାଇଁ ଖୋର୍ଦ୍ଧାରୋଡ଼ ରେଳ ଡିଭିଜନ ପକ୍ଷରୁ ୩ଟି ସ୍ଥାନରେ ଅସ୍ଥାୟୀ ଆଇସୋଲେଶନ୍ ସେଣ୍ଟର କରାଯାଇଛି। ଖୋର୍ଦ୍ଧାରୋଡ଼, ପୁରୀ, ଭୁବନେଶ୍ୱର ଓ ପଲାସା ଷ୍ଟେଶନରେ ହେଲ୍‌ପ ଡେକ୍ସ ବ୍ୟବସ୍ଥା ହୋଇଛି। ଜଟଣୀସ୍ଥିତ ଡିଭିଜନର ମୁଖ୍ୟ ଦପ୍ତର ପରିସରରେ ହେଲ୍‌ପ ଲାଇନ୍ ନମ୍ବର ସହ ସ୍ୱତନ୍ତ୍ର କରୋନା ସେଲ୍ ଖୋଲାଯାଇଛି। ଜିଲା ଓ ସ୍ଥାନୀୟ ପ୍ରଶାସନ ସହ କରୋନା ସେଲ୍ ଯୋଗାଯୋଗରେ ରହିବା ସହିତ ବିଭିନ୍ନ ସୂଚନା ଆଦାନ ପ୍ରଦାନ କରାଯାଉଛି। ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ସ୍ୱାସ୍ଥ୍ୟ ଓ ସଫେଇ କର୍ମଚାରୀଙ୍କୁ ମାସ୍କ, ଗ୍ଲୋଭ୍‌ସ, ହ୍ୟାଣ୍ଡୱାସ୍ ଆଦି ଯୋଗାଇ ଦିଆଯାଇଛି। କରୋନା ଉପରେ ସମସ୍ତଙ୍କୁ ସଚେତନ କରିବାକୁ ବିଭିନ୍ନ ବିଭାଗର ୬୫ ଜଣ କର୍ମଚାରୀଙ୍କୁ ସ୍ୱତନ୍ତ୍ର ତାଲିମ ଦିଆଯାଇଛି। ଏହାଛଡ଼ା ପୋଷ୍ଟର, ବ୍ୟାନର, ଡାକବାଜି ଯନ୍ତ୍ର ମାଧ୍ୟମରେ ନିୟମିତ ପ୍ରଚାର କରାଯାଉଛି। ବୁକିଂ, ଆରକ୍ଷଣ କେନ୍ଦ୍ର, କୋଚିଂ ଡିପୋ ପରି ଜନଗହଳି ସ୍ଥାନ ସହ ଯାତ୍ରୀ ସଂଶର୍ଷରେ ଆସୁଥିବା ଏସ୍କାଲେଟର, ଲିଫ୍ଟ, ରେଲିଂ ଆଦିକୁ ପରିଷ୍କାର ପରିଚ୍ଛନ୍ନ କରାଯିବା ସହ ଜୀବାଣୁ ନାଶକାରୀ ସ୍ପ୍ରେ ନିୟମିତ କରାଯାଉଛି।

### ଚଢ଼ାଦରରେ ମାସ୍କ ବିକ୍ରି

କରୋନା ପାଇଁ କମିଶନରେଟ୍ ପୋଲିସ ଅଧୀନରେ ଥିବା ଜଟଣୀ ଥାନା ପୋଲିସ ତତ୍ପର ହୋଇଉଠିଛି। ଚଢ଼ାଦରରେ ବିକ୍ରୟ କରୁଥିବା ମାସ୍କ ଓ ସାନିଟାଇଜର ଦୋକାନ ଉପରେ ପୋଲିସ ଚଢାଉ କରି ଯାଞ୍ଚ କରୁଛି। ଜବତ ହେଉଥିବା ମାସ୍କଗୁଡିକୁ ଲୋକଙ୍କୁ ମାଗଣାରେ ପୋଲିସ ବଣ୍ଟନ କରିବା ସହ ସଚେତନ କରୁଥିବା ଆଇଆଇସି ବିଶ୍ୱ ରଞ୍ଜନ ସାହୁ କହିଛନ୍ତି।

## କରୋନା ଭୟ: ସଚେତନତା ବାର୍ତ୍ତା ଦେଲେ ଶିଶୁ

ଖୋର୍ଦ୍ଧା ଅଫିସ,୧୮।୩ : କରୋନା କବଳରେ ସାରା ବିଶ୍ୱ। ଭୁବନେଶ୍ୱରରେ ଇଟାଲୀ ଫେରନ୍ତା ଜଣେ ଯୁବକଙ୍କ ପାଖରେ କରୋନା ଭୂତାଣୁ ଚିହ୍ନଟ ହେବା ପରେ ସରକାର ବିଭିନ୍ନ ସତର୍କତା ଅବଲମ୍ବନ କରିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି। ପୌର ସଂସ୍ଥା ପକ୍ଷରୁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଛି। ସ୍ୱଚ୍ଛ ସାଥୀମାନେ ସାହି ଗଳି କନ୍ଦି ବୁଲି ଲୋକଙ୍କୁ ସଚେତନ କରୁଛନ୍ତି। ଏ ନେଇ ବିଭିନ୍ନ ଅନୁଷ୍ଠାନ ମଧ୍ୟ ସଚେତନତା ଲାଗି ଆଗେଇ ଆସିଛନ୍ତି। ସହରର ୨୨ ନଂ. ୱାର୍ଡବିଜୁଯୁବ ବାହିନୀ ଅଭିନବ ଉପାୟରେ ସଚେତନତାର ବାର୍ତ୍ତା ଦେଇଥିଲେ। ଶତାଧିକ ଶିଶୁଙ୍କୁ ନେଇ ଶୋଭାଯାତ୍ରାରେ ବାହାରି ଶ୍ରୀରାମ ନଗର, ସନ୍ତୋଷୀ ମା' ଲେନ୍, ମଙ୍ଗଳା ମନ୍ଦିର ଲେନ, ସାଇବାବା ଲେନ ଏବଂ ହାଉସିଂବୋର୍ଡ ଆଦି ବୁଲି ଲୋକଙ୍କୁ ସଚେତନ କରିଥିଲେ। ବାହାରକୁ ବାହାରିବା ବେଳେ ମାସ୍କ କିମ୍ବା ରୁମାଲ ବାନ୍ଧନ୍ତୁ। ସର୍ବସାଧାରଣ ସ୍ଥାନରେ ଛିଙ୍କ ଆସିଲେ, ମୁହଁରେ ରୁମାଲ ଦେଇ ଛିଙ୍କନ୍ତୁ। କୌଣସି କାମ ନ ଥିଲେ, ଜନଗହଳି ସ୍ଥାନରେ ବୁଲନ୍ତୁ ନାହିଁ। ବାହାର ଥଣ୍ଡା ପାନୀୟ ବ୍ୟବହାର କରନ୍ତୁ ନାହିଁ। ଘର ପରିବେଶକୁ ସ୍ୱଚ୍ଛ ରଖିବା ସହ ନିତ୍ୟ ବ୍ୟବହାର କରୁଥିବା କପଡାକୁ ନିୟମିତ ଧୁଅନ୍ତୁ। ବାରମ୍ବାର ହାତ ଧୁଅନ୍ତୁ। କରୋନା ଭୂତାଣୁ ସଂକ୍ରମଣ ଉପରେ ନିଜେ ସଚେତନ ହେବା ସହ ଅନ୍ୟକୁ ମଧ୍ୟ ସଚେତନ ଲାଗି ବାର୍ତ୍ତା ଦେଇଥିଲେ। ଶୋଭାଯାତ୍ରାରେ ବ୍ରହ୍ମାନନ୍ଦ ବେହେରା, ଅନିଲ ବେହେରା, ଗୌତମ ବେହେରା, ସଞ୍ଜୀବ ନାୟକ ପ୍ରମୁଖ ସାମିଲ ହୋଇଥିଲେ।



କର୍ମଶାଳାରେ ଅଙ୍ଗନୱାଡି କର୍ମୀମାନଙ୍କୁ ତାଲିମ ଦିଆଯାଉଛି ।

## କରୋନା ସମ୍ପର୍କରେ ଅଙ୍ଗନୱାଡି କର୍ମୀଙ୍କୁ ତାଲିମ

ଯାଁଳା, ୧୮।୩(ଡି.ଏନ.ଏ.): କରୋନା ଭୂତାଣୁ ମୁକାବିଲା ପାଇଁ ଜଟଣୀ ବ୍ଲକ ଯାଁଳା ପଞ୍ଚାୟତରେ ଅଙ୍ଗନୱାଡି କର୍ମୀଙ୍କୁ ନେଇ ବୁଧବାର କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଯାଁଳା ଓ ମଦନପୁର ପଞ୍ଚାୟତର ଅଙ୍ଗନୱାଡି କର୍ମୀ ଉପସ୍ଥିତ ରହି ଲୋକଙ୍କୁ କରୋନା ଭୂତାଣୁର କିପରି ମୁକାବିଲା ଓ ସଚେତନ କରିବେ ତାହା ତାଲିମ ନେଇଥିଲେ। ଏହାଛଡା କେହି ସନ୍ଦିଗ୍ଧ ନଜରକୁ ଆସିଲେ କିପରି ତୁରନ୍ତ ଦାୟିତ୍ୱରେ ଥିବା ବିଭାଗକୁ ଖବର ଦେବେ ସେ ନେଇ ସଚେତନତା କରାଯାଇଥିଲା।

## କରୋନାର ମୁକାବିଲା ପାଇଁ ପ୍ରଶାସନ ପ୍ରସ୍ତୁତ

ଖୋର୍ଦ୍ଧା ଅଫିସ,୧୮।୩ : ଖୋର୍ଦ୍ଧା ଜିଲାରେ କରୋନା ଭୂତାଣୁ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି ଏବଂ ମୁକାବିଲା ଲାଗି ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି ବୋଲି ଜିଲାପାଳ ସିତାଂଶୁ କୁମାର ରାଉତ କହିଛନ୍ତି। ଶପିଂ ମଲ୍, କଲ୍ୟାଣ ମଣ୍ଡପ, ସଭାସମିତି, ଶୋଭାଯାତ୍ରା ଉପରେ କଟକଣା ଜାରି କରାଯାଇଛି। ଜିଲାର ସମସ୍ତ ପର୍ଯ୍ୟଟନସ୍ଥଳ, ପାର୍କ ବନ୍ଦ ରଖାଯାଇଛି। ବିଭିନ୍ନ ସରକାରୀ, ବେସରକାରୀ ସ୍ତରରେ କାର୍ଯ୍ୟ କରୁଥିବା ବ୍ୟକ୍ତି ବିଶେଷ ପରସ୍ପର ମଧ୍ୟରେ ୧ ମିଟର ଦୂରତା ରଖିବାକୁ ପରାମର୍ଶ ଦିଆଯାଇଛି ବୋଲି ଜିଲାପାଳ ରାଉତ କହିଛନ୍ତି। ସେହିଭଳି ଖୋର୍ଦ୍ଧା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଶତପଥୀ କୁହନ୍ତି, କରୋନା ଭୂତାଣୁ ସମ୍ପର୍କରେ ସଚେତନତା କରାଯାଉଛି। ସ୍ୱଚ୍ଛ ସାଥୀମାନେ ସାହି, ଗଳି କନ୍ଦି ବୁଲି ଲୋକଙ୍କୁ ସଚେତନ କରିବା ସହ ହାତ ଧୋଇବା ଅଭ୍ୟାସ କରୁଛନ୍ତି। ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନତା ଅଭିଯାନ ଚାଲିଛି। ଜନଗହଳି ସ୍ଥାନରେ ବ୍ଲିଚିଂ ପାଉଡର ପକାଯାଉଛି। ମେଶିନ ସାହାଯ୍ୟରେ ଧୂଆଁ ସ୍ପ୍ରେ କରାଯାଉଛି। ବିଦେଶ ଫେରନ୍ତାଙ୍କ ନାମ ପଞ୍ଜୀକରଣ ଉପରେ ଗୁରୁତ୍ୱ ଦିଆଯାଉଛି। ସେଭଳି ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ କୁହନ୍ତି, ଖୋର୍ଦ୍ଧା ପୋଲିସ ପକ୍ଷରୁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯାଉଛି। କୌଣସି ସ୍ଥାନରେ ଏକାଠି ଗହଳି ନ କରିବା ଲାଗି ଅନୁରୋଧ କରାଯାଉଛି। ଥାନା ଅଞ୍ଚଳରେ ବ୍ୟାପକ ସଚେତନତା ଲାଗି ସମସ୍ତ ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ସମସ୍ତ ଥାନା ଅଞ୍ଚଳରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି। ସିଡିଏମ୍‌ଓ ବିଶ୍ୱ ରଞ୍ଜନ ପତି କୁହନ୍ତି, ଖୋର୍ଦ୍ଧା ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଗୁରୁତ୍ୱ ଦିଆଯାଉଛି। ସମସ୍ତ ବ୍ୟବସ୍ଥା କରାଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟ ସମେତ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ଏ ନେଇ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି।

## ବଜାରରେ ରୁମାଲର ଚାହିଦା ବୃଦ୍ଧି

ଖୋର୍ଦ୍ଧା ଅଫିସ,୧୮।୩ : ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ କରୋନାକୁ ନେଇ କଡା ଆଭିମୁଖ୍ୟ ଗ୍ରହଣ କରାଯାଇଛି। କରୋନା ଆକ୍ରାନ୍ତରୁ ରକ୍ଷା ପାଇବା ଲାଗି ମାସ୍କ ବ୍ୟବହାର ପାଇଁ ତାଗିଦ୍ ପରେ ବଜାରରୁ ଏହା ଉଭାନ୍ ହୋଇଯାଇଥିଲା। ପରେ କଳାବଜାର ଆରମ୍ଭ ହୋଇଥିଲା। ମାସ୍କ ପରେ ଏବେ ବଜାରରେ ରୁମାଲର ଚାହିଦା ବୃଦ୍ଧି ପାଇଛି। ଗୋଟିଏ ମାସ୍କର ଦାମ୍ ୫୦ରୁ ୭୦ ଟଙ୍କାରେ ବିକ୍ରି ହେଉଥିବା ସାଧାରଣରେ ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଖଣ୍ଡେ ରୁମାଲର ଦାମ ୨୦ରୁ ୩୦ଟଙ୍କା ରହିଥିବା ବେଳେ ଏହାର ଦାମ ହଠାତ୍ ବୃଦ୍ଧି ପାଇଥିବା ଜଣେ ଯୁବକ କହିଛନ୍ତି। ରୁମାଲର ଦାମ ୫୦ ଟଙ୍କାରେ ବିକ୍ରି ହେଉଛି । ଔଷଧ ଦୋକାନରେ ସାନିଟାଇଜେଶନ ଏବଂ ହ୍ୟାଣ୍ଡୱାଶର ବ୍ୟାପକ କଳାବଜାର ଚାଲିଥିବା ଅଭିଯୋଗ ହେଉଛି। ଡ୍ରଗ୍ସ ଇନ୍ସପେକ୍ଟର ତୁଷାରକାନ୍ତ ସାହୁ କୁହନ୍ତି, ନିୟମିତ ଔଷଧ ଦୋକାନରେ ଚଢାଉ କରାଯାଉଛି। ମାସ୍କ, ସାନିଟାଇଜେଶନ ଏବଂ ହ୍ୟାଣ୍ଡୱାଶ କଳାବଜାର ଅଭିଯୋଗ ଆସିଲେ, କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

## ମାସ୍କ, ସାନିଟାଇଜର କଳାବଜାର

କଣାସ,୧୮।୩(ସ୍ୱ.ପ୍ର.) ରାଜ୍ୟ ସରକାର କରୋନା ସତର୍କତା ପାଇଁ ଗଣମାଧ୍ୟମରେ ବ୍ୟାପକ ପ୍ରଚାର ଓ ପ୍ରସାର ଚଳାଇଥିବାବେଳେ ହାତ ଧୋଇବା ଏବଂ ମୁହଁରେ ମାସ୍କ ବାନ୍ଧିବାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଫଳରେ ଲୋକଙ୍କ ମଧ୍ୟ କରୋନା ଭୟକୁ ନେଇ ସମସ୍ତେ ମାସ୍କ ଓ ସାନିଟାଇଜର ବ୍ୟବହାର କରୁଥିବାରୁ କଣାସ ବ୍ଲକରେ ଏହାକୁ ନେଇ କଳାବଜାର କରୁଥିବାର ଦେଖିବାକୁ ମିଳିଛି। ସରକାର ମଧ୍ୟ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ମାଧ୍ୟମରେ ମାସ୍କ ଓ ସାନିଟାଇଜର ବଣ୍ଟନ ବ୍ୟବସ୍ଥା କରି ନ ଥିବାରୁ ବ୍ଲକର ବିଭିନ୍ନ ବଜାରରେ ବେପାରୀମାନେ ୧୦, ୧୫ଟଙ୍କା ମୂଲ୍ୟର ମାସ୍କକୁ ୮୦ଟଙ୍କାରେ ବିକ୍ରି କରୁଛନ୍ତି। ଏଭଳି ଅସୁବିଧା ହେବା ପରେ ସରକାର ପକ୍ଷରୁ ଦୋକାନ ବାହାରେ ବୋର୍ଡରେ ମୂଲ୍ୟ ଲଗାଇବାର କଡ଼ା ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ବେପାରୀମାନେ ମାନୁନାହାନ୍ତି। ଜନସାଧାରଣ ମାସ୍କ ଓ ସାନିଟାଇଜର ଅଧିକ ଦାମରେ କିଣି ଅସନ୍ତୋଷ ପ୍ରକାଶ କରିଛନ୍ତି।

## ୩ କେନ୍ଦ୍ରରେ ମାଟ୍ରିକ ଖାତା ମୂଲ୍ୟାୟନ ଆରମ୍ଭ

- ୪ ଥର ହାତ ଧୋଇବେ, ସ୍ୱଚ୍ଛତା ଉପରେ ଗୁରୁତ୍ୱ
- ବ୍ୟବହୃତ ଟେବୁଲ, ଚେୟାର ସଫା କରାଯିବ
- ମୁହଁରେ ରୁମାଲ, ମାସ୍କ ବାନ୍ଧିବାକୁ ତାଗିଦ

ଖୋର୍ଦ୍ଧା ଅଫିସ,୧୮।୩ ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାଙ୍କନ ବୁଧବାର ଆରମ୍ଭ ହୋଇଛି। ଜିଲାରେ ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲ ଏବଂ ଖୋର୍ଦ୍ଧା ବିଜେବି ଏବଂ ସରକାରୀ ବାଳିକା ହାଇସ୍କୁଲରେ ଖାତା ଦେଖା ଆରମ୍ଭ ହୋଇଛି ବୋଲି ଜିଲା ଶିକ୍ଷାଧିକାରୀ(ଡିଇଓ) ବନ୍ଦନା ମହାପାତ୍ର କହିଛନ୍ତି। ୩ଟି ସିଫ୍ଟରେ ଖାତା ମୂଲ୍ୟାଙ୍କନ ଲାଗି ବ୍ୟବସ୍ଥା କରାଯାଇଛି। କରୋନା ଭୂତାଣୁ ସଂକ୍ରମଣ ଲାଗି ଶିକ୍ଷୟିତ୍ରୀଶିକ୍ଷକମାନଙ୍କୁ ସଚେତନ କରାଯାଇଛି। ଖାତା ମୂଲ୍ୟାଙ୍କନ ସମୟରେ ଶିକ୍ଷକଙ୍କ ମଧ୍ୟରେ ୨ ହାତ ଦୂରତା ବ୍ୟବସ୍ଥା କରାଯାଇଛି। ମୂଲ୍ୟାଙ୍କନ କେନ୍ଦ୍ରରେ ହାତ ଧୋଇବା ଲାଗି ହ୍ୟାଣ୍ଡ ୱାସ ରଖାଯାଇଛି। ଖାତା ଦେଖା ସମୟରେ ୪ ଥର ହାତ ଧୋଇବାକୁ କୁହାଯାଇଛି। ଏ ନେଇ କେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଓ ସୁପରଭାଇଜରମାନଙ୍କୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି। ମୂଲ୍ୟାଙ୍କନ ସମୟରେ ଆଖି, କାନ ମୁହଁକୁ ମାସ୍କ ଅଥବା ରୁମାଲ ଦ୍ୱାରା ଢାଙ୍କିବା ଲାଗି କୁହାଯାଇଛି। ଛିଙ୍କ ଆସିଲେ, ମୁହଁରେ ରୁମାଲ ଦେଇ ଛିଙ୍କିବେ। ଖାତା ଦେଖା ବେଳେ ବ୍ୟବହୃତ ଟେବୁଲ, ଚେୟାର, ଚଟାଣ ସ୍ୱଚ୍ଛତା ଏବଂ କପଡାରେ ପୋଛିବା ଲାଗି କୁହାଯାଇଛି। ରାଜ୍ୟ ସରକାର ଜାରି କରିଥିବା ସମସ୍ତ ଗାଇଡଲାଇନ ପାଳନ ଲାଗି ନିର୍ଦ୍ଦେଶ ଦିଆଯାଇଛି। ଯେପରି କୌଣସି ଅସୁବିଧା ନ ହେବ ସେଥିପ୍ରତି ବିଶେଷ ଦୃଷ୍ଟି ଦିଆଯାଉଛି ବୋଲି ଡିଇଓ ମହାପାତ୍ର କହିଛନ୍ତି।

## ୧ ମଣ୍ଡପ, ୫ ଗେଷ୍ଟ ହାଉସ୍ ସିଲ୍ କଲା ବିଏମ୍‌ସି

**ନ ଥିଲା ଟ୍ରେଡ୍ ଲାଇସେନ୍ସ, ଦେଇ ନ ଥିଲେ ହୋଲ୍ଡିଂ ଟ୍ୟାକ୍ସ**

ଭୁବନେଶ୍ୱର, ୧୮।୩(ବ୍ୟୁରୋ): କରୋନା ସଂକ୍ରମଣକୁ ଏଡ଼ାଇବା ପାଇଁ ବିଏମ୍‌ସି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ ହାତକୁ ନେବାସହ କଟକଣା ଲାଗୁକରିଛି। । ହୋଲ୍ଡିଂ ଟ୍ୟାକ୍ସ ନ ଦେବା ସହ ବିନା ଟ୍ରେଡ୍ ଲାଇସେନ୍ସ ଏବଂ ଏସ୍‌ଓପିକୁ ମାନି ନ ଥିବା ୧ମଣ୍ଡପ, ୫ଗେଷ୍ଟ ହାଉସକୁ ବୁଧବାର ସିଲ୍ କରିଛି ବିଏମ୍‌ସି। ଅଶୋକନଗରରେ ଥିବା କେୟାର ଗେଷ୍ଟ ହାଉସ୍ ଓ ଦିଲ୍ଲୀପ ଗେଷ୍ଟ ହାଉସ୍, ଗାଡ଼କଣ ଓ ଟଙ୍କପାଣି ରୋଡ଼ରେ ଥିବା ଓୟୋ ଗେଷ୍ଟ ହାଉସ୍, ଜୟଦେବ ବିହାରରେ ଥିବା ଏସ୍‌ଆରଏସ୍ ଗେଷ୍ଟ ହାଉସ୍ ଏବଂ ବିଜେବି ନଗରରେ ଥିବା ଲକ୍ଷ୍ମୀ ନୃସିଂହ ମଣ୍ଡପକୁ ସିଲ୍ କରାଯାଇଛି। କରୋନା ପାଇଁ ବିଏମ୍‌ସି ଦ୍ୱାରା ଜାରି କରାଯାଇଥିବା ଏସ୍‌ଓପିକୁ ଉକ୍ତ ମଣ୍ଡପ ଓ ଗେଷ୍ଟ ହାଉସ୍‌ଗୁଡ଼ିକ ମାନୁ ନ ଥିବା ଅଭିଯୋଗ ହୋଇଥିଲା। ଲକ୍ଷ୍ମୀ ନୃସିଂହ ମଣ୍ଡପରେ ବିଭିନ୍ନ ସମୟରେ ଭୋଜିଭାତ କରାଯାଉଥିବା ବେଳେ ଅଗ୍ନିଶମ ପ୍ରମାଣପତ୍ର,ପାର୍କିଂ ସୁବିଧା, ବର୍ଜ୍ୟବସ୍ତୁ ପରିଚାଳନା ଓ ବିଲ୍ଡିଂ ପ୍ଲାନ୍ ମଞ୍ଜୁରୀ ନ ଥିବା ଅଭିଯୋଗ ହୋଇଥିଲା

ଏତଦ୍‌ବ୍ୟତୀତ ଭୁବନେଶ୍ୱରରେ ଥିବା ହୋଟେଲ, ଘରୋଇ ହସ୍ପିଟାଲ, ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର, ମଲ୍, ହାଟ, ମନ୍ଦିର, କଲ୍ୟାଣମଣ୍ଡପ, ପାର୍କ, ଫୁଡ୍ ଷ୍ଟଲ୍, ରେଷ୍ଟୁରାଣ୍ଟ, ଡ୍ୟାନ୍ସ ବାର୍ ଓ କର୍ପୋରେଟ୍ ସେକ୍ଟର ପାଇଁ ଏସ୍‌ଓପି ଜାରି କରାଯାଇଛି। ବାହାରୁ ଆସୁଥିବା ସମସ୍ତ ନାଗରିକଙ୍କ ତଥ୍ୟ ବିଏମ୍‌ସିକୁ ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ବହୁ ଘରୋଇ ଗେଷ୍ଟ ହାଉସ୍ ତଥ୍ୟ ଲୁଚାଉଥିବା ସାମ୍ନାକୁ ଆସିଛି। ବିଏମ୍‌ସି ଦ୍ୱିତୀୟ ଆଡିଶନାଲ କମିଶନର ଅବନୀକାନ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ବିଏମ୍‌ସି ଉଚ୍ଛେଦକାରୀ ଦଳ ସିଲ୍ ପ୍ରକ୍ରିୟା ଜାରି ରଖିଥିବା ଜଣାପଡ଼ିଛି।

## କୃଷି ନିର୍ଦ୍ଦେଶକଙ୍କ ପକ୍ଷରୁ ତଥ୍ୟ ସଂଗ୍ରହ

- ଦାଦନରୁ ଫେରି ସଫଳ ଚାଷୀଙ୍କୁ ଭେଟିଲେ କୃଷି ଅଧିକାରୀ
- ବେଗୁନିଆ ବ୍ଲକରେ ସମନ୍ୱିତ କୃଷି ବଢ଼ାଇବାକୁ ପ୍ରୟାସ

ବେଗୁନିଆ, ୧୮।୩, (ଡି.ଏନ.ଏ.) ଦାଦନରୁ ଫେରି କେତେଜଣ ଚାଷୀ ଏବେ ବେଗୁନିଆ ବ୍ଲକ ଅଞ୍ଚଳରେ ସଫଳ କୃଷକ ଭାବେ ପରିଗଣିତ ହେଲେଣି। ସେମାନଙ୍କ ପ୍ରୟାସକୁ ଦେଖି ପ୍ରୋତ୍ସାହନ ଯୋଗାଇବାରେ ବ୍ଲକ ଓ ଜିଲା କୃଷି ବିଭାଗ ଅଣ୍ଟା ଭିଡିଥିବା ବେଳେ ଅଧିକ ଉତ୍ସାହିତ କରିବାକୁ ରାଜ୍ୟ ଓ କେନ୍ଦ୍ର ସରକାର ତଥ୍ୟ ସଂଗ୍ରହ କରିବାରେ ଲାଗି ପଡିଛନ୍ତି।

ବେଗୁନିଆ ବ୍ଲକ ଚାଷୀଙ୍କ ଚାଷ ଉପରେ କ୍ରମାଗତ ଭାବେ ପ୍ରକୃତି ଦାଉ ସାଧୁଛି। ସ୍ୱଳ୍ପ ବୃଷ୍ଟି, ଅଦିନିଆ ବର୍ଷା ସାମୁଦ୍ରିକ ଝଡ ସାଙ୍ଗକୁ ରୋଗ ପୋକ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। ଏଭଳି ସ୍ଥିତିରେ ସରକାରୀ ସହାୟତା, ବିଭିନ୍ନ ଯୋଜନାର ସୁଫଳ ନ ପାଇ ବହୁ ଚାଷୀ ଚାଷରୁ ମୁହଁ ଫେରାଇ ଦାଦନ ଖଟିବାକୁ ବାହାର ରାଜ୍ୟ ଓ ଦେଶକୁ ଚାଲି ଯାଉଥିଲେ। କେତେଜଣ ଚାଷୀ ଅନ୍ୟ ରାଜ୍ୟରେ ନିର୍ଯାତିତ ହୋଇ ନିଜ ଭିଟାମାଟିକୁ ଫେରିଛନ୍ତି। ପୁଣି ସେମାନେ ଚାଷକୁ ଆପଣେଇ ନେଇଛନ୍ତି। ଏବେ ସେମାନେ ସମନ୍ୱିତ ଚାଷ ବା ଅର୍ଥକରୀ ଫସଲକୁ ଗୁରୁତ୍ୱ ଦେଉଛନ୍ତି। ଫଳରେ ହେକ୍ଟର ହେକ୍ଟର ଜମିରେ ସୁନାର ଫସଲ ଫଳାଇ ସଫଳ ଚାଷୀ ହୋଇପାରିଛନ୍ତି। ଏଥିରେ ବିଭିନ୍ନ ପ୍ରକାର ପରିବା, ତୈଳବୀଜ, ଫଳ, ଫୁଲ ସହିତ ମହୁ ଓ ଗୁଣ୍ଡୁରି ପକ୍ଷୀ ଚାଷ ଆଦି ରହିଛି। ଚାଷୀଙ୍କୁ ବ୍ଲକ କୃଷି ବିଭାଗ ପକ୍ଷରୁ ଚାଷ ସମ୍ପର୍କରେ କ୍ରମାଗତ ଭାବେ ସଚେତନ କରାଯାଉଛି।



ଚାଷ ଜମିରେ ଫସଲକୁ କୃଷି ବିଭାଗର ଅଧିକାରୀମାନେ ବୁଲି ଦେଖୁଛନ୍ତି ।

ଏଥିସହ ସରକାରୀ ଅନୁଦାନ ଓ ପ୍ରୋତ୍ସାହନ ଯୋଗାଇ ଦେଇ ଚାଷ କିଭଳି ଦ୍ୱିଗୁଣିତ ହୋଇପାରିବ ସେନେଇ କୃଷି ବିଭାଗ ପକ୍ଷରୁ ଉଦ୍ୟମ ଜାରି ରହିଛି। ତେବେ ଏଭଳି ଏକ ତଥ୍ୟ ଭିତ୍ତିକ ଖବର 'ଦାଦନରୁ ଫେରି ସଫଳ ଚାଷୀ' ଚଳିତ ମାସ ୨ ତାରିଖ ଧରିତ୍ରୀରେ ପ୍ରକାଶ ପାଇଥିଲା। ଖବର ପ୍ରକାଶ ପାଇବା ପରେ ବ୍ଲକ ଅଞ୍ଚଳକୁ ଚାଷ ସ୍ଥିତି ତଦାରଖ ଓ ଚାଷୀଙ୍କ ପାରିପାର୍ଶ୍ୱିକ ସ୍ଥିତି ସହିତ ଅନେକ ତଥ୍ୟ ସଂଗ୍ରହରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ପକ୍ଷରୁ ଉଦ୍ୟମ ଜାରି ରହିଛି। ଏପରି କି ଚଳିତ ମାସ ପ୍ରଥମ ସପ୍ତାହରେ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଏବଂ ଦ୍ୱିତୀୟ ସପ୍ତାହରେ ଭାରତ ସରକାରଙ୍କର କୃଷି ମନ୍ତ୍ରଣାଳୟ ପକ୍ଷରୁ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ବେଗୁନିଆ ବ୍ଲକ ଗସ୍ତରେ ଆସି ଚାଷ ସ୍ଥିତି ଅନୁଧ୍ୟାନ କରି ଫେରିଯାଇଥିଲେ। ବାସ୍ତବ ସ୍ଥିତି ଅଧିକାରୀମାନେ ପରଖିଲା ପରେ ବ୍ଲକ ଅଞ୍ଚଳରେ ଆଗାମୀ ବର୍ଷରେ ଚାଷ କିଭଳି ଦ୍ୱିଗୁଣିତ କରାଯାଇ ପାରିବ ସେ ନେଇ ଚାଷୀଙ୍କୁ ବିଭିନ୍ନ ପରାମର୍ଶ ଦେଉଛନ୍ତି। ସେଥିପାଇଁ ସମସ୍ତ କୌଶଳ ଓ ସରକାରୀ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇ ଯାଇଛନ୍ତି। ସେହିପରି ପୁଣି ବୁଧବାର ବ୍ଲକ ଗସ୍ତରେ ରାଜ୍ୟ କୃଷି ନିର୍ଦ୍ଦେଶକଙ୍କ ପକ୍ଷରୁ ଏକ ଟିମ୍ ଆସି ତଥ୍ୟ ସଂଗ୍ରହରେ ଲାଗି ପଡିଥିଲେ। ସେ ବିଭିନ୍ନ ଗ୍ରାମକୁ ଯାଇ ଚାଷୀଙ୍କ କୃଷି ଫାର୍ମକୁ ବୁଲି ଦେଖିଥିଲେ। ସାରୁଆ, ଡିଙ୍ଗର, ବୋତଲମା, ସଗଡଭଙ୍ଗା, ହଜ, ସିକୋ, ଦେଉଳି ଓ ପରିଛଳ ପଞ୍ଚାୟତର ବହୁ ଚାଷୀ କରିଥିବା ଫସଲ କ୍ଷେତକୁ ବୁଲି ଦେଖିଥିଲେ। ଏଥିସହ ଡ୍ରୋନ୍ କ୍ୟାମେରା ମାଧ୍ୟମରେ କାଠଖୁଣ୍ଟିଆ ଗ୍ରାମର ଚାଷୀ ପବନ ଭୁଜବଳଙ୍କ ସମନ୍ୱିତ କୃଷି ଫାର୍ମରୁ ଫସଲ ସ୍ଥିତିକୁ ଅନୁଧ୍ୟାନ କରିଥିଲେ। ତଥ୍ୟ ସଂଗ୍ରହ କରିଥିବା ଏହି ଟିମ୍‌ରେ ରାଜ୍ୟ କୃଷି ବିଭାଗର କୃଷି ଜିଲା ଅଫିସର ସିଦ୍ଧାର୍ଥ ବେଉରା ଏବଂ ତାଙ୍କ ସହଯୋଗୀ ୪ ଜଣ ଫଟୋଗ୍ରାଫର ଉପସ୍ଥିତ ଥିଲେ। ବ୍ଲକ ଅତିରିକ୍ତ କୃଷି ଅଧିକାରୀ ରତୀକାନ୍ତ ପଟ୍ଟନାୟକ, ବ୍ଲକ ଟେକନିକାଲ ମ୍ୟାନେଜର ପିଙ୍କି କୁମାରୀ ଓ ସହକାରୀ ଟେକନିକାଲ ମ୍ୟାନେଜର ଅନାମ ଚରନ ବରାଳ ସେମାନଙ୍କୁ ସହଯୋଗ କରିଥିଲେ। ଏ ସମ୍ପର୍କରେ କୃଷି ଜିଲା ଅଫିସର ବେଉରା କୁହନ୍ତି, ବେଗୁନିଆ ବ୍ଲକରେ ବିଭିନ୍ନ ଚାଷୀଙ୍କ ପକ୍ଷରୁ ଚଳିତବର୍ଷ କ୍ଷେତରେ ଫଳା ଯାଇଥିବା ୭ ଶହ ହେକ୍ଟର ଫସଲକୁ ଆଗାମୀ ବର୍ଷରେ କିଭଳି ବୃଦ୍ଧି କରାଯାଇ ପାରିବ ସେନେଇ ଚାଷୀଙ୍କୁ ଅନେକ ପରାମର୍ଶ ଦେଇଛୁ। ଏପରି କି ରାସାୟନିକ ସାରକୁ ପ୍ରୟୋଗ ନ କରି ଜୈବିକ ସାର ବ୍ୟବହାର କରି ଫସଲର ଆୟ କିଭଳି ଦ୍ୱିଗୁଣିତ ହୋଇ ପାରିବ ଚାଷୀଙ୍କୁ ସଚେତନ କରାଯାଇଥିଲା।



ବିପଦର ଆଶଙ୍କା ପାଇଲେ କଇଁଛ ଯେପରି ତା'ର ଖୋଳ ଭିତରେ ନିଜକୁ ସଙ୍କୁଚିତ କରିଆଣେ, ସେହିପରି ଅତିଶୟ ଇନ୍ଦ୍ରିୟ ଭୋଗ ବା କାମ ପିପାସା ଜାଗ୍ରତ ହେଲେ ବିଜ୍ଞବ୍ୟକ୍ତି ଆତ୍ମସଂଯମର ଖୋଳ ଭିତରେ ନିଜର ଆତ୍ମରକ୍ଷା କରେ।

- ମହାବୀର ଜୈନ



# ପୁରୀ ଛାଡ଼ିଲେ ପର୍ଯ୍ୟଟକ

**ପୁରୀ ଅଫିସ,୧୮।୩**

ପୁରୀ ସହରରେ କଡ଼ାକଡ଼ି ହୋଇଛି କରୋନା କଟକଣା। ଶ୍ରୀମନ୍ଦିର ହେଉ କି ହୋଟେଲ, ବେଳାଭୂମି ସବୁଠି ଦେଖିବାକୁ ମିଳୁଛି କରୋନା ପ୍ରଭାବ। ସହରରେ ଆଉ ପୂର୍ବପରି ଗହଳି ଚହଳି ଜଣାପଡୁ ନାହିଁ। ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ପାଇଁ ସର୍ବଦା ପୂରିଉଠୁଥିବା ପୁରୀ ଏବେ ପର୍ଯ୍ୟଟକଙ୍କୁ ସହର ଛାଡ଼ିବାକୁ ଏକପ୍ରକାର ବାଧ୍ୟ କରିଛି। କରୋନା ମୁକାବିଲା ଲାଗି ପ୍ରଶାସନିକ ନିର୍ଦ୍ଦେଶକୁ ମାନୁଛନ୍ତି ସମସ୍ତେ। ଏଭଳି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ଜୀବନ ଆଗ, ଜୀବିକା ପଛକୁ ବୁଝିଥିବା ହୋଟେଲ, ଲଜ୍ ଓ ହଲିଡେ ହୋମ୍ ମାଲିକ ପର୍ଯ୍ୟଟକଙ୍କୁ ସହର ଛାଡ଼ିବାକୁ ବୁଝାଇଛନ୍ତି। କୌଣସି ନୂଆ ବୁକିଂ ରଖି ନ ଥିବାବେଳେ ପୁରୁଣା ବୁକିଂ କରିଥିବା ଲୋକଙ୍କୁ ପୁରୀକୁ ଏବେ ନ ଆସିବା ପାଇଁ କହିଛନ୍ତି। ତେବେ ସହରର ବିଭିନ୍ନ ହୋଟେଲ, ଲଜିଂ ଆଦିରେ ରହୁଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ବୁଧବାର ସୁଦ୍ଧା ପ୍ରାୟ ୯୦ ପ୍ରତିଶତ ପୁରୀ ଛାଡ଼ିଛନ୍ତି। ଅନ୍ୟମାନେ ଗୁରୁବାର ସୁଦ୍ଧା ଯିବେ ବୋଲି ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ବିଜୟ କୁମାର ଜେନା କହିଛନ୍ତି। ସେହିପରି ସବୁବେଳେ ପର୍ଯ୍ୟଟକଙ୍କ ଗହଳିରେ ଫାଟି ପଡୁଥିବା ବେଳାଭୂମି ଖାଁ ଖାଁ ରହିଥିବାବେଳେ ରାସ୍ତାଘାଟରେ ବି ଲୋକଙ୍କ ସଂଖ୍ୟା ବେଶ୍ କମ୍ ରହିଥିଲା। କରୋନାର ଭୟାବହତାକୁ ନେଇ ଜିଲା ପ୍ରଶାସନ ପକ୍ଷରୁ ବିଭିନ୍ନ ପ୍ରକାର କଟକଣା ଜାରି କରାଯାଇଛି। ବାହାରୁ ଆସିଥିବା ପର୍ଯ୍ୟଟକଙ୍କୁ କିପରି ସହରରୁ ଖାଲି କରାଯିବ ସେନେଇ ମଙ୍ଗଳବାର ହୋଟେଲ ସଂଘକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ଅନୁଯାୟୀ ମାଲିକମାନେ କୌଣସି ନୂଆ ବୁକିଂ ରଖି ନ ଥିବାବେଳେ ଯେଉଁମାନେ ପୁରୁଣା ବୁକିଂ କରିଥିଲେ ସେମାନଙ୍କୁ ବର୍ତ୍ତମାନ ପୁରୀ ନ ଆସିବାକୁ କହିଥିଲେ। ଅନ୍ୟପକ୍ଷରେ ବୁଧବାର ବହୁ ସଂଖ୍ୟକ ପର୍ଯ୍ୟଟକ ସହର ଛାଡ଼ିଥିଲେ। ବେଳାଭୂମି ଏବଂ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଉପରେ କଟକଣା ଲଗାଯାଇଛି। ବାହାରେ ବୁଲାବୁଲି ନ କରିବାକୁ ମଧ୍ୟ ନିର୍ଦ୍ଦେଶ ରହିଛି। ତେଣୁ ହୋଟେଲରେ ରହିବା ଅପେକ୍ଷା କରୋନା ଭୟ ନେଇ ପ୍ରଶାସନର ଏଭଳି ନିଷ୍ପତ୍ତିକୁ ସମର୍ଥନ ଜଣାଇ ପର୍ଯ୍ୟଟକମାନେ ପୁରୀ ଛାଡ଼ିଥିଲେ। ତେବେ କୌଣସି ବିଦେଶୀ ପର୍ଯ୍ୟଟକ ଯେପରି ପୁରୀକୁ ନ ଆସିବେ ତାହା ଉପରେ କଟକଣା ଲଗାଯାଇଛି। କିନ୍ତୁ ବୁଧବାର ଆମେରିକାର ୨ଜଣ ପର୍ଯ୍ୟଟକ ପୁରୀରେ ପହଞ୍ଚିଥିଲେ। ସେମାନେ ପହଞ୍ଚିବା ପରେ ସମ୍ପୃକ୍ତ ହୋଟେଲ ପକ୍ଷରୁ ପୋଲିସକୁ ଜଣାଇ ଦିଆଯାଇଥିଲା। ପୋଲିସ ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ପହଞ୍ଚି ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଥିଲେ। ମାତ୍ର ସେମାନଙ୍କଠାରେ କରୋନା ଭୂତାଣୁର କୌଣସି ଲକ୍ଷଣ ନ ଥିବାରୁ ସେମାନଙ୍କୁ ପୁରୀ ଛାଡ଼ିବା ପାଇଁ କୁହାଯାଇଥିଲା। ସମ୍ପୃକ୍ତ ବିଦେଶୀ ନାଗରିକଙ୍କର ଗୁରୁବାର ଫ୍ଲାଇଟ୍ ଥିବାରୁ ସେମାନେ ମଧ୍ୟ ସ୍ୱତଃପ୍ରବୃତ୍ତ ଭାବେ ଭୁବନେଶ୍ୱର ଫେରିଯାଇଥିଲେ ବୋଲି ସହକାରୀ ପର୍ଯ୍ୟଟନ ନିର୍ଦ୍ଦେଶକ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ବେଳାଭୂମିକୁ ଯିବା ଲାଗି ବାରଣ କରାଯାଇଥିବାରୁ ଦିନତମାମ ଖାଁ ଖାଁ ରହିଥିଲା। ସନ୍ଧ୍ୟାରେ ଯଦିଓ ବେଳାଭୂମିରେ କିଛି ଲୋକ ବୁଲୁଥିବା ଦେଖିବାକୁ ମିଳିଥିଲା, କିନ୍ତୁ ସେମାନଙ୍କୁ ଏକାଠି ନ ହୋଇ ଶୀଘ୍ର ଚାଲିଯିବାକୁ ପୋଲିସ ପକ୍ଷରୁ କୁହାଯାଉଥିଲା। ସେହିପରି ରାସ୍ତାଘାଟରେ ମଧ୍ୟ ଶୂନଶାନ ହୋଇପଡ଼ିଥିଲା।

- ୨ ବିଦେଶୀ ପହଞ୍ଚି ପୁଣି ଫେରିଗଲେ
- ଖାଁ ଖାଁ ବେଳାଭୂମି, ରାସ୍ତାଘାଟ ଶୂନଶାନ






କରୋନା କଟକଣା ଯୋଗୁ ବୁଧବାର ଶ୍ରୀମନ୍ଦିର ସମ୍ମୁଖ ବଡ଼ଦାଣ୍ଡ ଶୂନ୍‌ଶାନ୍ ହୋଇପଡ଼ିଛି।

## ଭିଡିଓ ଦ୍ୱାରା ସଚେତନ କଲେ ଜିଲାପାଳ

**ପୁରୀ ଅଫିସ,୧୮।୩**

ବର୍ତ୍ତମାନ ସମସ୍ତଙ୍କ ପାଇଁ ଏକ କଠୋର ସମୟ। ଏହି ଘଡିସନ୍ଧି ମୁହୂର୍ତ୍ତରେ କାହାକୁ ହାଇରାଣ ନ କରି ସହଯୋଗ କରିବାକୁ ଜିଲାପାଳ ବଲୱନ୍ତ ସିଂ ଆହ୍ୱାନ ଦେଇଛନ୍ତି। ବୁଧବାର ଏକ ଭିଡିଓ ବାର୍ତ୍ତାରେ ଜିଲାପାଳ କହିଛନ୍ତି କରୋନା ମହାମାରୀର ମୁକାବିଲା ଲାଗି ରାଜ୍ୟ ସରକାର ବିଭିନ୍ନ ପ୍ରକାର ପଦକ୍ଷେପ ଗ୍ରହଣ କରୁଛନ୍ତି। ଏ କ୍ଷେତ୍ରରେ ବିଦେଶରୁ ଆସିଥିବା ଜନସାଧାରଣଙ୍କ ଲାଗି ରେଜିଷ୍ଟ୍ରେଶନ ହେଉଛି ଏକ ବଡ଼ ପଦକ୍ଷେପ। ବିଶେଷକରି ଗତ ୧୪ଦିନ ମଧ୍ୟରେ ବାହାରୁ ଆସିଥିବା ରାଜ୍ୟବାସୀଙ୍କ ପାଇଁ ହୋମ ଆଇସୋଲେଶନର ବ୍ୟବସ୍ଥା ହୋଇଛି। ଏଥିପାଇଁ ଅନଲାଇନ ରେଜିଷ୍ଟ୍ରେଶନ ଆରମ୍ଭ କରାଯାଇଥିବା ବେଳେ ଏହାକୁ ଭଲ ରେସପନ୍ସ ମିଳିଛି। ନିକଟରେ ବାହାରୁ ଆସିଥିବା ପୁରୀ ଜିଲାର ୧୩ଜଣ ରେଜିଷ୍ଟ୍ରେଶନ କରିଛନ୍ତି। ସ୍ୱାସ୍ଥ୍ୟ କର୍ମଚାରୀ ତାଙ୍କୁ ନିୟମିତ ଯୋଗାଯୋଗ ରଖିବା ସହ ଯାଞ୍ଚ କରୁଛନ୍ତି। ବର୍ତ୍ତମାନ ସୁଦ୍ଧା କାହାଠାରେ କରୋନା ଭୂତାଣୁର ଲକ୍ଷଣ ନାହିଁ। ସେହିପରି ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କୁ ହୋମ ଆଇସୋଲେଶନରେ ରହିବା ପାଇଁ ଅନୁରୋଧ କରାଯାଉଛି। ସେମାନଙ୍କୁ ଯେପରି ଗାଁ ଲୋକେ କିଛି ନ କୁହନ୍ତି ବା ଖରାପ ବ୍ୟବହାର ନ କରନ୍ତି ତା ଉପରେ ଗୁରୁତ୍ୱ ଦେଇଛନ୍ତି ଜିଲାପାଳ। ସେମାନେ ବି ଆମର ଭଉଣୀ ଭାଇ ପରି। ତାଙ୍କ ସହିତ କୌଣସି ଖରାପ ବ୍ୟବହାର ନ କରି ବରଂ ଯଦି କାହାର କିଛି ସମସ୍ୟା ଅଛି ସେମାନେ ସଙ୍ଗେ ସଙ୍ଗେ ହସ୍ପିଟାଲକୁ ଜଣାନ୍ତୁ। ମେଡିକାଲ ଟିମ ପହଞ୍ଚି ତାଙ୍କର ପରୀକ୍ଷା କରିବେ। କିନ୍ତୁ ସେ ବାହାର ରାଜ୍ୟରୁ ଆସିଛି କହି ଏହି ସମୟରେ ହଇରାଣ ନ କରିବାକୁ ଜିଲାପାଳ ଅନୁରୋଧ କରିଛନ୍ତି। ନଚେତ ପ୍ରଶାସନ ପକ୍ଷରୁ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ କହିଛନ୍ତି।

## ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ସଫେଇ କର୍ମଚାରୀଙ୍କ ଧାରଣା

**ବ୍ରହ୍ମଗିରି,୧୮।୩(ଡି.ଏନ୍.ଏ.)**

୧୩ମାସର ବକେୟା ଦରମା ଦାବିରେ ବୁଧବାର ସଫେଇ କର୍ମଚାରୀମାନେ କାର୍ଯ୍ୟ ବନ୍ଦ କରିବା ସହ ବ୍ରହ୍ମଗିରି ରେବଣା ନୂଆଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମ୍ମୁଖରେ ଧାରଣା ଦେଇଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ସଫେଇ କର୍ମଚାରୀ ସଞ୍ଜୁକ୍ତା ନାୟକ, ଶାନ୍ତି ନାୟକ, ସୁଲୋଚନା ମଲ୍ଲିକ କୁହନ୍ତି, ପୂର୍ବରୁ ଥିବା ଡାକ୍ତର ଇନଚାର୍ଜ ପ୍ରତି ମାସରେ ପାରିଶ୍ରମିକ ଦେଉଥିଲେ। କିନ୍ତୁ ବର୍ତ୍ତମାନ ଦାୟିତ୍ୱରେ ଥିବା ଇନ୍‌ଚାର୍ଜ ଡାକ୍ତର ପାରିଶ୍ରମିକ ଦେଉନାହାନ୍ତି। ପ୍ରାୟ ୧୩ ମାସ ହେବ ପାରିଶ୍ରମିକ ମିଳି ନ ଥିବାରୁ ଆମେ ସଫେଇ କାର୍ଯ୍ୟ ବନ୍ଦ କରିଛୁ। ଅନ୍ୟପକ୍ଷରେ ଏ ନେଇ ଇନଚାର୍ଜ ଡା. ପ୍ରଣବ ପ୍ରକାଶ ପୂର୍ଣ୍ଣ କୁହନ୍ତି, ସେମାନେ ଏକ ଏଜେନ୍ସି ମାଧ୍ୟମରେ ରହି କାମ କରୁଛନ୍ତି। ସେହି ଏଜେନ୍ସି ଆମକୁ ପ୍ରତି ମାସରେ ବିଲ୍ ପ୍ରଦାନ କଲେ ଆମେ ସେହି ପାରିଶ୍ରମିକ ପ୍ରଦାନ କରିଥାଉ। ସଫେଇ କର୍ମଚାରୀଙ୍କ ଆମ ସହିତ କୌଣସି ସମ୍ପର୍କ ନାହିଁ। ସେମାନେ ଉକ୍ତ ଏଜେନ୍ସିର ଦ୍ୱାରସ୍ଥ ହେବା ଦରକାର ବୋଲି ସେ କହିଛନ୍ତି।

### ସଂକ୍ଷେପରେ

## ଟ୍ରେନ୍‌ରୁ ଖସି ବୃଦ୍ଧ ଆହତ

**ପୁରୀ ଅଫିସ,୧୮।୩:** ପୁରୀ ରେଳ ଷ୍ଟେଶନରେ ଟ୍ରେନରୁ ଖସିପଡ଼ି ବୁଧବାର ଜଣେ ବୃଦ୍ଧ ଆହତ ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆରପିଏଫ୍ ଯବାନଙ୍କ ଯୋଗୁ ସମ୍ପୃକ୍ତ ବୃଦ୍ଧଙ୍କ ଜୀବନ ରକ୍ଷା ପାଇଯାଇଛି ବୋଲି ଜଣାପଡିଛି। ବୁଧବାର ଷ୍ଟେଶନରେ ଡ୍ୟୁଟି ଅଫିସର ଏସ୍‌ଆଇ ମୋହନ ଏବଂ ଆରପିଏଫ୍ କର୍ମଚାରୀମାନେ କରୋନା ସଂକ୍ରାନ୍ତରେ ଯାତ୍ରୀଙ୍କୁ ସଚେତନ କରାଉଥିଲେ। ଏହି ସମୟରେ ୪ ନଂ. ପ୍ଲାଟଫର୍ମରେ ଧୀରେ ଧୀରେ ପ୍ରବେଶ କରୁଥିବା ହାଟିଆ-ପୁରୀ ତପସ୍ୱିନୀ ଏକ୍ସପ୍ରେସର ଜେନେରାଲ ବଗିରୁ ଜଣେ ବୃଦ୍ଧ ଖସିପଡ଼ିଥିଲେ। ପ୍ଲାଟଫର୍ମ ଏବଂ ଟ୍ରେନ୍ ମଝି ଫାଙ୍କରେ ସେ ପଡିଯାଇଥିଲେ। ସଙ୍ଗେ ସଙ୍ଗେ ଅଫିସର ଏସ୍‌ଆଇ ମୋହନ ଏବଂ ଆର.ଏନ୍. ପୃଷ୍ଟି ତାଙ୍କୁ ଟାଣି ଆଣିଥିଲେ। କିନ୍ତୁ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତସ୍ରାବ ହୋଇଥିଲା। ଉପରୋକ୍ତ ଆରପିଏଫ୍ କର୍ମଚାରୀଦ୍ୱୟ ତାଙ୍କୁ ପ୍ଲାଟଫର୍ମ ଉପରକୁ ଆଣି ଆମ୍ବୁଲାନ୍ସକୁ ଫୋନ କରିଥିଲେ। ଆମ୍ବୁଲାନ୍ସ ପହଞ୍ଚିବା ପୂର୍ବରୁ ତାଙ୍କର ପ୍ରାଥମିକ ଚିକିତ୍ସା କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ତାଙ୍କର ଚିକିତ୍ସା କରାଯାଇଛି । ମୁଣ୍ଡରେ ଆଘାତ ଲାଗିଥିବାରୁ ସେ କିଛି କହିପାରୁନାହାନ୍ତି। ତାଙ୍କ ପରିଚୟ ମଧ୍ୟ ଜଣାପଡି ନାହିଁ।

## ୪ ଔଷଧ ଦୋକାନ, ୨ଆଳୁ ଗୋଦାମରେ ଚଢ଼ାଉ

**ନିମାପଡ଼ା,୧୮।୩(ଡି.ଏନ୍.ଏ.):** ମହାମାରୀ କରୋନା ପରିପ୍ରେକ୍ଷୀରେ ନିମାପଡ଼ା ପ୍ରଶାସନ ପକ୍ଷରୁ ବୁଧବାର ୪ଟି ଔଷଧ ଦୋକାନ ଓ ୨ଟି ଆଳୁ, ପିଆଜ ଗୋଦାମରେ ଚଢ଼ାଉ କରାଯାଇଛି। ଉଚ୍ଚା ଦରରେ ଔଷଧ, ମାସ୍କ, ସାନିଟାଇଜରକୁ ବିକ୍ରି ନ କରି ଠିକ୍ ମୂଲ୍ୟରେ ବିକ୍ରି କରିବାକୁ ଔଷଧ ଦୋକାନୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ନିମାପଡ଼ା ବଜାର ଓ ଦୋଲବେଦୀ ଛକ ନିକଟରେ ଥିବା ଗୋଦାମ ଉପରେ ଚଢ଼ାଉ କରି ଷ୍ଟକ ରେଜିଷ୍ଟର, ମୂଲ୍ୟ ତାଲିକା ଯାଞ୍ଚ କରିଥିଲେ। ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଆଳୁ, ପିଆଜକୁ ଉଚ୍ଚ ଦରରେ ବିକ୍ରି ନ କରି ସୁଲଭ ମୂଲ୍ୟରେ ବିକ୍ରି କରିବାକୁ ଗୋଦାମ ମାଲିକଙ୍କୁ ପ୍ରଶାସନିକ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ଅତିରିକ୍ତ ତହସିଲଦାର ନିଶା ଗୋଏଙ୍କା, ଯୋଗାଣ ନିରୀକ୍ଷକ ଶିଭାଶିଷ ଜେନା ପ୍ରମୁଖ ସଦଳବଳେ ଏହି ଚଢ଼ାଉ କରିଥିଲେ। ମାସ୍କ, ସାନିଟାଇଜର, ତେଜରାତି, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଉଚ୍ଚ ଦରରେ ବିକ୍ରି କଲେ ବ୍ୟବସାୟୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଗୋଏଙ୍କା କହିଛନ୍ତି।

## ପିଇବା ପାଣି ସମସ୍ୟା, ଲୋକେ ହନ୍ତସନ୍ତ

**ଗୋପ,୧୮।୩(ଡି.ଏନ୍.ଏ.):** ଖରାଦିନ ଆରମ୍ଭରୁ ଗୋପ ପଞ୍ଚାୟତରେ ପିଇବା ପାଣି ସମସ୍ୟା ଦେଖାଦେଇଛି। ଫଳରେ ଲୋକମାନେ ପାଣି ପିଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି। ସୂଚନାଥାଉ କି, ପ୍ରତ୍ୟେକ ବର୍ଷ ଖରାଦିନେ ଏହି ପଞ୍ଚାୟତରେ ପାନୀୟ ଜଳ ସମସ୍ୟା ଦେଖାଦେଉଥିବାବେଳେ ଚଳିତବର୍ଷ ମଧ୍ୟ ଏହି ସମସ୍ୟା ଦେଖାଯାଇଛି। ଏ ନେଇ ଗୋପର ପ୍ରଶାନ୍ତ କାଣ୍ଡି, ବ୍ରଜବନ୍ଧୁ ସାହୁ, ରତ୍ନାକର ଭୋଇ ପ୍ରମୁଖ ବିଡିଓ ଦିପ୍ତାରାଣୀ ଦାସଙ୍କ ନିକଟରେ ଅଭିଯୋଗ କରିଥିଲେ। ଏହି ସମସ୍ୟାକୁ ଦୂର କରିବା ଲାଗି ପଞ୍ଚାୟତ ଓ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶପାଇଛି। ପଞ୍ଚାୟତ ପକ୍ଷରୁ ବିଭିନ୍ନ ସ୍ଥାନରେ ନଳକୂପ, ପାଣି ଟ୍ୟାଙ୍କର ବସାଯାଉଥିବାବେଳେ ବିଭିନ୍ନ ଗ୍ରାମକୁ ଯାଇଥିବା ଷ୍ଟାଣ୍ଡପୋଷ୍ଟ ଟ୍ୟାପଗୁଡ଼ିକୁ ଯୁଦ୍ଧକାଳୀନ ଭିତ୍ତିରେ ମରାମତି କରାଯାଉଛି। ଆବଶ୍ୟକ ପଡ଼ିଲେ ଯେଉଁଠି ପିଇବା ପାଣି ସମସ୍ୟା ଦେଖାଯିବ ସେହି ସ୍ଥାନକୁ ଟ୍ୟାଙ୍କର ଯୋଗେ ପାଣି ଯୋଗାଇ ଦିଆଯିବ ବୋଲି ସରପଞ୍ଚ ସୁଶାନ୍ତ ସ୍ୱାଇଁ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଦାଶରଥୀ ସାହୁ କହିଛନ୍ତି।

## ଢଗଢମାଳି



(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସର, ବରଗଛ ମୂଳେ ଘର;**
**ଯେ ନା ସେ ପଶିବ,**
**କାହାକୁ କରିବ ପର ।**

ବରଗଛ ମୂଳେ ସମସ୍ତେ ବିଶ୍ରାମ କରିବାକୁ ଆସନ୍ତି। ସେଠି ଘର ଖଣ୍ଡେ ଥିଲେ ସେଠିକି ବିଶ୍ରାମ ନେବାକୁ, ବସାଉଠା କରିବାକୁ ପାଣି ଟୋପାଏ ପିଇବାକୁ ଅନେକ ବାଟୋଇ ପହଞ୍ଚିଯାଇଥାନ୍ତି। ବିବେକ ଦୃଷ୍ଟିରୁ ତାଙ୍କୁ ମନା କରି ହୋଇ ନ ଥାଏ। ଏପରିସ୍ଥଳେ ପଛରେ ଏନେଇ ଯେ କଥା ନ ବାହାରିବ ସେ କଥା କିଏ କହିବ । ତେଣୁ ଏସବୁ ଭାରି ଅସୁବିଧା କଥା ହୋଇଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ସକାଳ ପଖାଳ ଭଲ,**
**ଯଦି ଭଜାଭଜି ଥାଏ**
**ସକାଳ ଗାଧୁଆ ଭଲ**
**ଯେବେ ଦେହରେ ଯାଏ ।**

ଭଜାଭଜି ଥିଲେ ପଖାଳ ଖାଇବା ମଜା ଦ୍ୱିଗୁଣିତ ହୋଇଯାଇଥାଏ। ସେହିପରି ଦେହ ଖରାପ ହେଉ ନ ଥିଲେ ବଡ଼ି ସକାଳୁ ଗାଧୋଇବା ଶୁଭଙ୍କର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ପୁରୀକୁ ଆସୁଥିବା ଗାଡ଼ିଗୁଡିକୁ ହରେକୃଷ୍ଣପୁର ଛକଠାରେ ବୁଧବାର ପୋଲିସ ଯାଞ୍ଚ୍ କରୁଛି।

## ଶ୍ରୀମନ୍ଦିର ଅର୍ଥ ସବ୍ କମିଟି ବୈଠକ ମୁଲତବୀ

### ପୁଣି ଧାର୍ଯ୍ୟ ହେବ ନୂଆ ତାରିଖ

**ପୁରୀ ଅଫିସ,୧୮।୩**

ଶ୍ରୀମନ୍ଦିରଅର୍ଥସବ୍‌କମିଟିବୈଠକବୁଧବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ବସିଥିଲା । ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାରଙ୍କ ଅନୁପସ୍ଥିତିରେ ଉପମୁଖ୍ୟ ପ୍ରଶାସକ ତଥା ଜିଲାପାଳ ବଲୱନ୍ତ ସିଂ ଏଥିରେ ଅଧ୍ୟକ୍ଷତା କରିଥିଲେ। ଶ୍ରୀମନ୍ଦିର ବଜେଟ୍ ପୂର୍ବରୁ ଏହି ବୈଠକ ବସିଥିବାରୁ ଏହା ବେଶ୍ ଗୁରୁତ୍ୱ ବହନ କରୁଥିଲା। ୨୦୧୯-୨୦ ବଜେଟର ସମୀକ୍ଷା ଏବଂ ୨୦୨୦-୨୧ ବଜେଟ୍‌ରେ କେଉଁ ହେଡ୍‌ରେ କ'ଣ ରହିଛି ତାହା ଉପରେ ଆଲୋଚନା କରାଯାଇଥାନ୍ତା। ଏ ନେଇ କମିଟି ସଦସ୍ୟଙ୍କୁ ୩୦/୪୦ ପୃଷ୍ଠାର ପ୍ରାକ୍ ବଜେଟ୍ କାଗଜ ଦିଆଯାଇଥିଲା। ମାତ୍ର ଗୋଟିଏ ଦିନ ପୂର୍ବରୁ ଏହା ଦିଆଯାଇଥିବାରୁ ସେମାନେ ଏହାକୁ ପଢି ନ ଥିବା, ମୁଖ୍ୟ ପ୍ରଶାସକ ଏବଂ ଚାର୍ଟାର୍ଡ ଆକାଉଣ୍ଟାଣ୍ଟ ଅନୁପସ୍ଥିତ ଥିବା ନେଇ କହିଥିଲେ। ତେଣୁ ବୈଠକକୁ ମୁଲତବୀ କରାଯାଇଥିଲା ବୋଲି କହିଛନ୍ତି ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଅଜୟ କୁମାର ଜେନା। ଅର୍ଥ ସବ୍ କମିଟି ବୈଠକ ପାଇଁ ପୁଣି ଏକ ତାରିଖ ଧାର୍ଯ୍ୟ କରାଯିବ ବୋଲି ସେ ସୂଚନା ଦେଇଚନ୍ତି ।



ଶ୍ରୀମନ୍ଦିର ଅର୍ଥ ସବ୍ କମିଟିରେ ଯୋଗ ଦେଇଥିବା ଅଧିକାରୀ ଏବଂ ଅନ୍ୟମାନେ।


CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

MUDRA FINANCE (Regd Company)
MUDRA ଋଣ ଲିମିଟେଡ୍ ଭରସାର ପ୍ରତିକ ସରକାରୀ ସ୍ୱୀକୃତିପ୍ରାପ୍ତ କମ୍ପାନୀଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ, ଋଣ ମାତ୍ର ୨୪ଘଣ୍ଟାରେ ଘରେବସି ପାଆନ୍ତୁ।
2% ସୁଧ 40% ଛାଡ
(ମହିଳା ଓ ସରକାରୀ କର୍ମଚାରୀ ମାନଙ୍କ ପାଇଁ ବିଶେଷ ଛାଡ)
ଧୋକାଖାଇଥିବା ବ୍ୟକ୍ତି ଅବଶ୍ୟ ସମ୍ପର୍କ କରନ୍ତୁ
Lane No - 5, MG Road, Bangalore
8368085900

FINANCE FINANCE

HINDUSTAN FINANCE LIMITED
(Reg. No. 3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

ଘରେ ବସି ସମସ୍ତ ପ୍ରକାର ଋଣ ପାଆନ୍ତୁ
ମୁଦ୍ରା ଯୋଜନା
କେବଳ ଆଧାର କାର୍ଡ ଉପରେ ୧୦ ଲକ୍ଷ ପର୍ଯ୍ୟନ୍ତ ଋଣ
୧% ସୁଧ ୫୦% ଛାଡ଼
ବିଜିନେସ୍ ଋଣ, ସମ୍ପତ୍ତି ଋଣ, ମାର୍କଶିଟ୍ ଋଣ, ଆଧାର କାର୍ଡ ଋଣ, ବ୍ୟକ୍ତିଗତ ଋଣ, ବିପିଏଲ୍ ଋଣ, ଇତ୍ୟାଦି ସମସ୍ତ ଋଣ
ଏଟିଏମ୍ କାର୍ଡ ଓ ପାସ୍‌ବୁକ୍ ଉପରେ ମଧ୍ୟ ଋଣ ଉପଲବ୍ଧ
ବିଶ୍ୱାସ ଆପଣଙ୍କର, ସହଯୋଗ ଆମର
କର୍ମଚାରୀ/ ମହିଳାମାନଙ୍କ ପାଇଁ ବିଶେଷ ଅଫର
08765414481, 09126344980

ଋଣ ଧମାକା
ଟଙ୍କା ନେଉନ୍ତୁ, ଧୋକା ଦେଉନ୍ତୁ
ଆଦର୍ଶ ଫାଇନାନ୍ସ
ପୂରା ରାଜ୍ୟରେ ପ୍ରଥମ ଥର ପାଇଁ ପିଏମ୍ ଜନଧନ ଯୋଜନା ଦ୍ୱାରା ସବୁ ବ୍ୟାଙ୍କରୁ
2% ସୁଧ - 50% ରିହାତିରେ
ଆଧାରକାର୍ଡ | ରାଶନକାର୍ଡ | ପର୍ସନାଲ | ପ୍ରପର୍ଟି | ଏଗ୍ରିକଲ୍ଚର | ବ୍ୟବସାୟ | ଗୃହ ଋଣ | ଟୁ-ହ୍ୱିଲର୍ | ଗ୍ରୁପ୍ ଋଣ | ପଶୁପାଳନ
ସବୁ ପ୍ରକାର ଋଣ ଘରେ ବସି ପାଆନ୍ତୁ
କମ୍ କାଗଜପତ୍ର କାମ
କମ୍ ଖରାପ ସିବିଲଧାରୀଙ୍କୁ ମଧ୍ୟ ଋଣ
8929889612
7290830466
Shahajahanabad, Bhopal (MP)

VINOYANA FINANCE
VINOYANA FINANCE ସବୁପ୍ରକାର LOAN 2% ସୁଧରେ ସହଜ କିସ୍ତିରେ ଘରେ ବସି ପାଆନ୍ତୁ ପର୍ସନାଲ, ପ୍ରପର୍ଟି, ବ୍ୟବସାୟ, କୃଷି, ଗୃହ, ମାର୍କଶିଟ୍, ପଶୁପାଳନ ଓ ଗ୍ରୁପ୍ ଋଣ।
7657025084
8658458039
7657027331
GANGANAN, CHHEPILIPALI, DEBAGARH

FINANCE
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ । ୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7325861595

ASTROLOGY ASTROLOGY

ଋଣ ଋଣ ଋଣ
ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
DHANLAXMI BANK LTD. REG. NO. U6519TN198PLC00855
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି ଋଣ ମାତ୍ର 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
76568-87550
B-34/7 A Block Vijay Enclave, Bururi, New Delhi

ପଇସା ଆମର ସଫଳତା ଆପଣଙ୍କର (ଲକ୍ଷ ଲକ୍ଷ ଲୋକଙ୍କ ଭରସା)
ଏକ୍ସା ଫାଇନାନ୍ସ
ଇ-ମେଲ୍ ଆଇଡି: axafinance051@gmail.com
କାମ ଆମର, ବିଶ୍ୱାସ ଆପଣଙ୍କର
ଜନଧନ ମୁଦ୍ରା ଯୋଜନା ଦ୍ୱାରା
ସବୁ ଋଣ
ଋଣ ପାଆନ୍ତୁ, ଭବିଷ୍ୟତ ଉଜ୍ଜ୍ୱଳ କରନ୍ତୁ
• ପ୍ରପର୍ଟି ଋଣ • ବ୍ୟବସାୟ ଋଣ • ମାର୍କଶିଟ୍ ଋଣ • ଆଧାର କାର୍ଡ ଋଣ • ପର୍ସନାଲ ଋଣ • ବିପିଏଲ୍ ଋଣ
1% ସୁଧ 50% ଛାଡ଼
ମହିଳା/ସୈନିକ/ଚାଷୀ/ବିଦ୍ୟାର୍ଥୀଙ୍କୁ ବିଶେଷ ରିହାତି
8766320840
7982465910

ଋଣ ଧମାକା ଋଣ ଧମାକା ଋଣ ଧମାକା
GLOBAL FINANCE LTD. ISO: 9001:2011 Regd. Company
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL ସମସ୍ତ ଋଣ 3-4 ଦିନରେ
2% ସୁଧ 40% ରିହାତି
ଠକାମିର ଶିକାର ହୋଇଥିବା ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
7653848464
H.No. 12, Sohana Distt. Mohali

କଣ ଆପଣ ଚିନ୍ତିତ କି
ଅଲ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ୍
ଫୋନ୍ ଲଗାନ୍ତୁ, ସମସ୍ୟା କୁହନ୍ତୁ
୨ଘଣ୍ଟାରେ ଗ୍ୟାରେଣ୍ଟି ସମାଧାନ
ସ୍ପେଶାଲିଷ୍ଟ - ବଶୀକରଣ ଓ ମୁଠ୍‌କରଣୀ
ତନ୍ତ୍ର ମନ୍ତ୍ର ର ସମ୍ରାଟ, କାମନହେଲେ ପଇସା ଫେରନ୍ତ, ଗୃହ କ୍ଳେଶ, ପତି ପତ୍ନୀ ମଧ୍ୟରେ ଝଗଡା, ବିବାହରେ ସମସ୍ୟା, ଲଭ୍ ମ୍ୟାରେଜ, ବ୍ୟବସାୟରେ ବାଧା, ରୋଗରେ ଔଷଧ କାମ ନକରିବା, ସନ୍ତାନ ପ୍ରାପ୍ତି, ବିଦେଶ ଯାତ୍ରା ମୋ କାମକୁ କାଟିଥିବା ଲୋକଙ୍କୁ ମନଚାହିଁ ପୁରସ୍କାର
ବି.ଦ୍ର : ଯଦି କାହାର ପତି ବା ପ୍ରେମୀ ଅନ୍ୟ ଦ୍ୱାରା ବଶୀଭୂତ ତେବେ ଆମକୁ ଯୋଗାଯୋଗ କରନ୍ତୁ
ବାବା ଆଲାମ ଖାନ
ମାଷ୍ଟର କ୍ୟାଣ୍ଟିନ, ଭୁବନେଶ୍ୱର
9773820765

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ଅର୍ଥ, ମାନ, ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅ ନାହିଁ। ସାବଧାନ ହୁଅ, ଠକିଯିବ, ତୁମର ଠାକୁରତ୍ୱ ଜାଗ୍ରତ ନ ହେଲେ କେହି ତୁମର କେନ୍ଦ୍ର ବି ନୁହନ୍ତି, ଠାକୁର ବି ନୁହନ୍ତି । - ଠାକୁର ଅନୁକୂଳଚନ୍ଦ୍ର



## ସଂକ୍ଷେପରେ

### ବିଇଓ କାର୍ଯ୍ୟାଳୟ ଘେରିଲେ ଅଭିଭାବକ

ବ୍ରହ୍ମଗିରି,୧୮।୩(ଡି.ଏନ୍.ଏ.): ବ୍ରହ୍ମଗିରି ବ୍ଲକ କୁଶୁବେଣ୍ଟି ପଞ୍ଚାୟତ ଅଧୀନ ହରିଦାସ ପ୍ରାଥମିକ ବିଦ୍ୟାଳୟ ବନ୍ଦ ହେବାକୁ ଥିବା ଜଣାପଡିଛି। ଏହାର ପ୍ରତିବାଦରେ ଉକ୍ତ ଗ୍ରାମର ଅଭିଭାବକମାନେ ବୁଧବାର ବ୍ରହ୍ମଗିରି ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ସରକାରୀ ନିୟମ ଅନୁଯାୟୀ, ୪୦ରୁ କମ ଛାତ୍ରୀଛାତ୍ର ଥିବା ବିଦ୍ୟାଳୟ ଓ ଏକ କିଲୋମିଟର ମଧରେ ରହିଥିବା ବିଦ୍ୟାଳୟକୁ ଅନ୍ୟ ବିଦ୍ୟାଳୟରେ ମିଶ୍ରଣ କରାଯିବ। ଫଳରେ ବ୍ରହ୍ମଗିରି ବ୍ଲକରେ ୫୦ରୁ ଉର୍ଦ୍ଧ୍ୱ ବିଦ୍ୟାଳୟ ବନ୍ଦ ହେବ ବୋଲି ଜଣାପଡିଛି। ହରିଦାସ ଗ୍ରାମରେ ଥିବା ପ୍ରାଥମିକ ବିଦ୍ୟାଳୟରେ ବର୍ତ୍ତମାନ ୩୯ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସରକାରୀ ନିୟମ ଅନୁଯାୟୀ ଉକ୍ତ ବିଦ୍ୟାଳୟ ବନ୍ଦ ହେବାକୁ ସ୍ଥିର କରାଯାଇଛି । କିନ୍ତୁ ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଭୌଗୋଳିକ ସ୍ଥିତି ଅନୁଯାୟୀ ଏହି ଗ୍ରାମ ଚିଲିକା ଭିତରେ ଅବସ୍ଥିତ। ଏହା ସହ ସଂଯୁକ୍ତ ହେବା ବିଦ୍ୟାଳୟଠାରୁ ଏହି ଗ୍ରାମର ଦୂରତା ୪ କିଲୋମିଟର। ବର୍ଷା ଦିନେ ଉକ୍ତ ଗ୍ରାମର ରାସ୍ତା ବୁଡିଯାଉଥିବାରୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ଯିବାକୁ ଅସୁବିଧାର ସମ୍ମୁଖୀନ ହେବେ। ଏନେଇ ଉକ୍ତ ବିଦ୍ୟାଳୟକୁ ବନ୍ଦ ନ କରିବା ପାଇଁ ଅଭିବାବକମାନେ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।

### ବନ୍ଦ ହେଉନି ଘରୋଇ ଶିକ୍ଷାନୁଷ୍ଠାନ

ବ୍ରହ୍ମଗିରି,୧୮।୩(ଡି.ଏନ୍.ଏ.): ମହାମାରୀ କରୋନାକୁ ନେଇ ରାଜ୍ୟ ସରକାର ସମସ୍ତ ସରକାରୀ ଓ ଘରୋଇ ଶିକ୍ଷାନୁଷ୍ଠାନ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କିନ୍ତୁ ବ୍ରହ୍ମଗିରି ଅଞ୍ଚଳରେ ସରକାରଙ୍କ ଏହି ନିର୍ଦ୍ଦେଶନାମାକୁ ବେଖାତିର କରି ବିଭିନ୍ନ ଘରୋଇ ଶିକ୍ଷାନୁଷ୍ଠାନ ଶିକ୍ଷାଦାନ ଓ ଛାତ୍ରାବାସ ଚାଲୁଥିବା ଜଣାପଡିଛି। ତୁରନ୍ତ ଏଥିପ୍ରତି ପ୍ରଶାସନ ଦୃଷ୍ଟିଦେବାକୁ ସଚେତନ ନାଗରିକ ମଞ୍ଚ ଦାବି କରିଛି।

### ମାସ୍କ, ସାନିଟାଇଜର କଳାବଜାର

କଣାସ,୧୮।୩(ସ୍ୱ.ପ୍ର.)- ରାଜ୍ୟ ସରକାର କରୋନା ସତର୍କତା ପାଇଁ ଗଣମାଧମରେ ବ୍ୟାପକ ପ୍ରଚାର ଓ ପ୍ରସାର ଚଳାଇଥିବାବେଳେ ହାତ ଧୋଇବା ଏବଂ ମୁହଁରେ ମାସ୍କ ବାନ୍ଧିବାକୁ ଅଧିକ ଗୁରୁତ୍ୱ ଦେଇଛନ୍ତି। ଫଳରେ ଲୋକଙ୍କ ମଧ କରୋନା ଭୟକୁ ନେଇ ସମସ୍ତେ ମାସ୍କ ଓ ସାନିଟାଇଜର ବ୍ୟବହାର କରୁଥିବାରୁ କଣାସ ବ୍ଲକରେ ଏହାକୁ ନେଇ କଳାବଜାର କରୁଥିବାର ଦେଖିବାକୁ ମିଳିଛି। ସରକାର ମଧ ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ର ମାଧମରେ ମାସ୍କ ଓ ସାନିଟାଇଜର ବଣ୍ଟନ ବ୍ୟବସ୍ଥା କରି ନ ଥିବାରୁ ବ୍ଲକର ବିଭିନ୍ନ ବଜାରରେ ବେପାରୀମାନେ ୧୦, ୧୫ଟଙ୍କା ମୂଲ୍ୟର ମାସ୍କକୁ ୮୦ଟଙ୍କାରେ ବିକ୍ରି କରୁଛନ୍ତି। ଏଭଳି ଅସୁବିଧା ହେବା ପରେ ସରକାର ପକ୍ଷରୁ ଦୋକାନ ବାହାରେ ବୋର୍ଡରେ ମୂଲ୍ୟ ଲଗାଇବାର କଡ଼ା ନିର୍ଦ୍ଦେଶ ଦେଇଥିଲେ ସୁଦ୍ଧା ବେପାରୀମାନେ ମାନୁ ନାହାନ୍ତି। ଫଳରେ ଜଣସାଧାରଣ ମାସ୍କ ଓ ସାନିଟାଇଜର ଅଧିକ ଦାମରେ କିଣି ଅସନ୍ତୋଷ ପ୍ରକାଶ କରିଛନ୍ତି।

# କଣାସରେ ବନ୍ଦ ହେବ ୧୩ ପ୍ରାଥମିକ ବିଦ୍ୟାଳୟ

## ମିଶ୍ରଣ ହେବ ୨୬ ବିଦ୍ୟାଳୟ

କଣାସ,୧୮ ।୩(ସ୍ୱ.ପ୍ର.)

ରାଜ୍ୟ ସରକାର ପ୍ରାଥମିକ ଶିକ୍ଷା ବ୍ୟବସ୍ଥାରେ କଟକଣା ଜାରି କରିଥିବାରୁ ପୁରୀ ଜିଲା କଣାସ ବ୍ଲକରେ ୧୩ଟି ପ୍ରାଥମିକ ବିଦ୍ୟାଳୟକୁ ସମ୍ପୂର୍ଣ୍ଣ ଉଠାଯିବାର ନିର୍ଦ୍ଦେଶ ଆସିଛି। ଏହି ବିଦ୍ୟାଳୟଗୁଡ଼ିକରେ ୨୦ରୁ କମ୍ ଛାତ୍ରୀଛାତ୍ର ଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ସେହିଭଳି ୨୧ଟି ପ୍ରାଥମିକ ବିଦ୍ୟାଳୟରେ ୪୦ରୁ କମ୍ ଛାତ୍ରୀଛାତ୍ର ଥିବାରୁ ସେଗୁଡିକୁ ବନ୍ଦ କରାଯାଇ ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ସରକାରୀ ନିଷ୍ପତ୍ତି ହୋଇଛି। ଏହାସହ ୫ଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀରେ ୨୦ରୁ କମ୍ ପିଲା ଥିବାରୁ ସେହି ଶ୍ରେଣୀଗୁଡ଼ିକୁ ବନ୍ଦ କରିଦିଆଯାଇ ଉକ୍ତ ପିଲାମାନଙ୍କୁ ପାଖ ବିଦ୍ୟାଳୟକୁ ସ୍ଥାନାନ୍ତର ପାଇଁ ସରକାରୀ ନିର୍ଦ୍ଦେଶ ରହିଥିବା ଜଣାପଡ଼ିଛି। ଖବର ଅନୁଯାୟୀ, ରାଇଗରପୁର ପ୍ରାଇମେରୀ ବିଦ୍ୟାଳୟ, ପରିମାଣ୍ଡିପୁର ପ୍ରକଳ୍ପ ପ୍ରାଇମେରୀ ବିଦ୍ୟାଳୟ, ସାମନ୍ତରାପୁର ପ୍ରକଳ୍ପ ପ୍ରାଇମେରୀ ବିଦ୍ୟାଳୟ, ଅଠରବାଟିଆ ପ୍ରକଳ୍ପ ପ୍ରାଇମେରୀ, ହରିପୁର ପ୍ରକଳ୍ପ ପ୍ରାଇମେରୀ, ବୈଦ୍ୟନାଥ ପାଟଣା ପ୍ରକଳ୍ପ ପ୍ରାଇମେରୀ, ଟିମେଇପୁର ପ୍ରକଳ୍ପ ପ୍ରାଇମେରୀ, ଦେଉପୁର ପ୍ରାଇମୈରୀ, ମାଳିସାହି ପ୍ରକଳ୍ପ ପ୍ରାଇମେରୀ, କବରେଶ୍ୱର ପ୍ରକଳ୍ପ ପ୍ରାଇମେରୀ(ସିରିଆପଡ଼ା), ଜଗନ୍ନାଥ ପ୍ରକଳ୍ପ ପ୍ରାଇମେରୀ, ମା' କାମେଶ୍ୱରୀ ପ୍ରକଳ୍ପ ପ୍ରାଇମେରୀ ବାଦଲପୁର, ଗଡ଼ବରପଦା ପ୍ରକଳ୍ପ ପ୍ରାଇମେରୀ ବିଦ୍ୟାଳୟରେ ୨୦ରୁ କମ୍ ଛାତ୍ରୀଛାତ୍ରଥିବାରୁ ଏଗୁଡିକ ବନ୍ଦ ପାଇଁ ସରକାରୀ ନିଷ୍ପତି ହୋଇଛି। ସେହିପରି ବ୍ରହ୍ମପଡ଼ା, ଓଗାଳପୁର, ରତନପୁର, କାଳୀଘଡ଼ି, ଚନ୍ଦ୍ରମାପାଟପୁର, ଇଛାପୁର, ବୀରକେଶରପୁର, ଅଶ୍ୱଥପରୀ, ଢୋଲପାଟଣା, କଅଁରପୁର, ବିଲପାଟଣା, ଦାମୋଦର, ବଗିପଡା, ମାଟିଆପଡା ନୂଆସାହି, ଘରଝିଆ, ବାଲିପଡା, ଓହ୍ଲାଣ, ଟଣମଣ, ହଳଦୀପଦର, କଣ୍ଟପଡା, କାତପଡ଼ା ଗ୍ରାମର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟଗୁଡ଼ିକରେ ୪୦ରୁ କମ୍ ଛାତ୍ରୀଛାତ୍ର ଥିବାରୁ ନିକଟସ୍ଥ ବିଦ୍ୟାଳୟକୁ ମିଶାଇ ଦିଆଯିବ। ସେହପରି ବେହେଣ୍ଟା, ଡେଲାଙ୍ଗଚାରିପୋଡା, ଗୋଲରା, ମୈତ୍ରତ୍ରିଲୋଚନପୁର, ଆଚାର୍ଯ୍ୟ ହରିହର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ, ସପ୍ତମ, ଅଷ୍ଟମ ଶ୍ରେଣୀରେ ୨୦ରୁ କମ୍ ପିଲା ଥିବାରୁ ଛାତ୍ରୀଛାତ୍ରଙ୍କୁ ନିକଟସ୍ଥ ବିଦ୍ୟାଳୟରେ ସାମିଲ କରିବା ପାଇଁ ସରକାରୀସ୍ତରରେ ନିଷ୍ପତ୍ତି ହୋଇଥିବା କଣାସ ବ୍ଲକ ଅତିରିକ୍ତ ଶିକ୍ଷାଅଧିକାରୀ ମୀନକେତନ ସାମନ୍ତରାୟ ପ୍ରକାଶ କରିଛନ୍ତି।



**ବେଳାଭୂମି ପାଲଟିଛି ଖେଳପଡ଼ିଆ :** କରୋନା କଟକଣା ଯୋଗୁ ପୁରୀ ସମୁଦ୍ରକୂଳ ଶୂନଶାନ ହୋଇପଡିଥିବାରୁ ବୁଧବାର ଅପରାହ୍ଣରେ ପିଲାମାନେ କ୍ରିକେଟ ଖେଳୁଛନ୍ତି ।

# ପୌର ନିର୍ବାହୀ ଅଧିକାରୀଙ୍କୁ ସ୍ମାରକପତ୍ର

## ରାସ୍ତାରେ ମାଛ ବ୍ୟବସାୟକୁ ନେଇ ଅସନ୍ତୋଷ

ପୁରୀ ଅଫିସ,୧୮।୩:

ରାସ୍ତାକୁ ଜବରଦଖଲ କରି ମାଛ, ମାଂସ ବ୍ୟବସାୟ କରାଯାଉଥିବାବେଳେ ବୁଧବାର ଗୌଡ଼ବାଡସାହି ବାସିନ୍ଦା ପୌର ନିର୍ବାହୀ ଅଧିକାରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ସେମାନେ ଏଥିରେ ଦର୍ଶାଇଛନ୍ତି ଯେ, ଗୌଡ଼ବାଡସାହି ଅନ୍ତର୍ଗତ ପୌରସଂସ୍ଥା ପରିଚାଳିତ ସ୍ୱର୍ଗଦ୍ୱାର ମାଛ ମାର୍କେଟର ନୂତନ କୋଠା ଦୀର୍ଘଦିନ ହେବ ନିର୍ମାଣ ସରିଛି । କିନ୍ତୁ ସେଠାରେ ମାଛ ବ୍ୟବସାୟୀ ବସୁ ନାହାନ୍ତି । ପରିତାପର ବିଷୟ ହେଉଛି ସାହିବାସିନ୍ଦା ବ୍ୟବହାର କରୁଥିବା ଏକ ସଂକୀର୍ଣ୍ଣ କଂକ୍ରିଟ ରାସ୍ତାକୁ ଜବରଦଖଲ କରି ମାଛ, ମାଂସ ବ୍ୟବସାୟ ଚାଲୁଛି । ଫଳରେ ସେହି ରାସ୍ତାରେ ସାହିବାସିନ୍ଦା ଯାତାୟାତ କରିପାରୁ ନାହାନ୍ତି । ଏପରି କି ପୌରସଂସ୍ଥାର ସଫେଇ କର୍ମଚାରୀମାନେ ସେହି ରାସ୍ତାକୁ ସଫା ମଧ କରିପାରୁ ନାହାନ୍ତି। ଏହାଦ୍ୱାରା ସମ୍ପୂର୍ଣ୍ଣ ଅସ୍ୱାସ୍ଥ୍ୟକର ଓ ପୁତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ସାହିବାସିନ୍ଦାଙ୍କ ବିରୋଧ ସତ୍ତ୍ୱେ ୨୦୧୮ ଅଗଷ୍ଟ ୧୮ ତାରିଖରୁ ଏହି ରାସ୍ତାକୁ ଜବରଦଖଲ କରି ବ୍ୟବସାୟ ଚାଲିଛି। ଏ ନେଇ ପୂର୍ବରୁ ପୌରସଂସ୍ଥା ନିକଟରେ ଅଭିଯୋଗ କରାଯାଇଥିଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ବର୍ତ୍ତମାନ କରୋନାକୁ ନେଇ ବ୍ୟାପକ ଜନସଚେତନତା କରାଯାଉଥିବାବେଳେ ଏହି ପ୍ରସଙ୍ଗକୁ ସହୃଦୟତାର ସହ ବିଚାର କରିବା ପାଇଁ ସ୍ଥାନୀୟବାସିନ୍ଦା ପୌର ନିର୍ବାହୀ ଅଧିକାରୀଙ୍କୁ ଅନୁରୋଧ କରିଛନ୍ତି।

# ବ୍ଲକ ଶିକ୍ଷାଧିକାରୀ ଅଫିସରେ ଖାଲିପଡ଼ିଛି ପଦବୀ

କଣାସ,୧୮ ।୩(ସ୍ୱ.ପ୍ର.)

ରାଜ୍ୟ ସରକାର ପ୍ରାଥମିକ ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେଇ ଜିଲାରୁ ଆଣି ବ୍ଲକରେ ଶିକ୍ଷା କାର୍ଯ୍ୟାଳୟମାନ ଖୋଲିଥିଲେ। କିନ୍ତୁ ପୁରୀ ଜିଲା କଣାସ ବ୍ଲକର ଶିକ୍ଷା କାର୍ଯ୍ୟାଳୟରେ ଦୀର୍ଘଦିନ ହେବ ବିଭିନ୍ନ ପଦବୀ ଖାଲି ପଡ଼ିଥିବାର ଦେଖିବାକୁ ମିଳିଛି। ଖବର ଅନୁଯାୟୀ, ଏହି ବ୍ଲକ ଅଫିସରେ ବ୍ଲକ ଶିକ୍ଷା ଅଧିକାରୀ ପଦବୀ ଖାଲି ପଡ଼ିଛି। ଏପରିକି ୩ଟି ଅତିରିକ୍ତ ଶିକ୍ଷା ଅଧିକାରୀ ପଦବୀରୁ ଜଣେ ମାତ୍ର ଅତିରିକ୍ତ ଶିକ୍ଷାଧିକାରୀ ମୀନକେତନ ସାମନ୍ତରାୟ ଥିବାବେଳେ ତାଙ୍କୁ ଗତ ୩ ତାରିଖଠାରୁ ପରୀକ୍ଷା ପାଇଁ ଅବ୍‌ଜରଭେଶନରେ ରଖାଯାଇଥିବାରୁ ସେ ଅଫିସ୍ କାର୍ଯ୍ୟରେ ଯୋଗଦେଇପାରୁ ନାହାନ୍ତି। ସେହିପରି ୩ଜଣ କ୍ଲର୍କ ରହିବାର ବ୍ୟବସ୍ଥା ଥିବାବେଳେ ଜଣେ ମାତ୍ର କ୍ଲର୍କ ନିଯୁକ୍ତି ପାଇଥିବାବେଳେ ବୁଧବାର କୌଣସି କାର୍ଯ୍ୟରେ ସେ ଛୁଟିରେ ଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ୨ଟି ପିଅନ ପଦବୀ ମଧ ଖାଲି ପଡ଼ିଥିବାରୁ ବୁଧବାର କାର୍ଯ୍ୟାଳୟ ଖୋଲା ଥିବାବେଳେ କେବଳ ଚୌକି ଟେବୁଲ୍ ପଡିଥିବାର ଦେଖିବାକୁ ମିଳିଥିଲା। କେତେକ ଶିକ୍ଷୟିତ୍ରୀ ଶିକ୍ଷକ କୌଣସି କାର୍ଯ୍ୟରେ ଆସିଥିବାବେଳେ ଶିକ୍ଷା କାର୍ଯ୍ୟାଳୟରେ କେହି ନ ଥିବାରୁ ନିରାଶରେ ଫେରୁଥିବା ଦେଖାଯାଇଥିଲା। ଏ ସମ୍ପର୍କରେ ଅତିରିକ୍ତ ଶିକ୍ଷାଅଧିକାରୀ ମୀନକେତନ ସାମନ୍ତରାୟ କୁହନ୍ତି, ଦୀର୍ଘଦିନ ହେବ ସମସ୍ତ ପଦବୀ ଖାଲି ପଡ଼ିଥିବାବେଳେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇଥିଲେ ମଧ ଏଯାବତ କୌଣସି ବ୍ୟବସ୍ଥା କରାଯାଇନାହିଁ। ଅନ୍ୟପଟେ ମତେ ମଧ ପରୀକ୍ଷା ପାଇଁ ଅବଜରଭେଶନରେ ପଠାଇଦେଇଛନ୍ତି।

### ଶିକ୍ଷକଙ୍କୁ ମିଳିଲା ରାଷ୍ଟ୍ରୀୟ ସମ୍ମାନ

ପୁରୀ ଅଫିସ,୧୮।୩:

ବିନା ମୂଲ୍ୟରେ ଶୈକ୍ଷିକ ଉପକରଣ ମାଧମରେ ଛାତ୍ରୀଛାତ୍ରଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ନିମନ୍ତେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ରାଷ୍ଟ୍ରୀୟ ସମ୍ମାନ ପାଇଛନ୍ତି ପୁରୀ ସଦର ବ୍ଲକ ଅନ୍ତର୍ଗତ ଉଉରହଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଜ୍ୟୋତିପ୍ରକାଶ ମହାରଣା। ନୂଆଦିଲ୍ଲୀସ୍ଥିତ ଆଇଆଇଟି ପରିସରରେ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରୀ ରମେଶ ପୋଖରୀୱାଲ ନିଶଙ୍କ ଏବଂ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ପ୍ରକାଶ ଜାଭେଡକର ମହାରଣାଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ। ଉତ୍ସବରେ କେନ୍ଦ୍ରମନ୍ତ୍ରୀ ପ୍ରତାପ ଷଡ଼ଙ୍ଗୀ, କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର, ଜାତୀୟ ଶିକ୍ଷା ଗବେଷଣା ପ୍ରତିଷ୍ଠାନର ଅଧକ୍ଷ ସନ୍ତୋଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଶ୍ରେଣୀ ଗୃହରେ ବିଭିନ୍ନ ଖେଳ ମାଧମରେ ବିଦ୍ୟାର୍ଥୀମାନଙ୍କୁ ଗଣିତ ଶିକ୍ଷା ସହିତ ବିନା ମୂଲ୍ୟରେ ଶୈକ୍ଷିକ ଉପକରଣ ଦ୍ୱାରା ଛାତ୍ରୀଛାତ୍ରଙ୍କ ମଧରେ ଶୈକ୍ଷିକ ବାତାବରଣ ସୃଷ୍ଟି କରିବା ଦିଗରେ କାର୍ଯ୍ୟ କରୁଥିବାରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ମନୋନୀତ ହୋଇ ଓଡ଼ିଶାର ୧୧ଜଣଙ୍କ ମଧରେ ପୁରୀର ମହାରଣା ଏହି ସମ୍ମାନ ପାଇଛନ୍ତି।

### ପ୍ରଶାସନ ପକ୍ଷରୁ ଔଷଧ ଦୋକାନରେ ଚଢ଼ାଉ

ବ୍ରହ୍ମଗିରି,୧୮।୩(ଡି.ଏନ୍.ଏ.):

ମହାମାରୀ କରୋନା ପରିପ୍ରେକ୍ଷୀରେ ବୁଧବାର ବ୍ରହ୍ମଗିରି ସ୍ୱାସ୍ଥ୍ୟ ବିଭାଗ, ପୋଲିସ ଓ ତହସିଲଦାର କିଶୋର କୁମାର ପଣ୍ଡା ମିଳିତ ଭାବେ ବିଭିନ୍ନ ଔଷଧ ଦୋକାନରେ ଚଢ଼ାଉ କରିବା ସହ ମାସ୍କ ଓ ସାନିଟାଇଜର ଉଚ୍ଚାଦରରେ ବିକ୍ରି ନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ସୂଚନାଥାଉ କି, କରୋନାକୁ ନେଇ ବଜାରରେ ମାସ୍କର ଅଭାବ ଦେଖାଦେଇଛି। ବ୍ୟବସାୟୀମାନେ ଉଚ୍ଚା ଦରରେ ଏହି ମାସ୍କ ଓ ସାନିଟାଇଜର ବିକ୍ରି ହେଉଥିବା ଅଭିଯୋଗ ହୋଇଥିଲା।



ଶ୍ରୀମନ୍ଦିରର ପତିତପାବନ ବାନା ବୁଧବାର ଅପରାହ୍ଣରେ ଛିଣ୍ଡିଯାଇଛି ।

# ସାହିତ୍ୟ ଗବେଷଣା ପ୍ରତିଷ୍ଠାନ ଗଠିତ

ସାକ୍ଷୀଗୋପାଳ,୧୮।୩(ଡି.ଏନ୍.ଏ.):

ଓଡ଼ିଆ ସାହିତ୍ୟର ବିକାଶ ଓ ଗବେଷଣା ପାଇଁ କବି ଡ. ପ୍ରସନ୍ନ ପାଟ୍ଟଶାଣୀଙ୍କ ନାମରେ ଏକ ସାହିତ୍ୟ ଗବେଷଣା ପ୍ରତିଷ୍ଠାନ ସାକ୍ଷୀଗୋପାଳରେ ଗଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ପଞ୍ଚସଖା ସ୍ମୃତିଭବନରେ କବି ଶଶିକାନ୍ତ ବିଶ୍ୱାଳଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଓଡ଼ିଆ ସାହିତ୍ୟରେ ଗବେଷଣା କରୁଥିବା ଛାତ୍ର, ସାହିତ୍ୟିକ, କବି ଓ କଳାକାରଙ୍କୁ ପ୍ରତିଷ୍ଠାନ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସହଯୋଗ ପ୍ରଦାନ କରାଯିବା ସଙ୍ଗେସଙ୍ଗେ ସାହିତ୍ୟ ସାଧକଙ୍କ ସ୍ମୃତି ସମ୍ମାନରେ ସମ୍ମାନିତ କରାଯିବ ବୋଲି ସ୍ଥିର କରାଯାଇଛି। ପ୍ରତିଷ୍ଠାନର ନୂତନ କର୍ମକର୍ତ୍ତାଙ୍କ ମଧରେ ସାଧୁ ଚରଣ ବେହେରା (ସଭାପତି), ରବୀନ୍ଦ୍ରନାଥ ଷଡ଼ଙ୍ଗୀ (ଉପ ସଭାପତି), ଶଶିକାନ୍ତ ବିଶ୍ୱାଳୟ(ସମ୍ପାଦକ), ପ୍ରଶାନ୍ତ କୁମାର ବିଶ୍ୱାଳ(ସଙ୍ଗଠକ), ଯଯାତି କେଶରୀ ରାୟ(କୋଷାଧକ୍ଷ), ଉପଦେଷ୍ଟା ଭାବେ ସୁକାନ୍ତ କିଶୋର ସାମନ୍ତରାୟ ଓ ଡ. ଯୋଗୀବନ୍ଧୁ ନାୟକ ମନୋନୀତ ହୋଇଛନ୍ତି। ସେହିପରି ଦେବୀ ପ୍ରସାଦ ଘଟୁଆରୀ, ଭରତ ରାଉତ, ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ, ବିନାୟକ ସାହୁ ଓ ସୁବାଷ ପ୍ରଧାନ ପ୍ରମୁଖ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି।

# 'ଗାଁ ଲୋକଙ୍କ ପାଖେ ମାନବିକତା ରହିଛି'



କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଭାକର ମହାରଣାଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭାମାନେ ।

ଗୋପ,୧୮।୩(ଡି.ଏନ୍.ଏ.):

ଗ୍ରାମର ଲୋକେ ସରଳତା ଜୀବନ ଯାପନ କରୁଛନ୍ତି। ସେମାନଙ୍କ ନିକଟରେ ମାନବିକତା ରହିଥିବା ବୁଧବାର ପଦ୍ମଶ୍ରୀ ପ୍ରଭାକର ମହାରଣା କହିଛନ୍ତି। ଗୋପ ବ୍ଲକ ଅଧୀନ ଆଳସୀ ଗ୍ରାମର ସରସ୍ୱତୀ ୟୁଥ୍ କଲ୍‌ଚର ଆସୋସିଏଶନ ପକ୍ଷରୁ ଆୟୋଜିତ ବାର୍ଷିକୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମହାରଣା ଏହା କହିଛନ୍ତି। ଦୁଇଦିନ ଧରି ଚାଲିଥିବା ଏହି ଉତ୍ସବରେ ଅତିଥିଭାବେ ପୁରୀ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ସରପଞ୍ଚ କୃଷ୍ଣଚନ୍ଦ୍ର ବେହେରା, ସାମାଜିକ କର୍ମୀ ବ୍ରହ୍ମାନନ୍ଦ ପ୍ରଧାନ, ପୁରୀ ଜିଲା ପରିଷଦ ପୂର୍ବତନ ଅଧକ୍ଷ ଶଙ୍କର୍ଷଣ ପରିଡ଼ା, ଭାଜପା ମହିଳା ମୋର୍ଚ୍ଚା ସଭାନେତ୍ରୀ ପ୍ରଭାତୀ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗୋପ ଅଗ୍ନିଶମ ବିଭାଗର ସୁକାନ୍ତ ଜେନା, ଆଦର୍ଶ ଶିକ୍ଷକ ରବୀନ୍ଦ୍ର ରଥଙ୍କୁ ସମ୍ମାନିତ କରାଯାଇଥିଲା। ସଙ୍ଗଠନ ସଭାପତି ବିଚିତ୍ରାନନ୍ଦ ନାୟକ, ସୁମନ୍ତ ନାୟକ, ହର୍ଷଚନ୍ଦ୍ର ଦାଶ ଓ ସଂଗ୍ରାମ କେଶରୀ ବରାଳ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# କମୁଛି ବାଉଁଶ ତିଆରି ସାମଗ୍ରୀର ଚାହିଦା

## ପ୍ଲାଷ୍ଟିକ୍ ସାମଗ୍ରୀ ବୁଡ଼ାଉଛି ବେଉସା

ଗୋପ, ୧୮।୩(ଡି.ଏନ୍.ଏ):



ଅନ୍ତରା ଗୋଚ୍ଛାୟତ ବାଉଁଶ ତିଆରି ସାମଗ୍ରୀ ବିକ୍ରି କରୁଛନ୍ତି ।

ଦିନ ଥିଲା ଗାଁ ଗହଳିରେ ବାଉଁଶ ତିଆରି ସାମଗ୍ରୀ କୁଲା, ବାଉଁଶିଆ, ପାଛିଆ ସହିତ ଅନ୍ୟାନ୍ୟ ଘରୋଇ ଉପଯୋଗୀ ସାମଗ୍ରୀର ଚାହିଦା ରହିଥିଲା। ଏହି ସାମଗ୍ରୀ ପର୍ଯ୍ୟାପ୍ତ ପରିମାଣର ତିଆରି କରି ଆମେ ପରିବାର ପ୍ରତିପୋଷଣ କରୁଥିଲୁ। କିନ୍ତୁ ଆଜିର ପ୍ଲାଷ୍ଟିକ୍ ଦୁନିଆରେ ବାଉଁଶ ତିଆରି ଜିନିଷର ଚାହିଦା କମିବା ଫଳରେ ଆମ ପିଲାମାନେ ଏବେ ଦାଦନ ଖଟିବା ସ୍ଥିତି ହୋଇଛି ବୋଲି କହିଛନ୍ତି ଗୋପ ବ୍ଲକ୍ ଅଧିନ ବଡ଼ତରା ଗ୍ରାମର ଅନ୍ତରା ଗୋଚ୍ଛାୟତ (୫୩)। ବାପ ଅଜା ଅମଳରୁ ବାଉଁଶ ତିଆରି ସାମଗ୍ରୀ ଆମ ପରିବାର ସହିତ ଗ୍ରାମର ୨୦ରୁ ଉର୍ଦ୍ଧ୍ୱ ପରିବାର ତିଆରି କରୁଥିବାବେଳେ ଏବେ ଆଉ ସେମିତି ହେଉନାହିଁ। ୧୫ବର୍ଷ ବୟସରୁ ଏହି ସବୁ ସାମଗ୍ରୀ ତିଆରି କରିଆସୁଥିବା ଅନ୍ତରାଙ୍କୁ ତାଙ୍କ ସ୍ତ୍ରୀ ଓ ଦୁଇ ପୁଅ ସହଯୋଗ କରନ୍ତି। ଏବେ କେବଳ କୌଳିକ ବୃତ୍ତିକୁ ଆଦରି ରଖିବା ପାଇଁ ଦିନକୁ ମାତ୍ର ଦୁଇ ତିନି ଘଣ୍ଟା ପରିଶ୍ରମ କରି ବହୁ କଷ୍ଟରେ ପରିବାର ଭରଣ ପୋଷଣ କରୁଥିବା ଅନ୍ତରା କହିଛନ୍ତି। ବାଉଁଶରେ ତିଆରି ଜିନିଷ ପୂଜା ପର୍ବାଣି, ବାହାଘର, ବ୍ରତଘର, ଓଷା, ମନ୍ଦିର ପ୍ରତିଷ୍ଠା, ଅଷ୍ଟପ୍ରହର, ଏକାଦଶାହ କର୍ମରେ ଆବଶ୍ୟକ ପଡୁଥିବାରୁ ସେ ଏହି ବୃତ୍ତିକୁ ଜାବୋଡ଼ି ଧରିଥିବା କହିଛନ୍ତି। ଅପରପକ୍ଷେ ପ୍ଲାଷ୍ଟିକ୍ ପ୍ରଦୂଷଣ ରୋକିବା ଲାଗି ସରକାର ଅନେକ ପଦକ୍ଷେପ ନେଉଥିବାବେଳେ ପ୍ଲାଷ୍ଟିକ୍ ସାମଗ୍ରୀ ବ୍ୟବହାର ଉପରେ କଟକଣା ଜାରି କରିଛନ୍ତି। ମାତ୍ର ବାଉଁଶ ତିଆରି ସାମଗ୍ରୀ ତିଆରି କରୁଥିବା କାରିଗରଙ୍କ ପ୍ରତି ସରକାର ଦୃଷ୍ଟି ଦେଉ ନାହାନ୍ତି ବୋଲି କ୍ଷୋଭର ସହ ଅନ୍ତରା ପ୍ରକାଶ କରିଛନ୍ତି।

# ଆଡ୍‌ମିଟ କାର୍ଡ ପାଇ ବି ପରୀକ୍ଷାରୁ ବଞ୍ଚିତ ଛାତ୍ରୀ

- କଲେଜ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ଦାୟୀ କଲା ପରିବାର
- ଅଭିଯୋଗକୁ ଅସ୍ୱୀକାର କଲେ ଅଧକ୍ଷ

କୋଣାର୍କ,୧୮।୩(ଡି.ଏନ.ଏ):



ଥାନାରେ ଅଭିଯୋଗପତ୍ର ଦେଉଛନ୍ତି ରଶ୍ମିତା ଓ ତାଙ୍କ ପରିବାର ଲୋକେ ।

କୋଣାର୍କ ଥାନା ଅଧୀନ କୁରୁଜଙ୍ଗ ପଞ୍ଚାୟତ ଯମତଳା ଗ୍ରାମର ଜଣେ ଯୁକ୍ତ ୨ ଦ୍ୱିତୀୟ ବର୍ଷର ଛାତ୍ରୀ ଆଡ୍‌ମିଟ୍ କାର୍ଡ ପାଇ ମଧ ପରୀକ୍ଷା ଦେଇପାରିନାହାନ୍ତି। ସେ ହେଲେ ଅମିନ ଜେନାଙ୍କ ଝିଅ ରଶ୍ମିତା ଜେନା। ଏଥିପାଇଁ ରଶ୍ମିତାଙ୍କ ପରିବାରବର୍ଗ ସମ୍ପୃକ୍ତ କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କରିଛନ୍ତି। ଅପରପକ୍ଷେ ଏଭଳି ଅଭିଯୋଗକୁ ଅଧକ୍ଷ ଖଣ୍ଡନ କରିଛନ୍ତି ।

ରଶ୍ମିତାଙ୍କ ମା' ସୁକାନ୍ତି ଅଭିଯୋଗ କରିଛନ୍ତି ଯେ, ତାଙ୍କ ଝିଅ କୋଣାର୍କସ୍ଥିତ ଭଗବତୀ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ଶେଷ ବର୍ଷର ଛାତ୍ରୀ। ସେ ଯୁକ୍ତ୨ ଫାଇନାଲ ପରୀକ୍ଷା ଦେବା ପାଇଁ ଫର୍ମଫିଲପ୍ କରିଥିଲେ। ପରେ ଆଡମିଟ କାର୍ଡ ମଧ ପାଇଥିଲେ। ମାତ୍ର ସେ ଫର୍ମପୂରଣ କରିବା ସମୟରେ ଇତିହାସ ବିଷୟକୁ ବଦଳାଇ ବ୍ୟାଙ୍କିଙ୍ଗ ବିଷୟ ରଖିବାକୁ ମହାବିଦ୍ୟାଳୟର ଅଧକ୍ଷଙ୍କୁ ଜଣାଇଥିଲେ। ଏଥିସହ ବିଷୟ ବଦଳାଇବାକୁ ବିଧିବଦ୍ଧ ଭାବେ ଆବେଦନ କରିଥିଲେ। ତେବେ ପରୀକ୍ଷା ସମୟରେ ଆଡମିଟ କାର୍ଡରେ ପୁନର୍ବାର ଇତିହାସ ବିଷୟ ଉଲ୍ଲେଖ ରହିଥିଲା। ଏହାସତ୍ତ୍ୱେ ସେ ପରୀକ୍ଷା ଦେବାକୁ ଯାଇଥିଲେ। ମାତ୍ର ପରୀକ୍ଷା ହଲ୍‌ରେ ତାଙ୍କ ରୋଲ ନଂ- ୧୧୩ଏମ୍‌ସି୧୩ ଏ ଉଲ୍ଲେଖ ନ ଥିବାରୁ ସେ କଲେଜ ଅଧକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କର୍ତ୍ତୃପକ୍ଷ ତାଙ୍କଠାରୁ ଆଡମିଟ କାର୍ଡ ନେଇ ଅନ୍ୟ ଏକ ଆଡମିଟ କାର୍ଡ ଦେଇଥିଲେ। ଯେଉଁଥିରେ ଇତିହାସ ବିଷୟ ବଦଳରେ ବ୍ୟାଙ୍କିଙ୍ଗ ଉଲ୍ଲେଖ ଥିଲା। ମାତ୍ର ସେ ଅଧକ୍ଷଙ୍କୁ ପଚାରିବାରେ ବ୍ୟାଙ୍କିଙ୍ଗ ବିଷୟ ପରୀକ୍ଷା ୩ଦିନ ପୂର୍ବରୁ ଶେଷ ହୋଇଥିବା ଜାଣିବାକୁ ପାଇଥିଲେ। ଫଳରେ ପରୀକ୍ଷା ଦେଇ ନ ପାରି ଫେରି ଆସିଥିଲେ। ଏହି ଘଟଣାରେ ତାଙ୍କ ଝିଅ ମାନସିକ ସ୍ତରରେ ଭାଙ୍ଗିପଡ଼ିଥିବା ସୁକାନ୍ତି କହିବା ସହ କୋଣାର୍କ ଥାନାରେ ଅଭିଯୋଗ କରି ନ୍ୟାୟ ମାଗିଛନ୍ତି। ପୁରୀ ଜିଲାପାଳ, ଉପଜିଲାପାଳ, ଉଚ୍ଚଶିକ୍ଷା ବିଭାଗର ନିର୍ଦ୍ଦେଶକ, +୨ ପରୀକ୍ଷା ନିୟନ୍ତ୍ରକଙ୍କ ସମେତ ବିଭାଗୀୟ ମନ୍ତ୍ରୀଙ୍କୁ ଅଭିଯୋଗପତ୍ର ପଠାଇଛନ୍ତି। ଅଧକ୍ଷଙ୍କ ଦାୟିତ୍ୱହୀନତା ଯୋଗୁ ଏଭଳି ଘଟିଥିବା ସେ ଅଭିଯୋଗ ଆଣି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଅନ୍ୟପକ୍ଷରେ ଏ ନେଇ ଅଧକ୍ଷ ବିଷ୍ଣୁ ଚରଣ ମିଶ୍ର କହିଛନ୍ତି, ସମ୍ପୃକ୍ତ ଛାତ୍ରୀ ମୋ ନାଁରେ ଯେଉଁ ଅଭିଯୋଗ କରିଛନ୍ତି ତାହା ଭିତ୍ତିହୀନ। ସେ ସମ୍ପର୍କରେ ମୁଁ କିଛି ଜାଣି ନାହିଁ।